# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଅଗଷ୍ଟ ୧୨/୨୦୨୩ (୨୦ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, August 12/2023 Page 20 ₹ 7.00

୪୯ଶ ଭାଗ ୨୫୮ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 49 ISSUE 258 ମୂଲ୍ୟ ₹୭/-




**କେବିସି ଶୁଟିଂ ପାଇଁ ୩.୫ କୋଟି ନିଅନ୍ତି ଅମିତାଭ**

କେବିସିର ପ୍ରଥମ ସିଜନ ହୋଷ୍ଟିଂ ପାଇଁ ଅମିତାଭ ବଚ୍ଚନ ୨୫ ଲକ୍ଷ ନେଉଥିବାବେଳେ ତାହା ବଢ଼ି ୩.୫ କୋଟିରେ ପହଞ୍ଚିଲାଣି।

୧୪

୧୮

**ଶ୍ରୀଜେଶ ଖେଳିଲେ ୩୦୦ତମ ମ୍ୟାଚ**

ଭାରତୀୟ ଗୋଲକିପର ପି.ଆର. ଶ୍ରୀଜେଶ ଏସିଆନ ଚାମ୍ପିୟନ୍ସ ଟ୍ରଫି ହକିରେ ଶୁକ୍ରବାର ଜାପାନ ବିପକ୍ଷରେ କ୍ୟାରିୟରର ୩୦୦ତମ ଅନ୍ତର୍ଜାତୀୟ ମ୍ୟାଚ ଖେଳିଛନ୍ତି।



# ନାବାଳିକାଙ୍କୁ ବଳାତ୍କାର କଲେ ମୃତ୍ୟୁଦଣ୍ଡ

- ହଟିବ ଆଇପିସି, ସିଆର୍‌ପିସି, ସାକ୍ଷ୍ୟପ୍ରମାଣ ଆଇନ
- ଲୋକ ସଭାରେ ୩ ବିଲ୍ ଆଗତ କଲେ ସ୍ୱରାଷ୍ଟ୍ରମନ୍ତ୍ରୀ
- ନୂଆ ଆଇନର ଲକ୍ଷ୍ୟ ଦଣ୍ଡ ନୁହେଁ, ନ୍ୟାୟ ଦେବା: ଶାହା

ନୂଆଦିଲ୍ଲୀ,୧୧।୮(ପି.ଟି.)

ବ୍ରିଟିଶ୍ ଅମଳର ଭାରତୀୟ ଦଣ୍ଡବିଧି ଆଇନ(ଆଇପିସି), ଆପରାଧିକ ଦଣ୍ଡ ସଂହିତା(ସିଆର୍‌ପିସି) ଏବଂ ସାକ୍ଷ୍ୟପ୍ରମାଣ ଆଇନ ହଟିବ। ଏହା ପରିବର୍ତ୍ତେ ଦେଶରେ ନୂଆ ଆଇନ ପ୍ରଣୟନ କରାଯିବ। ଏଥିସକାଶେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଶୁକ୍ରବାର ଲୋକ ସଭାରେ ୩ଟି ପୃଥକ୍ ବିଲ୍ ଆଗତ କରିଛନ୍ତି। ପ୍ରସ୍ତାବିତ ଆଇନଗୁଡ଼ିକ ଦେଶର ଆପରାଧିକ ନ୍ୟାୟ ବ୍ୟବସ୍ଥାରେ ଆମୂଳଚୂଳ ପରିବର୍ତ୍ତନ ଆଣି ନାଗରିକମାନଙ୍କ ଅଧିକାରଗୁଡ଼ିକୁ ସୁରକ୍ଷା ଦେବ ବୋଲି ଶାହା କହିଛନ୍ତି। ନୂଆ ଆଇନରେ ମହିଳା ଓ ଶିଶୁମାନଙ୍କୁ ସର୍ବାଧିକ ଗୁରୁତ୍ୱ ଦିଆଯାଇଛି। ଭିଡ଼ହିଂସା ଓ ନାବାଳିକାଙ୍କୁ ବଳାତ୍କାର କଲେ ଦୋଷୀଙ୍କୁ ସର୍ବାଧିକ ମୃତ୍ୟୁଦଣ୍ଡ ଦିଆଯିବା ନେଇ ବିଧାନ କରାଯାଇଛି। ଦେଶଦ୍ରୋହ ଆଇନକୁ ଉଚ୍ଛେଦ କରାଯାଇଛି। ଏଥିରେ ପ୍ରଥମ ଥର ପାଇଁ ଆତଙ୍କବାଦର ସଂଜ୍ଞା ନିରୂପଣ କରାଯାଇଛି। ବିଲ୍‌ରେ ପ୍ରଥମ ଥର ମାମୁଲି ଅପରାଧ ଘଟାଇଲେ ସମ୍ପୃକ୍ତ ବ୍ୟକ୍ତିଙ୍କୁ କମ୍ୟୁନିଟି ସର୍ଭିସ୍ ପ୍ରଦାନ ପାଇଁ ମଧ୍ୟ ଏଥିରେ ବ୍ୟବସ୍ଥା କରାଯାଇଛି। ସିସେସନ(ଅପସାରଣ ବା ପୃଥକ୍ ହେବା ପ୍ରକ୍ରିୟା), ସଶସ୍ତ୍ର ବିଦ୍ରୋହ, ବିଧ୍ୱଂସକ ଗତିବିଧି, ବିଚ୍ଛିନ୍ନତାବାଦୀ କାର୍ଯ୍ୟକଳାପ ବା ସାର୍ବଭୌମତ୍ୱକୁ ବିପଦରେ ପକାଇବା



ଅମିତ ଶାହା

ଅଥବା ଭାରତର ଏକତା ଓ ଅଖଣ୍ଡତାକୁ ବିପଦକୁ ଠେଲିଦେବା ଭଳି ନୂଆ ଅପରାଧକୁ ମଧ୍ୟ ଏଥିରେ ତାଲିକାଭୁକ୍ତ କରାଯାଇଛି। ଉପରୋକ୍ତ ବିଲ୍‌ଗୁଡ଼ିକ ଗୃହୀତ ହୋଇ ଆଇନରେ ପରିଣତ ହେଲେ ଆପରାଧିକ ନ୍ୟାୟ ବ୍ୟବସ୍ଥାରେ ଉନ୍ନତି ଆସିବା ସହ ସମସ୍ତଙ୍କୁ ସର୍ବାଧିକ ୩ ବର୍ଷ ମଧ୍ୟରେ ନ୍ୟାୟ ପ୍ରଦାନ କରାଯାଇପାରିବ ବୋଲି ଶାହା ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ପାର୍ଲାମେଣ୍ଟ ମୌସୁମୀ ଅଧିବେଶନର ଶେଷ ଦିନରେ ସ୍ୱରାଷ୍ଟ୍ରମନ୍ତ୍ରୀ ଶାହା ଲୋକ ସଭାରେ ଭାରତୀୟ ନ୍ୟାୟ ସଂହିତା (ବିଏନ୍‌ଏସ୍) ବିଧେୟକ-୨୦୨୩, ଭାରତୀୟ ନାଗରିକ ସୁରକ୍ଷା ସଂହିତା (ବିଏନ୍‌ଏସ୍‌ଏସ୍) ବିଧେୟକ-୨୦୨୩ ଏବଂ ଭାରତୀୟ ସାକ୍ଷ୍ୟ (ବିଏସ୍) ବିଧେୟକ-୨୦୨୩ ଆଗତ କରିଛନ୍ତି। ଏହି ୩ ବିଲ୍ ଯଥାକ୍ରମେ ଉପନିବେଶ ଯୁଗୀୟ ଇଣ୍ଡିଆନ୍ ପେନାଲ କୋଡ୍ (ଆଇପିସି)୧୮୬୦, କ୍ରିମିନାଲ ପ୍ରସିଡ୍ୟୁର ଆକ୍ଟ (ସିଆର୍‌ପିସି)୧୮୯୮ ଏବଂ ଇଣ୍ଡିଆନ୍ ଏଭିଡେନ୍ସ ଆକ୍ଟ ୧୮୭୨ର ସ୍ଥାନ ନେବ ବୋଲି ସେ ଗୃହକୁ ସୂଚନା ଦେଇଛନ୍ତି। ଶାହା ଆହୁରି କହିଛନ୍ତି, ଦେଶବାସୀଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ ସକାଶେ ଏବଂ ଲୋକଙ୍କ ସାମ୍ପ୍ରତିକ ଆବଶ୍ୟକତା ଓ ଆଶାକୁ ଦୃଷ୍ଟିରେ ରଖି ଏହି ପରିବର୍ତ୍ତନ ଅଣାଯାଇଛି। ନୂଆ ଆଇନର ଲକ୍ଷ୍ୟ ଦଣ୍ଡ ଦେବା ନୁହେଁ, ବରଂ ନ୍ୟାୟ ପ୍ରଦାନ କରିବା। ଅପରାଧ ☞ପୃଷ୍ଠା-୪

## ମାଓବାଦୀଙ୍କ ଆକ୍ରମଣରେ ଓଡ଼ିଆ ଯବାନ ଶହୀଦ

ରାଉରକେଲା,୧୧।୮(ସଙ୍ଗୀତା ଜେନା)

ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତ ପଶ୍ଚିମ ସିଂହଭୂମ ଜିଲା କୋଲହାନ କ୍ଷେତ୍ର ଗୋଇଲକେରା ଥାନା ଅନ୍ତର୍ଗତ ହାତୀବୁରୁ ଜଙ୍ଗଲ ନିକଟ ଶୋଶୋପି ଗ୍ରାମରେ ମାଓବାଦୀ ଓ ସୁରକ୍ଷାବଳ ମଧ୍ୟରେ ଶୁକ୍ରବାର ହୋଇଥିବା ଗୁଳି ବିନିମୟରେ ସିଆର୍‌ପିଏଫ୍ ୬୦ ବାଟାଲିୟନର ଜଣେ ଓଡ଼ିଆ ଯବାନ ଶହୀଦ ହୋଇଛନ୍ତି। ସେ ହେଲେ କେନ୍ଦୁଝରର ଆନନ୍ଦପୁରର ସୁଶାନ୍ତ ଖୁଣ୍ଟିଆ। ଏଥିରେ ଅନ୍ୟ ଜଣେ ଯବାନ ମୁନାଲାଲ ଯାଦବ ଗୁରୁତର ହୋଇଛନ୍ତି। ତାଙ୍କୁ ରାଞ୍ଚି ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଅନ୍ୟପକ୍ଷେ ଓଡ଼ିଶା ସୀମାନ୍ତ ବିଶ୍ରା ବ୍ଲକ ଅଞ୍ଚଳରେ ହାଇଆଲର୍ଟ ଜାରି କରାଯାଇଛି। ସ୍ଥାନୀୟ ପୋଲିସ ସହ ଗୋଇନ୍ଦା ବିଭାଗ ସୀମାନ୍ତରେ ମାଓବାଦୀଙ୍କ କାର୍ଯ୍ୟକଳାପ ଉପରେ ନଜର ରଖିଛି। ସୂଚନା ଅନୁସାରେ, ଗତ ଜାନୁୟାରୀରୁ ☞ପୃଷ୍ଠା-୪



ସୁଶାନ୍ତ ଖୁଣ୍ଟିଆ

**ଆଜିର ସମ୍ପାଦକୀୟ**

**ବ୍ୟର୍ଥ ଅଭିଳାଷ**

**କ୍ୟାବିନେଟ୍ ନିଷ୍ପତ୍ତି** ପୃଷ୍ଠା-୩

- ୪୩୭୩ ପଞ୍ଚାୟତରେ ମିଳିବ ବ୍ୟାଙ୍କ ସୁବିଧା
- 'ନୂଆ ଓଡ଼ିଶା' ଯୋଜନା: ପ୍ରତିବର୍ଷ ଦକ୍ଷ ହେବେ ୧ ଲକ୍ଷ ଯୁବତୀଯୁବକ
- ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା, ଉନ୍ନୟନ କର୍ତ୍ତୃପକ୍ଷଙ୍କ ଲିଜ୍ ଜମି ହେବ ସ୍ଥିତିବାନ


**Government of Odisha**
**Higher Education Department**

**Revised Timeline for B.Ed., B.H.Ed., M.Ed. e-Admission for the Academic year 2023-24**

**No.N-54:** The revised timeline for e-admission into B.Ed., B.H.Ed., M.Ed courses for the Academic year 2023-24 under 'Student Academic Management System (SAMS)' is given below. Any change in the timeline will be published on the website https://te.samsodisha.gov.in/.

| Sl# | Activities | Timeline |
|---|---|---|
| 1 | Publication of Provisional Allotment of Seats (for Second Round Selection) | 10.08.2023 (Thursday) (02.00 PM) |
| 2 | Reporting of applicant at allotted institutions for taking admission (for Second Round Selection) | 11.08.2023 (Friday) to 14.08.2023 (Monday) (Except Sunday) |
| 3 | Updation of Slide-Up online by the students taken admission in Second Round of Selection | 11.08.2023 (Friday) to 15.08.2023 (Tuesday) |
| 4 | Data updation of admitted students in the e-space (for Second Round Admission) by the respective Institutions | 11.08.2023 (Friday) to 14.08.2023 (Monday) (Except Sunday) |
| 5 | Publication of Provisional Allotment of Seats (For Third Round Selection) | 20.08.2023 (Sunday) (02.00 PM) |
| 6 | Reporting of the applicant at allotted institutions for taking admission (for Third Round Selection) | 21. 08. 2023 (Monday) to 23.08.2023 (Wednesday) |
| 7 | Updation of Slide-Up Option online by the students taken admission in Third Round of Selection | 21.08.2023 (Monday) to 24.08.2023(Thursday) |
| 8 | Data updation of admitted students in the e-space (for Third Round of Selection) by the respective Institutions | 21.08.2023 (Monday) to 23.08.2023 (Wednesday) |
| 9 | Publication of Provisional Allotment of Seats (for Fourth Round Selection) | 29.08.2023 (Tuesday) (02.00 PM) |
| 10 | Reporting of applicant at allotted institutions for taking admission (for Fourth Round Selection) | 31.08.2023 (Thursday) to 02.09.2023 (Saturday) |
| 11 | Data updation of admitted students in the e-space (for Fourth Round of Selection) by the respective institutions. | 31.08.2023 (Thursday) to 02.09.2023 (Saturday) |
| 12 | Commencement of 1st year classes (For Freshly Admitted Students) | 16.08.2023 (Wednesday) |

**Important Notice**

- 4th Round of Selection will be treated as the last round of selection process for Phase-I admission. No Slide-up option will be provided in the last (4th) round of selection.

Sd./- Joint Secretary to Govt.
PTC Section

OIPR-11001/11/0018/2324





**କୋଟାରେ ଆଉଜଣେ ଛାତ୍ରଙ୍କ ଆତ୍ମହତ୍ୟା**

ରାଜସ୍ଥାନର କୋଟାରେ ଜେଇଇ ପରୀକ୍ଷା ଲାଗି ପ୍ରସ୍ତୁତ ହେଉଥିବା ଜଣେ ୧୭ ବର୍ଷୀୟ ଛାତ୍ର ଆତ୍ମହତ୍ୟା କରିଛନ୍ତି। ଉତ୍ତରପ୍ରଦେଶ ଆଜଗମଗଡ଼ ଅଞ୍ଚଳର ମନୀଷ ପ୍ରଜାପତ ବର୍ଷେ ହେଲା ଏଠାରେ ଥିବା ଏକ କମ୍ପିଟେଟିଭ ଇନ୍‌ଷ୍ଟିଚ୍ୟୁଟରେ ରହି ପ୍ରସ୍ତୁତ ହେଉଥିଲେ। ୨ ସପ୍ତାହ ମଧ୍ୟରେ ଏହା ତୃତୀୟ ଆତ୍ମହତ୍ୟା ଘଟଣା ବୋଲି ପୋଲିସ କହିଛି। ମନୀଷଙ୍କ ବାପା ଚଳିତ ସପ୍ତାହ ଆରମ୍ଭରୁ କୋଟାକୁ ଆସି ପୁଅ ସହ ୫ ଦିନ ରହିବା ପରେ ଗୁରୁବାର ମଧ୍ୟାହ୍ନରେ ଗାଁକୁ ଫେରିଥିଲେ। ଶୁକ୍ରବାର ସକାଳୁ ରୁମ୍‌ର ଏକ ସିଲିଂ ଫ୍ୟାନରେ ସେ ଝୁଲୁଥିବାର ଦେଖାଯାଇଥିଲା।

# ହୁ ହୁ ଜଳୁଛି ହାଓ୍ବାଇ ଦ୍ୱୀପ

- ➩ ମଉଇ ବନାଗ୍ନି ଅଣାୟତ୍ତ
- ➩ ମୃତ୍ୟୁସଂଖ୍ୟା ୫୫
- ➩ ଉଦ୍ଧାର କାର୍ଯ୍ୟରେ ନୌସେନା








**କାହୁଲୁଇ/ନ୍ୟୁୟର୍କ,୧୧।୮**

ଆମେରିକାର ପ୍ରଶାନ୍ତ ମହାସାଗର ମଧ୍ୟସ୍ଥିତ ହାଓ୍ବାଇ ରାଜ୍ୟର ମଉଇ ଦ୍ୱୀପରେ ହୁ ହୁ ହୋଇ ଜଳୁଛି ଜଙ୍ଗଲ। ମଙ୍ଗଳବାର ଲାଗିଥିବା ଏହି ବନାଗ୍ନିରେ ଅଦ୍ୟାବଧି ଅନ୍ୟୂନ ୫୫ ଜଣଙ୍କ ପ୍ରାଣହାନି ଘଟିଥିବାବେଳେ ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି। ଜୀବଜନ୍ତୁ, ବୃକ୍ଷଲତା ମଧ୍ୟ ଏଥିରେ ବ୍ୟାପକ ପ୍ରଭାବିତ ହୋଇଛନ୍ତି। ପର୍ଯ୍ୟଟନ ସହର ଲହାଇନାରେ ନିଆଁ ଅଣାୟତ୍ତ ହେବାରୁ ସବୁକିଛି ଜଳିପୋଡ଼ି ଛାରଖାର ହୋଇଯାଇଛି।

ସାମୁଦ୍ରିକ ଝଡ଼ ଡୋରା ଯୋଗୁ ଖୁବ୍ ଜୋର୍‌ରେ ପବନ ବହୁଥିବାରୁ ହାଓ୍ବାଇ ଦ୍ୱୀପର ନିଆଁ ଚାରିଆଡ଼େ ଦ୍ରୁତଗତିରେ ବ୍ୟାପିବାରେ ଲାଗିଛି। ବିଶେଷକରି ଦ୍ୱୀପର ଦକ୍ଷିଣ ଭାଗରେ ଘଣ୍ଟା ପ୍ରତି ୧୦୦ କି.ମି. ବେଗରେ ପବନ ବହୁଥିବାରୁ ଧ୍ୱଂସର ବିକଳ ଚିତ୍ର ଦୃଶ୍ୟମାନ ହେଉଛି। ଜୀବନ ବଞ୍ଚାଇବା ପାଇଁ ଲୋକେ ସମୁଦ୍ରକୁ ଲମ୍ଫ ମାରୁଛନ୍ତି। ୨୧୦୦ ଜଣଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ନିଆଁକୁ ଆୟତ୍ତ କରିବା ଓ ଉଦ୍ଧାର କାର୍ଯ୍ୟରେ ନୌସେନାକୁ ନିୟୋଜିତ କରାଯାଇଛି। ବ୍ଲାକ୍ ହକ୍ ଏବଂ ଚିନୁକ୍ ହେଲିକପ୍ଟର ଜରିଆରେ ନିଆଁ ଲିଭାଯାଉଛି। ଲହାଇନା ସହରକୁ ବାର୍ଷିକ ୨୦ ଲକ୍ଷ ଟୁରିଷ୍ଟ ଆସିଥାନ୍ତି, ଯାହାକି ହାଓ୍ବାଇ ଦ୍ୱୀପକୁ ପର୍ଯ୍ୟଟକଙ୍କ ଆଗମନର ପ୍ରାୟ ୮୦%। ତେବେ ଜଙ୍ଗଲ ନିଆଁରେ ଏହି ସହର ନିଜ ସୌନ୍ଦର୍ଯ୍ୟ ହରାଇବସିଛି। ବନାଗ୍ନି ଯୋଗୁ ସହରର ଏତେ କ୍ଷତି ହୋଇଛି ଯେ, ଅଣ୍ଟା ସଳଖି ଛିଡ଼ାହେବା ପାଇଁ ଏହାକୁ ଅନେକ ବର୍ଷ ଲାଗିଯିବ। ଏହି ନିଆଁରେ ଲହାଇନା, ପୁଲେହୁ ଓ ଅପ୍‌କଣ୍ଟ୍ରି ସହରର ପ୍ରାୟ ୧,୭୦୦ କୋଠା ପ୍ରଭାବିତ ହୋଇଛି। ହାଓ୍ବାଇ ଗଭର୍ନର ଜୋସ୍ ଗ୍ରୀନ୍ କହିଛନ୍ତି, ଆଜି ଆମେ ଯେଉଁଆଡ଼େ ଚାହୁଁଛୁ କେବଳ ବିପଦ ହିଁ ବିପଦ ଦେଖୁଛୁ। ହାଓ୍ବାଇ ଦ୍ୱୀପରେ ଏହା ହେଉଛି ଇତିହାସର ସବୁଠୁ ବଡ଼ ପ୍ରାକୃତିକ ବିପର୍ଯ୍ୟୟ। ୧୯୬୦ରେ ଆସିଥିବା ସୁନାମି ୬୧ ଜଣଙ୍କ ଜୀବନ ନେଇଥିଲା। ବନାଗ୍ନିଜନିତ ମୃତ୍ୟୁସଂଖ୍ୟା ଏହାକୁ ଟପିଯିବ। ମଉଇ ବନାଗ୍ନିର ପରିବେଶଗତ ପ୍ରଭାବ ଏତିକିରେ ସୀମିତ ହୋଇ ରହିବ ନାହିଁ। ଏହା ଆହୁରି ବିପର୍ଯ୍ୟୟ ଆଣିବ ବୋଲି ଜୋସ୍ କହିଛନ୍ତି। କ୍ୟାଥୋଲିକ୍ ଧର୍ମଗୁରୁ ପୋପ୍ ଫ୍ରାନ୍ସିସ୍ ହାଓ୍ବାଇବାସୀଙ୍କ ପାଇଁ ଶୋକବାର୍ତ୍ତା ପଠାଇଛନ୍ତି। ସେ ପୀଡ଼ିତ, ଆହତ ଓ ବିସ୍ଥାପିତଙ୍କ ପାଇଁ ପ୍ରାର୍ଥନା କରିଛନ୍ତି। ପ୍ରଫେସନାଲ ଗଲ୍ଫର କୋଲିନ୍ ମୋରିକାଓ୍ବା ବନାଗ୍ନି ପ୍ରଭାବିତଙ୍କୁ ଆର୍ଥିକ ସହାୟତା ପ୍ରଦାନ ପାଇଁ ଘୋଷଣା କରିଛନ୍ତି।

## ଭାରତରୁ ନିଆଯାଇଥିବା ୧୫୦ ବର୍ଷର ବଟବୃକ୍ଷ ଜଳିଗଲା

ହାଓ୍ବାଇର ମଉଇ ଦ୍ୱୀପରେ ଥିବା ଏକ ୧୫୦ ବର୍ଷ ପୁରୁଣା ବଟବୃକ୍ଷ ବନାଗ୍ନିରେ ଜଳିଯାଇଛି, ଯାହାକୁ ଭାରତରୁ ସେଠାକୁ ନିଆଯାଇଥିଲା। ଏହା ଥିଲା ଆମେରିକାରେ ଅନ୍ୟତମ ବୃହତ୍ ବଟବୃକ୍ଷ। ୬୦ ଫୁଟ୍ ଉଚ୍ଚତାର ଏହି ବୃକ୍ଷକୁ ୧୮୭୩ରେ ଲହାଇନା ହାର୍ବରରେ ରୋପଣ କରାଯାଇଥିବା ନେଇ ଅନ୍‌ଲାଇନ୍ ପୋର୍ଟାଲ ଲହାଇନାଟାଉନ୍ ଡଟ୍‌କମ୍‌ରେ ଉଲ୍ଲେଖ କରାଯାଇଛି। ଗତ ଏପ୍ରିଲରେ ଏହି ବଟବୃକ୍ଷର ୧୫୦ତମ ଜନ୍ମଦିନ ପାଳନ କରାଯାଇଥିଲା।

**ସଂକ୍ଷେପରେ**

## ନଓ୍ବାବ ମଲିକଙ୍କୁ ଜାମିନ

**ନୂଆଦିଲ୍ଲୀ,୧୧।୮(ପି.ଟି.):** ମନିଲଣ୍ଡରିଂ ମାମଲାରେ ଜେଲ ଯାଇଥିବା ମହାରାଷ୍ଟ୍ରର ପୂର୍ବତନ ମନ୍ତ୍ରୀ ତଥା ଏନ୍‌ସିପି ନେତା ନଓ୍ବାବ ମଲିକଙ୍କୁ ସ୍ୱାସ୍ଥ୍ୟଗତ କାରଣରୁ ସୁପ୍ରିମକୋର୍ଟ ଶୁକ୍ରବାର ୨ ମାସ ପାଇଁ ଅନ୍ତରୀଣ ଜାମିନ ମଞ୍ଜୁର କରିଛନ୍ତି। ତାଙ୍କ ବିରୋଧରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ମନିଲଣ୍ଡରିଂ ମାମଲାର ତଦନ୍ତ ଚଳାଇଥିବାରୁ ଜାମିନ ପ୍ରଦାନ ଲାଗି ଜୁଲାଇ ୧୩ରେ ବମ୍ବେ ହାଇକୋର୍ଟ ମନା କରି ଦେଇଥିଲେ। ଏହା ବିରୋଧରେ ମଲିକ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। କିଡ୍‌ନୀ ରୋଗ ଓ ଅନ୍ୟ ସମସ୍ୟା ପାଇଁ ମଲିକ୍ ହସ୍ପିଟାଲରେ ଅଛନ୍ତି। କେବଳ ସ୍ୱାସ୍ଥ୍ୟଗତ କାରଣରୁ ତାଙ୍କୁ ଜାମିନ ଦିଆଯାଉଛି ବୋଲି ଜଷ୍ଟିସ୍ ଅନିରୁଦ୍ଧ ବୋଷ ଏବଂ ବେଲା ଏମ୍ ତ୍ରିବେଦୀଙ୍କ ଖଣ୍ଡପୀଠ କହିଥିଲେ। ପଳାତକ ଗ୍ୟାଙ୍ଗଷ୍ଟର ଦାଉଦ୍ ଇବ୍ରାହିମ୍ ଓ ତାଙ୍କ ସହଯୋଗୀମାନଙ୍କ ସହ ସମ୍ପର୍କରେ ଥିବା ମଲିକଙ୍କୁ ଇଡି ଗତବର୍ଷ ଫେବୃୟାରୀ ୨୨ରେ ଗିରଫ କରିଥିଲା। ସେ ବିଚାର ବିଭାଗୀୟ ହାଜତରେ ରହିଥିବାବେଳେ ଏବେ ମୁମ୍ବାଇର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି।



## ଇମ୍ରାନଙ୍କ ଜାମିନ ଆବେଦନ ଖାରଜ

**ଲାହୋର,୧୧।୮:** ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ୭ ଆତଙ୍କବାଦ ମାମଲାରେ ଗିରଫ ପୂର୍ବରୁ ଜାମିନ ପାଇଁ କରିଥିବା ଆବେଦନକୁ ଶୁକ୍ରବାର ଅଦାଲତ ଖାରଜ କରିଦେଇଛନ୍ତି। ତୋଷାଖାନା ଦୁର୍ନୀତି ମାମଲାରେ ଦୋଷୀସାବ୍ୟସ୍ତ ଇମ୍ରାନ୍ ଗତ ୫ ତାରିଖରୁ ଜେଲରେ ଥିବାରୁ ଆତଙ୍କବାଦ ମାମଲାର ଶୁଣାଣି ବେଳେ ଉପସ୍ଥିତ ହୋଇପାରି ନ ଥିଲେ। ତାଙ୍କର ଆଗୁଆ ଜାମିନ ଆବେଦନକୁ ଲାହୋରର ଆତଙ୍କବାଦ ନିରୋଧୀ ଅଦାଲତର ବିଚାରପତି ଏଜାଜ୍ ଅହମଦ ବୁଟ୍ଟର ଅଗ୍ରାହ୍ୟ କରିଦେଇଛନ୍ତି।

## ନାଇଜରରୁ ଫେରିଆସିବାକୁ ଭାରତୀୟଙ୍କୁ ପରାମର୍ଶ

**ନୂଆଦିଲ୍ଲୀ,୧୧।୮:** ନାଇଜରରେ ରହୁଥିବା ଭାରତୀୟ ନାଗରିକମାନଙ୍କୁ ଯଥାଶୀଘ୍ର ସମ୍ଭବ ଚାଲିଆସିବାକୁ କେନ୍ଦ୍ର ସରକାର ଶୁକ୍ରବାର ପରାମର୍ଶ ଦେଇଛନ୍ତି। ସାମ୍ପ୍ରତିକ ସ୍ଥିତିରେ ଯେଉଁ ଭାରତୀୟଙ୍କର ବିଦ୍ରୋହ କବଳିତ ନାଇଜରରେ ରହିବା ଜରୁରୀ ନୁହେଁ, ସେମାନଙ୍କୁ ଦେଶ ଛାଡ଼ି ପଳାଇ ଆସିବାକୁ ପରାମର୍ଶ ଦିଆଯାଇଥିବା ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ଅରିନ୍ଦମ୍ ବାଗ୍‌ଚୀ କହିଛନ୍ତି। ନାଇଜରରୁ ବିମାନ ଚଳାଚଳ ବନ୍ଦ ରହିଥିବାରୁ ଭାରତୀୟମାନେ ସତର୍କତାର ସହ ସ୍ଥଳପଥ ଦେଇ ଚାଲିଆସିବାକୁ ପରାମର୍ଶ ଦିଆଯାଇଛି।

# ଅନିର୍ଦ୍ଦିଷ୍ଟ କାଳ ପାଇଁ ସଂସଦ ମୁଲତବୀ

**ନୂଆଦିଲ୍ଲୀ,୧୧।୮(ପି.ଟି.)**

ମଣିପୁରର ଜାତିଆଣ ହିଂସାକୁ ନେଇ ପାର୍ଲାମେଣ୍ଟରେ ହଟ୍ଟଗୋଳଜନିତ ଅଚଳାବସ୍ଥା ଏବଂ ଭାଜପା ସରକାରଙ୍କ ବିରୋଧରେ ବିରୋଧୀ ଦଳଗୁଡ଼ିକ ଆଣିଥିବା ଅନାସ୍ଥା ପ୍ରସ୍ତାବ ଉପରେ ଜୋର୍‌ଦାର ବିତର୍କ ପରେ ଶୁକ୍ରବାର ଉଭୟ ଲୋକ ସଭା ଏବଂ ରାଜ୍ୟ ସଭାକୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ମୁଲତବୀ ରଖାଯାଇଛି। ଫଳରେ ମୌସୁମୀ ଅଧିବେଶନ ଶେଷ ହୋଇଛି। ଲୋକ ସଭାରେ ଅନାସ୍ଥା ପ୍ରସ୍ତାବ ଉପରେ କଂଗ୍ରେସ ସଦସ୍ୟ ଗୌରବ ଗୋଗୋଇ ଆଲୋଚନା ଆରମ୍ଭ କରିଥିଲେ। ପାଖାପାଖି ୨୦ ଘଣ୍ଟାର ଆଲୋଚନାରେ ୬୦ ସଦସ୍ୟ ଭାଗ ନେଇଥିଲେ। ଶେଷରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୧୪୦ ମିନିଟ୍ ଧରି ଉତ୍ତର ରଖିବା ପରେ ଅନାସ୍ଥା ପ୍ରସ୍ତାବ ବାଚନିକ ମତରେ କାଟ୍ ଖାଇଥିଲା। ଚଳିତ ଅଧିବେଶନରେ କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧୁରୀଙ୍କୁ ଗୃହରୁ ନିଲମ୍ବନ କରାଯାଇଥିବାରୁ ବିରୋଧୀ ସଦସ୍ୟ କ୍ଷୁବ୍ଧ ହୋଇ ବାଚସ୍ପତି ଓମ୍ ବିର୍ଲାଙ୍କ ଉଦ୍‌ଯାପନୀ



ଭାଷଣ ବେଳେ କକ୍ଷତ୍ୟାଗ କରିଥିଲେ। ଚଳିତ ଅଧିବେଶନରେ ଲୋକ ସଭାରେ ମୋଟ ୧୭ଟି କାର୍ଯ୍ୟଦିବସରେ ୪୪ ଘଣ୍ଟା ୧୩ ମିନିଟ୍ ପାଇଁ ଚାଲିଥିଲା। ଏହି ସମୟ ମଧ୍ୟରେ ୨୦ଟି ସରକାରୀ ବିଲ୍ ଆଗତ ହୋଇଥିବାବେଳେ ୨୨ ବିଲ୍ ଗୃହୀତ ହୋଇଥିଲା। ଗୃହୀତ ହୋଇଥିବା ଗୁରୁତ୍ୱପୂର୍ଣ୍ଣ ବିଲ୍ ମଧ୍ୟରେ ରହିଛି ମଲ୍ଟି-ଷ୍ଟେଟ୍ କୋଅପରେଟିଭ୍ ସୋସାଇଟିଜ୍ (ସଂଶୋଧନ) ବିଲ୍, ଡିଜିଟାଲ ଡେଟା ପ୍ରୋଟେକ୍ସନ ବିଲ୍, ନ୍ୟାଶନାଲ ନର୍ସିଂ ଆଣ୍ଡ ମିଡ୍‌ଓ୍ବାଇଫେରି କମିଶନ ବିଲ୍, ନ୍ୟାଶନାଲ ଡେଣ୍ଟାଲ କାଉନ୍‌ସିଲ ବିଲ୍, ଜନବିଶ୍ୱାସ (ସଂଶୋଧନ) ବିଲ୍, ଦିଲ୍ଲୀ ଜାତୀୟ ରାଜଧାନୀ ଅଞ୍ଚଳ ସରକାର(ସଂଶୋଧନ) ବିଲ୍ ଏବଂ ସଶସ୍ତ୍ର ବଳ ସଂଗଠନ(କମାଣ୍ଡ, କଣ୍ଟ୍ରୋଲ, ଡିସିପ୍ଲିନ୍) ବିଲ୍। ସେହିପରି ରାଜ୍ୟ ସଭା ଅଧ୍ୟକ୍ଷ ଜଗଦୀପ୍ ଧନ୍‌କର ଉଦ୍‌ଯାପନୀ ଭାଷଣ ଦେବା ପରେ ଗୃହକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ଘୋଷଣା କରାଯାଇଥିଲା।

## ଅବସର ନେବାକୁ ଥିବା ରାଜ୍ୟ ସଭା ସଦସ୍ୟଙ୍କୁ ବିଦାୟ ସମ୍ବର୍ଦ୍ଧନା

ରାଜ୍ୟ ସଭାରୁ ଆସନ୍ତା ୧୮ ତାରିଖରେ ଅବସର ନେବାକୁ ଥିବା ୫ ଜଣ ଏମ୍‌ପିଙ୍କୁ ମୌସୁମୀ ଅଧିବେଶନର ଶେଷ ଦିନରେ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଏଥିସହ ଗୃହକୁ ସେମାନଙ୍କ ଅବଦାନ ସମ୍ପର୍କରେ ସ୍ମୃତିଚାରଣ କରାଯାଇଥିଲା। ମୋଟ ୯ ସଦସ୍ୟ ଅବସର ନେବାକୁ ଥିବାବେଳେ ସେମାନଙ୍କ ମଧ୍ୟରୁ ୪ ଜଣ ପୁନଃ ନିର୍ବାଚିତ ହୋଇଥିବାରୁ ଅନ୍ୟ ୫ ଜଣଙ୍କ ଉପସ୍ଥିତିକୁ ଗୃହ ହରାଇବ ବୋଲି ଅଧ୍ୟକ୍ଷ ଜଗଦୀପ୍ ଧନ୍‌କର କହିଥିଲେ। ପୁନଃ ନିର୍ବାଚିତ ହୋଇଥିବା ସଦସ୍ୟ ହେଲେ, ଭାଜପାର ଏସ୍. ଜୟଶଙ୍କର, ଏଆଇଟିସିର ସୁଖେନ୍ଦୁ ଶେଖର ରାୟ, ଡେରେକ୍ ଓ'ବ୍ରାଏନ ଏବଂ ଡୋଲା ସେନ୍। ଅବସର ନେଉଥିବା ୫ ସଦସ୍ୟ ହେଲେ ଭାଜପାର ଯୁଗଳସିଂ ଲୋଖଣ୍ଡଓ୍ବାଲା, ଦିନେଶଚନ୍ଦ୍ର ଡେମାଲଭାଇ ଅନଭାଦିୟା, ଏଆଇଟିସିର ସୁସ୍ମିତା ଦେବ ଏବଂ ଶାନ୍ତା ଛେତ୍ରୀ ଏବଂ କଂଗ୍ରେସର ପ୍ରଦୀପ ଭଟ୍ଟାଚାର୍ଯ୍ୟ। ରାଜନୀତିରେ ଅବସର ନାହିଁ ବୋଲି ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖାର୍ଗେ କହିଥିଲେ। ଗୃହର ନେତା ପୀୟୂଷ ଗୋୟଲ କହିଥିଲେ, ବହିର୍ବ୍ୟାପାର ମନ୍ତ୍ରୀ ଭାବେ ଜୟଶଙ୍କରଙ୍କର ଗୃହକୁ ଏବଂ ବିଶ୍ୱ ସ୍ତରରେ ଅନେକ ଅବଦାନ ରହିଛି। ଏହାକୁ ନେଇ ଗୃହରେ ହୋହଲ୍ଲା ହେବାରୁ ଅଧ୍ୟକ୍ଷ ଏଥିରେ ହସ୍ତକ୍ଷେପ କରି କହିଥିଲେ, ପ୍ରତ୍ୟେକ ସଦସ୍ୟ ଯେଉଁମାନେ ଅବସର ନେଉଛନ୍ତି ଏବଂ ଯିଏ ପୁନଃ ନିର୍ବାଚିତ ହୋଇଥିବାରୁ ସଦସ୍ୟତା ବଳବତ୍ତର ରହିଛି, ସମସ୍ତଙ୍କର ଉଲ୍ଲେଖନୀୟ ଅବଦାନ ରହିଛି। ତେବେ ଯେଉଁମାନେ ପୁନର୍ବାର ନିର୍ବାଚିତ ହୋଇପାରି ନାହାନ୍ତି, ସେମାନଙ୍କ ପାଇଁ ମଧ୍ୟ ଆମେ ସମାନ ଭାବେ ଗର୍ବିତ ବୋଲି ଧନ୍‌କର କହିଥିଲେ।

## ଔଷଧ କମ୍ପାନୀଠାରୁ ଉପହାର ନେଇପାରିବେନି ଡାକ୍ତର

### ଏନ୍‌ଏମ୍‌ସିର ନୂଆ ନିୟମାବଳୀ

**ନୂଆଦିଲ୍ଲୀ,୧୧।୮(ପି.ଟି.)**

ନ୍ୟାଶନାଲ ମେଡିକାଲ କାଉନ୍‌ସିଲ୍ (ଏନ୍‌ଏମ୍‌ସି)ର ନୂଆ ନିୟମାବଳୀ ଅନୁଯାୟୀ ଏଣିକି ଔଷଧ କମ୍ପାନୀ କିମ୍ବା ସେମାନଙ୍କ ପ୍ରତିନିଧିମାନଙ୍କଠାରୁ ଡାକ୍ତର ଏବଂ ତାଙ୍କ ପରିବାର ସଦସ୍ୟ କୌଣସି ଉପହାର, ଭ୍ରମଣ ସୁବିଧା, ଆତିଥେୟତା, ଟଙ୍କା କିମ୍ବା ମନୋରଞ୍ଜନ ସୁବିଧା ଗ୍ରହଣ କରିପାରିବେ ନାହିଁ। ଅଗଷ୍ଟ ୨ରେ ଜାରି ହୋଇଥିବା 'ପଞ୍ଜୀକୃତ ଡାକ୍ତରଙ୍କ ପେସାଦାରି ଆଚରଣ ସମ୍ପର୍କିତ ନିୟମାବଳୀ' ଅନୁଯାୟୀ ସେମାନେ କୌଣସି ନିର୍ଦ୍ଦିଷ୍ଟ ବ୍ରାଣ୍ଡର ଔଷଧ କିମ୍ବା ଡାକ୍ତରୀ ଉପକରଣ ପାଇଁ ଅନୁମୋଦନ କରିପାରିବେ ନାହିଁ କିମ୍ବା ସେଗୁଡ଼ିକର ପ୍ରଚାର କରିବେ ନାହିଁ। ନୂଆ ନିୟମାବଳୀ ଅନୁଯାୟୀ ହସ୍ପିଟାଲରେ ରୋଗୀଙ୍କ ରେକର୍ଡ ଦାୟିତ୍ୱରେ ଥିବା ପଞ୍ଜୀକୃତ ଚିକିତ୍ସା ଅଧିକାରୀ (ଆର୍‌ଏମ୍‌ପି)ଙ୍କୁ ରୋଗୀ କିମ୍ବା ତାଙ୍କ ସ୍ୱୀକୃତିପ୍ରାପ୍ତ ଆଟେଣ୍ଡାଣ୍ଟଙ୍କୁ ଅନୁରୋଧକ୍ରମେ ୫ କାର୍ଯ୍ୟଦିବସ ମଧ୍ୟରେ ରୋଗୀଙ୍କୁ ମେଡିକାଲ ରେକର୍ଡ ପ୍ରଦାନ କରିବେ। ପୂର୍ବରୁ ମେଡିକାଲ ରେକର୍ଡ ଦେବା ପାଇଁ ୭୨ ଦିନର ବ୍ୟବସ୍ଥା ଥିଲା। ଜରୁରୀ ମେଡିକାଲ ମାମଲାରେ ଯଥାଶୀଘ୍ର ସମ୍ଭବ ରେକର୍ଡ ଉପଲବ୍ଧ କରାଇବାକୁ କୁହାଯାଇଛି। ନିୟମାବଳୀ ପ୍ରକାଶନର ୩ ବର୍ଷ ମଧ୍ୟରେ ମେଡିକାଲ ରେକର୍ଡ ସମ୍ପୂର୍ଣ୍ଣ ଡିଜିଟାଲାଇଜ୍ କରିବାକୁ କୁହାଯାଇଛି। ପଞ୍ଜୀକୃତ ଚିକିତ୍ସା ଅଧିକାରୀ ଆଇଟି ଆଇନର ବ୍ୟବସ୍ଥା, ଡେଟା ସୁରକ୍ଷା ଓ ବ୍ୟକ୍ତିଗତ ଗୋପନୀୟତା ଆଇନକୁ ଅନୁପାଳନ କରିବା ସହ ରୋଗୀଙ୍କ ଗୋପନୀୟତାର ସୁରକ୍ଷା ପାଇଁ ନିୟମାବଳୀର କାର୍ଯ୍ୟକାରିତାକୁ ସୁନିଶ୍ଚିତ କରିବେ। ରୋଗୀ ଚିକିତ୍ସା ହେବାଠାରୁ ୩ ବର୍ଷ ପର୍ଯ୍ୟନ୍ତ ତାଙ୍କର ସମସ୍ତ ମେଡିକାଲ ରେକର୍ଡ ରଖିବାକୁ ହେବ।

## ରାଘବ ଚଡ୍ଢା ରାଜ୍ୟ ସଭାରୁ ନିଲମ୍ବିତ

ଗୃହର ନିୟମ ଉଲ୍ଲଂଘନ, ଅସଦ୍ ବ୍ୟବହାର ଏବଂ ଉଗ୍ର ଆଚରଣ ପାଇଁ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ସଦସ୍ୟ ରାଘବ ଚଡ୍ଢାଙ୍କୁ ଶୁକ୍ରବାର ରାଜ୍ୟ ସଭାରୁ ନିଲମ୍ବନ କରାଯାଇଛି। ଚଡ୍ଢା କେତେଜଣ ସଦସ୍ୟଙ୍କ ସହମତିବିନା ସେମାନଙ୍କ ନାଁକୁ ଦିଲ୍ଲୀ ଜାତୀୟ ରାଜଧାନୀ ଅଞ୍ଚଳ ସରକାର (ସଂଶୋଧନ) ବିଲ୍, ୨୦୨୩ ପାଇଁ ପ୍ରସ୍ତାବିତ ସିଲେକ୍ଟ କମିଟି ପୂରାଇଥିବାରୁ ତାଙ୍କ ବିରୋଧରେ



କାର୍ଯ୍ୟାନୁଷ୍ଠାନ ଲାଗି ଗୃହର ନେତା ପୀୟୂଷ ଗୋୟଲ ପ୍ରସ୍ତାବ ଆଣିଥିଲେ। ଉକ୍ତ ପ୍ରସ୍ତାବ ଧ୍ୱନି ମତରେ ଗୃହୀତ ହୋଇଥିଲା।

## ଜିଏସ୍‌ଟି ସଂଶୋଧନ ବିଲ୍ ପାର୍ଲାମେଣ୍ଟରେ ଗୃହୀତ

ମୌସୁମୀ ଅଧିବେଶନର ଶେଷ ଦିନରେ ଜିଏସ୍‌ଟି ସଂଶୋଧନ ବିଲ୍ ପାର୍ଲାମେଣ୍ଟରେ ଗୃହୀତ ହୋଇଛି। ଅନ୍‌ଲାଇନ ଗେମିଂ, କାସିନୋ ଏବଂ ହର୍ସ ରେସ୍ କ୍ଲବ୍‌ରେ ବେଟିଂର ପୂର୍ଣ୍ଣ ଫେସ୍ ଭାଲ୍ୟୁ ଉପରେ ୨୮ ପ୍ରତିଶତ ଜିଏସ୍‌ଟି ଲଗାଇବା ପାଇଁ କେନ୍ଦ୍ରୀୟ ଓ ସମନ୍ୱିତ ଜିଏସ୍‌ଟି ଆଇନରେ ସଂଶୋଧନ କରାଯାଇଛି। ରାଜ୍ୟ ସଭାରେ ବିନା




ଆଲୋଚନାରେ ଏହି ବିଲ୍ ଧ୍ୱନି ମତରେ ଗୃହୀତ ହେବା ପରେ ଲୋକ ସଭାକୁ ପଠାଯାଇଥିଲା। ଏହା ପୂର୍ବରୁ ନିମ୍ନ ସଦନ

### ଅନ୍‌ଲାଇନ୍ ଗେମିଂରେ ୨୮% ଟିକସ ଲାଗିବ

ସିଜିଏସ୍‌ଟି (ସଂଶୋଧନ) ବିଲ୍, ୨୦୨୩ ଏବଂ ଆଇଜିଏସ୍‌ଟି (ସଂଶୋଧନ) ବିଲ୍, ୨୦୨୩କୁ ଅନୁମୋଦନ କରିଥିଲା। ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଉଭୟ ଗୃହରେ ଏହି ବିଲ୍ ଆଗତ କରିଥିଲେ।

## ଯୌନହିଂସା ରୋକିବାକୁ ରାଜ୍ୟ ବାଧ୍ୟ

**ନୂଆଦିଲ୍ଲୀ,୧୧।୮(ପି.ଟି.)**

### ମଣିପୁର ହିଂସା ଶୁଣାଣି ବେଳେ ସୁପ୍ରିମକୋର୍ଟଙ୍କ ମତ

ମଣିପୁର ହିଂସା ବେଳେ ମହିଳାମାନଙ୍କ ପ୍ରତି ଯେଉଁଭଳି ଅତ୍ୟାଚାର କରାଯାଇଛି, ତାହାକୁ ନେଇ ସୁପ୍ରିମକୋର୍ଟ ବ୍ୟଥିତ ହୋଇଛନ୍ତି। ଅନ୍ୟ ସମ୍ପ୍ରଦାୟକୁ ପଦାନତ କରିବାର ବାର୍ତ୍ତା ଦେବା ପାଇଁ ଉତ୍ତ୍ୟକ୍ତ ଲୋକେ ଯୌନ ହିଂସାକୁ ବ୍ୟବହାର କରିଥିଲେ। ଏହାକୁ ବନ୍ଦ କରିବାକୁ ରାଜ୍ୟ ବାଧ୍ୟ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି। ମଣିପୁରରେ ମେ' ୪ରେ ମହିଳାଙ୍କ ପ୍ରତି ହିଂସା କି ପ୍ରକାର ଥିଲା, ତାହା ଉପରେ ତଦନ୍ତ କରିବାକୁ ଅବସରପ୍ରାପ୍ତ ବିଚାରପତିଙ୍କ ନେତୃତ୍ୱରେ ଗଠିତ ୩ ଜଣିଆ କମିଟିକୁ ସୁପ୍ରିମକୋର୍ଟ କହିଛନ୍ତି। ମହିଳାମାନଙ୍କ ପ୍ରତି ଯୌନ ଅପରାଧ ଓ ହିଂସା ଆଦୌ ଗ୍ରହଣୀୟ ନୁହେଁ। ମର୍ଯ୍ୟାଦା, ବ୍ୟକ୍ତି ସ୍ୱାଧୀନତାର ସାମ୍ବିଧାନିକ ମୂଲ୍ୟବୋଧର ଏହା ଗମ୍ଭୀର ଉଲ୍ଲଂଘନ ବୋଲି ପ୍ରଧାନ ବିଚାରପତି ଡି.ଓ୍ବାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ କହିଛନ୍ତି। ଜାତିଆଣ ହିଂସାବେଳେ ଉତ୍ତ୍ୟକ୍ତ ଲୋକେ ଯୌନ ହିଂସାକୁ ବ୍ୟବହାର କରି ଗୋଟିଏ ସମ୍ପ୍ରଦାୟକୁ ପଦାନତ କରି ରଖିଥିବାର ବାର୍ତ୍ତା ଦେବାକୁ ଚାହିଁଥିଲେ। ଏହା ଅତ୍ୟାଚାର। ଏଭଳି ଅତ୍ୟାଚାରକୁ ରୋକିବା ରାଜ୍ୟ ସରକାରଙ୍କ ବାଧ୍ୟତାମୂଳକ କର୍ତ୍ତବ୍ୟ ବୋଲି ଖଣ୍ଡପୀଠ କହିଛନ୍ତି।

## ଚନ୍ଦ୍ରୟାନ-୩ ବନାମ ରୁଷିଆର ଲୁନା-୨୫

**ନୂଆଦିଲ୍ଲୀ, ୧୧।୮**

ଭାରତ ଏହାର ତୃତୀୟ ଚନ୍ଦ୍ର ଅଭିଯାନ ଚନ୍ଦ୍ରୟାନ-୩କୁ ଜୁଲାଇ ୧୪ରେ ଚନ୍ଦ୍ରପୃଷ୍ଠ ଅଭିମୁଖେ ପ୍ରେରଣ କରିଥିଲା। ଅପରପକ୍ଷେ ରୁଷିଆର ଲୁନା-୨୫ ଚନ୍ଦ୍ରୟାନ-୩ଠାରୁ ମାସେ ବିଳମ୍ବ ଅର୍ଥାତ୍ ଅଗଷ୍ଟ ୧୧ରେ ଅଭିଯାନ ଆରମ୍ଭ କରିଛି। ଉଭୟ ମହାକାଶଯାନ ବର୍ତ୍ତମାନ ଚନ୍ଦ୍ରର ଦକ୍ଷିଣ ମେରୁରେ ପହଞ୍ଚିବାକୁ ଦୌଡ଼ରେ ଅଛନ୍ତି। ଚନ୍ଦ୍ରୟାନ-୩ ଅଗଷ୍ଟ ୨୩ରେ ଚନ୍ଦ୍ରପୃଷ୍ଠରେ ଅବତରଣ କରିପାରେ। ଅପରପକ୍ଷେ ଲୁନା-୨୫ ମଧ୍ୟ ଖୁବଶୀଘ୍ର ତା'ର ଲକ୍ଷ୍ୟସ୍ଥଳରେ ପହଞ୍ଚିବା ସମ୍ଭାବନା ରହିଛି। ଗତ ୫୦ ବର୍ଷ ମଧ୍ୟରେ ଲୁନା-୨୫ ହେଉଛି ରୁଷିଆ ପ୍ରଥମ ଚନ୍ଦ୍ର ଅଭିଯାନ। ରୁଷିଆର ଅନ୍ତରୀକ୍ଷ ଏଜେନ୍ସି




ରସକୋମୋସର ସୂଚନା ଅନୁସାରେ ଚନ୍ଦ୍ରକକ୍ଷ ନିକଟରେ ପହଞ୍ଚିବା ପାଇଁ ଲୁନା-୨୫ ପାଞ୍ଚଦିନ ସମୟ ନେବ। ଏହାପୃଷ୍ଠରେ ପହଞ୍ଚିବା ପାଇଁ ଆଉ ୫ରୁ ୭ ଦିନ ନେବ। ନ୍ୟୁୟର୍କ ଟାଇମ୍ସରେ ପ୍ରକାଶିତ ରିପୋର୍ଟ ଅନୁସାରେ ଲୁନା-୨୫ ଅଗଷ୍ଟ ୨୧ ସୁଦ୍ଧା ଚନ୍ଦ୍ରପୃଷ୍ଠରେ ପହଞ୍ଚିପାରେ। ରୁଷିଆର ଏହି ଅଭିଯାନକୁ ନେଇ ଭାରତୀୟ ମହାକାଶ ଗବେଷଣା ସଂଗଠନ(ଇସ୍ରୋ) ଖୁସି ବ୍ୟକ୍ତ କରିବା ସହ ରୁଷିଆ ଏଜେନ୍ସି

### ଚନ୍ଦ୍ରର ଦକ୍ଷିଣ ମେରୁରେ କିଏ ପ୍ରଥମେ ଅବତରଣ କରିବ

ରସକୋମୋସକୁ ଶୁଭେଚ୍ଛା ଜଣାଇଛି। ଲୁନା-୨୫ ସୋୟୁଜ-୨୧ ବି ରକେଟ ସହାୟତାରେ ଆରମ୍ଭ କରାଯାଇଥିଲା। ଏହାର ଲମ୍ବା ୪୬.୩ ମିଟର ଏବଂ ଓସାର ୧୦.୩ ମିଟର। ଏହି ରକେଟର ଓଜନ ୩୦୩ କେ.ଜି.। ଉଭୟ ଯାନର ଅବତରଣ ନିଜ ନିଜର ବୈଜ୍ଞାନିକ କୌଶଳ ଉପରେ ନିର୍ଭର କରେ। ତେବେ ଚନ୍ଦ୍ରର ଦକ୍ଷିଣ ମେରୁରେ ପହଞ୍ଚିବା ଏତେଟା ସହଜ କାର୍ଯ୍ୟ ନୁହେଁ ବୋଲି ବିଶେଷଜ୍ଞମାନେ କହିଛନ୍ତି। ଏହା ଭିତରେ ଚନ୍ଦ୍ରୟାନ-୩ ଏବଂ ଲୁନା-୨୫ କିଏ ପ୍ରଥମେ ଚନ୍ଦ୍ରପୃଷ୍ଠରେ ଭଲଭାବେ ଅବତରଣ କରିପାରୁଛି ତାକୁ ନେଇ ଉତ୍କଣ୍ଠା ବଢ଼ୁଛି।

## ଫିରିଙ୍ଗିଆ ପୂର୍ବତନ ଥାନାଧିକାରୀ ନିଲମ୍ବିତ

ଫୁଲବାଣୀ, ୧୧।୮ (ରାକେଶ କୁମାର ରାଉତ): କନ୍ଧମାଳ ଜିଲା ଫିରିଙ୍ଗିଆ ଥାନାର ପୂର୍ବତନ ଥାନାଧିକାରୀ ତପନ କୁମାର ନାହାକଙ୍କୁ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ସୁନିଲ ବଂଶଲ ଶୁକ୍ରବାର ନିଲମ୍ବିତ କରିଛନ୍ତି। କାର୍ଯ୍ୟରେ ଅବହେଳା ଏବଂ ତାଙ୍କ ବିରୋଧରେ ଆସିଥିବା ଗଞ୍ଜେଇ ଚାଲାଣ ଅଭିଯୋଗ ଘଟଣାରେ ଏହି ପଦକ୍ଷେପ ନିଆଯାଇଛି। ସେ ଏବେ ଦକ୍ଷିଣାଞ୍ଚଳ ଆଇଜିଙ୍କ ତତ୍ତ୍ୱାବଧାନରେ ରହିବେ ବୋଲି କନ୍ଧମାଳ ଏସ୍‌ପି ଶୁଭେନ୍ଦୁ କୁମାର ପାତ୍ର ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ଫିରିଙ୍ଗିଆ ଥାନାଧିକାରୀଙ୍କ ବିରୋଧରେ ଗଞ୍ଜେଇ ଚାଲାଣ ଅଭିଯୋଗ ନେଇ ଏକ ଭିଡିଓ ଭାଇରାଲ ହୋଇଥିଲା। ଏ ନେଇ ତାଙ୍କୁ ନିଲମ୍ବନ ଓ ଗିରଫ ଦାବିରେ ଗତ ୫ ତାରିଖରେ ଫିରିଙ୍ଗିଆ-ବାଲିଗୁଡା ମୁଖ୍ୟରାସ୍ତାକୁ ସ୍ଥାନୀୟ ଲୋକେ ଅବରୋଧ କରିଥିଲେ।

# ୪୩୭୩ ପଞ୍ଚାୟତରେ ମିଳିବ ବ୍ୟାଙ୍କ ସୁବିଧା

## ରାୟଗଡ଼ା ଜିଲା ବିଜେଡି ପଦାଧିକାରୀ ନିଯୁକ୍ତି

ଭୁବନେଶ୍ୱର,୧୧।୮ (ସୁନୀତ ମିଶ୍ର): ରାୟଗଡ଼ା ଜିଲା ବିଜେଡି ପଦାଧିକାରୀ ଭାବେ ୬୦ନେତାଙ୍କୁ ଦଳର ସଭାପତି ନବୀନ ପଟ୍ଟନାୟକ ନିଯୁକ୍ତ କରିଛନ୍ତି। ଏଥିରେ ୧୪ଉପସଭାପତି, ୧୫ ସାଧାରଣ ସମ୍ପାଦକ, ୧୭ ସମ୍ପାଦକ, ୧୩ ଯୁଗ୍ମ ସମ୍ପାଦକ ଓ ଜଣଙ୍କୁ କୋଷାଧ୍ୟକ୍ଷ ଦାୟିତ୍ୱ ଦିଆଯାଇଛି। ବିଜେଡି ସଭାପତି ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏନେଇ ଏକ ପ୍ରେସ ବିଜ୍ଞପ୍ତି ଜରିଆରେ ସୂଚନା ପ୍ରଦାନ କରିଛନ୍ତି।

ଭୁବନେଶ୍ୱର,୧୧।୮ (ଅନିଲ ଦାସ)

ରାଜ୍ୟର ବ୍ୟାଙ୍କ ସୁବିଧା ନ ଥିବା ୪୩୭୩ ପଞ୍ଚାୟତରେ ବ୍ୟାଙ୍କିଙ୍ଗ୍ ଆଉଟଲେଟ୍ ଖୋଲିବ। ଏଥିପାଇଁ ୫୦୦ କୋଟି ଟଙ୍କାର ବଜେଟ ସହାୟତା ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ, ୟୁକୋ ବ୍ୟାଙ୍କ, ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ, ବ୍ୟାଙ୍କ ଅଫ୍ ବରୋଦା, ବ୍ୟାଙ୍କ ଅଫ୍ ଇଣ୍ଡିଆ ଆଦି ୬ଟି ରାଷ୍ଟ୍ରାୟତ୍ତ ବ୍ୟାଙ୍କକୁ ପ୍ରଦାନ କରାଯିବ। ସେହି ବ୍ୟାଙ୍କଗୁଡ଼ିକ ସହିତ ସମନ୍ୱୟ ରକ୍ଷାକରି 'ସିଏସ୍‌ପି ପ୍ଲସ୍' ବ୍ୟାଙ୍କିଙ୍ଗ୍ ଆଉଟଲେଟ୍ ଖୋଲିବ। ଏହି ଯୋଜନାକୁ ରାଜ୍ୟ କ୍ୟାବିନେଟର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଅନୁମୋଦନ କରାଯାଇଛି।

ଉକ୍ତ ବ୍ୟାଙ୍କଗୁଡ଼ିକୁ ପଞ୍ଚାୟତରେ ନିଜର ଶାଖା ଖୋଲିବା ପାଇଁ ୫ ବର୍ଷ ପର୍ଯ୍ୟନ୍ତ ନିଃଶୁଳ୍କ ଗୃହ, ଏକକାଳୀନ ସ୍ଥାୟୀ ଖର୍ଚ୍ଚ ଓ ୩ ବର୍ଷ ପାଇଁ ହେବାକୁ ଥିବା ଆବଶ୍ୟକ ଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ। ରାଜ୍ୟର ମୋଟ ୬୭୯୮ ଗ୍ରାମ ପଞ୍ଚାୟତ ମଧ୍ୟରୁ ପ୍ରାୟ ଶତକଡା ୬୫ ଭାଗ(୪୩୭୩) ଗ୍ରାମ ପଞ୍ଚାୟତରେ ସ୍ଥାୟୀ ବ୍ୟାଙ୍କ ଶାଖା ନାହିଁ। ଆର୍ଥିକ ଅନ୍ତର୍ଭୁକ୍ତୀକରଣ ପାଇଁ ବ୍ୟାଙ୍କିଙ୍ଗ୍ ଏକ ଅତ୍ୟାବଶ୍ୟକ ସେବା ହୋଇଥିବାରୁ ରାଜ୍ୟର ପ୍ରତ୍ୟେକ ଗ୍ରାମ ପଞ୍ଚାୟତରେ ନିରବଚ୍ଛିନ୍ନ ବ୍ୟାଙ୍କିଙ୍ଗ୍ ସେବା ପାଇଁ ଏକ ସ୍ଥାୟୀ ବ୍ୟାଙ୍କ ଶାଖାର ଆବଶ୍ୟକତା ରହିଛି। ଏହାକୁ ଦୃଷ୍ଟିରେ ରଖି ସିଏସ୍‌ପି ପ୍ଲସ୍ ବ୍ୟାଙ୍କିଙ୍ଗ୍ ଆଉଟଲେଟ୍ ମାଧ୍ୟମରେ ପ୍ରତ୍ୟେକ ଗ୍ରାମ ପଞ୍ଚାୟତରେ ବ୍ୟାଙ୍କିଙ୍ଗ୍ ସେବା ଯୋଗାଇବା ପାଇଁ ରାଜ୍ୟ ସରକାର ଏକ ଉଚ୍ଚାଭିଳାଷୀ ଲକ୍ଷ୍ୟ ନେଇ ଆଗେଇ ଆସିଛନ୍ତି। ଚଳିତ ଆର୍ଥିକ ବର୍ଷ ୨୦୨୩-୨୪ରେ ସିଏସ୍‌ପି ପ୍ଲସ୍ ବ୍ୟାଙ୍କିଙ୍ଗ୍ ଆଉଟଲେଟ୍ ମାଧ୍ୟମରେ ରାଜ୍ୟରେ ଥିବା ସମସ୍ତ ବ୍ୟାଙ୍କବିହୀନ ପଞ୍ଚାୟତରେ ବ୍ୟାଙ୍କିଙ୍ଗ୍ ସେବା ପର୍ଯ୍ୟାୟକ୍ରମେ ଯୋଗାଇ ଦିଆଯିବ। ଏହି ଯୋଜନା ରାଜ୍ୟର ସମସ୍ତ ବ୍ୟାଙ୍କବିହୀନ ଗ୍ରାମ ପଞ୍ଚାୟତରେ ରହୁଥିବା ଲୋକମାନେ ମାଗଣାରେ ସମସ୍ତ ପ୍ରକାର ବ୍ୟାଙ୍କିଙ୍ଗ୍ ସେବା ପାଇପାରିବେ। ବରିଷ୍ଠ ନାଗରିକ, ଭିନ୍ନକ୍ଷମ ବ୍ୟକ୍ତି ଏବଂ ଗର୍ଭବତୀ ମହିଳାମାନେ ଦୁଆର ମୁହଁରେ ବ୍ୟାଙ୍କିଙ୍ଗ୍ ସେବା ପାଇବେ ଏବଂ ଠିକ୍ ସମୟରେ ସରକାରଙ୍କ ପ୍ରତ୍ୟକ୍ଷ ଲାଭ ସ୍ଥାନାନ୍ତର(ଡିବିଟି)ଯୋଜନାର ସୁବିଧା ମଧ୍ୟ ପାଇପାରିବେ। କ୍ୟାବିନେଟ ବୈଠକ ଶେଷରେ ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି।



ଶୁକ୍ରବାର ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ ବୈଠକରେ ମୋଟ ୧୯ଟି ପ୍ରସ୍ତାବକୁ ଅନୁମୋଦନ କରାଯାଇଛି। କ୍ୟାବିନେଟ ଅନୁମୋଦନ କରିଥିବା ଅନ୍ୟ ପ୍ରସ୍ତାବ ସମ୍ପର୍କରେ ସୂଚନା ଦେଇ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା କହିଛନ୍ତି, ରାଜ୍ୟ କ୍ୟାବିନେଟ ଓଡ଼ିଶା ସରକାରୀ ଜମି ବନ୍ଦୋବସ୍ତ ରୁଲ୍‌ସ-୧୯୮୩ରେ ରହିଥିବା ବ୍ୟବସ୍ଥାକୁ ସରଳୀକରଣ କରିବା ପାଇଁ ଏଥିରେ ଆବଶ୍ୟକ ସଂଶୋଧନ ଓ ନୂଆ ବ୍ୟବସ୍ଥା ଆଣିବା ପାଇଁ ମଞ୍ଜୁରୀ ଦେଇଛି। ପ୍ରସ୍ତାବିତ ନୂଆ ବ୍ୟବସ୍ଥାରେ ଏଣିକି ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା ଓ ବିଭିନ୍ନ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ବାସଗୃହ ନିର୍ମାଣ ନିମନ୍ତେ ଲିଜ୍ ସୂତ୍ରରେ ଯୋଗାଇ ଦିଆଯାଇଥିବା ସରକାରୀ ଜମିକୁ ସ୍ଥିତିବାନ ସ୍ୱତ୍ୱରେ ପରିବର୍ତ୍ତନ କରାଯିବ। ସେମାନଙ୍କୁ ସିଧାସଳଖ ଭାବେ ସ୍ଥିତିବାନ ସ୍ୱତ୍ୱରେ ସରକାରୀ ଜମି ଯୋଗାଇ ଦେବାକୁ ମଧ୍ୟ ଏହି ରୁଲ୍‌ସରେ ନୂଆ ବ୍ୟବସ୍ଥା ଆଣିବାକୁ କ୍ୟାବିନେଟ ମଞ୍ଜୁରୀ ଦେଇଛି। ଏଥିସହିତ ଖାସମହାଲ, ନଜୁଲ, ଗ୍ରାମକଣ୍ଠ, ପରମବୋକ ଓ ଆବାଦୀ ଶ୍ରେଣୀର ଜମିକୁ ଆଇନସମ୍ମତ ଭାବେ ଦଖଲରେ ରଖିଥିବା ବ୍ୟକ୍ତିବିଶେଷଙ୍କ ନାଁରେ ଚିରସ୍ଥାୟୀ ବନ୍ଦୋବସ୍ତ କରିବା ପାଇଁ ଆବଶ୍ୟକ ସଂଶୋଧନକୁ ମଧ୍ୟ ମଞ୍ଜୁରୀ ମିଳିଛି। ଓଡ଼ିଶା ସରକାରୀ ଜମି ବନ୍ଦୋବସ୍ତ ରୁଲ୍‌ସ-୨୦୨୩ ସରକାରୀ ଗେଜେଟରେ ପ୍ରକାଶିତ ହେବା ପରେ ନୂତନ ବ୍ୟବସ୍ଥା କାର୍ଯ୍ୟକାରୀ ହେବ।

ରାଜ୍ୟରେ ଆରମ୍ଭ ହେଲା ନୂତନ ଉନ୍ନତ ଅଭିଳାଷ ବା ନୂଆ ଓଡ଼ିଶା ଯୋଜନା। ଆସନ୍ତା ୩ ବର୍ଷ ମଧ୍ୟରେ ପ୍ରତିବର୍ଷ ୧ ଲକ୍ଷ ଯୁବତୀଯୁବକଙ୍କୁ ଦକ୍ଷ କରିବା ପାଇଁ ପଦକ୍ଷେପ ନିଆଯିବ। ୩୮୫ କୋଟି ଟଙ୍କା ବ୍ୟୟ ଅଟକଳରେ ନୂତନ ଉନ୍ନତ ଅଭିଳାଷ(ନୂଆ) ଓଡ଼ିଶା ଯୋଜନାକୁ କ୍ୟାବିନେଟ ଅନୁମୋଦନ କରିଛି। ଉନ୍ନତମାନର ପ୍ରଶିକ୍ଷଣ ପ୍ରଦାନ, ଶିଳ୍ପ ସଂଯୋଗକୁ ପ୍ରୋତ୍ସାହିତ କରିବା ଏବଂ ନିଯୁକ୍ତି ଦକ୍ଷତା ବୃଦ୍ଧି କରି ଦକ୍ଷ ମାନବସମ୍ବଳ ଅଭାବକୁ ଦୂର କରିବା ଦିଗରେ ଏହି ଯୋଜନା କାର୍ଯ୍ୟ କରିବ। ପାରମ୍ପରିକ କ୍ଷେତ୍ର ହସ୍ତଶିଳ୍ପ, ହସ୍ତତନ୍ତ, କୃଷି ଇତ୍ୟାଦିରେ ନୂତନ ଜ୍ଞାନକୌଶଳର ବ୍ୟବହାରରେ ଥିବା ଦକ୍ଷତା ବ୍ୟବଧାନକୁ ଦୂର କରିବାରେ ଏହା ସହାୟକ ହେବ। ଏଥିରେ ଯୁବବର୍ଗଙ୍କ ପାଇଁ ନୂତନ ଦକ୍ଷତା, ଛାତ୍ରୀଛାତ୍ରଙ୍କ ପାଇଁ ଆଡ୍ ଅନ୍ ସ୍କିଲ୍ ପାଠ୍ୟକ୍ରମ, ଉଚ୍ଚ ଶିକ୍ଷାନୁଷ୍ଠାନରେ ଯୁବକମାନଙ୍କ ପାଇଁ ଡିଜିଟାଲ ଓ ଇ-ପାଠ୍ୟକ୍ରମ, ବିଭିନ୍ନ ଅନୁଷ୍ଠାନରେ ଛାତ୍ରୀଛାତ୍ରଙ୍କ ପାଇଁ ନିଯୁକ୍ତି ଦକ୍ଷତା ଇତ୍ୟାଦି ରଖାଯିବ। ୩୦ ଜିଲାରେ କାର୍ଯ୍ୟକାରୀ ହେବାକୁ ଥିବା ଆଇଟିଆଇ, ପଲିଟେକ୍ନିକ୍, ସରକାରୀ ଦକ୍ଷତା ଅନୁଷ୍ଠାନ, ଶିକ୍ଷାନୁଷ୍ଠାନ, କ୍ଲଷ୍ଟର ମାଧ୍ୟମରେ ଦକ୍ଷତା, ପୁନଃଦକ୍ଷତା ବୃଦ୍ଧି କରାଯିବ। ପ୍ରତିଷ୍ଠିତ ଶିଳ୍ପ ଏବଂ ତାଲିମ ପ୍ରଦାନକାରୀ ସଂଘ ଇତ୍ୟାଦିଙ୍କୁ ନେଇ ଦକ୍ଷତା କାର୍ଯ୍ୟକ୍ରମ କରାଯିବ। ରାଜ୍ୟରେ ଅତ୍ୟାଧୁନିକ ପ୍ରଶିକ୍ଷଣ କେନ୍ଦ୍ର, ସୁସଜ୍ଜିତ ଲ୍ୟାବ୍ ପ୍ରତିଷ୍ଠା ହେଲେ 'ସ୍କିଲ୍-ଇନ୍- ଓଡ଼ିଶା' ବ୍ରାଣ୍ଡକୁ ଆହୁରି ସୁଦୃଢ଼ କରିବାରେ ସହାୟକ ହେବ। ୨୦୨୩-୨୪ ବଜେଟରେ ଏହି ଯୋଜନାକୁ ନେଇ ପରିକଳ୍ପନା କରାଯାଇଥିଲା।

ରାଜ୍ୟର ୩୦ଟି ଜିଲାରେ କାର୍ଯ୍ୟକାରୀ ହେବାକୁ ଥିବା ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ଦକ୍ଷତା ଅନୁଷ୍ଠାନ (ଆଇଟିଆଇ, ପଲିଟେକ୍ନିକ୍ ଇତ୍ୟାଦି), ସରକାରୀ ଦକ୍ଷତା ଅନୁଷ୍ଠାନ, ଶିକ୍ଷାନୁଷ୍ଠାନ, କ୍ଲଷ୍ଟର (ଏମ୍‌ଏସ୍‌ଏମ୍‌ଇ, କୃଷି, ହସ୍ତଶିଳ୍ପ ଇତ୍ୟାଦି) ମାଧ୍ୟମରେ ଦକ୍ଷତା, ରେସ୍କିଲିଂ ଏବଂ ଅପ୍‌ସ୍କିଲିଂ ସୁଯୋଗ ଯୋଗାଇ ଦିଆଯିବ।

ପ୍ରତିଷ୍ଠିତ ଶିଳ୍ପ ଏବଂ ପ୍ରଶିକ୍ଷଣ ପ୍ରଦାନକାରୀ ଶିଳ୍ପ ସଂଘ ଇତ୍ୟାଦିଙ୍କୁ ନେଇ ଗଠିତ ବିଶ୍ୱସନୀୟ କାର୍ଯ୍ୟକ୍ରମ କାର୍ଯ୍ୟକାରୀ ସଂସ୍ଥାଗୁଡ଼ିକୁ ଭିନ୍ନ ଏବଂ ପ୍ରୋତ୍ସାହନଭିତ୍ତିକ ଆଭିମୁଖ୍ୟ ଉପରେ ଆଧାରିତ ଏକ ସକ୍ଷମ ନୀତି ଢାଞ୍ଚା ମାଧ୍ୟମରେ ଦକ୍ଷତା କାର୍ଯ୍ୟକ୍ରମ ପ୍ରଦାନ କରିବା ପାଇଁ ନିୟୋଜିତ କରାଯିବ। ରାଜ୍ୟରେ ଅତ୍ୟାଧୁନିକ ପ୍ରଶିକ୍ଷଣ କେନ୍ଦ୍ର, ସୁସଜ୍ଜିତ ଲ୍ୟାବ୍ ଏବଂ ଏକ ସୁଦୃଢ଼ ଦକ୍ଷତା ପରିବେଶ ପ୍ରତିଷ୍ଠା ହେଲେ 'ସ୍କିଲ୍-ଇନ୍- ଓଡ଼ିଶା' ବ୍ରାଣ୍ଡକୁ ଆହୁରି ସୁଦୃଢ଼ କରିବାରେ ସହାୟକ ହେବ।

୨୦୨୩-୨୪ ବଜେଟରେ ପରିକଳ୍ପନା କରାଯାଇଥିବା ଅନୁଯାୟୀ, ନୂଆ ଓଡ଼ିଶା ଅର୍ଥନୈତିକ ସଶକ୍ତୀକରଣ ଦିଗରେ ରାଜ୍ୟବାସୀଙ୍କ ଜୀବନରେ ପରିବର୍ତ୍ତନ ସୁନିଶ୍ଚିତ କରିବା ପାଇଁ ଓଡ଼ିଶା ସରକାରଙ୍କ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି।

### କ୍ୟାବିନେଟ ନିଷ୍ପତ୍ତି

- ୬ ରାଷ୍ଟ୍ରାୟତ୍ତ ବ୍ୟାଙ୍କକୁ ୫୦୦ କୋଟିର ବଜେଟ ସହାୟତା
- ବ୍ୟାଙ୍କ ଶାଖା ଖୋଲିବାକୁ ୫ ବର୍ଷ ପାଇଁ ମିଳିବ ମାଗଣା ଘର
- ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା, ଉନ୍ନୟନ କର୍ତ୍ତୃପକ୍ଷଙ୍କ ଲିଜ୍ ଜମି ହେବ ସ୍ଥିତିବାନ
- ଓଡ଼ିଶା ସରକାରୀ ଜମି ବନ୍ଦୋବସ୍ତ ରୁଲ୍‌ସ-୨୦୨୩କୁ କ୍ୟାବିନେଟ ମୋହର
- 'ନୂଆ ଓଡ଼ିଶା' ଯୋଜନାକୁ କ୍ୟାବିନେଟ ମୋହର
- ପ୍ରତିବର୍ଷ ଦକ୍ଷ ହେବେ ୧ ଲକ୍ଷ ଯୁବତୀଯୁବକ
- ଖର୍ଚ୍ଚ ହେବ ୩୮୫ କୋଟି
- ୧୯ ପ୍ରସ୍ତାବକୁ କ୍ୟାବିନେଟ ମଞ୍ଜୁରୀ






**ଆଜିର ମନ୍ତବ୍ୟ**

“ହିଂସାର ନିଆଁରେ ମଣିପୁର ଜଳୁଥିବାବେଳେ ପାର୍ଲାମେଣ୍ଟରେ ହସିବା ଓ ବ୍ୟଙ୍ଗ କରିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଶୋଭା ପାଉନାହିଁ **-ରାହୁଲ ଗାନ୍ଧୀ, କଂଗ୍ରେସ ନେତା**

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚେତିଲା ନାରୀ ସୁଖ ପାଏ**
**ନ ଚେତିଲା ନାରୀ ଘରୁ ଯାଏ।**

ଯେଉଁ ଗୃହିଣୀ ପାରିବାରିକ ବନ୍ଧନୀ ମଧ୍ୟରେ ବାନ୍ଧିହୋଇ ରହିଥାଏ, ସେ ପରିବାରର ଅଭାବ ଅସୁବିଧା ସହିତ ଜଡିତ ହୋଇ ତାହାର ସମାଧାନ ବା ସୁଧାର ଆଣିବାରେ ଅଭିଜ୍ଞତା ଅର୍ଜନ କରିଥାଏ। ସ୍ୱାମୀ, ସନ୍ତାନ ତଥା ପରିବାରର ଅନ୍ୟ ସଦସ୍ୟଙ୍କ ମନ ଜାଣି ସେମାନଙ୍କୁ ମନ ମୁତାବକ ସନ୍ତୁଷ୍ଟ କରି ନିଜ ହାତମୁଠାରେ ରଖି ଘର ଚଳାଇଥାଏ। ଯିଏ ନିଜ ଭୁଲରୁ ଶିକ୍ଷାଲାଭ କରେ ବା ନିଜ ଭୁଲକୁ ସଂଶୋଧନ କରି ନିଜକୁ ସଜାଡ଼ି ନିଏ ସିଏ ହିଁ ସବୁଥିରେ ସଫଳ ହୋଇଥାଏ। ବାସ୍ତବ ପକ୍ଷେ ଏପରି ନାରୀ ହିଁ ଘର ପରିବାର ଚଳେଇବାକୁ ସମର୍ଥ ହୋଇପାରିଥାନ୍ତି। କିନ୍ତୁ ଯିଏ ଏସବୁଠୁ ଦୂରେଇ ରହିଥାଏ ସିଏ ଅଯୋଗ୍ୟ ବୋଲି ବିବେଚିତ ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଚାଲୁଣି କହୁଛି ଛୁଞ୍ଚିକି**
**ତୋ ପଛରେ ଗୋଟିଏ କଣା।**

ଅନେକ ବ୍ୟକ୍ତି ଅଛନ୍ତି, ଯେଉଁମାନେ କେବଳ ଅନ୍ୟର ଦୋଷ ହିଁ ଦେଖିଥାନ୍ତି। ନିଜର ଦୋଷ ନ ଦେଖି ଅନ୍ୟର ଭୁଲ୍‌ଭଟକା ପ୍ରତି ଅଙ୍ଗୁଳି ଉଠାଇଥାନ୍ତି ବା ଉଖାରିଥାନ୍ତି। ନିଜର ଅସଂଖ୍ୟ ଦୋଷ ଥାଇ ଅନ୍ୟର ଦୋଷ ଦର୍ଶାଇବା ହାସ୍ୟାସ୍ପଦ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ପୂର୍ବତନ ବିଧାୟକଙ୍କ ପରଲୋକ

ବରଗଡ଼,୧୧।୮(ପ୍ରେମାନନ୍ଦ ଖମାରୀ)


କୁମର ବେହେରା

ବରଗଡ଼ ଜିଲା ଭଟଲି ବିଧାନସଭା ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ କୁମର ବେହେରାଙ୍କ ଶୁକ୍ରବାର ବୁର୍ଲାସ୍ଥିତ ଭିମ୍‌ସାର ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଛି। ତାଙ୍କୁ ୮୦ବର୍ଷ ହୋଇଥିଲା। ସ୍ୱର୍ଗତ ବେହେରା ଶିକ୍ଷକତା ଛାଡ଼ି ଜନତା ଦଳରେ ସାମିଲ ହୋଇଥିଲେ। ସେ ୧୯୯୦ରେ ଜନତା ଦଳରୁ ଭଟଲି ବିଧାନସଭା ନିର୍ବାଚନ ମଣ୍ଡଳୀରୁ ନିର୍ବାଚିତ ହୋଇ ୧୯୯୫ ପର୍ଯ୍ୟନ୍ତ ବିଧାୟକ ଥିଲେ। ପରବର୍ତ୍ତୀ ସମୟରେ ସେ ଜନତା ଦଳ ଛାଡ଼ି କଂଗ୍ରେସରେ ଯୋଗଦାନ କରିଥିଲେ । ଏହା ପରଠାରୁ ସେ ରାଜନୈତିକ କ୍ଷେତ୍ରରେ ଆଉ ସଫଳତା ହାସଲ କରିପାରି ନ ଥିଲେ। ଅତାବିରା ବ୍ଲକ ହିର୍ଲିପାଲି ନିବାସୀ ସ୍ୱର୍ଗତ ବେହେରା ନିଜ ବାସଭବନରେ ରହୁଥିଲେ। ଗତ କିଛିଦିନ ତଳେ ସେ ଅସୁସ୍ଥ ଅନୁଭବ କରିବାରୁ ତାଙ୍କୁ ବୁର୍ଲା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା ଏବଂ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ହୋଇଛି। ତାଙ୍କ ମୃତଦେହକୁ ପ୍ରଥମେ ଅତାବିରା ବାସଭବନକୁ ଅଣାଯାଇଥିଲା। ପରେ ପୈତୃକ ଗ୍ରାମ ହିର୍ଲିପାଲିକୁ ନିଆଯାଇ ସେଠାରେ ମୃତଦେହ ସଂସ୍କାର କରାଯାଇଥିଲା। ସ୍ୱର୍ଗତ ବେହେରାଙ୍କ ପରଲୋକରେ ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ, ପୂର୍ବତନ ଏମ୍‌ପି ପ୍ରସନ୍ନ ଆଚାର୍ଯ୍ୟ, ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ସାଧୁ ନେପାକ, ବିଜେଡ଼ି ଜିଲା କାର୍ଯ୍ୟକାରିଣୀ ସଭାପତି ସୁଶାନ୍ତ (ଜାପାନ) ମହାପାତ୍ର ପ୍ରମୁଖ ଗଭୀର ଶୋକପ୍ରକାଶ କରିଛନ୍ତି।

# ମୋବାଇଲ ଛଡ଼ାଇନେଇ ତଥ୍ୟ ଡିଲିଟ୍ କଲେ ବ୍ଲକ ଅଧ୍ୟକ୍ଷା

### ଥାନାର ଦ୍ୱାରସ୍ଥ ହେଲେ ଗଣମାଧ୍ୟମ ପ୍ରତିନିଧି

ଜମନକିରା,୧୧।୮ (ରବୀନ୍ଦ୍ର ପ୍ରସାଦ ଦାନି)

ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରଥମେ ଖବର ସଂଗ୍ରହ ପାଇଁ ଯାଇଥିବା ଜଣେ ଗଣମାଧ୍ୟମ ପ୍ରତିନିଧିଙ୍କ ମୋବାଇଲ ଛଡାଇନେଲେ। ପରେ ସେ ସେଥିରେ ଥିବା ତଥ୍ୟ ଡିଲିଟ କଲେ। ଏହାକୁ ନେଇ ପ୍ରତିନିଧି ଜଣକ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଏଭଳି ଏକ ଘଟଣା ଶୁକ୍ରବାର ସମ୍ବଲପୁର ଜିଲା ଜମନକିରା ବ୍ଲକରେ ଦେଖିବାକୁ ମିଳିଛି। ସୂଚନା ଅନୁସାରେ, ଅପରାହ୍ନ ପ୍ରାୟ ଦେଢଟା ସମୟରେ ଜମନକିରା ବ୍ଲକ ଅଧ୍ୟକ୍ଷାଙ୍କ ଚାମ୍ବରରେ ପାଟିତୁଣ୍ଡ ହେଉଥିବା ଶୁଣି ଏକ ବୈଦ୍ୟୁତିକ ଗଣମାଧ୍ୟମରେ କାମ କରୁଥିବା ସତ୍ୟପ୍ରିୟ ମହାପାତ୍ର ଖବର ସଂଗ୍ରହ ପାଇଁ ବ୍ଲକକୁ ଯାଇ ଭିଡିଓ ଉତ୍ତୋଳନ କରିଥିଲେ। ଏହି ସମୟରେ ସେଠାରେ ଉପସ୍ଥିତ ଥିବା ଜନ ପ୍ରତିନିଧି ତାଙ୍କୁ ବାରଣ କରି ପାଟିତୁଣ୍ଡ କରିଥିଲେ। ପରେ ବ୍ଲକ ଅଧ୍ୟକ୍ଷା ସତ୍ୟପ୍ରିୟଙ୍କ ମୋବାଇଲ ଛଡ଼ାଇ ନେଇ ସେଥିରେ ଥିବା ଭିଡିଓ ଡିଲିଟ କରିଦେଇଥିଲେ। ଏହାକୁ ନେଇ ସତ୍ୟପ୍ରିୟ ରାଜ୍ୟ ସଭାପତିଙ୍କ ପରାମର୍ଶ କ୍ରମେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏ ଦିଗରେ ପୋଲିସ ଓ ପ୍ରଶାସନ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ଆନ୍ଦୋଳନ କରାଯିବ ବୋଲି ଓଜେୟୁ ସଭାପତି ଶଶିଭୂଷଣ ପ୍ରହରାଜ ପ୍ରକାଶ କରିଛନ୍ତି। ଘଟଣା ପରେ ଥାନା ଅଧିକାରୀ ବ୍ଲକ ଅଧ୍ୟକ୍ଷା ଓ ସତ୍ୟପ୍ରିୟଙ୍କୁ ଥାନାକୁ ଡ଼ାକି ଆଲୋଚନା କରିଥିଲେ। ପରେ ଓଜେୟୁ ସମ୍ବଲପୁର ଜିଲା କାର୍ଯ୍ୟକାରୀ ସଭାପତି ରବୀନ୍ଦ୍ର ପ୍ରସାଦ ଦାନିଙ୍କୁ ଡକାଇ ଆପୋସ ବୁଝାମଣା କରି ସମସ୍ୟାର ସମାଧାନ କରିଥିଲେ। ଏ ସମ୍ପର୍କରେ ବ୍ଲକ ଅଧ୍ୟକ୍ଷା ଆଶ୍ରିତା ଭୋଇଙ୍କୁ ପଚାରିବାରୁ ସେ ଭୁଲ ବୁଝାମଣା ଯୋଗୁ ଏଭଳି ସମସ୍ୟା ହୋଇଥିଲା। ଆଗକୁ ସେଭଳି ଭୁଲ ହେବନି ଓ ଗଣମାଧ୍ୟମ ପ୍ରତିନିଧିଙ୍କ ସହ ଭଲ ସମ୍ପର୍କ ରଖିବାକୁ ପ୍ରତିଶ୍ରୁତି ଦେଇଥିଲେ।

# ଗଙ୍ଗାଧର ମେହେରଙ୍କ ସ୍ମୃତିପୀଠର ରୂପାନ୍ତର ପାଇଁ ୨ କୋଟି ମଞ୍ଜୁର

ଭୁବନେଶ୍ୱର, ୧୧।୮(ସୁନିତ୍ ମିଶ୍ର)

ବରପାଲିରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ସ୍ମୃତିପୀଠର ରୂପାନ୍ତର ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ସୂଚନାଯୋଗ୍ୟ, ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ୫-ଟି ସଚିବ ଭି.କେ. ପାଣ୍ଡିଆନ ଗତ ଜୁନ୍ ୨୬ ଓ ୨୭ରେ ବରଗଡ଼ ଗସ୍ତକରି ବିଭିନ୍ନ ଉନ୍ନୟନମୂଳକ ଯୋଜନାର ସମୀକ୍ଷା କରିବା ସହ ସାଧାରଣ ଲୋକଙ୍କୁ ଭେଟି ସେମାନଙ୍କ ଅଭିଯୋଗ ଶୁଣିଥିଲେ। ସେହିପରି ଜୁନ୍ ୨୬ରେ ପାଣ୍ଡିଆନ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ବରପାଲିସ୍ଥିତ ଜନ୍ମସ୍ଥାନ ପରିଦର୍ଶନକରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି କମିଟି ସଦସ୍ୟମାନଙ୍କ ସହ ଜନ୍ମସ୍ଥାନର ବିକାଶ ସମ୍ପର୍କରେ ଆଲୋଚନା କରିଥିଲେ। ସ୍ୱଭାବ କବି ଗଙ୍ଗାଧର ମେହେର ଓଡ଼ିଆ ଜାତିର ମହାନ୍ ସନ୍ତାନ ଥିଲେ। ଓଡ଼ିଆ ଭାଷା ଓ ସାହିତ୍ୟର ବିକାଶରେ ତାଙ୍କର ଅନବଦ୍ୟ ଅବଦାନ ଥିଲା। ତାଙ୍କ ଜନ୍ମପୀଠ ସାହିତ୍ୟପ୍ରେମୀ ତଥା ସାଧାରଣ ଲୋକଙ୍କ ପାଇଁ ଏକ ତୀର୍ଥସ୍ଥାନ ହେବ। ଏହି ଐତିହାସିକ ପୀଠର ସର୍ବାଙ୍ଗୀନ ଉନ୍ନତି ଓ ସୌନ୍ଦର୍ଯ୍ୟକରଣ କରାଯାଇ ଏହାକୁ ଓଡ଼ିଆ ସାହିତ୍ୟର ଏକ ଗବେଷଣା କେନ୍ଦ୍ର ତଥା ଏକ ଆକର୍ଷଣୀୟ ପୀଠରେ ପରିଣତ କରିବା ପାଇଁ ମୁଖ୍ୟମନ୍ତ୍ରୀ ୨ କୋଟି ଟଙ୍କା ମଞ୍ଜୁର କରିଥିବା ସରକାରଙ୍କ ପକ୍ଷରୁ କୁହାଯାଇଛି। ଏଥିରେ କବି ଭବନ, ସ୍ମୃତି ଭବନ ଓ ଗଙ୍ଗାଧର ମେହେର ପାର୍କ ନିର୍ମାଣ ହେବ। ରୂପାନ୍ତର ପରେ ପ୍ରତି ବର୍ଷ ଏଠାକୁ ଲକ୍ଷାଧିକ ଲୋକଙ୍କ ସମାଗମ ହେବା ଆଶା କରାଯାଉଥିବା ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି।




# ‘ବିକାଶ କାର୍ଯ୍ୟରେ ସ୍ୱଚ୍ଛତା ଅବଲମ୍ବନ କଲେ ଓଡ଼ିଶା ଆଗେଇବ’

### ମୟୂରଭଞ୍ଜରେ ୫-ଟି ସଚିବ

ବାରିପଦା,୧୧।୮(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଓଡ଼ିଶାବାସୀଙ୍କ ଅର୍ଥରେ ବିକାଶ ହେଉଥିବା କାର୍ଯ୍ୟକୁ ସ୍ୱଚ୍ଛତାର ସହ କାର୍ଯ୍ୟ କଲେ ଓଡ଼ଶା ଆଗେଇବ। ଜିଲାରେ ବିକାଶ ଧାରା ଆଗେଇ ଚାଲିଛି। ପାନୀୟଜଳ ସମସ୍ୟାକୁ ନେଇ ଅଭିଯୋଗର ତ୍ୱରିତ ସମାଧାନ କରାଯାଉଛି। ନୂତନ ଭାବେ କଲେଜଗୁଡ଼ିକ ୫-ଟି ଅଧୀନକୁ ଅଣାଯାଇ ଛାତ୍ରୀଛାତ୍ରମାନଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରାଯିବ। ଏକମାସ ମଧ୍ୟରେ ବହୁଳ ସମସ୍ୟା ଅଭିଯୋଗର ସମାଧାନ କରାଯିବ ବୋଲି ଶୁକ୍ରବାର ବାରିପଦାସ୍ଥିତ ଛଉ ପଡ଼ିଆରେ ଅନୁଷ୍ଠିତ ବିଶାଳ ସମାବେଶରେ ୫-ଟି ସଚିବ ଭି.କେ. ପାଣ୍ଡିଆନ ଯୋଗଦେଇ କହିଛନ୍ତି।

ମୟୂରଭଞ୍ଜ ଜିଲାର ବିକାଶ ନିମନ୍ତେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦେଇଥିବା ପ୍ରତିଶ୍ରୁତି ପାଳନ ହେବାକୁ ଯାଉଛି । ଦୀର୍ଘ ଦିନ ଧରି ଦାବି ହୋଇ ଆସୁଥିବା ବୁଢ଼ାବଳଙ୍ଗ ନଦୀରେ ଆଡିବନ୍ଧ ଓ ରିଂ ରୋଡ ନିର୍ମାଣ ପାଇଁ ଅନୁଦାନ ଘୋଷଣା କରାଯାଇଛି। ସେହିପରି ଦ୍ୱାରଶୁଣୀ ଘାଟିର ବିକଳ୍ପ ରାସ୍ତା ନିର୍ମାଣ, ପଣ୍ଡିତ ରଘୁନାଥ ମୁର୍ମୁଙ୍କ ସମାଧିପୀଠର ବିକାଶ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ମହାବିଦ୍ୟାଳୟର ରୂପାନ୍ତରୀକରଣ, ଉଦଳାସ୍ଥିତ ଦେବକୁଣ୍ଡର ବିକାଶ, ମା’ କୀଚକେଶ୍ୱରୀ ମନ୍ଦିରର ଉନ୍ନତୀକରଣ, ବହଳଦାର ଝରାଡିହୀରୁ ଲାଇଲମ ଘାଟି ରାସ୍ତା ନିର୍ମାଣ, ଠାକୁରମୁଣ୍ଡା ସ୍ଥିତ ଭୀମକୁଣ୍ଡର ବିକାଶ, ୨୯ଟି ଧାର୍ମିକ ଓ ଗୋଷ୍ଠୀ ଅନୁଷ୍ଠାନର ରୂପାନ୍ତରୀକରଣ, ବାରିପଦା ଷ୍ଟାଡିୟମର ଉନ୍ନତୀକରଣ, ଖିଚିଂ ସଂଗ୍ରହାଳୟର ଭିତ୍ତିଭୂମି ବିକାଶ, ବାରିପଦାସ୍ଥିତ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ବାସଗୃହର ନବୀକରଣ ଓ ମାଣତ୍ରୀସ୍ଥିତ ବାବା କଖାରୁଆ ବୈଦ୍ୟନାଥ ମନ୍ଦିର ବିକାଶ ନିମନ୍ତେ ମୋଟ ୩୫୭.୭୪କୋଟି ଟଙ୍କା ଘୋଷଣା କରାଯାଇଛି। ଖୁବଶୀଘ୍ର କାର୍ଯ୍ୟ ଆରମ୍ଭ କରାଯାଇ ଏହାର ପୂର୍ଣ୍ଣାଙ୍ଗ କରାଯିବ ବୋଲି ପାଣ୍ଡିଆନ କହିଛନ୍ତି। ପ୍ରାରମ୍ଭରେ ଉପସ୍ଥିତ କଲେଜର ଛାତ୍ରୀଛାତ୍ର, ସ୍ୱୟଂ ସହାୟିକା ଗୋଷ୍ଠୀ ଓ ଅଞ୍ଚଳବାସୀଙ୍କ ଅଭିଯୋଗପତ୍ର ଗ୍ରହଣ କରିବା ପାଇଁ ଲୋକଙ୍କ ନିକଟକୁ ଯାଇଥିଲେ। ସମସ୍ତଙ୍କ ସହ ହାତ ମିଳାଇ ଅଭିଯୋଗ ସମ୍ପର୍କରେ ବୁଝିଥିଲେ। ମନ୍ଦିର, ମସଜିଦ, ଚର୍ଚ୍ଚ, ଗୁରୁଦ୍ୱାର, କମ୍ୟୁନିଟି ସେଣ୍ଟରଗୁଡ଼ିକ ୭ଦିନ ମଧ୍ୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନୁମୋଦନ କରିବେ ୨ଦିନ ମଧ୍ୟରେ ପାନୀୟ ଜଳ ସମସ୍ୟାର ସମାଧାନ କରାଯିବ। ୫-ଟିରେ ସାମିଲ ହୋଇଥିବା କଲେଜଗୁଡିକ କାର୍ଯ୍ୟ ପୂର୍ବରୁ, କାର୍ଯ୍ୟ ମଧ୍ୟରେ ଓ କାର୍ଯ୍ୟ ପରେ ହୋଇଥିବା ଫଟୋ ଓ ଭିଡିଓକୁ ନିଜ ନିଜ ଇନଷ୍ଟାଗ୍ରାମରେ ଅପଲୋଡ କରିବାକୁ ଛାତ୍ରୀଛାତ୍ରଙ୍କୁ କହିଥିଲେ। ଯାହାର ଭଲ ପୋଷ୍ଟ ହୋଇଥିବା ସେହି ଭିଡିଓଗୁଡିକୁ ସେ ନିଜେ ପୁନର୍ବାର ପୋଷ୍ଟ କରିବେ ବୋଲି କହିଥିଲେ। ଏସଏଚଜି ମହିଳାଙ୍କ ପାଇଁ ହୋଇଥିବା ଯୋଜନାଗୁଡ଼ିକ ସମ୍ପର୍କରେ ବୁଝିଥିଲେ। ମହିଳାମାନଙ୍କୁ ସଶକ୍ତିକରଣ କରିବା ଉଦ୍ଦେଶ୍ୟ ନେଇ ମିଶନଶକ୍ତିକୁ ରାଜ୍ୟ ସରକାର ପ୍ରାଧାନ୍ୟ ଦେଇଛନ୍ତି। ବିଜୁ ସ୍ୱାସ୍ଥ୍ୟ କାର୍ଡରୁ ମିଳୁଥିବା ସୁବିଧା ସୁଯୋଗ ସମ୍ପର୍କରେ ପଚାରି ବୁଝିବା ସହ ମହିଳାମାନଙ୍କୁ ୧୦ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟବୀମା ସମ୍ପର୍କରେ ଅବଗତ ହୋଇଥିଲେ। ସେହିପରି କୃଷକ ଯୋଜନାରେ ଚାଷୀଙ୍କୁ ମିଳୁଥିବା ସରକାରୀ ଯୋଜନା ସମ୍ପର୍କରେ ବୁଝିଥିଲେ। ଗତ ମାର୍ଚ୍ଚରେ ଜିଲା ଗସ୍ତରେ ଆସି ବିଭିନ୍ନ ଆପତ୍ତି ଅଭିଯୋଗ ସମ୍ପର୍କରେ ସମାଧାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲାପାଳ ବିନୀତ ଭରଦ୍ୱାଜ, ପୂର୍ବାଞ୍ଚଳ ଆଇଜି ଇଂ. ହିମାଂଶୁ ଲାଲ, ଏସ୍‌ପି ବି.ଗଙ୍ଗାଧର, ଅତିରିକ୍ତ ଜିଲାପାଳ ରୁଦ୍ର ନାରାୟଣ ମହାନ୍ତ, ଜରୁରୀକାଳୀନ ଅଧିକାରୀ ସୁଜୟ ପତିଙ୍କ ସମେତ ଜିଲାର ସମସ୍ତ ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ।


ବାରିପଦାରେ ଉପସ୍ଥିତ ଛାତ୍ରଙ୍କ ସହ ହାତ ମିଳାଉଛନ୍ତି ୫-ଟି ସଚିବ ଭି.କେ. ପାଣ୍ଡିଆନ।

## ପ୍ରଥମ ପୃଷ୍ଠାରୁ...

### ନାବାଳିକାଙ୍କୁ ବଳାତ୍କାର ...

ରୋକିବାର ଭାବାବେଗ ସୃଷ୍ଟି ପାଇଁ ଅପରାଧୀଙ୍କୁ ଦଣ୍ଡ ଦିଆଯିବ। ବ୍ରିଟିଶମାନେ ପ୍ରଣୟନ କରିଥିବା ଆଇନ ଦାସତ୍ୱର ପ୍ରତୀକ। ଏହାକୁ ସେମାନେ ନିଜ ଶାସନକୁ ବିରୋଧ କରୁଥିବା ବ୍ୟକ୍ତିମାନଙ୍କୁ ଦଣ୍ଡିତ କରିବା ପାଇଁ ଆଣିଥିଲେ ବୋଲି ଶାହା କହିବା ସହ ୩ ବିଲ୍‌କୁ ଯାଞ୍ଚ ଲାଗି ସ୍ୱରାଷ୍ଟ୍ର ବ୍ୟାପାର ସମ୍ପର୍କିତ ସ୍ଥାୟୀ ସଂସଦୀୟ କମିଟିକୁ ପଠାଇବା ସକାଶେ ବାଚସ୍ପତି ଓମ୍ ବିର୍ଲାଙ୍କୁ ଅନୁରୋଧ କରିଛନ୍ତି।

ନୂଆ ଆଇନଗୁଡ଼ିକ ବଳରେ ମାମଲାର ଚାର୍ଜଶିଟ୍ ୯୦ ଦିନ ମଧ୍ୟରେ ଦାଖଲ କରିବାକୁ ପଡ଼ିବ। କୋର୍ଟ ସ୍ଥିତି ଅନୁଧ୍ୟାନ କରି ଆବଶ୍ୟକ ହେଲେ ଆହୁରି ୯୦ ଦିନ ସମୟ ଦେଇପାରିବେ। ୧୮୦ ଦିନ ମଧ୍ୟରେ ତଦନ୍ତ ଶେଷ କରିବାକୁ ପଡ଼ିବ ଏବଂ ଶୁଣାଣି ପାଇଁ କୋର୍ଟକୁ ପଠାଯିବ। ଶୁଣାଣି ପରେ ୩୦ ଦିନ ମଧ୍ୟରେ ରାୟ ଆସିବ। ମହିଳାଙ୍କୁ ବିବାହ, ନିଯୁକ୍ତି, ପଦୋନ୍ନତି ଆଳରେ କିମ୍ବା ନିଜ ପରିଚୟ ଲୁଚାଇ ଯୌନ ଉତ୍ପୀଡ଼ନ କଲେ ଏହା ଅପରାଧ ପଦବାଚ୍ୟ ହେବ। ଗଣବଳାତ୍କାର ପାଇଁ ୨୦ ବର୍ଷ କିମ୍ବା ଆଜୀବନ ଜେଲଦଣ୍ଡ ଦିଆଯିବ। ନାବଳାକିକାଙ୍କୁ ବଳାତ୍କାର କଲେ ମୃତ୍ୟୁଦଣ୍ଡରେ ଦଣ୍ଡିତ କରାଯିବ। ଭିଡ଼ହିଂସା ପାଇଁ ୭ ବର୍ଷ, ଆଜୀବନ ଓ ମୃତ୍ୟୁ ଦଣ୍ଡର ବ୍ୟବସ୍ଥା କରାଯାଇଛି।

ଅନ୍ୟପକ୍ଷେ ଦେଶଦ୍ରୋହ ଆଇନକୁ ସମ୍ପୂର୍ଣ୍ଣ ଭାବେ ଉଚ୍ଛେଦ କରାଯାଇଛି। ଭାରତ ଏକ ଗଣତନ୍ତ୍ର, ଯେଉଁଠି ସମସ୍ତଙ୍କ କହିବା ଅଧିକାର ରହିଛି। ନ୍ୟାୟ ସଂହିତା ବିଲ୍ ଅନୁସାରେ ଯିଏ ଦେଶ କିମ୍ବା ବିଦେଶରେ ଭାରତର ଏକତା, ଅଖଣ୍ଡତା ଓ ସୁରକ୍ଷାକୁ କ୍ଷତି ପହଞ୍ଚାଇବା ଉଦ୍ଦେଶ୍ୟରେ ଅପରାଧ ଘଟାଇବେ ଅଥବା ଜନସାଧାରଣଙ୍କୁ ଆତଙ୍କିତ କରିବେ କିମ୍ବା ସାଧାରଣ ଶୃଙ୍ଖଳା ଭଙ୍ଗ କରିବେ ତାଙ୍କୁ ଆତଙ୍କବାଦୀ କୁହାଯିବ। ଆତଙ୍କବାଦୀଙ୍କ ସମ୍ପତ୍ତି ବାଜ୍ୟାପ୍ତି ପାଇଁ ଏଥିରେ ନିୟମ ରହିବ। ଦଣ୍ଡ ଛାଡ଼ ନେଇ ସରକାରମାନଙ୍କ ରାଜନୈତିକ ଦୁରୁପଯୋଗ ରୋକିବା ଉଦ୍ଦେଶ୍ୟରେ ଏକ ନୂଆ ନିୟମ କରାଯାଇଛି। ଉକ୍ତ ନିୟମ ଅନୁସାରେ ମୃତ୍ୟୁଦଣ୍ଡକୁ ଆଜୀବନ କାରାଦଣ୍ଡରେ ପରିବର୍ତ୍ତିତ କରାଯିବ। ସେହିପରି ଆଜୀବନ ଜେଲ ହୋଇଥିଲେ ୭ ବର୍ଷର କାରାଦଣ୍ଡ ପରେ ଦୋଷୀଙ୍କୁ କ୍ଷମା ପ୍ରଦାନ କରାଯାଇପାରିବ। ବିହାରରେ ଅପରାଧୀରୁ ରାଜନେତା ସାଜିଥିବା ଆନନ୍ଦ ମୋହନଙ୍କୁ ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ସରକାର ନିକଟରେ ମୁକ୍ତ କରିଛନ୍ତି। ଏହାର ଅବତାରଣା କରି ଶାହା କହିଛନ୍ତି, ରାଜନୈତିକ ପ୍ରଭାବ ଯେମିତି ଆଇନକୁ ଫାଙ୍କିପାରିବ ନାହିଁ ସେଥିପାଇଁ ଏହି ବ୍ୟବସ୍ଥା କରାଯାଇଛି। ଦଣ୍ଡବିଧାନ ହାର ୯୦%କୁ ବୃଦ୍ଧି ସକାଶେ ଫୋରେନ୍‌ସିକ୍ ସାଇନ୍ସ ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଛି ବୋଲି ଶାହା ପ୍ରକାଶ କରିଛନ୍ତି।

### ମାଓବାଦୀଙ୍କ ଆକ୍ରମଣରେ ...

ସୀମାନ୍ତ କୋଲହାନ ଅଞ୍ଚଳରେ ଯବାନମାନେ ମାଓବାଦୀ ଦମନ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଟୋଣ୍ଟୋ ଥାନା ଅନ୍ତର୍ଗତ ତୁମ୍ବାହାକା ଜଙ୍ଗଲରେ ବରିଷ୍ଠ ମାଓବାଦୀ ନେତା ମିଶିର ବେସରା ଓ ଟିମ୍ ସକ୍ରିୟ ଥିବା ସୂଚନା ପାଇ ସିଆର୍‌ପିଏଫ୍ ଓ ଅନ୍ୟ ସୁରକ୍ଷାବଳ କୋମ୍ବିଂ ଅପରେଶନକୁ ଜୋରଦାର କରିଥିଲେ। ଏହି ସମୟରେ ଗତ ୯ ତାରିଖରେ ଯବାନ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା ଏବଂ ମାଓବାଦୀମାନେ ଘଟଣାସ୍ଥଳରୁ ଛତ୍ରଭଙ୍ଗ ଦେଇଥିଲେ। ସେମାନଙ୍କ କ୍ୟାମ୍ପରୁ ବିପୁଳ ଗୋଳାବାରୁଦ, ଅସ୍ତ୍ରଶସ୍ତ୍ର, ପୁସ୍ତିକା, ପେନ୍ ଡ୍ରାଇଭ, ପୋଷ୍ଟର ବ୍ୟାନର ଆଦି ଜବତ ହୋଇଥିଲା। ସେହିପରି ଶୁକ୍ରବାର ସକାଳେ ଯବାନମାନେ ଶୋଶୋପି ଗ୍ରାମରେ କୋମ୍ବିଂ କରୁଥିବା ବେଳେ ମାଓବାଦୀମାନେ ହଠାତ୍ ଗୁଳି ଚଳାଇଥିଲେ। ଏଥିରେ ୨ ଜଣ ଯବାନ ସୁଶାନ୍ତ ଖୁଣ୍ଟିଆ ଓ ମୁନାଲାଲ ଯାଦବ ଗୁରୁତର ହୋଇଥିଲେ। ଉଭୟଙ୍କୁ ଏୟାରଲିଫ୍ଟ କରାଯାଇ ରାଞ୍ଚି ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ସୁଶାନ୍ତଙ୍କ ମୃତ୍ୟୁ ଘଟିଥିବା ସିଆର୍‌ପିଏଫ୍ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷେ ଯବାନଙ୍କ ପ୍ରତିଆକ୍ରମଣରେ ମାଓବାଦୀ କ୍ୟାମ୍ପ ଧ୍ୱଂସ ହୋଇଛି। ଉଲ୍ଲେଖଯୋଗ୍ୟ, ସୀମାନ୍ତ ଗ୍ରାମଗୁଡ଼ିକରେ ଗତ ଜାନୁୟାରୀରୁ କୋମ୍ବିଂ ଅପରେଶନ ଜାରି ରହିଛି। ଏଥିରେ ୧୨ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ହୋଇଥିବା ବେଳେ ଗୁଳିବିନିମୟ ଓ ଆଇଇଡି ବ୍ଲାଷ୍ଟରେ ୧୨ରୁ ଊର୍ଦ୍ଧ୍ୱ ଯବାନ ଆହତ ହୋଇଥିବା ସୂଚନା ମିଳିଛି।

ଅନ୍ୟପକ୍ଷରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି। କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଟୁଇଟ୍ ଯୋଗେ ଶୋକ ପ୍ରକାଶ କରି କହିଛନ୍ତି, ସୁଶାନ୍ତ ଶହୀଦ ହେବା ଖବର ଶୁଣି ସେ ମର୍ମାହତ ହୋଇଛନ୍ତି। ଦେଶମାତୃକା ପାଇଁ ତାଙ୍କର ବଳିଦାନ ସ୍ମରଣୀୟ ହୋଇରହିବ। ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଏହି ଦୁଃଖଦ ସମୟରେ ମହାପ୍ରଭୁ ପରିବାରବର୍ଗଙ୍କୁ ଅସୀମ ଧୈର୍ଯ୍ୟ ଓ ସାହସ ପ୍ରଦାନ କରନ୍ତୁ ବୋଲି ଧର୍ମେନ୍ଦ୍ର ଟୁଇଟ୍‌ରେ ଉଲ୍ଲେଖ କରିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଅ-ନାମାକ୍ଷର ବ୍ୟକ୍ତିଙ୍କ ପାରିବାରିକ ଓ କର୍ମ କ୍ଷେତ୍ରର ପରିସ୍ଥିତି ଭଲ ରହିବ। ପ୍ରତ୍ୟେକ କ୍ଷେତ୍ରରେ ମନ ବୁଝିଲା ଭଳି କଥା କହି ପରିସ୍ଥିତିକୁ ସୁଧାରି ନେବେ। ସକାଳୁ ସକାଳୁ ବନ୍ଧୁଙ୍କ ଅନୁରୋଧବଶତଃ ଦୂରଯାତ୍ରା କରିବାକୁ ପଡ଼ିପାରେ। ସାହିତ୍ୟ ଚର୍ଚ୍ଚା, କଳା, ସଙ୍ଗୀତ, ଚଳଚ୍ଚିତ୍ର ଓ ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ।

**ବୃଷ** ବ-ନାମାକ୍ଷର ବ୍ୟକ୍ତିମାନେ ବନ୍ଧୁଙ୍କଠାରୁ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ କାର୍ଯ୍ୟ ସାଧନ କରିପାରନ୍ତି। ସଭାସମିତିରେ ଆଲୋଚନା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ। ଆକସ୍ମିକ ସମସ୍ୟା ହେତୁ ଗଠନମୂଳକ କାର୍ଯ୍ୟରେ ଗତି ମନ୍ଥର ହେବ। ଉପରେ ପଡ଼ି ବନ୍ଧୁ କିଛି କହିବା କାରଣରୁ ନେଇ ପାରିବାରିକ ଅଶାନ୍ତି ଲାଗିରହିବ।

**ମିଥୁନ** ଭାବୁଥିବେ ଗୋଟେ କଲା ବେଳକୁ ଆଉ ଗୋଟିଏ କାମ କରିବାକୁ ବାଧ ହେବେ। ନିଜ ଇଚ୍ଛା ଅନୁଶାରେ କୌଣସି କାମ କରି ନ ପରିବାରୁ ସମାଲୋଚିତ ହେବେ। କୁ-ନାମାକ୍ଷର ବ୍ୟକ୍ତି ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ। ସହକର୍ମୀମାନେ କୌଶଳରେ କାର୍ଯ୍ୟ ହାସଲ କରିବେ।

**କର୍କଟ** ଆଜି ଆପଣ ଦ୍ୱନ୍ଦ୍ୱରେ ପଡ଼ି କୌଣସି ଠିକ୍ ନିଷ୍ପତ୍ତି ନେଇ ପାରିବେ ନାହିଁ। ଆକସ୍ମିକ ଭାବରେ ବନ୍ଧୁଙ୍କ ନିକଟରୁ ଆଶା କରୁଥିବା ଶୁଭ ଖବର ଶୁଣି ଖୁସି ହେବେ। କର୍ମକ୍ଷେତ୍ରରେ ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁ ମିଳନରୁ ଉତ୍ସାହିତ ହେବେ। ଡ-ନାମାକ୍ଷର ବ୍ୟକ୍ତିଙ୍କର ନିକଟ ସମ୍ପର୍କୀୟମାନଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହେବାର ଯୋଗ ରହିଛି।

**ସିଂହ** କର୍ମକ୍ଷେତ୍ରରେ ଉଚ୍ଚବର୍ଗର ବ୍ୟକ୍ତିଙ୍କ ଦ୍ୱାରା ସହଯୋଗ ପାଇବେ। ସମ୍ପର୍କୀୟଙ୍କ ସାହାଯ୍ୟରୁ ବହୁତ ଦିନରୁ ଖୋଜୁଥିବା ଜିନିଷ ହଠାତ୍ ପାଇଯିବେ। ମାଲିମକଦ୍ଦମାରେ ବିଚାର ବିଳମ୍ବିତ ହେବାରୁ ମନସ୍ତାପ ବଢ଼ିଯାଇପାରେ। ମ-ନାମାକ୍ଷର ବ୍ୟକ୍ତିଙ୍କ ଅସମ୍ପୂର୍ଣ୍ଣ କାମକୁ ସମ୍ପୂର୍ଣ୍ଣ କରିବା ଦିଗରେ ଆଜି ଦିନଟିର ଅଧିକାଂଶ ସମୟ ବିତିବ।

**କନ୍ୟା** ପାରିବାରିକ ଜୀବନରେ ସ୍ନେହ, ଶ୍ରଦ୍ଧା ଓ ଆଦରର ଅଭାବ ଅନୁଭବ କରିବେ। ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗରୁ ଉତ୍ସାହିତ ହେବେ। ପରୋକ୍ଷ ଶତ୍ରୁତା କାରଣରୁ କର୍ମ କ୍ଷେତ୍ରରେ ଅସ୍ଥିରତା ସୃଷ୍ଟି ସମ୍ଭାବନା ରହିଛି। ପୂ-ନାମାକ୍ଷର ବ୍ୟକ୍ତିମାନେ ଘର ଲୋକଙ୍କୁ ଉପେକ୍ଷା କରିବା ହେତୁ ପରକ୍ଷଣରେ ଅନୁତାପ କରିବାକୁ ପଡ଼ିପାରେ।

**ତୁଳା** କର୍ମକ୍ଷେତ୍ରରେ ପ୍ରତିବନ୍ଧକ ଆସିଲେ ମଧ୍ୟ କାମ ଅଟକିବ ନାହିଁ। କେତେକ କ୍ଷେତ୍ରରେ ବନ୍ଧୁଙ୍କ ସମ୍ମୁଖରେ ମନ କଥା କହିବାରେ ପଛେଇ ଯିବେ। ତ-ନାମାକ୍ଷର ବ୍ୟକ୍ତିମାନେ ପୂର୍ବରୁ କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରହନ୍ତୁ। ପାରିବାରିକ ଅଶାନ୍ତି ହେତୁକ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ।

**ବିଛା** ପାରିବାରିକ ସମସ୍ୟା ଚିନ୍ତାକରି ମନ ଭାରାକାନ୍ତ ରହିବ। ନ-ନାମାକ୍ଷର ବ୍ୟକ୍ତିମାନେ ନୀଚ ସଂସର୍ଗରୁ ଦୂରେଇ ରହିବା ଭଲ, ଅନ୍ୟଥା କଳହର ଆଶଙ୍କା ରହିଛି। କଳା, ସଙ୍ଗୀତ, ଚଳଚ୍ଚିତ୍ର, କ୍ରୀଡ଼ା, ପ୍ରତିଯୋଗିତା କ୍ଷେତ୍ରରେ ସଫଳତା ମିଳିପାରେ। କର୍ମକ୍ଷେତ୍ରରେ ଅର୍ଥ ସମ୍ପର୍କକୁ କେନ୍ଦ୍ରକରି ତର୍କର ସମ୍ମୁଖୀନ ହେବେ।

**ଧନୁ** ଆଜି ପାରିବାରିକ କ୍ଷେତ୍ରରେ ଉଲ୍ଲେଖନୀୟ କାମ କରି ଉଚ୍ଚ ପ୍ରଶଂସିତ ହେବେ। ଭ-ନାମାକ୍ଷର ବ୍ୟକ୍ତିମାନେ ପ୍ରକାଶନ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। କଠୋର କଥା କହିବା କାରଣରୁ ପରିବାରରେ କଳହ ଦେଖାଦେଇପାରେ। ଖଳ ଲୋକମାନଙ୍କ ଉଦ୍ଦେଶ୍ୟମୂଳକ ମିଥ୍ୟା ଗୁଜବରେ ଆତଙ୍କିତ ହୁଅନ୍ତୁ ନାହିଁ।

**ମକର** ପାରିବାରିକ ଅସ୍ଥିରତା କାରଣରୁ ମାନସିକ ସ୍ୱାସ୍ଥ୍ୟ ବିଶେଷ ଭଲ ରହି ନ ପାରେ। ଖ-ନାମାକ୍ଷର ବ୍ୟକ୍ତିମାନଙ୍କ କର୍ମକ୍ଷେତ୍ରରେ ସମସ୍ୟା ଜନିତ ମନ ବିଚଳିତ ରହିବ। ଆନୁଷ୍ଠାନିକ କ୍ଷେତ୍ରରେ ଗଠନମୂଳକ କାର୍ଯ୍ୟରୁ ପ୍ରଶଂସିତ ହେବେ। ଦୂରଯାତ୍ରାର ସୁଯୋଗ ପାଇବେ। ସ୍ୱାସ୍ଥ୍ୟପ୍ରତି ଅବହେଳା କରି ଅନୁତାପ କରିପାରନ୍ତି।

**କୁମ୍ଭ** ଆଜି ଶ-ନାମାକ୍ଷର ବ୍ୟକ୍ତିଙ୍କ ପାଇଁ ସହଜରେ ହାତକୁ ନେଇଥିବା କାମଗୁଡ଼ିକ ସମ୍ପନ୍ନ ହୋଇଯିବ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ। କୌଣସି ବନ୍ଧୁଙ୍କ ସହାୟତାରେ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ପରିବାରରେ ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି କଳହ ସୃଷ୍ଟି ହୋଇପାରେ।

**ମୀନ** ପାଖ ପଡ଼ୋଶୀଙ୍କ ସହ ସମ୍ପର୍କରେ ଅବନତି ଘଟିବା ପାଇଁ ଚେଷ୍ଟା କଲେ ଅବଶ୍ୟ ଉପକୃତ ହେବେ। ନିଜ ଲୋକଙ୍କ କଦର୍ଯ୍ୟ ବ୍ୟବହାରରେ ଅସନ୍ତୁଷ୍ଟ ହୋଇପାରନ୍ତି। ବ୍ୟବସାୟରେ ସଫଳତା ହାସଲ କରିବେ କିନ୍ତୁ ପରିବହନରେ ସମସ୍ୟା ଲାଗି ରହିବ। ଚ-ନାମାକ୍ଷର ବ୍ୟକ୍ତିଙ୍କ ପରିବାରରେ କାହା କଥା ସହ ଅନ୍ୟ କାହାର କଥା ମିଶିବ ନାହିଁ।

ଆଜି ଶ୍ରାବଣ (ମଳ) କୃଷ୍ଣପକ୍ଷ ଏକାଦଶୀ ଯୁକ୍ତ ଦ୍ୱାଦଶୀ, ଶନିବାର, ଅଦ୍ୟ ସ୍ମାର୍ତ୍ତସମ୍ମତ ପୁରୁଷୋତମୀ ଏକାଦଶୀ ଏବଂ ବୈଷ୍ଣବ ସମ୍ମତ ଉନ୍ମିଳନୀ ଏକାଦଶୀ ଉପବାସ, ଅଗଷ୍ଟ ୧୨ ତାରିଖ, ବିଶ୍ୱ ଯୁବ ଦିବସ, ଜାତୀୟ ଗ୍ରନ୍ଥାଗାରିକ ଦିବସ, ରାଶି ନକ୍ଷତ୍ର-ଆରଦ୍ରା/ମିଥୁନ, ଦିବା ଘ.୧୦।୧୬ ଗତେ ଘ.୦୧।୦୮ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୮।୪୦ ଗତେ ଘ.୧୦।୧୬ ମଧ୍ୟେ ରାହୁକାଳ।

**ଦ୍ୱିତୀୟ ବିଶ୍ୱଯୁଦ୍ଧ ବୋମା ଠାବ: ୧୪ ହଜାର ଲୋକ ସ୍ଥାନାନ୍ତର**

ପୋଲାଣ୍ଡର ଲୁବିନ ସହରର ଏକ ନିର୍ମାଣାଧୀନ କୋଠା ନିକଟରୁ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟର ବୋମା ଠାବ ହୋଇଛି। ନିର୍ମାଣ ଶ୍ରମିକମାନେ ସେଠାରେ କାମ କରୁଥିବାବେଳେ ମାଟିତଳେ ଏକ ବୋମା ଥିବାର ଦେଖିବାକୁ ପାଇଥିଲେ। ଫଳରେ ତୁରନ୍ତ ସେହି ଅଞ୍ଚଳରୁ ୧୪ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କୁ ସ୍ଥାନାନ୍ତର କରାଯାଇଥିଲା। ଘଟଣା ଜଣାପଡିବା ପରେ ମିଲିଟାରି ଇଞ୍ଜିନିୟରମାନେ ତୁରନ୍ତ ସେଠାରେ ପହଞ୍ଚି ବୋମାକୁ ବାହାର କରିବା ସହ ନିଷ୍କ୍ରିୟ କରିଥିଲେ। ଠାବ ହୋଇଥିବା ବୋମାର ଓଜନ ପ୍ରାୟ ୨୫୦ କେ.ଜି. ହେବ ବୋଲି ଜଣାପଡିଛି। ଦ୍ୱିତୀୟ ବିଶ୍ୱଯୁଦ୍ଧ ପୂର୍ବରୁ ଲୁବିନରେ ବିମାନ କାରଖାନା ଏବଂ ବିମାନବନ୍ଦର ଥିବାରୁ ସେଗୁଡିକୁ ଟାର୍ଗେଟ କରାଯାଇଥାଇପାରେ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।

**ଧରିତ୍ରୀର ୫୦ ବର୍ଷ ଉପଲକ୍ଷେ ବକ୍ତୃତା ପ୍ରତିଯୋଗିତା**
ଆଳି ମହାବିଦ୍ୟାଳୟ, କେନ୍ଦ୍ରାପଡ଼ା

# ଗଣମାଧ୍ୟମ ବିନା ଗଣତାନ୍ତ୍ରିକ ଶାସନ ଦିଗହରା




କେନ୍ଦ୍ରାପଡ଼ା ଜିଲାର ଆଳି ମହାବିଦ୍ୟାଳୟରେ ଶୁକ୍ରବାର 'ଧରିତ୍ରୀ' ପକ୍ଷରୁ ଆୟୋଜିତ 'ଗଣମାଧ୍ୟମ, ଗଣତନ୍ତ୍ର, ଯୁବପିଢ଼ି' ଶୀର୍ଷକ ବକ୍ତୃତା ପ୍ରତିଯୋଗିତାରେ ମଞ୍ଚାସୀନ ଅତିଥି।



ବକ୍ତୃତା ପ୍ରତିଯୋଗିତାରେ ଉପସ୍ଥିତ ଛାତ୍ରୀଛାତ୍ର ଓ ଅନ୍ୟମାନେ।

ଆଳି,୧୧।୮ (ବନମାଳୀ ସେନାପତି)

ଗଣମାଧ୍ୟମ ସମାଜରେ ସଚେତନତା ସୃଷ୍ଟି କରିବା ସହ ଗଣତନ୍ତ୍ରର ଜାଗ୍ରତ ପ୍ରହରି ଭାବେ କାର୍ଯ୍ୟ କରିଥାଏ। ଯୁବଶକ୍ତି ଗଣମାଧ୍ୟମ ଦ୍ୱାରା ଅଧିକ ପ୍ରଭାବିତ ହୋଇଥାନ୍ତି। ଗଣତନ୍ତ୍ରକୁ ସୁଦୃଢ଼ କରିବାରେ ଯୁବପିଢିଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ଧରିତ୍ରୀର ୫୦ବର୍ଷ ଉପଲକ୍ଷେ କେନ୍ଦ୍ରାପଡ଼ା ଜିଲା ଆଳି ମହାବିଦ୍ୟାଳୟ ସଭାକକ୍ଷ ପରିସରରେ ଶୁକ୍ରବାର ଅନୁଷ୍ଠିତ 'ଗଣମାଧ୍ୟମ, ଗଣତନ୍ତ୍ର ଓ ଯୁବପିଢ଼ି' ଶୀର୍ଷକ ବକ୍ତୃତା ପ୍ରତିଯୋଗିତାରେ ଅତିଥିମାନେ ଏହା ପ୍ରକାଶ କରିଥିଲେ। ମୁଖ୍ୟ ଅତିଥି ଭାବେ ଆଳି ମହାବିଦ୍ୟାଳୟ ଅଧ୍ୟକ୍ଷ ଦୁର୍ଯ୍ୟୋଧନ ମଲ୍ଲିକ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସେ କହିଥିଲେ ଯେ, ଧରିତ୍ରୀର ଏହି କାର୍ଯ୍ୟକ୍ରମ ଛାତ୍ରୀଛାତ୍ରମାନଙ୍କୁ ସଚେତନ କରାଇବାରେ ଏକ ସଫଳ ପ୍ରୟାସ। ଯୁବଶକ୍ତି ସଚେତନ ହୋଇ ଆଗେଇ ଆସିଲେ ଗଣତନ୍ତ୍ର ସୁଦୃଢ଼ ହେବ। ଗଣତନ୍ତ୍ର ସୁଦୃଢ଼ ହେଲେ ଭାରତ ସଶକ୍ତ ହେବ। ଗଣମାଧ୍ୟମ ହିଁ ଏ ଦିଗରେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ବହନ କରୁଛି। ମହାବିଦ୍ୟାଳୟର ରାଜନୀତି ବିଜ୍ଞାନର ପ୍ରାଧ୍ୟାପକ ବିକ୍ରମ କୁମାର ବେହୁରା କହିଥିଲେ, ଗଣମାଧ୍ୟମ ହେଉଛି ଜନତାର ସ୍ୱର। ଗଣତନ୍ତ୍ରରେ ଗଣମାଧ୍ୟମ ନ ରହିଲେ ଶାସନ ଦିଗହରା ହୋଇଯିବ। ଗୋଟିଏ ସୁସ୍ଥ ସମାଜ ଗଠନ ପାଇଁ ଗଣମାଧ୍ୟମ ପ୍ରମୁଖ ବିନ୍ଧାଣି ହୋଇଥାଏ। ବିଚାରକ ଭାବେ ଯୋଗଦେଇଥିବା ରାଜନୀତି ବିଜ୍ଞାନ ପ୍ରାଧ୍ୟାପକ ପ୍ରଫୁଲ୍ଲ କୁମାର ପରିଡ଼ା କହିଥିଲେ, ଆଜିର ଯୁବପିଢ଼ିମାନଙ୍କ ଦ୍ୱାରା ସବୁକିଛି ସମ୍ଭବ। ସେମାନେ ନିଜ ଦାୟିତ୍ୱ ପ୍ରତି ସଚେତନ ହେଲେ ସମାଜର ଉନ୍ନତି ହେବ। ଧରିତ୍ରୀର ପ୍ରୟାସକୁ ସେ ପ୍ରଶଂସା କରିବା ସହ ଗଣମାଧ୍ୟମ ହିଁ ଯୁବ ସମାଜର ପଥପ୍ରଦର୍ଶକ ହେବ ବୋଲି କହିଥିଲେ। ଅନ୍ୟତମ ବିଚାରକ ଡ. ବିଭୂତି ଭୂଷଣ ପ୍ରଧାନ କହିଥିଲେ ଯେ, ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ କୁହାଯାଉଥିବା ଗଣମାଧ୍ୟମ ନିର୍ଭୀକ ହେଲେ ଅନ୍ୟ ତିନି ସ୍ତମ୍ଭ ଠିକ୍‌ଭାବେ କାର୍ଯ୍ୟ କରିବ। ଧରିତ୍ରୀର ଉପବାର୍ତ୍ତା ସମ୍ପାଦକ ମିହିର କାନ୍ତ ଦାସ ପ୍ରାରମ୍ଭିକ ଉଦ୍‌ବୋଧନ ଦେଇ କାର୍ଯ୍ୟକ୍ରମ ଆୟୋଜନର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ।

ବକ୍ତୃତା ପ୍ରତିଯୋଗିତାରେ ମହାବିଦ୍ୟାଳୟର ଯୁକ୍ତ ୩ ରାଜନୀତି ବିଜ୍ଞାନ ଅନର୍ସ ଛାତ୍ର ବିଶ୍ୱଜିତ ପାତ୍ର ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଯୁକ୍ତ ୩ ରାଜନୀତି ବିଜ୍ଞାନ ଅନର୍ସ ଛାତ୍ରୀ ସସ୍ମିତା ଗେରୁ ଓ ମୋନାଲିକା ବିଶ୍ୱାଳ ଯୁଗ୍ମ ଭାବେ ଦ୍ୱିତୀୟ ଏବଂ ଛାତ୍ରୀ ଅର୍ପିତା ପଣ୍ଡା ତୃତୀୟ ସ୍ଥାନ ହାସଲ କରିଛନ୍ତି। ଏହି କାର୍ଯ୍ୟକ୍ରମକୁ ଧରିତ୍ରୀର କେନ୍ଦ୍ରାପଡ଼ା ଜିଲା ପ୍ରତିନିଧି ଜଗନ୍ନାଥ ଧଳ ସଂଯୋଜନା କରିଥିବାବେଳେ ଆଳି ପ୍ରତିନିଧି ବନମାଳୀ ସେନାପତି ଧନ୍ୟବାଦ ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଧରିତ୍ରୀର ବରିଷ୍ଠ ସହସମ୍ପାଦକ ମନୋରଞ୍ଜନ ଦାଶ, ଅରୁଣ ପ୍ରସାଦ କାନୁନ୍‌ଗୋ, ପ୍ରସାର ବିଭାଗର ଅଭୟ ମହାଭୋଇ, ଡେରାବିଶ ପ୍ରତିନିଧି ବେବର୍ତ୍ତା ଅଜୟ ଦାସ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟାପକ ଓ କର୍ମଚାରୀମାନେ ସହଯୋଗ କରିଥିଲେ।

## ବିଜେତାଙ୍କ ମୁଖରୁ...

### ଯୁବଶକ୍ତି ହିଁ ପୃଥିବୀର ଶ୍ରେଷ୍ଠ ଶକ୍ତି



ଗଣତନ୍ତ୍ରର ସଫଳତା ପାଇଁ ଗଣମାଧ୍ୟମର ଅବଶ୍ୟକତା ରହିଛି। ଗଣମାଧ୍ୟମ ନିରପେକ୍ଷ ରହି ଖବର ପ୍ରସାରଣ କଲେ ତାହା ଗଣତନ୍ତ୍ର ପାଇଁ ମଙ୍ଗଳଦାୟକ। ଯୁବଶକ୍ତି ଗଣତନ୍ତ୍ର ଓ ଗଣମାଧ୍ୟମ ମଧ୍ୟରେ ସଂଯୋଗ ରକ୍ଷା କରି ଦେଶକୁ ଆଗେଇ ନେଇ ପାରିବେ। ଯୁବଶକ୍ତି ହିଁ ପୃଥିବୀର ଶ୍ରେଷ୍ଠ ଶକ୍ତି। ଦେଶ ଗଠନରେ ଯୁବଶକ୍ତି ଉପରେ ଉତ୍ତର ଦାୟିତ୍ୱ ରହିଛି। ଧରିତ୍ରୀର ୫୦ ବର୍ଷ ଉପଲକ୍ଷେ ଆୟୋଜିତ ବକ୍ତୃତା ପ୍ରତିଯୋଗିତାରେ ଭାଗନେଇ ପ୍ରଥମ ସ୍ଥାନ ଅଧିକାର କରିଥିବାରୁ ନିଜକୁ ଗର୍ବିତ ଅନୁଭବ କରୁଛି।

\- ବିଶ୍ୱଜିତ ପାତ୍ର, ପ୍ରଥମ ବିଜେତା

### ଦୁର୍ନୀତିକୁ ଲୋକଲୋଚନକୁ ଆଣିଥାଏ ଗଣମାଧ୍ୟମ



ଗଣମାଧ୍ୟମ ଓ ଗଣତନ୍ତ୍ର ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ। ଗଣମାଧ୍ୟମ ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ସତ୍ୟ ଖବର ପରିବେଷଣ କରିବା ଉଚିତ। ଆମେ ଗଣମାଧ୍ୟମକୁ ଧନ୍ୟବାଦ ଦେବା। କେବଳ ଗଣମାଧ୍ୟମ ହିଁ ରାଜନୈତିକ ଲୋକଙ୍କ ଦୁର୍ନୀତିକୁ ଲୋକଲୋଚନକୁ ଆଣିଥାଏ। କିନ୍ତୁ ତୋଷାମଦିଆ ଖବର ଏବଂ ସମାଜର ହିତସାଧନ କରୁ ନ ଥିବା ଖବରକୁ ସମସ୍ତେ ବର୍ଜନ କରିବା ଉଚିତ। ଏଥିପାଇଁ ଯୁବଗୋଷ୍ଠୀଙ୍କ ଭୂମିକା ଆଗରେ ରହିବା ଉଚିତ। ଧରିତ୍ରୀର ଏହି କାର୍ଯ୍ୟକ୍ରମ ଅତି ପ୍ରଶଂସନୀୟ।

\- ମୋନାଲିକା ବିଶ୍ୱାଳ, ଦ୍ୱିତୀୟ ବିଜେତା

### ଗଣମାଧ୍ୟମ ନ ରହିଲେ ଗଣତନ୍ତ୍ର ଜଣତନ୍ତ୍ର ପାଲଟିବ



ଗଣତନ୍ତ୍ର ଶାସନରେ ଗଣମାଧ୍ୟମ ନ ରହିଲେ ଶାସନ ଦୁର୍ନୀତିଗ୍ରସ୍ତ ହେବ। ଗଣତନ୍ତ୍ର ଜଣତନ୍ତ୍ରରେ ପରିଣତ ହୋଇଯିବ। ରାଜନୈତିକ ବ୍ୟକ୍ତିବିଶେଷ ନିଜ ସ୍ୱାର୍ଥ ପାଇଁ ଗଣତନ୍ତ୍ରକୁ ଅତଳ ସାଗରରେ ବୁଡ଼ାଇଦେବେ। ତେଣୁ ଏହାକୁ ରକ୍ଷା କରିବାକୁ ଯୁବପିଢି ଆଗେଇ ଆସିବା ଉଚିତ। ସେମାନେ ସ୍ୱପ୍ନ ନୁହେଁ, ବାସ୍ତବତା ସହ ଲଢ଼େଇ କରି ଠିକ୍ ରାସ୍ତା ତିଆରି କରିପାରିବେ। ଧରିତ୍ରୀ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମ ନିଶ୍ଚିତ ଭାବେ ଯୁବପିଢିଙ୍କୁ ସଚେତନ କରିବ।

\- ସସ୍ମିତା ଗେରୁ, ଦ୍ୱିତୀୟ ବିଜେତା

### ଧରିତ୍ରୀ ସାଧାରଣ ଲୋକଙ୍କ ସ୍ୱର



ଗଣତନ୍ତ୍ର ଏକ ଜନହିତକର ଶାସନର ନମୁନା ଏବଂ ଏଥିରେ ଗଣମାଧ୍ୟମର ସ୍ଥାନ ସ୍ୱତନ୍ତ୍ର। ଭୋକିଲା ମଣିଷର ସ୍ୱର ଗଣମାଧ୍ୟମ ଦ୍ୱାରା ଚେଇଁ ଶୋଇଥିବା ସରକାରଙ୍କ ନିକଟରେ ପହଞ୍ଚିଥାଏ। ଧରିତ୍ରୀ ହେଉଛି ସାଧାରଣ ଲୋକଙ୍କ ସ୍ୱର। ଆଜିର ଯୁବଶକ୍ତି ଜାତିର ଜନକ ମହାତ୍ମା ଗାନ୍ଧୀ, ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲ, ନେତାଜୀ ସୁଭାଷ ଚନ୍ଦ୍ର ବୋଷ, ବକ୍ସି ଜଗବନ୍ଧୁ ଓ ଉତ୍କଳମଣି ଗୋପବନ୍ଧୁ ଦାସଙ୍କୁ ଅନୁସରଣ କରି ସମାଜ ଗଠନରେ ବ୍ରତୀ ହେବା ଉଚିତ।

\- ଅର୍ପିତା ପଣ୍ଡା, ତୃତୀୟ

## ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀଛାତ୍ର


ଅବନ୍ତିକା ବେହେରା


ଅଭିଷେକ ମହାନ୍ତି


ଜ୍ୟୋତିକୁମାରୀ ପଣ୍ଡିତ


ପୂଜା ବେହେରା


ରଞ୍ଜିତ ପାତ୍ର


ସ୍ମରଣିକା ପାଣି


ସ୍ୱପ୍ନା ବାରିକ


ସ୍ୱୟଂପ୍ରଭା ମଲ୍ଲିକ




# ଡିଏନ୍‌ଏ ରିପୋର୍ଟ ଧରି ଦୀପିକାଙ୍କ ଧାରଣା

ବ୍ରହ୍ମପୁର,୧୧।୮ (ସୁବାସ ଚନ୍ଦ୍ର ପାଢ଼ୀ)

**'ଶିଶୁପୁତ୍ରକୁ ବାପାର ହକ୍ ନ ମିଳିବା ଯାଏ ଉଠିବିନି'**

ଶିଶୁପୁତ୍ରକୁ ନ୍ୟାୟ ଓ ନିଜ ଅଧିକାର ଦାବିରେ ବ୍ରହ୍ମପୁର ଦେଶୀବେହେରା ସାହିସ୍ଥିତ ପ୍ରେମିକଙ୍କ ଘର ଆଗରେ କେ. ଦୀପିକାଙ୍କ ଧାରଣା ଜାରି ରହିଛି। ଶୁକ୍ରବାର ସେ ନିଜର ଓ ପ୍ରେମିକ କେ.ଦୀନେଶଙ୍କ ଡିଏନ୍‌ଏ ରିପୋର୍ଟ ଥିବା ଏକ ଫ୍ଲେକ୍ସ ଧରି ଧାରଣାରେ ବସିଛନ୍ତି। ଶିଶୁପୁତ୍ରର ବାପା, ମା' ଦୀନେଶ ଓ ଦୀପିକା ବୋଲି ଉକ୍ତ ରିପୋର୍ଟରେ ଦର୍ଶାଯାଇଛି। ରାଜ୍ୟ ଫୋରେନ୍‌ସିକ୍ ଲ୍ୟାବ ଦେଇଥିବା ଡିଏନ୍‌ଏ ଟେଷ୍ଟ ରିପୋର୍ଟର ନକଲ ଦୀପିକା ଗୁରୁବାର ରାତିରେ ପୋଲିସଠାରୁ ନେଇଛନ୍ତି।

ଦୀପିକା କହିଛନ୍ତି, ମୋତେ ଡିଏନ୍‌ଏ ରିପୋର୍ଟ ମିଳିଛି। ଉକ୍ତ ରିପୋର୍ଟ ଅନୁଯାୟୀ ଦୀନେଶ ହେଉଛନ୍ତି ମୋ ପୁଅର ବାପା । ତେଣୁ ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ ଧାରଣା ଜାରି ରଖିବି ବୋଲି ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ବ୍ରହ୍ମପୁର ଏସ୍‌ପି ଡ. ସର୍ବଣା ବିବେକ ଏମ. କହିଛନ୍ତି, ଦୀପିକା ଓ ଦୀନେଶଙ୍କ ମାମଲା ଏବେ କୋର୍ଟରେ ବିଚାରାଧୀନ ରହିଛି। କୋର୍ଟ ପକ୍ଷରୁ ଯାହା ରାୟ ଆସିବ ପୋଲିସ ତାହା କାର୍ଯ୍ୟକାରୀ କରିବ। ଅନ୍ୟପକ୍ଷରେ ଦୀନେଶଙ୍କ କିମ୍ବା ତାଙ୍କ ପରିବାର ପକ୍ଷରୁ ଏ ସମ୍ପର୍କରେ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

ସୂଚନାଯୋଗ୍ୟ, ପ୍ରାୟ ୨ ବର୍ଷ ତଳେ ଦୀନେଶ ଓ ଦୀପିକାଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଦୀନେଶ ବିବାହ ପ୍ରଲୋଭନ ଦେଖାଇ ଦୀପିକାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ଦୀପିକା ଗର୍ଭବତୀ ହେବା ଜାଣିବା ପରେ ବିବାହ କରିବାକୁ ଦୀନେଶଙ୍କୁ କହିବାରୁ ସେ ରାଜି ହୋଇ ନ ଥିଲେ। ଏ ନେଇ ଦୀପିକା ଟାଉନ୍ ଥାନାରେ ଅଭିଯୋଗ କରିଥିଲେ। ଦୀନେଶଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଥିଲା। ମାମଲା କୋର୍ଟରେ ବିଚାରାଧୀନ ଥିବାବେଳେ ଦୀନେଶ ସର୍ତ୍ତମୂଳକ ଜାମିନରେ ମୁକୁଳିଛନ୍ତି। ଏହାମଧ୍ୟରେ ଦୀପିକାଙ୍କ ଏକ ପୁତ୍ର ସନ୍ତାନ ଜନ୍ମ ହୋଇଛି। ପୁଅକୁ ବାପାର ହକ୍ ଓ ବୋହୂର ମାନ୍ୟତା ଦାବିରେ ଦୀପିକା ଗତବର୍ଷ ଦୀନେଶଙ୍କ ଘରକୁ ଯାଇଥିବା ବେଳେ ତାଙ୍କ ପରିବାର ଲୋକେ ଘରୁ ବାହାର କରି ଦେଇଥିଲେ। ତେଣୁ ନ୍ୟାୟ ଦାବିରେ ଦୀପିକା ଘର ସମ୍ମୁଖରେ ଧାରଣାରେ ବସିଥିଲେ। ନ୍ୟାୟ ମିଳିବା ବିଳମ୍ବ ହେଉଥିବାରୁ ପୁଣିଥରେ ସେ ଧାରଣାରେ ବସିଛନ୍ତି।




ଦୀପିକା ଡିଏନ୍‌ଏ ରିପୋର୍ଟର ଫ୍ଲେକ୍ସ ଧରି ଧାରଣାରେ ବସିଛନ୍ତି।

# ତାମ୍ପରାରେ ନିର୍ମାଣ କାର୍ଯ୍ୟକୁ ନେଇ ଏନ୍‌ଜିଟିଙ୍କ ନୋଟିସ

**୪ ସପ୍ତାହ ମଧ୍ୟରେ ଉତ୍ତର ଦେବାକୁ ନିର୍ଦ୍ଦେଶ**

ଛତ୍ରପୁର,୧୧।୮ (ସନ୍ତୋଷ ପାଢୀ)

ଗଞ୍ଜାମ ଜିଲା ଛତ୍ରପୁର ଉପକଣ୍ଠରେ ଥିବା ହୁମୁରୀ ତାମ୍ପରା ହ୍ରଦକୁ ସଙ୍କୁଚିତ କରି ରେଷ୍ଟୁରାଣ୍ଟ, ହୋଟେଲ, ତାମ୍ପରା ରିସର୍ଟ ନିର୍ମାଣ ହୋଇଛି। ବର୍ତ୍ତମାନ ମଧ୍ୟ ଅନ୍ୟାନ୍ୟ ନିର୍ମାଣ କାର୍ଯ୍ୟ ଚାଲିଛି। ଏହା ଉପରେ କଟକ ୱାଇଲ୍ଡ ଲାଇଫ୍ ସୋସାଇଟି ପକ୍ଷରୁ ଏନ୍‌ଜିଟିରେ ପିଟିଶନ ଦାଖଲ କରାଯାଇଥିଲା। ଶୁକ୍ରବାର କୋଲକାତାସ୍ଥିତ ଏନ୍‌ଜିଟି ଇଷ୍ଟର୍ନ ଜୋନ୍ ବେଞ୍ଚ ଏହାର ଶୁଣାଣି କରିଛନ୍ତି। ପିଟିଶନରେ ଉଲ୍ଲେଖ ଅଭିଯୋଗଗୁଡିକ ଉପରେ ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ)ର ଉପାଧ୍ୟକ୍ଷ, ଓଡିଶା ବାୟୋଡାଇଭରସିଟି ବୋର୍ଡର ଅଧ୍ୟକ୍ଷ, ଇଞ୍ଜିନିୟରିଂ ପ୍ରୋଜେକ୍ଟର ଅତିରିକ୍ତ ଜେନେରାଲ ମ୍ୟାନେଜର, ଓଡିଶା ପର୍ଯ୍ୟଟନ ବିକାଶ ନିଗମର ପରିଚାଳନା ନିର୍ଦ୍ଦେଶକଙ୍କୁ ଏନଜିଟି ପକ୍ଷରୁ ନୋଟିସ୍ ଜାରି ହୋଇଛି। ଆସନ୍ତା ୪ ସପ୍ତାହ ମଧ୍ୟରେ ଉତ୍ତର ରଖିବାକୁ ନିର୍ଦ୍ଦେଶ ରହିଛି। ସେହିପରି ଓଡିଶାର ମୁଖ୍ୟ ଶାସନ ସଚିବଙ୍କଠାରୁ ଆରମ୍ଭ କରି ଗଞ୍ଜାମ ଜିଲାପାଳ ଓ ସମସ୍ତ ଅନ୍ୟ ପକ୍ଷଭୁକ୍ତମାନେ ମଧ୍ୟ ସତ୍ୟପାଠ ଜରିଆରେ ଏହା ଉପରେ ଉତ୍ତର ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ଏକ କମିଟି ଗଠନ କରିବାକୁ ନିର୍ଦ୍ଦେଶ ହୋଇଛି। ଉକ୍ତ କମିଟିରେ କେନ୍ଦ୍ର ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟର ଆଞ୍ଚଳିକ କାର୍ଯ୍ୟାଳୟ (ଭୁବନେଶ୍ୱର)ର ବରିଷ୍ଠ ବୈଜ୍ଞାନିକ, କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ବରିଷ୍ଠ ବୈଜ୍ଞାନିକ, ଗଞ୍ଜାମ ଜିଲାପାଳ ଓ ରାଜ୍ୟ ୱେଷ୍ଟ ଲ୍ୟାଣ୍ଡ କର୍ତ୍ତୃପକ୍ଷ ଓଡିଶାର ସେକ୍ରେଟାରି ରହିବେ। ଉକ୍ତ କମିଟି ତାମ୍ପରା ହ୍ରଦ ସାଇଟକୁ ଯାଇ ଅନୁଧ୍ୟାନ କରି ସତ୍ୟପାଠ ମାଧ୍ୟମରେ ରିପୋର୍ଟ ଦାଖଲ କରିବାକୁ ଏନ୍‌ଜିଟି ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ, ତାମ୍ପରା ହ୍ରଦକୁ ୨୦୨୧ ଅକ୍ଟୋବର ୧୨ ତାରିଖରେ ରାମ୍‌ସାର ସାଇଟ୍‌ର ମାନ୍ୟତା ମିଳିଥିଲା।



ତାମ୍ପରାରେ ନିର୍ମାଣାଧୀନ କାର୍ଯ୍ୟ।



ବିଶ୍ୱାସ କର ଯେ, ସବୁ ମିଥ୍ୟା ହେଉଛି ହୁଏତ ଗଠନମୂଳୀ ଏକ ସତ୍ୟ। କିମ୍ବା ଭାଙ୍ଗି ଭାଙ୍ଗି ଯାଉଥିବା ଏକ ସତ୍ୟ। ସବୁ ବିଫଳତା ହେଉଛି ଏକ ଲୁକ୍କାୟିତ ସଫଳତା। ସବୁ ଦୁର୍ବଳତା ହେଉଛି- ପ୍ରକୃତିରେ ନିଜକୁ ଦେଖାଉ ନ ଥିବା ଏକ ସବଳତା ଏବଂ ସବୁ ଯନ୍ତ୍ରଣା ହେଉଛି ଏକ ଗୁପ୍ତ ଓ ଭୟଙ୍କର ଅଧୀର ଆନନ୍ଦର ଉନ୍ମତ୍ତତା। -ଶ୍ରୀଅରବିନ୍ଦ



# ବ୍ୟର୍ଥ ଅଭିଳାଷ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

କେନ୍ଦ୍ର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି)ର ମୁଖ୍ୟ ଏସ୍.କେ.ମିଶ୍ରଙ୍କ କାର୍ଯ୍ୟକାଳ ବୃଦ୍ଧି କରିବାକୁ ଚାହିଁଥିଲା। ଏହି ପଦକ୍ଷେପ ସ୍ପଷ୍ଟକରେ ଯେ, କେନ୍ଦ୍ର ଏହାର ବିଶ୍ୱସ୍ତ ବାବୁଙ୍କ କାର୍ଯ୍ୟକାଳ ବୃଦ୍ଧି କରିବାକୁ ତୀବ୍ର ଇଚ୍ଛା ପ୍ରକାଶ କରୁଛି। କହିବାକୁ ଗଲେ କ୍ୟାବିନେଟ୍ ସଚିବ ରାଜୀବ ଗୌବା ଓ କେନ୍ଦ୍ର ସ୍ୱରାଷ୍ଟ୍ର ସଚିବ ଅଜୟ କୁମାର ଭାଲାଙ୍କ କାର୍ଯ୍ୟକାଳ ବୃଦ୍ଧି କରିବା ଲାଗି ଏହା ଏକ ପୂର୍ବସଙ୍କେତ ଥିଲା। ତେବେ ଗୌବାଙ୍କ ପାଇଁ ଲଗାତର ତୃତୀୟ ସମ୍ପ୍ରସାରଣ ତାଙ୍କୁ ଦୀର୍ଘତମ କ୍ୟାବିନେଟ୍ ସଚିବ କରିପାରିଛି। ଭାଲାଙ୍କ ଚତୁର୍ଥ ସମ୍ପ୍ରସାରଣ ତାଙ୍କୁ ଦ୍ୱିତୀୟ କେନ୍ଦ୍ର ସ୍ୱରାଷ୍ଟ୍ର ସଚିବ ଭାବେ ୫ ବର୍ଷ ପୂରଣ କରିବାକୁ ସୁଯୋଗ ଦେଇଛି। ଏହି ତିନୋଟି ସମ୍ପ୍ରସାରଣ କ୍ଷେତ୍ରରେ ନିୟମକୁ କୋହଳ କରାଯାଇଛି, ଯାହାକୁ ନେଇ କ୍ୟାରିୟର ଅଗ୍ରଗତିରୁ ବଞ୍ଚିତ ହେଉଥିବା ଅନ୍ୟ ବରିଷ୍ଠ ବାବୁମାନେ ଚିନ୍ତା ପ୍ରକଟ କରିଛନ୍ତି। ସୂତ୍ରରୁ ଜଣାପଡ଼ିଛି, ୧୯୮୬ ବ୍ୟାଚ୍ ଯାଏ ଥିବା ବାବୁମାନେ ଏହାଦ୍ୱାରା ଅଧିକ ପ୍ରଭାବିତ ହୋଇଛନ୍ତି। ବରିଷ୍ଠ ଅମଲାତନ୍ତ୍ରୀଙ୍କ ମଧ୍ୟରେ ଏକ ଧାରଣା ରହିଛି ଯେ ୨୦୨୪ ସାଧାରଣ ନିର୍ବାଚନ ସହିତ କ୍ୟାବିନେଟ୍ ସଚିବ ଏବଂ ସ୍ୱରାଷ୍ଟ୍ର ସଚିବଙ୍କ କାର୍ଯ୍ୟକାଳ ସମ୍ପ୍ରସାରଣର ସମ୍ପର୍କ ଅଛି। ଯେହେତୁ ନିର୍ବାଚନ ପାଖେଇ ଆସୁଛି ସେଥିପାଇଁ ଏକା ବ୍ୟାଚ୍‌ର ସାଥୀ କୁହାଯାଉଥିବା ମୁଖ୍ୟ ନିର୍ବାଚନ କମିଶନର ରାଜୀବ କୁମାର, ଗୌବା ଏବଂ ଭାଲା ଏକତ୍ର କ୍ୟାବିନେଟ୍ ସଚିବାଳୟ, ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଏବଂ ନିର୍ବାଚନ ଆୟୋଗ ମଧ୍ୟରେ ନିରନ୍ତର ସହଯୋଗକୁ ପ୍ରାଧାନ୍ୟ ଦେଇ ଏକ ମଜଭୁତ ସଂଯୋଗ ସୃଷ୍ଟି କରିପାରିବେ ବୋଲି କୁହାଯାଉଛି। ତେବେ ସମ୍ପ୍ରସାରଣ ପ୍ରକ୍ରିୟାରେ, ଅନେକ ବରିଷ୍ଠ ବାବୁଙ୍କ କ୍ୟାରିୟରଭିତ୍ତିକ ଅଭିଳାଷ ବ୍ୟର୍ଥ ହୋଇଛି। କ୍ୟାରିୟର ଅଗ୍ରଗତିରେ ଏଭଳି ବାଧା ଦ୍ୱାରା ଯେଉଁମାନେ ପ୍ରଭାବିତ ହୋଇଛନ୍ତି ତାଙ୍କ ପରେ ବି ଅନ୍ୟ ବାବୁମାନେ ପ୍ରଭାବିତ ହେବା ସମ୍ଭାବନା ରହିଛି।

### ବଦଳିକୁ ଚ୍ୟାଲେଞ୍ଜ

ଦୃଢ଼ ପ୍ରଶାସନିକ କାର୍ଯ୍ୟଧାରାକୁ ଚ୍ୟାଲେଞ୍ଜ କରିବାକୁ ଲକ୍ଷ୍ୟ ରଖିଥିବା ଏକ ପଦକ୍ଷେପରେ କେରଳ ଆଇଏଏସ୍ ଅଫିସର୍ସ ଆସୋସିଏସନ ଏବଂ ୨ ଜଣ କାର୍ଯ୍ୟରତ ଆଇଏଏସ୍ ଅଧିକାରୀ ବି.ଅଶୋକ ଏବଂ ପ୍ରିୟଙ୍କା ଜି. ଏକାଠି ପିନାରାୟୀ ବିଜୟନ ସରକାରଙ୍କୁ କେନ୍ଦ୍ରୀୟ ପ୍ରଶାସନିକ ଟ୍ରିବ୍ୟୁନାଲ (ସିଏଟି)କୁ ଟାଣି ନେଇଛନ୍ତି। ରାଜ୍ୟରେ ମନମୁଖି ଏବଂ ବ୍ୟାଘାତ ସୃଷ୍ଟିକାରୀ ବଦଳିକୁ ନେଇ ସେମାନେ ଏହା କରିଛନ୍ତି। ସେମାନଙ୍କର ନିବେଦନ ହେଉଛି, ବର୍ତ୍ତମାନର ସ୍ଥାନାନ୍ତର ନୀତି କେବଳ ପ୍ରଭାବଶାଳୀ ଶାସନରେ ବାଧା ସୃଷ୍ଟି କରୁନାହିଁ ବରଂ ଦୀର୍ଘମିଆଦୀ ବିକାଶମୂଳକ ଯୋଜନା କାର୍ଯ୍ୟକାରୀ କରିବାର କ୍ଷମତାକୁ ହ୍ରାସ କରୁଛି। ସେମାନେ ଯୁକ୍ତି କରିଛନ୍ତି ଯେ, ବଦଳି ଦ୍ୱାରା ସୃଷ୍ଟି ହେଉଥିବା କ୍ରମାଗତ ଉତ୍ତେଜନା ସରକାରୀ କାର୍ଯ୍ୟକ୍ରମର ନିରନ୍ତରତା ଉପରେ ପ୍ରତିକୂଳ ପ୍ରଭାବ ପକାଇଥାଏ, ଯାହାଫଳରେ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପଗୁଡ଼ିକ ଅଟକିଯାଏ। ସେମାନେ ଏଲ୍‌ଡିଏଫ୍ ସରକାରଙ୍କ ପ୍ରଶାସନିକ ବିଫଳତାକୁ ଦାୟୀ କରିଥିବା ଅନୁମାନ କରାଯାଉଛି। ସୂଚନାନୁସାରେ, ଆବେଦନପତ୍ରରେ ଦର୍ଶାଯାଇଛି ଯେ, ଯେଉଁ ବାବୁମାନେ ନିର୍ବାଚିତ ପ୍ରତିନିଧିଙ୍କ ପ୍ରତି ଅନୁକୂଳ ମନୋଭାବ ପୋଷଣ କରୁଛନ୍ତି ସେମାନଙ୍କୁ ପଦବୀରେ ରହିବା ପାଇଁ ନିର୍ଦ୍ଦେଶ ଦିଆଯାଉଛି। ଅନେକ ସମୟରେ ଯୋଗ୍ୟ ତଥା ଦକ୍ଷ ଅଧିକାରୀଙ୍କୁ ସ୍ଥାନାନ୍ତର କରାଯାଉଛି, ଯେଉଁମାନେ ନିୟମ ଅନୁଯାୟୀ ସେମାନଙ୍କ ଆବଣ୍ଟନ ପଦବୀରେ ସର୍ବନିମ୍ନ ୨ ବର୍ଷର କାର୍ଯ୍ୟକାଳ ପାଇବାକୁ ହକ୍‌ଦାର। କିନ୍ତୁ କେରଳର ୧୨୬ ଆଇଏଏସ୍ ଅଧିକାରୀଙ୍କ ମଧ୍ୟରୁ କେବଳ ୧୨ ଜଣ ଗୋଟିଏ ପଦବୀରେ ୨ ବର୍ଷରୁ ଅଧିକ ସମୟ ରହିପାରିଛନ୍ତି। ଆଇଏଏସ୍ ଅଧିକାରୀମାନେ ବଦଳି ଉପରେ ମୁଖ୍ୟମନ୍ତ୍ରୀଙ୍କୁ ଦେଇଥିବା ଅଭିଯୋଗର କୌଣସି ପ୍ରତିକ୍ରିୟା ନ ମିଳିବାରୁ ସେମାନେ ସିଏଟିର ଦ୍ୱାରସ୍ଥ ହୋଇଛନ୍ତି। ସିଏଟିର ନିଷ୍ପତ୍ତି ଏକ ଦୃଷ୍ଟାନ୍ତ ସୃଷ୍ଟି କରିପାରେ, ଯାହା କେବଳ କେରଳରେ ନୁହେଁ ବରଂ ଅନ୍ୟ ରାଜ୍ୟରେ ବଦଳିକୁ ପ୍ରଭାବିତ କରିବ।

### ବାବୁ ହେବେ ନେତା

୨୦୨୪ ନିର୍ବାଚନ ପାଖେଇ ଆସୁଥିବାରୁ ଜନସାଧାରଣଙ୍କୁ ପ୍ରଭାବିତ କରିପାରୁଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ ଭାଜପା ସମ୍ଭାବ୍ୟ ପ୍ରାର୍ଥୀଙ୍କୁ ଅନ୍ୱେଷଣ କରୁଥିବା ଜଣାପଡ଼ିଛି। ସ୍ପଷ୍ଟତଃ,ଏହାର ଆଖି ବିଭିନ୍ନ କ୍ଷେତ୍ରରେ ଥିବା ଜ୍ଞାନୀ ତଥା ଦକ୍ଷ ବ୍ୟକ୍ତିଙ୍କ ଉପରେ ବିଶେଷକରି ୫୦ରୁ ଅଧିକ ଅମଲାତନ୍ତ୍ର ଉପରେ ପଡ଼ିଛି। ଏଥିମଧ୍ୟରେ ଉଭୟ କାର୍ଯ୍ୟରତ ତଥା ପୂର୍ବତନ ଆଇଏଏସ୍ ଏବଂ ଆଇପିଏସ୍ ଅଧିକାରୀ ଅନ୍ତର୍ଭୁକ୍ତ ଏବଂ ଏମାନଙ୍କ ଉପରେ ଏବେ ଦଳର ବରିଷ୍ଠ ନେତାମାନେ ଅନୁଧ୍ୟାନ କରୁଛନ୍ତି। ଏମାନଙ୍କ ମଧ୍ୟରେ ଅଛନ୍ତି ନିକଟରେ ଭାଜପା ଆଡ଼କୁ ଢଳିଥିବା ମହାରାଷ୍ଟ୍ର ପୋଲିସର ପୂର୍ବତନ ଆଇଜିପି ପ୍ରତାପ ଦିଗଭକର ଏବଂ ତାଙ୍କୁ ଉତ୍ତର ମହାରାଷ୍ଟ୍ରର ଧୁଲେ ନିର୍ବାଚନମଣ୍ଡଳୀରୁ ପ୍ରାର୍ଥୀ କରିବା ଲାଗି ବିଚାର କରାଯାଉଥିବା ଜଣାପଡ଼ିଛି। ସୂତ୍ରରୁ ପ୍ରକାଶ, ଉପ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସ୍‌ଙ୍କ ପାଖଲୋକ ବୋଲି କୁହାଯାଉଥିବା ସୁମିତ ୱାଙ୍ଖଡେ ୱାର୍ଦ୍ଧା ଜିଲାରୁ ପ୍ରତିଦ୍ୱନ୍ଦ୍ୱିତା କରିବାର ସମ୍ଭାବନା ରହିଛି। ସବୁଠୁ କୌତୂହଳର ବିଷୟ ହେଉଛି, ଅତୀତରେ ଅଭିଯୋଗର ସମ୍ମୁଖୀନ ହୋଇଥିବା ମୁମ୍ବାଇର ପୂର୍ବତନ ପୋଲିସ କମିଶନର ପରମବୀର ସିଂଙ୍କ ନାମ ବି ସମ୍ଭାବ୍ୟ ପ୍ରାର୍ଥୀଙ୍କ ମଧ୍ୟରେ ଅଛି। କିନ୍ତୁ ବର୍ତ୍ତମାନ ଆମକୁ କୁହାଯାଉଛି , ସେ କ୍ଷମା ପାଇଛନ୍ତି ଏବଂ ହରିୟାଣା କିମ୍ବା ରାଜସ୍ଥାନରେ ଏକ ଆସନରେ ପ୍ରାର୍ଥୀ ହେବା ସମ୍ଭାବନା ଅଛି। ତେବେ ଅନେକ କିଛି ଘଟିବା କିମ୍ବା ପରିବର୍ତ୍ତନ ହେବା ଅଛି ଏବଂ କିଛି ଆଲୋଚନା କିମ୍ବା କାନକୁହା କଥା ବି ସାମ୍ନାକୁ ଆସିପାରେ। ତେବେ ଆଗକୁ କ'ଣ ଘଟୁଛି ଦେଖିବାକୁ ବାକି ରହିଲା।

Email: dilipcherian@gmail.com

# ବିଶ୍ୱାସ, ଅବିଶ୍ୱାସ ଓ ଅନ୍ଧବିଶ୍ୱାସ



ହରିଶଙ୍କର ମିଶ୍ର

ବିଶ୍ୱାସ, ଅବିଶ୍ୱାସ ଓ ଅନ୍ଧବିଶ୍ୱାସର ସଂଜ୍ଞା ଧାର୍ମିକ ଭାବନାରେ କେବଳ ମାନସିକତା ଉପରେ ପର୍ଯ୍ୟବସିତ। କିନ୍ତୁ ସାମାଜିକ ସ୍ତରରେ ବିଶ୍ୱାସ ସର୍ବଦା ସତ୍ୟ ଓ ପ୍ରମାଣ ଉପରେ ଆଧାରିତ ହୋଇଥାଏ। କୌଣସି ଘଟଣା ବା ବ୍ୟାପାର ସପକ୍ଷରେ ଚାକ୍ଷୁଷ ପ୍ରମାଣ ଓ ଲିଖିତ ଦସ୍ତାବିଜ ଥିଲେ ତାହାକୁ ବିଶ୍ୱସନୀୟ ଭାବେ ଗ୍ରହଣ କରାଯାଏ। ଆମ ବିଚାର ବ୍ୟବସ୍ଥାରେ ମଧ୍ୟ ଏହି ଆଧାରରେ ମାମଲାର ଫଇସଲା କରାଯାଏ। ଯଦି ଚାକ୍ଷୁଷ ପ୍ରମାଣ ଏବଂ ଲିଖିତ ଦସ୍ତାବିଜ ବା ଉଭୟରେ କୌଣସି ପାରସ୍ପରିକ ଅସଙ୍ଗତି ପରିଲକ୍ଷିତ ହୁଏ ତେବେ ତାହା ଅବିଶ୍ୱସନୀୟ ଭାବେ ଗୃହୀତ ହୋଇଥାଏ। ମାମଲାଟି ମଧ୍ୟ ମିଥ୍ୟା ତଥ୍ୟ ଆଧାରିତ ବୋଲି ବିଚାରରେ ସାବ୍ୟସ୍ତ ହୋଇଥାଏ। କିନ୍ତୁ କୌଣସି ତଥ୍ୟ ସମ୍ପର୍କରେ ଚାକ୍ଷୁଷ ବା ଲିଖିତ ପ୍ରମାଣ ନ ଥାଇ କେବଳ ମିଥ୍ୟା ଏବଂ ପ୍ରଭାବିତ କଲାପରି ସମ୍ବେଦନଶୀଳ କଥା ଚାତୁର୍ଯ୍ୟ ଏବଂ କାକତାଳିକ ଉଦାହରଣ ମାଧ୍ୟମରେ ଯଦି ବିଶ୍ୱାସ ସୃଷ୍ଟି କରାଯାଏ, ତେବେ ତାହା ଅନ୍ଧବିଶ୍ୱାସ ପଦବାଚ୍ୟ ହୋଇଥାଏ। ଏହା ବ୍ୟକ୍ତି ବା ସମାଜକୁ ସାମୟିକ ଆଶ୍ୱସ୍ତ କରିପାରେ କିନ୍ତୁ ସମୟକ୍ରମେ ଏହାର ସ୍ରଷ୍ଟା ବା ପ୍ରବକ୍ତା ସାମାଜିକ ନିନ୍ଦା ସହ ଆଇନ ଜାଲରେ ଛନ୍ଦି ହେବାର ସମ୍ଭାବନା ରହିଥାଏ। ସାମ୍ପ୍ରତିକ ସ୍ଥିତିରେ ପ୍ରତି ଓଡ଼ିଆଙ୍କ ପ୍ରାଣର ସ୍ପନ୍ଦନ ଓଡ଼ିଶାର ମଉଡମଣି ହିନ୍ଦୁମାନଙ୍କର ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥଙ୍କ ଭିତର ରତ୍ନଭଣ୍ଡାର ସମ୍ପର୍କରେ ଭକ୍ତଙ୍କ ବିଶ୍ୱାସରେ ଅନ୍ଧବିଶ୍ୱାସକୁ ସଂଶ୍ଳିଷ୍ଟ କରାଯାଉଥିବା ଏବଂ ଅବିଶ୍ୱସନୀୟ ତଥ୍ୟ ବ୍ୟାପକ ହେଉଥିବାରୁ ତାହା ଭକ୍ତଙ୍କ ଭାବନାକୁ ଭାରାକ୍ରାନ୍ତ କରିଚାଲିଛି।

କିଛି ବର୍ଷ ହେଲା ଶ୍ରୀଜଗନ୍ନାଥଙ୍କ ରତ୍ନଭଣ୍ଡାର ଏକ ସ୍ପର୍ଶକାତର ପ୍ରସଙ୍ଗ ହୋଇଯାଇଛି। ଶ୍ରୀଜଗନ୍ନାଥଙ୍କ ଭଣ୍ଡାରରକ୍ଷକ ଭାବେ ଶ୍ରୀଲୋକନାଥ ରହିଥିବା ଜନଶ୍ରୁତି ରହିଛି। ଶ୍ରୀଜଗନ୍ନାଥଙ୍କ ବାର୍ଷିକ ଆୟବ୍ୟୟ ମଧ୍ୟ ଶ୍ରୀଜମ୍ବେଶ୍ୱର ମହାଦେବଙ୍କ ଦ୍ୱାରା ତନଖିର ଧାର୍ମିକ ପରମ୍ପରା ରହିଛି। ପୂର୍ବରୁ ଶ୍ରୀଜଗନ୍ନାଥଙ୍କ ରତ୍ନଭଣ୍ଡାର ଗଜପତିଙ୍କ ଦାୟିତ୍ୱରେ ଥିଲା। କିନ୍ତୁ ଶ୍ରୀମନ୍ଦିରର ଦାୟିତ୍ୱ ସରକାରଙ୍କ ନିୟନ୍ତ୍ରଣକୁ ଯିବା ପରେ ଧର୍ମୀୟ ପରମ୍ପରାରେ ଆଇନଗତ ବ୍ୟବସ୍ଥା ଯୋଡ଼ି ହୋଇଗଲା। ପରବର୍ତ୍ତୀ ସମୟରେ ଭାରତୀୟ ସର୍ବେକ୍ଷଣ ସଂସ୍ଥା ଶ୍ରୀମନ୍ଦିରକୁ ପୁରାତନ କୀର୍ତ୍ତିରାଜି ଭାବେ ଘୋଷଣା କରିବାରୁ ଶ୍ରୀମନ୍ଦିର ଓ ତନ୍ମଧ୍ୟସ୍ଥ ପ୍ରତ୍ୟେକ ନିର୍ମାଣର ସୁରକ୍ଷା ଦାୟିତ୍ୱ ତାଙ୍କ ଉପରେ ନ୍ୟସ୍ତ ହୋଇଗଲା । ମାତ୍ର ଶ୍ରୀଜୀଉମାନଙ୍କର ପ୍ରତ୍ୟେକ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ସହ ଶ୍ରୀମନ୍ଦିରସ୍ଥ ଭିତର ଓ ବାହାର ରତ୍ନଭଣ୍ଡାରରେ ଗଚ୍ଛିତ ସ୍ୱର୍ଣ୍ଣ ରତ୍ନର ବ୍ୟବସ୍ଥିତ ରକ୍ଷଣାବେକ୍ଷଣ ରାଜ୍ୟ ସରକାର ଏବଂ ଶ୍ରୀମନ୍ଦିର ପ୍ରଶାସନର



ମିଳିତ ଦାୟିତ୍ୱ ହୋଇଗଲା। ଏହା ନିର୍ବିବାଦୀୟ ସତ୍ୟ ଯେ ପ୍ରତ୍ୟେକ ଗୃହର ସ୍ଥାୟିତ୍ୱ ପାଇଁ ସମୟ ଭିତ୍ତିକ ମରାମତିରୁ ଶ୍ରୀମନ୍ଦିରର ବ୍ୟବସ୍ଥା ଅଲଗା ନୁହେଁ କିମ୍ବା ସରକାରୀ ନିୟମାନୁଯାୟୀ ତାଙ୍କର ନିୟନ୍ତ୍ରଣାଧୀନ ପ୍ରତ୍ୟେକ ଅସ୍ଥାବର ସମ୍ପତ୍ତିର ସମୟଭିତ୍ତିକ ତନଖିରୁ ଶ୍ରୀଜଗନ୍ନାଥ ରତ୍ନଭଣ୍ଡାର ବି ଅଲଗା ନୁହେଁ। ୪୫ ବର୍ଷ ପୂର୍ବରୁ ଗତ ୧୯୭୮ ମସିହାରେ ଶ୍ରୀମନ୍ଦିର ଭିତର ରତ୍ନଭଣ୍ଡାର ଖୋଲାଯାଇ ଗଚ୍ଛିତ ଅଳଙ୍କାରର ଗଣନା କରାଯାଇଥିବାରୁ ପୁନଶ୍ଚ ତା'ର ତନଖି ଅନାବଶ୍ୟକ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ରାଜ୍ୟ ଉଚ୍ଚ ନ୍ୟାୟାଳୟରେ ସତ୍ୟପାଠ ଦାଖଲ କରାଯାଇଛି। କିନ୍ତୁ ୧୯୯୦ ଦଶକର ଶେଷାର୍ଦ୍ଧରେ ଭିତର ରତ୍ନଭଣ୍ଡାର ଖୋଲାଯାଇ କିଛି ସ୍ୱର୍ଣ୍ଣ ଶ୍ରୀବଳଭଦ୍ରଙ୍କ ରତ୍ନ ଚିତା ଓ ମହାଲକ୍ଷ୍ମୀ ଏବଂ ସରସ୍ୱତୀଙ୍କ ମୁକୁଟ ମରାମତି ପାଇଁ ଅଣାଯାଇଥିବା ଶ୍ରୀମନ୍ଦିର ପ୍ରଶାସନର ପୂର୍ବତନ ପ୍ରଶାସକ ବିଭିନ୍ନ ଗଣମାଧ୍ୟମରେ ବିବୃତି ଦେଇଥିବାରୁ ୧୯୭୮ ମସିହାର ଜମାରେ ପରିବର୍ତ୍ତନ ହୋଇଥିବା ସ୍ପଷ୍ଟ ହେଉଛି। ଜଣେ ସାମାଜିକ କର୍ମୀ ରତ୍ନଭଣ୍ଡାର ଖୋଲିବା ପାଇଁ ଉଚ୍ଚ ନ୍ୟାୟାଳୟର ଆଶ୍ରୟ ନେବାସହ ୨୦୦୯ ମସିହାର ଦୁଇଟି ତାରିଖ ନିର୍ଦ୍ଦିଷ୍ଟ ଭାବେ ଉଲ୍ଲେଖ କରି ଉକ୍ତ ଦିନ ଦ୍ୱୟରେ ରତ୍ନଭଣ୍ଡାରରୁ ସ୍ୱର୍ଣ୍ଣାଦି ଅଳଙ୍କାର ସ୍ଥାନାନ୍ତର ହୋଇଥିବାର ସେ ଦ୍ରଷ୍ଟା ଏବଂ ତାହା ମିଥ୍ୟା ପ୍ରମାଣିତ ହେଲେ ସେ ଯେକୌଣସି ଦଣ୍ଡ ଭୋଗିବାକୁ ବଚନବଦ୍ଧ ବୋଲି ବିଭିନ୍ନ ଗଣମାଧ୍ୟମରେ ସ୍ୱଷ୍ଟୋକ୍ତି ପ୍ରକାଶ କରିଛନ୍ତି। ତାଙ୍କର ଉକ୍ତି ମିଥ୍ୟା ପ୍ରମାଣିତ କରିବାକୁ ସେ ରତ୍ନଭଣ୍ଡାର ତନଖି ପାଇଁ ଆହ୍ୱାନ ମଧ୍ୟ ଦେଉଛନ୍ତି। ଭାରତୀୟ ସର୍ବେକ୍ଷଣ ସଂସ୍ଥା ମଧ୍ୟ ଭିତର ରତ୍ନଭଣ୍ଡାରର ସ୍ଥିତି ଭଲ ନ ଥିବାରୁ ତାହାକୁ ଯାଞ୍ଚ ପାଇଁ ଶ୍ରୀମନ୍ଦିର ପ୍ରଶାସନକୁ ଅନୁମତି ମାଗିଥିବା ଜଣାଯାଏ। ୨୦୧୮ ମସିହାରେ ଚାବି ନ ନେଇ ଜିଲାପାଳଙ୍କ ନେତୃତ୍ୱରେ ଭିତର ରତ୍ନଭଣ୍ଡାର ଖୋଲିବାକୁ ଯାଇଥିବା ସତନ୍ତ୍ର ୧୭ଜଣିଆ ଦଳ ମଧ୍ୟ ତାହାର ସ୍ଥିତି ଦୟନୀୟ ଥିବା ଜଣାଇଛନ୍ତି। ସେଥିପାଇଁ ଭିତର ରତ୍ନଭଣ୍ଡାରର ମରାମତି ଜରୁରୀ ସତ୍ତ୍ୱେ ଶ୍ରୀମନ୍ଦିର ପ୍ରଶାସନ ସ୍ଥିତି ଯାଞ୍ଚ ପାଇଁ ଆବେଦନ ଉପରେ ଅନୁମତି ନ ଦେବାରୁ ସତ୍ୟପାଠ ମାଧ୍ୟମରେ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେବାକୁ ଭାରତୀୟ ସର୍ବେକ୍ଷଣ ସଂସ୍ଥା ଉଚ୍ଚ ନ୍ୟାୟାଳୟଙ୍କର ଦୃଷ୍ଟି ଆକର୍ଷଣ କରିଛି। ଏଣୁ ଭିତର ରତ୍ନଭଣ୍ଡାରର ଦୁର୍ବଳ ଅବସ୍ଥା ଏବଂ ସୂଚନା ଅଧିକାର କର୍ମୀଙ୍କ ବୟାନ ଆଧାରରେ କୋଟି କୋଟି ଶ୍ରୀଜଗନ୍ନାଙ୍କ ଭକ୍ତ ଗଚ୍ଛିତ ରତ୍ନ ଅଳଙ୍କାରର ବାସ୍ତବ ସ୍ଥିତି ସମ୍ପର୍କରେ ଜାଣିବାକୁ ବ୍ୟଗ୍ର ଥିବାବେଳେ ସରକାର ଓ ଶ୍ରୀମନ୍ଦିର ପ୍ରଶାସନ ଏହାକୁ ଭିନ୍ନ ମୋଡ଼ ଦେବାକୁ କରୁଥିବା ପ୍ରୟାସ ସ୍ୱତଃ ବିଶ୍ୱାସ ଏବଂ ଅବିଶ୍ୱାସର ବଳୟ ସୃଷ୍ଟି କରୁଛି । କିନ୍ତୁ ନିର୍ଦ୍ଦିଷ୍ଟ ଗୋଟିଏ ଗୋଷ୍ଠୀ ଶ୍ରୀଜଗନ୍ନାଥଙ୍କ ଇଚ୍ଛା ବିନା ଏହା ଖୋଲିବା ଅସମ୍ଭବ ଏବଂ ଯାହା ହେଉଛି ସବୁ ତାଙ୍କ ଇଚ୍ଛାରେ ବୋଲି ପ୍ରଚାର କରୁଛନ୍ତି।

ଅତୀତର ସବୁ ନୀତି ବିଭ୍ରାଟ ସହ ଗତ ନୀଳାଦ୍ରି ବିଜେଠାରୁ ୪୦ ଦିନ ପର୍ଯ୍ୟନ୍ତ ବନକଲାଗି ନୀତି ନ ହେବା, ଶ୍ରୀଜୀଉମାନେ ଅନେକ ରାତି ଅନିଦ୍ରା ସହ ବାରମ୍ବାର ଦୀର୍ଘ ସମୟ ଉପବାସ ରହିଥିବା ତର୍ଜମା କଲେ ଏହା କେବଳ ଅନ୍ଧବିଶ୍ୱାସ ସୃଷ୍ଟି ମାଧ୍ୟମରେ ଆତ୍ମରକ୍ଷା ପାଇଁ ଉଦ୍ଦିଷ୍ଟ ଏଥିରେ ଦ୍ୱିରୁକ୍ତି ନାହିଁ। ଜଣେ ଦଇତା ସେବକ ଶ୍ରୀଜୀଉମାନଙ୍କର ଗତ ଅଣସର ନୀତି ସମୟରେ ଭିତର ରତ୍ନଭଣ୍ଡାର ମଧ୍ୟରୁ ସାପର ଭୟଙ୍କର ଫୁତ୍‌କାର ଶୁଣିଥିବା ଦାବି କରୁଛନ୍ତି। କିନ୍ତୁ ସାପ ଯଦି ଥାଆନ୍ତି, ବିନା ଆଘାତ ବା ଆକ୍ରମଣ ଆଶଙ୍କାରେ ଫୁତକାର କରିବା ଏବଂ ସେହି ଶବ୍ଦ ଅନ୍ୟୂନ ୧୦ ଫୁଟ ନିରନ୍ଧ୍ର ପଥର କାନ୍ଥ ଭେଦକରି ଶୁଣାଯିବା ମଧ୍ୟ ସତ୍ୟକୁ ବାଟବଣା ପାଇଁ କପୋଳକଳ୍ପିତ ଓ ଅତିରଞ୍ଜିତ ଏଥିରେ ସନ୍ଦେହ ନାହିଁ। ତେଣୁ ବିଶ୍ୱାସ, ଅବିଶ୍ୱାସ ଓ ଅନ୍ଧବିଶ୍ୱାସ ସହ ସମସ୍ତ ଉଦ୍‌ବେଗର ଅବସାନ ଏବଂ ସରକାରଙ୍କ ସ୍ୱଚ୍ଛତା ପ୍ରକାଶ ପାଇଁ ରତ୍ନଭଣ୍ଡାର ଖୋଲାଯାଇ ସେଥିରେ ଗଚ୍ଛିତ ଅଳଙ୍କାର ପୂର୍ବତାଲିକା ସହ ମେଳକ ଏବଂ ଏମାର ମଠରୁ ଉଦ୍ଧାର ହୋଇଥିବା ରୁପା ଇଟାକୁ ଶ୍ରୀଜଗନ୍ନାଥଙ୍କ ସମ୍ପତ୍ତି ବିବେଚନା କରାଯାଇ ତାହାର ସୁରକ୍ଷା ନିମିତ୍ତ ଗୋଟିଏ ନୂତନ ବଜ୍ରପ୍ରକୋଷ୍ଠ ବା ଷ୍ଟ୍ରଙ୍ଗରୁମ୍ ତିଆରି କରାଯିବା ଜରୁରୀ ନୁହେଁ କି?

**୧୧୩, ଗୁଣ୍ଡିଚା ବିହାର,ପୁରୀ**
**ମୋ- ୭୯୭୮୭୮୫୪୭୮**

# ଶ୍ରେଣୀଗୃହ ବିନା ଶିକ୍ଷକ



ନିରଞ୍ଜନ ମହାପାତ୍ର

ସମୟର ସୁଅ ସହିତ ଟେକ୍ନୋଲୋଜିର ଉନ୍ନତି ହୋଇଛି, ଯାହାଦ୍ୱାରା ସମାଜରେ ଅନେକ ପରିବର୍ତ୍ତନ ଆସିଛି। ପରିବହନ, ଦକ୍ଷତା ଏବଂ ନିରାପତ୍ତାଠାରୁ ଆରମ୍ଭ କରି ଖାଦ୍ୟ ଏବଂ ସ୍ୱାସ୍ଥ୍ୟସେବା, ସାମାଜିକୀକରଣ ଏବଂ ଉତ୍ପାଦକତା ପର୍ଯ୍ୟନ୍ତ ଟେକ୍ନୋଲୋଜି ଏକବିଂଶ ଶତାବ୍ଦୀର ଜୀବନର ପ୍ରାୟ ସମସ୍ତ ଦିଗକୁ ପ୍ରଭାବିତ କରିଛି। ଅନେକ ଟେକ୍ନୋଲୋଜି ସମୟ ଏବଂ ପରିଶ୍ରମ ସଞ୍ଚୟ କରି ଆମ ଜୀବନକୁ ସହଜ କରିବାରେ ସାହାଯ୍ୟ କରି ଆସୁଛି। ଇଣ୍ଟରନେଟର ଶକ୍ତି ଦ୍ୱାରା ସହଜରେ ବିଭିନ୍ନ ବିଚାର, ଗବେଷଣା ଏବଂ ସଂସାଧନଗୁଡ଼ିକୁ ସହଜରେ ବାଣ୍ଟିବା ବା ଆଦାନପ୍ରଦାନ କରିବା ପାଇଁ ବିଶ୍ୱସ୍ତରୀୟ ସମୁଦାୟ ସୃଷ୍ଟି କରିବାରେ ସକ୍ଷମ ହୋଇଛି। କିନ୍ତୁ ଏବେ ବି ମହତ୍ତ୍ୱ ଅଛି ପୁସ୍ତକର। ପୁସ୍ତକ ପଢ଼ିବାର ମହତ୍ତ୍ୱକୁ କେବେ ବି ଡିଜିଟାଲ ଟେକ୍ନୋଲୋଜି ଦ୍ୱାରା ବଦଳା ଯାଇପାରିବ ନାହିଁ। ପଢ଼ିବା ପାଇଁ ଉପଯୁକ୍ତ ପରିବେଶ, ଏକ ପାଠାଗାର ବ୍ୟତୀତ ଆଉ କ'ଣ ହୋଇପାରେ! ପାଠାଗାର ହେଉଛି ଏକ ଅନୁଷ୍ଠାନର ହୃଦୟ ସଦୃଶ, ଯାହାକି ଏକ ଶିକ୍ଷା ବ୍ୟବସ୍ଥାର ଏକ ପ୍ରଧାନ ଅଙ୍ଗ। ପ୍ରତ୍ୟକ ଶିକ୍ଷାନୁଷ୍ଠାନର ଶ୍ରେୟ ଏହାର ପାଠାଗାରର ସଂସାଧନ, ଭିତ୍ତିଭୂମି ଏବଂ କର୍ମଚାରୀମାନଙ୍କ ଉପରେ ନିର୍ଭର କରେ। ପାଠାଗାରକୁ ବିଭିନ୍ନ ଶବ୍ଦ ଯାଥା ଗ୍ରନ୍ଥାଗାର, ଗ୍ରନ୍ଥାଳୟ, ଲାଇବ୍ରେରି ଆଦି ନାମରେ ସମସ୍ତେ ଜାଣନ୍ତି। ପାଠାଗାର ମଧ୍ୟରେ ଅତିବାହିତ ଯାହାର ଜୀବନ; କର୍ମସ୍ଥଳୀ ଯାହାର ପାଠାଗାର, ଯାହାର ମନ ପାଠାଗାରରେ ଲୀନ; ସେ କିଏ ସମସ୍ତେ ଜାଣନ୍ତି।

ଗ୍ରନ୍ଥାଗାରର ଗ୍ରନ୍ଥାଗାରିକ ବା ଲାଇବ୍ରେରିଆନ ଗ୍ରନ୍ଥାଗାରର ସଂରକ୍ଷକ, ପରିଚାଳକ ଏବଂ ପାଠକଙ୍କ ଭବିଷ୍ୟତର ମାର୍ଗଦର୍ଶକ। କିନ୍ତୁ ଦୁଃଖର ବିଷୟ, ସରକାରଙ୍କୁ ଲାଗୁଛି ବୋଧେ ଦରକାର ନାହିଁ ଗ୍ରନ୍ଥାଗାର ପାଇଁ ଗ୍ରନ୍ଥାଗାରିକ ବା ଲାଇବ୍ରେରିଆନ। ପାଠକଙ୍କୁ ମିଳୁନି ଆଶାନୁରୂପ ପାଠାଗାର ସେବା, ବିଦ୍ୟମାନ ପାଠାଗାରଗୁଡ଼ିକୁ ମିଳୁନି ତାଲିମପ୍ରାପ୍ତ ଗ୍ରନ୍ଥାଗାରିକର ସେବା। ଏହିପରି ଭାବରେ ଗ୍ରନ୍ଥାଗାର ସହ ଗ୍ରନ୍ଥାଗାରିକଙ୍କ ଅବସ୍ଥା ସରକାରଙ୍କର ଦୃଷ୍ଟି ଆକର୍ଷଣ କରିପାରିଲେ କିଛି ବ୍ୟବସ୍ଥା ହୋଇପାରନ୍ତା।

ଛାତ୍ରୀଛାତ୍ରମାନେ ସେମାନଙ୍କ କ୍ୟାରିଅରରେ ଉନ୍ନତି ଆଣିବା ପାଇଁ ପାଠାଗାର ବ୍ୟବହାର କରନ୍ତି। ଉପଯୁକ୍ତ ପାଠକଙ୍କୁ ଉପଯୁକ୍ତ ସମୟରେ ଉପଯୁକ୍ତ ସଂସାଧନ ଯୋଗାଇଦେବା ପାଇଁ ଗ୍ରନ୍ଥାଗାରିକମାନେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାନ୍ତି। ବିଦ୍ୟାଳୟ ସ୍ତରରୁ ଆରମ୍ଭ କରି ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ପାଠକଙ୍କ ମାର୍ଗଦର୍ଶକ ହୋଇଥାନ୍ତି ଗ୍ରନ୍ଥାଗାରିକ ମାନେ।

**ଜାତୀୟ ଗ୍ରନ୍ଥାଗାରିକ ଦିବସ ଉପଲକ୍ଷେ**



ଟେକ୍ନୋଲୋଜିର ଯେତେ ଉନ୍ନତି ହେଲେ ମଧ୍ୟ, ପ୍ରତି ଲାଇବ୍ରେରିକୁ ଲାଇବ୍ରେରିଆନର ଆବଶ୍ୟକତା ରହିଛି। ସେଥିପାଇଁ ତ ପ୍ରସିଦ୍ଧ ବ୍ରିଟିଶ ଔପନ୍ୟାସିକ ନିଲ୍ ଜି' ଆଇମାନ କହିଛନ୍ତି ଯେ, ଗୁଗୁଲ ଆପଣଙ୍କୁ ଏକ ଶହ ହଜାର ଉତ୍ତର ଖୋଜି ବାହାର କରିଦେଇ ପାରେ, କିନ୍ତୁ ଜଣେ ଗ୍ରନ୍ଥାଗାରିକ ବା ଲାଇବ୍ରେରିଆନ ଆପଣଙ୍କୁ ଠିକ୍‌ଟି ହିଁ ଦେଇପାରିବ। ୟୁନିଭର୍ସିଟି ଗ୍ରାଣ୍ଟ କମିଶନ (ୟୁଜିସି)ର ନିୟମ ଅନୁସାରେ ଲାଇବ୍ରେରିଆନ ପଦବୀକୁ ଶିକ୍ଷଣିକ (ଏକାଡେମିକ) ସ୍ତରର ପଦଗୁଡ଼ିକ ସହ ତୁଳନା କରାଯାଇଛି। ବିଭିନ୍ନ ଅନୁସନ୍ଧାନ ବା ରିସର୍ଚ୍ଚ ସଂସ୍ଥାରେ ଲାଇବ୍ରେରିଆନ ପଦଗୁଡ଼ିକୁ ସୂଚନା ଅଧିକାରୀ, ସୂଚନା ବୈଜ୍ଞାନିକ, ସୂଚନା ବିଜ୍ଞାନୀ ଆଦି ନାମରେ ନିଯୁକ୍ତି ମିଳୁଛି। ଜଣେ ଲାଇବ୍ରେରିଆନର ଗୁରୁତ୍ୱ କ'ଣ, ଏହା କେବଳ ଜଣେ ଲାଇବ୍ରେରିକୁ ଭଲପାଉଥିବା, ଲାଇବ୍ରେରି ସହିତ ଜଡିତ ଥିବା ଏବଂ ଲାଇବ୍ରେରିକୁ ବ୍ୟବହାର କରୁଥିବା ଲୋକ ହିଁ ବୁଝିପାରିବ। ଲାଇବ୍ରେରିଆନ କେବଳ ପାଠକଙ୍କୁ ପୁସ୍ତକ ଆଦାନ ପ୍ରଦାନ କରନ୍ତି ନାହିଁ, ଏହା ସହିତ ପାଠାଗାରରେ ଉପଯୁକ୍ତ ସଂସାଧନକୁ ଉପଯୁକ୍ତ ସମୟରେ ଉପଲବ୍ଧ କରାଇ ଉପଯୁକ୍ତ ବ୍ୟକ୍ତିଙ୍କୁ ସୂଚିତ କରିବା, ପାଠକଙ୍କ ମାନସିକ ଅଧ୍ୟୟନ, ପାଠକଙ୍କୁ ମାର୍ଗଦର୍ଶନ, ପୁସ୍ତକ ଏବଂ ଅନ୍ୟ ପଠନ ଉପଯୋଗୀ ସଂସାଧନର ଚୟନ, ପାଠାଗାର ଶୃଙ୍ଖଳା ଏବଂ ପରିଚାଳନା ଆଦି ଅନେକ କାର୍ଯ୍ୟଭାର ତୁଲାଇଥାନ୍ତି। ଏତଦବ୍ୟତୀତ ପାଠାଗାରର ଟେକ୍ନିକାଲ କାର୍ଯ୍ୟ ଯେପରିକି ସୂଚୀକରଣ (କ୍ୟାଟେଲଗିଂ), ବର୍ଗୀକରଣ (କ୍ଲାସିଫାଇଙ୍ଗ), ଅନୁକ୍ରମଣ (ଇଣ୍ଡେକ୍ସିଂ), ଅଟୋମେଶନ, ଡିଜିଟାଲାଇଜେଶନ ଇତ୍ୟାଦି ଦାୟିତ୍ୱ ମଧ୍ୟ ନିଭାଇଥାନ୍ତି। ଆମେରିକୀୟ ପାଣିପାଗ ଉପସ୍ଥାପକ ତଥା ରେଡିଓ/ଟିଭି ବ୍ୟକ୍ତିତ୍ୱ ୱିଲାର୍ଡ ସ୍କଟ୍ କହିଛନ୍ତି, ଲାଇବ୍ରେରିଆନ ସର୍ବଦା ସର୍ବାଧିକ ଚିନ୍ତିତ ଏବଂ ସାହାଯ୍ୟକାରୀ ଲୋକଙ୍କ ମଧ୍ୟରେ ରହିଆସିଛନ୍ତି। ସେମାନେ ଶ୍ରେଣୀଗୃହ ବିନା ଶିକ୍ଷକ। ଭାରତରେ ଲାଇବ୍ରେରି ବିକାଶର ନେତୃତ୍ୱ ନେଇଥିବା ପାଠାଗାର ବିଜ୍ଞାନ ବା ଲାଇବ୍ରେରି ସାଇନ୍ସର ଜାତୀୟ ପ୍ରଫେସର, ଶିକ୍ଷାବିତ୍, ଗଣିତଜ୍ଞ ତଥା ଜଣେ ମହାନ ଗ୍ରନ୍ଥାଗାରିକ ଡ.ଏସ. ଆର୍. ରଙ୍ଗନାଥନଙ୍କ ଜନ୍ମଦିନ ଅଗଷ୍ଟ ୧୨ ତାରିଖକୁ ଜାତୀୟ ଗ୍ରନ୍ଥାଗାରିକ ଦିବସ ଭାବରେ ପାଳନ କରାଯାଏ। ଲାଇବ୍ରେରି ସାଇନ୍ସରେ ତାଙ୍କର ବହୁ ଅବଦାନ ପାଇଁ ରଙ୍ଗନାଥନଙ୍କୁ ପଦ୍ମଶ୍ରୀ ପୁରସ୍କାର ପ୍ରଦାନ କରାଯାଇଥିଲା। ତାଙ୍କର ପୂରା ନାମ ଶିୟାଲି ରାମାମ୍ରିତ ରଙ୍ଗନାଥନ, ଯିଏ କି ଭାରତରେ ପାଠାଗାର ବିଜ୍ଞାନ, ଡକ୍ୟୁମେଣ୍ଟେଶନ ଏବଂ ସୂଚନା ବିଜ୍ଞାନର ଜନକ ଭାବରେ ପରିଗଣିତ ହୋଇଛନ୍ତି ଏବଂ ଏହି କ୍ଷେତ୍ରରେ ତାଙ୍କର ମୌଳିକ ଚିନ୍ତାଧାରା ପାଇଁ ସାରା ବିଶ୍ୱରେ ମଧ୍ୟ ସେ ଜଣାଶୁଣା।

**ମୋ: ୯୦୧୫୮୧୨୩୪୪**

## ଏଇ ଭାରତରେ

ମାତ୍ର ୩ ବର୍ଷ ବୟସରେ ଦୃଷ୍ଟିଶକ୍ତି ହରାଇବା ପରେ ଦତ୍ତୁ ଅଗ୍ରୱାଲ ଦୁନିଆକୁ ଦେଖିବାରୁ ବଞ୍ଚିତ ହୋଇଥିଲେ। ପରେ ସେ ଉଚ୍ଚଶିକ୍ଷା ଲାଭ କରି ୭୫ ଜଣ ଦୃଷ୍ଟିବାଧିତ ଝିଅଙ୍କୁ ଶିକ୍ଷା ଓ ଆଶ୍ରୟ ଦେଇ ସଶକ୍ତ କରିବାରେ ଲାଗିଛନ୍ତି। ଦତ୍ତୁଙ୍କ ବୟସ ଏବେ ୬୦। ସେ କର୍ନାଟକର କାଲାବୁର୍ଗିରେ ମାତୋଶ୍ରୀ ଅମ୍ବୁବାଇ ଆବାସିକ ବିଦ୍ୟାଳୟ ପ୍ରତିଷ୍ଠାକରି ଏହି କାର୍ଯ୍ୟ ଜାରି ରଖିଛନ୍ତି। ତାଙ୍କ ମା'ଙ୍କ ନାମରେ ଏହି ସ୍କୁଲ କରାଯାଇଛି। ସେଠାରେ ଥିବା ସମସ୍ତ ଝିଅଙ୍କୁ ମାଗଣାରେ ପୋଷାକ ଯୋଗାଇବା ସହ ବିନା ଦେୟରେ ପଢ଼ାଉଛନ୍ତି। ଦତ୍ତୁଙ୍କ ଜୀବନ ସଂଘର୍ଷମୟ ଥିଲା। ସେ ଦୃଷ୍ଟି ଶକ୍ତି ହରାଇବା ପରେ ବ୍ଲାଇଣ୍ଡ ସ୍କୁଲରେ ପଢ଼ିଥିଲେ ଓ ପରେ ଗୁଲବର୍ଗା ବିଶ୍ୱବିଦ୍ୟାଳୟରେ ରାଜନୀତି ବିଜ୍ଞାନରେ ପଢ଼ା ଶେଷ କରି ସେଠାରେ ୩୫ ବର୍ଷ ଧରି ରାଜନୀତି ବିଜ୍ଞାନ ପଢ଼ାଇଥିଲେ। ଅବସର ନେବା ପରେ ଏବେ ସେ ଏହି ସ୍କୁଲ ଚଳାଉଛନ୍ତି। ପ୍ରାରମ୍ଭିକ ସ୍ତରରେ ସ୍କୁଲରେ ୪ ଜଣ ଝିଅ ଥିଲେ ଓ ଏବେ ତାହା ବୃଦ୍ଧି ପାଇ ୬ଟି ଜିଲାରୁ ୭୫ ଜଣ ଏଠାରେ ପଢୁଛନ୍ତି। ସେମାନଙ୍କୁ କର୍ନାଟକ ବୋର୍ଡ ପାଠ୍ୟକ୍ରମ ଅନୁଯାୟୀ ପଢ଼ାଯାଉଛି ଓ ମ୍ୟୁଜିକ ଶିକ୍ଷା ମଧ୍ୟ ଦିଆଯାଉଛି। କେବଳ ଏତିକି ନୁହେଁ ଦତ୍ତୁ ବଧିର ଝିଅମାନଙ୍କ ପାଇଁ ମଧ୍ୟ ଏକ ଆବାସିକ ସ୍କୁଲ କରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

**୧୨ ଅଗଷ୍ଟ ୧୯୯୮**

- ବିଶିଷ୍ଟ ସାହିତ୍ୟିକ, ଶିକ୍ଷାବିତ୍, ଅଭିନେତା, ଅଧ୍ୟାପକ ରାଜକିଶୋର ରାୟଙ୍କ ୮୪ ବର୍ଷ ବୟସରେ ପରଲୋକ।
- ଆନ୍ନାଡିଏମ୍‌କେ ନେତ୍ରୀ ଜୟଲଳିଥାଙ୍କ ଧମକ ସତ୍ତ୍ୱେ କାବେରୀ ଜଳ ଟ୍ରିବ୍ୟୁନାଲର ଆଦେଶ କାର୍ଯ୍ୟକାରୀ ସଂକ୍ରାନ୍ତ ସଂଶୋଧିତ ଚିଠା ଯୋଜନା ବିଧିବଦ୍ଧ ଭାବେ ଗେଜେଟ୍‌ରେ ପ୍ରକାଶ।
- ପରମାଣୁ ଅସ୍ତ୍ରଶସ୍ତ୍ରରେ ବ୍ୟବହୃତ ପ୍ଲୁଟୋନିୟମ ଓ ୟୁରାନିୟମ ଉତ୍ପାଦନକୁ ନିସିଦ୍ଧ ପାଇଁ ଯେକୌଣସି ଚୁକ୍ତିରେ ସ୍ୱାକ୍ଷର କରିବା ନେଇ ଇସ୍ରାଏଲ୍‌ର ସମର୍ଥନ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 4 | | | | | | | |
| | | | | | 6 | 3 | 5 | 2 |
| 3 | | 9 | | | | | | 7 |
| 8 | 3 | | | | 5 | 4 | | |
| | | | | | 4 | 7 | | |
| 1 | | | 6 | | 3 | | | |
| | | 5 | | | 2 | | | 6 |
| | 7 | | | | | 1 | | |
| | 8 | | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 8 | 3 | 5 | 2 | 6 | 4 | 1 | 9 |
| 1 | 4 | 2 | 9 | 3 | 7 | 6 | 8 | 5 |
| 5 | 6 | 9 | 1 | 8 | 4 | 3 | 2 | 7 |
| 4 | 3 | 5 | 7 | 6 | 8 | 1 | 9 | 2 |
| 6 | 9 | 1 | 2 | 5 | 3 | 7 | 4 | 8 |
| 2 | 7 | 8 | 4 | 1 | 9 | 5 | 3 | 6 |
| 8 | 5 | 7 | 3 | 4 | 2 | 9 | 6 | 1 |
| 3 | 1 | 6 | 8 | 9 | 5 | 2 | 7 | 4 |
| 9 | 2 | 4 | 6 | 7 | 1 | 8 | 5 | 3 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ପାନୀୟ ଜଳ ପ୍ରକଳ୍ପରେ ଦୁର୍ନୀତି

ମହାଶୟ,

ଯାଜପୁର ଜିଲା ଧର୍ମଶାଳା ବ୍ଲକ ଜେନାପୁର ପଞ୍ଚାୟତ ଘାସିବର ଗ୍ରାମରେ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ନିର୍ମାଣରେ ବଡ଼ ଦୁର୍ନୀତି ହୋଇଛି। ପ୍ରକଳ୍ପ ନିର୍ମାଣ ହେବା ଦିନଠାରୁ ଲୋକେ ଏହି ପ୍ରକଳ୍ପରୁ ପାଣି ପାଉନାହାନ୍ତି। ଗାଁର ପ୍ରବେଶ ପଟେ ହୋଇଥିବା ଏହି ବୋରିଂଟି ମାତ୍ର ୨୨୦ ଫୁଟ୍‌ର। ଅତି କମ୍‌ରେ ଏଠାରେ ୩୦୦ରୁ ୩୫୦ ଫୁଟ୍ ବୋରିଂ ହେବା କଥା। ପ୍ରକଳ୍ପରେ ଦୁଇଟି ଟାଙ୍କି ପରିବର୍ତ୍ତେ ମାତ୍ର ଗୋଟିଏ ଛୋଟ ଟାଙ୍କି ହୋଇଛି। ପ୍ରକଳ୍ପରୁ ଗାଁ ଭିତରକୁ ପାଇପ ଆଦୌ ପଡିନାହିଁ। ଗାଁ ମୁଣ୍ଡରେ ଥିବା ସ୍କୁଲ ପର୍ଯ୍ୟନ୍ତ ପାଇପ ବିଛାଇ କାମ ଶେଷ କରି ଦିଆଯାଇଛି। ଏବେ ପ୍ରକଳ୍ପ ନିକଟରେ କୌଣସି ସୂଚନା ଫଳକ ଦେଖିବାକୁ ମିଳୁନାହିଁ। ବୋରିଂ କମ୍ ତଡା ଯାଇଥିବାରୁ ମାତ୍ର ୧୦ ମିନିଟ ପାଣି ଉଠିବା ପରେ ଆଉ ପାଣି ଉଠୁନାହିଁ। ଏଥିପାଇଁ ଗାଁର ଜଣେ ଲୋକ ବି ନିଜ ଘର ପାଖରେ ପାଣି ଏହି ବୋରିଂରୁ ପାଉନାହାନ୍ତି। ୧୦ ମିନିଟରେ ଯେତିକି ପାଣି ଉଠୁଛି, ସେଥିରୁ ଏହି ସ୍କୁଲର ପିଲାମାନେ କେବଳ ପାଣି ପାଉଛନ୍ତି। ଗାଁର ଅର୍ଦ୍ଧାଧିକ କୂଅରେ ହଳଦିଆ ଏବଂ ପାନୀୟ ଜଳ ଅନୁପଯୁକ୍ତ ପାଣି ବାହାରୁଛି। ସେଥିପାଇଁ ଲୋକେ ବେଳେ ବେଳେ ଏହି ସ୍କୁଲ ନିକଟକୁ ଆସି ବୋତଲରେ ପାଣି ନେଇ ପାନୀୟ ଜଳ ଭାବେ ବ୍ୟବହାର କରୁଛନ୍ତି। ଏହି ପାନୀୟ ଜଳ ପ୍ରକଳ୍ପରେ ବ୍ୟାପକ ଦୁର୍ନୀତି ହୋଇ ସରକାରଙ୍କ ଅର୍ଥର ଦୁରୁପଯୋଗ ହୋଇଛି। ଆମ ଲୋକାଭିମୁଖୀ ସରକାରରେ ଏଭଳି ଦୁର୍ନୀତି ଏବଂ ଜନସ୍ୱାର୍ଥ ବିରୋଧୀ କାର୍ଯ୍ୟକୁ ଆଦୌ ବରଦାସ୍ତ କରାଯିବା ଉଚିତ ନୁହେଁ। ପାନୀୟ ଜଳ ଯୋଗାଣ ପ୍ରକଳ୍ପ ନାମରେ ଏଭଳି ଆଖିବୁଜା ଦୁର୍ନୀତି ଚାଲିଥିବାରୁ ଅର୍ଦ୍ଧାଧିକ ପ୍ରକଳ୍ପରୁ ଲୋକେ ପାଣି ପାଉନାହାନ୍ତି।

**-ରଞ୍ଜନ ବେହେରା, ଘାସିବର, ଜେନାପୁର, ଧର୍ମଶାଳା, ଯାଜପୁର**

## ଚିରନ୍ତନୀ

ମାନବ ଅନ୍ତର ତଳେ ଆଦିକାଳୁଁ ରହିଛି ଯେ ଦାଗ
କେତେ ଯତ୍ନେ କେତେ ପ୍ରାଣେ ବୋଳି ତହିଁ ନବ ଅନୁରାଗ,
କରଇ ଜୀବନ ଢାଳି ସେନେହେ ଲାଳିତ
କେତେ ଶଙ୍କା ଆବେଗରେ ଚିତ୍ତ।

(ସୃଜନ ବ୍ୟଥା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ପୂର୍ବତନ ବିଧାୟକ ରାମମୂର୍ତ୍ତି ଗମାଙ୍ଗଙ୍କୁ ହାଇକୋର୍ଟରୁ ଜାମିନ ମିଳିଲା

କଟକ,୧୧।୮ (କାର୍ତ୍ତିକ ସାହୁ): ପୂର୍ବତନ ବିଧାୟକ ରାମମୂର୍ତ୍ତି ଗମାଙ୍ଗଙ୍କୁ ଶୁକ୍ରବାର ହାଇକୋର୍ଟ ଜାମିନ ପ୍ରଦାନ କରିଛନ୍ତି। ଏଥିସହ ନିମ୍ନ ଅଦାଲତଙ୍କ ଦଣ୍ଡାଦେଶ ଉପରେ ରହିତାଦେଶ ଦେଇଛନ୍ତି ହାଇକୋର୍ଟ। ଏବେ ହାଇକୋର୍ଟରେ ମାମଲାର ଶୁଣାଣି ହେବ। ମାମଲାର ବିବରଣୀ ଅନୁସାରେ, ୧୯୯୫ ଅଗଷ୍ଟ ୨୯ ତାରିଖରେ ଭୁବନେଶ୍ୱର ବିଧାୟକ କଲୋନୀରେ ନିଜ ଗର୍ଭବତୀ ସ୍ତ୍ରୀଙ୍କୁ ପୋଡ଼ି ହତ୍ୟା କରିଥିବା ଅଭିଯୋଗ ଗମାଙ୍ଗଙ୍କ ନାମରେ ଆସିଥିଲା। ଗତ ଜୁନ୍ ୨୪ରେ ଏହି ମାମଲାରେ ଗମାଙ୍ଗ ଦୋଷୀ ସାବ୍ୟସ୍ତ ହୋଇଥିଲେ। ଭୁବନେଶ୍ୱର ଏଡିଜେ କୋର୍ଟ ଜୁନ୍ ୨୭ରେ ତାଙ୍କୁ ସ୍ତ୍ରୀ ହତ୍ୟା ଅଭିଯୋଗରେ ଆଜୀବନ କାରାଦଣ୍ଡାଦେଶ ଦେଇଥିଲେ। ଏହାକୁ ଚ୍ୟାଲେଞ୍ଜ କରି ଗମାଙ୍ଗ ହାଇକୋର୍ଟକୁ ଆସିଥିଲେ। ଗମାଙ୍ଗଙ୍କ ପକ୍ଷରୁ ଆଇନଜୀବୀ ଅମିତ ପ୍ରସାଦ ବୋଷ ମାମଲା ପରିଚାଳନା କରୁଛନ୍ତି।

# ଶୋକରେ ବୁଡ଼ାଇଲେ ଶହୀଦ ସୁଶାନ୍ତ

ଆନନ୍ଦପୁର,୧୧।୮ (ସନ୍ତୋଷ ରାଉତ)

ସେଣ୍ଟ୍ରାଲ ରିଜର୍ଭ ପୋଲିସ ଫୋର୍ସ (ସିଆରପିଏଫ୍)ରେ ଯବାନ ଭାବେ କାର୍ଯ୍ୟ କରୁଥିବା କେନ୍ଦୁଝର ଜିଲା ଆନନ୍ଦପୁର ପୌରାଞ୍ଚଳର ସୁଶାନ୍ତ କୁମାର ଖୁଣ୍ଟିଆ ଝାଡ଼ଖଣ୍ଡ ପଶ୍ଚିମ ସିଂହଭୂମରେ ମାଓବାଦୀଙ୍କ ଆକ୍ରମଣରେ ଶହୀଦ ହୋଇଛନ୍ତି। ବୀର ଯବାନଙ୍କୁ ହରାଇ ସ୍ତବ୍ଧ ହୋଇଯାଇଛି ଜନ୍ମମାଟି ତଥା ଆନନ୍ଦପୁର ପୌରାଞ୍ଚଳର ୪ନଂ. ୱାର୍ଡ। ଆତ୍ମୀୟସ୍ୱଜନଙ୍କ କାନ୍ଦବୋବାଳିରେ ଫାଟି ପଡ଼ୁଛି ଅଞ୍ଚଳ। ୨୦୦୫ରେ ଆନନ୍ଦପୁରର ସର୍ବପୁରାତନ ଶିକ୍ଷାନୁଷ୍ଠାନ ବଳଭଦ୍ର ନାରାୟଣ ଉଚ୍ଚ ବିଦ୍ୟାଳୟରୁ ସୁଶାନ୍ତ ମାଟ୍ରିକ୍ ଶେଷ କରିଥିଲେ। ଆନନ୍ଦପୁର ମହାବିଦ୍ୟାଳୟରେ ସ୍ନାତକ ପଢୁଥିବାବେଳେ ୨୦୧୧ରେ ସିଆରପିଏଫ୍‌ରେ ଭର୍ତ୍ତି ହୋଇଥିଲେ। ୨୦୨୩ ଜୁନ୍ ୯ରେ ବିବାହ ହୋଇଥିବା ବେଳେ ତାଙ୍କ ସ୍ତ୍ରୀ ପୂର୍ଣ୍ଣିମା ପୃଷ୍ଟି ତେଲକୋଇ ଡାକ୍ତରଖାନାରେ ଏଏନ୍‌ଏମ ଭାବେ କାର୍ଯ୍ୟରତ ଅଛନ୍ତି। ସୁଶାନ୍ତଙ୍କ ବାପା ଆତୁଳ ଚରଣ ଖୁଣ୍ଟିଆଙ୍କ ୨୦୨୦ କରୋନା ସମୟରେ ମୃତ୍ୟୁ ହୋଇଥିବା ବେଳେ ମଝିଆ ଭାଇ ପ୍ରଶାନ୍ତଙ୍କ ୨୦୨୨ ଏପ୍ରିଲ ୨୪ରେ ବିୟୋଗ ଘଟିଥିଲା। କ୍ୟାନସର ପୀଡ଼ିତ ବଡ଼ଭାଇ ସନ୍ତୋଷଙ୍କ ୨୦୨୩ ଜାନୁୟାରୀ ୨୮ରେ ମୃତ୍ୟୁ ହୋଇଛି। ମା' ସୁନ୍ଦରୀ ରୋଗଗ୍ରସ୍ତ ହୋଇ ଭୁବନେଶ୍ୱରରେ ଝିଅଘରେ ରହି ଚିକିତ୍ସିତ ହେଉଛନ୍ତି। ପରିବାରରେ ମା' ସୁନ୍ଦରୀ, ବଡ଼ ଭାଉଜ ଏବଂ ତାଙ୍କର ଛୋଟ ପୁଅ ରହୁଥିବା ବେଳେ ଘର ପୁରବିଶୂନ୍ୟ ହୋଇପଡ଼ିଛି।


ଶୋକାକୁଳ ପରିବାରବର୍ଗ





## ଦୁଇ ମାସ ତଳେ ହୋଇଥିଲା ବାହାଘର

ଶହୀଦ ସୁଶାନ୍ତ ଗତ ଜୁନ ୯ ତାରିଖରେ ଘଷିପୁରା ଗ୍ରାମର ପୂର୍ଣ୍ଣିମା ପୃଷ୍ଟିଙ୍କୁ ବିବାହ କରିଥିଲେ। ବାହାଘର ପରେ ଛୁଟିରେ ଥିବା ସୁଶାନ୍ତ ୨୦ ଦିନ ତଳେ କର୍ମକ୍ଷେତ୍ରକୁ ଯାଇଥିଲେ। କିଛି ଦିନ ଡ୍ୟୁଟି ସାରି ଘରକୁ ଫେରିବା ପାଇଁ ମନସ୍ଥ କରିଥିବା ସୁଶାନ୍ତ ଆଉ ଫେରିଲେନି। ସ୍ତ୍ରୀ ପୂର୍ଣ୍ଣିମା ତେଲକୋଇ ଡାକ୍ତରଖାନାରେ ଏଏନ୍‌ଏମ ଭାବେ କାର୍ଯ୍ୟରତ ଅଛନ୍ତି।

## ଦୁଃଖ ଯେବେ ଆସେ ସାଙ୍ଗସାଥୀଙ୍କୁ ନେଇ

କଥାରେ ଅଛି ଦୁଃଖ ଯେତେବେଳେ ଆସେ ସାଙ୍ଗ ସାଥୀଙ୍କୁ ନେଇ ଆସେ। ଏହିଲୋକକଥାଟି ଏକପ୍ରକାର ପ୍ରମାଣିତ ହୋଇଛି ଶହୀଦ ସୁଶାନ୍ତଙ୍କ ପରିବାର କ୍ଷେତ୍ରରେ। ସୁଶାନ୍ତଙ୍କ ବାପା ଆତୁଳ ଚରଣ ଖୁଣ୍ଟିଆଙ୍କ ତିନି ପୁଅ ଓ ଗୋଟିଏ ଝିଅ। ବଡ଼ପୁଅ ସନ୍ତୋଷ ଏକ ଘରୋଇ ସଂସ୍ଥାରେ କାମ କରୁଥିଲେ। ବାପାଙ୍କ ମୃତ୍ୟୁପରେ କ୍ୟାନ୍ସରରେ ପୀଡ଼ିତ ତାଙ୍କର ମୃତ୍ୟୁ ହୋଇଥିଲା। ଏତିକିରେ ଦୁଃଖ ସରିଲା ନାହିଁ। ମଝିଆଁ ପୁଅ ପ୍ରଶାନ୍ତଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଥିଲା। ଦୁଃଖରେ ଭାଙ୍ଗି ପଡିଥିବା ମା' ସୁନ୍ଦରୀଙ୍କ ପାଇଁ ସୁଶାନ୍ତ ଏକମାତ୍ର ବଞ୍ଚିବାର ରାହା ଥିଲେ। ଶେଷରେ ମାଓବାଦୀଙ୍କ ଗୁଳିରେ ସେ ବି ଟଳିପଡ଼ିଛନ୍ତି।

## ବାସ୍ତୁଦୋଷ ପାଇଁ ବାସସ୍ଥାନ ଛାଡ଼ିଥିଲେ ପରିବାର

ଶହୀଦ ସୁଶାନ୍ତଙ୍କ ପରିବାରରେ ବାରମ୍ବାର ଅଘଟଣ ଘଟିଚାଲିଥିବାରୁ କେହି କେହି ବାସ୍ତୁଦୋଷ ଯୋଗୁ ଏଭଳି ଘଟୁଥିବା କହିଥିଲେ। ଏଥିରେ ବିଶ୍ୱାସ କରି ପରିବାର ଲୋକେ ୪ନଂ. ୱାର୍ଡ ଅନ୍ତର୍ଗତ ବାସସ୍ଥାନ ଛାଡ଼ି ୬ ନଂ. ୱାର୍ଡରେ ଭଡ଼ାଘରେ ରହୁଥିଲେ।

## ବୀର ଯବାନଙ୍କୁ ହରାଇଲା ଆନନ୍ଦପୁର

ମାଓବାଦୀଙ୍କ ଗୁଳିରେ ସୁଶାନ୍ତ ନିହତ ହେବା ପରେ ଆନନ୍ଦପୁର ଅଞ୍ଚଳ ଜଣେ ବୀର ଯବାନଙ୍କୁ ହରାଇଲା ବୋଲି କହିଛନ୍ତି ପୌର ଉପାଧ୍ୟକ୍ଷ ଦୁର୍ଗାଚରଣ ଦଳେଇ। ସେ କହିଛନ୍ତି, ଆନନ୍ଦପୁର ପାଇଁ ଏହା ଏକ ବଡ଼ ଦୁଃଖଦ ଖବର। ଏହା ଆମକୁ ମର୍ମାହତ କରିଛି। ସେହିପରି ଶହୀଦଙ୍କ ଭିଣୋଇ ବିଶ୍ୱଜିତ୍ ସାହୁ କୁହନ୍ତି, ପରିବାରର ଏକମାତ୍ର ରୋଜଗାରିଆ ପିଲା ଥିଲେ ସୁଶାନ୍ତ। ତାଙ୍କୁ ହରାଇ ପରିବାର ଲୋକେ ସମ୍ପୂର୍ଣ୍ଣ ଭାଙ୍ଗିପଡ଼ିଛନ୍ତି। ଦେଶ ପାଇଁ ସିନା ସିଏ ଜୀବନ ଦେଲେ ହେଲେ ପରିବାର ପାଇଁ ଅପୂରଣୀୟ କ୍ଷତି ସୃଷ୍ଟି ହେଲା ବୋଲି ସେ କହିଛନ୍ତି।

# ଘୃଣା ମନ୍ତବ୍ୟ ଗ୍ରହଣୀୟ ନୁହେଁ: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୧୧।୮ (ପି.ଟି.)

ଘୃଣା ମନ୍ତବ୍ୟ ଆଦୌ ଗ୍ରହଣୀୟ ନୁହେଁ ବୋଲି ସୁପ୍ରିମକୋର୍ଟ ଶୁକ୍ରବାର କହିଛନ୍ତି। ସମ୍ପ୍ରଦାୟଗୁଡ଼ିକ ମଧ୍ୟରେ ସଦ୍‌ଭାବନା ଓ ଶିଷ୍ଟାଚାର ରଖିବାକୁ ହେବ। ଘୃଣା ମନ୍ତବ୍ୟ ମାମଲାଗୁଡ଼ିକର ଅନୁଧ୍ୟାନ ପାଇଁ ଏକ କମିଟି ଗଠନ କରିବାକୁ ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କୁ କହିଛନ୍ତି। ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ସଦସ୍ୟଙ୍କୁ ହତ୍ୟା କରିବା ପାଇଁ ଆହ୍ୱାନ ଦେବା, ସେମାନଙ୍କୁ ସାମାଜିକ ଓ ଅର୍ଥନୈତିକ ବାସନ୍ଦ ପାଇଁ ରାଲିରେ କହିବା ସ୍ୱଷ୍ଟ ହିଂସା ମନ୍ତବ୍ୟ। ନିକଟରେ ହରିୟାଣାରେ ସାଂପ୍ରଦାୟିକ ସଂଘର୍ଷ ଘଟି ୬ ଜଣଙ୍କ ମୃତ୍ୟୁ ଘଟିଥିଲା। ଜଷ୍ଟିସ ସଞ୍ଜୀବ ଖାନ୍ନା ଏବଂ ଏସ୍.ଭି.ଏନ୍ ଭଟ୍ଟିଙ୍କ ଖଣ୍ଡପୀଠ ପିଟିଶନ୍‌ର ଶୁଣାଣି କରି କେନ୍ଦ୍ର ସରକାରଙ୍କ ପକ୍ଷରୁ ଉପସ୍ଥିତ ଅତିରିକ୍ତ ସଲିସିଟର ଜେନେରାଲ କେ. ଏମ୍, ନଟରାଜଙ୍କୁ କମିଟି ସମ୍ପର୍କିତ ତଥ୍ୟ ଅଗଷ୍ଟ ୧୮ ସୁଦ୍ଧା ଦାଖଲ କରିବାକୁ କହିଥିଲେ। ସେହିପରି ଆବେଦନକାରୀଙ୍କୁ ଘୃଣା ମନ୍ତବ୍ୟର ଭିଡିଓ ସମେତ ସମସ୍ତ ପ୍ରମାଣ ନୋଡାଲ ଅଫିସରଙ୍କ ପାଖରେ ଦାଖଲ କରିବାକୁ ଖଣ୍ଡପୀଠ କହିଛନ୍ତି। ୨୦୨୨ ଅକ୍ଟୋବର ୨୧ରେ ସୁପ୍ରିମକୋର୍ଟ ତାଙ୍କ ରାୟରେ ନୋଡାଲ ଅଫିସର ନିଯୁକ୍ତି ପାଇଁ କହିଥିଲେ।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

APPOINTMENT
Required staff for Public Limited Company, Marketing Manager, Sales Manager, Sales Officer, Business Development Executive, Telecaller, Office Executive, Accountant, Web Designer, Architecture, Technician, Driver, Security, Peon.
Mob.: 9040043929

WANTED
Recruitment for Business Leader and Part Time Professional for Twin City
150 years Old Indian Conglomerate is hiring Some Professional for its Expansion of Financial Distribution across Bhubaneswar and Cuttack.
(Need all Retired and VRS Employees, Govt. and Pvt.Employees, Prof. Housewife, Business People, Sales staff, Life and Health Insurance Advisor and Others are also Welcome).
9861468116, 9853052345

See Career Appointment on every Wednesday & Saturday

REQUIRED
LADY OFFICE ASSISTANT FOR AN OFFICE AT CUTTACK AREA
FREE ACCOMMODATION
FREE FOODING
10000/- to 15000/-
7809525452

REQUIRED
- MARKETING BOY (Plumbing and Sanitary)
- Boys for Showroom & General work
HR Trading, 57, Budha Nagar, Kalpana Square, Bhubaneswar - 6.
Ph (0674) 2310921 , Email : hrtrading.co.in@gmail.com

ଏସ୍.ଇ. ରେଳପଥ - ଟେଣ୍ଡର
ଏନ୍‌ଆଇଟି ନଂ.: ଏସ୍‌ଟି_ପି_ଏସ୍‌ଇଆର_ଆଇପି-ଏମ୍‌ପିଏଲ୍‌ଏସ୍_ଭିଓଆଇପି, ତାରିଖ: ୧୦।୦୮।୨୦୨୩। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡେପୁଟି ଚିଫ୍ ସିଗ୍ନାଲ ଏବଂ ଟେଲିକମ୍ ଇଞ୍ଜିନିୟର/ୱାର୍କସ୍/ଏକ୍ସ୍ୟୁ/ଗାର୍ଡେନ୍ ରିଚ୍, ଦ.ପୂ. ରେଳପଥଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରାଯାଉଛି: କାର୍ଯ୍ୟର ସଂକ୍ଷିପ୍ତ ବର୍ଣ୍ଣନା ଓ ତାହାର ଅବସ୍ଥିତି: ଦକ୍ଷିଣ ପୂର୍ବ ରେଳପଥର ଖଡ଼ଗପୁର ଏବଂ ଚକ୍ରଧରପୁର ଡିଭିଜନରେ ୟୁନିଫାଏଡ୍ କମ୍ୟୁନିକେଶନ୍ ବ୍ୟାକ୍‌ବୋନ୍ ଏବଂ ଭିଓଆଇପି ବେସ୍‌ଡ ଟ୍ରେନ୍ କଣ୍ଟ୍ରୋଲ କମ୍ୟୁନିକେଶନ୍ ସିଷ୍ଟମ୍ ନିମନ୍ତେ ଆଇପି-ଏମ୍‌ପିଏଲ୍‌ଏସ୍ ଟେକ୍ନୋଲୋଜିର ଯୋଗାଣ, ସ୍ଥାପନ, ପରୀକ୍ଷଣ ଏବଂ କମିଶନିଂ। କାର୍ଯ୍ୟର ଆନୁମାନିକ ମୂଲ୍ୟ: ₹୧୮,୧୧,୪୪,୮୨୬.୮୩। ବିଡ୍ ଅମାନତ ପରିମାଣ: ₹୧୦,୫୫,୭୦୦/-। ଟେଣ୍ଡର ବନ୍ଦ ହେବାର ତାରିଖ: ତା୦୪।୦୯।୨୦୨୩ରିଖ ୧୧.୩୦ ଘଟିକା। ଉପରୋକ୍ତ ଟେଣ୍ଡର ପାଇଁ ସବିଶେଷ ଟେଣ୍ଡର ବିଜ୍ଞପ୍ତି ଇତିମଧ୍ୟରେ ୱେବ୍‌ସାଇଟ୍ www.ireps.gov.inରେ ପ୍ରକାଶିତ ହୋଇସାରିଛି। (PR-500)

ଧରିତ୍ରୀ DHARITRI Oriya daily
ଆବଶ୍ୟକ କରୁଛି
ସହସମ୍ପାଦକ
- ପ୍ରାର୍ଥୀଙ୍କର ସହସମ୍ପାଦନା କ୍ଷେତ୍ରରେ ଅତିକମ୍‌ରେ ୩ ବର୍ଷର ଅଭିଜ୍ଞତା ଥିବ।
- ପ୍ରାର୍ଥୀ ସାମ୍ବାଦିକତାରେ ଡିଗ୍ରୀ ହାସଲ କରିଥିବେ।
- ଅନୁବାଦ କ୍ଷେତ୍ରରେ ଅଭିଜ୍ଞତା ଥିବା ପ୍ରାର୍ଥୀଙ୍କୁ ଅଗ୍ରାଧିକାର ଦିଆଯିବ।
Apply immediately to : recruitment@dharitri.com
ଅଭିଜ୍ଞତା ଓ ଦକ୍ଷତା ଅନୁଯାୟୀ ଦରମା ଧାର୍ଯ୍ୟ ହେବ।

# ଡିବିଟି ଦ୍ୱାରା ଲକ୍ଷେ ଆପ୍ରେଣ୍ଟିସଙ୍କୁ ୧୫ କୋଟି ବିତରଣ କଲେ କେନ୍ଦ୍ରମନ୍ତ୍ରୀ



ଭୁବନେଶ୍ୱର, ୧୧।୮ (ସୁନିତ୍ ମିଶ୍ର)

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୁକ୍ରବାର ନୂଆଦିଲ୍ଲୀଠାରେ ଜାତୀୟ ଆପ୍ରେଣ୍ଟିସିପ୍ ପ୍ରୋତ୍ସାହନ ଯୋଜନା (ଏନ୍‌ଏପିଏସ୍)ରେ ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତର ବା ଡିବିଟିରେ ଶୁଭାରମ୍ଭ କରିଛନ୍ତି। ଏହି ଏନ୍‌ଏପିଏସ୍ ଅଧୀନରେ ୧ ଲକ୍ଷ ଆପ୍ରେଣ୍ଟିସ୍‌ଙ୍କୁ ୧୫ କୋଟି ଟଙ୍କା ବିତରଣ କରିବା ସହ ସେମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଆପ୍ରେଣ୍ଟିସିପ୍ ପ୍ରଶିକ୍ଷଣରେ ଡିବିଟି ପ୍ରଚଳନକୁ ପ୍ରଶଂସାକରି ଧର୍ମେନ୍ଦ୍ର କହିଛନ୍ତି, ମୋଦି ସରକାର ଆସିବା ପରେ ପାରଦର୍ଶୀ ଓ ସ୍ୱଚ୍ଛତାକୁ ପ୍ରାଥମିକତା ଦିଆଯାଇଛି। ପ୍ରଧାନମନ୍ତ୍ରୀ କ୍ଷମତାକୁ ଆସିବା ପରେ ନଗଦ ଅର୍ଥକୁ ଲାଭାର୍ଥୀଙ୍କ ବ୍ୟାଙ୍କ ଖାତାରେ ସିଧାସଳଖ ଦେବା ପାଇଁ ଯୋଜନା ହୋଇଛନ୍ତି। ଏହି ସଂସ୍କାର ଦ୍ୱାରା ମୁଦ୍ରା, ପିଏମ୍ କିଷାନ ସମ୍ମାନ ନିଧି ଭଳି ଅନେକ ଯୋଜନାରେ ଲାଭାର୍ଥୀମାନେ ସିଧାସଳଖ ଟଙ୍କା ପାଇ ବିଶେଷ ଲାଭବାନ୍ ହୋଇଛନ୍ତି। ତେଣୁ ଜାତୀୟ ଆପ୍ରେଣ୍ଟିସିପ୍ ପ୍ରୋତ୍ସାହନ ଯୋଜନାରେ ଏଭଳି ପଦକ୍ଷେପ ସ୍ୱାଗତଯୋଗ୍ୟ। ଏହି ଯୋଜନା ଆମ ଯୁବବର୍ଗଙ୍କ ପାଇଁ ଆପ୍ରେଣ୍ଟିସିପ୍ ପ୍ରଶିକ୍ଷଣ ପ୍ରଦାନ କରିବା ସହ ଷ୍ଟାଇପେଣ୍ଡ ବିତରଣରେ ସ୍ୱଚ୍ଛତା ବା ପାରଦର୍ଶୀକୁ ସୁନିଶ୍ଚିତ କରିବ। ପାଠପଢ଼ା ସହ ରୋଜଗାର ଦିଗରେ ଏହା ଏକ ପାଇଲଟ ଆରମ୍ଭ। ଜାତୀୟ ଆପ୍ରେଣ୍ଟିସିପ୍ ପ୍ରୋତ୍ସାହନ ଯୋଜନାରେ ବର୍ତ୍ତମାନ ପର୍ଯ୍ୟନ୍ତ ୨୫ ଲକ୍ଷ ଯୁବତୀଯୁବକ ଏହାର ଲାଭାର୍ଥୀ ହୋଇଛନ୍ତି। ଚଳିତବର୍ଷ ଅତିରିକ୍ତ ୧୦ ଲକ୍ଷ ଯୁବତୀଯୁବକଙ୍କୁ ଏଥିରେ ଯୋଡ଼ିବାର ଲକ୍ଷ୍ୟ ରଖାଯାଇଛି। ଏହି ଯୋଜନାରେ ଅନେକ ଶିଳ୍ପସଂସ୍ଥା ଯୋଡ଼ି ହୋଇଥିବା ବେଳେ ସେମାନେ ମଧ୍ୟ ପିଲାଙ୍କ ମନୋବଳ ବଢାଇଛନ୍ତି। ଭାରତ ସରକାରଙ୍କ ଆପ୍ରେଣ୍ଟିସିପ ଆକ୍ଟକୁ ବଦଳାଇବା ଦ୍ୱାରା ଅନେକ କାର୍ଯ୍ୟ ସହଜ ହୋଇଛି। ଏହାବ୍ୟତୀତ ବର୍ତ୍ତମାନର ପରିବର୍ତ୍ତିତ ଟେକ୍ନୋଲୋଜିରେ ପାଠପଢ଼ା ସହ ରୋଜଗାର ତଥା ଡିଗ୍ରୀ- ଦକ୍ଷତା ବୃଦ୍ଧିର ଦୁନିଆ ବଦଳୁଛି। ଆମକୁ ଏ ଦିଗରେ ଧ୍ୟାନଦେବା ଆବଶ୍ୟକ ବୋଲି ଧର୍ମେନ୍ଦ୍ର କହିଛନ୍ତି।

# 'ସିଇସି ନିଯୁକ୍ତି ବିଲ୍ ସୁପ୍ରିମକୋର୍ଟ ରାୟ ବିରୋଧୀ'

ନୂଆଦିଲ୍ଲୀ,୧୧।୮

କେନ୍ଦ୍ର ସରକାର ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଏବଂ ନିର୍ବାଚନ କମିଶନର(ଇସି)ମାନଙ୍କ ନିଯୁକ୍ତି ପାଇଁ ଚୟନ କମିଟିରୁ ପ୍ରଧାନ ବିଚାରପତିଙ୍କୁ ହଟାଇ ତାଙ୍କ ସ୍ଥାନରେ ଜଣେ କ୍ୟାବିନେଟ ମନ୍ତ୍ରୀ ନେବାକୁ ରାଜ୍ୟ ସଭାରେ ଏକ ବିବାଦୀୟ ବିଲ୍ ଆଣିଛନ୍ତି। ଏହି ବିଲ୍ ସର୍ବୋଚ୍ଚ ନ୍ୟାୟାଳୟଙ୍କ ୫ ଜଣିଆ ସାମ୍ବିଧାନିକ ପୀଠ ମାର୍ଚ୍ଚ ୨ରେ ଦେଇଥିବା ରାୟର ଭାବନାର ବିରୁଦ୍ଧାଚରଣ କରୁଛି ବୋଲି ବରିଷ୍ଠ ଆଇନଜୀବୀ ଗୋପାଳ ଶଙ୍କରନାରାୟଣନ କହିଛନ୍ତି। ପାର୍ଲାମେଣ୍ଟ ଦ୍ୱାରା ଆଇନ କାର୍ଯ୍ୟକାରୀ ନ ହେବା ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ, ଲୋକ ସଭାର ବିରୋଧୀ ଦଳ ନେତା ଏବଂ ଭାରତର ପ୍ରଧାନ ବିଚାରପତିଙ୍କୁ ନେଇ ଗଠିତ ୩ ଜଣିଆ କମିଟି ସିଇସି ଏବଂ ଇସିଙ୍କୁ ଚୟନ କରିବେ ବୋଲି ସୁପ୍ରିମକୋର୍ଟ ରାୟ ଦେଇଥିଲେ। ନିର୍ବାଚନ କମିଶନରେ ନିରପେକ୍ଷତା ପାଇଁ ସିଇସି ଏବଂ ଇସି ନିଯୁକ୍ତିରେ ସରକାରଙ୍କ ଭୂମିକାକୁ ଗୌଣ କରି ବିରୋଧୀ ଦଳ ନେତା ଏବଂ ସିଜେଆଇଙ୍କୁ କମିଟିରେ ରଖି ସନ୍ତୁଳନ ରକ୍ଷା କରିବାକୁ ସର୍ବୋଚ୍ଚ ଅଦାଲତ ଚାହିଁଥିଲେ। ନିଯୁକ୍ତିରେ ସରକାରଙ୍କୁ କାହିଁକି ମୁଖ୍ୟ ଭୂମିକା ଦିଆଯିବ ନାହିଁ ସେନେଇ ଅଦାଲତ ୨୫୦ ପାରାଗ୍ରାଫ୍ ଜରିଆରେ ଜଣାଇଥିଲେ। କେନ୍ଦ୍ର ଆଣିଥିବା ବିଲ୍ କୋର୍ଟଙ୍କ ରାୟର ଭାବର ବିରୋଧରେ ଯାଉଥିବା ଶଙ୍କରନାରାୟଣନ କହିଛନ୍ତି।


## झारखण्ड राज्य ग्रामीण पथ विकास प्राधिकरण (JSRRDA)
एफ०एफ०पी० भवन, तृतीय तल्ला, धूर्वा, राँची –834004, झारखण्ड

ई–निविदा आमंत्रण सूचना

ई–निविदा संख्या:- 31/2023-24 दिनांक :- 10.08.2023

मुख्य अभियंता, जे०एस०आर०आर०डी०ए०, राँची द्वारा निम्नविवरण के अनुसार e-procurement पद्धति से निविदा आमंत्रित की जाती है।

| क्र० सं० | आईडेन्टीफिकेशन संख्या/पैकेज संख्या | प्रखण्ड का नाम | | कार्य का नाम | प्राक्कलित राशि अंक में (लाख में) | प्राक्कलित राशि अक्षर में (रूपये में) | कार्य समाप्ति की अवधि |
|---|---|---|---|---|---|---|---|
| 1 | 2 | 3 | | 4 | 5 | 6 | 7 |
| 1 | JH-M-GOD-01/2023-24 | पोड़ैयाहाट | 1 | आर०सी०डी० मुर्गाबनी चतरा मोड़ से चतरा गाँव तक पथ का विशेष मरम्मति कार्य। (लं० – 3.250 कि०मी०) | 1079.553 | दस करोड़ उनासी लाख पचपन हजार तीन सौ रू० मात्र | 09 महीना |
| | | पोड़ैयाहाट | 2 | बरगच्छा हरियारी से हाथीहरियारी तक पथ का विशेष मरम्मति कार्य। (लं० – 3.010 कि०मी०) | | | |
| | | पोड़ैयाहाट | 3 | सुग्गाबथान से गौरीपुर तक पथ का विशेष मरम्मति कार्य। (लं० – 4.200 कि०मी०) | | | |
| | | पोड़ैयाहाट | 4 | रामगढ़ आर०सी०डी० पथ से सरबिन्धा गाँव तक पथ का विशेष मरम्मति कार्य। (लं० – 3.500 कि०मी०) | | | |
| | | पोड़ैयाहाट | 5 | पी०डब्ल्यू०डी० पथ कठौन से महरा तक पथ का विशेष मरम्मति कार्य। (लं० – 4.500 कि०मी०) | | | |

2. वेबसाईट मे निविदा प्रकाशन की तिथि:–18.08.2023
3. ई–निविदा प्राप्ति की अंतिम तिथि एवं समय:– 27.08.2023 अपराह्न 5.00 बजे तक।
4. (क) मुख्य अभियंता, जे०एस०आर०आर०डी०ए०, राँची, एफ०एफ०पी० भवन, तृतीय तल्ला, धूर्वा, राँची –834004, झारखण्ड (ख) जिला नियंत्रण कक्ष, राँची अथवा (ग) जिला नियंत्रण कक्ष, गोड्डा में से किसी भी कार्यालय में निविदा शुल्क एवं अग्रधन की राशि जमा करने की अंतिम तिथि एवं समय:– 28.08.2023 अपराहन 3.30 बजे तक।
5. निविदा शुल्क एवं अग्रधन की राशि स्पीड पोस्ट के माध्यम से भी मुख्य अभियंता, जे०एस०आर०आर०डी०ए०, राँची, एफ०एफ० पी० भवन, तृतीय तल्ला, धूर्वा, राँची –834004, झारखण्ड को भेजा जा सकता है। यह निविदाकार की जिम्मेवारी होगी कि स्पीडपोस्ट के माध्यम से भेजा जाने वाला निविदा शुल्क एवं अग्रधन की राशि निर्धारित तिथि एवं समय (28.08.2023 अपराहन 3.30 बजे तक) से पूर्व प्राप्त हो जाय। अंतिम तिथि एवं समय से पूर्व प्राप्त निविदा शुल्क एवं अग्रधन की राशि पर ही विचार किया जायेगा।
6. निविदा खोलने की तिथि एवं समय:–29.08.2023 .अपराह्न 3.30 बजे।
7. निविदा आमंत्रित करने वाले पदाधिकारी का नाम एवं पता:– मुख्य अभियंता का कार्यालय, जे०एस०आर०आर०डी०ए०, राँची, एफ०एफ०पी० भवन, तृतीय तल्ला, धूर्वा, राँची –834004, झारखण्ड।
8. ई–निविदा प्रकोष्ठ का दूरभाष सं०– ..........................
9. निविदा शुल्क झारखण्ड राज्य में अवस्थित भारतीय स्टेटबैंक/राष्ट्रीयकृत बैंक/अनुसूचित बैंक द्वारा निर्गत बैंकड्राफ्ट के रूप में जो कार्यपालक अभियंता, ग्रामीण कार्य विभाग, कार्य प्रमण्डल, गोड्डा के पक्ष में एवं गोड्डा में भुगतेय जमा करना होगा जो लौटाया नहीं जायेगा।

विस्तृत जानकारी के लिए वेबसाईट jharkhandtenders.gov.in मे देखा जा सकता है। मुख्य अभियंता
जे०एस०आर०आर०डी०ए०, राँची।
PR.NO.304441 Rural Work Department(23-24):D



## GOVERNMENT OF ODISHA
REVENUE AND DISASTER MANAGEMENT DEPARTMENT
WITHDRAWAL NOTIFICATION

No. RDM-LAC-DKNL-0034-2014/R&DM 5861 dated-14.02.2023

No.II-18: In exercise of the powers conferred under section 93(1) of the RFCTLAR&R Act,2013, the State Government do hereby withdraw Ac. 3.07 of land as per schedule below out of total area Ac. 3.07 covered by Revenue & Disaster Management Department Notification No.38170 dated 03.10.2013 and Declaration No.31642 dated 25.10.2014 published in the extraordinary issue of Odisha Gazette vide No.2021 dated 19.10.2013 and No.1679 dated 03.11.2014 respectively and for which an order has already been issued u/s-7 vide Revenue and Disaster Management Department letter No.2254 dated 21.01.2016 for establishment of Industry(Ash Pipe Corridor) by IDCO in village-Benipathara of Dhenkanal District.

"Withdrawal Land Schedule
(Land schedule attached separately)"

ତଫସିଲ: ଗ୍ରାମ–ବେଣୀପଥର, ଥାନା–ବାଲିମି ନଂ.–୨୧,ତହସିଲ–ହିନ୍ଦୋଳ, ଜିଲ୍ଲା–ଢେଙ୍କାନାଳ

| କ୍ରମିକ ସଂଖ୍ୟା | ଖାତା ନଂ. | ପ୍ଲଟ ନଂ. | କିସମ | ମୋଟ ରକବା (ଏକର) | ଭୂ–ଅର୍ଜନ ଆଇନ ୧୮୯୪ ଧାରା ୪(୧) ମୁତାବକ ଅଧିଗ୍ରହିତ ରକବା (ଏକର) | ପ୍ରତ୍ୟାହାର ରକବା (ଏକର) |
|---|---|---|---|---|---|---|
| ୧ | ୧ | 171 (P) | ଶାରଦ–ଦୁଇ | ୧.୫୫୦ | ୦.୨୫୦ | ୦.୨୫୦ |
| ୨ | ୧୬ | ୧୨୦(P) | ଶାରଦ–ଦୁଇ | ୧.୮୦୦ | ୦.୧୬୦ | ୦.୧୬୦ |
| ୩ | ୧୮ | ୭୩(P) | ଶାରଦ–ଦୁଇଫସଲି–ଏକ | ୧.୮୦୦ | ୦.୩୫୦ | ୦.୩୫୦ |
| ୪ | ୧୮ | ୧୨୪(P) | ଶାରଦ–ଦୁଇଫସଲି–ଦୁଇ | ୬.୧୮୦ | ୦.୯୦୦ | ୦.୯୦୦ |
| ୫ | ୨୦ | ୧୬୬(P) | ଶାରଦ–ଦୁଇ | ୦.୧୨୦ | ୦.୦୧୦ | ୦.୦୧୦ |
| ୬ | ୨୪ | ୫୬(P) | ଶାରଦ–ଦୁଇ | ୧.୫୪୦ | ୦.୩୦୦ | ୦.୩୦୦ |
| ୭ | ୨୭ | ୧୫୪(P) | ଶାରଦ–ଦୁଇ | ୧.୨୬୦ | ୦.୧୬୦ | ୦.୧୬୦ |
| ୮ | ୩୦ | ୫୭(P) | ଶାରଦ–ଦୁଇ | ୦.୭୪୦ | ୦.୦୩୦ | ୦.୦୩୦ |
| ୯ | ୩୦ | ୫୮(P) | ଶାରଦ–ତିନି | ୦.୪୪୦ | ୦.୦୧୦ | ୦.୦୧୦ |
| ୧୦ | ୩୦ | ୫୯(P) | ଶାରଦ–ଏକ | ୦.୪୩୦ | ୦.୦୬୦ | ୦.୦୬୦ |
| ୧୧ | ୩୦ | ୭୪(P) | ଶାରଦ–ଦୁଇ ଫସଲି–ଏକ | ୨.୫୨୦ | ୦.୨୦୦ | ୦.୨୦୦ |
| ୧୨ | ୩୦ | ୫୯/୩୭୪(P) | ତଇଲା–ଏକ | ୦.୦୩୦ | ୦.୦୩୦ | ୦.୦୩୦ |
| ୧୩ | ୩୦ | ୬୦/୩୭୨(P) | ତଇଲା–ଏକ | ୦.୨୫୦ | ୦.୧୦୦ | ୦.୧୦୦ |
| ୧୪ | ୩୩ | ୧୫୮(P) | ଶାରଦ–ଦୁଇ | ୦.୧୭୦ | ୦.୦୮୦ | ୦.୦୮୦ |
| ୧୫ | ୩୩ | ୧୬୨(P) | ଶାରଦ–ଦୁଇ | ୦.୪୮୦ | ୦.୧୫୦ | ୦.୧୫୦ |
| ୧୬ | ୪୫ | ୧୬୩(P) | ଶାରଦ–ତିନି | ୦.୧୯୦ | ୦.୦୩୦ | ୦.୦୩୦ |
| ୧୭ | ୪୫ | ୧୬୫(P) | ଶାରଦ–ଦୁଇ | ୦.୩୫୦ | ୦.୧୦୦ | ୦.୧୦୦ |
| ୧୮ | ୪୭ | ୧୫୯(P) | ଶାରଦ–ଦୁଇ | ୦.୨୩୦ | ୦.୦୩୦ | ୦.୦୩୦ |
| ୧୯ | ୩୭/୬୯ | ୧୬୧(P) | ଶାରଦ–ଦୁଇ | ୦.୨୯୦ | ୦.୧୨୦ | ୦.୧୨୦ |
| | | | ମୋଟ | ୨୦.୩୮୦ | ୩.୦୭୦ | ୩.୦୭୦ |

By order of the Governor
Joint Secretary to Government
OIPR-24001/14/0058/2324



## ODISHA COAL AND POWER LTD.
OCPL Odisha Coal and Power Limited
(A GOVT. OF ODISHA COMPANY)
Zone-A, Ground Floor, Fortune Towers, Chandrasekharpur, Bhubaneswar – 751023, Odisha, Ph No: 0674-2300654 /2300664

NOTICE INVITING TENDER

NIT No: OCPL/SER-162/2023 Date: 12/08/2023

Sealed bids in prescribed format are invited from companies / firms / contractors for the following work:

| Sl. No. | Name of the work | Cost of tender paper | Bid security | Issue of tender document | Last date of sale fo tender document | Last date of submission / opening of bid |
|---|---|---|---|---|---|---|
| 1 | Construction of Rest Shelter inside Manoharpur Coal Mines, Manoharpur, Sundargarh, Odisha | Rs.1,180/- (Rupees One Thousand One Hundred and Eighty only) including GST. | Rs.50,000/- (Rupees Fifty Thousand Only) | 12.08.2023 | 02.09.2023 | 03:00 P.M. / 03:30 P.M. on 08.09.2023 |

For further details, bidders may visit our website, i.e., www.ocpl.org.in. Any clarification may please be addressed to the undersigned at the above address or by email to: contracts@ocpl.org.in.

Sd./- General Manager (C & CA)



## ଓଡ଼ିଶା ସରକାର
## ରାୟଗଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ
ଅଧିସୂଚନା

ପରିପତ୍ର ସଂଖ୍ୟା–1308 ତାରିଖ–19.07.2023

No.XXVIII-12: ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ କୋରାପୁଟ–ସିଙ୍ଗାପୁର ରୋଡ ଦୋହରୀକରଣ ରେଳପଥ ପ୍ରକଳ୍ପ ନିମନ୍ତେ ମୌଜା କାଣିପାଇ, ଥାନା–କଲ୍ୟାଣସିଂହପୁର, ନଂ.–୨୨୫, ତହସିଲ–କଲ୍ୟାଣସିଂହପୁର, ଜିଲ୍ଲା–ରାୟଗଡାରେ ନିମ୍ନ ତଫସିଲ ମତେ ପ୍ରାୟ ଏ.୧.୧୬୪ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର (Appropriate Government)ଏତଦ୍ୱାରା ନିମ୍ନ ଅନୁସୂଚିତ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013) ର ୧୧(୧) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟରେ ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013) ର ୧୫ ଧାରା ଅନୁଯାୟୀ ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

୧. ସର୍ବ ଉଦ୍ଦେଶ୍ୟର ସ୍ୱରୂପ – କୋରାପୁଟ–ସିଙ୍ଗାପୁର ରୋଡ ଦୋହରୀକରଣ ରେଳପଥ ପ୍ରକଳ୍ପ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ – ଉପମୁଖ୍ୟ ଯନ୍ତ୍ରୀ (ନିର୍ମାଣ–III) ପୂର୍ବତଟ ରେଳପଥ, ବିଶାଖାପାଟଣା/କୋରାପୁଟ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ – ସାର୍ବଜନୀନ ଉଦ୍ଦେଶ୍ୟରେ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରିବା।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ – ଉକ୍ତ ପ୍ରକଳ୍ପ ପାଇଁ SIA Study vide No.1303/NCDS, ତାରିଖ ୨୪.୦୨.୨୦୨୩ ଦ୍ରଷ୍ଟବ୍ୟ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ – ଜିଲ୍ଲାପାଳ, ରାୟଗଡା।
୬. ଜମିର ବିବରଣୀ:

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ |
| ରାୟଗଡା | କଲ୍ୟାଣ ସିଂହପୁର | କାଣିପାଇ | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ ଅଛି | ଏଥି ସହିତ ସଂଲଗ୍ନ ଅଛି | ଏଥି ସହିତ ସଂଲଗ୍ନ ଅଛି | ୨.୦୦୦ | ୧.୧୬୪ | ଏଥି ସହିତ ସଂଲଗ୍ନ ଅଛି |

ଉକ୍ତ ଭୂମିର ଏକ ନକ୍ସା ତହସିଲଦାର ତଥା ଭୂ–ଅର୍ଜନ ଅଧିକାରୀ ରାୟଗଡାଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ। ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ରାୟଗଡା ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./– ଜିଲ୍ଲାପାଳ, ରାୟଗଡା

### ବ୍ୟକ୍ତିଗତ ଜମି

| କ୍ରମିକ ନଂ. | ୧ ଖତିୟାନ ନଂ. | ୨ ପ୍ଲଟ ନଂ. | ୩ ମୌଜା | ୪ ଗ୍ରା.ପ. | ୫ ରକବା | ୬ ଅଧିଗ୍ରହଣ ରକବା | ୭ କିସମ | ୮ ଅଭିଲିଖିତ ରୟତ ନାମ |
|---|---|---|---|---|---|---|---|---|
| ୧ | ୨୯/୧୩ | ୬୦ | କାଣିପାଇ | ସିକରପାଇ | ୦.୪୯୦ | ୦.୪୯୦ | ଡଙ୍ଗର ଦୁଇ | କାରାସିକା ଆପି, ପି–କାରାସିକା ବାଇତ |
| ୨ | ୨୯/୨୪ | ୬୧ | କାଣିପାଇ | ସିକରପାଇ | ୦.୪୬୦ | ୦.୪୬୦ | ଡଙ୍ଗର ତିନି | କାଡ୍ରାକା ସୁକୁରୁ, କାଡ୍ରାକା ମୂର୍ତି, କାଡ୍ରାକା ମୁନି, କାଡ୍ରାକା ମଣି, ପି–କାଡ୍ରାକା ରେଲି |
| | | ୬୩ | କାଣିପାଇ | ସିକରପାଇ | ୦.୦୫୦ | ୦.୦୫୦ | ଡଙ୍ଗର ତିନି | |
| ୩ | ୨୯/୨୩ | ୬୩/୨୧୫ | କାଣିପାଇ | ସିକରପାଇ | ୧.୦୦୦ | ୦.୧୬୪ | ଡଙ୍ଗର ତିନି | କାଡ୍ରାକା କେଟୁ, ପି–କାଡ୍ରାକା କେଶ, କାଡ୍ରାକା ପାଲେ, ସ୍ୱା–କାଡ୍ରାକା କେଶ |
| | | | | ମୋଟ ଏ | ୨.୦୦୦ | ୧.୧୬୪ | | |

ସ୍ୱା./–ତହସିଲଦାର ତଥା ଭୂ–ଅର୍ଜନ ଅଧିକାରୀ,
କଲ୍ୟାଣସିଂହପୁର, ଜିଲ୍ଲା–ରାୟଗଡ଼ା
OIPR-24169/14/0013/2324

**ଅସମ୍ପୂର୍ଣ୍ଣ ରହିଲା ମୋକିମଙ୍କ ସାକ୍ଷ୍ୟପ୍ରଦାନ**

କଟକ,୧୧।୮ (କାର୍ତ୍ତିକ ସାହୁ): ବାରବାଟୀ-କଟକ ନିର୍ବାଚନ ଅନିୟମିତତା ମାମଲାରେ ବିଧାୟକ ମହମ୍ମଦ ମୋକିମ ଶୁକ୍ରବାର ହାଇକୋର୍ଟରେ ହାଜର ହୋଇ ସାକ୍ଷ୍ୟପ୍ରଦାନ କରିଛନ୍ତି। ବିଚାରପତି ସଙ୍ଗମ କୁମାର ସାହୁ ମାମଲାର ଶୁଣାଣି କରି ବିଧାୟକ ମୋକିମଙ୍କ ସାକ୍ଷ୍ୟଗ୍ରହଣ ଅସମ୍ପୂର୍ଣ୍ଣ ରହିବାରୁ ଆସନ୍ତା ୧୪ ତାରିଖକୁ ପରବର୍ତ୍ତୀ ଶୁଣାଣି ପାଇଁ ଦିନ ଧାର୍ଯ୍ୟ କରିଛନ୍ତି। ମୋକିମଙ୍କ ସାକ୍ଷ୍ୟ ପ୍ରଦାନର ସତ୍ୟପାଠ ସମେତ ନିର୍ବାଚନ ସଂକ୍ରାନ୍ତୀୟ କେତେକ ଦସ୍ତାବିଜ୍ ଅଦାଲତରେ ଦାଖଲ କରାଯାଇଛି। ସୂଚନାଯୋଗ୍ୟ, ଗତ ବିଧାନସଭା ନିର୍ବାଚନରେ ପରାଜିତ ପ୍ରାର୍ଥୀ ଦେବାଶିଷ ସାମନ୍ତରାୟ ବିଜୟୀ ପ୍ରାର୍ଥୀ ମହମ୍ମଦ ମୋକିମଙ୍କ ବିରୋଧରେ ନିର୍ବାଚନରେ ଅନିୟମିତତା କରିଥିବା ନେଇ ହାଇକୋର୍ଟରେ ମାମଲା ଦାଏର କରିଥିଲେ। ଆବେଦନକାରୀ ସାମନ୍ତରାୟଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଗୋପାଳ ଅଗ୍ରୱାଲ ଏବଂ ପ୍ରତିପକ୍ଷ ମୋକିମଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ବିଦ୍ୟାଧର ମିଶ୍ର ଓ ତରଣୀକାନ୍ତ ବିଶ୍ୱାଳ ମାମଲା ପରିଚାଳନା କରୁଛନ୍ତି।




# କଲମ୍ବୋ ବନ୍ଦରରେ ଚାଇନା ଯୁଦ୍ଧଜାହାଜ

**କଲମ୍ବୋ,୧୧।୮**

ଚାଇନାର ସର୍ଭିଲାନ୍ସ ଦକ୍ଷତାସମ୍ପନ୍ନ ଏକ ଯୁଦ୍ଧଜାହାଜ ଗୁରୁବାର ଶ୍ରୀଲଙ୍କାର କଲମ୍ବୋ ବନ୍ଦରେ ପହଞ୍ଚିଛି। ରଣନୈତିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ଏହି ବନ୍ଦରରେ ଅନ୍ୟ ଏକ ଗୁପ୍ତଚର ଜାହାଜର ଉପସ୍ଥିତିକୁ ନେଇ ଭାରତ ଆପତ୍ତି ଉଠାଇବାର ପ୍ରାୟ ବର୍ଷେ ପରେ ଚାଇନାର ପିପୁଲ୍ସ ଲିବରେଶନ୍ ଆର୍ମି (ପିଏଲ୍ଏ) ଏହାର ଯୁଦ୍ଧଜାହାଜ ହାଇ ୟାଙ୍ଗ୍ ୨୪ ହାଓକୁ କଲମ୍ବୋ ବନ୍ଦରକୁ ପଠାଇଛି। ୧୨୯ ମିଟର ଲମ୍ବ ଏହି ଯୁଦ୍ଧଜାହାଜରେ ୧୩୮ କ୍ରିଉ ରହିଛନ୍ତି। କମାଣ୍ଡର ଜିନ୍ ଶିନଙ୍କ ଦ୍ୱାରା ଏହା ପରିଚାଳିତ ହେଉଛି। ଜାହାଜଟି ଶନିବାର ବନ୍ଦର ଛାଡ଼ିବ ବୋଲି ଶ୍ରୀଲଙ୍କା ନୌସେନା ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ଶୁକ୍ରବାର ଗଣମାଧ୍ୟମ ରିପୋର୍ଟରୁ ଜଣାପଡ଼ିଛି ଯେ, ଏହି ଜାହାଜ ପଠାଇବା ପାଇଁ ଚାଇନା କର୍ତ୍ତୃପକ୍ଷ ପୂର୍ବରୁ ଅନୁମତି ଲୋଡ଼ିଥିଲେ। କିନ୍ତୁ ଏହାକୁ ନେଇ ଭାରତ ଆପତ୍ତି ଉଠାଇବା ପରେ ଶ୍ରୀଲଙ୍କା ଅନୁମତି ଦେବାର ବିଳମ୍ବ କରିଥିଲା।

ପ୍ରକାଶ ଯେ, ଗତବର୍ଷ ଅଗଷ୍ଟରେ ମଧ୍ୟ ଚାଇନାର ଏକ ବାଲିଷ୍ଟିକ୍ ମିଶାଇଲ୍ ଏବଂ ସାଟେଲାଇଟ୍ ଟ୍ରାକିଂ ଜାହାଜ 'ୟୁଆନ୍ ୱାଙ୍ଗ୍' ଶ୍ରୀଲଙ୍କାର ହାମ୍ବନଟୋଟା ବନ୍ଦରରେ ପହଞ୍ଚିଥିଲା। ଭାରତ ପ୍ରତି ଏହି ଗୁପ୍ତଚର ଜାହାଜ ବିପଦ ସୃଷ୍ଟି କରିବା ଆଶଙ୍କାରେ ନୂଆଦିଲ୍ଲୀ କଡ଼ା ଆପତ୍ତି ଉଠାଇଥିଲା।

# ଆତ୍ମହତ୍ୟା ସ୍ପଷ୍ଟ, କାରଣ ଖୋଜିପାଉନି ପୋଲିସ

## ହୋଟେଲରେ ଭଦ୍ରକ ଯୁବତୀଙ୍କ ମୃତ୍ୟୁ ମାମଲା

- ଘଟଣା ପଛରେ ଏମ୍ଏମ୍ଏମ୍ଏସ୍ ଚର୍ଚ୍ଚା
- ଦୁଇ ପୁରୁଷ ବନ୍ଧୁଙ୍କଠାରୁ ବହୁ ତଥ୍ୟ ପାଇଲା ପୋଲିସ

**ଭୁବନେଶ୍ୱର,୧୧।୮ (ସତ୍ୟଜିତ୍ ରାଉତ)**

ଭୁବନେଶ୍ୱର ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ କଟକ ରୋଡ଼ସ୍ଥିତ ଦୀପାଳି ହୋଟେଲ ଆଣ୍ଡ୍ ବାର୍‌ରେ ଯୁକ୍ତ୨ ଛାତ୍ରୀ ଭଦ୍ରକର ଶୁଭଲକ୍ଷ୍ମୀ ସାହୁ (୧୮)ଙ୍କ ଆତ୍ମହତ୍ୟା ଘଟଣାକୁ ଶୁକ୍ରବାର ସପ୍ତାହେ ପୂରିଛି। ହେଲେ ଶୁଭଲକ୍ଷ୍ମୀ କେଉଁ କାରଣରୁ ଏଭଳି ଚରମ ନିଷ୍ପତ୍ତି ନେବାକୁ ବାଧ୍ୟ ହେଲେ ତାହା ଏବେ ରହସ୍ୟ ଘେରରେ ରହିଛି। ସେପଟେ ଶୁଭଲକ୍ଷ୍ମୀ ଏମ୍ଏମ୍ଏମ୍ଏସ୍ ପାଇଁ ଆତ୍ମହତ୍ୟା କରିଥିବା ଚର୍ଚ୍ଚା ହେଉଛି। ପୋଲିସ ବିଭିନ୍ନ ଦିଗକୁ ନେଇ ତଦନ୍ତ କରି ଆତ୍ମହତ୍ୟାର ପ୍ରକୃତ କାରଣ ଖୋଜିବାକୁ ପ୍ରୟାସ ଜାରି ରଖିଛି। ଏଭଳିସ୍ଥିତିରେ ଭୁବନେଶ୍ୱର ଡିସିପି ପ୍ରତୀକ ସିଂ କହିଛନ୍ତି, ବ୍ୟବଚ୍ଛେଦ ରିପୋର୍ଟ ଓ ପ୍ରାଥମିକ ତଦନ୍ତରୁ ଶୁଭଲକ୍ଷ୍ମୀ ଆତ୍ମହତ୍ୟା କରିଥିବା ସ୍ପଷ୍ଟ ହୋଇଛି। ତେବେ ସେ କେଉଁ ପରିସ୍ଥିତିରେ ଏଭଳି ନିଷ୍ପତ୍ତି ନେଲେ ଏବଂ ଏଥିପାଇଁ ଦାୟୀ କିଏ ଏନେଇ ତଦନ୍ତ ଚାଲୁରହିଛି। କୌଣସି ଭାଇରାଲ୍ ଭିଡିଓ ଏପର୍ଯ୍ୟନ୍ତ ଆମେ ପାଇନାହୁଁ। ଯଦି ସେଭଳି କିଛି ଭିଡିଓ ମିଳେ, ତେବେ ଆତ୍ମହତ୍ୟା ସହ ଏହାର କିଛି ଲିଙ୍କ୍ ଅଛି କି ନାହିଁ ସେ ନେଇ ତଦନ୍ତ କରାଯିବ ବୋଲି ଡିସିପି ସିଂ କହିଛନ୍ତି। ଅପରପକ୍ଷରେ ପୋଲିସ ଶୁଭଲକ୍ଷ୍ମୀଙ୍କ ପୁରୁଷ ବନ୍ଧୁ ଅନିଲ ଓ ପୂର୍ବତନ ପୁରୁଷବନ୍ଧୁ ସଞ୍ଜୟଙ୍କୁ ଜେରା କରି ବହୁ ତଥ୍ୟ ପାଇଛି। ମିଳିଥିବା ସୂଚନା ଅନୁଯାୟୀ, ଶୁଭଲକ୍ଷ୍ମୀ କିଛି ମାସ ପୂର୍ବରୁ ସଞ୍ଜୟଙ୍କ ସହ ସମ୍ପର୍କ ତୁଟାଇ ଅନିଲଙ୍କ ସହ ଯୋଡ଼ି ହେବା ପରେ ଘଟଣା ଭିନ୍ନ ମୋଡ଼ ନେଇଥିଲା। ସଞ୍ଜୟ ଓ ଶୁଭଲକ୍ଷ୍ମୀଙ୍କ ସମ୍ପର୍କରେ ଅଧିକ ତିକ୍ତତା ସୃଷ୍ଟି ହୋଇଥିଲା। ଏହି ଝଗଡ଼ା ପାଇଁ ଶୁଭଲକ୍ଷ୍ମୀ ଏଭଳି ଚରମ ନିଷ୍ପତ୍ତି ନେଲେ ବୋଲି ସୂଚନା ମିଳିଛି। ଏପଟେ ପୋଲିସ ପୁରୁଷବନ୍ଧୁ ଅନିଲଙ୍କ ମୋବାଇଲ ଜବତ କରି ତାହାକୁ ଅଧିକ ଯାଞ୍ଚ ଚଳାଇଛି। ଶୁଭଲକ୍ଷ୍ମୀଙ୍କ ଆତ୍ମହତ୍ୟା ପଛରେ ଅନିଲଙ୍କ ପାଖରେ ଅନେକ ତଥ୍ୟ ଥିବାରୁ ପୋଲିସ ଏଥିରୁ ଗୁମର ଖୋଲିବା ପାଇଁ ପ୍ରୟାସ ଜାରି ରଖିଛି।

ସୂଚନାଯୋଗ୍ୟ, ଶୁଭଲକ୍ଷ୍ମୀ ଶୁକ୍ରବାର ବିଳମ୍ବିତ ରାତିରେ ଉକ୍ତ ହୋଟେଲକୁ ଆସି ଦ୍ୱିତୀୟ ମହଲାରେ ଥିବା ୨୦୫ ନମ୍ବର ରୁମ୍‌ରେ ରହିଥିଲେ। ହେଲେ ଶନିବାର କବାଟ ନ ଖୋଲିବାରୁ ହୋଟେଲ କର୍ମଚାରୀଙ୍କ ସନ୍ଦେହ ହୋଇଥିଲା। ହୋଟେଲ ପକ୍ଷରୁ ଉକ୍ତ କବାଟ ଭଙ୍ଗାଯିବା ପରେ ଶୁଭଲକ୍ଷ୍ମୀ ଓଢ଼ଣି ଦ୍ୱାରା ଫ୍ୟାନ୍‌ରେ ଝୁଲୁଥିବା ଦେଖିବାକୁ ମିଳିଥିଲା ବୋଲି ପୋଲିସକୁ କୁହାଯାଇଥିଲା।

# ଘରୋଇ ଡାକ୍ତରଖାନାରେ ଉତ୍ତେଜନା


ମୃତକଙ୍କ ସମ୍ପର୍କୀୟମାନେ

## ଭୁଲ୍ ଚିକିତ୍ସାରୁ ରୋଗୀ ମୃତ୍ୟୁ ଅଭିଯୋଗ

**ଭଦ୍ରକ,୧୧।୮ (ସନାତନ ରାଉତ)**

ଭଦ୍ରକ ସହରର ଏକ ଘରୋଇ ହସ୍ପିଟାଲରେ ଅପରେଶନ ଟେବୁଲରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ଭୁଲ୍ ଚିକିତ୍ସାରୁ ମୃତ୍ୟୁ ହୋଇଥିବା ପରିବାର ଲୋକେ ଅଭିଯୋଗ କରିଥିଲେ। ଏନେଇ ହସ୍ପିଟାଲ ପରିସରରେ ଉତ୍ତେଜନା ଦେଖାଦେଇଥିଲା।

ସୂଚନା ଅନୁଯାୟୀ, ଭଦ୍ରକ ଜିଲା ଧୂଷୁରୀ ଥାନା ଅଧୀନସ୍ଥ କଟସାହି ପଞ୍ଚାୟତର ଗୁହାଳିପାଳ ଗ୍ରାମର ବସନ୍ତ ପାତ୍ରଙ୍କ ସ୍ତ୍ରୀ ସଞ୍ଜୁଲତାଙ୍କର ଟ୍ୟୁମର ଅପରେଶନ ପାଇଁ ବୁଧବାର ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ଗୁରୁବାର ରାତିରେ ତାଙ୍କର ଅପରେଶନ ଚାଲିଥିବା ବେଳେ ମୃତ୍ୟୁ ହୋଇଥିବା ନେଇ ପରିବାର ଲୋକେ ଗଣମାଧ୍ୟମ ଆଗରେ ପ୍ରକାଶ କରିଛନ୍ତି। ଶୁକ୍ରବାର ସକାଳୁ ଏ ନେଇ ମୃତାଙ୍କ ସମ୍ପର୍କୀୟ ହସ୍ପିଟାଲରେ ହୋହଲ୍ଲା କରିଥିଲେ। ଖବର ପାଇ ଭଦ୍ରକ ଟାଉନ ପୋଲିସ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣକୁ ନେଇଥିଲା। ସିଟି ଡିଏସ୍‌ପି ଅଂଶୁମାନ ଦ୍ୱିବେଦୀ, ଧାମନଗର ବିଧାୟକ ସୂର୍ଯ୍ୟବଂଶୀ ସୂରଜ, ପୂର୍ବତନ ବିଧାୟକ ରାଜେନ୍ଦ୍ର ଦାସ, ହସ୍ପିଟାଲ କର୍ତ୍ତୃପକ୍ଷ ଓ ମୃତକଙ୍କ ସମ୍ପର୍କୀୟଙ୍କ ସହିତ ଆଲୋଚନା କରି ଆପୋଷ ସମାଧାନ ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ମୃତଦେହକୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ରିପୋର୍ଟ ଆଧାରରେ ଟାଉନ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି ବୋଲି ସିଟି ଡିଏସ୍‌ପି କହିଛନ୍ତି। ତେବେ ଡାକ୍ତରଙ୍କ ଭୁଲ ଚିକିତ୍ସା ପାଇଁ ରୋଗୀର ମୃତ୍ୟୁ ହୋଇଥିବା ନେଇ ପରିବାର ଲୋକ ଅଭିଯୋଗ କରିଥିବା ବେଳେ ଏହାକୁ ଡାକ୍ତରଖାନା କର୍ତ୍ତୃପକ୍ଷ ଅସ୍ୱୀକାର କରିଛନ୍ତି।

# ବିଜେଡି ସମର୍ଥିତ ୪ ସରପଞ୍ଚ, ୭ ସମିତି ସଭ୍ୟ ବିଜୟୀ

## ପଞ୍ଚାୟତ ଉପନିର୍ବାଚନ

**ଭୁବନେଶ୍ୱର,୧୧।୮ (ସୁନୀତ ମିଶ୍ର)**

ତ୍ରିସ୍ତରୀୟ ପଞ୍ଚାୟତିରାଜି ଉପନିର୍ବାଚନ ଫଳାଫଳ ଘୋଷଣା ହୋଇଛି। ଏଥିରେ ବିଜେଡିକୁ ବିପୁଳ ସଫଳତା ମିଳିଛି। ଧର୍ମଶାଳା ବ୍ଲକ ୧୫ ନମ୍ବର ଜୋନ ଜିଲା ପରିଷଦ ଉପନିର୍ବାଚନରେ ବିଜେଡି ପ୍ରାର୍ଥୀ ୧୦ ହଜାର ୧୯୬ ଖଣ୍ଡ ଭୋଟ ବ୍ୟବଧାନରେ ବିଜୟ ହାସଲ କରିଛନ୍ତି। ସେହିପରି ବିଜେଡି ସମର୍ଥିତ ୪ ସରପଞ୍ଚ ଏବଂ ୭ ସମିତି ସଭ୍ୟ ପ୍ରାର୍ଥୀ ଜିତିଛନ୍ତି। କଟକ ଜିଲା ନରସିଂହପୁର ବ୍ଲକ ସରଧାପୁର ପଞ୍ଚାୟତରେ ନିରଞ୍ଜନ ବରଦା, ମାହାଙ୍ଗା ବ୍ଲକ ନୃତଙ୍ଗ ପଞ୍ଚାୟତରେ ପବିତ୍ର ମୋହନ ବରାଳ, ମୟୂରଭଞ୍ଜ ଜିଲା ରାରୁଆଁ ବ୍ଲକ ପାନପତ୍ରିଆ ପଞ୍ଚାୟତରେ ଜ୍ୟୋତିରାଣୀ ପୂର୍ତ୍ତି ଏବଂ ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ବ୍ଲକ ସାନମବଡ଼ା ପଞ୍ଚାୟତରେ ନବଘନ ପୂଜାରୀ ସରପଞ୍ଚ ଭାବେ ନିର୍ବାଚିତ ହୋଇଛନ୍ତି। ଏହାସହ ବିଜେଡି ସମର୍ଥିତ ୭ ସମିତି ସଭ୍ୟ ପ୍ରାର୍ଥୀ ମଧ୍ୟ ବିଜୟୀ ହୋଇଛନ୍ତି। ଦେବଗଡ଼ ଜିଲା ବାରକୋଟ ବ୍ଲକ ଖାରଖନ୍ଧାଲ ପଞ୍ଚାୟତରେ ଚିତ୍ରସେନ ନାୟକ ଏବଂ ପୁରୀ ଜିଲା ଡେଲାଙ୍ଗ ବ୍ଲକ ସୁଜନପୁର ପଞ୍ଚାୟତରେ ସବିତା ରାଉତରାୟ ନିର୍ଦ୍ୱନ୍ଦ୍ୱରେ ଜିତିଛନ୍ତି। ଏଥିସହ ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ଗୋକର୍ଣ୍ଣପୁର ପଞ୍ଚାୟତରେ କୃଷ୍ଣ ସେଠୀ, ଯାଜପୁର ଧର୍ମଶାଳା ବ୍ଲକ ନେଉଳପୁର ପଞ୍ଚାୟତରେ ସବନମ ପରୱିନ, କେନ୍ଦ୍ରାପଡ଼ା ମାର୍ଶାଘାଇ ବ୍ଲକ ଡୁମୁକା ପଞ୍ଚାୟତରେ ନମିତା ପ୍ରଧାନ, ପଟ୍ଟାମୁଣ୍ଡାଇ ବ୍ଲକ ଦିହୁଡିପୁର ପଞ୍ଚାୟତରେ ପ୍ରମିଳା ଖଟୁଆ ଏବଂ କେନ୍ଦୁଝର ହରିଚନ୍ଦନପୁର ବ୍ଲକ ହୁଣ୍ଡା ପଞ୍ଚାୟତରେ ସୁବ୍ରଜ୍ୟୋତି ଅମ୍ବା ବିଜେଡି ସମର୍ଥନରେ ବିଜୟ ହାସଲ କରିଛନ୍ତି।

# ନାଇଜର, ଟାଟା କ୍ୟାନ୍ସର ହସ୍ପିଟାଲକୁ ଲିଜ୍ ଜମି

**ଭୁବନେଶ୍ୱର,୧୧।୮ (ଅନିଲ ଦାସ)**

## କ୍ୟାବିନେଟ ନିଷ୍ପତ୍ତି

- ଚୁକ୍ତିଭିତ୍ତିକ ନିଯୁକ୍ତି ସଂରକ୍ଷଣ ନୀତି ପରିସର ଭୁକ୍ତ ହେବ
- ଶିଳ୍ପ ସମ୍ପ୍ରସାରଣ ଅଧିକାରୀ, ଶିଳ୍ପ ପର୍ଯ୍ୟବେକ୍ଷକ କ୍ୟାଡର ପୁନର୍ବିନ୍ୟାସକୁ କ୍ୟାବିନେଟ ମଞ୍ଜୁରୀ

ରାଜ୍ୟ ସରକାର ବଡ଼ତୋଟା, ଭୀମପୁର ଓ ବେଲପଡ଼ା ମୌଜାରେ ୪୮.୮୪୨ ଏକର ସରକାରୀ ଜମିକୁ ବିନା କୌଣସି ଦେୟରେ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ସାଇନ୍ସ ଏଜୁକେଶନ ଆଣ୍ଡ ରିସର୍ଚ୍ଚ (ନାଇଜର) ଭୁବନେଶ୍ୱର, ଟାଟା ମେମୋରିଆଲ କ୍ୟାନ୍ସର ହସ୍ପିଟାଲ ଆଣ୍ଡ ଏଜୁକେଶନ ସେଣ୍ଟର ପ୍ରତିଷ୍ଠା ନିମନ୍ତେ ଲିଜ୍ ସୂତ୍ରରେ ଦେବାକୁ ନିଷ୍ପତ୍ତି ନେଇଛନ୍ତି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଦ୍ୱାରା ଦିଆଯାଇଥିବା ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ ଅନୁମୋଦନ କରିଛି।

ରାଜ୍ୟ ସରକାରଙ୍କ ବର୍ତ୍ତମାନର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଗ୍ରୁପ୍ 'ସି' ଏବଂ ଗ୍ରୁପ୍ 'ଡି' ପଦବୀ ଏବଂ ସେବାରେ ଅନେକ ଚୁକ୍ତିଭିତ୍ତିକ ନିଯୁକ୍ତି ଦିଆଯାଉଛି ଏବଂ ଏହି ନିଯୁକ୍ତି ଏକ ନିର୍ଦ୍ଦିଷ୍ଟ ଅବଧି ପରେ ନିୟମିତ ହୋଇଆସୁଛି। ଏପରି ନିୟମିତକରଣ ସମୟରେ ସଂରକ୍ଷଣ ନୀତିର ଅନୁପସ୍ଥିତିରେ ଅନୁସୂଚିତ ଜାତି ଏବଂ ସଂରକ୍ଷଣକୁ ନେଇ ସମସ୍ୟା ସୃଷ୍ଟି ହେଉଛି। ଉକ୍ତ ବିଷୟକୁ ଏବଂ ଅନୁସୂଚିତ ଜନଜାତିଙ୍କ ପାଇଁ ସମ୍ବିଧାନର ଧାରା ୧୬(୪)ର ଧାରାକୁ ଦୃଷ୍ଟିରେ ରଖି ସମସ୍ତ ଚୁକ୍ତିଭିତ୍ତିକ ନିଯୁକ୍ତିକୁ ଓଆରଭି ଅଧିନିୟମ ଅନୁଯାୟୀ ରାଜ୍ୟ ସଂରକ୍ଷଣ ନୀତି ପରିସରଭୁକ୍ତ କରିବାକୁ ପ୍ରସ୍ତାବ ଦିଆଯାଇଛି। ଓଆରଭି ଅଧିନିୟମ-୧୯୭୫ର ଧାରା ୩ରେ ଏକ ସଂଶୋଧନ କରିବାକୁ ପ୍ରସ୍ତାବ ଦିଆଯାଇଛି। ଏହି ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ ମିଳିଛି।

ଅଣୁ, କ୍ଷୁଦ୍ର ଓ ମଧ୍ୟମ ବିଭାଗର ଓଡ଼ିଶା ଶିଳ୍ପ ସେବା (ଓଆଇଏସ୍) କ୍ୟାଡର, ଶିଳ୍ପ ସମ୍ପ୍ରସାରଣ ଅଧିକାରୀ (ଆଇପିଓ) କ୍ୟାଡର ଏବଂ ଶିଳ୍ପ ପର୍ଯ୍ୟବେକ୍ଷକ (ଆଇଏସ୍) କ୍ୟାଡରର ପୁନର୍ବିନ୍ୟାସ ପ୍ରସ୍ତାବକୁ କ୍ୟାବିନେଟ ମଞ୍ଜୁରୀ ମିଳିଛି। ଓଡ଼ିଶା ଇଣ୍ଡଷ୍ଟ୍ରିଜ୍ ସେବା (ଓଆଇଏସ୍) କ୍ୟାଡର, ଇଣ୍ଡଷ୍ଟ୍ରିଜ୍ ପ୍ରମୋଶନ ଅଫିସର (ଆଇପିଓ) କ୍ୟାଡର ଏବଂ ଇଣ୍ଡଷ୍ଟ୍ରିଆଲ୍ ସୁପରଭାଇଜର(ଆଇଏସ୍) କ୍ୟାଡରର ପୁନର୍ବିନ୍ୟାସ କ୍ୟାବିନେଟ ଅନୁମୋଦନ କରିଛି। ଇଣ୍ଡଷ୍ଟ୍ରିଜ୍ ପ୍ରମୋଶନ ଅଫିସର(ଆଇପିଓ) କ୍ୟାଡର ଏବଂ ଇଣ୍ଡଷ୍ଟ୍ରିଆଲ ସୁପରଭାଇଜର(ଆଇଏସ୍) କ୍ୟାଡରକୁ ଡାଇଙ୍ଗ କ୍ୟାଡର ଭାବେ ଘୋଷଣା କରିବାକୁ ପ୍ରସ୍ତାବ ଦିଆଯାଇଛି। ଭବିଷ୍ୟତରେ ଏହି କ୍ୟାଡରଗୁଡ଼ିକରେ କୌଣସି ନିଯୁକ୍ତି କରାଯିବ ନାହିଁ। ବର୍ତ୍ତମାନର ଆଇପିଓ ଏବଂ ଆଇଏସ୍, ପ୍ରଚଳିତ ନିୟମ ଅନୁଯାୟୀ ସମସ୍ତ ସେବା ସୁବିଧା ପାଇବାକୁ ଜାରି ରହିବ। ସହକାରୀ ଶିଳ୍ପ ଅଧିକାରୀ ପଦବୀ କ୍ୟାଡରର ଗ୍ରୁପ୍-ବି ଗ୍ରେଡ୍/ମାନ୍ୟତା ଏଣ୍ଟ୍ରିଲେଭଲ୍ ପୋଷ୍ଟ ହେବାକୁ ପ୍ରସ୍ତାବ ଦିଆଯାଇଛି, ଯାହା ଆଂଶିକ ପ୍ରତ୍ୟକ୍ଷ ନିଯୁକ୍ତି ଏବଂ ଆଂଶିକଯୋଗ୍ୟ ଆଇପିଓ ଏବଂ ଆଇଏସ୍ କ୍ୟାଡରରୁ ଚୟନ ଦ୍ୱାରା ପୂରଣ କରାଯିବ। ସହାୟକ ଶିଳ୍ପ ଅଧିକାରୀ ପଦ ପାଇଁ ଯେକୌଣସି ଇଞ୍ଜିନିୟରିଂ ଶୃଙ୍ଖଳାର ଡିଗ୍ରୀ ସିଧାସଳଖ ନିଯୁକ୍ତି ପାଇଁ ଆବଶ୍ୟକ ସର୍ବନିମ୍ନ ଯୋଗ୍ୟତା ହେବ। ଓଡ଼ିଶା ଶିଳ୍ପ ସେବା କ୍ୟାଡରର ମୋଟ ଅନୁମୋଦିତ ପଦବୀ ୧୦୮ରୁ ୫୫୩କୁ ବୃଦ୍ଧି କରାଯାଇଛି। ସ୍ତର ୧୦ରୁ ସ୍ତର ୧୫ ପର୍ଯ୍ୟନ୍ତ ସମସ୍ତ ର୍ୟାଙ୍କ୍/ଗ୍ରେଡ୍‌ରେ ୪୪୫ଟି ନୂତନ ପଦବୀ ସୃଷ୍ଟି କରାଯାଇଛି।

ଏହି କ୍ୟାଡର ପୁନର୍ବିନ୍ୟାସ ଓଡ଼ିଶା ଇଣ୍ଡଷ୍ଟ୍ରିଜ୍ ସେବା(ଓଆଇଏସ୍) କ୍ୟାଡରକୁ ମଜଭୁତ କରିବ। ଜଷ୍ଟିସ୍ ପି. ଭେଙ୍କଟରାମା ରେଡ୍ଡୀ ଆୟୋଗର ସୁପାରିସ ଅନୁଯାୟୀ ସୁପ୍ରିମକୋର୍ଟ ୨୦୨୩ ମେ' ୧୯ ତାରିଖ ଆଦେଶକୁ କାର୍ଯ୍ୟକାରୀ କରିବା ପାଇଁ ଓଡ଼ିଶା ସୁପ୍ରିମୋ ଜୁଡିସିଆଲ ସର୍ଭିସ ଏବଂ ଓଡ଼ିଶା ଜୁଡିସିଆଲ ସର୍ଭିସ ନିୟମ-୨୦୦୭ର ସଂଶୋଧନ କରିବାକୁ ନିଷ୍ପତ୍ତି ନିଆଯାଇଛି। ଉକ୍ତ ନିୟମର ସଂଶୋଧନ କରାଗଲେ ଜୁଡିସିଆଲ୍ ଅଫିସରଙ୍କ କାର୍ଯ୍ୟଦକ୍ଷତା ବୃଦ୍ଧି ପାଇବ। ବିଧି ବିଭାଗ ପକ୍ଷରୁ ଦିଆଯାଇଥିବା ଉକ୍ତ ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ କରିଛି।

# ଇଡ୍‌କୋଠାରୁ ୩୫୦ କୋଟିରେ ଓ-ହବ୍ ଅଟ୍ଟାଳିକା କିଣିବ ଏମ୍ଏସ୍ଏମ୍ଇ ବିଭାଗ

**ଭୁବନେଶ୍ୱର,୧୧।୮ (ଅନିଲ ଦାସ)**

## ୨୦୨୫ ସୁଦ୍ଧା ୫ ହଜାର ଷ୍ଟାର୍ଟଅପ୍ ପଞ୍ଜୀକରଣ ଲକ୍ଷ୍ୟ

ଷ୍ଟାର୍ଟଅପ୍‌ଗୁଡ଼ିକୁ ଆଧୁନିକ ଭିତ୍ତିଭୂମି ଯୋଗାଇ ଦେବା ଉପରେ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ୍ଏସ୍ଏମ୍ଇ) ବିଭାଗ ଇଡ୍‌କୋଠାରୁ ୩୫୦ କୋଟି ଟଙ୍କା ମୂଲ୍ୟରେ ଅତ୍ୟାଧୁନିକ ଓ-ହବ୍‌ର ୨ଟି ଅଟ୍ଟାଳିକା (ଟାୱାର ଏ ଏବଂ ବି) କ୍ରୟ କରିବ। ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ ଅନୁମୋଦନ କରିଛି। ଏମ୍ଏସ୍ଏମ୍ଇ ବିଭାଗ ଷ୍ଟାର୍ଟଅପ୍ ଓଡ଼ିଶାର ପ୍ରଶାସନିକ ବିଭାଗ ହିସାବରେ ଇଡ୍‌କୋଠାରୁ ଓ-ହବ୍‌ର ଜମି ଏବଂ କୋଠା ସମେତ ଆଭ୍ୟନ୍ତରୀଣ ସାଜସଜ୍ଜାରେ ଖର୍ଚ୍ଚକୁ ମିଶାଇ ୩୫୦ କୋଟି ଟଙ୍କା ମୂଲ୍ୟରେ କ୍ରୟ କରିବ।

ଚନ୍ଦକାର ଆଇଟି/ଆଇଟିଇ୍ ଏସ୍ଇଜେଡ୍‌ଠାରେ ୩.୫୭ ଏକର ଜମିରେ ଇଡ୍‌କୋ ଦ୍ୱାରା ଓ-ହବ୍ ଅଟ୍ଟାଳିକାରେ ଜି + ୧୨ ମହଲା ବିଶିଷ୍ଟ ଦୁଇଟି ଟାୱାର (ଟାୱାର-ଏ ଏବଂ ଟାୱାର-ବି) ନିର୍ମିତ ହୋଇଛି, ଯାହାର ସମୁଦାୟ ନିର୍ମାଣ ସ୍ଥାନ ପ୍ରାୟ ୪ ଲକ୍ଷ ବର୍ଗଫୁଟ ହେବ। ଏହି ଜମିକୁ ରାଜ୍ୟ ସରକାର ୨୦୦୬ ମାର୍ଚ୍ଚ ୨୫ଠାରୁ ୯୯ ବର୍ଷ ପାଇଁ ଲିଜ୍ ଆକାରରେ ଇଡ୍‌କୋକୁ ଦେଇଛନ୍ତି। ରାଜ୍ୟରେ ଓଡ଼ିଶା ଷ୍ଟାର୍ଟଅପ୍ ପଲିସି-୨୦୧୬ ଆରମ୍ଭ ହେବା ପରଠାରୁ ଷ୍ଟାର୍ଟଅପ୍ ସଂଖ୍ୟାରେ କ୍ରମାଗତ ଅଭିବୃଦ୍ଧି ଘଟିଛି। ୧୬୦୦ରୁ ଅଧିକ ଷ୍ଟାର୍ଟଅପ୍ ମାନ୍ୟତା ପାଇଛନ୍ତି ଏବଂ ଇନ୍‌କ୍ୟୁବେଟର ସଂଖ୍ୟା ୨୬କୁ ବୃଦ୍ଧି ପାଇଛି। ୨୦୨୫ ସୁଦ୍ଧା ୫୦୦୦ ଷ୍ଟାର୍ଟଅପ୍ ଏବଂ ୫୦ ଇନ୍‌କ୍ୟୁବେଟରଙ୍କୁ ପଞ୍ଜୀକରଣ କରାଇବା ପାଇଁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି। ଏହି ଓ-ହବ୍ ଓଡ଼ିଶାର ଷ୍ଟାର୍ଟଅପ୍ ଇକୋସିଷ୍ଟମର ମୁଖ୍ୟ କେନ୍ଦ୍ରବିନ୍ଦୁ ଭାବେ କାର୍ଯ୍ୟ କରିବ। ଏଥିରେ ବର୍ତ୍ତମାନ ଷ୍ଟାର୍ଟଅପ୍ ଓଡ଼ିଶା ଅଫିସ୍ ଏବଂ ଅଳ୍ପ ସଂଖ୍ୟକ ଷ୍ଟାର୍ଟଅପ୍ କାର୍ଯ୍ୟକ୍ଷମ ଅଛି। ୨୦୨୫ ମସିହା ସୁଦ୍ଧା ୫୦୦ ଷ୍ଟାର୍ଟଅପ୍ ଓ- ହବ୍‌ରେ କାର୍ଯ୍ୟକ୍ଷମ କରିବା ପାଇଁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି।

# ଚାଷୀ, ଶ୍ରମିକଙ୍କୁ ପ୍ରଧାନମନ୍ତ୍ରୀଙ୍କ ନିମନ୍ତ୍ରଣ

## ସ୍ୱାଧୀନତା ଦିବସରେ ଦେବେ ଯୋଗ

**ଦାରିଙ୍ଗବାଡି (ଅରୁଣ ସାହୁ)/ ଟିଟିଲାଗଡ଼(ଶରତ ମିଶ୍ର)/ ଅନୁଗୋଳ (ଅମିତ ସାମଲ),୧୧।୮**


ବିଭୁ ପ୍ରସାଦ ଓ ମାନସୀମୟୀ ପ୍ରଧାନ



ମିନୁରା ପ୍ରଧାନ ଏବଂ ତାଙ୍କ ସ୍ତ୍ରୀ ନିମନ୍ତି ପ୍ରଧାନ


ଯାଜ୍ଞସେନୀ ପୁଟେଲ

ନୂଆଦିଲ୍ଲୀର କର୍ତ୍ତବ୍ୟପଥରେ ଅନୁଷ୍ଠିତ ହେବାକୁ ଥିବା ସ୍ୱାଧୀନତା ଦିବସ ଉତ୍ସବରେ ଯୋଗଦେବେ କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ବ୍ଲକ ଦାସିଙ୍ଗିବାଡ଼ି ପଞ୍ଚାୟତ କାଣ୍ଡପା ଗ୍ରାମର ଚାଷୀ ମିନୁରା ପ୍ରଧାନ, ସ୍ତ୍ରୀ ନିମନ୍ତି ପ୍ରଧାନ ଓ ବଲାଙ୍ଗୀର ଜିଲା ଟିଟିଲାଗଡ଼ ବ୍ଲକ ଖୋଲାଣ ଗ୍ରାମର ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଶ୍ରମିକ ଯାଜ୍ଞସେନୀ ପୁଟେଲ। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ସେମାନଙ୍କୁ ନିମନ୍ତ୍ରଣ ଆସିଛି। ଏଭଳି ନିମନ୍ତ୍ରଣ ପାଇବା ପରେ ଅଞ୍ଚଳରେ ବେଶ୍ ଖୁସିର ମାହୋଲ ସୃଷ୍ଟି ହୋଇଛି।

କାଣ୍ଡପା ଗ୍ରାମର ମିନୁରା ଜଣେ ସଫଳ ଚାଷୀ ହୋଇଥିବା ବେଳେ ସେ ବର୍ତ୍ତମାନ ଦାରିଙ୍ଗବାଡି ଫାର୍ମର ପ୍ରଡ୍ୟୁସର କମ୍ପାନୀ ଲିମିଟେଡର ଅଧ୍ୟକ୍ଷ ଅଛନ୍ତି। ଏହି ପ୍ରଡ୍ୟୁସର କମ୍ପାନୀକୁ କେନ୍ଦ୍ର ସରକାରଙ୍କ କୃଷି ମନ୍ତ୍ରଣାଳୟ ପକ୍ଷରୁ ସହଯୋଗ କରାଯାଉଛି। ଏହି ଅଞ୍ଚଳର ଚାଷୀଙ୍କଠାରୁ ହଳଦୀ ଓ ବିଭିନ୍ନ ଜଙ୍ଗଲଜାତୀୟ ଦ୍ରବ୍ୟକୁ ଠିକ୍ ଦରରେ କିଣାଯାଇ ତାକୁ ପ୍ରକ୍ରିୟାକରଣ କରାଯାଇ ବିକ୍ରି କରାଯାଉଛି। ଏଥିସହ ରାଜ୍ୟ ତଥା ରାଜ୍ୟ ବାହାରେ ବିଭିନ୍ନ ଆଦିବାସୀ ମେଳାରେ ସରକାରଙ୍କ ସହଯୋଗରେ କନ୍ଧମାଳ ହଳଦୀ, ଅଦା, ଦାରିଙ୍ଗବାଡ଼ି କଫି ପାଉଡର, ଝୁଣା, ପାଲୁଅ, ସୋରିଷ, ବିଭିନ୍ନ ଡାଲିଜାତୀୟ ଫସଲ ଆଦି ମେଳାରେ ବିକ୍ରିକରି ଚାଷୀ ଭଲ ରୋଜଗାରକ୍ଷମ ହୋଇପାରିଛନ୍ତି। ଏହି ପ୍ରଡ୍ୟୁସର ଗ୍ରୁପ୍ ଦିଲ୍ଲୀରେ ଏକାଧିକ ଥର ମେଳାରେ ହଳଦୀ ଓ ଅନ୍ୟ ସାମଗ୍ରୀ ବିକ୍ରି କରିଥିବା ବେଳେ ଫେବୃୟାରୀରେ ଆୟୋଜିତ ମେଳାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉକ୍ତ ପ୍ରଡ୍ୟୁସର କମ୍ପାନୀରୁ ଦାରିଙ୍ଗବାଡି କଫି କିଣିଥିଲେ। ସେହି ସମୟରେ ତାହା ବହୁ ଚର୍ଚ୍ଚା ହୋଇଥିଲା ଓ ପ୍ରଡ୍ୟୁସର ଗ୍ରୁପ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସହ ହଳଦୀ ସମ୍ପର୍କରେ ଆଲୋଚନା କରିଥିଲେ।

ସେହିପରି ବଲାଙ୍ଗୀର ଜିଲା ଖୋଲାଣ ଗ୍ରାମର ଶ୍ରମିକ ଯାଜ୍ଞସେନୀ ପୁଟେଲଙ୍କୁ ଜିଲା ପରିଷଦ ନିର୍ବାହୀ ଅଧିକାରୀ ସୁଶାନ୍ତ ସିଂ ଯାଜ୍ଞସେନୀଙ୍କୁ ଶୁଭେଚ୍ଛା ଜଣାଇବା ସହ ସ୍ୱତନ୍ତ୍ର ପୋଷାକ ଭେଟି ଦେଇଥିଲେ। ଖୋଲାଣ ଗ୍ରାମରେ ନୂତନ ଭାବେ ନିର୍ମିତ ଅମୃତ ସରୋବର (ପୋଖରୀ) ପ୍ରଶାସନିକସ୍ତରରେ ଅନେକ ପ୍ରଶଂସା ସାଉଁଟିଛି। ଯାଜ୍ଞସେନୀଙ୍କ ଭଳି ଅଞ୍ଚଳର ଅନେକ ମହିଳା ଏହି ଅମୃତ ସରୋବର ନିର୍ମାଣରେ ନିୟୋଜିତ ହୋଇଥିଲେ। ପିଲାଟି ଦିନରୁ ବାପାଙ୍କୁ ହରାଇ ଯାଜ୍ଞସେନୀ କୌଣସି ସ୍କୁଲ ଶିକ୍ଷା ଗ୍ରହଣ କରିନାହାନ୍ତି। ସ୍କୁଲ ବାରଣ୍ଡାରେ ବସି ଶୁଣି ଶୁଣି ତଥା ସାଙ୍ଗସାଥି, ଭାଇଙ୍କ ବହି ଦେଖି ପଢ଼ିବା ଶିଖିଲେ। ତାଙ୍କ ଅଧବସାୟ ଯୋଗୁ ସେ ଓଡ଼ିଆ ସହ ଇଂଲିଶ୍, ହିନ୍ଦୀରେ ମଧ୍ୟ ଧୁରନ୍ଧର। ମଦର ଟେରେସା ମା' ଗାୟତ୍ରୀ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସେ ସଭାନେତ୍ରୀ ଦାୟିତ୍ୱରେ ରହିଛନ୍ତି।

ସେହିପରି ଅନୁଗୋଳର ଲେମନ୍ ଗ୍ରାସ୍ ଚାଷୀ ଦମ୍ପତି ତଳଗଡ଼ ଅଞ୍ଚଳର ବିଭୁ ପ୍ରସାଦ ପ୍ରଧାନ ଓ ମାନସୀମୟୀ ପ୍ରଧାନଙ୍କୁ ମଧ୍ୟ କେନ୍ଦ୍ର ସରକାରଙ୍କ ପକ୍ଷରୁ ନିମନ୍ତ୍ରଣ କରାଯାଇଛି।

# ଶିକ୍ଷକଙ୍କୁ ୨୦ ବର୍ଷ ଜେଲଦଣ୍ଡ

## ଛାତ୍ରୀଙ୍କୁ ବଳାତ୍କାର ମାମଲା

**କେନ୍ଦୁଝର,୧୧।୮ (ଦୀପକ ମିଶ୍ର/ ନରେଶ ଚନ୍ଦ୍ର ପଟ୍ଟନାୟକ)**

କେନ୍ଦୁଝର ଫାଷ୍ଟ ଟ୍ରାକ୍ କୋର୍ଟରେ ଜଣେ ନାବାଳିକା ଛାତ୍ରୀଙ୍କୁ ବଳାତ୍କାର ମାମଲାର ଶୁଣାଣି ହୋଇଛି। ବିଚାରପତି ବିଜୟ କୁମାର ମିଶ୍ର ମାମଲାର ଶୁଣାଣି କରି ଜଣେ ଶିକ୍ଷକଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧୦ ହଜାର ଟଙ୍କା ଜରିମାନା ଓ ଅନାଦାୟ ଅଧିକ ୬ ମାସ ଜେଲଦଣ୍ଡ ଶୁଣାଇଛନ୍ତି। ତେଲକୋଇ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାନୁଷ୍ଠାନରେ ବ୍ଲକ୍‌ର ନୂଆଗାଁ ଗ୍ରାମର ଶଙ୍କର୍ଷଣ ବେହେରା (୩୩) ଶିକ୍ଷକ ଭାବେ କାର୍ଯ୍ୟ କରୁଥିଲେ। ସେ ଜଣେ ଚତୁର୍ଥ ଶ୍ରେଣୀ ଛାତ୍ରୀଙ୍କୁ ପ୍ରଲୋଭିତ ଏବଂ ଧମକ ଦେଇ ବାରମ୍ବାର ବଳାତ୍କାର କରିଥିଲେ। ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ। ପରେ ପୋଲିସ ଶିକ୍ଷକଙ୍କୁ କୋର୍ଟଚାଲାଣ କରିଥିଲେ। କୋର୍ଟ ୧୯ ସାକ୍ଷୀଙ୍କ ବୟାନ ଆଧାରରେ ରାୟ ଶୁଣାଇଥିବା ସ୍ୱତନ୍ତ୍ର ପିପି ଜ୍ଞାନେନ୍ଦ୍ରନାଥ ଜେନା କହିଛନ୍ତି। ସେହିପରି ପୀଡ଼ିତାଙ୍କୁ ୫ ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

# ଭତ୍ତା ଲୋଭ ଦେଖାଇ ଦିବ୍ୟାଙ୍ଗଙ୍କ ବନ୍ଧ୍ୟାକରଣ

**ମାଲକାନଗିରି/ମାଥିଲି, ୧୧।୮ (ଦୁର୍ଯ୍ୟୋଧନ ପାତ୍ର/ ସୁବାସ ଚନ୍ଦ୍ର ଖୁଣ୍ଟୁପିଆ)**

ମାଲକାନଗିରି ଜିଲା ମାଥିଲି ବ୍ଲକ ମହୁପଦର ପଞ୍ଚାୟତର ଆମ୍ବାଗୁଡା ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ଅବିବାହିତ ଆଦିବାସୀ ଯୁବକଙ୍କୁ କାଗଜପତ୍ରରେ ବିବାହିତ ଦର୍ଶାଇ ପରିବାର ନିୟନ୍ତ୍ରଣ ଅସ୍ତ୍ରୋପଚାର କରାଯାଇଛି। ଏହା ଜଣାପଡିବା ପରେ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଛି। ସମ୍ପୃକ୍ତ ଯୁବକ ଜଣକ ହେଲେ ଗଙ୍ଗା ଦୁରୁଆ(୨୬)। ବାକ୍ ଶକ୍ତିହୀନ ଗଙ୍ଗାଙ୍କୁ ଭତ୍ତା ମିଳିବ ବୋଲି ପ୍ରଲୋଭିତ କରି ଆଶାକର୍ମୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ତାଙ୍କୁ ପରିବାର ନିୟନ୍ତ୍ରଣ ଅସ୍ତ୍ରୋପଚାର କରି ଛାଡି ଦିଆଯାଇଥିଲା। ଏସମ୍ପର୍କରେ ଗଙ୍ଗାଙ୍କ ମାଆ ଚମ୍ପା ଗ୍ରାମବାସୀଙ୍କୁ ଜଣାଇବା ପରେ ଘଟଣା ପଦାକୁ ଆସିଛି।

ଖବରରୁ ଜଣାପଡିଛି, ଗତ ୩ରେ ମାଥିଲି ସବ୍‌ଡିଭିଜନ ମେଡିକାଲରେ ଗଙ୍ଗାଙ୍କ ସମେତ ୨ ଜଣଙ୍କ ବନ୍ଧ୍ୟାକରଣ ଅସ୍ତ୍ରୋପଚାର କରାଯାଇଥିଲା। ଦିବ୍ୟାଙ୍ଗ ଭତ୍ତା ମିଳିବ ବୋଲି କହି ଆଶାକର୍ମୀ ଜଣକ ତାଙ୍କୁ ଏବଂ ତାଙ୍କ ମାଆଙ୍କୁ ମାଥିଲି ଆଣିଥିଲେ। ଗଙ୍ଗାଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ର ନେଇ ବିବାହିତ ବୋଲି କହି ତାଙ୍କର ଅସ୍ତ୍ରୋପଚାର କରାଇଥିଲେ। ଘରକୁ ଆସିବା ପରେ ଚମ୍ପା ଏକଥା ଜାଣିବାକୁ ପାଇ ଆଶାକର୍ମୀ ଜଣକ ଅନ୍ୟାୟ ଭାବେ ପୁଅକୁ ନେଇ ଅସ୍ତ୍ରୋପଚାର କରିଥିବା ଅଭିଯୋଗ ଉଠାଇଥିଲେ। ଘଟଣା ଜାଣିବା ପରେ କଂଗ୍ରେସ ନେତା ଶରତ ଚନ୍ଦ୍ର ବୁରୁଦା ଆମ୍ବଗୁଡା ଗ୍ରାମକୁ ଯାଇ ଏହାର ସତ୍ୟତା ଅନୁଧ୍ୟାନକରି ଶୁକ୍ରବାର ମାଲକାନଗିରି ଜିଲାପାଳ ବିଶାଳ ସିଂଙ୍କୁ ଭେଟି ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ଦାବିପତ୍ର ଦେଇଛନ୍ତି। ଏ ସମ୍ପର୍କରେ ମାଲକାନଗିରି ସିଡିଏମ୍‌ଓ ଡା. ପ୍ରଫୁଲ୍ଲ ନନ୍ଦଙ୍କୁ ପଚାରିବାରୁ ସେ କହିଲେ, ଘଟଣାର ତଦନ୍ତ ପାଇଁ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି।

## ସଂକ୍ଷେପରେ

### ଆକ୍ରମଣରେ ଗୁରୁତର ଥିବା ଯୁବକଙ୍କ ମୃତ୍ୟୁ, ଜଣେ ଗିରଫ

ଗମ୍ଭାରୀମୁଣ୍ଡା,୧୧।୮(ଦିଲୀପ ସ୍ୱାଇଁ)

ବାଣପୁର ତହସିଲ ରୋଡ୍ ପାଣ୍ଡିରିପଦର ଛକଠାରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଗତ ୮ତାରିଖରେ ୨ଜଣଙ୍କ ମଧ୍ୟରେ ମାରପିଟ ହୋଇଥିବାବେଳେ ଜଣେ ଗୁରୁତର ହୋଇ ଚିକିତ୍ସିତ ହେଉଥିବା ବେଳେ ଶୁକ୍ରବାର ମୃତ୍ୟୁ ଘଟିଛି। ସେ ହେଲେ ବାଣପୁର ଥାନା ଅନ୍ତର୍ଗତ କେନାଲ ସାହିର ରଞ୍ଜନ ଷଢ଼ଙ୍ଗୀ। ଏ ନେଇ ରଞ୍ଜନଙ୍କ ପରିବାର ପକ୍ଷରୁ ସ୍ଥାନୀୟ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକ୍ରମେ ପୋଲିସ ଏକ ମାମଲା(ନଂ.୨୯୫/୨୩) ରୁଜୁ କରି ବିଭିନ୍ନ ସ୍ଥାନରେ ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ବାଣପୁର ଥାନା ଅନ୍ତର୍ଗତ ଗୋପାଳପୁର ଗ୍ରାମର ରଜତ ମିଶ୍ର ଓରଫ ଗୁଣ୍ଡୁ। ଅଭିଯୋଗ ମୁତାବକ, ମଙ୍ଗଳବାର ରାତିରେ କେନାଲ ସାହିର ରଞ୍ଜନ ସାହି ଛକରେ ଥିବାବେଳେ ରଜତ ସେହିବାଟ ଦେଇ ଯିବାବେଳେ ପୂର୍ବ ଶତ୍ରୁତାର କଥାକୁ ନେଇ ଯୁକ୍ତିତର୍କ ହୋଇଥିଲା। ପରେ ପରିସ୍ଥିତି ଉତ୍ତେଜନାମୂଳ ହେବାରୁ ଉଭୟଙ୍କ ମଧ୍ୟରେ ମାରପିଟ ହୋଇଥିଲା। ଫଳରେ ରଜତ ଉତ୍ତ୍ୟକ୍ତ ହୋଇ ଶକ୍ତ ମାଡ଼ ମାରିବାରୁ ରଞ୍ଜନ ଗୁରୁତର ହୋଇପଡ଼ିଥିଲେ। ଖବରପାଇ ରଞ୍ଜନଙ୍କ ପରିବାର ଲୋକ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଅବସ୍ଥାରେ ତାଙ୍କୁ ବାଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ରଞ୍ଜନର ଅବସ୍ଥା ସଙ୍କଟାପନ୍ନ ହେବାରୁ ଅଧିକ ଚିକିତ୍ସା ପାଇଁ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ୯ତାରିଖ ବିଳମ୍ବିତ ରାତ୍ରିରେ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ରଞ୍ଜନଙ୍କର ମୃତ୍ୟୁ ଘଟିଥିଲା। ଏ ନେଇ ରଞ୍ଜନଙ୍କ ମା ବାଣପୁର ଥାନାରେ ଅଭିଯୋଗ କରିଥିଲେ।

### ଆଜି ନନ୍ଦନକାନନରେ ବିଶ୍ୱ ହସ୍ତୀ ଦିବସ

ବାରଙ୍ଗ,୧୧।୮(ଲିଙ୍ଗରାଜ ରାଉତ)

ନନ୍ଦନକାନନ ପ୍ରାଣୀ ଉଦ୍ୟାନ ଅଷ୍ଟମଥର ପାଇଁ ବିଶ୍ୱହସ୍ତୀ ଦିବସ ପାଳନ କରିବାକୁ ଯାଉଛି। ଏ ନେଇ ନନ୍ଦନକାନନ କର୍ତ୍ତୃପକ୍ଷଙ୍କ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ପ୍ରାଣୀ ଉଦ୍ୟାନରେ ରହୁଥିବା ହାତୀ ବାସନ୍ତୀ, ହୀରା, ମାମା, ଅଭିଙ୍କୁ ନେଇ ଏହି ଉତ୍ସବ ପାଳନ କରାଯିବ। ଏମାନଙ୍କୁ ସକାଳୁ ହାତୀଗାଧୁଆ ପୋଖରୀରେ ସ୍ନାନ କରାଇ ହାତୀଶାଳକୁ ନିଆଯିବ। ସେଠାରେ ସେମାନଙ୍କ ପିଠିରେ କୌଣସି ଚିତ୍ର କରାଯିବ ନାହିଁ। ଏହି ପରିପ୍ରେକ୍ଷୀରେ ଆଖପାଖ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ଚିତ୍ରାଙ୍କନ ପ୍ରତିଯୋଗିତା କରିବା ସହ ନନ୍ଦନକାନନ ବୁଲିଆସିଥିବା ପର୍ଯ୍ୟଟକ ଓ କର୍ମଚାରୀଙ୍କୁ ନେଇ ଦସ୍ତଖତ ଅଭିଯାନ କରାଯିବ। ଏହାସହ ଅନଲାଇନରେ ପେଣ୍ଟିଂପ୍ରତିଯୋଗିତାରେ ଜୁନିୟର ବିଭାଗ ପାଇଁ ଆମ ସଂସ୍କୃତିରେ ହାତୀ ଓ ସିନିୟର ବିଭାଗ ପାଇଁ ଆମ ଇକୋସିଷ୍ଟମରେ ହାତୀ ଓ ଅନଲାଇନ ସ୍ଲୋଗାନରେ ସବୁବର୍ଗୀୟ ଲୋକ ସାମିଲ ହୋଇପାରିବେ। ସେମାନେ ୨୦ ଶବ୍ଦରେ ସ୍ଲୋଗାନ ଲେଖି ନନ୍ଦନକାନନ ୱେବ ସାଇଟ୍‌ରେ ଅପଲୋଡ୍ କରିପାରିବେ।

# ନବନିର୍ମାଣ କୃଷକ ସଙ୍ଗଠନର ପ୍ରାୟଶ୍ଚିତ୍ତ ସତ୍ୟାଗ୍ରହ

ଖୋର୍ଦ୍ଧା,୧୧।୮ (ପ୍ରଭାତ ପାଣିଗ୍ରାହୀ)


ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣାରେ ଦିଆଯାଇଛି।

**ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର**
- ଶିକ୍ଷା, ସ୍ୱାସ୍ଥ୍ୟ, ନିଯୁକ୍ତିରେ ଦୁର୍ନୀତି ବଢ଼ିଛି
- ଚାଷୀମାରଣ ନୀତିକୁ ତୀବ୍ର ସମାଲୋଚନା

ଚାଷୀଙ୍କ ବିଭିନ୍ନ ସମସ୍ୟା ଏବଂ ଅନ୍ୟାନ୍ୟ ପ୍ରସଙ୍ଗ ନେଇ ନବନିର୍ମାଣ କୃଷକ ସଙ୍ଗଠନ ଖୋର୍ଦ୍ଧା ଜିଲା ଆନୁକୂଲ୍ୟରେ ଶୁକ୍ରବାରଠାରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ପ୍ରାୟଶ୍ଚିତ୍ତ ସତ୍ୟାଗ୍ରହ ଆରମ୍ଭ କରିଛି। ଚାଷୀଙ୍କ ପ୍ରତି ସରକାରଙ୍କ ବୈମାତୃକ ମନୋଭାବ ପ୍ରତିବାଦରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଏକ ଦାବିପତ୍ର ଦିଆଯାଇଛି। ସଙ୍ଗଠନର କର୍ମକର୍ତ୍ତାମାନେ ଚାଷୀଙ୍କ ବିଭିନ୍ନ ସମସ୍ୟା ଉଠାଇ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ। ନିଅଣ୍ଟିଆ ବର୍ଷା, ଅନାବୃଷ୍ଟି କାରଣରୁ ଚାଷୀ ହଇରାଣ ହେଉଛନ୍ତି। ଲଘୁଚାପ ବର୍ଷା ଆଶ୍ୱସ୍ତି ଆଣିବା ବେଳେ ବନ୍ୟା ଦାଉ ସାଧୁଛି। ଜଳସେଚନ ଅଭାବରୁ ଜିଲାରେ ଚାଷକାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ପ୍ରତିବର୍ଷ ଚାଷୀ ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହେଉଛନ୍ତି। ଚାଷଜମିକୁ ପର୍ଯ୍ୟାପ୍ତ ଜଳ ପାଇଁ ସରକାରଙ୍କ ନିକଟରେ ବାରମ୍ବାର ଅନୁରୋଧ ସତ୍ତ୍ୱେ କୌଣସି ପଦକ୍ଷେପ ନିଆଯାଉନାହିଁ। ଧାନମଣ୍ଡିରେ ସ୍ୱଚ୍ଛତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସରକାରଙ୍କ ଘୋଷଣାନାମା ଅନୁସାରେ ପ୍ୟାକ୍ସରେ ଧାନ ବିକ୍ରି ଲାଗି ଚାଷୀଙ୍କୁ ଟୋକନ ମିଳିବା ସତ୍ତ୍ୱେ ଟାର୍ଗେଟ ନ ଥିବା କହି ଫେରାଇ ଦିଆଯାଉଛି। ଗତ ୩ବର୍ଷ ମଧ୍ୟରେ ୧୦ ହଜାରରୁ ଉର୍ଦ୍ଧ୍ୱ ଚାଷୀ ଧାନ ବିକ୍ରି କରି ନ ପାରି ଅଭାବୀ ବିକ୍ରିର ସମ୍ମୁଖୀନ ହୋଇଛନ୍ତି। ଚାଷକାର୍ଯ୍ୟ ସମୟରେ ପର୍ଯ୍ୟାପ୍ତ ପରିମାଣର ବିହନ, ସାର ଯୋଗାଇ ଦିଆଯାଉନାହିଁ। ଫଳରେ ଚାଷୀ ବଜାରରୁ ଚଢ଼ା ଦରରେ କିଣିବାକୁ ବାଧ ହେଉଛନ୍ତି। ଚାଷୀଙ୍କ ସର୍ବାଙ୍ଗୀନ ବିକାଶ କଥା କହୁଥିବା ରାଜ୍ୟ ସରକାର ଚାଷୀଙ୍କୁ କ୍ରମାଗତ ଭାବେ ଅବହେଳା କରୁଛନ୍ତି ବୋଲି ନବ ନିର୍ମାଣ ସଙ୍ଗଠନର ରାଜ୍ୟ ଯୁବସଂଯୋଜକ ମନୱର ଅଲ୍ଲୀ କହିଛନ୍ତି। ଭୁବନେଶ୍ୱରରେ ଅଗଷ୍ଟ କ୍ରାନ୍ତିରୁ ଆରମ୍ଭ ହୋଇଥିବା ଏହି ସତ୍ୟାଗ୍ରହ ରାଜ୍ୟର ସମସ୍ତ ଜିଲା କାର୍ଯ୍ୟାଳୟ ଆଗରେ ଚାଲିଛି। ସ୍ୱାଧୀନତା ଦିବସ ଦିନ ଭୁବନେଶ୍ୱର ଠାରେ ଜାତୀୟ ପତାକା ଉତ୍ତୋଳନ ପୂର୍ବକ ଏହି ସତ୍ୟାଗ୍ରହ ସମାପ୍ତ ହେବ।

ଓଡ଼ିଶାରେ ଦୀର୍ଘ ଦିନ ଧରି ଶାସନକାଳ ମଧ୍ୟରେ ଏ ସରକାର ଦୁର୍ନୀତି, ଭ୍ରଷ୍ଟାଚାରରେ ବୁଡୁଛି। ଶିକ୍ଷା, ନିଯୁକ୍ତି, ଆଇନଶୃଙ୍ଖଳା ସ୍ଥିତି ନୈରାଶ୍ୟଜନକ ରହିଛି। ରାଜ୍ୟରେ ସମସ୍ତ ଉନ୍ନୟନମୂଳକ କାର୍ଯ୍ୟରେ ଦୁର୍ନୀତି ବଢ଼ି ଚାଲିଛି। ଏପରିକି ୨୫ ପ୍ରତିଶତ ପିସି ନ ଦେଲେ କାମ ହେଉନି। ରାଜ୍ୟରେ ୫-ଟି ଅନ୍ତର୍ଗତ ବିଦ୍ୟାଳୟ ରୂପାନ୍ତରଣ କରାଯାଉଥିଲେ ମଧ୍ୟ ଗୁଣାତ୍ମକ ଶିକ୍ଷା, ଶୈକ୍ଷିକ ବାତାବରଣ ହ୍ରାସ ପାଇବାରେ ଲାଗିଛି। ପ୍ରାଥମିକ ଶିକ୍ଷାର ସ୍ଥିତି ଦୟନୀୟ ହୋଇପଡ଼ିଛି। ଡ୍ରପ୍‌ଆଉଟ ପିଲାଙ୍କ ସଂଖ୍ୟା ବଢ଼ି ଚାଲିଛି। ବିଦ୍ୟାଳୟଗୁଡ଼ିକରେ ଶିକ୍ଷକ ପଦବୀ ଖାଲିପଡ଼ିଛି। ସେହିପରି ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ସ୍ୱାସ୍ଥ୍ୟ ବୀମା ଆଳରେ ସରକାର ଘରୋଇ ହସ୍ପିଟାଲକୁ ପୋଷୁଛନ୍ତି। ସ୍ୱାସ୍ଥ୍ୟବୀମା କାର୍ଡ ଯୋଜନା ପରିବର୍ତ୍ତେ ସରକାରୀ ହସ୍ପିଟାଲ ଭିତ୍ତିଭୂମି ସୁଦୃଢ଼ କରିବା ସହ ଡାକ୍ତର, କର୍ମଚାରୀ ପଦବୀ ପୂରଣ ଏବଂ ଅତ୍ୟାଧୁନିକ ଚିକିତ୍ସା ବ୍ୟବସ୍ଥା କଲେ ସ୍ୱାସ୍ଥ୍ୟବସ୍ଥାରେ ଉନ୍ନତି ଆସିପାରିବ। କୃଷିକ୍ଷେତ୍ରରେ ଅବହେଳା ଚରମ ସୀମାରେ ପହଞ୍ଚିଛି। ଜଳସେଚନ, ଜଳ ନିଷ୍କାସନ, ଶୀତଳଭଣ୍ଡାର, ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ବ୍ୟବସ୍ଥା ନାହିଁ। ଜଙ୍ଗଲ ଓ ଜମି ଉପରେ ଆଦିବାସୀଙ୍କ ଅଧିକାର ପ୍ରଚାରରେ ସୀମିତ। ଗରିବ ଖଟିଖିଆ ଦିନ ମଜୁରିଆଙ୍କୁ ଉଚ୍ଛେଦ କରାଯାଇ ସରକାରୀ ଜମିକୁ ଶାଗମାଛ ଦରରେ ଟେକି ଦିଆଯାଉଛି। ଘରୋଇ ଟାଟା କମ୍ପାନୀର ଅଘୋଷିତ ବିଦ୍ୟୁତ କାଟ ଅସହ୍ୟ ହେଲାଣି। ଲଘୁ ଖଣିଜ ସମ୍ପଦ ଚୋରା ଚାଲାଣ ଚାଲିଛି। ଏଭଳି ସ୍ଥିତିରେ ସରକାର ନୀରବ ବସିଛନ୍ତି ବୋଲି ଅଲ୍ଲୀ ଅଭିଯୋଗ କରିଛନ୍ତି। ଏହି ସମାବେଶରେ ଜିଲା ସଂଯୋଜକ ସୁରେଶ ଚନ୍ଦ୍ର ମାନସିଂ, ରାଜ୍ୟ ଯୁବ ଯୁବ ସଂଯୋଜକ ମନୱର ଅଲ୍ଲୀଙ୍କ ସମେତ ରମେଶ ଚନ୍ଦ୍ର ସ୍ୱାଇଁ, କାହ୍ନୁ ଚରଣ ବେହେରା, ବନବିହାରୀ ସେଠୀ, ନରେନ୍ଦ୍ର କୁମାର ବେହେରା, ପୂର୍ଣ୍ଣଚନ୍ଦ୍ର ବେହେରା, ଦୀପୁ ବେହେରା, ହରିବନ୍ଧୁ ପଣ୍ଡା, ଅଶୋକ କୁମାର ପ୍ରଧାନ, ମହେଶ କୁମାର ନାୟକ, ନିରଞ୍ଜନ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

### ମରଣାନ୍ତକ ଆକ୍ରମଣ କରି ଯୁବକ ଗିରଫ

ବାରଙ୍ଗ,୧୧।୮(ଲିଙ୍ଗରାଜ ରାଉତ)

ବାରଙ୍ଗ ଥାନା ମଧୁବନ ଗ୍ରାମର ପ୍ରକାଶ ରାଉତଙ୍କୁ ମରଣାନ୍ତକ ଆକ୍ରମଣ କରିବା ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ମଧୁବନ ଗ୍ରାମର ଜିତେନ୍ଦ୍ର ମାଝୀ ଓରଫ ଜିତୁ(୩୫)। ଏ ନେଇ ପୋଲିସ ଏକ ମାମଲା(ନଂ.୨୫୨/୨୩) ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ଗତ ସୋମବାର କୌଣସି କାରଣକୁ ନେଇ ପ୍ରକାଶଙ୍କ ସହ ଜିତୁଙ୍କର ଯୁକ୍ତିତର୍କ ହୋଇଥିଲା। ଫଳରେ ଜିତୁ ଉତ୍ତ୍ୟକ୍ତ ହୋଇ ଏକ ଲୁହା ରଡ଼ରେ ପ୍ରକାଶଙ୍କୁ ମରଣାନ୍ତକ ଆକ୍ରମଣ କରି ଲହୁଲୁହାଣ କରିଦେଇଥିଲେ। ଏଥିରେ ତାଙ୍କର ମୁହଁରେ ଗଭୀର ଆଘାତ ଲାଗିଥିଲା। ଏହି ଘଟଣା ପରେ ପରିବାର ଲୋକେ ପ୍ରକାଶଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଏ ନେଇ ସେ ଥାନାରେ ଅଭିଯୋଗ କରିଥିଲେ। ଘଟଣା ପରେ ଅଭିଯୁକ୍ତ ଜିତୁ ଫେରାର ହୋଇଯାଇଥିଲେ। ଅଭିଯୋଗକ୍ରମେ ପୋଲିସ ତଦନ୍ତ ଚଳାଇଥିଲା। ବିଶେଷ ସୂତ୍ରରୁ ଖବରପାଇ ଅଭିଯୁକ୍ତ ଜିତୁଙ୍କୁ ଶୁକ୍ରବାର ପୋଲିସ ଗିରଫ କରିବା ସହ ଆକ୍ରମଣରେ ବ୍ୟବହୃତ ଲୁହା ରଡ଼କୁ ଜବତ କରିଛି। ପୂର୍ବରୁ ଜିତୁଙ୍କ ନାମରେ ଡ଼ଜନରୁ ଉର୍ଦ୍ଧ୍ୱ ଅପରାଧିକ ମାମଲା ରହିଥିବାର ଥାନା ଅଧିକାରୀ ଆକାଶ ଚନ୍ଦ୍ର ରଣା ସୂଚନା ଦେଇଛନ୍ତି।

# ୧, ୦୩, ୨୦୦ ହେକ୍ଟର ଜମିରେ ଧାନଚାଷ ଲକ୍ଷ୍ୟ


ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଜିଲାସ୍ତରୀୟ କୃଷି ନିର୍ଦ୍ଧାରଣ କମିଟି ବୈଠକରେ ଉପସ୍ଥିତ ଜିଲାପାଳ ଓ ଅନ୍ୟ ଅଧିକାରୀମାନେ।

ଖୋର୍ଦ୍ଧା,୧୧।୮ (ପ୍ରଭାତ ପାଣିଗ୍ରାହୀ)

**ଜିଲାସ୍ତରୀୟ କୃଷି ନିର୍ଦ୍ଧାରଣ କମିଟି ବୈଠକ**
- ୬୩, ୪ଶହ ହେକ୍ଟର ଜମିକୁ ଜଳସେଚନ
- ୧୦ ହଜାର ଚାଷୀଙ୍କ ଜମିର ମାଟି ନମୁନା ହେବ ପରୀକ୍ଷା

ଚଳିତ ଖରିଫ ଋତୁ-୨୩ ପାଇଁ ଖୋର୍ଦ୍ଧା ଜିଲାସ୍ତରୀୟ କୃଷି ନିର୍ଦ୍ଧାରଣ କମିଟି ବୈଠକ ଶୁକ୍ରବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଜିଲା ମୁଖ୍ୟ କୃଷି ଅଧିକାରୀ ଶରତ କୁମାର ପରିଡ଼ା ବିବରଣୀ ପାଠ କରିଥିଲେ। ଚଳିତ ଖରିଫ ଋତୁରେ ୧,୨୧,୦୨୩ ହେକ୍ଟର ଜମିରେ ଚାଷ କରାଯିବାକୁ ଯୋଜନା ହୋଇଛି। ସେଥିମଧ୍ୟରୁ ୧ଲକ୍ଷ ୩ହଜାର ୨୦୦ ହେକ୍ଟର ଜମିରେ ଚାଷ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ରହିଛି। ଚଳିତ ବର୍ଷ ୬୩,୪୦୦ ହେକ୍ଟର ଜମିକୁ ବିଭିନ୍ନ ଉତ୍ସରୁ ଜଳସେଚନ ବ୍ୟବସ୍ଥା ରହିଛି। କୃଷକଙ୍କ ଆୟ ବୃଦ୍ଧି ପାଇଁ ୨୮୫୫ ହେକ୍ଟର ଜମିରେ ଅଣଧାନ ଚାଷ ଯୋଜନା ହୋଇଛି। ଚଳିତ ଖରିଫ ଋତୁରେ ୮୮୩୦ କୁଇଣ୍ଟାଲ ଧାନ ଓ ୪୧୫ କୁଇଣ୍ଟାଲ ଅଣଧାନ ବିହନ ଯୋଗାଣ କରାଯିବ।

ଜିଲାରେ ଚଳିତ ବର୍ଷ ୧୦ହଜାର ଚାଷୀଙ୍କ ଜମିର ମାଟି ନମୁନା ପରୀକ୍ଷା କରାଯିବାକୁ ସ୍ଥିର ହୋଇଛି। ରାସାୟନିକ ସାର ଆବଶ୍ୟକତା ଅନୁସାରେ ହେକ୍ଟର ପିଛା ୮୯.୩୦ କେଜି ହିସାବରେ ୨୨୩୩୦ ମେଟ୍ରିକ ଟନ ରାସାୟନିକ ସାର ଯୋଗାଇ ଦିଆଯିବ। ଏତଦବ୍ୟତୀତ କୃଷି ଯାନ୍ତ୍ରିକୀକରଣ, ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା, ସମନ୍ୱିତ କୃଷି, କ୍ଷେତ ପୋଖରୀ, ଜୈବିକ ଚାଷ, ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ, ଓଡ଼ିଶା ମିଲେଟ୍ ମିଶନ ଉପରେ ଗୁରୁତ୍ୱ ଦିଆଯାଇଛି। ବୈଠକରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଅଧ୍ୟକ୍ଷତା କରିଥିଲେ। ଜିଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଓ ନିର୍ବାହୀ ଅଧିକାରୀ ବାଦଲ ମହାନ୍ତି, ସହକାରୀ ଉଦ୍ୟାନ ନିର୍ଦ୍ଦେଶକ ସ୍ମିତା ମହାନ୍ତି ଓ ଦେବାଶିଷ ମିଶ୍ର, ଜିଲା ମୁଖ୍ୟ ବ୍ୟାଙ୍କ ଅଧିକାରୀ ଅମର ଚନ୍ଦ୍ର ଅଗ୍ରୱାଲ, କୃଷି ଜିଲା ଅଧିକାରୀ ପ୍ରସନ୍ନ କୁମାର ମିଶ୍ର ଓ କଲ୍ୟାଣ ରାୟ ପ୍ରମୁଖଙ୍କ ସହିତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ଉକ୍ତ ଖରିଫ ଯୋଜନା କାର୍ଯ୍ୟକ୍ରମକୁ ସହକାରୀ କୃଷି ନିର୍ଦ୍ଦେଶକ ବିଭୁଦତ୍ତ ସାହୁ, ସହକାରୀ କୃଷି ଅଧିକାରୀ ତୁଷାରକାନ୍ତ ସାହୁ ଓ ଯୋଜନା ଅଧିକାରୀ ସୀତାରତ୍ନମାଳା ଦାସ ପରିଚାଳନା କରିଥିଲେ।

### ସିକୋ ଦୋଳପଡ଼ିଆରେ ଲାଗିଲା ୧୦୦ ଚାରା

ବେଗୁନିଆ ,୧୧।୮(ହରପ୍ରସନ୍ନ ପଣ୍ଡା)

ବେଗୁନିଆ ବ୍ଲକ ଅନ୍ତର୍ଗତ ସିକୋ ପଞ୍ଚାୟତର ଦୋଳ କମିଟି ପକ୍ଷରୁ ଶୁକ୍ରବାର ଚାରା ରୋପଣ କରାଯାଇଛି। ସ୍ଥାନୀୟ ଦୋଳ ପଡ଼ିଆ ପରିସରରେ ଆୟୋଜିତ ଚାରା ରୋପଣ କାର୍ଯ୍ୟକ୍ରମରେ ବେଗୁନିଆ ବିଡିଓ ଲକ୍ଷ୍ମୀଧର ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ବକୁଳ କୋଳି ଚାରାଟିଏ ଲଗାଇ ଶୁଭାରମ୍ଭ କରିଥିଲେ। ବ୍ଲକ ଅତିରିକ୍ତ ନିର୍ବାହୀ ଯନ୍ତ୍ରୀ ସୁସ୍ମିତା ବିଶୋଇ, ସିକୋ ଫାଣ୍ଡି ଅଧିକାରୀ ବ୍ରହ୍ମାନନ୍ଦ ସ୍ୱାଇଁ, ସାମାଜିକ କର୍ମୀ ଅରବିନ୍ଦ ରାୟ ପ୍ରମୁଖ ଉପସ୍ଥିତ ଥିଲେ। କମିଟିର ସଭାପତି ଅଶୋକ ସାମନ୍ତରାୟ, ସମ୍ପାଦକ ରବିନ୍ଦ୍ର ସାହୁ, ସରପଞ୍ଚଙ୍କ ପ୍ରତିନିଧି ତୀର୍ଥବାସୀ ରାୟ, କୈଳାସ ଚନ୍ଦ୍ର ସାହୁ ପ୍ରମୁଖ ସହଯୋଗ କରିଥିଲେ। ଜାମୁ, କୃଷ୍ଣଚୂଡ଼ା, କୋଳି ଆଦି ବିଭିନ୍ନ କିସମର ପ୍ରାୟ ୧୦୦ରୁ ଉର୍ଦ୍ଧ୍ୱ ଚାରାରୋପଣ କରାଯାଇଛି। ଏହି ଅବସରରେ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ବିଡିଓ ସାହୁ, ଅବସର ପ୍ରାପ୍ତ ସେନା କର୍ମଚାରୀ ଗଜେନ୍ଦ୍ର ଛୁଆଳସିଂହ, ଗୋପାଳ ଚନ୍ଦ୍ର ପ୍ରଧାନ, ଅଭିରାମ ସାମନ୍ତରାୟ, ବିଭୁତି ଭୂଷଣ ବେହେରା ଏବଂ ଭାସ୍କର ଦତ୍ତଙ୍କୁ ଉତ୍ତରୀୟ ଦେଇ ସମ୍ମାନିତ କରାଯାଇଥିଲା। ଶେଷରେ ଜନସାଧାରଣ ହିତରେ ସ୍ଥାନୀୟ ପୋଖରୀକୁ ଅମୃତ ସରୋବର ଯୋଜନାରେ ସାମିଲ କରାଯାଇଛି। ସେହିପରି ନୂଆ ପୋଖରୀକୁ ମଧ୍ୟ ଏହି ଯୋଜନାରେ ସାମିଲ କରି ଉଭୟ ପୋଖରୀ ଚାରିପଟେ ବିଜୁଳି ସୁବିଧା କରାଯିବବୋଲିବିଡିଓପ୍ରତିଶ୍ରୁତିଦେଇଛନ୍ତି।

# ଶିକ୍ଷା ବିଭାଗ ପରାମର୍ଶଦାତାଙ୍କ କୃଷ୍ଣପ୍ରସାଦ ପରିଦର୍ଶନ

**ପରାମର୍ଶଦାତା ଉପେନ୍ଦ୍ର ତ୍ରିପାଠୀ ସ୍କୁଲରେ ତଦାରଖ କରୁଛନ୍ତି**



କୃଷ୍ଣପ୍ରସାଦ,୧୧।୮(କୈଳାସ ଚନ୍ଦ୍ର ପଟନାୟକ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଶିକ୍ଷା ବିଭାଗ(ଆଦର୍ଶ ବିଦ୍ୟାଳୟ) ପରାମର୍ଶଦାତା ଉପେନ୍ଦ୍ରକୁମାର ତ୍ରିପାଠୀ ଶୁକ୍ରବାର କୃଷ୍ଣପ୍ରସାଦ ବ୍ଲକର ବିଭିନ୍ନ ବିଦ୍ୟାଳୟ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିଦର୍ଶନ କରି ଶୈକ୍ଷିକ ବାତାବରଣ ପରଖିଛନ୍ତି। ପରାମର୍ଶଦାତା ତ୍ରିପାଠୀ ରୂପାନ୍ତରୀକରଣ ଯୋଜନାରେ ଅନ୍ତର୍ଭୁକ୍ତ ହୋଇଥିବା ପିରିଜିପୁର ବାଲୁକେଶ୍ୱର ଦେବ ହାଇସ୍କୁଲ, ସାତପଡ଼ା ପଞ୍ଚାୟତ ଜୁନିୟର କଲେଜ ପ୍ରଭୃତି ବିଦ୍ୟାଳୟମାନ ପରିଦର୍ଶନ କରିବା ସହିତ ଛାତ୍ରୀଛାତ୍ରଙ୍କର ବୌଦ୍ଧିକ ବିକାଶର ସ୍ଥିତି ପରଖିଥିଲେ। ଏଥିସହିତ ବଟେଶ୍ୱର ଦେବ ୫-ଟି ଉଚ୍ଚ ବିଦ୍ୟାଳୟରେ ପହଞ୍ଚି ଛାତ୍ରୀଛାତ୍ର ଏବଂ ଶିକ୍ଷକଙ୍କ ସହିତ ନିଜର ଅଧାପନା ଜୀବନର ଅନୁଭୂତିକୁ ବାଣ୍ଟିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ଶିକ୍ଷା ଅଧିକାରୀ ଡ. ବିଶ୍ୱଜିତ ଘୋଷ, ବ୍ଲକ ଶିକ୍ଷା ଅଧିକାରୀ ମଙ୍ଗୁଳି ଚରଣ ଜେନା, ବିଆର୍‌ସିସି ସତ୍ୟବ୍ରତ ସାହୁ, ଅତିରିକ୍ତ ଶିକ୍ଷାଧିକାରୀ ସିଦ୍ଧେଶ୍ୱର କରଣ, ସିଆର୍‌ସିସି ବିଦ୍ୟାଧର ଜେନା, ଦାଶରଥି ଶତପଥୀ, ବିରଞ୍ଚି ନାରାୟଣ ସୁଆର ପ୍ରମୁଖ ଉପସ୍ଥିତ ଥିଲେ।

# ମେଧାବୀ ଛାତ୍ରୀଛାତ୍ରଙ୍କୁ ସହାୟତା ଦେଲେ ସନ୍ତୋଷ


ସାମାଜିକ ଅନୁଷ୍ଠାନର ଅଧ୍ୟକ୍ଷ ସନ୍ତୋଷ ଜେନା ମେଧାବୀ ଛାତ୍ରୀଛାତ୍ରଙ୍କୁ ସହାୟତା ପ୍ରଦାନ କରୁଛନ୍ତି।

ଜଟଣୀ,୧୧।୮(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ପୌରାଞ୍ଚଳସ୍ଥ ମୋ ଜଟଣୀ ପାର୍କଠାରେ ଶୁକ୍ରବାର ଏକ ମେଧାବୀ ଅଭିନନ୍ଦନ ଓ ସହାୟତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଜଟଣୀର ସାମାଜିକ ଏବଂ ସାଂସ୍କୃତିକ ଅନୁଷ୍ଠାନ ପାଣ୍ଡ ଜେନା ଫାଉଣ୍ଡେଶନ ପକ୍ଷରୁ ଚଳିତ ବର୍ଷର ମେଧାବୀ ଅଭିନନ୍ଦନ -୨୦୨୩ ପରିପ୍ରେକ୍ଷୀରେ ଉକ୍ତ କାର୍ଯ୍ୟକ୍ରମ ହୋଇଥିଲା। ସଂଗଠନର ଅଧ୍ୟକ୍ଷ ସନ୍ତୋଷ ଜେନାଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ରୂପେ ପୂର୍ବତନ ସରପଞ୍ଚ ଦିବାକର ମଙ୍ଗରାଜ, ଶିକ୍ଷକ ତଥା ଓଡିଶା ଉଚ୍ଚନ୍ୟାୟଳୟ ଅଧିବକ୍ତା ଜୟପ୍ରକାଶ ତ୍ରିବେଦୀ, ଖବରଦାତା ରବୀନ୍ଦ୍ରନାଥ ମହାକୁଡ଼, ପୂର୍ବତନ ଜିଲା ପରିଷଦ ସଭ୍ୟା ବିନିତି ଜେନା, କଲ୍ୟାଣୀ ନାୟକ, ଲିଲି ସାମନ୍ତରାୟ, କୃଷ୍ଣ ସାମନ୍ତରାୟ, ଜୟନ୍ତ ସାହୁ, ପ୍ରଶାନ୍ତ ପଟନାୟକ ଏବଂ ଶାନ୍ତିଲତା ସାହୁ ପ୍ରମୁଖ ଯୋଗଦେଇ ଚଳିତ ବର୍ଷର ୩୮ଜଣ କୃତୀ ମେଧାବୀ ଛାତ୍ରୀଛାତ୍ରଙ୍କୁ ଆର୍ଥିକ ସହାୟତା(ଚେକ) ସହିତ ପୁସ୍ତକ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଅଭିଭାବକ ଏବଂ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ। ଅନୁଷ୍ଠାନର ଏଭଳି ମହତ କାର୍ଯ୍ୟକୁସାଧାରଣରେ ପ୍ରଶଂସା କରାଯାଇଛି।

### ରାଜ୍ୟପାଳଙ୍କ ଦ୍ୱାରା ଶିକ୍ଷା ସୌରଭ ପୁସ୍ତକ ଉନ୍ମୋଚନ

କଣାସ,୧୧।୮(ବିଭୂତି ଭୂଷଣ ତ୍ରିପାଠୀ)

ପ୍ରାଥମିକ ଛାତ୍ରୀଛାତ୍ରଙ୍କ ନିମନ୍ତେ ଲିଖିତ ଶିକ୍ଷା ସୌରଭ ନାମକ ଏକ ପୁସ୍ତକ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲାଙ୍କ ଦ୍ୱାରା ଗୁରୁବାର ରାଜଭବନରେ ଉନ୍ମୋଚିତ ହୋଇଯାଇଛି। ଏହି ଅବସରରେ ପୁସ୍ତକର ରଚିୟିତା କବି କସ୍ତୁରୀ ଦିଲୀପ ଶ୍ରୀଚନ୍ଦନ ପୁସ୍ତକଟି କିଭଳି ଛାତ୍ରୀଛାତ୍ରଙ୍କ ପାଇଁ ଉପାଦେୟ ହେବ ତାହା ଜଣାଇବା ସହ ରାଜ୍ୟପାଳଙ୍କୁ ଏକ କବିତା ଫଳକ ଉପହାର ଦେଇଥିଲେ। କୁମାର କବିଙ୍କ ଜୀବନୀ ଆଧାରିତ ଅମୃତ ଉତ୍ତରଣ, ସାଧନା ସିଦ୍ଧି, କଥାମୃତ ପ୍ରଭୃତି ପୁସ୍ତକ ଉପହାର ଦେଇଥିଲେ। ଉନ୍ମୋଚନ ସମୟରେ କୁମାର କବି ଫାଉଣ୍ଡେଶନ ପକ୍ଷରୁ ଆଲୋକ ପ୍ରଧାନ, ସତ୍ୟପ୍ରିୟ ପ୍ରଧାନ, ସ୍ୱୟଂ ଶ୍ରୀଚନ୍ଦନ ପ୍ରମୁଖ ଉପସ୍ଥିତ ରହି ରାଜ୍ୟପାଳଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରିଥିଲେ। ପ୍ରକାଶଥାଉକି, ଶିକ୍ଷା ସୌରଭକୁ ମିଶାଇ ମୋଟ ୧୮ଟି ପୁସ୍ତକ ଦିଲୀପ ଶ୍ରୀଚନ୍ଦନଙ୍କର ପ୍ରକାଶ ପାଇଛି।

# କଉଡ଼ିଖିଣି ଛକରେ ଓଭରବ୍ରିଜ୍ ନିର୍ମାଣ ନେଇ ଦାବିପତ୍ର

ଟାଙ୍ଗୀ(ଖୋର୍ଦ୍ଧା),୧୧।୮(ରଘୁନାଥ ସାହୁ)

- ଉପଜିଲାପାଳଙ୍କ ସହ ଆଲୋଚନା କଲେ ବିଶିଷ୍ଟ ବ୍ୟକ୍ତି
- କାର୍ଯ୍ୟ ତ୍ୱରାନ୍ୱିତ ପାଇଁ କ୍ରିୟାନୁଷ୍ଠାନ କମିଟି ଗଠନ

ଦୁର୍ଘଟଣା ପ୍ରବଣ ଏନ୍‌ଏଚ୍ ୧୬ କଉଡିଖିଣୀ ଛକ ଉପରେ ଓଭରବ୍ରିଜ ନିର୍ମାଣ ନେଇ ଉପଜିଲାପାଳଙ୍କ ସହ ଆଲୋଚନା ଓ ଦାବିପତ୍ର ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ, ଗୁରୁବାର କଉଡ଼ିଖିଣି ଛକ ଉପରେ ଏକ ସଡ଼କ ଦୁର୍ଘଟଣା ଘଟି ୨ଜଣ ଗୁରୁତର ଆହତ ହୋଇ ଏବେ ଚିକିତ୍ସାଧୀନ ଅଛନ୍ତି। ଏହି ଦୁର୍ଘଟଣା ପରଠାରୁ ରାତି ୧୦ଯାଏଁ ରାସ୍ତା ଅବରୋଧ ହୋଇଥିଲା। ଡେଥ ଜୋନ ଭାବେ ଜଣାଯାଉଥିବା କଉଡିଖିଣି ଛକରେ ଓଭରବ୍ରିଜ ନିର୍ମାଣ ପାଇଁ ଦୀର୍ଘ ବର୍ଷ ହେଲା ଦାବି ହୋଇ ଆସୁଥିବା ବେଳେ ଆବଶ୍ୟକ ପ୍ରତିଶ୍ରୁତି ଦେବାକୁ ଘଟଣାସ୍ଥଳରେ ଜିଲାପାଳଙ୍କ ଉପସ୍ଥିତି ଦାବି କରାଯାଇଥିଲା। ପରିସ୍ଥିତି ନିୟନ୍ତ୍ରଣ କରିବାକୁ ଜିଲାପାଳଙ୍କ ପକ୍ଷରୁ ତହସିଲଦାରଙ୍କ ମାଧ୍ୟମରେ ଏବାବଦରେ ଶୁକ୍ରବାର ଆଲୋଚନା କରିବା ପାଇଁ ଲିଖିତ ପ୍ରତିଶ୍ରୁତି ପରେ ରାସ୍ତା ଅବରୋଧ ହଟିଥିଲା। ପ୍ରତିଶ୍ରୁତି ମୁତାବକ ଆଲୋଚନା କରିବାକୁ ଶୁକ୍ରବାର ସନ୍ଧ୍ୟାରେ ଖୋର୍ଦ୍ଧା ଜିଲା ଏଡିଏମ ପ୍ରତାପ ଚନ୍ଦ୍ର ବେଉରିଆ ଓ ଉପ ଜିଲାପାଳ ଦୀପ୍ତି ରଞ୍ଜନ ସେଠୀ କଉଡିଖିଣି ଛକରେ ପହଞ୍ଚିଥିଲେ। ପାଖରେ ନାରୁଣୀ ଥାନା ଅଧିକାରୀ ଚନ୍ଦ୍ରଶେଖର ଜେନା ମଧ୍ୟ ଉପସ୍ଥିତ ରହିଥିଲେ। ଏଠାରେ ସ୍ଥାନୀୟ ଉପଦର ଗ୍ରାମବାସୀଙ୍କ ସହ ନାରୁଣୀ, ମୋରାମୋରୀ, କୁଲେଇ, ଗମ୍ଭାରୀମୁଣ୍ଡା, ଦେଓଗାଁ ଆୟଉପୁର, ତୋରସିଂହ ପଞ୍ଚାୟତ ସମେତ ଚିଲିକା ବ୍ଲକର ହରିପୁର, କୁମାଣ୍ଡୋଳ, ଉଳାବନ୍ଧ, ନଇରୀ ପଞ୍ଚାୟତର ବହୁ ବିଶିଷ୍ଟ ବ୍ୟକ୍ତିମାନେ ଉପସ୍ଥିତ ରହି ଆଲୋଚନା କରିଥିଲେ। ଏଥିସହ ଏଠାରେ ସର୍ବସାଧାରଣଙ୍କ ସୁରକ୍ଷା ବ୍ୟବସ୍ଥା ପାଇଁ ତୁରନ୍ତ ଏକ ଓଭରବ୍ରିଜ୍ ନିର୍ମାଣ ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ନିବେଦନ ରଖି ଜିଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ। ଏହି ଅବସରରେ ଆବଶ୍ୟକ କାର୍ଯ୍ୟ ତ୍ୱରାନ୍ୱିତ କରବାକୁ ଏକ କ୍ରିୟାନୁଷ୍ଠାନ କମିଟି ସର୍ବସମ୍ମତିକ୍ରମେ ଗଠନ କରାଯାଇଥିଲା। ଏଥିରେ ସଭାପତି ଭାବେ ଉପଦର ଗ୍ରାମର ପୂର୍ବତନ ଅଧିକାରୀ ମକରଧ୍ୱଜ ପଲାଇ, କାର୍ଯ୍ୟନିର୍ବାହୀ ସଭ୍ୟ ଭାବେ ପ୍ରକାଶ ସୁବୁଦ୍ଧି, ନାରୁଣୀର ପୂର୍ବତନ ସରପଞ୍ଚ ଘନଶ୍ୟାମ ସେଣ ଓ ଦାଶରଥି ସୁବୁଦ୍ଧି, ବର୍ତ୍ତମାନର ନାରୁଣୀ ସରପଞ୍ଚଙ୍କ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ପଲାଇ, ସୁକାନ୍ତ କୁମାର ମହାପାତ୍ର, ଚିଲିକା ବ୍ଲକର ଉପାଧ୍ୟକ୍ଷ ଅରୁଣ ପଟ୍ଟନାୟକ, ଅରୁଣ କୁମାର ଦାଶ, ବଳଭଦ୍ର ବଳବନ୍ତରାୟ, ହରିପୁର ପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧି ବିଜୟ ବେହେରା, ନଇରୀର ପୂର୍ ସରପଞ୍ଚ ପ୍ରଶାନ୍ତ ସାହୁ, ଉଳାବନ୍ଧର ପୂର୍ବତନ ସରପଞ୍ଚ ଜୟକୃଷ୍ଣ ବେହେରା, ଉପଦର ଗ୍ରାମର ଗ୍ରାମର କମିଟି ସଭ୍ୟଙ୍କ ସମେତ ଚିଲିକା ବାଣପୁର ଆଞ୍ଚଳିକ ବିକାଶ ନାଗରିକ କମିଟି ଅଧ୍ୟକ୍ଷ ପ୍ରଦୋଷ ଦାସଙ୍କୁ ଏଥିରେ ସାମିଲ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା।

## ସଂକ୍ଷେପରେ

### ସାପ କାମୁଡ଼ାରେ ବୃଦ୍ଧାଙ୍କ ମୃତ୍ୟୁ

ନିମାପଡ଼ା,୧୧।୮(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଥାନା ଅନ୍ତର୍ଗତ ମିରେଇପୁର ପଞ୍ଚାୟତର ଅର୍ଜ୍ଜୁନପୁର ଗ୍ରାମର ଆସିଲି ଦାସ(୬୮)ଙ୍କ ଶୁକ୍ରବାର ଅପରାହ୍ନ ସାପ କାମୁଡ଼ାରେ ମୃତ୍ୟୁ ଘଟିଛି। ଏ ସମ୍ପର୍କରେ ମୃତାଙ୍କ ପୁଅ ଦିଲୀପ କୁମାର ଦାସ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲ (ନଂ.୧୫/୨୩) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଆସିଲି ଖାଇବା ପରେ ଘରେ ଶୋଇଥିବା ବେଳେ ଏକ ସାପ ତାଙ୍କୁ କାମୁଡ଼ି ଦେଇଥିଲା। ଏହା ଜାଣି ପରିବାର ଲୋକ ଗୁରୁତର ଅବସ୍ଥାରେ ତାଙ୍କୁ ନିମାପଡ଼ା ମେଡିକାଲରେ ଭର୍ତ୍ତି କରିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ପୋଲିସ ମେଡିକାଲରେ ପହଞ୍ଚି ବୃଦ୍ଧାଙ୍କ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଚାଟିଛକ ମେଡିକାଲକୁ ପଠାଇଛନ୍ତି। ଶନିବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ କହିଛି। ମୃତା ବୃଦ୍ଧାଙ୍କ ପରିବାରବର୍ଗଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ପରିବାର ବର୍ଗ ଓ ଗ୍ରାମବାସୀ ପ୍ରଶାସନ ନିକଟରେ ଦାବି କରିଛନ୍ତି।

### ଫେରାର ୨ ଅଭିଯୁକ୍ତ ଗିରଫ

ନିମାପଡ଼ା,୧୧।୮(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଓ ଜଗତସିଂହପୁର ଥାନା ଅଞ୍ଚଳରେ ବର୍ଷେରୁ ଊର୍ଦ୍ଧ୍ୱ ସମୟ ଧରି ଫେରାର ଥିବା ୨ ଅଭିଯୁକ୍ତଙ୍କୁ ନିମାପଡ଼ା ଥାନା ପୋଲିସ ଗିରଫ କରିଛି। ସେମାନେ ହେଲେ ନିମାପଡ଼ା ଥାନା ଅନ୍ତର୍ଗତ ଶେଉଳଖାଲ ଗ୍ରାମର ଧଳେଶ୍ୱର ବରାଳ ଓ ଶ୍ୟାମସୁନ୍ଦରପୁର ଗ୍ରାମର ଦିନେଶ ମାଳି। ଧୁଳେଶ୍ୱର ବରାଳକୁ ପୋଲିସ ଗିରଫ କରି ନିମାପଡ଼ା କୋର୍ଟକୁ ଚାଲାଣ କରିଛି। କୋର୍ଟ ଉଭୟଙ୍କ ଜାମିନ ନାମଞ୍ଜୁର କରି ଜେଲକୁ ପଠାଇଛି। ଅପରପକ୍ଷେ ଅଭିଯୁକ୍ତ ଦିନେଶଙ୍କୁ ପୋଲିସ ଜଗତସିଂହପୁର ପୋକ୍ସୋ କୋର୍ଟକୁ ଚାଲାଣ କରିଛି। ଧଳେଶ୍ୱର ବରାଳ ନିମାପଡ଼ା ଥାନା ଅଞ୍ଚଳର ବର୍ଷେ ତଳେ ଏକ ହତ୍ୟାକାଣ୍ଡ ମାମଲାରେ ସମ୍ପୃକ୍ତ ଥାଇ ଫେରାର ଥିବାବେଳେ ଦୀନେଶ ଜଗତସିଂହପୁର ଥାନାଞ୍ଚଳରେ ଜଣେ ନାବାଳିକାଙ୍କୁ ବଳାତ୍କାର ମାମଲାରେ ସମ୍ପୃକ୍ତ ଥାଇ ଫେରାର ରହିଥିଲା। ଆଇଆଇସି ବାମଦେବ ସ୍ୱାଇଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏଏସଆଇ ଶିଶିର ମହାନ୍ତି, ସବିତାରାଣୀ ମାଝୀ ଶୁକ୍ରବାର ୨ ଫେରାର ଅଭିଯୁକ୍ତଙ୍କ ଘରେ ଚଢ଼ାଉ କରି ଉଭୟଙ୍କୁ ଗିରଫ କରିଥିଲା।

### ବଟି ଆଦାୟ କରି ୨ ଗିରଫ

ପୁରୀ,୧୧।୮(ଅଜିତ୍ ମହାନ୍ତି)

ବଟି ମାଗିବା ଅଭିଯୋଗରେ ବଳିଆପଣ୍ଡା ଥାନା ପୋଲିସ ଦୁଇଜଣଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ କ୍ୟାମେଲିଆ ହୋଟେଲ ସମ୍ମୁଖରେ ଚା ଦୋକାନ କରିଥିବା ଜଗତସିଂହପୁର ଜିଲ୍ଲା ବାଲିକୁଦା ଥାନା ଅଞ୍ଚଳର ନିତ୍ୟରଞ୍ଜନ ଜେନା (୨୫) ଏବଂ ପୁରୀ ବଳିଆପଣ୍ଡା ଥାନା ଅନ୍ତର୍ଗତ ଗୌଡବାଡ ସାହି କାମାକ୍ଷା ମନ୍ଦିର ଅଞ୍ଚଳର ସନ୍ତୋଷ ପରିଡ଼ା(୨୧)। ପୋଲିସ ସେମାନଙ୍କ ଠାରୁ ଦୁଇଟି ଛୁରୀ ଏବଂ ନଗଦ ୪୫୦ ଟଙ୍କା ଜବତ କରିଛି। ଏନେଇ ପୋଲିସ ଏକ କେସ୍ (ନଂ.୧୨୨/୨୩) ରୁଜୁ କରିଛି। ସୂଚନା ଅନୁଯାୟୀ, ଅଭିଯୁକ୍ତ ଦୁଇଜଣ ଯାତ୍ରିକା ପାର୍କିଠାରେ ଯାତ୍ରୀବାହି ଗାଡ଼ିରୁ ବଟି ଆଦାୟ କରୁଥିଲେ। ଖବର ପାଇ ପୋଲିସ ଉକ୍ତ ସ୍ଥାନରେ ଚଢାଉ କରି ଅଭିଯୁକ୍ତ ଦ୍ୱୟଙ୍କୁ ଗିରଫ କରିଥିଲା।

# ଭାଜପା ସମର୍ଥିତ ବର୍ଷାରାଣୀ ହେଲେ ସରପଞ୍ଚ

**ବୀରରାମଚନ୍ଦ୍ରପୁର ଉପନିର୍ବାଚନ**

- ୨୦୧ ଭୋଟ ଅଧିକ ପାଇ ହେଲେ ବିଜୟୀ
- ବିଜେଡି ସମର୍ଥିତ ପ୍ରତିମାଙ୍କୁ ୨୦୯୬ ଭୋଟ

ସାକ୍ଷୀଗୋପାଳ,୧୧।୮(ପ୍ରଶାନ୍ତ ବାରିକ/ କିଶୋର ମହାପାତ୍ର/ଭରତ ରାଉତ)

ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ବୀରରାମଚନ୍ଦ୍ରପୁର ସରପଞ୍ଚ ପଦବୀ ନିମନ୍ତେ ହୋଇଥିବା ଉପନିର୍ବାଚନର ଫଳାଫଳ ଶୁକ୍ରବାର ବ୍ଲକ ପକ୍ଷରୁ ସରକାରୀ ଭାବେ ଘୋଷଣା କରାଯାଇଛି। ଦୀର୍ଘ ବର୍ଷ ଧରି ବିଜେଡି ଶାସିତ ଏହି ପଞ୍ଚାୟତରେ ଚଳିତବର୍ଷ ଭାଜପାର ଖାତା ଖୋଲିଛି। ଭାଜପା ସମର୍ଥିତ ପ୍ରାର୍ଥିନୀ ବର୍ଷାରାଣୀ ସେଠୀ ୨୦୧ ଖଣ୍ଡ ଭୋଟ ଅଧିକ ପାଇ ବିଜୟୀ ହୋଇ ସରପଞ୍ଚ ହୋଇଛନ୍ତି। ଚଳିତ ମାସ ୯ତାରିଖରେ ସମୁଦାୟ ୬୨୩୪ ଭୋଟ ମଧ୍ୟରୁ ପଞ୍ଚାୟତର ୧୫ଟି ୱାର୍ଡର ୧୫ଟି ବୁଥରେ ଅନୁଷ୍ଠିତ ଭୋଟରେ ୪୪୫୬ଜଣ ଭୋଟର ନିଜର ମତଦାନ ସାବ୍ୟସ୍ତ କରିଥିଲେ। ତେବେ ଶୁକ୍ରବାର ପୂର୍ବାହ୍ନରେ ବ୍ଲକରେ ପ୍ରଶାସନ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇ ଭୋଟ ଗଣତି ହୋଇଥିଲା। ଏଥିରେ ବିଜେଡି ସମର୍ଥିତ ପ୍ରାର୍ଥିନୀ ପ୍ରତିମା ବେହେରାଙ୍କୁ ଖୋଲା ବହି ଚିହ୍ନରେ ୨୦୯୬ ଖଣ୍ଡ ଭୋଟ ମିଳିଥିବାବେଳେ ଭାଜପା ସମର୍ଥିତ ପ୍ରାର୍ଥିନୀ ବର୍ଷରଣୀ ସେଠୀ ମାଛ ଚିହ୍ନରେ ୨୨୯୭ ଖଣ୍ଡ ଭୋଟ ପାଇଥିଲେ। ଅର୍ଥାତ ପ୍ରତିମାଙ୍କଠାରୁ ବର୍ଷାରାଣୀ ୨୦୧ ଖଣ୍ଡ ଅଧିକ ଭୋଟ ପାଇ ବିଜୟୀ ହେଲେ ବୋଲି ନିର୍ବାଚନ ଅଧିକାରୀ ତଥା ସତ୍ୟବାଦୀ ବିଡିଓ ଲୋଚନ ଦାଶ ଗଣମାଧ୍ୟମକୁ ସୂଚନା ଦେଇଥିଲେ। ଭୋଟ ବାକ୍ସ ଭିତରୁ ବାହାରିଥିବା ଭୋଟ ମଧ୍ୟରୁ ୬୩ ଖଣ୍ଡ ନାକଚ ହୋଇଥିଲା। ପରେ ସତ୍ୟବାଦୀ ଭାଜପା ପକ୍ଷରୁ ବିଜୟ ଉତ୍ସବ ପାଳନ କରାଯାଇଥିଲା। ଏହି ଅବସରରେ ନୂତନ ସରପଞ୍ଚ ବର୍ଷାରାଣୀ ଓ ଭାଜପାର ରାଷ୍ଟ୍ରୀୟ ପ୍ରବକ୍ତା ସମ୍ବିତ ପାତ୍ର, ସତ୍ୟବାଦୀ ନେତା ଓମ ପ୍ରକାଶ ମିଶ୍ର, ଜିଲା ପରିଷଦ ସଭ୍ୟ ରତିକାନ୍ତ ମିଶ୍ର, ସଭ୍ୟା ବିଷ୍ଣୁପ୍ରିୟା ବରାଳ, ଜୟପୁର ସମିତି ସଭ୍ୟ ଦୀପକ ଶତପଥୀ, ବ୍ଲକ ମଣ୍ଡଳ ସଭାପତି ଉମେଶ ପ୍ରଧାନ, ଶଙ୍କର ପ୍ରଧାନ, ଅଶୋକ ରାଉତରାୟ,ରଞ୍ଜନ ବରାଳଙ୍କ ସମେତ ଅନ୍ୟମାନେ ଯୋଗଦେଇ ଏକ ଶୋଭାଯାତ୍ରାରେ ସାକ୍ଷୀଗୋପାଳ ବଜାର ମଧ ଦେଇ ସାକ୍ଷୀଗୋପୀନାଥଙ୍କୁ ଦର୍ଶନ କରି ଆଶୀର୍ବାଦ ନେଇଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ସତ୍ୟବାଦୀ ଥାନା ପକ୍ଷରୁ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।



ଶୋଭାଯାତ୍ରାରେ ଭାଜପା ରାଷ୍ଟ୍ରୀୟ ପ୍ରବକ୍ତା ସମ୍ବିତ ପାତ୍ର , ଓମ ପ୍ରକାଶ ମିଶ୍ରଙ୍କ ସହ ବର୍ଷାରାଣୀ ସେଠୀ ଏବଂ ଅନ୍ୟମାନେ।

# ବିକାଶ କାର୍ଯ୍ୟରେ ବାଧା ଦେଲେ ବିଜେଡି ଜବାବ ଦେବ

ନିମାପଡ଼ା,୧୧।୮( ବିଚିତ୍ରାନନ୍ଦ ସାହୁ)

ରାଜ୍ୟ ସରକାରଙ୍କ ବିଭିନ୍ନ ବିକାଶମୂଳକ ଉନ୍ନୟନ କାର୍ଯ୍ୟରେ ସ୍ୱଚ୍ଛତା ହିଁ ଆମ ସରକାରଙ୍କ ମୂଳମନ୍ତ୍ର। ନିମାପଡ଼ା ନିର୍ବାଚନମଣ୍ଡଳୀରେ ଚାଲିଥିବା ବିଭିନ୍ନ ବିକାଶମୁଖି କାର୍ଯ୍ୟରେ ବାଧା ସୃଷ୍ଟି କଲେ ବିଜେଡି ପକ୍ଷରୁ ଏହାର କଡ଼ା ଜବାବ ଦିଆଯିବ ବୋଲି ବିଜେଡି ପକ୍ଷରୁ ଶୁକ୍ରବାର ନିମାପଡ଼ାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ବିଜେଡିର ନେତୃବୃନ୍ଦମାନେ ମତପ୍ରକାଶ କରିଛନ୍ତି। ରାଜନୈତିକ ଅଭିସନ୍ଧି ରଖି ଭାଜପାର ନେତୃବୃନ୍ଦମାନେ ନିମ୍ନମାନର କାର୍ଯ୍ୟ ହେଉଥିବାରୁ ଆଳ ଦେଖାଇ ନିମାପଡ଼ାରେ ବିଭିନ୍ନ ବିଭାଗ ପକ୍ଷରୁ ଚାଲିଥିବା ବିଭନ୍ନ ନୂତନ ପ୍ରକଳ୍ପର କାର୍ଯ୍ୟକୁ ବନ୍ଦ କରିବାକୁ ହୀନ ପ୍ରୟାସ ଚଳାଇଛନ୍ତି। ଭାଜପା ନେତାଙ୍କ ଏହି ହୀନ କାର୍ଯ୍ୟକୁ ବିଜେଡି ପକ୍ଷରୁ ତୀବ୍ର ନିନ୍ଦା କରାଯାଇଛି। ନିମାପଡ଼ା ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ୫-ଟି ଯୋଜନାରେ ନୂତନ ଭାବେ ଆମ ହସ୍ପିଟାଲର ନିର୍ମାଣ କାର୍ଯ୍ୟ ଚାଲିଛି। ଏହି ନିର୍ମାଣ କାର୍ଯ୍ୟ ଟେଣ୍ଡର ଓ ଏଗ୍ରିମେଣ୍ଟ ମାଧ୍ୟମରେ ସମସ୍ତ ସରକାରୀ ନୀତିନିୟମ ଅନୁସାରେ କାର୍ଯ୍ୟ କରାଯାଉଛି। ଉକ୍ତ କାର୍ଯ୍ୟରେ କୌଣସି ଅନିୟମିତତା ହୋଇନାହିଁ। ଆମ୍ ହସ୍ପିଟାଲର ନିର୍ମାଣ କାର୍ଯ୍ୟ ସମ୍ପର୍କରେ ଭାଜପାର ନେତୃବୃନ୍ଦମାନେ ଖବରଦାତା ସମ୍ମିଳନୀରେ ଯାହା ସବୁ ଅଭିଯୋଗ କରିଛନ୍ତି, ତାହା ସମ୍ପୂର୍ଣ୍ଣ ମିଥ୍ୟା, ଭିତ୍ତିହୀନ ବୋଲି ଆୟୋଜିତ ଖବରଦାତା ସମ୍ମିଳନୀରେ ବିଜୁ ଜନତା ଦଳର ନେତୃବୃନ୍ଦମାନେ କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଏମ୍‌ପି ପ୍ରତିନିଧି ସନାତନ ପ୍ରଧାନ, ବିଜେଡି ବ୍ଲକ ସଭାପତି ଅଶୋକ ସାହୁ, ଜୀବନାନନ୍ଦ ମହାପାତ୍ର, ଏନ୍‌ଏସି ଉପାଧ୍ୟକ୍ଷ ସନ୍ତୋଷ ଦାଶ, ପଞ୍ଚାୟତ ସମିତି ଅଧ୍ୟକ୍ଷ ଶଙ୍କର ଭୋଇ, ସୂର୍ଯ୍ୟକାନ୍ତ ମହାନ୍ତି ପ୍ରମୁଖ ସାମିଲ ଥିଲେ।

# ଆଜି ଭାଜପାର ପଞ୍ଚାୟତ ପ୍ରତିନିଧିଙ୍କ ପ୍ରଶିକ୍ଷଣ ଶିବିର

କୋଣାର୍କ,୧୧।୮(ଜ୍ୟୋତିରାଜ ମହାନ୍ତି)

କୋଣାର୍କସ୍ଥିତ ଯାତ୍ରୀନିବାସ ସମ୍ମେଳନ କକ୍ଷଠାରେ ରାଜ୍ୟ ଭାଜପା ପଞ୍ଚାୟତିରାଜ ପରିଷଦ ଆନୁକୂଲ୍ୟରେ ଦୁଇଦିନିଆ ପଞ୍ଚାୟତିରାଜ ପ୍ରତିନିଧିମାନଙ୍କୁ ନେଇ ପ୍ରଶିକ୍ଷଣ ଶିବିର ଆୟୋଜିତ ହେବାକୁ ଯାଉଛି। ଏଥି ନିମନ୍ତେ ରାଜ୍ୟ ଭାଜପା ପଞ୍ଚାୟତିରାଜ ପରିଷଦ ଆବାହକ ଶଙ୍କର ପରିଡାଙ୍କ ଅଧ୍ୟକ୍ଷତାରେ ବୃତାନ୍ତ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୧୨ ଓ ୧୩ ଦୁଇ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ପ୍ରଶିକ୍ଷଣ ଶିବିରରେ କେନ୍ଦ୍ର ମନ୍ତ୍ରୀ ବିଶେଶ୍ୱର ଟୁଡୁ, ଅଶ୍ୱିନୀ ବୈଷ୍ଣବ, ଭୂପେନ୍ଦ୍ର ଯାଦବଙ୍କ ସମେତ ୬ଜଣ ମନ୍ତ୍ରୀ ଯୋଗଦେବେ ବୋଲି ଆୟୋଜିତ ବୈଠକରେ ଆବାହକ ପରିଡା ପ୍ରକାଶ କରିଛନ୍ତି। ଏହି ପ୍ରଶିକ୍ଷଣ ଶିବିରରେ ଓଡ଼ିଶା ରାଜ୍ୟର ୩୦ଟି ଜିଲାର ନିର୍ବାଚିତ ଜିଲା ପରିଷଦ ସଭ୍ୟ ସଭ୍ୟା, ବ୍ଲକ ଅଧ୍ୟକ୍ଷ, ଉପାଧ୍ୟକ୍ଷ ପ୍ରମୁଖ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ତ୍ରିସ୍ତରୀୟ ପଞ୍ଚାୟତିରାଜ ପ୍ରତିନିଧିମାନଙ୍କୁ ସେମାନଙ୍କ କ୍ଷମତା ଓ ତାହାର ପରିସର ସମ୍ବନ୍ଧରେ ଅବଗତ କରାଇବା ସହ ସାମୂହିକ ଭାଗୀଦାରି ସୂତ୍ରରେ ଲୋକାଭିମୁଖୀ ଶାସନ ବ୍ୟବସ୍ଥାର କାର୍ଯ୍ୟକାରିତା ନେଇ ପ୍ରଶିକ୍ଷଣ ପ୍ରଦାନ କରାଯିବାର କାର୍ଯ୍ୟକ୍ରମ ସ୍ଥିରୀକୃତ ହୋଇଛି। ଏହି ଶିବିରକୁ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ଚୌବେ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା ମାଧ୍ୟମରେ ଉନ୍ନୟନ କାର୍ଯ୍ୟ ବାବଦରେ ଆସୁଥିବା ଅର୍ଥରାଶି ଗ୍ରାମ ସଭା ଓ ପଲ୍ଲୀ ସଭା ମାଧ୍ୟମରେ କରି ଲୋକାଭିମୁଖୀ ଯୋଜନାର ସଫଳ ରୂପାୟନ ନିମନ୍ତେ ସରକାରୀ ନିୟମ ଥିବାବେଳେ ତାହା ରାଜ୍ୟ ସରକାରଙ୍କ ଦ୍ୱାରା କରା ନ ଯିବା ଦୁର୍ନୀତିକୁ କିଭଳି ଭାବେ ପ୍ରଶୟ ଦେଉଛି ପଞ୍ଚାୟତିରାଜ ପ୍ରତିନିଧିମାନଙ୍କୁ ଅବଗତ କରାଇବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଆଭିମୁଖ୍ୟ ବୋଲି ପରିଷଦର ଆବାହକ ପରିଡା ମତବ୍ୟକ୍ତ କରିଛନ୍ତି। ଏହି ପ୍ରସ୍ତୁତି ବୈଠକରେ ପୂର୍ବତନ ବିଧାୟକ ବାଇଧର ମଲ୍ଲିକ, ଜିଲା ସଭାପତି ଆଶ୍ରୀତ ପଟ୍ଟନାୟକ ଓ ନେତା ପୂର୍ଣ୍ଣଚନ୍ଦ୍ର ଓଝା ପ୍ରମୁଖ ଉପସ୍ଥିତ ଥିଲେ।




ପୁରୀ ବଡ଼ବଜାର ଉଠାଦୋକାନୀ ବ୍ୟବସାୟୀ ସଂଘ ଆନୁକୂଲ୍ୟରେ ଶୁକ୍ରବାର ଚକ୍ରତୀର୍ଥ ରୋଡ଼ ସଂସ୍କୃତି ଭବନରେ ଆୟୋଜିତ ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥି ।

# 'ଉଠାବ୍ୟବସାୟୀଙ୍କ ଉନ୍ନତି ପାଇଁ ପଦକ୍ଷେପ ନିଆଯିବା ଉଚିତ'

ପୁରୀ,୧୧।୮(ଅଜିତ ମହାନ୍ତି)

ପୁରୀ ବଡ଼ବଜାର ଉଠାଦୋକାନୀ ବ୍ୟବସାୟୀ ସଂଘ ଆନୁକୂଲ୍ୟରେ ଶୁକ୍ରବାର ଚକ୍ରତୀର୍ଥ ରୋଡ଼ ସଂସ୍କୃତି ଭବନରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ଆଲୋଚନା ଚକ୍ରରେ ଅତିଥି ଭାବେ ଉପଜିଲାପାଳ ଭବତାରଣ ସାହୁ, ପୌରସଂସ୍ଥା କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ, ରାଜ୍ୟ ଉଠାଦୋକାନୀ ସଂଘର ସଭାପତି ମହେଶ୍ୱର ବଳ, କଟକ ଜିଲା ସଭାପତି ଆଡଭୋକେଟ ଅମରେନ୍ଦ୍ର ମହାନ୍ତି, ରାଜ୍ୟ ସମ୍ପାଦିକା ସ୍ୱୟଂପ୍ରଭା ସାହୁ, ଆବାହକ ଆଡଭୋକେଟ ପ୍ରିୟଦର୍ଶନ ପଟ୍ଟନାୟକ, ପୁରୀ ଜିଲା ସମ୍ପାଦକ ମାନସ ରଥ, ଅଜୟ ବେହେରା, ପୂର୍ଣଚନ୍ଦ୍ର ଦାସ ପ୍ରମୁଖ ଯୋଗ ଦେଇଥିଲେ। 'ଉଠାବ୍ୟବସାୟୀଙ୍କ ଉନ୍ନତି ପାଇଁ ସରକାରୀ ସ୍ତରରେ ପଦକ୍ଷେପ ନିଆଯିବା ଉଚିତ' ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ସଂଘର ସଭାପତି ଯଶୋବନ୍ତ ପାତ୍ର ଓ ସମ୍ପାଦକ ଜିତେନ୍ଦ୍ର ପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସରକାରୀ ସୁବିଧା ପାଇବା ପାଇଁ ସମସ୍ତେ ଏକଜୁଟ ହୋଇ ଲଢିବାକୁ ସଂଘ କର୍ମକର୍ତ୍ତା ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ପୁରୀ ସହରର ସମସ୍ତ ଉଠାଦୋକାନୀ ଯୋଗଦେଇ ଉଠାଦୋକାନୀଙ୍କ ପାଇଁ ୨୦୧୪ରେ ପ୍ରଣୀତ ସରକାରୀ ଆଇନ ବିଷୟରେ ଅବଗତ କରାଯାଇଥିଲା। ଏହି ଅବସରରେ ବଡବଜାର ଉଠାଦୋକାନୀ ସଂଘର ବରିଷ୍ଠ ସଦସ୍ୟ ତଥା ସମ୍ପାଦକ କ୍ଷେତ୍ରମୋହନ ଲେଙ୍କାଙ୍କ ସମେତ ଅନ୍ୟ ସଦସ୍ୟମାନଙ୍କୁ ସମ୍ମାନିତ କରାଯାଇଥିଲା।

# ବିଜେଡିରେ ଯୋଗଦେଲେ ୫୦ରୁ ଊର୍ଦ୍ଧ୍ୱ ଭାଜପା କର୍ମୀ

ନିମାପଡ଼ା,୧୧।୮(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ାଠାରେ ତେରୁଣ୍ଡିଆ ପଞ୍ଚାୟତ ବିଜେଡି ପକ୍ଷରୁ ଏକ ମିଶ୍ରଣ ପର୍ବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଭାବେ ବିଧାୟକ ସମୀର ରଞ୍ଜନ ଦାଶ, ନଗର ବିଜେଡି ସଭାପତି ଜୀବନାନନ୍ଦ ମହାପାତ୍ର, ସରପଞ୍ଚଙ୍କ ପ୍ରତିନିଧି ଚିତ୍ତରଞ୍ଜନ ପ୍ରଧାନ, ତେରୁଣ୍ଡିଆ ପଞ୍ଚାୟତ ବିଜେଡି ସଭାପତି ଚିତ୍ତରଞ୍ଜନ ନାୟକ, ପୂର୍ବତନ ସରପଞ୍ଚ ରାମଚନ୍ଦ୍ର ନାୟକ, ସ୍ୱପ୍ନେଶ୍ୱର ବେହେରା, ଶାନ୍ତିଲତା ସାହୁ ପ୍ରମୁଖ ଯୋଗଦେଇଥିଲେ। ତେରୁଣ୍ଡିଆ ପଞ୍ଚାୟତର ୫୦ରୁ ଊର୍ଦ୍ଧ୍ୱ ଭାଜପା କର୍ମୀ ଦଳ ଛାଡ଼ି ବିପିନ ବିହାରୀ ଦାସ, ସନ୍ତୋଷ, ଦାସ, ବାଦଲ ଦାସ, ଗଗନ ବେହେରା, ରାଜେଶ ବେହେରା, ନିରଞ୍ଜନ ବେହେରା, ଶୁଭମ୍ ବେହେରା ପ୍ରମୁଖ ନେତୃବୃନ୍ଦଙ୍କ ସହ ବିଜେଡିରେ ସାମିଲ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ନିର୍ମଳ ଶାସନ ପ୍ରତି ଆସ୍ଥା ପ୍ରକଟ କରି ଏମାନେ ବିଜେଡିରେ ଯୋଗଦେଇଥିବା କହିଛନ୍ତି।

# ଦିଲ୍ଲୀରେ ଓଡ଼ିଆ ପରିବେଶ କର୍ମୀ ସମ୍ମାନିତ

କୋଣାର୍କ,୧୧।୮(ଜ୍ୟୋତିରାଜ ମହାନ୍ତି)

**ପରିବେଶ ସୁରକ୍ଷାରେ ବିଚିତ୍ରାନନ୍ଦଙ୍କ ୨୯ ବର୍ଷର ଅବଦାନ**

ବନ୍ୟଜନ୍ତୁ ସଂରକ୍ଷଣ କ୍ଷେତ୍ରରେ ଜୀବନବ୍ୟାପୀ ଅବଦାନ ପାଇଁ ପୁରୀ ଜିଲା ଅସ୍ତରଙ୍ଗ ବ୍ଲକ ଅନ୍ତର୍ଗତ ଗୁଣ୍ଡଳବା ଗାଁର ବିଚିତ୍ରାନନ୍ଦ ବିଶ୍ୱାଳ ପାଇଲେ ଜାତୀୟ ସମ୍ମାନ। ନୂଆଦିଲ୍ଲୀଠାରେ ଆୟୋଜିତ ଏକ ବିଶେଷ କାର୍ଯ୍ୟକ୍ରମରେ ସେ ଯୋଗଦେଇ ଏହି ଜାତୀୟ ପୁରସ୍କାର ଗ୍ରହଣ କରିଛନ୍ତି। ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରାଳୟ ଓ 'ଟିଭି ନାଇନ'ର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଥିବା ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ବିଦେଶ ଓ ସଂସ୍କୃତି ରାଷ୍ଟ୍ର ମନ୍ତ୍ରୀ ମିନାକ୍ଷୀ ଲେଖିଙ୍କ ଦ୍ୱାରା ସେ ପୁରସ୍କୃତ ହୋଇଛନ୍ତି। ୧୯୯୪ ମସିହାରୁ ବିଚିତ୍ରାନନ୍ଦ ନିଜର ଇଚ୍ଛାଶକ୍ତି ଓ ଅଧ୍ୟବସାୟ ବଳରେ ବିରଳ ପ୍ରଜାତିର ସାମୁଦ୍ରିକ କଇଁଛ ଅଲିଭ ରିଡ୍‌ଲେ, ଘରଚଟିଆ, ଆର୍ଦ୍ରଭୂମି ଓ ଲୁଣା ଜଙ୍ଗଲ ସଂରକ୍ଷଣ, ସାପ ଉଦ୍ଧାର କାର୍ଯ୍ୟରେ ନିଜକୁ ନିୟୋଜିତ ରଖିଛନ୍ତି। ବନ୍ୟଜନ୍ତୁ ସଂରକ୍ଷଣ କ୍ଷେତ୍ରରେ ତାଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ ଓଡ଼ିଶା ସରକାରଙ୍କ ପକ୍ଷରୁ ରାଜ୍ୟ ବିଜୁ ପଟ୍ଟନାୟକ ବନ୍ୟପ୍ରାଣୀ ସଂରକ୍ଷଣ ପୁରସ୍କାର -୨୦୧୯ ରେ ସେ ବିଭୂଷିତ ହୋଇଥିଲେ।




ବିଚିତ୍ରାନନ୍ଦ ବିଶ୍ୱାଳଙ୍କୁ ଜାତୀୟ ସମ୍ମାନରେ ସମ୍ମାନିତ କରାଯାଉଛି ।

# ନବନିର୍ମାଣ କୃଷକ ସଙ୍ଗଠନର ଧାରଣା

ପୁରୀ,୧୧।୮(ଅଜିତ ମହାନ୍ତି)

ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରାୟଶ୍ଚିତ ସତ୍ୟାଗ୍ରହର ଦ୍ୱିତୀୟ ଦିବସରେ ଶୁକ୍ରବାର ପ୍ରତୀକାତ୍ମକ ଧାରଣା ଦିଆଯାଇଥିଲା। ନବନିର୍ମାଣ ସ୍ୱରାଜ ସରକାର ଗଠନର ଆହ୍ୱାନ ଦେଇ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ରାଜ୍ୟ ସରକାରଙ୍କ ଚାଷୀମାରଣ ନୀତି ବିରୋଧରେ ସ୍ଲୋଗାନ ଦିଆଯାଇଥିଲା। ସଙ୍ଗଠନର ରାଜ୍ୟ କମିଟି ସଦସ୍ୟ ସୂର୍ଯ୍ୟନାରାୟଣ ରଥ କ୍ଷୋଭର ସହ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଥିଲେ। ଏହି ଧାରଣାରେ ସଦସ୍ୟ ଗୋପିନାଥ ରଥ, ଭୁବନେଶ୍ୱର ଜେନା, ପୂର୍ଣ୍ଣ ପ୍ରଧାନ, ମୀନା କୁମାରୀ ଓ ଅନନ୍ତ ବାବୁ ପ୍ରମୁଖ ସାମିଲ ଥିଲେ।

# ପୁରୀ ଜିଲାର ୧୬ ଖେଳାଳି ମନୋନୀତ

ପୁରୀ,୧୧।୮(ଅଜିତ ମହାନ୍ତି):

**ରାଜ୍ୟସ୍ତରୀୟ ପୁରୁଷ ହ୍ୟାଣ୍ଡବଲ ପ୍ରତିଯୋଗିତା**

ଚଳିତ ମାସ ୧୨ ଓ ୧୩ ତାରିଖ ଦୁଇଦିନ ଧରି କେନ୍ଦୁଝର ଜିଲାରେ ରାଜ୍ୟସ୍ତରୀୟ ପୁରୁଷ ହ୍ୟାଣ୍ଡବଲ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତା ପାଇଁ ପୁରୀ ଜିଲାର ୧୬ ଜଣ ଖେଳାଳି ମନୋନୀତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଶୁଭେନ୍ଦୁ କୁମାର ଦାସ, ସୁବ୍ରତ କୁମାର ସାହୁ, ଚନ୍ଦନ ପତ୍ରୀ, ବିଶ୍ୱରଞ୍ଜନ ପାତ୍ର, ଆଲୋକ ଭୋଇ, ଅଭିଷେକ ପରିଡ଼ା, ଶିବ ସୁନ୍ଦର ବାରିକ, ଜ୍ଞାନ ରଞ୍ଜନ ବଳିଆରସିଂହ, ଏନ୍.ଆଦିତ୍ୟ ରେଡ୍ଡୀ, ପବିତ୍ର ଦାସ, ପ୍ରଦୀପ୍ତ ସେଠୀ, ଦାମୋଦର ଖୁଣ୍ଟିଆ, ବିଜୟ କୁମାର ବେହେରା, ଅଜୟ କୁମାର ବେହେରା, ବାଦଲ କୁମାର ବେହେରା, ଆଶିଷ କୁମାର ଦାସ ଏବଂ କୋଚ୍ ରଶ୍ମି ରଞ୍ଜନ ତ୍ରିପାଠୀ ପ୍ରମୁଖ ରହିଛନ୍ତି। ପୁରୀ ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ, ଝାଡେଶ୍ୱରୀ କ୍ଲବ୍‌ର ସମ୍ପାଦକ ପାର୍ଥସାରଥି ମହାପାତ୍ର, କୋଷାଧ୍ୟକ୍ଷ ଜିତେନ୍ଦ୍ର ନାଥ ଦାସ ଏବଂ ରଞ୍ଜିତ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ।




ରାଜ୍ୟସ୍ତରୀୟ ପୁରୁଷ ହ୍ୟାଣ୍ଡବଲ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଥିବା ପୁରୀ ଜିଲାର ଖେଳାଳିମାନେ ।

# ୭ ବ୍ଲକର ୪,୬୦,୬୧୨ ଲୋକ ପାଇବେ ସ୍ୱଚ୍ଛ ପାନୀୟଜଳ

ପୁରୀ,୧୧।୮(ଅଜିତ ମହାନ୍ତି):

- ଜିଲାରେ ୪ ଗ୍ରାମ୍ୟ ପାନୀୟ ଜଳଯୋଗାଣ ପ୍ରକଳ୍ପ ହେବ
- ମୁଖ୍ୟମନ୍ତ୍ରୀଙ୍କୁ ବିଜେଡି ପକ୍ଷରୁ କୃତଜ୍ଞତା ଜ୍ଞାପନ

ରାଜ୍ୟର ଗ୍ରାମାଞ୍ଚଳରେ ବସବାସ କରୁଥିବା ଲୋକଙ୍କୁ ବିଶୁଦ୍ଧ ପାନୀୟଜଳ ଯୋଗାଇ ଦେବାକୁ ରାଜ୍ୟ ସରକାର ପ୍ରାଥମିକତା ଦେଉଛନ୍ତି। ଏଥିପାଇଁ ରାଜ୍ୟ ସରକାର ଜେଏମଏମ୍ ଯୋଜନାରେ ପୁରୀ ଜିଲାରେ ୪ଟି ଗ୍ରାମ୍ୟ ପାନୀୟ ଜଳଯୋଗାଣ ପ୍ରକଳ୍ପକୁ ଇପିସି ନିବିଦା ମାଧ୍ୟମରେ କାର୍ଯ୍ୟକାରୀ କରିବା ପାଇଁ ଲକ୍ଷ୍ୟ ରଖିଛନ୍ତି। ଏନେଇ ରାଜ୍ୟ କ୍ୟାବିନେଟ୍‌ର ଗୁରୁତ୍ୱପୂର୍ଣ୍ଣ ବୈଠକରେ ମଞ୍ଜୁର ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଏପରି ନିଷ୍ପତ୍ତିକୁ ସ୍ୱାଗତ ଜଣାଇ ବିଜେଡି ପୁରୀ ଶାଖା ପକ୍ଷରୁ ଶୁକ୍ରବାର ସ୍ଥାନୀୟ ସଂସ୍କୃତି ଭବନରେ ଏକ ଖବରଦାତା ସମ୍ମିଳନୀ ଆୟୋଜନ କରାଯାଇ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜ୍ଞାପନ ସହ ପ୍ରକଳ୍ପ ସମ୍ପର୍କରେ ସୂଚନା ଦିଆଯାଇଛି। ଖବରଦାତା ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ତଥା ବିଜେଡି ଜିଲା ସଭାପତି ମହେଶ୍ୱର ମହାନ୍ତି, କ୍ରୀଡ଼ା ତଥା ଯୁବ ବ୍ୟାପାର ମନ୍ତ୍ରୀ ତୁଷାରକାନ୍ତି ବେହେରା ଏବଂ ପିପିଲି ବିଧାୟକ ରୁଦ୍ର ପ୍ରତାପ ମହାରଥୀ ଯୋଗଦେଇ ପ୍ରକଳ୍ପ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ପ୍ରକଳ୍ପଗୁଡ଼ିକ ଦ୍ୱାରା ଜିଲାର ୭ଟି ବ୍ଲକ ଅଧୀନରେ ଥିବା ୯୨ଟି ଗ୍ରାମପଞ୍ଚାୟତ ଅନ୍ତର୍ଗତ ୪୯୮ଟି ଗ୍ରାମରେ ବସବାସ କରୁଥିବା ପ୍ରାୟ ୪,୬୦,୬୧୨ ଜନସାଧାରଣଙ୍କୁ ସ୍ୱଚ୍ଛ ପାନୀୟଜଳ ଯୋଗାଇ ଦିଆଯିବ। ସେଥିମଧ୍ୟରୁ ପୁରୀ ସଦର ବ୍ଲକର ୨୯ଟି ପଞ୍ଚାୟତ ଅନ୍ତର୍ଗତ ୧୩୯ଟି ଗ୍ରାମର ପ୍ରାୟ ୧,୩୮,୫୪୨ ଜଣ, ଗୋପ ବ୍ଲକର ୨୧ଟି ପଞ୍ଚାୟତ ଅନ୍ତର୍ଗତ ୧୩୫ଟି ଗ୍ରାମର ପ୍ରାୟ ୧,୦୧,୭୭୦ ଜଣ, କାକଟପୁର ବ୍ଲକର ୧୦ଟି ପଞ୍ଚାୟତ ଅନ୍ତର୍ଗତ ୬୪ଟି ଗ୍ରାମର ପ୍ରାୟ ୫୩,୯୮୧ ଜଣ, ଡେଲାଙ୍ଗ ବ୍ଲକ ଅଧୀନ ୧୬ଟି ପଞ୍ଚାୟତ ଅନ୍ତର୍ଗତ ୭୮ଟି ଗ୍ରାମର ପ୍ରାୟ ୮୬,୫୦୨ ଜଣ, ଅସ୍ତରଙ୍ଗ ବ୍ଲକ ଅଧୀନ ୧୧ଟି ପଞ୍ଚାୟତ ଅନ୍ତର୍ଗତ ୬୮ଟି ଗ୍ରାମର ପ୍ରାୟ ୫୯,୭୭୨ ଜଣ, ସତ୍ୟବାଦୀ ବ୍ଲକ ଅଧୀନରେ ଥିବା ୩ଟି ପଞ୍ଚାୟତ ଅନ୍ତର୍ଗତ ୮ଟି ଗ୍ରାମର ପ୍ରାୟ ୧୪,୬୪୦ ଜଣ ଓ ନିମାପଡ଼ା ବ୍ଲକ ଅଧୀନରେ ଥିବା ୨ଟି ପଞ୍ଚାୟତ ଅନ୍ତର୍ଗତ ୬ଟି ଗ୍ରାମର ପ୍ରାୟ ୫,୪୦୫ ଜଣ ଲୋକ ଏହି ପାନୀୟଜଳ ପ୍ରକଳ୍ପ ଦ୍ୱାରା ଉପକୃତ ହୋଇପାରିବେ। ରାଜ୍ୟ କ୍ୟାବିନେଟ ଉପରୋକ୍ତ ପ୍ରକଳ୍ପଗୁଡିକର କାର୍ଯ୍ୟ ସମ୍ପାଦନ ନିମନ୍ତେ ଠିକାଦାର ସଂସ୍ଥା ଦି ଇଣ୍ଡିଆନ ହ୍ୟୁମ୍ ପାଇପ୍ କୋ ଲିମିଟେଡ୍ ମୁମ୍ବାଇଙ୍କୁ ଦିଆଯାଇଛି। ପ୍ରକଳ୍ପ ପାଇଁ ୬୩୯ କୋଟି ୧୬ ଲକ୍ଷ ୨୮ ହଜାର ୮୧୨ ଟଙ୍କାର ସର୍ବନିମ୍ନ ନିବିଦାକୁ ଅନୁମୋଦନ କରାଯାଇଛି। ଉକ୍ତ ପ୍ରକଳ୍ପଗୁଡ଼ିକ ୨୪ ମାସ ସମୟସୀମା ମଧ୍ୟରେ କାର୍ଯ୍ୟକାରୀ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ବୋଲି ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। କ୍ରୀଡ଼ାମନ୍ତ୍ରୀ ବେହେରା କହିଥିଲେ, ରାଜ୍ୟ କ୍ୟାବିନେଟ୍‌ରେ ମୁଖ୍ୟମନ୍ତ୍ରୀ କେତେଗୁଡିଏ ପ୍ରକଳ୍ପକୁ ମୋହର ମାରିଛନ୍ତି। ଏହି ପ୍ରକଳ୍ପ ଭିତରେ ପୁରୀ ଜିଲାର ୭ବ୍ଲକ୍‌ର ଗ୍ରାମାଞ୍ଚଳର ଅଧିବାସୀଙ୍କୁ କିପରି ପାଇପ୍ ଯୋଗେ ବିଶୁଦ୍ଧ ପାଣି ଯୋଗାଇ ହେବ ସେ ପ୍ରକଳ୍ପକୁ ମଞ୍ଜୁରୀ ଦେଇଛନ୍ତି। ଏହି ପ୍ରକଳ୍ପ ଦ୍ୱାର ଜିଲାର ୭ଟି ବ୍ଲକ୍‌ର ୪ ଲକ୍ଷ ୬୦ ହଜାର ୬୧୨ ଜଣ ଲୋକ ଉପକୃତ ହେବେ। ଏହି ପ୍ରକଳ୍ପ ପାଇଁ ପୁରୀ ଜିଲାବାସୀଙ୍କ ତରଫରୁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଜ୍ଞାପନ କରାଯାଉଛି। ସେହିପରି ଜିଲା ସଭାପତି ମହେଶ୍ୱର ମହାନ୍ତି କହିଥିଲେ, ପୂର୍ବରୁ ରାଜ୍ୟ ସରକାର ଭୂତଳ ଜଳକୁ ବିଶୋଧନ କରି ପାଇପ୍ ଯୋଗେ ପାଣି ଯୋଗାଉଥିଲେ। ତେବେ ସେଥିରେ ସମସ୍ୟା ଦେଖାଯାଉଥିଲା। ପାଣି ଠିକ୍ ଭାବେ ଲୋକେ ନ ପାଇ ପାରି ବହୁ ସମସ୍ୟାର ସମ୍ମୁଖୀନ ହେଉଥିଲେ। ତେଣୁ ନଦୀରୁ ପାଇପ୍ ଯୋଗେ ସିଧାଶଳଖ ପାଣି ଆଣି ତାକୁ ବିଶୋଧନ କରାଯାଇ ପାଇପ୍ ଯୋଗେ ଲୋକଙ୍କୁ ଯୋଗାଇଦିଆଯିବ।

## ସଂକ୍ଷେପରେ

### ପିଲାଙ୍କ ନିକଟତର ହୋଇପାରିଛି 'ଲୁଣିଆଭୂତ'

ଭୁବନେଶ୍ୱର,୧୧।୮(ଶର୍ମିଷ୍ଠା ପାଣିଗ୍ରାହୀ): ଲେଖକ ଶରତ କୁମାର ନାୟକଙ୍କ ପୁସ୍ତକ 'ଲୁଣିଆଭୂତ'ର ଆଲୋଚନା ବୁଧବାର ଇଚିକିଲି ମିଚିକିଲି କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ କେନ୍ଦ୍ର ବାଲ୍ ସାହିତ୍ୟ ପୁରସ୍କାରପ୍ରାପ୍ତ ବିଶିଷ୍ଟ ଶିଶୁ-ସାହିତ୍ୟିକ ଡ.ନରେନ୍ଦ୍ର ପ୍ରସାଦ ଦାସ ଓ ଡ.ଦିଗରାଜ ବ୍ରହ୍ମା ଯୋଗଦେଇ ପୁସ୍ତକ ତଥା ଏହାର ଲେଖକଙ୍କ ସମ୍ପର୍କରେ କହିଥିଲେ। ଏହି ପୁସ୍ତକଟି ଗତବର୍ଷ ଲେଖକଙ୍କ ଜନ୍ମଦିନ ଅବସରରେ ପ୍ରକାଶ ପାଇଥିଲା। ଏଥର ଜନ୍ମଦିନ ଅବସରରେ ଲେଖକ ନାୟକ ତାଙ୍କ ଲେଖକୀୟ ଅନୁଭୂତି ପ୍ରକାଶ କରି କହିଛନ୍ତି, ଗପବହିଟି ଯୋଗୁ ସେ ପିଲାମାନଙ୍କର ବେଶ୍ ନିକଟତର ହୋଇପାରିଛନ୍ତି। ମାତ୍ର ଗୋଟିଏ ବର୍ଷ ଭିତରେ ଏହି ମନଛୁଆଁ ପୁସ୍ତକଟି ପିଲାଙ୍କ ପାଇଁ ବେଶ୍ ଗ୍ରହଣୀୟ ହୋଇ ଇତି ମଧ୍ୟରେ ୬ଶହରୁ ଊର୍ଦ୍ଧ୍ୱ ବହି ବିକ୍ରୟ ହୋଇସାରିଛି। କାର୍ଯ୍ୟକ୍ରମ ଆରମ୍ଭରେ ଶିଶୁ-କଣ୍ଠଶିଳ୍ପୀ ଶ୍ରୀ ଶତପଥୀ ଓ ଶାରଦା ରାଉତ ସଙ୍ଗୀତ ପରିବେଷଣ କରିଥିବା ବେଳେ ଅନୀତା ରଥ ଧନ୍ୟବାଦ ଅର୍ପଣ କରିଥିଲେ।

### ସିପିଙ୍କୁ ଭେଟି ନ ପାରି ନିରାଶରେ ଫେରିଲେ ପରିବାର ଲୋକେ

#### ସପ୍ତାହ ପରେ ବି ଡେଲିଭରି ବୟଙ୍କ ପତ୍ତା ମିଳୁନି

ଭୁବନେଶ୍ୱର,୧୧।୮ (ସୂର୍ଯ୍ୟକାନ୍ତ ବେହେରା): ଖଣ୍ଡଗିରି ଥାନା ଅନ୍ତର୍ଗତ ଡୁମୁଡୁମା ହାଉସିଂ ବୋର୍ଡ କଲୋନୀରୁ ଡେଲିଭରୀ ବୟ ମୃତ୍ୟୁଞ୍ଜୟ ମହାପାତ୍ରଙ୍କ ନିଖୋଜ ଘଟଣାକୁ ସପ୍ତାହ ବିତିଯାଇଥିଲେ ମଧ୍ୟ ଏଯାବତ ତାଙ୍କର କୌଣସି ପତ୍ତା ମିଳୁନାହିଁ। ପରିବାର ଲୋକ, ସମ୍ପର୍କୀୟ ଓ ସାହି ପଡିଶା ସବୁଆଡେ ଖୋଜି ଖୋଜି ନୟାନ୍ତ ହେଲେଣି। ଥାନାରେ ଅଭିଯୋଗ ହୋଇଥିଲେ ମଧ୍ୟ ପୋଲିସ ସହଯୋଗ କରୁ ନ ଥିବା ଅଭିଯୋଗ କରି ପରିବାର ଲୋକ ଓ ସମ୍ପର୍କୀୟ ଅସନ୍ତୋଷ ପ୍ରକାଶ କରି ଶୁକ୍ରବାର ପୋଲିସ କମିଶନରଙ୍କୁ ଭେଟିବାକୁ ଯାଇଥିଲେ। କିନ୍ତୁ ଦୀର୍ଘ ସମୟ ସିପି ଅଫିସ ବାହାରେ ଛିଡା ହୋଇଥିଲେ। ଖଣ୍ଡଗିରି ଥାନା ଅଧିକାରୀ ଦୟାନିଧି ନାୟକ ସେମାନଙ୍କୁ ବୁଝାଶୁଝା କରିବା ସହ ଖୋଜିବାର ପ୍ରତିଶ୍ରୁତି ଦେବା ପରେ ସମସ୍ତେ ଘରକୁ ପଳାଇ ଆସିଥିଲେ। କିନ୍ତୁ ସହଯୋଗ ନ କଲେ ଆଗାମୀ ଦିନରେ ସିପି ଅଫିସ ଘେରାଉ କରିବେ ବୋଲି ସେମାନେ ଚେତାବନୀ ଦେଇଥିଲେ। ସୂଚନାନୁସାରେ, ମୃତ୍ୟୁଞ୍ଜୟ ୪ ତାରିଖ ସକାଳ ୧୦ଟାରୁ ଡେଲିଭରୀ ଦେବାକୁ ଯାଇ ଆଉ ଘରକୁ ଫେରିନାହାନ୍ତି। ନିଖୋଜ ହେବା ପରେ ପରିବାର ଲୋକ ଖଣ୍ଡଗିରି ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା ରୁଜୁ କରିଛି।

# ରାସ୍ତାକୁ ଗୋରୁ ଛାଡ଼ିଲେ ଉଠାଇ ନେବ ବିଏମ୍‌ସି

ଭୁବନେଶ୍ୱର, ୧୧।୮ (ବନ୍ଦନା ସେଠୀ)



ରାଜଧାନୀରେ ଗୋରୁଙ୍କ ଅବାଧ ବିଚରଣ ଯୋଗୁ ବହୁ ସମୟରେ ଦୁର୍ଘଟଣା ଘଟୁଛି। ସେହିପରି ଟ୍ରାଫିକ୍ ସମସ୍ୟା ମଧ୍ୟ ଉପୁଜୁଛି। ତେଣୁ ଏହାକୁ ଗୁରୁତର ସହ ନେଇ ନିୟମକୁ କଡାକଡି କରିଛି ବିଏମ୍‌ସି। କୌଣସି ବ୍ୟକ୍ତି ସର୍ବସାଧାରଣ ସ୍ଥାନକୁ କିମ୍ବା ରାସ୍ତାରେ ନିଜ ଗୋରୁଙ୍କୁ ଛାଡି ପାରିବେ ନାହିଁ। ନମାନିଲେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବା ସହ ସମ୍ପୃକ୍ତ ଗୋରୁଙ୍କୁ ଉଠାଇ ନିଆଯିବ। ଯଦି କୌଣସି ବ୍ୟକ୍ତି ରାସ୍ତାରୁ ଧରାଯାଇଥିବା ଗୋରୁଙ୍କୁ ନେବାକୁ କୁହନ୍ତି ବା ନିଜର ବୋଲି ଦାବି କରନ୍ତି, ତେବେ ତାଙ୍କ ବିରୋଧରେ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ତାଙ୍କର ନିଜସ୍ୱ ଗୁହାଳ ଅଛିକି ନାହିଁ ତାହା ମଧ୍ୟ ତଦାରଖ କରାଯାଇ ପଦକ୍ଷେପ ନିଆଯିବ। ଶୁକ୍ରବାର କମିଶନର ବିଜୟ ଅମୃତା କୁଲାଙ୍ଗେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ରାସ୍ତାରେ ବୁଲୁଥିବା ଅଧିକାଂଶ ଗାଈଗୋରୁ ବୟସ୍କ ଏବଂ ରୋଗାକ୍ରାନ୍ତ ଥିବା ଦେଖାଯାଉଛି। ଲାଭଦାୟକ ହେଉ ନ

#### ମାଲିକଙ୍କ ବିରୋଧରେ ହେବ କାର୍ଯ୍ୟାନୁଷ୍ଠାନ

ଥିବାରୁ ଏହିଭଳି ଗାଈଗୋରୁଙ୍କୁ ପରିତ୍ୟକ୍ତ ଅବସ୍ଥାରେ ମାଲିକମାନେ ଛାଡିଦେଉଛନ୍ତି, ଯାହା ନାଗରିକଙ୍କୁ ସମସ୍ୟାରେ ପକାଉଛି। ଉଠାଇ ନିଆଯାଇଥିବା ଗାଈଗୋରୁଙ୍କୁ ବିଭିନ୍ନ ଗୋଶାଳାରେ ରଖାଯିବ। ଏହି ଉଦ୍ଦେଶ୍ୟରେ ବ୍ରହ୍ମଗିରି, ଜଟଣୀ, ବେଗୁନିଆ ଇତ୍ୟାଦି ଗୋଶାଳାର କର୍ମକର୍ତ୍ତାଙ୍କୁ ବୈଠକକୁ ଡକାଯାଇ ଆଲୋଚନା କରାଯାଇଥିଲା। ବିଏମ୍‌ସି ଅଞ୍ଚଳରେ ପ୍ରାୟ ୮୦୦ରୁ ଅଧିକ ଗୋରୁଗାଈ ମାଲିକ ଥିବା ପୂର୍ବରୁ ହୋଇଥିବା ସର୍ଭେରୁ ଜଣାପଡିଥିଲା। ତେବେ ଗୋରୁଙ୍କୁ ରଖିବା ପାଇଁ ସେମାନଙ୍କ ପାଖରେ ଆବଶ୍ୟକ ସ୍ଥାନ ନ ଥିବାରୁ ଅନେକ ସମୟରେ ଖୋଲାରେ ଛାଡିଦିଆଯାଉଛି। ବାରମ୍ବାର ଗାଈଗୋରୁ ମାଲିକମାନଙ୍କୁ ତାଗିଦ କରିବା ପରେ ମଧ୍ୟ ସେମାନେ ଗୁହାଳରେ ନ ରଖି ଛାଡି ଦେଉଛନ୍ତି। ତେଣୁ ଅମାନିଆଙ୍କ ପାଇଁ ଏବେ କଡା ଆଇନ୍ କରାଯାଇଥିବା କମିଶନର କୁଲାଙ୍ଗେ ସୂଚନା ଦେଇଛନ୍ତି। ସେହିପରି ମାଲିକଙ୍କ ବିରୋଧରେ ମ୍ୟୁନିସିପାଲ କର୍ପୋରେଶନ ୨୦୦୩ ଅନୁଯାୟୀ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏଥିପାଇଁ ଗୋଶାଳା ପରିଚାଳକମାନେ ବିଏମ୍‌ସିକୁ ସହ ଯୋଗର ହାତ ବଢାଇଛନ୍ତି। କେଉଁ ଗୋଶାଳାର କ୍ଷମତା କେତେ ତାର ଏକ ତାଲିକା ମଧ୍ୟ ବିଏମ୍‌ସି ପକ୍ଷରୁ ପ୍ରସ୍ତୁତ କରାଯିବ ବୋଲି ସୂଚନା ଦିଆଯାଇଛି। ବୈଠକରେ କମିଶନରଙ୍କ ସହ ଅତିରିକ୍ତ କମିଶନର ସୂର୍ଯ୍ୟବଂଶୀ ମୟୁର ବିକାଶ, ଡେପୁଟି କମିଶନର ରମେଶ ଚନ୍ଦ୍ର ଜେନା ଓ ବିଭିନ୍ନ ଗୋଶାଳାର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

# ପାଇକ ବିଦ୍ରୋହକୁ ପ୍ରଥମ ସ୍ୱାଧୀନତା ସଂଗ୍ରାମ ଘୋଷଣା ହେଉ

ଭୁବନେଶ୍ୱର,୧୧।୮(ଶର୍ମିଷ୍ଠା ପାଣିଗ୍ରାହୀ)

ସ୍ୱାଧୀନତା ଦିବସ ପାଳନ ଅବସରରେ ପ୍ରଧାନମନ୍ତ୍ରୀ ଲାଲକିଲ୍ଲାରୁ ଓଡ଼ିଶାରେ ଘଟିଥିବା ସଶସ୍ତ୍ର ପାଇକ ବିଦ୍ରୋହ ୧୮୧୭କୁ ଦେଶର ପ୍ରଥମ ସ୍ୱାଧୀନତା ସଂଗ୍ରାମ ଭାବରେ ଘୋଷଣା କରିବାକୁ ନିଖିଳ ଓଡ଼ିଶା ପାଇକ ମହାସଂଘ ଦାବି କରିଛି। ଶୁକ୍ରବାର ମହାସଂଘର ରାଜ୍ୟ ସଭାପତି ଅଶୋକ କୁମାର ପାଲଟାସିଂହଙ୍କ ନେତୃତ୍ୱରେ ଏକ ପାଞ୍ଚ ଜଣିଆ କମିଟି ରାଜ୍ୟପାଳ ଗଣେଶୀ ଲାଲଙ୍କୁ ଭେଟି 'ପାଇକ ବିଦ୍ରୋହକୁ' ଦେଶର ପ୍ରଥମ ସ୍ୱାଧୀନତା ସଂଗ୍ରାମ ଘୋଷଣା କରିବାକୁ ଦାବି ଜଣାଇ କେନ୍ଦ୍ର ସରକାରଙ୍କୁ ରାଜ୍ୟପାଳଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରିଛି। କେନ୍ଦ୍ର ସରକାର ପାଇକ ବିଦ୍ରୋହର ଗୁରୁତ୍ୱ, ଭିତ୍ତିଭୂମି ଓ ଐତିହାସିକ ତଥ୍ୟକୁ ତର୍ଜମା କରି ୨୦୧୭ ଜୁଲାଇ ୨୦ରେ ପାଇକ ବିଦ୍ରୋହର ୨୦୦ବର୍ଷ ପୂର୍ତ୍ତି ଦିଲ୍ଲୀର ବିଜ୍ଞାନ ଭବନରେ ତତ୍କାଳୀନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀଙ୍କ ଦ୍ୱାରା ଉଦଘାଟିତ ହେଲା। ରାଷ୍ଟ୍ରପତି ଏହାକୁ ଦେଶର ପ୍ରଥମ ସ୍ୱାଧୀନତା ସଂଗ୍ରାମ ବୋଲି ମତ ପ୍ରକାଶ କଲେ। କେନ୍ଦ୍ର ବଜେଟ୍‌ରେ୨୦୦ କୋଟି ଟଙ୍କା ବ୍ୟୟ ବରାଦ କରାଗଲା। ଖୋର୍ଦ୍ଧା ବରୁଣେଇଠାରେ ପାଇକ ସ୍ମାରକୀ ପାଇଁ ପରବର୍ତ୍ତୀ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଶିଳାନ୍ୟାସ କଲେ। ତତ୍କାଳୀନ ମନ୍ତ୍ରୀ ଜାଭେଦ୍ କର ଉଚ୍ଚ ସ୍ୱରରେ ଘୋଷଣା କଲେ ଇତିହାସର ସଂଶୋଧନର ଆବଶ୍ୟକତା ରହିଛି ଏବଂ ପାଇକ ବିଦ୍ରୋହକୁ ପ୍ରଥମ ସ୍ୱାଧୀନତା ସଂଗ୍ରାମ ବୋଲି ସି.ବି.ଏସ୍.ଇ ପାଠ୍ୟକ୍ରମରେ ସ୍ଥାନ ଦିଆଯିବ । ଦୁଃଖ ଓ ପରିତାପର ବିଷୟ ଏହାର ଘୋଷଣା, କେବଳ ଘୋଷଣାରେ ରହିଗଲା ବାରମ୍ବାର ପାଇକ ମହାସଂଘ ତଥ୍ୟ ଭିତ୍ତିକ ଦାବି କରିବା ପରେ ମଧ୍ୟ କେନ୍ଦ୍ର ସରକାର ଏହାକୁ ଦେଶର ପ୍ରଥମ ସ୍ୱାଧୀନତା ସଂଗ୍ରାମ ବୋଲି ଘୋଷଣା କଲେନାହିଁ। ଆଗାମୀ ଅକ୍ଟୋବର ମାସରେ କେନ୍ଦ୍ର ସରକାରଙ୍କ ବିରୋଧରେ ଭୁବନେଶ୍ୱର ରାଜରାସ୍ତା ଓ ଦିଲ୍ଲିର ଲାଲ୍‌କିଲ୍ଲାରେ ହଜାର ହଜାର ପାଇକ ତାଙ୍କର ହକ୍ ପାଇଁ ସଂଗ୍ରାମ ମଇଦାନରେ ନିଜ ମା', ମାଟି ପାଇଁ ଲଢେଇ କରିବେ ବୋଲି ମହାସଂଘ ପକ୍ଷରୁ କୁହାଯାଇଛି।

# ଏସ୍‌ବିଆଇର 'ଅମୃତ ବାଟିକା' ଉଦ୍‌ଘାଟିତ

ନୂଆଦିଲ୍ଲୀ,୧୧।୮

ଭାରତୀୟ ଷ୍ଟେଟ ବ୍ୟାଙ୍କ (ଏସ୍‌ବିଆଇ)ର ଭୁବନେଶ୍ୱର ମଣ୍ଡଳ ପକ୍ଷରୁ ଏକ ଅଭିନବ ପ୍ରକଳ୍ପ 'ଅମୃତ ବାଟିକା'ର ଶୁଭାରମ୍ଭ କରାଯାଇଛି। ଉକ୍ତ ପ୍ରକଳ୍ପ ଜରିଆରେ ଓଡ଼ିଶାର ପ୍ରଥମ ଅମୃତ ବାଟିକା ଭୁବନେଶ୍ୱରର ବରମୁଣ୍ଡା ମ୍ୟୁନିସିପାଲିଟି ହାଇସ୍କୁଲ ପରିସରରେ ଆରମ୍ଭ ହୋଇଯାଇଛି। ବିଶେଷକରି ଆଜାଦୀ କା ଅମୃତ ମହୋତ୍ସବ ଏବଂ 'ମେରି ମିଟି ମେରା ଦେଶ' କାର୍ଯ୍ୟକ୍ରମ ଅଧୀନରେ ଉକ୍ତ ବଟିକାର ଶୁଭାରମ୍ଭ କରାଯାଇଛି। ଏପରିକି ଏକ ମେଗା ବୃକ୍ଷରୋପଣ କାର୍ଯ୍ୟକ୍ରମ ସହ ବାଟିକାର ଉନ୍ମୋଚନ ମଧ୍ୟ ହୋଇଛି। ଏହି ପରିପ୍ରେକ୍ଷୀରେ ଏସ୍‌ବିଆଇ ଭୁବନେଶ୍ୱର ମଣ୍ଡଳ ମୁଖ୍ୟ ମହାପ୍ରବନ୍ଧକ ଚନ୍ଦର ଶେଖର ଶର୍ମା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏକ ଚାରା ରୋପଣକରି ଅମୃତ ବାଟିକାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ



କରିଥିଲେ। ଷ୍ଟେଟ ବ୍ୟାଙ୍କ ଦ୍ୱାରା ଓଡ଼ିଶାରେ ପ୍ରଥମ ଥର ପାଇଁ ଏଭଳି ଏକ ବାଟିକାର ଅୟମାରମ୍ଭ ହୋଇଛି। ଉକ୍ତ କାର୍ଯ୍ୟକ୍ରମରେ ଏସ୍‌ବିଆଇର ମଣ୍ଡଳ ବିକାଶ ଅଧିକାରୀ ମନୋଜ କୁମାର ସିଂ, ସହାୟକ ମହାପ୍ରବନ୍ଧକ (ଏମ୍ ଆଣ୍ଡ ସି) ଅମରେଶ ଦାସ, ସ୍ୱେଚ୍ଛାସେବୀ ସଂଗଠନ ଆଜିର ସୃଜନୀର ପରିଚାଳନା ମୁଖ୍ୟ ସୁଜାତା ନନ୍ଦ ଏବଂ ବିଦ୍ୟାଳୟ କର୍ତ୍ତୃପକ୍ଷ ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ଉକ୍ତ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରୀଛାତ୍ରୀମାନେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ଷ୍ଟେଟ ବ୍ୟାଙ୍କ ଚଳିତ ବର୍ଷ ଓଡ଼ିଶାର ବିଦ୍ୟାଳୟ ଓ ଅନୁଷ୍ଠାନଗୁଡ଼ିକରେ ୫୦,୦୦୦ ଚାରା ରୋପଣ ଅଭିଯାନ ଆରମ୍ଭ କରିସାରିଛି।

### ବ୍ୟବସାୟୀଙ୍କ ଉପରକୁ ବୋମାମାଡ଼ ଘଟଣାରେ ଆଉ ଜଣେ ଗିରଫ

ଭୁବନେଶ୍ୱର,୧୧।୮ (ସୂର୍ଯ୍ୟକାନ୍ତ ବେହେରା): ଅଳଙ୍କାର ବ୍ୟବସାୟୀ ରମାକାନ୍ତ ମହାରଣାଙ୍କୁ ହତ୍ୟା କରିବା ଉଦ୍ଦେଶ୍ୟରେ ଆକ୍ରମଣ ଓ ବୋମା ମାଡ କରିବା ଘଟଣାରେ ଖାରବେଳନଗର ଥାନା ପୋଲିସ ଫେରାର ଥିବା ଆଉଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଜଗତ୍‌ସିଂପୁରର ଲିପୁ ଓରଫ ଶ୍ରୀକାନ୍ତ ବେହେରା। ତେବେ ଏହି ଘଟଣାରେ ପୂର୍ବରୁ ୩ଜଣଙ୍କୁ ପୋଲିସ କୋର୍ଟ ଚାଲାଣ କରିସାରିଛି। ଅଭିଯୁକ୍ତ ଲିପୁଙ୍କ ନାମରେ ପୂର୍ବରୁ ମଧ୍ୟ ବିଭିନ୍ନ ଥାନାରେ ୫ଟି ଆପରାଧିକ ମାମଲା ରହିଥିବା ତଦନ୍ତ ବେଳେ ଜଣାପଡିଛି। ସୂଚନାନୁସାରେ, ପୀଡିତ ରାମକାନ୍ତଙ୍କର ୟୁନିଟ-୪ରେ ଅଳଙ୍କାର ଦୋକାନ ରହିଥିବାବେଳେ ମୁଖ୍ୟ ଅଭିଯୁକ୍ତ ଭାଗୀରଥୀଙ୍କ ସ୍ତ୍ରୀଙ୍କର ୟୁନିଟ-୩ ଖାରବେଳନଗରରେ ଏକ ବିୟୁଟି ପାର୍ଲର ଥିଲା। ବ୍ୟବସାୟ ସମୟରେ ରମାକାନ୍ତ ଓ ଭାଗୀରଥୀଙ୍କ ସ୍ତ୍ରୀ ମଧ୍ୟରେ ସମ୍ପର୍କ ଗଢ଼ି ଉଠିଥିଲା। ଭାଗୀରଥି ଏନେଇ ରାମାକାନ୍ତଙ୍କୁ ବାରଣ କରିବାରୁ ସେ ଧମକ ଦେଇଥିଲେ। ଏହାପରେ ଭାଗୀରଥୀ ଅପରାଧୀ ଜିତେନ୍ଦ୍ର ପଲେଇଙ୍କ ସହ ଯୋଗାଯୋଗ କରି ଜଗତ୍‌ସିଂହପୁରର ଲିପୁନଙ୍କ ସହିତ ଏମ୍‌ବିଏସ୍ ପବ୍ଲିକ ସ୍କୁଲ ନିକଟରେ ରମାକାନ୍ତଙ୍କୁ ଆକ୍ରମଣ କରିଥିଲେ। ପରେ ନିଜ ଡ୍ରାଇଭର ଦୁଃଖୀଶ୍ୟାମଙ୍କ ସହଯୋଗରେ ଅପରାଧୀ ଜିତେନ୍ଦ୍ର ପଲେଇ ଓ କେନ୍ଦ୍ରାପଡାର ସହଯୋଗୀ ଗୁଡୁ ଅଳଙ୍କାର ଦୋକାନ ନିକଟକୁ ଆସି ରମାକାନ୍ତଙ୍କ ଉପରକୁ ବୋମା ଫିଙ୍ଗି ପଳାଇ ଯାଇଥିଲେ।

# ଆଜିଠାରୁ ପୁରୀରେ ୨ ଦିନିଆ ସିଏସ୍ ସମ୍ମିଳନୀ



ନୂଆଦିଲ୍ଲୀ,୧୧।୮

ଦି ଇନ୍‌ଷ୍ଟିଚ୍ୟୁଟ ଅଫ୍ କମ୍ପାନୀ ସେକ୍ରେଟାରିଜ୍ ଅଫ୍ ଇଣ୍ଡିଆ (ଆଇସିଏସ୍‌ଆଇ)ର ଆଞ୍ଚଳିକ କାର୍ଯ୍ୟାଳୟ ଭୁବନେଶ୍ୱର ପକ୍ଷରୁ ଶୁକ୍ରବାର ଏକ ଖବରଦାତା ସମ୍ମିଳନୀର ଆୟୋଜନ କରାଯାଇଥିଲା। ଆଇସିଏସ୍‌ଆଇର ସଭାପତି ସିଏସ୍ ମନୀଷ ଗୁପ୍ତା, ସିଏସ୍ ସନ୍ଦୀପ କୁମାର କେଜ୍‌ରିୱାଲ (ସେଣ୍ଟ୍ରାଲ କାଉନସିଲ ମେମ୍ବର, ଆଇସିଏସଆଇ, ନୂଆଦିଲ୍ଲୀ) ସିଏସ୍ ସୌମ୍ୟ ସୁଜିତ ମିଶ୍ର (ଚେୟାରମ୍ୟାନ,ଇଆଇଆର୍‌ସି,ଆଇସିଏସ୍‌ଆଇ, କୋଲକାତା), ସିଏସ ବିମଳ ପ୍ରସାଦ ପଟ୍ଟନାୟକ (ଚେୟାରମ୍ୟାନ), ସିଏସ ରୁଦ୍ର ମାଧବ ସାହୁ (ସେକ୍ରେଟାରି ଭୁବନେଶ୍ୱର ଚାପ୍ଟର ଆଇସିଏସ୍‌ଆଇ) ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସିଏସ୍ ମନୀଷ ଗୁପ୍ତା ସମ୍ମିଳନୀର ଆଭିମୁଖ୍ୟ ଓ ବିଷୟବସ୍ତୁ ଉପରେ ବିସ୍ତୃତ ସୂଚନା ଦେଇଥିଲେ। ଆଇସିଏସ୍‌ଆଇ-ଇଆଇଆର୍‌ସି ୩୨ତମ ବାର୍ଷିକ ଆଞ୍ଚଳିକ ସମ୍ମିଳନୀ ପୁରୀଠାରେ ୧୨ ତାରିଖରୁ ଆରମ୍ଭ ହେବ। 'କମ୍ପାନୀ ସେକ୍ରେଟାରି-ଦି ନ୍ୟୁ ଏଜ୍ କର୍ପୋରେଟ ଚାଣକ୍ୟ' ଶୀର୍ଷକ ବିଷୟ ବସ୍ତୁ ଉପରେ ହେବାକୁ ଥିବା ଏହି ୨ଦିନିଆ ସମ୍ମିଳନୀରେ ବାଣିଜ୍ୟ ଓ ଶିଳ୍ପ ଜଗତ ଏବଂ ନିୟାମକ କର୍ତ୍ତୃପକ୍ଷଗୁଡିକରୁ ବହୁ ବରିଷ୍ଠ ଅଧିକାରୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ ସମ୍ମିଳନୀର ବିଭିନ୍ନ ବିଷୟବସ୍ତୁ ଉପରେ ବିସ୍ତୃତ ଆଲୋଚନା କରିବେ। ଏହାକୁ ପୂର୍ବାଞ୍ଚଳରୁ ୩୦୦ରୁ ଅଧିକ ପ୍ରତିନିଧି ଯୋଗଦେବେ ବୋଲି ଶାଖା କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଅପରପକ୍ଷରେ ଆଇସିଏସ୍‌ଆଇ ପୂର୍ବାଞ୍ଚଳର କୋଲକାତା, ଗୁଆହାଟୀ ଏବଂ ଭୁବନେଶ୍ୱରଠାରେ ଏଡିଆର୍ ସେଣ୍ଟର ପ୍ରତିଷ୍ଠା ପାଇଁ ଯୋଜନା ରହିଛି ବୋଲି ମନୀଷ ମତପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ବର୍ତ୍ତମାନ ଭୁବନେଶ୍ୱର ଚାପ୍ଟର ଅଧୀନରେ ୨୫୦୦ ଛାତ୍ରୀଛାତ୍ର ଏବଂ ଓଡ଼ିଶାରେ ପ୍ରାୟ ୩୦୦୦ ଛାତ୍ରୀଛାତ୍ରୀ କମ୍ପାନୀ ସେକ୍ରେଟାରିଶିପ୍ ପାଠ୍ୟକ୍ରମରେ ଶିକ୍ଷାଲାଭ କରୁଛନ୍ତି।

# ଭିଏସ୍‌ଏସ୍ ନଗରରେ ସ୍ଥାପନ ହେବ ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତି

ଭୁବନେଶ୍ୱର,୧୧।୮(ଶର୍ମିଷ୍ଠା ପାଣିଗ୍ରାହୀ)

ଭିଏସ୍‌ଏସ୍ ନଗରରେ ବୀର ସୁରେନ୍ଦ୍ର ସାଏଙ୍କ ପୂର୍ଣ୍ଣାୟବ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ନିଷ୍ପତ୍ତି ନେଇଛି ରାଜ୍ୟ ସଂସ୍କୃତି ବିଭାଗ। ଏନେଇ ଭିଏସ୍‌ଏସ୍‌ନଗର ଉନ୍ନୟନ ପରିଷଦର ସାଧାରଣ ସମ୍ପାଦକ ତଥା ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଶାଖା

#### ଉତ୍କଳ ସମ୍ମିଳନୀ ପକ୍ଷରୁ ସଂସ୍କୃତି ବିଭାଗକୁ କୃତଜ୍ଞତା

ସଭାପତି ଅଧିବକ୍ତା ଦିଲୀପ ଦାଶଶର୍ମା କହିଛନ୍ତି, ନଗର ପ୍ରତିଷ୍ଠା ଦିନଠାରୁ ଏଠାରେ ଏକ ଛୋଟ ପ୍ରତିମୂର୍ତ୍ତି ରହିଛି। ତେବେ ସୁରେନ୍ଦ୍ର ସାଏଙ୍କ ଏକ ପୂର୍ଣ୍ଣାୟବ ପ୍ରତିମୂର୍ତ୍ତି ପ୍ରତିଷ୍ଠା ପାଇଁ ଭିଏସ୍‌ଏସ୍ ନଗରବାସୀ ଓ ଉତ୍କଳ ସମ୍ମିଳନୀ ପକ୍ଷରୁ ବହୁବାର ଦାବି ହୋଇ ଆସୁଥିଲା। ଶେଷରେ ଦାବି ପୂରଣ ହେବାକୁ ଯାଉଥିବାରୁ ସେ ଖୁସିବ୍ୟକ୍ତ କରିବା ସହ ସମ୍ମିଳନୀ ପକ୍ଷରୁ ରାଜ୍ୟ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ଦିଲ୍ଲୀପ ରାଉତରାଏ, ବିଭାଗୀୟ ଚୟନ କମିଟି ଓ ସ୍ଥାନୀୟ ବିଧାୟକ ସୁଶାନ୍ତ କୁମାର ରାଉତଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି।

# ଶୁଦ୍ଧ ଓଡ଼ିଆ ଲିଖନ ମାଧ୍ୟମରେ ଭାଷାର ପ୍ରଚାରପ୍ରସାର ପାଇଁ ପରାମର୍ଶ

ଭୁବନେଶ୍ୱର,୧୧।୮(ଶର୍ମିଷ୍ଠା ପାଣିଗ୍ରାହୀ)

#### ୫ଦିନିଆ ପ୍ରଶିକ୍ଷଣ ଶିବିର ଉଦଯାପିତ

ଓଡ଼ିଆ ଭାଷା ପ୍ରତିଷ୍ଠାନ ପକ୍ଷରୁ ଓଡ଼ିଆ ଭାଷାର 'ସମ୍ପାଦନା, ବନାନଶୁଦ୍ଧି ଓ ପ୍ରୁଫ୍ ସଂଶୋଧନ' ନିମନ୍ତେ ପ୍ରଥମ ପର୍ଯ୍ୟାୟରେ ୫ଦିନିଆ ପ୍ରଶିକ୍ଷଣ ଶିବିର ସଂସ୍କୃତି ଭବନସ୍ଥିତ ସମ୍ମିଳନୀ କକ୍ଷରେ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପ୍ରତିଷ୍ଠାନର ନିର୍ଦ୍ଦେଶକ ଦିଲୀପ ରାଉତରାଏ କହିଛନ୍ତି, ଓଡ଼ିଆ ଆମର ମାତୃଭାଷା। ଆମ ଭାଷା ଶାସ୍ତ୍ରୀୟ ଭାଷା ଏବଂ ପ୍ରଶିକ୍ଷାର୍ଥୀମାନଙ୍କୁ ଆଗାମୀ ଦିନରେ ଭାଷାର ବ୍ୟାପକ ପ୍ରଚାର, ପ୍ରସାର ପାଇଁ ପରାମର୍ଶ ଦେଇଥିଲେ। ବିଶିଷ୍ଟ ଅତିଥି ଭାବେ ସଂସ୍କୃତି ବିଭାଗର ଯୁଗ୍ମ ନିର୍ଦ୍ଦେଶକ ସୁବୋଧ ଚନ୍ଦ୍ର ଆଚାର୍ଯ୍ୟ ଶୁଦ୍ଧ ଓଡ଼ିଆ ଲିଖନ ଉପରେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମକୁ ଡ. ଫଣୀନ୍ଦ୍ର ଭୂଷଣ ନନ୍ଦ ଓ ପ୍ରଫେସର ପ୍ରେମାନନ୍ଦ ମହାପାତ୍ର ପରିଚାଳନା କରିଥିଲେ। ପ୍ରତିଷ୍ଠାନର ଅଧିକାରୀ ଡ. କ୍ଷେତ୍ରବାସୀ ମାନସେଠ, ଗୋବିନ୍ଦ ପ୍ରସାଦ ଦାସ ଓ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ଏହି ପ୍ରଶିକ୍ଷଣ ଶିବିରରେ ବିଭିନ୍ନ ଜିଲାରୁ ୬୫ଜଣ ପ୍ରଶିକ୍ଷାର୍ଥୀ ଯୋଗଦାନ କରିଥିଲେ। ପ୍ରଶିକ୍ଷକଭାବେ ଡ. ଗୌରାଙ୍ଗ ଚରଣ ଦାଶ, ଡ.ପ୍ରଦୀପ୍ତ କୁମାର ପଣ୍ଡା, ଶାନ୍ତନୁ କୁମାର ସ୍ୱାଇଁ, ଡ. ସନ୍ତୋଷ କୁମାର ରଥ, ପ୍ରଫେସର ବାଉରୀବନ୍ଧୁ ସାହୁ, ପ୍ରଫେସର ଯତୀନ ନାୟକ, ଡ.କୈଳାସ ଚନ୍ଦ୍ର ଟିକାୟତରାୟ, ବୈଷ୍ଣବ ଚରଣ ମହାନ୍ତି, ଡ.ସଂଗ୍ରାମ ଜେନା ଓ ଡ.ରୁଦ୍ରନାରାୟଣ ମହାପାତ୍ର ପ୍ରଶିକ୍ଷଣ ପ୍ରଦାନ କରିଥିଲେ। କନ୍ଧମାଳ ଜିଲାରୁ ଆସିଥିବା ବାଦ୍ୟକାରମାନେ ଲୋକବାଦ୍ୟ ପରିବେଷଣ କରିଥିଲେ। ଭାଗବତ ପ୍ରସାଦ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ୨୫ ଦିନ ହେଲା ଧାରଣାରେ ଅଧ୍ୟାପକ, କର୍ମଚାରୀ

#### ସରକାରୀ ଅନୁଦାନ ଦାବି

ଭୁବନେଶ୍ୱର,୧୧।୮(ଅନୁରାଧା ମହାରଣା)



ଓଡ଼ିଶାର ସମସ୍ତ ବେସରକାରୀ ଅନୁଦାନ ଓ ଅଣଅନୁଦାନପ୍ରାପ୍ତ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟ ତଥା ସଂସ୍କୃତ ଅନୁଷ୍ଠାନର ପରିଚାଳନା କମିଟି ଦ୍ୱାରା ୨୦୦୮ରୁ ୨୦୧୩ ମଧ୍ୟରେ ନିଯୁକ୍ତି ପାଇଥିବା ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀମାନେ ପ୍ରାୟ ୨୫ ଦିନ ହେଲା ଗାନ୍ଧୀ ମାର୍ଗରେ ଅହୋରାତ୍ର ଧାରଣାରେ ବସିଛନ୍ତି। ସରକାରୀ ଅନୁଦାନ ଦାବି ନେଇ ୨ଥର ମହାସମାବେଶ ଆୟୋଜନ ହୋଇଥିଲେ ମଧ୍ୟ ସରକାରୀସ୍ତରରୁ କୌଣସି ସୁଫଳ ମିଳିନାହିଁ। ଦୀର୍ଘବର୍ଷ ଧରି ନୀରବଚ୍ଛିନ୍ନ ଭାବେ ନିଷ୍ଠାର ସହ ଅକ୍ଳାନ୍ତ ପରିଶ୍ରମ କରି ଶିକ୍ଷା ପ୍ରଦାନ କରିଆସୁଥିଲେ ମଧ୍ୟ ସରକାରୀ ଅନୁଦାନରୁ ସେମାନେ ବଞ୍ଚିତ ହୋଇଛନ୍ତି। ସରକାର ବାରମ୍ବାର ଦେଇଆସୁଥିବା ପ୍ରତିଶ୍ରୁତି ପ୍ରତାରଣାରେ ପରିଣତ ହେଉଛି ବୋଲି ଆନ୍ଦୋଳନକାରୀମାନେ କ୍ଷୋଭର ସହ କହିଛନ୍ତି। ଗତ ଜୁନ୍ ୨୪ରେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ନୂତନ ଅନୁଦାନ ନୀତିର ପ୍ରକ୍ରିୟାକରଣ ପାଇଁ ଚିଠି ପ୍ରକାଶ ପାଇଥିଲା। ମାତ୍ର ୨୮ ତାରିଖରେ ମନ୍ତ୍ରୀସ୍ତରୀୟ କମିଟିରେ ବିଚାରାଧୀନ ରହିଛି ଦର୍ଶାଇ ଉକ୍ତ ଚିଠିକୁ ପ୍ରତ୍ୟାହାର କରିନିଆଯାଇଛି। ଇତିମଧ୍ୟରେ ମନ୍ତ୍ରୀସ୍ତରୀୟ କମିଟି ୪ଥର ବସିଥିଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବାରୁ ସଂଘ ଜୁଲାଇ ୧୮ରୁ ଗାନ୍ଧୀମାର୍ଗରେ ଶାନ୍ତିପୂର୍ଣ୍ଣ ଭାବେ ଆନ୍ଦୋଳନକୁ ଓହ୍ଲାଇଛି। ମାତ୍ର ପ୍ରତିନିଧି ମଣ୍ଡଳୀ ସହିତ ଆଲୋଚନା ଚାଲିଛି କହି ସରକାର ଚୁପ୍‌ହୋଇ ବସିଛନ୍ତି। ସରକାର ଯଥାଶୀଘ୍ର ଏକମାତ୍ର ସରକାରୀ ଅନୁଦାନ (ଜିଆଇଏ) ଘୋଷଣା କରନ୍ତୁ। ଯଦି ଏଥର କୌଣସି ଟାଳଟୁଳ ନୀତି ପ୍ରୟୋଗ କରନ୍ତି, ତେବେ ସଂଘ ପକ୍ଷରୁ ଏହାର ଘୋର ପ୍ରତିବାଦ କରାଯିବ ଓ ଯେଉଁ ଅପ୍ରୀତିକର ପରିସ୍ଥିତି ସୃଷ୍ଟିହେବ, ସେଥିପାଇଁ ସରକାର ଦାୟୀ ରହିବେ ବୋଲି ସଂଘ ସଭାପତି ଡ. ଦେବବିଜୟ ମିଶ୍ର ଚେତାବନୀ ଦେଇଛନ୍ତି।



ରସୁଲଗଡ଼ ଜିଜିପି କଲୋନୀ ପ୍ରବେଶ ପଥରେ ବାରମ୍ବାର ଖୋଳାପୋତା ଯୋଗୁ ଲୋକେ ବର୍ଷବର୍ଷ ଧରି ହଇରାଣ ହେଉଛନ୍ତି। ଏବେ ଡ୍ରେନ୍ ନିର୍ମାଣ କାମ ମାସେ ହେବ ସରୁ ନ ଥିବାରୁ ଶୁକ୍ରବାର ଏକ ଆମ୍ବୁଲାନ୍ସ ଅଟକି ରହିବା ସହ ଛାତ୍ରୀଛାତ୍ର ଓ ଅନ୍ୟମାନେ ଯିବାଆସିବାରେ ହଇରାଣ ହେଉଛନ୍ତି। (ଫଟୋ- ବିକାଶ ନାୟକ)

### ୨୨ କେଜି ଗଞ୍ଜେଇ ଜବତ

ଭୁବନେଶ୍ୱର,୧୧।୮ (ସୂର୍ଯ୍ୟକାନ୍ତ ବେହେରା)

ଭୁବନେଶ୍ୱର ରେଳ ଷ୍ଟେଶନ ପ୍ଲାଟଫର୍ମ ନମ୍ବର-୧ରେ ଅବକାରୀ ଓ ଆର୍‌ପିଏଫ ଟିମ୍ ମିଳିତ ଭାବେ ଚଢାଉ କରି ନିଶାବେପାର କରୁଥିବା ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଗଜପତି ଜିଲା ମୋହାନା ଥାନା ଅଞ୍ଚଳର ଆଲୋକ ମଲ୍ଲିକ। ତାଙ୍କଠାରୁ ୨୨ କେଜି ଗଞ୍ଜେଇ ଜବତ ହୋଇଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତ ଆଲୋକ ଗଜପତିରୁ ଉକ୍ତ ଗଞ୍ଜେଇକୁ ଟ୍ରେନ ଯୋଗେ ଭୁବନେଶ୍ୱର ଆଣିଥିଲେ। ହେଲେ ଗ୍ରାହକଙ୍କୁ ଦେବା ପୂର୍ବରୁ ପୋଲିସ ହାତରେ ଧରାପଡିଯାଇଥିଲେ।

## ସଂକ୍ଷେପରେ

### ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଜ୍ଞାନବିଜ୍ଞାନ ମେଳା

କଟକ ସଦର,୧୧।୮ (ସୁଶାନ୍ତ କୁମାର ଜେନା)

ନୂଆବଜାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବିଦ୍ୟାଳୟସ୍ତରୀୟ ଜ୍ଞାନବିଜ୍ଞାନ ମେଳା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ବର୍ଗର ପିଲାଙ୍କ ଦ୍ୱାରା ୨୧୩ଟି ବିଜ୍ଞାନ ପ୍ରକଳ୍ପ, ୧୮ଟି ଗଣିତ ଓ ବିଜ୍ଞାନ ପ୍ରୟୋଗ ପ୍ରଦର୍ଶିତ ହୋଇଥିଲା। ପ୍ରଧାନ ଆଚାର୍ଯ୍ୟ ମନୋଜ ରଞ୍ଜନ ସେଠୀ ଜ୍ଞାନବିଜ୍ଞାନ ମେଳାର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କଟକ ନଗର ଜୋନ୍-୫ର ଉପ ପୋଲିସ ଆୟୁକ୍ତ କୃଷ୍ଣଚନ୍ଦ୍ର ସେଠୀ ଯୋଗଦେଇଥିଲେ। ଏଥିରେ ବିଦ୍ୟାଳୟର ଉପସଭାପତି ପ୍ରଦୀପ୍ତ କୁମାର ଓ ବିଜ୍ଞାନ ଆଚାର୍ଯ୍ୟ ସୁଶାନ୍ତ କୁମାର ପୃଷ୍ଟି ଉପସ୍ଥିତ ଥିଲେ। ସେହିପରି ଉଦ୍‌ଘାଟନ ଉତ୍ସବରେ ବ୍ୟାଙ୍କ୍ ଅଫ୍ ବରୋଦାର ଯୁଗ୍ମ ପରିଚାଳକ ଦେବାଶିଷ ଖୁଣ୍ଟିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ବରିଷ୍ଠ ଆଚାର୍ଯ୍ୟ ସୁଶାନ୍ତ କୁମାର ଜେନା ଅତିଥି ପରିଚୟ ପ୍ରଦାନ ଓ ଆଚାର୍ଯ୍ୟ ପ୍ରଭାକର ବେହେରା ପିଲାମାନଙ୍କୁ ଉତ୍ସାହିତ କରିଥିଲେ। ଆଚାର୍ଯ୍ୟ ନିମାଇଁ ଚରଣ ପାଢ଼ୀ ଧନ୍ୟବାଦ ଦେଇଥିଲେ।

### ୨ ସାହସୀ ଯୁବକଙ୍କୁ ସମ୍ବର୍ଦ୍ଧନା

ଚୌଦ୍ୱାର,୧୧।୮ (ଆଶୁତୋଷ ଦାସ)

କେନ୍ଦ୍ରାପଡ଼ା କେନାଲର ଜଗତ୍‌ପୁରଠାରେ ଭାସି ଯାଉଥିବା ଜଣେ ବାଳକଙ୍କୁ ଚୌଦ୍ୱାର ଅଞ୍ଚଳର ୨ ଜଣ ଯୁବକ ଉଦ୍ଧାର କରିଥିଲେ। ସେମାନେ ହେଲେ ଚୌଦ୍ୱାର ପୌରପାଳିକା ଅଧୀନ ୫ନଂ. ୱାର୍ଡର ନବଘନ ନାଗିଆ ଓ ପ୍ରସନ୍ନ ସାହୁ। ସେମାନଙ୍କୁ ଭାଜପା ଚୌଦ୍ୱାର ମଣ୍ଡଳ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଚୌଦ୍ୱାର କପାଳେଶ୍ୱରସ୍ଥିତ ଦଳୀୟ କାର୍ଯ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ଭାଜପା କଟକ ଜିଲା ଉପସଭାପତି ପ୍ରଶାନ୍ତ କୁମାର ହୋତା, ଜିଲା ସମ୍ପାଦକ ବୈରାଗୀ ଚରଣ ପ୍ରଧାନ, ସଦସ୍ୟ ପ୍ରକାଶ ଚନ୍ଦ୍ର ବଡ଼ଜେନା ଯୋଗଦେଇ ସାହସୀ ଯୁବକ ଦ୍ୱୟଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏଥିରେ ସନ୍ତୋଷ କୁମାର ସାହୁ, ସଞ୍ଜିତ୍ ମହାନ୍ତି, ସୁଷମା ବଡ଼ଜେନା, ମମତା ବେହେରା, ତନ୍ମୟ କୁମାର ସାହୁ, ଗୌତମ ସାହୁ, ସ୍ମୃତିରଞ୍ଜନ ସାହୁ, ଚିନ୍ମୟ ବେହେରା ପ୍ରମୁଖ କର୍ମକର୍ତ୍ତା ଉପସ୍ଥିତ ଥିଲେ।

### ଆମ ପୋଲିସ କାର୍ଯ୍ୟକ୍ରମ

କଟକ ସଦର,୧୧।୮ (ସୁଶାନ୍ତ କୁମାର ଜେନା)

୪୨ ମୌଜା ଥାନା ପକ୍ଷରୁ ଶୁକ୍ରବାର କୂଳସରିଚୁଆଁଠାରେ ଆମ ପୋଲିସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ଥାନୀୟ ଅଞ୍ଚଳର ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ ଓ ମହିଳା ଯୋଗଦେଇ ପୋଲିସ ଅଧିକାରୀମାନଙ୍କ ସହ ଆଇନଶୃଙ୍ଖଳା ପରିସ୍ଥିତି ଉପରେ ଆଲୋଚନା କରିଥିଲେ। ଚୋରା ମଦ ବିକ୍ରି ରୋକିବା ଓ ନିଶାସକ୍ତ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି କରାଯାଇଥିଲା। ଏଥିସହ ଚାନ୍ଦୁଲିଠାରେ ଏକ ପୋଲିସ ବିଟ୍‌ହାଉସ କରିବା ପାଇଁ ପ୍ରସ୍ତାବ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ଏସିପି ଚନ୍ଦନ କୁମାର ଘଡ଼େଇ, ଥାନାଧିକାରୀ ଗିରିଶ ଚନ୍ଦ୍ର ମହାରଣା ଓ କୂଳସରିଚୁଆଁ ସରପଞ୍ଚ ବନ ବିହାରୀ ଯୋଗଦେଇଥିଲେ।

# କ୍ଷତିପୂରଣ ଦାବିରେ ରାସ୍ତାରୋକୋ

## ବାଇକ୍ ଧକ୍କାରେ ମହିଳା ମୃତ
■ ଚାଳକ ଗିରଫ

କଟକ,୧୧।୮ (କାର୍ତ୍ତିକ ସାହୁ)


ଉତ୍ତ୍ୟକ୍ତ ଲୋକମାନେ ରାସ୍ତାରୋକୋ କରିଛନ୍ତି।

ବିଡ଼ାନାସୀ ଥାନା ଅଧୀନ କୃଷକ ବଜାର ଅଞ୍ଚଳରେ ଶୁକ୍ରବାର ଅପରାହ୍ନରେ ବାଇକ୍ ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ କୃଷକ ବଜାର ଅଞ୍ଚଳର ଶାନ୍ତିଲତା ନାୟକ(୩୫)। ଦୁର୍ଘଟଣା ପରେ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ମୃତାଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ ଦାବିରେ ଉତ୍ତ୍ୟକ୍ତ ଲୋକେ ମୃତଦେହ ରଖି ରାସ୍ତାରୋକୋ କରିଥିଲେ। ଫଳରେ ଯାନବାହନ ଚଳାଚଳରେ ସମସ୍ୟା ହୋଇଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ରାସ୍ତାରୋକୋ ହଟିଥିଲା। ପ୍ରାଥମିକ ପର୍ଯ୍ୟାୟରେ ମୃତାଙ୍କ ପରିବାରକୁ ରେଡ୍‌କ୍ରସ୍ ପାଣ୍ଠିରୁ ୧୦ ହଜାର ଟଙ୍କା ଅନୁକମ୍ପାମୂଳକ ସହାୟତା ପ୍ରଦାନ କରାଯାଇଥିବା ଜଣାପଡିଛି। ପରେ ପୋଲିସ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ଏସ୍‌ସିବି ମେଡିକାଲ ପଠାଇଛି। ଏହି ଘଟଣାରେ ବାଇକ୍ ଚାଳକ ଅଲିଶାବଜାର ଅଞ୍ଚଳର ସରୋଜ ଦାସଙ୍କୁ ପୋଲିସ ଗିରଫ କରିଛି।

ମିଳିଥିବା ସୂଚନା ଅନୁଯାୟୀ, ଅପରାହ୍ନରେ ବିଦ୍ୟାଳୟ ଛୁଟି ସମୟ ହୋଇଯାଇଥିବାରୁ ଶାନ୍ତିଲତା ତାଙ୍କ ପିଲାଙ୍କୁ ଆଣିବା ପାଇଁ ରାସ୍ତାରେ ଚାଲିଚାଲି ଯାଉଥିଲେ। ଏହି ସମୟରେ ଜଣେ ବାଇକ ଚାଳକ ତାଙ୍କୁ ଧକ୍କା ଦେଇଥିଲେ। ଫଳରେ ମହିଳା ଜଣଙ୍କ ରାସ୍ତା ପଡ଼ିଯାଇ ଗୁରୁତର ହୋଇଥିଲେ। ଏ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଲୋକେ ରୁଣ୍ଡ ହୋଇ ପାଟିତୁଣ୍ଡ କରିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମହିଳାଙ୍କୁ ମେଡିକାଲରେ ଭର୍ତ୍ତି କରିଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ନରସିଂହପୁର ଥାନା ଅନ୍ତର୍ଗତ ନୂଆପାଟଣା ଅଞ୍ଚଳର ବିଜୟ ନାୟକଙ୍କ ସ୍ତ୍ରୀ ହେଉଛନ୍ତି ଶାନ୍ତିଲତା। କୃଷକ ବଜାର ଅଞ୍ଚଳରେ ଉଭୟ ରହିବା ସହ ଶ୍ରମିକ କାମ କରି ପରିବାର ପ୍ରତିପୋଷଣ କରୁଥିଲେ।

# ପୋଲିସ ପରିଚୟ ଦେଇ ୨ ଲକ୍ଷ ଲୁଟ୍

କଟକ,୧୧।୮ (କାର୍ତ୍ତିକ ସାହୁ)

କଟକ ନୟାସଡ଼କ ଅଞ୍ଚଳରେ ଶୁକ୍ରବାର ପୋଲିସ ପରିଚୟ ଦେଇ ୨ ଜଣ ଯୁବକ ଜଣେ ସୁନା ଅଳଙ୍କାର ବ୍ୟବସାୟୀଙ୍କଠାରୁ ୨ ଲକ୍ଷ ଟଙ୍କା ଲୁଟି ନେଇଛନ୍ତି। ଲୁଟ୍‌ର ଶିକାର ହୋଇଥିବା ବ୍ୟବସାୟୀ ଢେଙ୍କାନାଳ ଜିଲା ରାସୋଳ ଅଞ୍ଚଳର ପଙ୍କଜ କୁମାର ସାହୁ(୪୮) ଲାଲବାଗ ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ପୋଲିସ ଏକ ମାମଲା ରୁଜୁ କରିବା ସହ ଆଖପାଖରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରିଛି।

ଅଭିଯୋଗ ଅନୁଯାୟୀ, ପଙ୍କଜ ନିଜ ବ୍ୟବସାୟ କାର୍ଯ୍ୟରେ ନୟାସଡ଼କ ଆସି ଅଳଙ୍କାର କିଣିଥାନ୍ତି। ସେ ତାଙ୍କ ସ୍ତ୍ରୀଙ୍କ ସହ ଏକ କାର୍‌ରେ ଆସି ଏସ୍‌ସିବି ମେଡିକାଲରେ ଜଣେ ସମ୍ପର୍କୀୟଙ୍କୁ ଭେଟିଥିଲେ। ପରେ ସେ ସ୍ତ୍ରୀଙ୍କୁ ସେଠାରେ ଛାଡ଼ି ନୟାସଡ଼କ ଆସିଥିଲେ। ପଙ୍କଜ ହାଇକୋର୍ଟ ଛକରେ କାର୍ ରଖିବା ପରେ ଏକ ବ୍ୟାଗ୍‌ରେ ୨ ଲକ୍ଷ ଟଙ୍କା ଭର୍ତ୍ତି କରି ଚାଲି ଚାଲି ଗହଣା ଦୋକାନ ଆଡ଼କୁ ଯାଉଥିଲେ। ଏହି ସମୟରେ ଦୁଇଜଣ ଯୁବକ ବାଇକ୍‌ରେ ଆସି ତାଙ୍କୁ ଅଟକାଇଥିଲେ। ସେମାନେ ନିଜକୁ ପୋଲିସ କର୍ମଚାରୀ ପରିଚୟ ଦେଇ ବ୍ୟାଗ୍ ଯାଞ୍ଚ କରାଯିବ ବୋଲି କହିଥିଲେ। ସେମାନେ ପଙ୍କଜଙ୍କୁ ନିକଟସ୍ଥ ଏକ ଗଳିକୁ ଡାକିନେଇ ତାଙ୍କ ବ୍ୟାଗ ଖୋଲିଥିଲେ। ବ୍ୟାଗ୍ ଦେଖିବା ବାହାନାରେ ନାନା ପ୍ରକାର କଥା କହି ପଙ୍କଜଙ୍କୁ ଅନ୍ୟମନସ୍କ କରି ଦେଇଥିଲେ। କିଛି ସମୟ ପରେ ସେମାନେ ପଙ୍କଜଙ୍କ ହାତକୁ ବ୍ୟାଗ ବଢ଼ାଇଦେଇ ସତର୍କ ରହିବାକୁ କହି ପଳାଇଥିଲେ। ସେମାନେ ଯିବା ପରେ ପଙ୍କଜଙ୍କ ମନରେ ସନ୍ଦେହ ହୋଇଥିଲା। ସେ ବ୍ୟାଗ୍ ଖୋଲି ଦେଖିବାବେଳକୁ ସେଥିରେ ଟଙ୍କା ନ ଥିଲା। ସେ ଲାଲବାଗ ଥାନାରେ ଏତଲା ଦେବା ପରେ ଏସିପି ତାପସ ପ୍ରଧାନ ମାମଲାର ତଦନ୍ତଭାର ହାତକୁ ନେଇଛନ୍ତି।

# ୧୬ରୁ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ଶବ୍ଦାବଳୀ ଆୟୋଗ କର୍ମଶାଳା

କଟକ,୧୧।୮ (କାର୍ତ୍ତିକ ସାହୁ)

ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ଅନ୍ତର୍ଗତ ଶ୍ରୀ ଶ୍ରୀ ଆୟୁର୍ବେଦ ମହାବିଦ୍ୟାଳୟ ଓ ଅନୁସନ୍ଧାନ ଚିକିତ୍ସାଳୟ ଆନୁକୂଲ୍ୟରେ ଭାରତ ସରକାରଙ୍କ ଆୟୁଷ ମନ୍ତ୍ରାଳୟ ପକ୍ଷରୁ ୩ ଦିନିଆ କର୍ମଶାଳା ଆସନ୍ତା ୧୬ରୁ ୧୮ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ବୈଜ୍ଞାନିକ ଓ ଟେକ୍ନିକାଲ ଶବ୍ଦାବଳୀ ଆୟୋଗର ଏହି କର୍ମଶାଳାକୁ କେନ୍ଦ୍ର ଉଚ୍ଚଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବି. ଆର୍. ଶର୍ମା, ପ୍ରେସିଡେଣ୍ଟ ପ୍ରଫେସର ରଜିତା କୁଲକର୍ଣ୍ଣୀ, ଶବ୍ଦାବଳୀ ଆୟୋଗର ମୁଖ୍ୟ ଡାକ୍ତର ଭୀମସେନ ବେହେରା ପ୍ରମୁଖଙ୍କ ସମେତ ଓଡ଼ିଶା ତଥା ବାହାରୁ ଶତାଧିକ ଡାକ୍ତର ଓ ଅଧ୍ୟାପିକା, ଅଧ୍ୟାପକମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ବୋଲି ଆୟୁର୍ବେଦ ମହାବିଦ୍ୟାଳୟର ଡିନ୍ ପ୍ରଫେସର ପ୍ରଦୀପ କୁମାର ପଣ୍ଡା ପ୍ରେସ୍ ଇସ୍ତାହାରରେ ଜଣାଇଛନ୍ତି।


ସ୍ୱାଧୀନତା ଦିବସ ପାଳନର ଅବ୍ୟବହିତ ପୂର୍ବରୁ କଟକ ବାରବାଟୀ ଷ୍ଟାଡିୟମରେ ଜିଲା ପ୍ରଶାସନ ପକ୍ଷରୁ ସମ୍ମିଳିତ ପରେଡ୍ ଅଭ୍ୟାସ।

# ସଦର ପ୍ରେସ୍ କ୍ଲବର ନୂତନ କର୍ମକର୍ତ୍ତା ମନୋନୀତ

ଫୁଲନଖରା,୧୧।୮
(ସତ୍ୟରଞ୍ଜନ ଦାସମହାପାତ୍ର)

କଟକ ସଦର ଥାନା ଅନ୍ତର୍ଗତ ନୂଆଗଡସ୍ଥିତ ଅନନ୍ତ ବଳିଆ ଆଶ୍ରମ ପରିସରେ ସଦର ପ୍ରେସ୍ କ୍ଲବ ପକ୍ଷରୁ ଶୁକ୍ରବାର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ସାମ୍ବାଦିକ କାନନ ବିହାରୀ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ପ୍ରେସ୍ କ୍ଲବ୍‌ର ଆଗାମୀ ଦିନର କାର୍ଯ୍ୟପନ୍ଥା ସମ୍ପର୍କରେ ଆଲୋଚନା ହୋଇଥିଲା। ଏଥିସହ ପ୍ରେସ୍ କ୍ଲବ୍‌ର ନୂତନ କର୍ମକର୍ତ୍ତା ମନୋନୀତ ହୋଇଥିଲେ। ସଭାପତି ଭାବେ ବରିଷ୍ଠ ସାମ୍ବାଦିକ ରମେଶ ଚନ୍ଦ୍ର ପ୍ରଧାନ, ଅମିତ୍ କୁମାର ପରିଜା କାର୍ଯ୍ୟକାରୀ ସଭାପତି, କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ଉପସଭାପତି ଭାବେ ମନୋନୀତ ହୋଇଥିଲେ। ସେହିପରି ସାଧାରଣ ସମ୍ପାଦକ ଭାବେ କାନନ ବିହାରୀ ନାୟକ, ସମ୍ପାଦକ ଉମାକାନ୍ତ ଜେନା, ଯୁଗ୍ମ ସମ୍ପାଦକ ଭାବେ ସତ୍ୟରଞ୍ଜନ ଦାସମହାପାତ୍ର ଓ କୋଷାଧ୍ୟକ୍ଷ ଭାବେ ଟୁନା ଜେନା ମନୋନୀତ ହୋଇଛନ୍ତି। ଏଥିସହ ବରିଷ୍ଠ ସାମ୍ବାଦିକ ସୁଶାନ୍ତ କୁମାର ଜେନା, ପ୍ରତାପ ସେନାପତି, ଆଦିତ୍ୟ ଛୋଟରାୟ, ଚିନ୍ମୟ ରଞ୍ଜନ ମହାରଣା, ଗଣେଶ ଚନ୍ଦ୍ର ବରାଳ, ପ୍ରତାପ ସେନାପତି, ବିଭୂତି ଭୂଷଣ ତରାଇ ପ୍ରମୁଖ ସଦସ୍ୟ ଭାବେ ମନୋନୀତ ହୋଇଛନ୍ତି। ସାମାଜିକ କର୍ମୀ ପୀତବାସ ମହାପାତ୍ର ଉପସ୍ଥିତ ରହି ମନୋନୀତ କର୍ମକର୍ତ୍ତାଙ୍କୁ ଶୁଭେଚ୍ଛା ଜଣାଇଥିଲେ।


ସାମାଜିକ କର୍ମୀ ପୀତବାସ ମହାପାତ୍ରଙ୍କ ସହ ମନୋନୀତ କର୍ମକର୍ତ୍ତାମାନେ।

# କଟକ: ବଢୁଛି ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା

## ସିଏମ୍‌ସି ଅଞ୍ଚଳରୁ ୬୦, ଗ୍ରାମାଞ୍ଚଳରୁ ୩୪ ରୋଗୀ ଚିହ୍ନଟ

କଟକ,୧୧।୮ (ସୁପ୍ରିୟା ପ୍ରିୟଦର୍ଶିନୀ)



ରାଜଧାନୀ ଭୁବନେଶ୍ୱର ପରେ ଏବେ କଟକରେ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇଛି। ଗୋଟିଏ ପରେ ଗୋଟିଏ ଅଞ୍ଚଳକୁ ଡେଙ୍ଗୁ ବ୍ୟାପିବାରେ ଲାଗିଛି। ବିଶେଷକରି କଟକ ସହରର ସିଡିଏ ସେକ୍ଟର ୯ ଓ ୧୦ ନମ୍ବର ଅଞ୍ଚଳରେ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉଛି। ହେଲେ ପ୍ରଶାସନ ପକ୍ଷରୁ ଏ ଦିଗରେ ଠିକ୍ ଭାବେ ଦୃଷ୍ଟି ଦିଆଯାଉ ନ ଥିବା ସ୍ଥାନୀୟ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ବିଭିନ୍ନ ୱାର୍ଡରେ ସିଏମ୍‌ସି ପକ୍ଷରୁ ସଫେଇ କରାଯାଉ ନାହିଁ କି ମଶା ତେଲ ପକାଯାଉ ନାହିଁ। ଫଳରେ ମଶାବଂଶ ବୃଦ୍ଧି ପାଉଛି। କଟକ ମହାନଗର ନିଗମ(ସିଏମ୍‌ସି)ଅଞ୍ଚଳରେ ୬୦ ଜଣ ଓ ଗ୍ରାମାଞ୍ଚଳରେ ୩୪ ଜଣ ଡେଙ୍ଗୁ ଆକ୍ରାନ୍ତ ଚିହ୍ନଟ ହୋଇଥିବା ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ମିଳିଛି। କେବଳ ସିଡିଏ ଅଞ୍ଚଳରେ ସର୍ବାଧିକ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଛନ୍ତି।

ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ(ସିଡିଏମ୍‌ଓ) ମକରନ୍ଦ ବେଉରା କହିଛନ୍ତି, ଡେଙ୍ଗୁ ପାଇଁ ଲୋକମାନେ ଆତଙ୍କିତ ହୁଅନ୍ତୁ ନାହିଁ। ଡେଙ୍ଗୁ ରୋଗ ୧୦୦ରୁ ୯୫ ପ୍ରତିଶତ ଭଲ ହୋଇଥାଏ। ଡେଙ୍ଗୁ ରୋଗୀଙ୍କ ଚିକିତ୍ସା ଚାଲିଛି। ଅପରିଷ୍କାର ପାଣି, ଟିଣ ଡବା, ଅବ୍ୟବହୃତ ଟାୟାର ଥିବା ସ୍ଥାନରେ ପାଣି ଦୀର୍ଘଦିନ ଜମି ରହିଲେ ମଶା ବଂଶ ବୃଦ୍ଧି ପାଇଥାଏ। ତେଣୁ ଘର ଓ ନାଳନର୍ଦ୍ଦମାରେ ଜମି ରହିଥିବା ଅପରିଷ୍କାର ପାଣି ନିଷ୍କାସନ ପାଇଁ ଲୋକଙ୍କୁ କୁହାଯାଇଛି। ଜିଲା ମୁଖ୍ୟ ଚିକିତ୍ସାଳୟ ଅଧୀନରେ ଥିବା ଡାକ୍ତରଖାନାଗୁଡିକରେ ୧୦ ଏବଂ ପ୍ରତି ବ୍ଲକରେ ଦୁଇଟି ଲେଖା ବେଡ୍ ଡେଙ୍ଗୁ ରୋଗୀଙ୍କ ପାଇଁ ବ୍ୟବସ୍ଥା କରାଯାଇଛି। ସେହିପରି ଏସ୍‌ସିବି ମେଡିକାଲରେ ଡେଙ୍ଗୁ ରୋଗୀଙ୍କ ପାଇଁ ୬୦ଟି ବେଡ୍ ବ୍ୟବସ୍ଥା କରାଯାଇଛି। ଆବଶ୍ୟକ ପଡିଲେ ବେଡ୍ ସଂଖ୍ୟା ବୃଦ୍ଧି କରାଯିବ। ଡେଙ୍ଗୁ ତାଲିକା ଭୁବନେଶ୍ୱର ପ୍ରଥମ ସ୍ଥାନରେ ରହିଛି। ସେହିପରି ବାଲେଶ୍ୱର ଦ୍ୱିତୀୟ, ପୁରୀ ତୃତୀୟ ଓ କଟକ ଚତୁର୍ଥ ସ୍ଥାନରେ ରହିଛି। ତେଣୁ କଟକ ଜିଲାର ସବୁ ବ୍ଲକ୍‌ରେ ପ୍ରଶାସନ ପକ୍ଷରୁ ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଉଛି ବୋଲି ସେ କହିଛନ୍ତି।

### ଚୋରି ମୋବାଇଲ ଜବତ, ଅଭିଯୁକ୍ତ ଗିରଫ

ମଙ୍ଗୁଳି-ଜଗତପୁର,୧୧।୮ (ମାନସ ସାମଲ)

ମୋବାଇଲ ଚୋରି ଅଭିଯୋଗରେ ଜଗତପୁର ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେ ହେଲେ ମଙ୍ଗଳାବାଗ ଥାନା ଅଧୀନ ଯୋବ୍ରା ନଦୀକୂଳସାହିର ରକି ଘଡେଇ(୨୦)। ତାଙ୍କ ନିକଟରୁ ଚୋରି ମୋବାଇଲ ଜବତ କରାଯାଇଛି। ଗତ ବୁଧବାର ପୂର୍ବାହ୍ନ ପ୍ରାୟ ସାଢେ ୧୧ଟାରେ ସଂଗ୍ରାମ ମଲ୍ଲିକ ନାମକ ଜଣେ ଆମ୍ବୁଲାନ୍ସ ଡ୍ରାଇଭର ଜଗତପୁର ଥାନା ଅଧୀନ ଯୋବ୍ରା ଆନିକଟ ବ୍ରିଜ ଉପରେ ଗାଡ଼ି ପାର୍କିଂ କରି ବିଶ୍ରାମ ନେଉଥିଲେ। ଏହି ସମୟରେ ହଠାତ କିଛି ଶବ୍ଦ ଶୁଣି ଉଠି ଦେଖିଥିଲେ ଜଣେ ଯୁବକ ଆମ୍ବୁଲାନ୍ସ ମଧ୍ୟରୁ ତାଙ୍କ ମୋବାଇଲକୁ ଚୋରି କରୁଛି। ଫଳରେ ସେ ଚିତ୍କାର କରିବାରୁ ଯୁବକ ଜଣଙ୍କ ଫେରାର ହୋଇଯାଇଥିଲେ। ଏ ନେଇ ସଂଗ୍ରାମ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୬୯୬/୨୩) ରୁଜୁକରିଥିଲା।


ସ୍ୱାଧୀନତା ଦିବସକୁ ଦୃଷ୍ଟିରେ ରଖି କଟକ ଚୌଧୁରୀ ବଜାରସ୍ଥିତ ଏକ ଖଦି ଦୋକାନରୁ ଗ୍ରାହକ ଜାତୀୟ ପତାକା କିଣୁଛନ୍ତି।

# ସମାଜ-ଜୀବନ ଭିତରେ ସମନ୍ୱୟର ସେତୁ ଥିଲେ କାହ୍ନୁଚରଣ

## ଔପନ୍ୟାସିକ କାହ୍ନୁଚରଣ ମହାନ୍ତିଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ

କଟକ,୧୧।୮ (କାର୍ତ୍ତିକ ସାହୁ)

ସାରସ୍ୱତ ସ୍ରଷ୍ଟା କାହ୍ନୁଚରଣ ମହାନ୍ତି ଓଡ଼ିଆ କଥା ସାହିତ୍ୟକୁ ସୁଦୃଢ଼ ଭିତ୍ତିଭୂମି ପ୍ରଦାନ କରିଥିଲେ। ସମାଜ ଓ ଜୀବନ ଭିତରେ ସମନ୍ୱୟ ସେତୁଟିଏ ଥିଲେ କାହ୍ନୁଚରଣ। ସେ ଉପନ୍ୟାସ ମାଧ୍ୟମରେ ଓଡ଼ିଶାର ସାମାଜିକ ଓ ସାଂସ୍କୃତିକ ଇତିହାସକୁ ଲେଖି ଯାଇଛନ୍ତି ବୋଲି ଉତ୍କଳ ସାହିତ୍ୟ ସମାଜ ଓ ଓଡ଼ିଶା ସାହିତ୍ୟ ଏକାଡେମୀର ମିଳିତ ଆନୁକୂଲ୍ୟରେ କଟକ ଶତାବ୍ଦୀ ଭବନରେ ଆୟୋଜିତ କାହ୍ନୁଚରଣ ମହାନ୍ତିଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି।

ଉତ୍କଳ ସାହିତ୍ୟ ସମାଜର ସଭାପତି ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜୟନ୍ତୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପ୍ରାବନ୍ଧିକ ଡ. ବାବାଜୀ ଚରଣ ପଟ୍ଟନାୟକ ଯୋଗଦେଇ କହିଥିଲେ, ଓଡ଼ିଆ ଭାଷାକୁ ଉପନ୍ୟାସ ଜରିଆରେ ପ୍ରତିଷ୍ଠା ଦେବା କ୍ଷେତ୍ରରେ କାହ୍ନୁଚରଣଙ୍କ ଅବଦାନ ସ୍ୱୀକାର୍ଯ୍ୟ। ସମ୍ମାନିତ ଅତିଥି ଶିଶୁ ସାହିତ୍ୟିକ ତଥା ପ୍ରାଧ୍ୟାପକ ଆଦିତ୍ୟ ପ୍ରତାପ ଧଳ କାହ୍ନୁଚରଣଙ୍କ ସାଧନାମୟ ଜୀବନୀ ଉପରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗର ମୁଖ୍ୟ ଡ. ଜ୍ଞାନୀ ଦେବାଶିଷ ମିଶ୍ର କହିଥିଲେ, କାହାଣୀ ଜରିଆରେ କାହାଣୀକୁ ଅତିକ୍ରମ କରି ସାଧାରଣ ଜୀବନର ଅନ୍ତରଙ୍ଗ ହେବା ତାଙ୍କ ଉପନ୍ୟାସଗୁଡ଼ିକର ବଳିଷ୍ଠ ଦିଗ। ଉତ୍କଳ ସାହିତ୍ୟ ସମାଜର ଉପସଭାପତି ଜୀବନାନନ୍ଦ ଅଧିକାରୀ ସ୍ୱାଗତ ଭାଷଣ, ସଙ୍ଗଠନ ସମ୍ପାଦକ ଡ. ସୁନାମଣି ରାଉତ ଅତିଥି ପରିଚୟ ପ୍ରଦାନ, କୋଷାଧ୍ୟକ୍ଷ ଶିବାଶିଷ କର ଅତିଥିଙ୍କୁ ମଞ୍ଚକୁ ଆମନ୍ତ୍ରଣ ଓ କାର୍ଯ୍ୟନିର୍ବାହିକା ସମିତି ସଭ୍ୟା ସରୋଜିନୀ ମିଶ୍ର ଧନ୍ୟବାଦ ଦେଇଥିଲେ। ଏଥିରେ ପାଠାଗାର ସମ୍ପାଦକ ବ୍ରହ୍ମାନନ୍ଦ ବିଶ୍ୱାଳ, କାର୍ଯ୍ୟ ନିର୍ବାହିକା ସମିତି ସଭ୍ୟ ତପନ କୁମାର ସ୍ୱାଇଁ, ମୁରଲୀଧର ଶତପଥୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ।



ଔପନ୍ୟାସିକ କାହ୍ନୁଚରଣ ମହାନ୍ତିଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବରେ ଉପସ୍ଥିତ ଅତିଥିବୃନ୍ଦ।

## ଦେଶୀ ମଦ ସହ ସ୍କୁଟି ଜବତ

ବାରଙ୍ଗ, (ଲିଙ୍ଗରାଜ ରାଉତ): ମଦ ଚୋରା ଚାଲାଣ ହେଉଥିବା ବିଶେଷ ସୂତ୍ରରୁ ଖବରପାଇ ଶୁକ୍ରବାର ସକାଳେ ବାରଙ୍ଗ ପୋଲିସ ତ୍ରିଶୁଳିଆ ସୁବାସ ସେତୁ ନିକଟରେ ଚଢ଼ାଉ କରି ଜଣେ ମଦ ବେପାରୀଙ୍କୁ ଗିରଫ କରିଛି। ସେ ହେଲେ କଟକ ଚାନ୍ଦିନୀଚୌକ ଅଞ୍ଚଳର ଭରତ ସିଂ(୪୮)। ପୋଲିସ ତାଙ୍କ ନିକଟରୁ ୫ଟି ପେଟିରେ ଥିବା ୧୨୫ଟି ଆସ୍କା୪୦ ମଦବୋତଲ ଜବତ କରିବା ସହ ଏକ ସ୍କୁଟି ଓଡି ୦୫ ଟି ୮୫୬୩ ଗାଡ଼ିକୁ ଜବତ କରିଛି। ଏ ନେଇ ବାରଙ୍ଗ ପୋଲିସ ଶୁକ୍ରବାର ନଂ.୨୭୭/୨୩ରେ ଏକ ମାମଲା ରୁଜୁକରି ଭରତକୁ କୋର୍ଟଚାଲାଣ କରିଛନ୍ତି।

# ଭୁବନେଶ୍ୱରରେ ଡେଙ୍ଗୁ ରୋଗୀ ସଂଖ୍ୟା ହଜାରେ ଡେଇଁଲା

ଭୁବନେଶ୍ୱର, ୧୧।୮ (ବନ୍ଦନା ସେଠୀ)

ସ୍ମାର୍ଟସିଟି ଭୁବନେଶ୍ୱରରେ କ୍ଷୀପ୍ର ବେଗରେ ବ୍ୟାପୁଛି ଡେଙ୍ଗୁ। ଜ୍ୱର ହେବା ମାତ୍ରେ ଲୋକଙ୍କୁ ଡେଙ୍ଗୁ ଭୟ ଘାରୁଛି। ଗତ କିଛିବର୍ଷ ହେବ ରାଜଧାନୀ ଲଗାତାର ଡେଙ୍ଗୁର ହଟ୍‌ସ୍ପଟ୍ ପାଲଟିଥିବାବେଳେ ଚଳିତବର୍ଷ ସ୍ଥିତି ଧୀରେ ଧୀରେ ବିଗିଡିବାରେ ଲାଗିଛି। ଚଳିତ ବର୍ଷ ଏଯାଏ ରାଜ୍ୟରେ ମୋଟ୍ ୨୮ହଜାର ୯ଶହ ୫୩ ନମୁନା ଟେଷ୍ଟ କରାଯାଇଥିବାବେଳେ ସେଥିରୁ ୧୬୭୦ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏଥିରେ ଖୋର୍ଦ୍ଧା ଜିଲା ସର୍ବାଗ୍ରେ ରହୁଥିବାବେଳେ ୯୦ ପ୍ରତିଶତ କେବଳ ଭୁବନେଶ୍ୱରରୁ ଚିହ୍ନଟ ହେଉଛନ୍ତି। ଗତ ଜାନୁୟାରୀରୁ ଅଗଷ୍ଟ ୧୧ ମଧ୍ୟରେ ସହରରେ ଡେଙ୍ଗୁ ରୋଗୀ ସଂଖ୍ୟା ୧ହଜାର ପାର୍ କରିଛି। ସେଥିମଧ୍ୟରୁ ନୟାପଲ୍ଲୀ, ପୁରୁଣା ଭୁବନେଶ୍ୱର, ଆଚାର୍ଯ୍ୟବିହାର, ପୋଖରୀପୁଟ, ନୀଳାଦ୍ରୀବିହାର ଆଦି ଅଞ୍ଚଳ ଡେଙ୍ଗୁର ଗନ୍ତାଘର ପାଲଟିଛି। ସହରରେ ସଫେଇଠାରୁ ଆରମ୍ଭ କରି ଘରଘର ବୁଲି ଆବର୍ଜନା ସଂଗ୍ରହ କରାଯାଉଛି। ସହରର ପରିମଳ ବ୍ୟବସ୍ଥାକୁ ସୁଦୃଢ କରିବା ପାଇଁ ଏକାଧିକ ସଫେଇ ସଂସ୍ଥା, ଏନ୍‌ଜିଓଙ୍କ ସମେତ ସ୍ୱଚ୍ଛସାଥି, ସୁପରଭାଇଜର ପ୍ରମୁଖ ନିଯୁକ୍ତ ହୋଇଛନ୍ତି। ମାସକୁ ଲକ୍ଷଲକ୍ଷ ଟଙ୍କା ଏ ବାବଦରେ ଖର୍ଚ୍ଚ ହେଉଛି। ଏହାସତ୍ତ୍ୱେ ପ୍ରତିଦିନ ସହରରୁ ୪୦ରୁ ୫୦ ମଧ୍ୟରେ ରୋଗୀ ଚିହ୍ନଟ ହେବା ବିଏମ୍‌ସିର ପାରିବା ପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଏଥିସହ ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳରେ ଡେଙ୍ଗୁ ସଂକ୍ରମଣ ରୋକିବାକୁ ବିଏମ୍‌ସି ପକ୍ଷରୁ ଡ୍ରାଏ ଡେ’ ପାଳନ, ଘରଘର ସମ୍ପର୍କ ଅଭିଯାନ, ମଶାଧୂଆଁ, ଘାସକାଟିବା ଭଳି ବିଭିନ୍ନ ପଦକ୍ଷେପ ନିଆଯିବା ପରେ ବି ମଶା ନିୟନ୍ତ୍ରଣ ଫେଲ୍ ମାରିଛି। ତେଣୁ ଅନ୍ୟ ଉପାୟ ନ ପାଇ ମଶାବଂଶ ଲୋପ କରିବା ପାଇଁ ପୁଣିଥରେ ଡ୍ରୋନ୍‌ର ସହାୟତା ନେବାକୁ ଅଣ୍ଟା ଭିଡିଛି ବିଏମ୍‌ସି। ଗତବର୍ଷ ଭଳି ଚଳିତବର୍ଷ ମଧ୍ୟ ବିଏମସି ମଶା ବଂଶ ବୃଦ୍ଧି ରୋକିବାକୁ ଡ୍ରୋନ ବ୍ୟବହାର କରିବ ବୋଲି ମେୟର ସୁଲୋଚନା ଦାସ ସୂଚନା ଦେଇଛନ୍ତି। ରାଜଧାନୀରେ ବଢୁଥିବା ଡେଙ୍ଗୁ ସଂଖ୍ୟାକୁ ନଜରରେ ରଖି ମଶା ଉତ୍ପତ୍ତି ସ୍ଥାନ ବିଶେଷକରି ସହରର ଅପହଞ୍ଚ ଜଳଉତ୍ସ ଗୁଡିକରେ ଡ୍ରୋନ ମାଧ୍ୟମରେ ମଶାମରା ରାସାୟନିକ ସ୍ପ୍ରେ କରାଯିବ। ଅଗଷ୍ଟ ୧୫ ପରେ ଏହି ବ୍ୟବସ୍ଥା ଲାଗୁ କରାଯିବା ନେଇ ମେୟର ସୂଚନା ଦେଇଛନ୍ତି। ଗତବର୍ଷ ଲକ୍ଷଲକ୍ଷ ଟଙ୍କା ଖର୍ଚ୍ଚ କରି ଡ୍ରୋନ୍ ଅଣାଯାଇଥିଲା। ପ୍ରଥମେ ପରୀକ୍ଷାମୂଳକ ଭାବେ ଏବଂ ପରେ ହାତଗଣତି କେତେକ ସ୍ଥାନରେ ଏବଂ ପୋଖରୀ କେନାଲରେ କୀଟନାଶକ ସିଞ୍ଚନ କରାଗଲା। ଏଥିରେ ମଶା ନ ମରିବାରୁ ବିଭିନ୍ନ ଆଡୁ ଅଭିଯୋଗ ଓ ସମାଲୋଚନା ପରେ ଡ୍ରୋନ୍ ଉଡାଣକୁ ଅଧାରୁ ବନ୍ଦ କରାଯାଇଥିଲା। ଏପରିକି ଆକାଶମାର୍ଗରେ ଡ୍ରୋନ୍ ଉଡାଣ ନେଇ ଅନୁମତି ନିଆଯାଇ ନ ଥିବାରୁ ଭାରତୀୟ ବିମାନବନ୍ଦର ପ୍ରାଧିକରଣ (ଏଆଇଏ) ବିଏମ୍‌ସିକୁ ନୋଟିସ୍ ମଧ୍ୟ ଜାରି କରିଥିଲେ। ତେବେ ବିଫଳତା ପରେ ପୁଣି କାହିଁକି ବିଏମ୍‌ସି ଡ୍ରୋନ ଉଡାଣକୁ ପ୍ରାଧାନ୍ୟ ଦେଉଛି ତାହାକୁ ନେଇ ପ୍ରଶ୍ନ ଉଠିଛି। ଏପରି ସ୍ଥିତିରେ ସହରରେ ବଢୁଥିବା ଡେଙ୍ଗୁ ସଂକ୍ରମଣ ରୋକିବାକୁ ସଚେତନ ରହିବା ପାଇଁ ଅତିରିକ୍ତ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ଅନ୍ତର୍ଯ୍ୟାମୀ ମିଶ୍ର ପରାମର୍ଶ ଦେଇଛନ୍ତି। ସେହିପରି ସହରରେ ଦୈନିକ ୨୬୦ରୁ ୩ଶହ ଟେଷ୍ଟିଂ ହେଉଥିବାବେଳେ ସେଥିରୁ ୪୦ରୁ ୫୦ ଭିତରେ ପଜିଟିଭ୍ ବାହାରୁଥିବା ସେ କହିଛନ୍ତି। ତେବେ ସ୍ଥିତି ଆୟତ୍ତରେ ଥିବାରୁ ଭୟଭୀତ ନ ହେବା ପାଇଁ ଡା. ମିଶ୍ର କହିଛନ୍ତି।

## ବିଏମ୍‌ସିକୁ ଏବେ ଡ୍ରୋନ୍ ଭରସା





### କମିଶନରଙ୍କ ଜରିମାନା ନିୟମକୁ ନେଇ ଅସନ୍ତୋଷ

ବିଏମ୍‌ସି କମିଶନର ବିଜୟ ଅମୃତା କୁଲାଙ୍ଗେଙ୍କ ଅଜବ ନିୟମକୁ ନେଇ ସହରବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ମଶା ବଂଶ ବୃଦ୍ଧିପାଇଁ ସୁଯୋଗ ସୃଷ୍ଟିକରିଥିବା ବା ଘର କିମ୍ବା ଆଖପାଖ ସ୍ଥାନରେ ପାଣି ଜମି ରହିଲେ ଘର ମାଲିକଙ୍କଠାରୁ ୧ହଜାର ଟଙ୍କା ଏବଂ ବ୍ୟବସାୟିକ ପ୍ରତିଷ୍ଠାନଠାରୁ ୫ହଜାର ଟଙ୍କା ଜରିମାନା ଆଦାୟ କରାଯିବ ବୋଲି କମିଶନର ନିର୍ଦ୍ଦେଶ ଦେଇଛନ୍ତି। ବିଏମ୍‌ସି ସହରକୁ ସଫା ରଖି ପାରୁ ନ ଥିବାବେଳେ ଲୋକଙ୍କଠାରୁ ଟଙ୍କା ଆଦାୟ ପାଇଁ ଏଭଳି ଭେଳିକି କରୁଥିବା ସାଧାରଣରେ ମତପ୍ରକାଶ ପାଇଛି।

## ସଂକ୍ଷେପରେ

### ଅଞ୍ଚଳବାସୀଙ୍କ ସମସ୍ୟା ଶୁଣିଲେ ବିଧାୟକ

ଭୁବନେଶ୍ୱର, ୧୧।୮ (ବନ୍ଦନା ସେଠୀ)

ମଧ୍ୟ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୱାର୍ଡ଼ ନଂ. ୩୯ ଅଧୀନ ଶାସ୍ତ୍ରୀନଗର, ନୂଆସାହି ଓ ବାଲିତୋଟାସାହିର ବିଭିନ୍ନ ସମସ୍ୟାର ସମାଧାନ ନିମନ୍ତେ ଶାସ୍ତ୍ରୀନଗର କମ୍ୟୁନିଟି ହଲ୍‌ରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଆଲୋଚନାରେ ଟିପିସିଓଡିଏଲ୍, ବିଏମ୍‌ସିର ରୋଡ୍ ଓ ଡ୍ରେନ୍, ଆର୍‌ଆଣ୍ଡ୍‌ବି ରୋଡ୍, ସ୍ୱେରେଜ ଓ ୱାଟ୍‌କୋ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ଏଥିରେ ସ୍ଥାନୀୟ ଅଞ୍ଚଳବାସୀ ଉପସ୍ଥିତ ରହି ବିଭିନ୍ନ ସମସ୍ୟା ଉପସ୍ଥାପନ କରିଥିଲେ। ଖୁବ୍‌ଶୀଘ୍ର ସମସ୍ୟାର ସମାଧାନ କରିବା ନେଇ ବିଭାଗୀୟ ଅଧିକାରୀମାନେ ବିଧାୟକଙ୍କ ଉପସ୍ଥିତିରେ ଅଞ୍ଚଳବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଶାସ୍ତ୍ରୀନଗର ବରିଷ୍ଠ ନାଗରିକ ମଞ୍ଚର ସଭାପତି ଗିରିଜାନନ୍ଦନ ମହାନ୍ତି, ସାଧାରଣ ସମ୍ପାଦକ ଅଭିରାମ ଜେନା, ଶାସ୍ତ୍ରୀନଗର ଉନ୍ନୟନ ପରିଷଦର ସଭାପତି ହରିହର ସାହୁ, ଉପସଭାପତି କୁନା ଦାଶ, ଅଶୋକ ବେହେରା, ମଧ୍ୟ ବିଧାୟକଙ୍କ ପ୍ରତିନିଧି ତଥା ବିଜେଡି ଭୁବନେଶ୍ୱର ସାଙ୍ଗଠନିକ ଜିଲ୍ଲା ଉପସଭାପତି ମିଳନ ପାଇକରାୟ ପ୍ରମୁଖ ଉପସ୍ଥିତ ଥିଲେ।

### ଲୋକନୃତ୍ୟ ଜରିଆରେ ଏଡ୍‌ସ ସଚେତନତା କର୍ମଶାଳା

ଭୁବନେଶ୍ୱର, ୧୧।୮ (ଅସମାପିକା ସାହୁ)

ରାଜ୍ୟର ଗ୍ରାମାଞ୍ଚଳରେ ଲୋକନୃତ୍ୟ ଜରିଆରେ ଏଚ୍‌ଆଇଭି/ଏଡ୍‌ସ ସମ୍ପର୍କିତ ଜନସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଓଡ଼ିଶା ରାଜ୍ୟ ଏଡ୍‌ସ ନିୟନ୍ତ୍ରଣ ସମିତି ପକ୍ଷରୁ ଦୁଇଦିନିଆ ପ୍ରଶିକ୍ଷଣ କର୍ମଶାଳା ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ସ୍ୱୀକୃତିପ୍ରାପ୍ତ କଳାକାର ଦଳଙ୍କୁ ନେଇ ଏକ ସାଧାରଣ ମାନର ସୂଚନାବଳୀ ପ୍ରସ୍ତୁତ କରିବା ଉଦ୍ଦେଶ୍ୟରେ ଏହି ପ୍ରଶିକ୍ଷଣ କର୍ମଶାଳା ଆୟୋଜନ କରାଯାଇଛି। ଏହି କାର୍ଯ୍ୟକ୍ରମ ଅନୁଗୋଳ, ବାଲେଶ୍ୱର, ବଲାଙ୍ଗୀର, ଗଞ୍ଜାମ, ଖୋର୍ଦ୍ଧା, କୋରାପୁଟ, ନବରଙ୍ଗପୁର, ଝାରସୁଗୁଡ଼ା ଓ କଟକ ଆଦି ୯ଟି ଜିଲାରେ କରାଯିବ। ସ୍ୱୀକୃତିପ୍ରାପ୍ତ ଦଳଙ୍କୁ ନେଇ ବିଭିନ୍ନ ଜିଲାର ଗ୍ରାମାଞ୍ଚଳରେ ଜନସଚେତନତା କାର୍ଯ୍ୟକ୍ରମ ହେବ। ଏଥିରେ ପାଲା, ଦାସକାଠିଆ, ଘୋଡ଼ାନାଚ, ପପେଟ, ପଥପ୍ରାନ୍ତ ନାଟକ ଆଦି ଲୋକନୃତ୍ୟ ଦଳ ସାମିଲ ହେବେ। ଗ୍ରାମାଞ୍ଚଳରେ ଜନସଚେତନତା କ୍ଷେତ୍ରରେ ପାରମ୍ପରିକ ଲୋକନୃତ୍ୟର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହା ମାଧ୍ୟମରେ ଦିଆଯାଉଥିବା ସୂଚନା ଲୋକଙ୍କ ମଧ୍ୟରେ ଆଦୃତ ହେବା ସହ ସହଜରେ ଗ୍ରହଣୀୟ ହୋଇଥାଏ ବୋଲି ସମିତି ପକ୍ଷରୁ କୁହାଯାଇଛି।

## ମରଣାନ୍ତକ ଆକ୍ରମଣ କରି ଯୁବକ ଗିରଫ

ବାରଙ୍ଗ, ୧୧।୮ (ଲିଙ୍ଗରାଜ ରାଉତ)

ବାରଙ୍ଗ ଥାନା ମଧୁବନ ଗ୍ରାମର ପ୍ରକାଶ ରାଉତଙ୍କୁ ମରଣାନ୍ତକ ଆକ୍ରମଣ ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ମଧୁବନ ଗ୍ରାମର ଜିତେନ୍ଦ୍ର ମାଝୀ ଓରଫ ଜିତୁ(୩୫)। ଏ ନେଇ ପୋଲିସ ଏକ ମାମଲା(ନଂ.୨୫୨/୨୩) ରୁଜୁ କରି ତଦନ୍ତ ଚଳାଇଛି। ଗତ ସୋମବାର କୌଣସି କାରଣକୁ ନେଇ ପ୍ରକାଶଙ୍କ ସହ ଜିତୁଙ୍କର ଯୁକ୍ତିତର୍କ ହୋଇଥିଲା। ଫଳରେ ଜିତୁ ଉତ୍ତ୍ୟକ୍ତ ହୋଇ ଏକ ଲୁହା ରଡ଼ରେ ପ୍ରକାଶଙ୍କୁ ମରଣାନ୍ତକ ଆକ୍ରମଣ କରି ଲହୁଲୁହାଣ କରିଦେଇଥିଲେ। ଏଥିରେ ତାଙ୍କର ମୁହଁରେ ଗଭୀର ଆଘାତ ଲାଗିଥିଲା। ପରିବାର ଲୋକେ ପ୍ରକାଶଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଏ ନେଇ ଥାନାରେ ଅଭିଯୋଗ ପରେ ଅଭିଯୁକ୍ତ ଜିତୁ ଫେରାର ହୋଇଯାଇଥିଲେ। ଅଭିଯୁକ୍ତ ଜିତୁଙ୍କୁ ଶୁକ୍ରବାର ପୋଲିସ ଗିରଫ କରିବା ସହ ଆକ୍ରମଣରେ ବ୍ୟବହୃତ ଲୁହା ରଡ଼କୁ ଜବତ କରିଛି। ପୂର୍ବରୁ ଜିତୁଙ୍କ ନାମରେ ୬ଟିରୁ ଊର୍ଦ୍ଧ୍ୱ ଆପରାଧିକ ମାମଲା ରହିଥିବାର ଥାନା ଅଧିକାରୀ ଆକାଶ ଚନ୍ଦ୍ର ରଣା ସୂଚନା ଦେଇଛନ୍ତି।





ଗୀତଗୋବିନ୍ଦ ସଦନଠାରେ ଶୁକ୍ରବାର ଆୟୋଜିତ ବର୍ଷା ଉତ୍ସବରେ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି। (ମୌସମ୍ ନନ୍ଦ)

## ୩ ଜଣ ପାଇଲେ ପ୍ରଥମ ‘ବର୍ଷା ସମ୍ମାନ’

ଭୁବନେଶ୍ୱର, ୧୧।୮ (ଶର୍ମିଷ୍ଠା ପାଣିଗ୍ରାହୀ)

ବର୍ଷା ପବ୍ଲିକେସନ୍ ପକ୍ଷରୁ ଶୁକ୍ରବାର ଗୀତଗୋବିନ୍ଦ ସଦନଠାରେ ପ୍ରଥମ ବର୍ଷା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରଥମ ‘ବର୍ଷା ସମ୍ମାନ-୨୦୨୩’ ପ୍ରଦାନ କରାଯାଇଥିଲା। ‘ବର୍ଷା କଥା ସମ୍ମାନ’ ପାଇଁ କଥାକାର ପ୍ରଦୀପ୍ତ କୁମାର ମିଶ୍ରଙ୍କ ଗଳ୍ପ ପୁସ୍ତକ ‘ଛଦ୍ମଘଟ’, ବର୍ଷା କବିତା ସମ୍ମାନ ପାଇଁ କବି ସତ୍ୟବାଦୀ ରାଉତଙ୍କ କବିତା ପୁସ୍ତକ ‘ମୁଁ ନ ଥିବି ଏ ନଈ ଥିବ’ ଏବଂ ବର୍ଷା ଉନ୍ମେଷ ସମ୍ମାନ ପାଇଁ ଯୁବ କବି ତପନ କୁମାର ବାରିକଙ୍କ କବିତା ପୁସ୍ତକ ‘କେଇ ଫର୍ଦ ଜହ୍ନରାତି’କୁ ପୁରସ୍କୃତ କରାଯାଇଥିଲା। ଉତ୍ସବରେ ଆଲୋଚକ ଅଜୟ ସ୍ୱାଇଁ, ଶ୍ରୀଦେବ, କେଦାର ମିଶ୍ର, ସ୍ୱପ୍ନା ମିଶ୍ର, ପବିତ୍ର ମୋହନ କର ଏବଂ ଶରତ ଚନ୍ଦ୍ର କର ଉପସ୍ଥିତ ରହି ଆଶୀର୍ବଚନ ପ୍ରଦାନ କରିଥିଲେ। ଏହାପରେ ବର୍ଷା ପବ୍ଲିକେଶନ ପକ୍ଷରୁ ପ୍ରକାଶିତ ପୁସ୍ତକ କବି ଦେବବ୍ରତ ଜେନାଙ୍କ କବିତା ପୁସ୍ତକ ‘ଏଡ଼ୱାର୍ଡ଼ର ମୁହଁ, କବି ସତ୍ୟ ସାହୁଙ୍କ କବିତା ପୁସ୍ତକ ‘ମାଟି ଘୁଙ୍ଗୁର’, କବି ପ୍ରିୟଙ୍କା ପ୍ରିୟଦର୍ଶନୀ ଦାସଙ୍କ ‘କିଛି କଥା କହିହୁଏ ଆଉ କିଛି ବାକି ରହେ’, କଥାଶିଳ୍ପୀ ସୁସ୍ମିତା ପଟେଲଙ୍କ ଉପନ୍ୟାସ ‘ଅନ୍ତହୀନ ପ୍ରତୀକ୍ଷା’, ଗଳ୍ପ ପୁସ୍ତକ ‘ଡାଏରୀ, ଚିନ୍ମୟୀ ପଣ୍ଡାଙ୍କ ଗଳ୍ପ ପୁସ୍ତକ ‘ଜୀବନ ହଜିବା ପାଇବା ଭିତରେ’, କବି ବାଦଲ ମହାନ୍ତିଙ୍କ ସ୍ମୃତିଲେଖ ‘କଲମର କୁହୁ’, ‘ମୋ ମନର ଯେତେକଥା’, ଉପନ୍ୟାସ ‘ମାଇଚିଆ’ ଓ ‘ମାୟାମଞ୍ଚ’ ଏବଂ ସମୀର କରଙ୍କ ଆତ୍ମ ଅନୁଶୀଳନଭିତ୍ତିକ ପୁସ୍ତକ ‘ଏକ ଭିନ୍ନ ଚିନ୍ତନ’ ଉନ୍ମୋଚିତ ହୋଇଥିଲା। ଦ୍ୱିତୀୟ ଅଧିବେଶନରେ ପାରମ୍ପରିକ ସାହିତ୍ୟକୁ ନେଇ ଆଲୋଚନା କରାଯାଇଥିଲା। ଉକ୍ତ ଆଲୋଚନାରେ ଅଭିମନ୍ୟୁ ସାମନ୍ତସିଂହାରଙ୍କ ‘ବିଦଗ୍ଧ ଚିନ୍ତାମଣି’ ଉପରେ ବିଶିଷ୍ଟ ଆଲୋଚକ ଅସିତ ମହାନ୍ତି, କବିସୂର୍ଯ୍ୟ ବଳଦେବଙ୍କ ‘କିଶୋର ଚନ୍ଦ୍ରାନନ୍ଦ ଚମ୍ପୂ’ ଉପରେ ଆଲୋଚକ ଅଜୟ ସ୍ୱାଇଁ, ବଳରାମ ଦାସଙ୍କ ‘ଭାବ ସମୁଦ୍ର’ ଉପରେ ଆଲୋଚକ ସନ୍ତୋଷ ରଥ, ଭକ୍ତ ଦାସଙ୍କ ‘ମଥୁରା ମଙ୍ଗଳ’ ଉପରେ ଆଲୋଚକ କେଦାର ମିଶ୍ର ଏବଂ ଦୀନକୃଷ୍ଣ ଦାସଙ୍କ ‘ରସ କଲ୍ଲୋଳ’ ଉପରେ ଯୁବ ଆଲୋଚକ ଆଲୋକ ରଞ୍ଜନ ଷଡ଼ଙ୍ଗୀ ଆଲୋଚନା କରିଥିଲେ। ଅଭିନେତ୍ରୀ ମଧୁମିତା ମହାନ୍ତି ସଭା ପରିଚାଳନା କରିଥିବା ବେଳେ ଯୁବ କବି ଓ ପ୍ରାବନ୍ଧିକ ପରଂବ୍ରହ୍ମ ତ୍ରିପାଠୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପ୍ରକାଶନୀ ସଂସ୍ଥାର ନିର୍ଦ୍ଦେଶକ ବାଦଲ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ଆଜି ନନ୍ଦନକାନନରେ ବିଶ୍ୱ ହସ୍ତୀ ଦିବସ

ବାରଙ୍ଗ, ୧୧।୮ (ଲିଙ୍ଗରାଜ ରାଉତ)

ନନ୍ଦନକାନନ ପ୍ରାଣୀ ଉଦ୍ୟାନ ଅଷ୍ଟମଥର ପାଇଁ ଶନିବାର ବିଶ୍ୱହସ୍ତୀ ଦିବସ ପାଳନ କରିବାକୁ ଯାଉଛି। ଏ ନେଇ ନନ୍ଦନକାନନ କର୍ତ୍ତୃପକ୍ଷଙ୍କ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ପ୍ରାଣୀ ଉଦ୍ୟାନରେ ରହୁଥିବା ହାତୀ ବାସନ୍ତୀ, ହୀରା, ମାମା, ଅଭିଙ୍କୁ ନେଇ ଏହି ଉତ୍ସବ ପାଳନ କରାଯିବ। ଏମାନଙ୍କୁ ସକାଳୁ ହାତୀଗାଧୁଆ ପୋଖରୀରେ ସ୍ନାନ କରାଇ ହାତୀଶାଳକୁ ନିଆଯିବ। ଉକ୍ତ ଉତ୍ସବରେ ୪ଟି ହାତୀ ମଧ୍ୟରୁ ସାଢେ ତିନି ମାସର ହାତୀ ଶାବକ ଅଭି ମୁଖ୍ୟ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିବ। ଆଖପାଖ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ଚିତ୍ରାଙ୍କନ ପ୍ରତିଯୋଗିତା ସହ ପର୍ଯ୍ୟଟକ ଓ କର୍ମଚାରୀଙ୍କୁ ନେଇ ଦସ୍ତଖତ ଅଭିଯାନ କରାଯିବ। ପରେ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀ ଓ ହାତୀ ମାହୁନ୍ତଙ୍କୁ ପୁରସ୍କୃତ କରାଯିବ। ଅନଲାଇନରେ ପେଣ୍ଟିଂପ୍ରତିଯୋଗିତାରେ ଜୁନିୟର ବିଭାଗ ପାଇଁ ଆମ ସଂସ୍କୃତିରେ ହାତୀ ଓ ସିନିୟର ବିଭାଗ ପାଇଁ ଆମ ଇକୋସିଷ୍ଟମରେ ହାତୀ ଓ ଅନଲାଇନ ସ୍ଲୋଗାନରେ ସବୁବର୍ଗୀୟ ଲୋକ ସାମିଲ ହୋଇପାରିବେ। ସେମାନେ ୨୦ଶବ୍ଦରେ ସ୍ଲୋଗାନ ଲେଖି ନନ୍ଦନକାନନ ୱେବସାଇଟ୍‌ରେ ଅପଲୋଡ୍ କରିପାରିବେ ବୋଲି ଉପ-ନିର୍ଦ୍ଦେଶକ ସନତ କୁମାର କହିଛନ୍ତି।

## ଆବର୍ଜନା ଗଦାଇ ୫୦ହଜାର ଲେଖାଏ ଜରିମାନା ଗଣିଲେ ୩ ବ୍ୟବସାୟିକ ପ୍ରତିଷ୍ଠାନ

ଭୁବନେଶ୍ୱର, ୧୧।୮ (ବନ୍ଦନା ସେଠୀ)

ନିଜ ଆଖପାଖ ଅଞ୍ଚଳ ଅପରିଷ୍କାର କରିବା ସହ ବାହାରେ ଆବର୍ଜନା ଗଦା କରିବା ୩ଟି ବ୍ୟବସାୟିକ ପ୍ରତିଷ୍ଠାନକୁ ମହଙ୍ଗା ପଡିଛି। ଏଥିପାଇଁ ବିଏମ୍‌ସି ପକ୍ଷରୁ ଡମଣା ଅଞ୍ଚଳରେ ଥିବା ଓଲା ଇଲେକ୍ଟ୍ରିକ୍ ଟେକ୍ ପ୍ରାଇଭେଟ୍ ଲିମିଟେଡ୍, ଅଲିଭ୍ କାଫେ ଏବଂ ଏଫ୍‌ଏଲ୍ ଅଫ୍ ସପକୁ ୫୦ହଜାର ଟଙ୍କା ଲେଖାଏ ତଣ୍ଡ ଗଣିବାକୁ ପଡିଛି। ବାରମ୍ବାର ତାଗିଦ୍ ଓ ସଚେତନ କରାଯିବା ସତ୍ତ୍ୱେ ସମ୍ପୃକ୍ତ ବ୍ୟବସାୟିକ ପ୍ରତିଷ୍ଠାନ ଖୋଲା ସ୍ଥାନରେ ଆବର୍ଜନା ଗଦା କରୁଥିଲେ। ଏହାଦ୍ୱାରା ପରିବେଶ ଦୂଷିତ ହେବା ସହ ଯାତାୟାତ କରୁଥିବା ଲୋକଙ୍କ ପାଇଁ ସମସ୍ୟା ସୃଷ୍ଟି କରୁଥିଲା। ଖବର ପାଇ ବିଏମ୍‌ସିର ଏନ୍‌ଫୋର୍ସମେଣ୍ଟ ଟିମ୍ ପକ୍ଷରୁ ଚଢାଉ କରି ୩ଟି ଯାକ ବ୍ୟବସାୟିକ ପ୍ରତିଷ୍ଠାନଠାରୁ ଜରିମାନା ଆଦାୟ କରାଯାଇଥିବା ସୂଚନା ଦିଆଯାଇଛି।

## ଆତ୍ମହତ୍ୟା ପ୍ରବଣତା ରୋକିବ ‘ଷ୍ଟ୍ରାଇଡ୍’





ଭୁବନେଶ୍ୱର, ୧୧।୮ (ସୂର୍ଯ୍ୟକାନ୍ତ ବେହେରା)

ରାଜଧାନୀରେ ବଢୁଥିବା ଆତ୍ମହତ୍ୟା ଘଟଣାରେ ରୋକ ଲଗାଇବାକୁ କମିଶନରେଟ ପୋଲିସ ପକ୍ଷରୁ ନୂଆ ପଦକ୍ଷେପ ଆରମ୍ଭ ହେବାକୁ ଯାଉଛି। ଏନେଇ ପୋଲିସ ସେବା ଭବନରେ ଶୁକ୍ରବାର ଷ୍ଟ୍ରାଇଡ୍ (ସୁଇସାଇଡ୍ ପ୍ରିଭେନଶନ ଥ୍ରୁ ଟାର୍ଗେଟେଡ୍ ପଲିସି ରିଫର୍ମସ, ସିଷ୍ଟମେଟିକ ରି ଷ୍ଟ୍ରକ୍ଚରିଂ, ଇଣ୍ଟିଗ୍ରେଶନ ଅଫ ଇନୋଭେଟିଭ ଡିରେକ୍ଟିଭସ ଆଣ୍ଡ ଆକ୍ଟିଭ ଏନ୍‌ଗେଜମେଣ୍ଟ) ପ୍ରକଳ୍ପ ଶୁଭାରମ୍ଭ କରାଯାଇଛି। ଏଥିପାଇଁ କମିଶନରେଟ ପୋଲିସ, ସେଣ୍ଟର ଫର ମେଣ୍ଟାଲ ହେଲଥ ‘ଲ’ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ, ଅତିରିକ୍ତ ପୋଲିସ କମିଶନର ଉମାଶଙ୍କର ଦାସ, ଡିସିପି ପ୍ରତୀକ ସିଂ ଓ କଟକ ଡିସିପି ପିନାକ ମିଶ୍ରଙ୍କ ସମେତ ସେଣ୍ଟର ଫର ମେଣ୍ଟାଲ ହେଲ୍‌ଥର ନିର୍ଦ୍ଦେଶକ ଡ. ସୌମିତ୍ର ପାଥରେ, କ୍ୟାପିଟାଲ ହସ୍ପିଟାଲ ନିର୍ଦ୍ଦେଶକ ଡ. ଲକ୍ଷ୍ମୀଧର ସାହୁ ଏବଂ ଉଚ୍ଚଶିକ୍ଷା ବିଭାଗର ପ୍ରତିନିଧି ସ୍ମୃତିମୟୀ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## ହର୍ ଘର୍ ତ୍ରିରଙ୍ଗା ୨.୦ ଶୁଭାରମ୍ଭ

ପୁରୁଣା ଭୁବନେଶ୍ୱର, ୧୧।୮ (ସୁବାସ ଚନ୍ଦ୍ର ପ୍ରଧାନ)

### ଭାଜପା ଯୁବମୋର୍ଚ୍ଚାର ବାଇକ୍ ଶୋଭାଯାତ୍ରା

କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶକ୍ରମେ ଆରମ୍ଭ ହୋଇଛି ହର ଘର ତ୍ରିରଙ୍ଗା ୨.୦ କାର୍ଯ୍ୟକ୍ରମ। ୭୭ତମ ସ୍ୱାଧୀନତା ଦିବସ ପାଳନ ଉପଲକ୍ଷେ ସାରା ଦେଶକୁ ତ୍ରିରଙ୍ଗାରେ ରଙ୍ଗେଇ ଦେବା ପାଇଁ ଆରମ୍ଭ ହୋଇଛି ହର ଘର ତ୍ରିରଙ୍ଗା। ସ୍ୱାଧୀନତା ଦିବସ ଉପଲକ୍ଷେ ଦେଶର ଦାୟିତ୍ୱବାନ ନାଗରିକ ଭାବରେ ନିଜ ଘରେ ବା ଅଫିସରେ ତ୍ରିରଙ୍ଗା ପତାକାକୁ ସମ୍ମାନ ଦେବାକୁ ଆହ୍ୱାନ ଦେଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଯାହା ଦ୍ୱାରା ଦେଶର ପ୍ରତିଟି ପରିବାର ଏବଂ ପ୍ରତ୍ୟେକ ନାଗରିକ ସ୍ୱାଧୀନ ବୋଲି ବାର୍ତ୍ତା ପହଞ୍ଚିପାରିବ। ତେଣୁ ଗତବର୍ଷ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିବା ବେଳେ ଚଳିତବର୍ଷ ମଧ୍ୟ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଶୁକ୍ରବାରଠାରୁ ସ୍ୱାଧୀନତା ଦିବସ ପର୍ଯ୍ୟନ୍ତ ସ୍ୱାଧୀନ ଭାରତର ଗାଥା ଗାଇ ସାରା ଦେଶରେ ହର ଘର ତ୍ରିରଙ୍ଗା କ୍ୟାମ୍ପେନ ଜାରି ରହିବ। ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱର ସାଂଗଠନିକ ଜିଲା ଭାଜପା ଯୁବ ମୋର୍ଚ୍ଚା ପକ୍ଷରୁ ଶିଶୁଭବନ ଛକରୁ ରାମ ମନ୍ଦିର ପର୍ଯ୍ୟନ୍ତ ଏକ ବିଶାଳ ବାଇକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଶିଶୁ ଭବନ ଛକରୁ ତ୍ରିରଙ୍ଗା ପତାକା ଧରି ଭାରତ ମାତା କି ଜୟ ନାରା ଦେଇ ଶତାଧିକ ବାଇକ୍‌ରେ ଯୁବ ମୋର୍ଚ୍ଚାର କାର୍ଯ୍ୟକର୍ତ୍ତା ଶୋଭାଯାତ୍ରାରେ ଯାଇଥିଲେ। ଶୋଭାଯାତ୍ରାରେ ଭୁବନେଶ୍ୱର ସାଂଗଠନିକ ଜିଲା ଭାଜପା ସଭାପତି ବାବୁ ସିଂ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜଗନ୍ନାଥ ପ୍ରଧାନ, ରାଜ୍ୟ ଯୁବ ମୋର୍ଚ୍ଚା ସଭାପତି ଅଭିଲାଷ ପଣ୍ଡା, ଭୁବନେଶ୍ୱର ଯୁବ ମୋର୍ଚ୍ଚା ସଭାପତି ସ୍ୱୟଂ ସେବକ ରାୟ, ମନୋଜ ପଶ୍ଚିମ କବାଟ, ଚଣ୍ଡି ପ୍ରସାଦ ବେହେରା, ଶାଶ୍ୱତ ଯୁବ ନାୟକ, ମୋର୍ଚ୍ଚା ମଣ୍ଡଳ ସଭାପତି ଜ୍ଞାନରଞ୍ଜନ ମହାନ୍ତି, ପ୍ରଭାତ ମଲ୍ଲିକ, ଜଗବନ୍ଧୁ ସ୍ୱାଇଁ, ସ୍ୱାଗତ ମହାପାତ୍ର, ଜିଲ୍ଲା ଯୁବ ମୋର୍ଚ୍ଚା ସମ୍ପାଦକ ସତ୍ୟ ପ୍ରକାଶ ରାଉତ, ସାନ୍ତୁନୁ ଦାସ, ଅନିଲ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ।



ହର୍ ଘର୍ ତ୍ରିରଙ୍ଗା ୨.୦ ଶୁଭାରମ୍ଭ ଶିଶୁଭବନ ଛକରୁ ରାଜ୍ୟ ଭାଜପା କାର୍ଯ୍ୟାଳୟ ପର୍ଯ୍ୟନ୍ତ ବାହାରିଥିବା ବାଇକ୍ ଶୋଭାଯାତ୍ରା। (ଫଟୋ: ବିକାଶ ନାୟକ)

## ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ ପାଇଁ ଅଭ୍ୟାସ ପରେଡ୍

### ଗ୍ୟାସ୍ ବେଲୁନ ବିକ୍ରି ମନା, ୧ ହଜାର ଟଙ୍କା ପର୍ଯ୍ୟନ୍ତ ଜରିମାନା

ଭୁବନେଶ୍ୱର, ୧୧।୮ (ସୂର୍ଯ୍ୟକାନ୍ତ ବେହେରା)

ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ କାର୍ଯ୍ୟକ୍ରମ ମଙ୍ଗଳବାର ୟୁନିଟ୍-୩ ସ୍ଥିତ ପ୍ରଦର୍ଶନୀ ପଡିଆରେ ଅନୁଷ୍ଠିତ ହେବ। ଏଥିପାଇଁ ଶୁକ୍ରବାର ଅପରାହ୍ଣ ୩ଟାରୁ ଅଭ୍ୟାସ ପରେଡ଼ ଆରମ୍ଭ ହୋଇଛି। ଏଥିରେ ସ୍ପେଶାଲ ସିକ୍ୟୁରିଟି ବାଟାଲିୟନ, ଓଡିଶା ଷ୍ଟେଟ୍ ଆର୍ମଡ୍ ପୋଲିସ (ଓଏସ୍‌ଏପି), ଓଡ୍ରାଫ ଟିମ୍, ଛତିଶଗଡ ପୋଲିସ, ବ୍ୟାଣ୍ଡ୍ ଟିମ୍ ସାମିଲ ହୋଇଥିଲେ। ଏହି ଅଭ୍ୟାସ ପରେଡ଼ ୧୩ ତାରିଖ ଯାଏ ଚାଲିବ। ସେହିପରି ୧୨ ତାରିଖ ଅପରାହ୍ଣ ୩ଟା ଓ ୧୩ ତାରିଖ ସକାଳ ୯ଟାରେ ପରେଡ଼ ଅଭ୍ୟାସ ହେବ। ଅନ୍ୟପକ୍ଷରେ ସ୍ୱାଧୀନତା ଦିବସ ପରେଡ଼ ଦେଖିବାକୁ ଲୋକଙ୍କ ଭିଡ ହେବା ସମ୍ଭାବନା ରହିଛି। ଏହାକୁ ସର୍ବସାଧାରଣଙ୍କ ଯାତାୟାତ ଓ ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସର ସୁରକ୍ଷାକୁ ଦୃଷ୍ଟିରେ ରଖି କେତେକ କଟକଣା ଲାଗୁ କରିଯାଇଛି। ୧୫ ତାରିଖ ସକାଳ ସାଢେ ୬ଟାରୁ ପରେଡ଼ ସରିବା ପର୍ଯ୍ୟନ୍ତ କୌଣସି ଗାଡି ରାମ ମନ୍ଦିର ଛକଠାରୁ ହାଉସିଂ ବୋର୍ଡ ଛକ (ଏମ୍‌ବିଏସ୍ ସ୍କୁଲରୁ ସେଣ୍ଟ ଯୋସେଫ ସ୍କୁଲ) ରାସ୍ତା ଦେଇ ଯାଇପାରିବେ ନାହିଁ। ସେହିପରି ହାଉସିଂ ବୋର୍ଡ ଛକ ପଟୁ ରାମ ମନ୍ଦିର ଛକ ଆଡ଼କୁ ଯିବାକୁ ଚାହୁଁଥିବା ଯାନବାହନଗୁଡ଼ିକ ଏମ୍‌ବିଏସ୍ ସ୍କୁଲ ଗଳି ରାସ୍ତା ବାଟେ କେନ୍ଦ୍ରୀୟ ବିଦ୍ୟାଳୟ ରାସ୍ତା ଦେଇ ଯାଇପାରିବେ। ଏହାସହ ଯେଉଁ ଗାଡ଼ିଗୁଡ଼ିକ ରାମ ମନ୍ଦିର ଛକ ପଟୁ ହାଉସିଂ ବୋର୍ଡ ଛକ ଆଡ଼କୁ ଯିବାକୁ ଚାହିଁବେ, ସେମାନେ ସେଣ୍ଟ ଜୋସେଫ ସ୍କୁଲ ଗଳି ରାସ୍ତାରେ ଯାଇ କେନ୍ଦ୍ରୀୟ ବିଦ୍ୟାଳୟ ରାସ୍ତା ଦେଇ ଯାଇପାରିବେ। ପିଏମ୍‌ଜି ଓ କେଶରୀ ଟକିଜ ପଟୁ ଆସୁଥିବା ସମସ୍ତ ଗାଡ଼ି ଚାର୍ଲି ହୋଟେଲଠାରୁ ସଚିବାଳୟ ମାର୍ଗ ଆଡ଼କୁ ଯାଇଥିବା ରାସ୍ତା ଦେଇ ଯାଇପାରିବେ। ସଚିବାଳୟ ମାର୍ଗକୁ ସଂଯୋଗ କରୁଥିବା ପ୍ରଦର୍ଶନୀ ପଡ଼ିଆର ଗେଟ ନମ୍ବର- ୧ ଏବଂ ଗେଟ ନମ୍ବର-୨ ସାମ୍ନାରେ ଥିବା ଗଳି ରାସ୍ତା ବନ୍ଦ ରହିବ। ହାଉସିଂ ବୋର୍ଡ ଓ ରାମ ମନ୍ଦିର ରାସ୍ତା ମଧ୍ୟରେ ଥିବା ଏମ୍‌ବିଏସ୍ ସ୍କୁଲଠାରୁ ସେଣ୍ଟ ଜୋସେଫ ସ୍କୁଲ ପର୍ଯ୍ୟନ୍ତ କୌଣସି ଯାନବାହାନ ଚଳାଚଳ କରିପାରିବ ନାହିଁ କିମ୍ବା ଏହାକୁ ସଂଯୋଗ କରୁଥିବା ସମସ୍ତ ଗଳି ରାସ୍ତା ଖୋଲା ରହିବ। ଏହାସହ ଏହି ସମୟରେ ଆଖପାଖରେ କେହି ଗ୍ୟାସ ବେଲୁନ ବିକ୍ରି କରିପାରିବେ ନାହିଁ। ନିୟମର ଖିଲାପ କଲେ ଓଡ଼ିଶା ଅର୍ବାନ ପୋଲିସ ଆକ୍ଟ ୨୦୦୩ ଧାରା ୯୬ ଅନୁସାରେ ୫୦୦ କିମ୍ବା ସର୍ବାଧିକ ୧୦୦୦ ଟଙ୍କାର ଜରିମାନା ଆଦାୟ କରାଯିବ।



ପ୍ରଦର୍ଶନୀ ପଡ଼ିଆରେ ଶୁକ୍ରବାର ଅନୁଷ୍ଠିତ ଅଭ୍ୟାସ ପରେଡ଼। (ଫଟୋ: ବିକାଶ ନାୟକ)

**ସଂକ୍ଷେପରେ**

## କୃମି ନାଶକ ବଟିକା ବଣ୍ଟନ

**ମାଣିଆବନ୍ଧ, ୧୧।୮ (ଅଖିଳ କୁମାର ସାହୁ):** ମାଣିଆବନ୍ଧ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଆନୁକୂଲ୍ୟରେ ମହୁଲିଆ ଉନ୍ନିତ ମଧ୍ୟ ଇଂଲିଶ୍ ବିଦ୍ୟାଳୟ ପରିସରରେ ଜାତୀୟ କୃମି ନାଶକ ଦିବସ ପାଳନ ହୋଇଯାଇଛି। ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀକ୍ଷକ ବିଶ୍ୱନାଥ ଆଧେକ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ କହିଥିଲେ, ଛାତ୍ରୀଛାତ୍ରମାନେ ଏବେ ବିଶେଷ ଭାବେ କୃମିଜନିତ ରୋଗରେ ପୀଡ଼ିତ ହେଉଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଉଦୟ ଜ୍ୟୋତି ମଲ୍ଲିକ, ଉଦୟ ରଞ୍ଜନ ଦାଶ, ବିପିଏମ୍ ସୁଚିତ୍ରା ଜେନା, ବିଡିଏମ୍ ସୁଭ୍ରାଂଗିନୀ ସାହୁ, ସ୍ୱାସ୍ଥ୍ୟକର୍ମୀ କିରଣବାଳା ବେହେରା ଯୋଗଦେଇ କୃମିନାଶକ ବଟିକା ବ୍ୟବହାର ଉପରେ ସାମୟିକ ସୂଚନା ଦେବା ସହ ସମସ୍ତ ଛାତ୍ରୀଛାତ୍ରଙ୍କୁ ବଟିକା ସେବନ କରାଇଥିଲେ। ଗୋଷ୍ଠୀଜନସ୍ୱାସ୍ଥ୍ୟ ଅଧିକାରୀ ଶରତ ଚନ୍ଦ୍ର ଖୁଣ୍ଟିଆ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷକ ରାଜେଶ ମଲ୍ଲିକ, ଶ୍ରୀନିବାସ ଦାସ, ବାସନ୍ତୀ ସାହୁ ଏଥିରେ ସହଯୋଗ କରିଥିଲେ।

## 'ତୃଣମୂଳସ୍ତରରୁ ବିଜେଡିକୁ ମଜଭୁତ କର'

**ବାଙ୍କୀ, ୧୧।୮ (ଜ୍ଞାନେନ୍ଦ୍ର ମୋହନ ମିଶ୍ର)**

ବାଙ୍କୀ ଏନ୍‌ଏସି ଅନ୍ତର୍ଗତ ୪ନଂ.ୱାର୍ଡ ବିଜେଡି ପକ୍ଷରୁ ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଶ୍ରୀଶ୍ରୀ ଅଖଣ୍ଡେଶ୍ୱରଙ୍କ ପୀଠରେ ଅନୁଷ୍ଠିତ ହୋଇଯାଇଛି। ଅଖଣ୍ଡେଶ୍ୱର ସେବା ସମବାୟ ସମିତି ସଭାପତି ତଥା ପୂର୍ବତନ କାଉନ୍‌ସିଲର ମେଘନାଦ ରାଉତ ଏଥିରେ ସଭାପତିତ୍ୱରେ କରିଥିଲେ। ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ସୁବାସ ଚନ୍ଦ୍ର ପାଢ଼ୀ, ନଗରପାଳ ମାଣିକ ସାହୁ, କଟକ ଜିଲା ବିଜେଡି ସାଧାରଣ ସମ୍ପାଦକ ସନାତନ ବେହେରା, ଉପନଗରପାଳ ସନ୍ତୋଷ କୁମର ରଣା ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଆଗାମୀ ସାଧାରଣ ନିର୍ବାଚନ ପୂର୍ବରୁ ବିଜେଡିକୁ ଶିଶୁଆ ଗ୍ରାମର ନଂ.୩ ଓ ୪ ୱାର୍ଡରୁ କିପରି ଅଧିକ ସଂଖ୍ୟକ ଭୋଟ ମିଳିବ ସେସମ୍ପର୍କରେ ଅତିଥିମାନେ ବିଭିନ୍ନ ପରାମର୍ଶ ଦେଇଥିଲେ। ବିପିନ ବିହାରୀ ବେହେରା, ପବିତ୍ରମୋହନ ମହାପାତ୍ର, ପଦ୍ମଲାଭ ବେହେରା, ବିଦ୍ୟାଧର ବାରିକ, ପୂର୍ବତନ କାଉନସିଲର ସୂର୍ଯ୍ୟମଣି ରାଉତ ପ୍ରମୁଖ ଉପସ୍ଥିତ ରହି ବିଜେଡିକୁ ତୃଣମୂଳସ୍ତରରୁ ମଜଭୁତ କରିବା ପାଇଁ କହିଥିଲେ।

## ଦାରିଦ୍ର୍ୟମୁକ୍ତ, ଉନ୍ନତ ଜୀବିକାଯୁକ୍ତ ପଞ୍ଚାୟତ ସମ୍ପର୍କିତ ତାଲିମ

**ରଘୁନାଥପୁର, ୧୧।୮ (ରାଜେନ୍ଦ୍ର ନାରାୟଣ ସିଂହ):** ରଘୁନାଥପୁର ବ୍ଲକ ସଭାକକ୍ଷରେ ଦାରିଦ୍ର୍ୟ ମୁକ୍ତ ଓ ଉନ୍ନତ ଜୀବିକାଯୁକ୍ତ ଗ୍ରାମପଞ୍ଚାୟତ ସମ୍ପର୍କରେ ତାଲିମ ପ୍ରଦାନ କରାଯାଉଛି। ୫ ଦିନ ବ୍ୟାପୀ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଦୀର୍ଘସ୍ଥାୟୀ ବିକାଶ ସମ୍ପର୍କରେ ଆଲୋଚନା ହେବ। ଏଥିରେ ୪ ପଞ୍ଚାୟତର ସରପଞ୍ଚ, ପ୍ରତି ପଞ୍ଚାୟତର ୪ ଜଣ ୱାର୍ଡସଭ୍ୟ ଆଶା, ଅଙ୍ଗନୱାଡ଼ି କର୍ମୀ ଓ ସହାୟିକା, ମହିଳା ସଂଘ ଏମ୍‌ବିକେ, ସିଆରପି, ପ୍ରାଣୀମିତ୍ର, ବ୍ୟାଙ୍କମିତ୍ର ଓ ଗୋମିତ୍ର ଏବଂ ସ୍କୁଲ ଶିକ୍ଷକ ଉପସ୍ଥିତ ରହି ତାଲିମ ନେଉଛନ୍ତି। ସେମାନଙ୍କୁ ବିଡିଓ, ଏବିଡିଓ, ଏସ୍‌ଇଓ, ଏମଆଇ, ଜିପିଇଓ, ବିଏସ୍‌ଏସ୍‌କେଓ, ବିଭିଓ, ଏଏଫ୍‌ଓ ଏବଂ ଏଏଓ ପ୍ରମୁଖ ତାଲିମ ଦେଉଛନ୍ତି। ଗ୍ରାମାଞ୍ଚଳର ଲୋକେ ଯେପରି ସରକାରଙ୍କ ବହୁମୁଖୀ ଯୋଜନାରୁ ଉପକୃତ ହୋଇ ନିଜର ଜୀବନ ଜୀବିକାକୁ ସୁଦୃଢ଼ କରିପାରିବେ ତାହାହିଁ ତାଲିମର ଉଦ୍ଦେଶ୍ୟ ବୋଲି ଜିପିଇଓ ସ୍ମାରକ ମହାନ୍ତି କହିଛନ୍ତି। ଏହାଛଡା ଗ୍ରାମର ସ୍ୱଚ୍ଛତା, ଉନ୍ନତ ସ୍ୱାସ୍ଥ୍ୟ ବ୍ୟବସ୍ଥା, ଭତ୍ତା, ମୋ ଘର ଯୋଜନା, ବିଶୁଦ୍ଧ ପାନୀୟଜଳ ଓ ଅନ୍ୟ ସମସ୍ତ ବ୍ୟବସ୍ଥା ଯେପରି ଲୋକଙ୍କ ନିକଟରେ ପହଞ୍ଚିପାରିବ ଏବଂ ଦାୟିତ୍ୱରେ ଥିବା ଜନ ପ୍ରତିନିଧି ଓ ବିଭାଗୀୟ କର୍ମଚାରୀମାନେ ଏଥିପ୍ରତି ଗୁରୁତ୍ୱ ଦେବାକୁ ପରାମର୍ଶ ଦିଆଯାଇଥିଲା। ଅଗଷ୍ଟ ୮ରୁ ଆରମ୍ଭ ହୋଇଥିବାବେଳେ କାର୍ଯ୍ୟକ୍ରମ ସୋମବାର ଶେଷ ହେବ। ଏହି ଅବସରରେ ପ୍ରତ୍ୟେକ ଦିନ ୧୦ରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଟ୍ରେନିଂ ଜାରି ରହିବ ବୋଲି ଜିପିଇଓ ମହାନ୍ତି ପ୍ରକାଶ କରିଛନ୍ତି।

# ୨୫ ଦିନ ହେଲା ଧାରଣାରେ ଅଧ୍ୟାପକ, କର୍ମଚାରୀ

**ସରକାରୀ ଅନୁଦାନ ଦାବି**

**ଭୁବନେଶ୍ୱର, ୧୧।୮ (ଅନୁରାଧା ମହାରଣା)**



ଧାରଣାରେ ବସିଥିବା ଶିକ୍ଷୟିତ୍ରୀ, ଶିକ୍ଷକ ଓ କର୍ମଚାରୀମାନେ।

ଓଡ଼ିଶାର ସମସ୍ତ ବେସରକାରୀ ଅନୁଦାନ ଓ ଅଣଅନୁଦାନପ୍ରାପ୍ତ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟ ତଥା ସଂସ୍କୃତ ଅନୁଷ୍ଠାନର ପରିଚାଳନା କମିଟି ଦ୍ୱାରା ୨୦୦୮ରୁ ୨୦୧୩ ମଧ୍ୟରେ ନିଯୁକ୍ତି ପାଇଥିବା ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀମାନେ ପ୍ରାୟ ୨୫ ଦିନ ହେଲା ଗାନ୍ଧୀ ମାର୍ଗରେ ଅହୋରାତ୍ର ଧାରଣାରେ ବସିଛନ୍ତି। ସରକାରୀ ଅନୁଦାନ ଦାବି ନେଇ ୨ଥର ମହାସମାବେଶ ଆୟୋଜନ ହୋଇଥିଲେ ମଧ୍ୟ ସରକାରୀସ୍ତରରୁ କୌଣସି ସୁଫଳ ମିଳିନାହିଁ। ଦୀର୍ଘବର୍ଷ ଧରି ନୀରବଚ୍ଛିନ୍ନ ଭାବେ ନିଷ୍ଠାର ସହ ଅକ୍ଳାନ୍ତ ପରିଶ୍ରମ କରି ଶିକ୍ଷା ପ୍ରଦାନ କରିଆସୁଥିଲେ ମଧ୍ୟ ସରକାରୀ ଅନୁଦାନରୁ ସେମାନେ ବଞ୍ଚିତ ହୋଇଛନ୍ତି। ସରକାର ବାରମ୍ବାର ଦେଇଆସୁଥିବା ପ୍ରତିଶ୍ରୁତି ପ୍ରତାରଣାରେ ପରିଣତ ହେଉଛି ବୋଲି ଆନ୍ଦୋଳନକାରୀମାନେ କ୍ଷୋଭର ସହ କହିଛନ୍ତି। ଗତ ଜୁନ୍ ୨୪ରେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ନୂତନ ଅନୁଦାନ ନୀତିର ପ୍ରକ୍ରିୟାକରଣ ପାଇଁ ଚିଠି ପ୍ରକାଶ ପାଇଥିଲା। ମାତ୍ର ୨୮ ତାରିଖରେ ମନ୍ତ୍ରୀସ୍ତରୀୟ କମିଟିରେ ବିଚାରାଧୀନ ରହିଛି ଦର୍ଶାଇ ଉକ୍ତ ଚିଠିକୁ ପ୍ରତ୍ୟାହାର କରିନିଆଯାଇଛି। ଇତିମଧ୍ୟରେ ମନ୍ତ୍ରୀସ୍ତରୀୟ କମିଟି ୪ଥର ବସିଥିଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବାରୁ ସଂଘ ଜୁଲାଇ ୧୮ରୁ ଗାନ୍ଧୀମାର୍ଗରେ ଶାନ୍ତିପୂର୍ଣ୍ଣ ଭାବେ ଆନ୍ଦୋଳନକୁ ଓହ୍ଲାଇଛି। ମାତ୍ର ପ୍ରତିନିଧି ମଣ୍ଡଳୀ ସହିତ ଆଲୋଚନା ଚାଲିଛି କହି ସରକାର ଚୁପ୍‌ହୋଇ ବସିଛନ୍ତି। ସରକାର ଯଥାଶୀଘ୍ର ଏକମାତ୍ର ସରକାରୀ ଅନୁଦାନ (ଜିଆଇଏ) ଘୋଷଣା କରନ୍ତୁ। ଯଦି ଏଥର କୌଣସି ଟାଳଟୁଳ ନୀତି ପ୍ରୟୋଗ କରନ୍ତି, ତେବେ ସଂଘ ପକ୍ଷରୁ ଏହାର ଘୋର ପ୍ରତିବାଦ କରାଯିବ ଓ ଯେଉଁ ଅପ୍ରୀତିକର ପରିସ୍ଥିତି ସୃଷ୍ଟିହେବ, ସେଥିପାଇଁ ସରକାର ଦାୟୀ ରହିବେ ବୋଲି ସଂଘ ସଭାପତି ଡ. ଦେବବିଜୟ ମିଶ୍ର ଚେତାବନୀ ଦେଇଛନ୍ତି।

## ନକଲି ଜର୍ଦ୍ଦା କାରଖାନାରେ ଚଢ଼ାଉ: ଜଣେ ଗିରଫ

**ବିପୁଳ ପରିମାଣର ସାମଗ୍ରୀ, ଯନ୍ତ୍ରାଂଶ ଜବତ**

**ନିଶ୍ଚିନ୍ତକୋଇଲି, ୧୧।୮ (ଅଶୋକ କୁମାର ମହାପାତ୍ର)**



ଅଭିଯୁକ୍ତ ହୃଷୀକେଶ ନାୟକ।

ନିଶ୍ଚିନ୍ତକୋଇଲି ବ୍ଲକ ନରେନ୍ଦ୍ରପୁର ପଞ୍ଚାୟତ ଅନ୍ତର୍ଗତ ଫତେପୁର ଗ୍ରାମରେ ବେଆଇନଭାବେ ଚାଲିଥିବା ଏକ ନକଲି ଜର୍ଦ୍ଦା ତିଆରି କାରଖାନା ଉପରେ ନେମାଳ ପୋଲିସ ପକ୍ଷରୁ ଶୁକ୍ରବାର ଚଢ଼ାଉ କରାଯାଇଛି। ସେଠାରୁ ବିପୁଳ ପରିମାଣର ଜର୍ଦ୍ଦାପତି, ରାସାୟନିକ ଦ୍ରବ୍ୟ, ଏକ ପ୍ୟାକିଂ ମେଶିନ ସମେତ ବହୁ ସାମଗ୍ରୀ ଜବତ କରାଯାଇଛି। ଏହି ଅଭିଯୋଗରେ ଜଣକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ସେ ହେଲେ ଫତେପୁର ଗ୍ରାମର ହୃଷୀକେଶ ନାୟକ। ଏନେଇ ଥାନାରେ ମାମଲା (ନଂ. ୧୨୮/୨୩) ରୁଜୁ କରାଯାଇଛି। ନେମାଳ ଥାନା ଆଇଆଇସି ସୁଶୀଲ କୁମାର ନାୟକ ଓ ନରେନ୍ଦ୍ରପୁର ଫାଣ୍ଡି ଅଧିକାରୀ ଗୌରାଙ୍ଗ ବିଶ୍ୱାଳ ପ୍ରମୁଖ ଏହି ନକଲି ଜର୍ଦ୍ଦା କାରଖାନା ଉପରେ ଚଢ଼ାଉ କରିଥିଲେ। ଦୀର୍ଘ ଦିନ ହେବ ନରେନ୍ଦ୍ରପୁର ପଞ୍ଚାୟତ ଅନ୍ତର୍ଗତ ଫତେପୁର ଗ୍ରାମରେ ଏକ ନକଲି ଜର୍ଦ୍ଦା ତିଆରି କାରଖାନା ଚାଲିଥିଲା। ଏଠାରେ ନାମୀ ଦାମୀ ଜର୍ଦ୍ଦା କମ୍ପାନୀର ଲୋଗୋ ଓ ଲେବୁଲ ବ୍ୟବହାର କରାଯାଉଥିଲା। ନକଲି ପତିରେ ରାସାୟନିକ ସାମଗ୍ରୀ ମିଶ୍ରଣ କରାଯାଇ ଜର୍ଦ୍ଦା ପ୍ରସ୍ତୁତ କରାଯାଉଥିଲା। ଏହି ନକଲି ଓ ଅପମିଶ୍ରିତ ସାମଗ୍ରୀକୁ ବିଭିନ୍ନ ନାମୀଦାମୀ ଜର୍ଦ୍ଦା କମ୍ପାନୀର ଖୋଳରେ ଭର୍ତ୍ତି କରାଯାଇ ମେଶିନ ସାହାଯ୍ୟରେ ସିଲ୍ କରାଯାଉଥିଲା। ତାପରେ ଏହାକୁ ସ୍ଥାନୀୟ ଅଞ୍ଚଳ ସମେତ ରାଜ୍ୟର ବିଭିନ୍ନ ସ୍ଥାନକୁ ପଠାଯାଉଥିଲା। ଏହି ନକଲି ଜର୍ଦ୍ଦା ଖାଇ ବହୁ ଲୋକ ପେଟରୋଗରେ ଆକ୍ରାନ୍ତ ହେଉଥିବା ଅଭିଯୋଗ ପରେ ପୋଲିସ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନିଆଯାଇଛି।

## ବିଜ୍ଞାନମେଳାରେ ୧୧୦ ପ୍ରକଳ୍ପ ପ୍ରଦର୍ଶିତ



ଛାତ୍ରୀଛାତ୍ରମାନେ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ କରୁଛନ୍ତି।

**ମାହାଙ୍ଗା, ୧୧।୮ (ଯଯାତି ସିଂହ)**

ମାହାଙ୍ଗା ବ୍ଲକ ଅନ୍ତର୍ଗତ ନଡ଼ିଆସାହାସପୁରସ୍ଥିତ ଉତ୍କଳମଣି ଶିଶୁ ଶିକ୍ଷା ମନ୍ଦିର ପରିସରରେ ଏକ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଛାତ୍ରୀଛାତ୍ରମାନେ ୧୧୦ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ପିବିଏସ ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ସିଆରସିସି ଭାସ୍କର ଚନ୍ଦ୍ର ସାହୁ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ । ସମ୍ମାନିତ ବକ୍ତାଭାବେ ସରପଞ୍ଚ ଚିନ୍ମୟ ସାମନ୍ତରାୟ, ସମ୍ମାନିତ ଅତିଥିଭାବେ ପ୍ରଧାନଶିକ୍ଷକ ଜୟନ୍ତ କୁମାର ପରିଡ଼ା ଯୋଗ ଦେଇଥିଲେ। ପ୍ରଭାତ କୁମାର ପାଣି, ପ୍ରିୟ ପ୍ରସାଦ ସାମଲ ଓ ହୃଷୀକେଶ ବେହୁରା ପ୍ରମୁଖ ବିଜ୍ଞାନ ମେଳାରେ ନିରୀକ୍ଷକ ଭାବେ ଯୋଗ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ଜ୍ଞାନରଞ୍ଜନ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମହେନ୍ଦ୍ର କୁମାର ସିଂହ, ଅଭୟ କୁମାର ମହାନ୍ତି, କବିତା ସାହୁ, ସ୍ୱର୍ଣ୍ଣପ୍ରଭା ନାୟକ ପ୍ରମୁଖ ସହଯୋଗ କରିଥିଲେ।

## ଭାଜପା ପକ୍ଷରୁ ମୋ ମାଟି ମୋ ଦେଶ ଅଭିଯାନ

**ଆଠଗଡ, ୧୧।୮ (ସତ୍ୟ ପ୍ରସାଦ ରଥ)**

ଆଠଗଡ ଭାଜପା ପକ୍ଷରୁ ଖୁଣ୍ଟକଟା ପଞ୍ଚାୟତ ଅନ୍ତର୍ଗତ ନୁଆବନ୍ଧ ଗ୍ରାମରେ ମୋ ମାଟି ମୋ ଦେଶ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ଦୁର୍ଯ୍ୟୋଧନ ଜେନାଙ୍କ ବାସଭବନରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସନ୍ଧ୍ୟାରେ ଭାଜପା ନେତା ବ୍ରଜେନ୍ଦ୍ର ରାଏଙ୍କ ନେତୃତ୍ୱରେ ଶତାଧିକ କର୍ମୀ ପହଞ୍ଚି ସ୍ୱର୍ଗତ ଜେନାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅର୍ପଣ କରି ସ୍ୱାଧୀନତା ସଂଗ୍ରାମ ସମ୍ପର୍କରେ ଆଲୋଚନା କରିଥିଲେ। ପରେ ସ୍ୱର୍ଗତ ଜେନାଙ୍କ ବନ୍ଦନା ଏବଂ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇ ଭୂମି ପୂଜନ କରାଯିବା ସହ ପରିବାର ବର୍ଗଙ୍କ ଉପସ୍ଥିତିରେ ତାଙ୍କ ଅଗଣାରୁ ଅମୃତ କଳସରେ ମାଟି ଅଣାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରାଏଙ୍କ ସମେତ ଜିଲା ସାଧାରଣ ସମ୍ପାଦକ ରାମନାରାୟଣ ମହାନ୍ତି, ଜିଲା ଉପସଭାପତି ଚିତ୍ରାନନ୍ଦ ଜେନା, ବିଧାନସଭା ସଂଯୋଜକ ବିକ୍ରମ ଦାଶ, ମଣ୍ଡଳ ସଭାପତି ତପନ ଲେଙ୍କା, ହେମନ୍ତ ମହାନ୍ତି, ଉମେଶ ସାମଲ, ନିର୍ମଳ କୁମାର, ଚିନ୍ମୟ ମଲ୍ଲିକ, ରମାକାନ୍ତ ସେନାପତି, ଅରକ୍ଷିତ ଖୁଣ୍ଟିଆ, ରଞ୍ଜନ ସେନାପତି, ଅନିଲ ଜେନା, ଧନଞ୍ଜୟ ସେଠୀ ଓ ନିର୍ବାଚନ ମଣ୍ଡଳୀ ମିଡିଆ ସଂଯୋଜକ ପରେଶ ରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ୨୨ କେଜି ଗଞ୍ଜେଇ ଜବତ

**ଭୁବନେଶ୍ୱର, ୧୧।୮ (ସୂର୍ଯ୍ୟକାନ୍ତ ବେହେରା):** ଭୁବନେଶ୍ୱର ରେଳ ଷ୍ଟେଶନ ପ୍ଲାଟଫର୍ମ ନମ୍ବର-୧ରେ ଅବକାରୀ ଓ ଆର୍‌ପିଏଫ ଟିମ୍ ମିଳିତ ଭାବେ ଚଢାଉ କରି ନିଶାବେପାର କରୁଥିବା ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଗଜପତି ଜିଲା ମୋହାନା ଥାନା ଅଞ୍ଚଳର ଆଲୋକ ମଲ୍ଲିକ। ତାଙ୍କଠାରୁ ୨୨ କେଜି ଗଞ୍ଜେଇ ଜବତ ହୋଇଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତ ଆଲୋକ ଗଜପତିରୁ ଉକ୍ତ ଗଞ୍ଜେଇକୁ ଟ୍ରେନ ଯୋଗେ ଭୁବନେଶ୍ୱର ଆଣିଥିଲେ।

## ଡମପଡ଼ା ସରପଞ୍ଚ ଉପନିର୍ବାଚନ: ସ୍ୱାଧୀନ ପ୍ରାର୍ଥୀ କୁସୁମ ଧଳ ବିଜୟୀ

**ବାଙ୍କୀ, ୧୧।୮ (ଜ୍ଞାନେନ୍ଦ୍ର ମୋହନ ମିଶ୍ର)**



ବାଙ୍କୀ-ଡମପଡ଼ା ବ୍ଲକ ଅନ୍ତର୍ଗତ ଡମପଡ଼ା ପଞ୍ଚାୟତର ସରପଞ୍ଚ ଉପନିର୍ବାଚନ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ୱାଧୀନ ପ୍ରାର୍ଥୀ କୁସୁମ ଧଳ ୯୬୩ଖଣ୍ଡ ଅଧିକ ଭୋଟ ପାଇ ନିର୍ବାଚିତ ହୋଇଛନ୍ତି। ସମୁଦାୟ ୩୧୮୭ ଜଣ ଭୋଟର ମତଦାନ କରିଥିଲେ। ସେଥିରୁ ଧଳ ୨୦୧୮ଖଣ୍ଡ ଭୋଟ ପାଇଥିବାବେଳେ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ମନ୍ମୟୀ ଦାସ ୧୦୫୫ଖଣ୍ଡ ଭୋଟ ପାଇଛନ୍ତି। ସେହିପରି ପାର୍ଥୀ ସୁଜାତା ପରିଡା ୬୨ଖଣ୍ଡ ଭୋଟ ପାଇଥିବା ବେଳେ ୫୧ଖଣ୍ଡ ଭୋଟ ନାକଚ ହୋଇଛି ବୋଲି ପଞ୍ଚାୟତ ଅଧିକାରୀ ଶିବପ୍ରସାଦ ଷଡ଼ଙ୍ଗୀ ପ୍ରକାଶ କରିଛନ୍ତି। ଭୋଟ ଗଣତି ବାଙ୍କୀ-ଡମପଡ଼ା ବ୍ଲକ କାର୍ଯ୍ୟାଳୟରେ ବିଡିଓ ଶ୍ୟାମଳ କୁମାର ରାୟଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା ।

## ଶରଧାପୁର ସରପଞ୍ଚ ଉପ ନିର୍ବାଚନ: ନିରଞ୍ଜନ ବରାଡ଼ ବିଜୟୀ

**ନରସିଂହପୁର, ୧୧।୮ (ନିରଞ୍ଜନ ଦେବକୁମାର)**

ନରସିଂହପୁର ବ୍ଲକ ଶରଧାପୁର ଗ୍ରାମ ପଞ୍ଚାୟତର ସରପଞ୍ଚ ପଦବୀ ପାଇଁ ଶୁକ୍ରବାର ଉପନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ସଂସାରୀ ରାଉତଙ୍କୁ ୪୨୬ ଖଣ୍ଡ ଭୋଟରେ ପରାଜିତ କରି ନିରଞ୍ଜନ ବରାଡ଼ ବିଜୟୀ ହୋଇଛନ୍ତି। ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ଆୟୋଜିତ ଭୋଟ ଗଣତିରେ ନିରଞ୍ଜନ ବରାଡ଼ ସର୍ବମୋଟ ୧୪୬୨ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିଲେ।

ନିକଟତମ ପ୍ରତିଦ୍ୱନ୍ଦ୍ୱୀ ସଂସାରୀ ରାଉତ ୧୦୩୬ ଖଣ୍ଡ ଭୋଟ ପାଇଥିଲେ। ଏହି ଉପନିର୍ବାଚନରେ ସମୁଦାୟ ୩୪୦୫ ଭୋଟର ମତଦାନ କରିଥିବା ବେଳେ ୪ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଥିଲେ । ସେମାନଙ୍କ ମଧ୍ୟରୁ ସୁଶାନ୍ତ କୁମାର ସାହୁ ୮୨୦ ଖଣ୍ଡ ପାଇଥବା ବେଳେ ଅନ୍ୟତମ ପ୍ରାର୍ଥୀ ଅଖିଳ ନାୟକ ମୋଟ ୪୫ ଖଣ୍ଡ ଭୋଟ ପାଇଛନ୍ତି ବୋଲି ନିର୍ବାଚନ ଅଧିକାରୀ ତଥା ବିଡିଓ ନୀଳମାଧବ ସୁନା ସୂଚନା ଦେଇଛନ୍ତି। ଭୋଟ ଗଣତି କାର୍ଯ୍ୟକ୍ରମକୁ ସୁପରିଚାଳନା ପାଇଁ ନରସିଂହପୁର କାନପୁର ଯୋଡ୍ଡମୁ ଥାନା ଅଧିକାରୀଙ୍କ ସମେତ ବ୍ୟାପକ ପୋଲିସ ମୁତୟନ ହୋଇଥିଲେ। ଏହି କାର୍ଯ୍ୟକ୍ରମକୁ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଚିନ୍ତାମଣି ସାହୁ, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଗୋକୁଳ ଚନ୍ଦ୍ର ବେହେରା ପରିଚାଳନା କରିଥିଲେ ।

## ଗୋତରାରେ ସୂର୍ଯ୍ୟକାନ୍ତ, ନୃତାଙ୍ଗରେ ପବିତ୍ର ମୋହନ ବିଜୟୀ

**ସରପଞ୍ଚ ଉପନିର୍ବାଚନ**

**ମାହାଙ୍ଗା, ୧୧।୮ (ଯଯାତି ସିଂହ)**



ସୂର୍ଯ୍ୟକାନ୍ତ ପଣ୍ଡା

ମାହାଙ୍ଗା ବ୍ଲକ ଗୋତରା ସରପଞ୍ଚ ଉପନିର୍ବାଚନ ପାଇଁ ଭୋଟ ଗଣତି ଶୁକ୍ରବାର ଶେଷ ହୋଇଛି। ଏ ନେଇ ବ୍ଲକ କାର୍ଯ୍ୟାଳୟ ପରିସରରେ ଭୋଟ ଗଣତି ହୋଇଥିଲା। ଏଥିରେ ଭାଜପା ସମର୍ଥିତ ପ୍ରାର୍ଥୀ ସୂର୍ଯ୍ୟକାନ୍ତ ପଣ୍ଡା ବିଜୟୀ ହୋଇଛନ୍ତି। ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେଡି ସମର୍ଥିତ ପ୍ରାର୍ଥୀ ପ୍ରହ୍ଲାଦ ପ୍ରଧାନଙ୍କୁ ୨୩୫ ଖଣ୍ଡ ଭୋଟ ବ୍ୟବଧାନରେ ପରାଜିତ କରିଛନ୍ତି। ସୂର୍ଯ୍ୟକାନ୍ତଙ୍କୁ ୧୯୮୭ ଖଣ୍ଡ ଭୋଟ ମିଳିଥିବାବେଳେ ପ୍ରହ୍ଲାଦଙ୍କୁ ୧୭୩୪ ଖଣ୍ଡ ଭୋଟ ମିଳିଛି। ସେହିପରି ନୃତାଙ୍ଗ ପଞ୍ଚାୟତରେ ବିଜେଡି ସମର୍ଥିତ ପ୍ରାର୍ଥୀ ପବିତ୍ର ମୋହନ ବରାଳ ବିଜୟୀ ହୋଇଛନ୍ତି।



କଟକ ବାଦାମବାଡ଼ିଠାରେ ଶୁକ୍ରବାର କସ୍ମୋବଜାରର ଉଦ୍‌ଘାଟନୀ କାର୍ଯ୍ୟକ୍ରମର ଏକ ବିଶେଷ ମୁହୂର୍ତ୍ତରେ ଅତିଥିଙ୍କ ସମେତ ଷ୍ଟୋର କର୍ମଚାରୀ ଉପସ୍ଥିତ।

## ଜରାଶ୍ରମ ଗଲେ ମାନସିକ ବିକାରଗ୍ରସ୍ତ ଯୁବକ



କଳିଙ୍ଗ ସମାଜ ସେବା ସଙ୍ଗଠନ ପକ୍ଷରୁ ଉଦ୍ଧାର କରାଯାଇଥିବା ଯୁବକ।

**ମାହାଙ୍ଗା, ୧୧।୮ (ଯଯାତି ସିଂହ)**

ମାହାଙ୍ଗା ବ୍ଲକ କୁହୁଣ୍ଡା ପଞ୍ଚାୟତ ଅନ୍ତର୍ଗତ କଲ୍ୟାଣପୁର ଗାନ୍ଧୀ ଛକରେ ବୁଲୁଥିବା ଜଣେ ମାନସିକ ବିକାରଗ୍ରସ୍ତ ଯୁବକଙ୍କୁ କଳିଙ୍ଗ ସମାଜ ସେବା ସଙ୍ଗଠନ ପକ୍ଷରୁ ଉଦ୍ଧାର କରାଯାଇ ଜରାଶ୍ରମରେ ଛାଡ଼ି ଦିଆଯାଇଛି । ସମ୍ପୃକ୍ତ ଯୁବକ ଜଣକ କଲ୍ୟାଣପୁର ବଜାରରେ ୫ ଦିନ ହେବ ରହି ଆସୁଥିଲେ। ତାଙ୍କର ଦାଢ଼ି ଓ ନଖ ଆଦି ବଢ଼ିଯାଇଥିବାବେଳେ ବଜାରରେ ଛିଣ୍ଡା ପୋଷାକ ପିନ୍ଧି ବୁଲୁଥିଲେ। କଳିଙ୍ଗ ସମାଜ ସେବା ସଙ୍ଗଠନର ସଦସ୍ୟ ସୁଶାନ୍ତ କୁମାର ଦାସ ତାଙ୍କୁ ପ୍ରତ୍ୟହ ଖାଇବାକୁ ଦେଉଥିଲେ । ପରେ ସଙ୍ଗଠନ ପକ୍ଷରୁ ସମ୍ପୃକ୍ତ ଯୁବକଙ୍କୁ ଉଦ୍ଧାର କରାଯାଇ ପରିଷ୍କାର ପରିଚ୍ଛନ୍ନ କରି ନୂତନ ପୋଷାକ ପିନ୍ଧାଇ ଛତିଆସ୍ଥିତ ଜରାଶ୍ରମରେ ଛାଡ଼ି ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ସଙ୍ଗଠନର ଉତ୍କଳ ରଞ୍ଜନ ସେଠୀ, ସଞ୍ଜୟ ପଣ୍ଡା, ହେମନ୍ତ ଦାସ, ରମେଶ ଦାସ, ହିମାଂଶୁ ରଞ୍ଜନ ଶତପଥି, ଶିଖିଳେଶ ମହାନ୍ତି, ସୁରେଶ ଭଞ୍ଜ ପ୍ରମୁଖ ସହଯୋଗ କରିଥିଲେ।

## ୨ ପୋଖରୀର ନବୀକରଣ ପାଇଁ ଡ୍ରୋନ ସର୍ଭେ

**ବାଙ୍କୀ, ୧୧।୮ (ଜ୍ଞାନେନ୍ଦ୍ର ମୋହନ ମିଶ୍ର)**



ପୋଖରୀ ମାପଚୁପ ବେଳେ ଉପସ୍ଥିତ ଲୋକେ।

ବାଙ୍କୀ ଏନ୍‌ଏସିର ଜଳାଶୟ ଉନ୍ନତୀକରଣ ପାଇଁ ଆମ ପୋଖରୀ ଯୋଜନାର ପ୍ରଥମ ପର୍ଯ୍ୟାୟରେ ୮ପୋଖରୀ ମଧ୍ୟରୁ ୨କୁ ପ୍ରାକୃତିକ ନବୀକରଣ କରିବା ପାଇଁ ଚୟନ କରାଯାଇଛି। ଏହି ୨ଟି ହେଲା ୱାର୍ଡ ନଂ.୪ (ଶିଶୁଆ) ବଡ଼ପୋଖରୀ ଏବଂ ୱାର୍ଡ ନଂ.୧୭ ମନ୍ତ୍ରୀ ସାହି ପଶ୍ଚିମପାର୍ଶ୍ୱ ପୋଖରୀ। ଶୁକ୍ରବାର ଡ୍ରୋନ୍ କ୍ୟାମେରା ଦ୍ୱାରା ଏହି ୨ ପୋଖରୀର ଜିଓ ଟ୍ୟାଗିଂ କରାଯାଇ ମାପ କରାଯାଇଥିଲା। ଏହା ପୂର୍ବରୁ ସବିଶେଷ ପ୍ରକଳ୍ପ ରିପୋର୍ଟ (ଡିପିଆର) ପ୍ରସ୍ତୁତ ପାଇଁ ଯୋଗ୍ୟ ବିବେଚିତ ସଂସ୍ଥା ୩-ଡିଭିଜନ ତରଫରୁ ବାଥିମେଟ୍ରିକ୍ ସର୍ଭେ ଦ୍ୱାରା ଉଭୟ ପୋଖରୀର ଜଳ ଓ ପଙ୍କର ଗଭୀରତା ଯନ୍ତ୍ର ଚାଳିତ ଡଙ୍ଗା ଦ୍ୱାରା ମାପ କରାଯାଇଥିଲା। ଆଗାମୀ ୧ମାସ ମଧ୍ୟରେ ସମ୍ପୃକ୍ତ ସଂସ୍ଥା ସବିଶେଷ ପ୍ରକଳ୍ପ ରିପୋର୍ଟ ଦିଆଯିବ ସହ ଆଗାମୀ ଶୀତ ଋତୁରେ ଏହି ପୋଖରୀ ଦ୍ୱୟ ପାଇଁ ନବୀକରଣ କାର୍ଯ୍ୟ ଆରମ୍ଭ କରାଯିବ। ଏହି କାର୍ଯ୍ୟ ମହିଳା ସ୍ୱୟଂସହାୟିକା ଗୋଷ୍ଠୀର ସଭ୍ୟମାନଙ୍କ ସହଭାଗିତାରେ କରାଯିବ। ନଗରପାଳ ମାଣିକ ସାହୁଙ୍କ ଉପସ୍ଥିତିରେ ଏହି ଡ୍ରୋନ୍ ସର୍ଭେ କାର୍ଯ୍ୟ କରାଯାଇଥିଲା। ଉପନଗରପାଳ ସନ୍ତୋଷ କୁମର ରଣା, ୪ନମ୍ବର ୱାର୍ଡ କାଉନ୍‌ସିଲର ସନାତନ ବେହେରା, ୧୭ନଂ. ୱାର୍ଡ କାଉନ୍‌ସିଲର ବବିତା ମନ୍ତ୍ରୀ, ମୁକ୍ତା ଯୋଜନାର ସଂଯୋଜକ ଭଗବତୀ ସିଦ୍ଧ ପଟ୍ଟନାୟକ ଓ ବୈଷୟିକ ବିଶେଷଜ୍ଞ ଦୀପକ କୁମାର ସାମଲଙ୍କ ସମେତ ଉଭୟ ୱାର୍ଡର ମୁରବୀ ଯୁବକମାନେ ସର୍ଭେ କାର୍ଯ୍ୟରେ ସହଯୋଗ କରିଥିଲେ। ଗତମାସରେ ଏକ ଭିଡିଓ କନଫେରେନ୍ସ ମାଧ୍ୟମରେ ସହରାଞ୍ଚଳ ଜଳାଶୟଗୁଡ଼ିକର ପୁନରୁଦ୍ଧାର ଓ ନବୀକରଣ କାର୍ଯ୍ୟକୁ ମୁଖ୍ୟମନ୍ତ୍ରୀ ଆରମ୍ଭ କରିଥିଲେ। ବାଙ୍କୀ ଏନ୍‌ଏସିରେ ପ୍ରାଥମିକ ଭାବେ ଶିଶୁଆ ଓ ମନ୍ତ୍ରୀ ସାହିର ପୋଖରୀ ପାଇଁ ଅନୁଦାନ ଆସିଥିବା ବେଳେ ଅବଶିଷ୍ଟ ପୋଖରୀକୁ ପର୍ଯ୍ୟାୟକ୍ରମେ କରାଯିବ ବୋଲି ନଗରପାଳ ସାହୁ ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ୫-ଟି ସଚିବଙ୍କ ଗସ୍ତ ପୂର୍ବରୁ ପ୍ରଶାସନ ପକ୍ଷରୁ ତତ୍ପରତା

ବେଗୁନିଆ,୧୧।୮(ହରପ୍ରସନ୍ନ ପଣ୍ଡା)

ରାଜ୍ୟ ସରକାରଙ୍କ ୫-ଟି ସଚିବ ଭି.କେ. ପାଣ୍ଡିଆନ ରାଜ୍ୟର ବିଭିନ୍ନ ଜିଲା ଗସ୍ତ କରି ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରୁଥିବାବେଳେ କିଛିଦିନ ପରେ ଖୋର୍ଦ୍ଧା ଜିଲା ସହିତ ବେଗୁନିଆ ବ୍ଲକକୁ ମଧ୍ୟ ଆସିବେ। ଏହା ପୂର୍ବରୁ ଜିଲା ଓ ବ୍ଲକ ପ୍ରଶାସନର ତତ୍ପରତା ଦେଖାଦେଇଛି। ସେଥିପାଇଁ ଖୋର୍ଦ୍ଧା ଉପ ଜିଲାପାଳ ଦୀପ୍ତିରଞ୍ଜନ ସେଠୀ, ଅତିରିକ୍ତ ଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ, ବେଗୁନିଆ ବିଡିଓ ଲକ୍ଷ୍ମୀଧର ସାହୁ ଏବଂ ତହସିଲଦାର ସନ୍ତୋଷିନୀ ଦାସ ପ୍ରମୁଖ ବେଗୁନିଆ ପରେଡ ପଡ଼ିଆ ଶୁକ୍ରବାର ପରିଦର୍ଶନ କରିଥିଲେ। ସେଠାରେ ଆୟୋଜିତ ହେବାକୁ ଥିବା ସଭାସ୍ଥଳ ଏବଂ ହେଲିକପ୍ଟର ଅବତରଣ ସ୍ଥଳକୁ ଯାଇ ଅନୁଧ୍ୟାନ କରିଥିଲେ। ସୂଚନା ଥାଉକି ଚଳିତ ମାସ ୨୨ରେ ୫-ଟି ସଚିବ ପାଣ୍ଡିଆନ ବେଗୁନିଆ ବ୍ଲକ ଗସ୍ତରେ ଆସି ଗାଁ ବିକାଶ ପାଇଁ ଯୋଜନା କରିବା ସହ ମିଶନ ଶକ୍ତି କାଫେ ଉଦ୍‌ଘାଟନ କରିବେ। ଏଥିସହ ଜନତାଙ୍କ ଅଭାବ ଅସୁବିଧା ସମ୍ପର୍କରେ ଶୁଣାଣି କାର୍ଯ୍ୟକ୍ରମ ରହିଛି। ସେହିପରି ଦୀର୍ଘଦିନ ଧରି ଲୋକଙ୍କ ମୌଳିକ ଦାବିକୁ ପୂରଣ କରିବାର ଅଛି। ଏପରିକି ଜରୁରୀ କାଳୀନ ସାସ୍ଥ୍ୟ ସେବା ଦିଗରେ ଗୁରୁତ୍ୱ ଦେବାକୁ ସ୍ଥିର କରାଯାଇଛି।

# ଜିଲାପାଳ, ଡିଇଓଙ୍କ କାର୍ଯ୍ୟାଳୟ ଘେରିଲା ଶିକ୍ଷକ ସଂଘ

ଖୋର୍ଦ୍ଧା,୧୧।୮(ପ୍ରଭାତ ପାଣିଗ୍ରାହୀ)



ବିଭିନ୍ନ ଦାବି ନେଇ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ରାଜ୍ୟ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡ଼େରେଶନ୍‌ର ନିର୍ଦ୍ଦେଶ କ୍ରମେ ଖୋର୍ଦ୍ଧା ଜିଲା ସଂଘ ପକ୍ଷରୁ ୩ଦଫା ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ପ୍ରତିବାଦ କରିଥିଲେ। ଏଥିସହିତ ଜିଲା ଶିକ୍ଷାଧିକାରୀ (ଡିଇଓ)ଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲେ। ତେବେ କାର୍ଯ୍ୟାଳୟ ଆଗରେ ଶିକ୍ଷକମାନେ ଧାରଣାରେ ବସିଥିବାବେଳେ ଡିଇଓଙ୍କ ଧାରଣାସ୍ଥଳକୁ ଆସିବାରେ ବିଳମ୍ବ ନେଇ ଶିକ୍ଷକମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ଡିଇଓ ଏବଂ ଶିକ୍ଷକମାନେ ମୁହାଁମୁହିଁ ମଧ୍ୟ ହୋଇଥିଲେ। ଦାବି ପୂରଣ ନ ହେଲେ ଆସନ୍ତା ୧୬ରୁ ସମସ୍ତ ବିଦ୍ୟାଳୟରେ ସମୂହ ଛୁଟିରେ ଯିବେ ବୋଲି ଚେତାବନୀ ଦେଇଛନ୍ତି।

ସଂଘ ସଭାପତି ଜମ୍ମେଶ୍ୱର ମଲ୍ଲିକ ଏବଂ ସମ୍ପାଦକ ପ୍ରସନ୍ନ କୁମାର ଶ୍ରୀଚନ୍ଦନଙ୍କ ନେତୃତ୍ୱରେ ବେଗୁନିଆ, ବୋଲଗଡ଼, ଖୋର୍ଦ୍ଧା, ଚିଲିକା, ବାଣପୁର, ବାଲିଅନ୍ତା, ବାଲିପାଟଣା, ଭୁବନେଶ୍ୱର ଓ ଜଟଣୀ ବ୍ଲକରୁ ଶତାଧିକ ଶିକ୍ଷକ ଆସି ଶିକ୍ଷକ ନେତା ଅବନୀ କୁମାର ବରାଳଙ୍କ ପ୍ରତିମୂର୍ତ୍ତି ନିକଟରେ ଏକାଠି ହୋଇଥିଲେ। ସେଠାରୁ ଶୋଭାଯାତ୍ରାରେ ବାହାରି ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ପ୍ରତିବାଦ କରିଥିଲେ। ରାଜ୍ୟର ଠିକା ନିଯୁକ୍ତି ଉଚ୍ଛେଦ ସହ କାର୍ଯ୍ୟରତ କନିଷ୍ଠ ଶିକ୍ଷକମାନଙ୍କୁ ନିୟମିତ କରାଯାଉ। ଶିକ୍ଷା କର୍ମୀ ଓ ଶିକ୍ଷା ସହାୟକଙ୍କ ଠିକା କାର୍ଯ୍ୟକାଳକୁ ନୋସନାଲ୍ ଇନ୍‌କ୍ରିମେଣ୍ଟ ପ୍ରଦାନ କରି ମୂଳ ଚାକିରୀରେ ଗଣନା ସହ ଏକ୍ସ-କ୍ୟାଡ଼ର ଉଚ୍ଛେଦ, କଳା ଓ କ୍ରୀଡ଼ା ଶିକ୍ଷକଙ୍କୁ ନିୟମିତ ଶିକ୍ଷକ ମାନ୍ୟତା, ସମସ୍ତ ବର୍ଗର ପ୍ରାଥମିକ ଶିକ୍ଷକଙ୍କୁ କେନ୍ଦ୍ରୀୟ ହାରରେ ବେତନ (ମୂଳବେତନ ଲେଭୁଲ-୯ ଗ୍ରେଡ୍ ପେ ୪୨୦୦ ଅନୁଯାୟୀ ) ପ୍ରଦାନ କରାଯାଉ। ନୂତନ ପେନ୍‌ସନ୍ ପ୍ରଥା ଉଚ୍ଛେଦ କରି ପୁରୁଣା ପେନ୍‌ସନ୍ ବ୍ୟବସ୍ଥା ପ୍ରଚଳନ ଦାବି କରିଛନ୍ତି।

■ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

■ ୧୬ରୁ ସମୂହ ଛୁଟିରେ ଯିବାକୁ ଚେତାବନୀ

ଏହି କାର୍ଯ୍ୟକ୍ରମରେ ମହାସଂଘର କୋଷାଧ୍ୟକ୍ଷ ସୁରେଶ ଚନ୍ଦ୍ର ବିଶ୍ୱାଳ, ରାଜ୍ୟ ଉପସଭାପତି ସୁକାନ୍ତି ସାବତ୍, କୋଷାଧ୍ୟକ୍ଷ ଆଲୋକ କୁମାର ସାହୁ, ପିଷ୍ଟାର ରାଜ୍ୟ ଉପସଭାପତି ଅଗାଧୁ ସେଠୀ, ପ୍ରସନ୍ନ କୁମାର ମହାପାତ୍ର, ଯୁଧିଷ୍ଠିର ସାହୁ, ଜିତ୍ ରଞ୍ଜନ ମହାପାତ୍ର, ଜନ୍ମେଜୟ ମାଝି, ବସନ୍ତ କୁମାର ପ୍ରହରାଜ, ରାମଚନ୍ଦ୍ର ଷଣ୍ଢ, ସମରେଶ ବେହେରା, ସନ୍ତୋଷ କୁମାର ବେହେରା, କିଶୋର ନାୟକ, ପ୍ରଦୀପ କିଶୋର ମହାପାତ୍ର, ଅମୀୟ କୁମାର ପରିଡ଼ା, ଅକ୍ଷୟ ମଲ୍ଲିକ, ଗୋପାଳକୃଷ୍ଣ ସେଣ, ପ୍ରଫୁଲ୍ଲ ସିଂହ, ଅକ୍ଷୟ ପାଲଟାସିଂହ, ପ୍ରଭାତ କୁମାର ସେନାପତି, ଆକାଶ କୁମାର ମହାନ୍ତି, ମୃତ୍ୟୁଞ୍ଜୟ ମହାପାତ୍ର, ଅଜୟ କୁମାର ରାଉତରାୟ, ରବୀନ୍ଦ୍ର କୁମାର ସାହୁ, ତପନ କୁମାର ମେକପ୍, ପ୍ରକାଶ ମୁଦୁଲି, ବଦ୍ରିନାରାୟଣ ରଥ, ଦିବ୍ୟସିଂହ ସୁବୁଦ୍ଧି, ସଲିଳ କୁମାର ସ୍ୱାଇଁ, ଗୁଲୁ ଦେଇ, ମାନସ ପରିଡ଼ା, ବିପିନ ବେହେରା, ବିଭୂତି ସୁନ୍ଦରାୟ, ବିଭୂତି ଭୂଷଣ ଦାସ, ବଳରାମ ବେହେରା ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ବୋଲଗଡ଼ ମଣ୍ଡଳକୁ ସୁଦୃଢ଼ କରିବ ଭାଜପାର ୨୪ଜଣିଆ ଟିମ୍

ବୋଲଗଡ,୧୧।୮(ଦେବବ୍ରତ ହୋତ)

ଆଗାମୀ ସାଧାରଣ ନିର୍ବାଚନରେ ଦଳକୁ ମଜଭୁତ କରିବା ସହ ସମସ୍ତ ଭୋଟରଙ୍କ ନିକଟରେ ପହଞ୍ଚି ଦଳର ବାର୍ତ୍ତା ଓ ଆଭିମୁଖ୍ୟକୁ ପ୍ରଚାର କରିବା ଉଦ୍ଦେଶ୍ୟରେ ବୋଲଗଡ଼ ମଣ୍ଡଳ ଭାଜପାର ୨୪ଜଣିଆ ଦଳକୁ ବିଭିନ୍ନ ପଦପଦବୀରେ ମନୋନୀତ କରାଯାଇଛି। ନିକଟରେ ଏହି ମଣ୍ଡଳର ସଭାପତି ଭାବେ ଦାୟିତ୍ୱ ଗ୍ରହଣ କରିଥିବା ରଘୁନାଥ ଷଡ଼ଙ୍ଗୀ ଏକ ପ୍ରେସବାର୍ତ୍ତା ମାଧ୍ୟମରେ ଏହା ଘୋଷଣା କରିଛନ୍ତି। ଏଥିରେ ବୋଲଗଡ ମଣ୍ଡଳ ଭାଜପା ଉପସଭାପତି ଭାବରେ ଇଂ.କର୍ପୁର ସାହୁ, ବଳଭଦ୍ର ମହାପାତ୍ର, ସୌରାଂସୁ ପରିଡ଼ା, ଗୟାଧର ମହାପାତ୍ରଙ୍କ ନାମ ଘୋଷଣା କରାଯାଇଛି। ସେହିଭଳି ଭାବେ ସାଧାରଣ ସମ୍ପାଦକ ଭାବେ ଆର୍ତ୍ତବନ୍ଧୁ ପ୍ରଧାନ, ଗୌରାଙ୍ଗ ଚମ୍ପତି ଓ ସମ୍ପାଦକ ଭାବେ ଶଶାଙ୍କ ଶେଖର ଭୂଜବଳ, ଚିନ୍ମୟୀ କୁମାର ପରିଡ଼ା, ରବୀନ୍ଦ୍ର କୁମାର ସାଥୁଆ, କବି ବେହେରାଙ୍କ ନାମ ଘୋଷଣା କରାଯାଇଥିବା ବେଳେ କୋଷାଧ୍ୟକ୍ଷ ଭାବେ ସୂର୍ଯ୍ୟ ନାରାୟଣ ତ୍ରିପାଠୀଙ୍କ ନାମ ଘୋଷଣା କରାଯାଇଛି। ମଣ୍ଡଳ ଯୁବ ମୋର୍ଚ୍ଚା ସଭାପତି ଶିବପ୍ରସାଦ ଦାସ, ମହିଳା ମୋର୍ଚ୍ଚା ସଭାନେତ୍ରୀ ରୁବିନା ସେଠୀ, କୃଷକ ମୋର୍ଚ୍ଚା ସଭାପତି ବୀରେନ୍ଦ୍ର ଜେନା, ପଛୁଆବର୍ଗ ସଭାପତି ସୁଦର୍ଶନ ରାଉତ, ଅନୁସୂଚିତ ଜନଜାତି ସଭାପତି କୈଳାସ ଛୋଟରାୟ, ସଂଖ୍ୟାଲଘୁ ସେଲର ସଭାପତି ତାଜର ଅଲ୍ଲୀ ଖାଁ ନାମ ଘୋଷଣା କରାଯାଇଛି। ଅନୁରୂପ ଭାବେ ୨୫ ନମ୍ବର ଜୋନ ବୋଲଗଡ ମଣ୍ଡଳର ୬ଟି ପଞ୍ଚାୟତର ଭାଜପା ସଭାପତିଙ୍କ ନାମ ଘୋଷଣା କରାଯାଇଛି। ଏଥିରେ ଦଳେଇସାହି ପଞ୍ଚାୟତ ଭାଜପା ସଭାପତି ଗୋଲଖ ପାଇକରାୟ, କଳାଙ୍ଗ ପଞ୍ଚାୟତ ସଭାପତି ସୁରେଶ ହୋତା, ଫାଶୀଓଦା ପଞ୍ଚାୟତ ସଭାପତି ରାଘବ ସ୍ୱାଇଁ, ଖଙ୍ଗୁରିଆ ପଞ୍ଚାୟତ ସଭାପତି ସୋମନାଥ ମହାପାତ୍ର ଓ ଡ଼ାବରଧୁଆ ପଞ୍ଚାୟତ ଭାଜପା ସଭାପତି ଭାବେ ବନ୍ଧୁ ଭୋଇଙ୍କ ନାମ ଘୋଷଣା କରାଯାଇଛି।

### ମଦ ଜବତ, ମହିଳାଙ୍କ ସମେତ ୨ ଗିରଫ

ବାଲୁଗାଁ,୧୧।୮(ସଂଗ୍ରାମ ପାଇକରାୟ)

ଅଞ୍ଚଳରେ ବେଆଇନ ଭାବେ ବ୍ୟାପକ ଚୋରା ମଦ କାରବାର ଚାଲିଥିବା ନେଇ ବାରମ୍ବାର ଅଭିଯୋଗ ହୋଇ ଆସୁଛି। ଏପରିସ୍ଥଳେ ବାଲୁଗାଁ ଅବକାରୀ ବିଭାଗ ପକ୍ଷରୁ ଗୁରୁବାର ବିଭିନ୍ନ ସ୍ଥାନରେ ଚଢାଉ କରି ବିପୁଳ ପରିମାଣର ଦେଶୀ ମଦ ଜବତ କରି ୩ ଜଣଙ୍କୁ ଗିରଫ କରିଥିବା ବେଳେ ଶୁକ୍ରବାର ପୁଣି ଥରେ ବାଲୁଗାଁ ଓ ବାଣପୁର ଅଞ୍ଚଳର ବିଭିନ୍ନ ଗ୍ରାମରେ ଚଢ଼ାଉ କରି ସମୁଦାୟ ୪୦.୮୦୦ ଲିଟର ଚୋରା ଦେଶୀ ମଦ ଜବତ କରିବା ସହ ସମ୍ପୃକ୍ତ ଜଣେ ମହିଳାଙ୍କ ସମେତ ୨ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛନ୍ତି। ସେମାନେ ହେଲେ ବାଣପୁର ଥାନା ଅନ୍ତର୍ଗତ କୋଷରଡ଼ା ଗ୍ରାମର ରଜନୀ ଶବର ଓ ବାଲୁଗାଁ ଥାନା ଅଧୀନ ବଡ଼କୁଳ ଗ୍ରାମର ରାମଚନ୍ଦ୍ର ସାହୁ(୪୪)। ଏ ନେଇ ବାଲୁଗାଁ ଅବକାରୀ ବିଭାଗ କେଶ ନମ୍ବର ୮୪ ଓ ୮୫ /୨୩ ରେ ୨ଟି ପୃଥକ ମାମଲା ରୁଜୁ କରିଛି । ସୂଚନା ମୁତାବକ, ବାଲୁଗାଁ ଓ ବାଣପୁର ଅଞ୍ଚଳରେ ବେଆଇନ ମଦ କାରବାର ହେଉଥିଲା। ବିଶେଷ ସୂତ୍ରରୁ ଖବରପାଇ ବାଲୁଗାଁ ଅବକାରୀ ଅଧିକାରୀ ବି. ମନୋଜ କୁମାର ସଦଳବଳ ଶୁକ୍ରବାର ବାଣପୁରର କୋଷରଡା ଗ୍ରାମରେ ଚଢାଉ କରି ବେଆଇନ ଚୋରା ମଦ ବିକ୍ରି କରୁଥିବା ରଜନୀଙ୍କୁ ଗିରଫ କରିଛି। ତାଙ୍କ ନିକଟରୁ ୧୦.୮୦୦ ଲିଟର ଜିଞ୍ଜର ଦେଶୀ ମଦ ଜବତ କରିଥିଲେ। ସେହିଭଳି ବାଲୁଗାଁ ଥାନା ବଡକୁଳ ଗ୍ରାମରେ ଚଢ଼ାଉ କରି ଚୋରା ମଦ ବେପାରୀ ରାମଚନ୍ଦ୍ରଙ୍କୁ ଗିରଫ କରି ତାଙ୍କଠାରୁ ୩୦ ଲିଟର ମଦ ଜବତ କରିଥିଲେ।


କୃଷ୍ଣପ୍ରସାଦ ବ୍ଲକର ମୁଖ୍ୟ ଡାକଘର ତରଫରୁ ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମରେ ଅଧିକାରୀ ଓ ସଦସ୍ୟମାନେ ତ୍ରିରଙ୍ଗା ଧରିଛନ୍ତି।

### ହର୍ ଘର୍ ତ୍ରିରଙ୍ଗା ଶୋଭାଯାତ୍ରା

କୃଷ୍ଣପ୍ରସାଦ,୧୧।୮(କୈଳାସଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା ଅନ୍ତର୍ଗତ କୃଷ୍ଣପ୍ରସାଦ ବ୍ଲକର ମୁଖ୍ୟ ଡାକଘର ତରଫରୁ ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପାରିକୁଦ ଉପଡାକପାଳ ପ୍ରକାଶ କୁମାର ରାଉତଙ୍କ ନେତୃତ୍ୱରେ ହାତରେ ଜାତୀୟ ପତାକା ଧରି ଏକ ଶୋଭାଯାତ୍ରାରେ ପାରିକୁଦ ମୁଖ୍ୟ ଡାକଘରୁ ବାହାରି ସ୍ଥାନୀୟ ଅଞ୍ଚଳ ପରିକ୍ରମା କରି ଜହ୍ନିକୁଦା ଘାଟ ପେଣ୍ଠ ଦେଇ ସେଠାରୁ ବ୍ଲକ ପରିସରରେ ପହଞ୍ଚିଥିଲେ। ବିଡିଓ ମନୋଜ କୁମାର ନାୟକ, ତହସିଲଦାର ଶରତ ଚନ୍ଦ୍ର ଗିରିଙ୍କୁ ଜାତୀୟ ପତାକା ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଏହି ଶୋଭାଯାତ୍ରାରେ ଦେଶଭକ୍ତିର ସ୍ଲୋଗାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଶିକ୍ଷାବିତ ପ୍ରଦୀପ କୁମାର ଦାସ, ଗ୍ରାମୀଣ ଡାକ ସେବକ ସମର ସୂର୍ଯ୍ୟକାନ୍ତ ତରେଇ, ହମସର ଖାନ, ମମତା ତରେଇ, ଲକ୍ଷ୍ମୀପ୍ରିୟା ତରେଇ ସମେତ ବହୁ କର୍ମଚାରୀ ଉପସ୍ଥିତ ଥିଲେ।

# ପୁନର୍ବାର ମୁଖ୍ୟମନ୍ତ୍ରୀଙ୍କୁ ଜିତାଇବାକୁ ସଂକଳ୍ପ

## ବ୍ଲକ ବିଜେଡିର କାର୍ଯ୍ୟକାରିଣୀ ବୈଠକ


ବିଜେଡିର କାର୍ଯ୍ୟକାରିଣୀ ବୈଠକରେ ଉପସ୍ଥିତ ଦଳୀୟ ନେତା ଓ କର୍ମକର୍ତ୍ତା।

ଗମ୍ଭାରୀମୁଣ୍ଡା,୧୧।୮(ଦିଲୀପ ସ୍ୱାଇଁ)

ଖୋର୍ଦ୍ଧା ଜିଲା ଚିଲିକା ବ୍ଲକ ବିଜେଡି କାର୍ଯ୍ୟକାରିଣୀ ବୈଠକ ମା' ବୁଢ଼ୀ ଭଗେଇ ଠାକୁରାଣୀ ପୀଠ ନିକଟରେ ଶୁକ୍ରବାର ବ୍ଲକ ବିଜେଡି ସଭାପତି ଦେବେନ୍ଦ୍ର ସାମନ୍ତସିଂହାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ ୧୭ ପଞ୍ଚାୟତର ୧୫୦ ଊର୍ଦ୍ଧ୍ୱ ନେତୃମଣ୍ଡଳୀ ଯୋଗଦେଇଥିଲେ। ଆଗାମୀ ସାଧାରଣ ନିର୍ବାଚନରେ ବିଜେଡି ଦଳର ତୃଣମୂଳ ସ୍ତରରୁ ସଙ୍ଗଠନ ଦୃଢ଼ କରି ପୁନର୍ବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ହାତମୁଠାକୁ ଟାଣ କରି ଜିତାଇବାକୁ ସଂକଳ୍ପ ନିଆଯାଇଥିଲା। ଚିଲିକା ନିର୍ବାଚନମଣ୍ଡଳୀର ବିଜେଡି ସଙ୍ଗଠନ ବିଗତ ଦିନରେ ଯେଉଁଭଳି ଭାବେ ନେତୃତ୍ୱବିହୀନ ଭାବରେ ଚାଲିଛି, ସେଥିପାଇଁ ପୂର୍ବତନ ବିଧାୟକ ରଘୁନାଥ ସାହୁଙ୍କ ନେତୃତ୍ୱରେ ସଙ୍ଗଠନ ଠିକ୍ ମାର୍ଗରେ ପରିଚାଳିତ ହୋଇପାରିବ ବୋଲି ସଂଖ୍ୟାଧିକ କର୍ମୀ ମତ ରଖିଥିଲେ। ସଭାପତି ସାମନ୍ତସିଂହାର କହିଥିଲେ, ପ୍ରଥମେ ବିଜେଡି ସଂଗଠନକୁ ସୁଦୃଢ଼ କରି ଆଗାମୀ ନିର୍ବାଚନରେ କିଏ ପ୍ରାର୍ଥୀ ହେବେ, ତାହା ଦଳର ମୁଖ୍ୟ ଦାୟିତ୍ୱ ନିଅନ୍ତୁ। ଅନ୍ୟମାନଙ୍କ ମଧ୍ୟରେ ରମେଶ ଚନ୍ଦ୍ର ମହାପାତ୍ର ଓ ବରିଷ୍ଠ ନେତା ତଥା ସମବାୟ ସଂଗଠକ ଶେଷଦେବ ରାୟଗୌରବ ସଙ୍ଗଠନ ବାବଦରେ ନିଜ ବକ୍ତବ୍ୟ ରଖିଥିଲେ। ଜରିପଡ଼ାରୁ ଦାମୋଦର ଜେନା ଓ ଦୀପକ ସାମନ୍ତରାୟ, କଳକଳେଶ୍ୱରରୁ ଶେଷଦେବ ରାୟ ଗୌରବ, ସୋରଣ ରୁ ସୌରୀ ବିଶ୍ୱାଳ, ମାନସିଂହ ପୁରରୁ ଯୁଧିଷ୍ଠିର ବେହେରା, ଚଣ୍ଡେଶ୍ୱରରୁ ହରି ପାତ୍ର ଓ ଶରତ ସାହୁ, ଗୋପୀନାଥ ପାଇକରାୟ, କୈଳାସ ଭୋଳ, ପ୍ରମୋଦ ଶତପଥୀ, ସଦା ସାମନ୍ତରାୟ ଓ ଦୀପକ ବଳବନ୍ତରାୟ, ଅଜୟ ଖୁଣ୍ଟିଆ ଓ ରବୀନ୍ଦ୍ର ବେହେରା, ଶିବ ଦାସ, ଦୀପକ ଜଗଦେବ, ହୁଲାସ ପାଇକରାୟ, ସୁବାସ ପାଟସାଣି, ରଜନୀ କାନ୍ତ ସେଣ, ସୁବାସ କଳା ପାହାଡ, ବେଣୁଧର ପ୍ରହରାଜ, ରତିକାନ୍ତ ବାରିକ, ସଞ୍ଜୟ ପଲେଇ, କୃଷ୍ଣଚନ୍ଦ୍ର ରାଉତରାୟ ପ୍ରମୁଖ ଦଳୀୟ କର୍ମୀ ସାମିଲ ଥିଲେ।

# କାଲୁପଡ଼ା ଷ୍ଟେଶନରେ ପ୍ରଶାନ୍ତି ଏକ୍ସପ୍ରେସ୍ ରହଣିକୁ ନେଇ ଖୁସି

## ରେଳମନ୍ତ୍ରୀ, ସମ୍ବିତ ପାତ୍ରଙ୍କୁ କୃତଜ୍ଞତା ଜଣାଇଲେ ଗ୍ରାମବାସୀ

ଟାଙ୍ଗୀ (ଖୋର୍ଦ୍ଧା)୧୧।୮ (ରଘୁନାଥ ସାହୁ)

ପୂର୍ବତଟ ରେଳବାଇ ଖୋର୍ଦ୍ଧା ରୋଡ୍ ଡିଭିଜନ ଅନ୍ତର୍ଗତ କାଲୁପଡାଘାଟ ଷ୍ଟେଶନରେ ପ୍ରଶାନ୍ତି ଏକ୍ସପ୍ରେସ ଟ୍ରେନର ରହଣି ପାଇଁ ଦାବି ହେଉଥିବା ବେଳେ ନିକଟରେ ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏହାକୁ ଅନୁମତି ପ୍ରଦାନ କରିଛନ୍ତି। ଫଳରେ କାଲୁପଡ଼ା ଘାଟ ଅଞ୍ଚଳବାସୀ ଓ ବିଭିନ୍ନ ସଂଗଠନ ପକ୍ଷରୁ ଖୁସି ଜାହିର କରିଥିବାବେଳେ ରେଳମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ଟାଙ୍ଗୀ, କଳକଳେଶ୍ୱର, ବଡ଼ପାରୀ, ଚଣ୍ଡେଶ୍ୱର, ସୋରଣ, ଚାନ୍ଦପୁର, ଜରିପଡା, ମାନସିଂହପୁର ପଞ୍ଚାୟତର ଜନସାଧାରଣ ଭାଜପାର ରାଷ୍ଟ୍ରୀୟ ପ୍ରବକ୍ତା ଡ. ସମ୍ବିତ ପାତ୍ରଙ୍କୁ କାଲୁପଡାଘାଟ ଷ୍ଟେଶନରେ ପ୍ରଶାନ୍ତି ଏକ୍ସପ୍ରେସ ଟ୍ରେନର ରହଣି ପାଇଁ ଅନୁରୋଧ କରିଥିଲେ। ଏହି ନିକଟରେ ଡ. ପାତ୍ର ଦିଲ୍ଲୀରେ ରେଳ ମନ୍ତ୍ରୀଙ୍କୁ ତାଙ୍କ କାର୍ଯ୍ୟାଳୟରେ ସାକ୍ଷାତ କରି ଜନସାଧାରଣଙ୍କ ଏହି ଦାବି ସମ୍ପର୍କରେ ଅବଗତ କରାଇଥିଲେ। ଖୁବଶୀଘ୍ର ପ୍ରଶାନ୍ତି ଏକ୍ସପ୍ରେସ୍ ଟ୍ରେନ କାଲୁପଡ଼ା ଘାଟରେ ରହଣି ପାଇଁ ଅନୁମତି ପ୍ରଦାନ କରିଥିଲେ। ଆସନ୍ତା ସପ୍ତାହରେ ଟ୍ରେନ ରହଣିର ତାରିଖ ଧାର୍ଯ୍ୟ କରାଯିବ ବୋଲି ଡ. ପାତ୍ର ସୂଚନା ଦେଇଛନ୍ତି। ଫଳରେ ଜନସାଧାରଣଙ୍କ ଦୀର୍ଘଦିନର ଦାବି ପୂରଣ ହେବ। ଏଥିପାଇଁ ରେଳ ୟୁଜର୍ସ କମିଟିର ସଭାପତି ଚନ୍ଦ୍ରକାନ୍ତ ପାଇକରାୟ, ପୂର୍ବତନ ଜିଲା ପରିଷଦ ସଭ୍ୟ ଗଙ୍ଗାଧର ପ୍ରଧାନ, ହଟ କିଶୋର ନାୟକ, ନରେନ୍ଦ୍ର କୁମାର ବିଶ୍ୱାଳ, ଦିଲୀପ ପ୍ରଧାନ ପ୍ରମୁଖ ସମ୍ବିତ ପାତ୍ରଙ୍କୁ କୃତଜ୍ଞତା ଜ୍ଞାପନ ଜଣାଇଛନ୍ତି। ଶୁକ୍ରବାର କମିଟି ତରଫରୁ ଗଙ୍ଗାଧର ପ୍ରଧାନଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଖୋର୍ଦ୍ଧା ରୋଡର ଡିଭିଜନାଲ ରେଲୱେ ମ୍ୟାନେଜର ହରଭଜନ ସିଂ ବାଜୱାଙ୍କୁ ସାକ୍ଷାତ କରି କାଲୁପଡା ଘାଟ ଷ୍ଟେଶନର ଉନ୍ନତି ପାଇଁ ଆଲୋଚନା କରିଛନ୍ତି। ଫୁଟ୍ ଓଭରବ୍ରିଜ, ଲିଫ୍ଟ, ରେଷ୍ଟ ଶେଡ, ଷ୍ଟେଶନର ରେଲୱେ ପୋଲିସର ତଦାରଖ ସମ୍ପର୍କରେ ଆଲୋଚନା ହୋଇଥିଲା। ଏହି ପ୍ରତିନିଧି ଦଳରେ ଦିଲୀପ କୁମାର ନାଥ, ସାରଙ୍ଗଧର ବିଶ୍ୱାଳ, ଗଣେଶ ଦାସ ପ୍ରମୁଖ ସାମିଲ ହୋଇଥିଲେ। ଖୁବ୍‌ଶୀଘ୍ର ଷ୍ଟେଶନର ଉନ୍ନତି ପାଇଁ କାର୍ଯ୍ୟ କରାଯିବ ବୋଲି ରେଲୱେ ମ୍ୟାନେଜର ପ୍ରତିଶ୍ରୁତି ଦେଇଛନ୍ତି।

### ଅବକାରୀ ଚଢ଼ାଉ, ୨ ଗିରଫ

ବେଗୁନିଆ,୧୧।୭(ହରପ୍ରସନ୍ନ ପଣ୍ଡା)

ଖୋର୍ଦ୍ଧା ଜିଲା ଅବକାରୀ ବିଭାଗ ପକ୍ଷରୁ ଶୁକ୍ରବାର ବେଆଇନ ମଦ କାରବାର ଉପରେ ଚଢ଼ାଉ କରାଯାଇଥିଲା। ଏଥିରେ ବେଗୁନିଆ ଓ ବାଘମାରୀ ଥାନା ଅଞ୍ଚଳରେ ଥିବା ବେଆଇନ ମଦ ଭାଟି ଓ ବିକ୍ରୟ ସ୍ଥାନରେ ଚଢାଉ କରାଯାଇ ୬୩ ଲିଟର ଦେଶୀ, ୧୧ ଲିଟର ବିଦେଶୀ ମଦ ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ଥିବା ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ କଟକ ଜିଲା ବାଙ୍କୀ ଥାନା ଅନ୍ତର୍ଗତ ରାମଚନ୍ଦ୍ରପୁର ଗ୍ରାମର ରାଧାକାନ୍ତ ସାଥୁଆ (୪୩) ଏବଂ ବାଘମାରୀ ଥାନା ସିମୋର ଗ୍ରାମର ସୁବାସ ଚନ୍ଦ୍ର ଜେନା (୪୮)। ସେହିପରି ବ୍ୟବହୃତ ଏକ ସ୍କୁଟିକୁ ଜବତ ହୋଇଛି। ଥାନାରେ ପୃଥକ ୨ଟି ମାମଲା ରୁଜୁ କରାଯାଇଛି।

### ଯୁବ ଫୁଟ୍‌ବଲ ଖେଳାଳିଙ୍କ ପରଲୋକ

ଟାଙ୍ଗୀ(ଖୋର୍ଦ୍ଧା),୧୧।୮( ରଘୁନାଥ ସାହୁ)

ଟାଙ୍ଗୀର ଯୁବ ଫୁଟବଲ ଖେଳାଳି ପ୍ରଶାନ୍ତ କୁମାର ବିଶ୍ୱାଳ (ପାଦା)ଙ୍କର ଶୁକ୍ରବାର ପରଲୋକ ହୋଇଛି। ମୃତ୍ୟୁ ବେଳକୁ ତାଙ୍କୁ ମାତ୍ର ୨୮ ବର୍ଷ ହୋଇଥିଲା। ସେ କିଛିଦିନ ଧରି ଲିଭର ଜନିତ ରୋଗରେ ପୀଡ଼ିତ ହୋଇ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ଗ୍ରାମ ଶ୍ମଶାନରେ ମୃତଦେହ ସତ୍କାର କରାଯାଇଥିଲା। ତାଙ୍କର ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳର ଖେଳାଳିମାନଙ୍କ ମଧ୍ୟରେ ଶୋକରଛାୟା ଖେଳିଯାଇଛି।

### ଜାତୀୟ କୃମି ନାଶ ଦିବସ ପାଳିତ

ଗମ୍ଭାରୀମୁଣ୍ଡା,୧୧।୮(ଦିଲୀପ ସ୍ୱାଇଁ)

ଖୋର୍ଦ୍ଧା ଜିଲା ନାରୁଣୀ ମହାବିଦ୍ୟାଳୟ ପରିସରରେ ଅଧକ୍ଷ ନାରାୟଣ ବଳିଆରସିଂଙ୍କ ଅଧ୍ୟକ୍ଷତାରେ ଏବଂ ରେଡକ୍ରସ କାଉନସିଲର ବିଜୟ ଶତପଥୀଙ୍କ ନେତୃତ୍ୱରେ ମହାବିଦ୍ୟାଳୟ ପରିସରରେ ଜାତୀୟ କୃମି ନାଶ ଦିବସ ପାଳିତ ହୋଇଯାଇଛି। ଏଥିରେ ମହାବିଦ୍ୟାଳୟର ରେଡକ୍ରସ ୟୁନିଟର ସ୍ୱେଚ୍ଛାସେବୀ, ଛାତ୍ରୀଛାତ୍ରଙ୍କ ଦ୍ୱାରା ମହାବିଦ୍ୟାଳୟର ଅନ୍ୟ ଛାତ୍ରୀଛାତ୍ରଙ୍କୁ ସଚେତନତା କରିବା ସହିତ କୃମି ଔଷଧ ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଅଧକ୍ଷ କିଭଳି କୃମିଠାରୁ ଦୂରେଇ ରହିବା ସେ ବିଷୟରେ ସବିଶେଷ ଟିପ୍ପଣୀ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଶ୍ୱଜିତ ପ୍ରଧାନ, ଶୁଭମ ତ୍ରିପାଠୀ, ପ୍ରଭୁ ସ୍ୱାଇଁ, ରଞ୍ଜିତ ସାହୁ, ବବୁଲୁ ସ୍ୱାଇଁ, ହିମାଂଶୁ ସାହୁ ଆଦି ସ୍ୱେଚ୍ଛାସେବୀ, ଛାତ୍ରୀଛାତ୍ରମାନେ କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ।

# ଦିବ୍ୟାଙ୍ଗ, ଅଭିଭାବକ, ଶିକ୍ଷକଙ୍କ କ୍ଲଷ୍ଟରସ୍ତରୀୟ ଶିବିର



କ୍ଲଷ୍ଟରସ୍ତରୀୟ ଶିବିରରେ ମଞ୍ଚାସୀନ ଅତିଥିବୃନ୍ଦ।

ନିରାକାରପୁର, ୧୧।୮(ମାନସଚନ୍ଦ୍ର ପଟ୍ଟନାୟକ )

ଖୋର୍ଦ୍ଧା ଜିଲା ରାମେଶ୍ୱର ପଞ୍ଚାୟରେ ଥିବା ରାମେଶ୍ୱର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶୁକ୍ରବାର ଦିବ୍ୟାଙ୍ଗଙ୍କ ଅଭିଭାବକ ଓ ସ୍କୁଲର ଶିକ୍ଷକଙ୍କୁ ନେଇ କ୍ଲଷ୍ଟରସ୍ତରୀୟ ଏକ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଟାଙ୍ଗୀ ବ୍ଲକ ସମ୍ବଳ ଶିକ୍ଷୟିତ୍ରୀ (ଆରପିସିଡବ୍ଲ୍ୟୁଏସ୍‌ଏନ୍)ରୋଜାଲିନ ମିଶ୍ର ଯୋଗଦେଇ ଦିବ୍ୟାଙ୍ଗ ଛାତ୍ରୀଛାତ୍ର ଆମ ପାଇଁ ରତ୍ନ ସଦୃଶ। ସମାଜରେ ଆମର ଯେତିକି ଅଧିକାର ରହିଛି ସେମାନଙ୍କର ମଧ୍ୟ ସେତିକି ରହିଛି। ସେମାନେ ଯେପରି ଭବିଷ୍ୟତରେ ପରିବାର ସମେତ ଅନ୍ୟ କାହା ଉପରେ ବୋଝ ନହୁଅନ୍ତି ସେଥିପାଇଁ ସରକାର ସେମାନଙ୍କ ନିମିତ୍ତ ଅନେକ ବ୍ୟବସ୍ଥା କରିଛନ୍ତି। ସେମାନଙ୍କୁ ସୁଚାରୁ ରୂପେ ଗଢି ତୋଳିବାରେ ସ୍କୁଲରେ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କର ଯେତିକି ଦାୟିତ୍ୱ ରହିଛି ତା'ଠାରୁ ଢେରଗୁଣରେ ଗୁରୁଦାୟିତ୍ୱ ଅଭିଭାବକମାନଙ୍କର ରହିଛି। ଯଦ୍ୱାରା ଦିବ୍ୟାଙ୍ଗମାନଙ୍କୁ ମଧ୍ୟ ନେଇ ଏକ ସୁସ୍ଥ ସମାଜ ଗଠନ ହୋଇପାରିବ ବୋଲି ଉପସ୍ଥିତ ଅଭିଭାବକମାନଙ୍କୁ ସୁପରାମର୍ଶ ଦେଇଥିଲେ। ଅନୁରୂପ ଭାବେ ୨୧ ପ୍ରକାର ଦିବ୍ୟାଙ୍ଗ ପିଲା ଅଛନ୍ତି। ୮ପ୍ରକାର ଦିବ୍ୟାଙ୍ଗ ଛାତ୍ରୀଛାତ୍ରମାନେ ସ୍କୁଲ ଆସୁଛନ୍ତି। ଅନ୍ୟମାନଙ୍କ ପାଇଁ ମଧ୍ୟ ସରକାରୀ ସ୍ତରରେ ସ୍ୱତନ୍ତ୍ର ଆଇଟିଆଇ ଶିକ୍ଷାଦାନ ଆଦି ବିଭିନ୍ନ ବ୍ୟବସ୍ଥା ରହିଥିବା ସେ ସୂଚନା ଦେଇଥିଲେ। ସେହିପରି ଟାଙ୍ଗୀ ବ୍ଲକ ଶିକ୍ଷକ ସଂଘ ସଭାପତି କିଶୋର କୁମାର ଦାଶ, ହୃଷୀକେଶ ପାଣିଗ୍ରାହୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଦେଇଥିଲେ। ଶେଷରେ ପୂର୍ବତନ ସିଆର୍‌ସିସି ବିଜୟ ସେଠୀ ଧନ୍ୟବାଦ ଦେଇଥିଲେ।

# ଜିଲାସ୍ତରୀୟ ଆନ୍ତଃ ମହାବିଦ୍ୟାଳୟ ପ୍ରତିଯୋଗିତା

ଖୋର୍ଦ୍ଧା,୧୧।୮(ପ୍ରଭାତ ପାଣିଗ୍ରାହୀ)



ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଅନୁଷ୍ଠିତ ପ୍ରତିଯୋଗିତା ଅବସରରେ ଉପସ୍ଥିତି ଅତିଥିଙ୍କ ସହ ଅଧ୍ୟାପକ, ଛାତ୍ରୀଛାତ୍ର।

ସ୍ୱାଧୀନତା ଦିବସ ପାଳନ ଅବସରରେ ଖୋର୍ଦ୍ଧା ଜିଲାସ୍ତରୀୟ ଆନ୍ତଃମହାବିଦ୍ୟାଳୟ ଓଡ଼ିଆ ପ୍ରବନ୍ଧ, ବକ୍ତୃତା ଓ ଦେଶାତ୍ମବୋଧକ ସଙ୍ଗୀତ ପ୍ରତିଯୋଗିତା ଶୁକ୍ରବାର ସ୍ଥାନୀୟ ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାର ବିଭିନ୍ନ ମହାବିଦ୍ୟାଳୟ ଓ ଉଚ୍ଚମାଧ୍ୟମିକ ବିଦ୍ୟାଳୟରୁ ବହୁ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ ।

ମହାବିଦ୍ୟାଳୟସ୍ତରୀୟ ଓଡ଼ିଆ ବକ୍ତୃତାରେ ପି.ଏନ୍. କଲେଜର ସୁଧାକର ଦାସ ପ୍ରଥମ ଓ ସୁଧାସ୍ମିତା ସାହୁ ତୃତୀୟ ସ୍ଥାନ ହାସଲ କରିଥିବା ବେଳେ ଭୁବନେଶ୍ୱର ମହର୍ଷି କଲେଜର ଅଂଶୁମାନ ସାହୁ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ଉଚ୍ଚମାଧ୍ୟମିକ ବିଦ୍ୟାଳୟ (+୨)ସ୍ତରରେ ଅନୁଷ୍ଠିତ ବକ୍ତୃତା ପ୍ରତିଯୋଗିତାରେ ବାଣପୁର ଗୋଦାବରୀଶ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ସୁଶାନ୍ତ କୁମାର ସାହୁ ପ୍ରଥମ, ପ୍ରାଣନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରୀତିପ୍ରଜ୍ଞା ଭୁଜବଳ ଦ୍ୱିତୀୟ, ଦେଉଳି ରଘୁନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଶ୍ୱେତାଲିନା ପ୍ରିୟଦର୍ଶିନୀ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ମହାବିଦ୍ୟାଳୟସ୍ତରୀୟ ଓଡ଼ିଆ ପ୍ରବନ୍ଧ ପ୍ରତିଯୋଗିତାରେ ରାଜଧାନୀ କଲେଜର ଅସିତ ଜେନା ପ୍ରଥମ, ବାଣପୁର ଗୋଦାବରୀଶ କଲେଜର କୁନି ପ୍ରଧାନ ଦ୍ୱିତୀୟ ଏବଂ ବାଲୁଗାଁ କଲେଜର ସ୍ମୃତିରେଖା ସାମନ୍ତରାୟ ତୃତୀୟ ହୋଇଛନ୍ତି। +୨ ସ୍ତରରେ ଗୁରୁଜଙ୍ଗ ଜବାହର ନବୋଦୟ ବିଦ୍ୟାଳୟର ଆଦିତ୍ୟ କୁମାର ସାହୁ, ପ୍ରାଣନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଚିନ୍ମୟୀ ଚିତ୍ରଲେଖା ଏବଂ ପ୍ରାଣନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସୌମ୍ୟଶ୍ରୀ ବେହେରା ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି । ଦେଶାତ୍ମବୋଧ ସଙ୍ଗୀତ ଗାନ ପ୍ରତିଯୋଗିତା ମହାବିଦ୍ୟାଳୟସ୍ତରରେ ପି.ଏନ୍. କଲେଜର ପ୍ରଜ୍ଞାପାରମିତା ଲେଙ୍କା ପ୍ରଥମ, ବାଣପୁର ଗୋଦାବରୀଶ କଲେଜର ରାଜେନ୍ଦ୍ର ସାହୁ ଦ୍ୱିତୀୟ, ରାଜଧାନୀ କଲେଜର ରାଜା ଗୌଡ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ପ୍ରତିଯୋଗିତାରେ ବିଚାରିକା ଭାବେ ପ୍ରାଧ୍ୟାପିକା ଡ. ସୁନିତା ତ୍ରିପାଠୀ, ଡ. ମଧୁସ୍ମିତା ତ୍ରିପାଠୀ, ଅଧ୍ୟାପକ ସନ୍ତୋଷ କୁମାର ବେହେରା, ଭଗବାନ ଖିଲାର, ଡ. ମନୋଜା ମଞ୍ଜରୀ ସାହୁ, ଡ. ପ୍ରାଚୀପ୍ରଭା ନାୟକ, ଅସୀମା ଶତପଥୀ, ଅକ୍ଷୟ ମିଶ୍ର ଯୋଗ ଦେଇଥିଲେ ପ୍ରାଧ୍ୟାପକ ଶୁଭେନ୍ଦୁ ମହାନ୍ତି ଏବଂ ଅଧ୍ୟାପକ ସୁବୋଧ କୁମାର ଜଗଦେବ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ । କଲେଜ ଉପାଧ୍ୟକ୍ଷ ଡ. ବିନୋଦିନୀ ମିଶ୍ର, ଅଧ୍ୟାପିକା ଅଲିଭା ବେଉରା ଏବଂ ପ୍ରତୀକ୍ଷା ସାହୁ ପ୍ରମୁଖ ସହଯୋଗ କରିଥିଲେ ।

■ ଦେଶାତ୍ମବୋଧକ ସଙ୍ଗୀତରେ ପ୍ରଜ୍ଞାପାରମିତା ପ୍ରଥମ

■ ବକ୍ତୃତାରେ ସୁଧାକର ଓ ସୁଶାନ୍ତ, ପ୍ରବନ୍ଧରେ ଅସିତ ଓ ଆଦିତ୍ୟ




ଆସନ୍ତା ସ୍ୱାଧୀନତା ଦିବସ ପାଇଁ ଶୁକ୍ରବାର ପୁରୀ ଇନ୍‌ଡୋର ଷ୍ଟାଡିୟମରେ ପରେଡ ଅଭ୍ୟାସ କରାଯାଉଛି । (ଫଟୋ– ଯଜ୍ଞେଶ୍ୱର ମହାନ୍ତି ।

## ସଂକ୍ଷେପରେ

### ଧାର ଟଙ୍କା ମାଗିବାରୁ ମହିଳାଙ୍କୁ ଦୁର୍ବ୍ୟବହାର

ନିମାପଡ଼ା, ୧୧।୮ (ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଥାନା ଅନ୍ତର୍ଗତ ଭିଲିଗ୍ରାମ ପଞ୍ଚାୟତର ବିଷ୍ଣୁପୁର ଗ୍ରାମର ଜଣେ ମହିଳା ଧାର ଟଙ୍କା ମାଗିବାରୁ ତାଙ୍କୁ ନିକଟସ୍ଥ ଦେଉଳିସାହି ଗ୍ରାମର ଯୁବକ ଦୁର୍ବ୍ୟବହାର କରି ଗାଳିଗୁଲଜ ଦେଇଥିବା ଅଭିଯୋଗ ହୋଇଛି। ଏ ନେଇ ପୋଲିସ ଏକ ମାମଲା(ନଂ.୨୭୯/୨୩) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ଉକ୍ତ ମହିଳାଙ୍କଠାରୁ ଯୁବକ ଜଣକ ଗତ କିଛି ମାସ ତଳେ ୪୦ ହଜାର ଟଙ୍କା ଧାରସୂତ୍ରରେ ନେଇଥିଲେ। ଅନେକଥର ଟଙ୍କା ମାଗିବା ପରେ ଦିଲୀପ ଟଙ୍କା ନ ଦେଇ ଓଲଟି ମହିଳାଙ୍କୁ ଦୁର୍ବ୍ୟବହାର, ଗାଳିଗୁଲଜ କରି ବିଭିନ୍ନ ଧମକ ଦେଉଥିବା ମହିଳା ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି।

### ମଦ ଜବତ, ବେପାରୀ ଗିରଫ

ନିମାପଡ଼ା, ୧୧।୮ (ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଅବକାରୀ ଥାନା ବିଭାଗ ପକ୍ଷରୁ ଶୁକ୍ରବାର କାକଟପୁର, ବାଜପୁର, ପାଟପୁର, କୁଣ୍ଡେଇ ହାଟ, ଓଥକା ପ୍ରଭୃତି ଅଞ୍ଚଳ ଉପରେ ଚଢ଼ାଉ କରାଯାଇଥିଲା। ଏହି ଚଢ଼ାଉ ବେଳେ କାକଟପୁର ଥାନା ବାଲିକୁଳ ଗ୍ରାମରେ ଜଣେ ଚୋରା ମଦ ବେପାରୀଙ୍କୁ ଗିରଫ କରାଯାଇଛି। ସେ ହେଲେ ଉକ୍ତ ଗ୍ରାମର ହାବିଲଦାର ସେଠୀ। ତାଙ୍କଠାରୁ ୪୮ ମଦ ବୋତଲ ଜବତ କରିଛନ୍ତି। ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ବେଳେ ଜାମିନ ନାମଞ୍ଜୁର ହେବାରୁ ବିଚାର ବିଭାଗୀୟ ହାଜତକୁ ପଠାଯାଇଛି। ଏ ନେଇ ନିମାପଡ଼ା ଅବକାରୀ ଥାନା ପକ୍ଷରୁ ଏକ ମାମଲା(ନଂ.୭୨/୨୩) ରୁଜୁ କରି ଘଟଣାର ତଦନ୍ତ ଚାଲିଛି। ପୁରୀ ଜିଲା ଅବକାରୀ ଅଧୀକ୍ଷକ ଜଗଦୀଶଚନ୍ଦ୍ର ସାମଲଙ୍କ ନିର୍ଦ୍ଦେଶକ୍ରମେ ନିମାପଡ଼ା ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ନାରାୟଣ ବେହେରା, ଏଏସ୍‌ଆଇ ଜିତେନ୍ଦ୍ର ବେହେରା, ସ୍ୱାଗତିକା ଘଡ଼େଇ, ତପନ ପ୍ରଧାନ ପ୍ରମୁଖ ଚଢ଼ାଉରେ ସାମିଲ ଥିଲେ।

# ଦୂରହେବ ପିଇବା ପାଣି ସମସ୍ୟା

ଗୋପ, ୧୧।୮ (ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ ବ୍ଲକର ୭ ପଞ୍ଚାୟତରେ ଦୀର୍ଘ ବର୍ଷ ଧରି ପିଇବା ପାଣି ସମସ୍ୟା ସବୁ ସମୟରେ ଲାଗିରହିଥିଲା। ଏହି ସମସ୍ୟାର ପ୍ରତିକାର ପାଇଁ ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାଶ ସବୁ ସମୟରେ ରାଜ୍ୟ ସରକାରଙ୍କ ନିକଟରେ ଦାବି ରଖିଥିଲେ। ଏହି ଦାବିକୁ ନେଇ ଶୁକ୍ରବାର ରାଜ୍ୟ ସରକାରଙ୍କ କ୍ୟାବିନେଟ ବୈଠକରେ ଗୋପ ବ୍ଲକର ୭ ପଞ୍ଚାୟତକୁ ପିଇବା ପାଣି ମେଘା ପ୍ରୋଜେକ୍ଟରେ ସାମିଲ କରାଯାଇଛି। ଏହି ମେଗା ପ୍ରୋଜେକ୍ଟ କାର୍ଯ୍ୟ ଖୁବ୍‌ଶୀଘ୍ର ଆରମ୍ଭ ହେବ। ପ୍ରକାଶ ଯେ, ଗୋପ ବ୍ଲକର

**ଉପକୃତ ହେବେ ୭ ପଞ୍ଚାୟତର ୪୦ ହଜାର ପରିବାର**

ଗଣେଶ୍ୱରପୁର, ଡଭାର, ନୂଆ ଖୋଲମରା, ରାହାଙ୍ଗଗୋରଡା, ବନ୍ତଲିଗ୍ରାମ, ଅଣ୍ଡରା–ଇଚ୍ଛାପୁର, ବଣିଆସାହି ପଞ୍ଚାୟତରେ ଦୀର୍ଘବର୍ଷ ଧରି ପିଇବା ପାଣି ସମସ୍ୟା ଦେଖାଦେଇଥାଏ। ପ୍ରତ୍ୟେକ ସମୟରେ ଏହି ପଞ୍ଚାୟତଗୁଡ଼ିକରେ ବସବାସ କରୁଥିବା ୪୦ ହଜାର ପରିବାର ପିଇବା ପାଣି ସମସ୍ୟା ଦୂର କରିବାକୁ ଦାବି କରିଥାନ୍ତି। ହେଲେ ଏପରି ଦାବିକୁ କେହି ଗ୍ରହଣ କରି ନ ଥିବାବେଳେ ବିଧାୟକ ଦାଶ ଦାବିକୁ ଗ୍ରହଣ କରି ତୁରନ୍ତ ସମସ୍ୟାର ସମାଧାନ କରିବାକୁ ରାଜ୍ୟ ସରକାରଙ୍କ ନିକଟରେ ଦାବି ରଖିଥିଲେ। ଏପରି କି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ବ୍ୟକ୍ତିଗତ ଭାବେ ଏପରି ସମସ୍ୟା ପ୍ରତି ଗୁରୁତ୍ୱ ଦେବାକୁ ଅନୁରୋଧ କରିଥିଲେ। ଶୁକ୍ରବାର ରାଜ୍ୟ ସରକାର ଏହି ଦାବିକୁ ନେଇ କ୍ୟାବିନେଟ ବୈଠକରେ ମଞ୍ଜୁରି ଦେଇ ଥିବାବେଳେ ତୁରନ୍ତ ସାଧାରଣ ଲୋକଙ୍କୁ ମେଘା ପ୍ରୋଜେକ୍ଟ ଜରିଆରେ ପିଇବା ପାଣି ସମସ୍ୟାର ସମାଧାନ କରାଯିବ ବୋଲି କହିଛନ୍ତି। ୭ ପଞ୍ଚାୟତରେ ବସବାସ କରୁଥିବା ଶତାଧିକ ଗାଁର ଲୋକମାନେ ଦୀର୍ଘ ବର୍ଷ ଧରି ପିଇବା ପାଣି ପାଇବାରୁ ବଞ୍ଚିତ ହେଉଥିଲେ। ପିଇବା ପାଣି ସମସ୍ୟାକୁ କ୍ୟାବିନେଟ ମଞ୍ଜୁରୀ ମିଳିବା ଖବର ଆସିବା ପରେ ଏହି ୭ ପଞ୍ଚାୟତବାସୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ବିଧାୟକ ଦାଶଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏହି ୭ ପଞ୍ଚାୟତର ସମସ୍ତ ଲୋକ ପ୍ରତିନିଧି ଓ ପୂର୍ବତନ ସରପଞ୍ଚ, ଜିଲା ପରିଷଦଙ୍କ ସହିତ ଅନ୍ୟ ନେତୃବୃନ୍ଦ ମଧ୍ୟ ଶୁଭେଚ୍ଛା ଜଣାଇଛନ୍ତି। ଏ ନେଇ ବିଧାୟକ ଦାଶ କୁହନ୍ତି, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିକଟରେ ଏପରି ପ୍ରସଙ୍ଗରେ ଦାବି ରଖିଥିଲି। ମୋର ଦାବିକୁ ମଧ୍ୟ ଆଜି ପୂରଣ କରିଛନ୍ତି ବୋଲି କହିବା ସହ ଆଗାମୀ ଦିନରେ ମଧ୍ୟ ସାଧାରଣ ଲୋକ ମୁଖ୍ୟମନ୍ତ୍ରୀଙ୍କ ଅନୁରୋଧକୁ ଗ୍ରହଣ କରିବେ ବୋଲି ଆଶା ଥିବା କହିଥିଲେ।

## ରାଜ୍ୟପାଳଙ୍କ ଦ୍ୱାରା ଶିକ୍ଷା ସୌରଭ ପୁସ୍ତକ ଉନ୍ମୋଚିତ

କଣାସ, ୧୧।୮ (ବିଭୂତି ଭୂଷଣ ତ୍ରିପାଠୀ)



ପ୍ରାଥମିକ ଛାତ୍ରୀଛାତ୍ରଙ୍କ ନିମନ୍ତେ ଲିଖିତ ଶିକ୍ଷା ସୌରଭ ନାମକ ଏକ ପୁସ୍ତକ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲାଙ୍କ ଦ୍ୱାରା ଗୁରୁବାର ରାଜଭବନରେ ଉନ୍ମୋଚିତ ହୋଇଯାଇଛି। ଏହି ଅବସରରେ ପୁସ୍ତକର ରଚୟିତା କବି କସ୍ତୁରୀ ଦିଲୀପ ଶ୍ରୀଚନ୍ଦନ ପୁସ୍ତକଟି କିଭଳି ଛାତ୍ରୀଛାତ୍ରଙ୍କ ପାଇଁ ଉପାଦେୟ ହେବ ତାହା ଜଣାଇବା ସହ ରାଜ୍ୟପାଳଙ୍କୁ ଏକ କବିତା ଫଳକ ଉପହାର ଦେଇଥିଲେ। କୁମାର କବିଙ୍କ ଜୀବନୀ ଆଧାରିତ ଅମୃତ ଉତ୍ତରଣ, ସାଧନା ସିଦ୍ଧି, କଥାମୃତ ପ୍ରଭୃତି ପୁସ୍ତକ ଉପହାର ଦେଇଥିଲେ। ଉନ୍ମୋଚନ ସମୟରେ କୁମାର କବି ଫାଉଣ୍ଡେଶନ ପକ୍ଷରୁ ଆଲୋକ ପ୍ରଧାନ, ସତ୍ୟପ୍ରିୟ ପ୍ରଧାନ, ସ୍ୱୟଂ ଶ୍ରୀଚନ୍ଦନ ପ୍ରମୁଖ ଉପସ୍ଥିତ ରହି ରାଜ୍ୟପାଳଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରିଥିଲେ। ପ୍ରକାଶଥାଉକି, ଶିକ୍ଷା ସୌରଭକୁ ମିଶାଇ ମୋଟ ୧୮ଟି ପୁସ୍ତକ ଦିଲୀପ ଶ୍ରୀଚନ୍ଦନଙ୍କର ପ୍ରକାଶ ପାଇଛି।

# 'ପ୍ରତିଭାମାନେ ଆମ ଦେଶର ସମ୍ବଳ'



କାର୍ଯ୍ୟକ୍ରମରେ ଋତୁପର୍ଣ୍ଣା ମିଶ୍ରଙ୍କୁ ସମ୍ମାନିତ କରାଯାଉଛି ।

ପୁରୀ, ୧୧।୮ (ଅଜିତ ମହାନ୍ତି): ଭାରତୀୟ ଜନତା ପାର୍ଟି (ଭାଜପା) ପୁରୀ ଶାଖା ପକ୍ଷରୁ ଚନ୍ଦନପୁର ନିକଟସ୍ଥ ଗଙ୍ଗାନାରାୟଣପୁର ବାତ୍ୟା ଆଶ୍ରୟସ୍ଥଳୀ ନିକଟରେ ଚାରାରୋପଣ କରାଯିବା ସହିତ ଓଏଏସ୍ ପାଇଥିବା ଯୁବ ପ୍ରତିଭାଙ୍କୁ ସମ୍ମାନିତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଭାଜପା ରାଷ୍ଟ୍ରୀୟ ପ୍ରବକ୍ତା ସମ୍ବିତ ପାତ୍ର ଏବଂ ପୁରୀ ସଦର ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଯୋଗଦେଇ ଓଡ଼ିଶା ପ୍ରଶାସନିକ ସେବାରେ ସଫଳତା ପାଇଥିବା ଆଶୁତୋଷ ସାହୁ ଓ ଋତୁପର୍ଣ୍ଣା ମିଶ୍ରଙ୍କୁ ସମ୍ମାନିତ କରିଛନ୍ତି। ପରୀକ୍ଷାରେ ଋତୁପର୍ଣ୍ଣାଙ୍କ ର୍‌ୟାଙ୍କ ୯୩ ଓ ଆଶୁତୋଷଙ୍କ ର୍‌ୟାଙ୍କ ୧୫୮ ରହିଥିଲା। ଏଥିସହ ମାଟ୍ରିକ ପରୀକ୍ଷାରେ ଟପ୍ପର ହୋଇଥିବା ଦାମିନି ଦିବ୍ୟଜ୍ୟୋତି ମହାରଣା, ବରିଷ୍ଠ ଖବରଦାତା ବିଭୂତି ଭୂଷଣ ଚମ୍ପତି, ଗୋଟିପୁଅ ନୃତ୍ୟଶିଳ୍ପୀ ସମୀର ସାହୁ, ଅନ୍ତର୍ଜାତୀୟ ସ୍ତରରେ ସଫଳତା ପାଇଥିବା ଓଡ଼ିଶୀ ନୃତ୍ୟଶିଳ୍ପୀ ରଶ୍ମିରଞ୍ଜନ ସ୍ୱାଇଁଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ପାତ୍ର କହିଥିଲେ, ପ୍ରତିଭାମାନେ ଆମ ଦେଶର ସମ୍ବଳ ଓ ସେମାନଙ୍କୁ ସମ୍ମାନ ହେବା ଉଚିତ୍। ପ୍ରତିଭାକୁ ସମ୍ମାନ ଦେଲେ ପ୍ରତିଭା ବିକଶିତ ହୋଇପାରିବ। ଏମାନେ ସମସ୍ତେ ଆମ ମାଟିର ଗୌରବ ବୋଲି ପାତ୍ର ପ୍ରକାଶ କରିଥିଲେ। ହରଚଣ୍ଡୀ ହାଇସ୍କୁଲର ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଅତିଥି ଦ୍ୱୟ ହରଚଣ୍ଡୀ ହାଇସ୍କୁଲ ପରିସରରେ ଚାରା ରୋପଣ କରିଥିଲେ।

## ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଚିଠି

ପୁରୀ, ୧୧।୮ (ଅଜିତ ମହାନ୍ତି)

ପିପିଲି ବ୍ଲକ୍ କମାକନ୍ତିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ନିଯୁକ୍ତି ପାଇଥିବା ଡା. ପ୍ରଜ୍ଞାନ ସିଦ୍ଧାର୍ଥ କାର୍ଯ୍ୟରେ ଅବହେଳା କରିବା ନେଇ ଅଭିଯୋଗ ହେବା ପରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଚିଠି ଲେଖିଛନ୍ତି। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଜାତା ମିଶ୍ର ସମ୍ପୃକ୍ତ ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ରାଜ୍ୟ ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ ଏବଂ ବିଭାଗୀୟ ଅତିରିକ୍ତ ସଚିବଙ୍କୁ ଚିଠି ଲେଖିଛନ୍ତି। ଅଭିଯୋଗ ଅନୁଯାୟୀ, ୨୦୨୦ ମାର୍ଚ୍ଚରେ ଡା. ପ୍ରଜ୍ଞାନ କମାକନ୍ତିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ନିଯୁକ୍ତି ପାଇଥିଲେ। ତେବେ ସେ ଠିକ୍ ସମୟରେ ଆସୁ ନ ଥିବାବେଳେ ବିନାନୁମତିରେ ଛୁଟିରେ ରହୁଥିଲେ। ଏପରିକି ଡାକ୍ତରଖାନାକୁ ନ ଆସି ରେଜିଷ୍ଟ୍ରରରେ ଦସ୍ତଖତ କରୁଥିଲେ। ଏନେଇ ବାରମ୍ବାର ଅଭିଯୋଗ ହେବା ପରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ପିପିଲି ଜନସ୍ୱାସ୍ଥ୍ୟ ଅଧିକାରୀଙ୍କୁ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ। ତଦନ୍ତ ସମୟରେ ଅଭିଯୋଗର ସତ୍ୟତା ଜଣାପଡ଼ିଥିଲା। ଏ ନେଇ ମୁଖ୍ୟ ଚିକିତ୍ସାଧିକାରୀ ସମ୍ପୃକ୍ତ ଡାକ୍ତରଙ୍କ ବିରୋଧରେ ଆର୍ଥିକ କାର୍ଯ୍ୟାନୁଷ୍ଠାନ ନେଇଥିଲେ ମଧ୍ୟ ସୁଫଳ ମିଳି ନ ଥିଲା। ଫଳରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଏପରି ପଦକ୍ଷେପ ନେଇଛନ୍ତି।

## ଆହତ ଡାହୁକ ସେବକଙ୍କୁ ପ୍ରଶାସନ ପକ୍ଷରୁ ସହାୟତା

ପୁରୀ, ୧୧।୮ (ଅଜିତ ମହାନ୍ତି):

ପ୍ରଭୁ ବଳଭଦ୍ରଙ୍କ ତାଳଧ୍ୱଜ ରଥର ଡାହୁକ ସେବକ ମାଧବ ପ୍ରଧାନ ଏକ ଦୁର୍ଘଟଣାରେ ଆହତ ହୋଇ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଏହି ଖବର ପାଇବା ପରେ ତାଙ୍କର ଚିକିତ୍ସା ସୁବିଧା ପାଇଁ ପୁରୀ ଜିଲା ରେଡକ୍ରସ ପାଣ୍ଠିରୁ ଜିଲାପାଳ ସମର୍ଥ ବର୍ମା ୩୦ ହଜାର ଟଙ୍କା ମଞ୍ଜୁର କରିଥିଲେ। ଶୁକ୍ରବାର ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁଙ୍କ ପରାମର୍ଶ କ୍ରମେ ପ୍ରଧାନଙ୍କ ମଙ୍ଗରାଜପୁରସ୍ଥିତ ବାସଭବନରେ ଜିଲା ଜରୁରିକାଳୀନ ବିଭାଗର ଡିପିଓ ସୁକାନ୍ତ କୁମାର ଦାଶ, ରେଡକ୍ରସ ସହାୟକ କର୍ମଚାରୀ ଆଦିତ୍ୟ କୁମାର ବରାଳ ଓ ଶ୍ୟାମ ମହାପାତ୍ର ପହଞ୍ଚି ଏହି ଅର୍ଥକୁ ତାଙ୍କ ସହଧର୍ମିଣୀ ଟିକିନା ପ୍ରଧାନଙ୍କୁ ପ୍ରଦାନ କରିଛନ୍ତି। ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଏହି ଅର୍ଥ ତାଙ୍କ ପରିବାରକୁ ପ୍ରଦାନ କରାଯାଇଥିବାବେଳେ ଅଧିକ ଆର୍ଥିକ ସାହାଯ୍ୟ ପାଇଁ ଜିଲାପାଳ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଛନ୍ତି।



ପ୍ରଶାସନ ପକ୍ଷରୁ ଟିକିନା ପ୍ରଧାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି ।

# ୧୫ରେ ପୁରୀ ଟାଉନ ହଲ୍‌ରେ ପ୍ରଦର୍ଶନ ହେବ 'ନିୟତି'

ପୁରୀ, ୧୧।୮ (ଅଜିତ୍ ମହାନ୍ତି):

ସ୍ୱାଧୀନତା ଦିବସ ଅବସରରେ ପୁରୀ ଟାଉନ ହଲରେ ଓଡ଼ିଆ ଚଳଚ୍ଚିତ୍ର 'ନିୟତି' ପ୍ରଦର୍ଶନ ହେବାକୁ ଯାଉଛି। ଯୁବ ଲେଖକ ତଥା ନିର୍ଦ୍ଦେଶକ ପିନାକୀ ଶ୍ରୀଚନ୍ଦନଙ୍କ ଦ୍ୱାରା ନିର୍ମିତ 'ନିୟତି' ଜୁଲାଇ ୨୧ରେ ଓଡ଼ିଶାରେ ମୁକ୍ତିଲାଭ କରି ଦର୍ଶକୀୟ ପ୍ରଶଂସା ପାଇଛି। ଏହି ସିନେମା ସମ୍ପୂର୍ଣ୍ଣ ରୂପେ ମୌଳିକ ଏବଂ ସାମାଜିକ ଜୀବନରେ ଘଟୁଥିବା ଘଟଣାକୁ ନେଇ ଆଧାରିତ। ପୁରୀବାସୀଙ୍କୁ ଉତ୍ତମ ସିନେମା ଦେଖାଇବା ପାଇଁ ଆୟୋଜକମାନଙ୍କ ପକ୍ଷରୁ ଅଗଷ୍ଟ ୧୫ରେ ଉକ୍ତ ହଲ୍‌ରେ ୫ଟି ଶୋ' ଅର୍ଥାତ୍ ପୂର୍ବାହ୍ନ ୯ଟା, ମଧ୍ୟାହ୍ନ ୧୨ଟା, ଅପରାହ୍ନ ୩ଟା, ୬ଟା ଏବଂ ରାତି ୯ଟାରେ ଏହି ସିନେମା ପ୍ରଦର୍ଶନ କରାଯିବ। ୨୪ ଇଞ୍ଚର ଏଲ୍‌ଇଡିର ବଡ଼ ପରଦା ଲଗାଯିବ। ହଲ୍‌ରେ ସରାଉଣ୍ଡ ସାଉଣ୍ଡ, ଏୟାର କଣ୍ଡିସନ ହଲ୍ ଭଳି ବିଭିନ୍ନ ଅତ୍ୟାଧୁନିକ ସୁବିଧା ରହିବ। ଉତ୍ତମ ସ୍ୱଚ୍ଛତା ଓ ଆତିଥେୟତା ବ୍ୟବସ୍ଥା କରାଯିବ। ଦର୍ଶକଙ୍କ ପାଇଁ ସ୍ୱଳ୍ପ ମୂଲ୍ୟ ୧୦୦ ଟଙ୍କାର ଟିକେଟ ବ୍ୟବସ୍ଥା କରାଯାଇଛି। ୧୦ ତାରିଖଠାରୁ ଟିକେଟ ବିକ୍ରି ଆରମ୍ଭ ହୋଇଛି। ସକାଳ ୧୦ଟାରୁ ଅପରାହ୍ନ ୫ଟା ମଧ୍ୟରେ ଟାଉନ୍ ହଲ୍ ନିକଟରେ ଟିକେଟ ମିଳିବ। ଟିକେଟ ବୁକିଂ ସହାୟତା ନିମନ୍ତେ ମୋବାଇଲ ନମ୍ବର (୭୩୭୭୨୯୦୫୦୧/ ୯୪୩୭୯୨୦୨୬୬) ଜାରି କରାଯାଇଛି। ଟାଉନ ହଲକୁ ଆସି ଚଳଚ୍ଚିତ୍ର ଦେଖିବା ପାଇଁ ଆୟୋଜକମାନଙ୍କ ପକ୍ଷରୁ ପୁରୀବାସୀଙ୍କୁ ଅନୁରୋଧ କରାଯାଇଛି। ଉକ୍ତ ସାଲବେଗ ସମ୍ମିଳନୀ କକ୍ଷ ଠାରେ ଆୟୋଜିତ ଏ ସଂକ୍ରାନ୍ତ ଖବରଦାତା ସମ୍ମିଳନୀରେ ସୁଧାଂଶୁ ନାରାୟଣ ଦାଶ, ଚଳଚ୍ଚିତ୍ର ନିର୍ମାତା ପିନାକୀ ଶ୍ରୀଚନ୍ଦନ, ସୌମ୍ୟ ରଞ୍ଜନ ଶତପଥୀ, ଅଭିଷେକ ଶ୍ରୀଚନ୍ଦନ, ବାଳକୃଷ୍ଣ ପୂଜାପଣ୍ଡା ଏବଂ ଟିମ୍ 'ନିୟତି'ର ସଦସ୍ୟମାନେ ଉପସ୍ଥିତ ଥିଲେ।




ଖବରଦାତା ସମ୍ମିଳନୀରେ ଆୟୋଜକମାନେ ନିୟତି ଚଳଚ୍ଚିତ୍ର ପ୍ରଦର୍ଶନ ପାଇଁ ଟିକେଟ ଦେଖାଉଛନ୍ତି ।

# ବଡ଼ ଓଡ଼ିଆ ମଠର କିଛି ଅଂଶ ବିକ୍ରି ପାଇଁ ମସୁଧା

ପୁରୀ, ୧୧।୮ (ଅଜିତ ମହାନ୍ତି)

ଶ୍ରୀମନ୍ଦିର ସଂସ୍କୃତି ଓ ନୀତିକାନ୍ତି ସହ ପୁରୀରେ ଥିବା ମଠଗୁଡ଼ିକ ପାରମ୍ପରିକ ଭାବେ ଜଡ଼ିତ। ଇତି ମଧ୍ୟରେ ପୁରୀର ଉନ୍ନୟନମୂଳକ କାର୍ଯ୍ୟ ଉଦ୍ଦେଶ୍ୟରେ ଅନେକ ମଠ ଭଙ୍ଗାଯାଇଥିବା ବେଳେ ଅନ୍ୟ ଏକ ପ୍ରମୁଖ ମଠର କିଛି ଅଂଶ ବିକ୍ରି ପାଇଁ ମସୁଧା ଚଳାଉଥିବା ଅଭିଯୋଗ ହେଉଛି। ଶ୍ରୀମନ୍ଦିର ନୀତି ପରମ୍ପରା ସହ ଜଡ଼ିତ ଥିବା ବଡ଼ ଓଡ଼ିଆ ମଠର ଅଧା ଅଂଶ ବିକ୍ରି ପାଇଁ ଯୋଜନା ଚାଲିଛି। ୫ଶହ ବର୍ଷର ପୁରୁଣା ଏହି ମଠକୁ ଏକ ନିଯୋଗ ହାତରେ ଟେକି ଦେବା ପାଇଁ ଉଦ୍ୟମ ହୋଇଛି। ଗତ ପରିଚାଳନା କମିଟି ବୈଠକରେ ଏ ନେଇ ଆଲୋଚନା ହୋଇଥିବାବେଳେ କେତେଜଣ ସଦସ୍ୟଙ୍କ ବିରୋଧ ଯୋଗୁ ମୁଖ୍ୟ ପ୍ରଶାସକଙ୍କୁ ତଦନ୍ତ ପାଇଁ ଅନୁରୋଧ କରାଯାଇଛି। ତେବେ ଅତିବଡ଼ୀଙ୍କ ସାଧନା ପୀଠ ଏହି ମଠର ପ୍ରାୟ ୩୭ ଡିସିମିଲ ଜମିକୁ ବିକ୍ରି ପାଇଁ ଚାଲିଥିବା ପ୍ରୟାସକୁ ନିନ୍ଦା କରିବା ସହ ଆତ୍ମହତ୍ୟା ଚେତାବନୀ ଦେଇଛନ୍ତି ମଠ ମହନ୍ତ ଅଧିକାରୀ ବଂଶୀଧର ଦାସ।

ଅତିବଡ଼ୀ ଜଗନ୍ନାଥ ଦାସଙ୍କ ସାଧନା ପୀଠ ଭାବେ ବଡ଼ ଓଡ଼ିଆ ମଠ ପରିଚିତ। ଶ୍ରୀମନ୍ଦିର ସଂସ୍କୃତି ସହିତ ଅଙ୍ଗାଅଙ୍ଗୀ ଭାବେ ମଧ୍ୟ ଜଡ଼ିତ। ଅଣସର ଘରେ ମହାପ୍ରଭୁଙ୍କ ଜରୁଆ ଶ୍ରୀଅଙ୍ଗରୁ ତାତି ଓହ୍ଲାଇବା ପାଇଁ ଫୁଲୁରି ତେଲ ଯୋଗାଇଥାଏ ଏହି ମଠ। ମହାପ୍ରଭୁଙ୍କ ପାଇଁ ଅଧର ହାଣ୍ଡି ବି ଏହି ମଠ ଯୋଗାଇଥାଏ। ଶ୍ରୀମନ୍ଦିର ନିକଟସ୍ଥ ବାସେଳୀ ସାହି ମୌଜାର ୫୦୦ବର୍ଷ ପୁରୁଣା ମଠକୁ ଜାଲ୍ ଇଚ୍ଛାପତ୍ର କରି ହାତେଇବାକୁ ଷଡ଼ଯନ୍ତ୍ର ଚାଲିଛି ବୋଲି ମଠର ବର୍ତ୍ତମାନର ମହନ୍ତ ଅଧିକାରୀ ବଂଶୀଧର ଦାସ ଅଭିଯୋଗ ଆଣିଛନ୍ତି। ଓଡ଼ିଆ ଭାଗବତ ଓ ଓଡ଼ିଆ ସାହିତ୍ୟକୁ ପୁରପଲ୍ଲୀରେ ପ୍ରଚାର କରିବାର ପ୍ରମୁଖ ଦାୟିତ୍ୱ ନେଇଥିବା ବଡ଼ ଓଡ଼ିଆ ମଠର ପ୍ରାୟ ୩୭ ଡିସିମିଲ ଅଂଶ ଏବେ ବିକ୍ରି ହେବ। ଗତ ପରିଚାଳନା ବୈଠକରେ ଏ ନେଇ ଆଲୋଚନା ହୋଇଥିଲା। ଏହି ମଠ ଅଧୀନରେ ଥିବା ୬୧୬ ଓ ୬୧୭ ପ୍ଲଟର ୩୭ ଡିସିମିଲ ଜାଗାକୁ ଏକ ନିଯୋଗକୁ ଦେବା ପାଇଁ ଯୋଜନା ଚାଲିଛି। ପୂର୍ବରୁ ଦୁଇଥର ଏନେଇ ଆଲୋଚନା ହୋଇଥିବାବେଳେ କେତେଜଣ ସଦସ୍ୟଙ୍କ ବିରୋଧ ଯୋଗୁ ସମ୍ଭବ ହୋଇପାରି ନ ଥିଲା। ତେବେ ପୁଣି ଏ ନେଇ ଆଲୋଚନା ଆରମ୍ଭ ହୋଇଥିବା ବେଳେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ଏହାର ତଦନ୍ତ କରିବାକୁ ଅନୁରୋଧ କରାଯାଇଛି। ୨୦୦୨ ପରିଚାଳନା କମିଟି ନିଷ୍ପତ୍ତି ଅନୁସାରେ

**ମଠ ମହନ୍ତଙ୍କ ବିରୋଧ**

କୌଣସି ମଠର ବିଜେ ସ୍ଥଳୀ, ବିକ୍ରି, ଖରିଦ କିମ୍ବା ହସ୍ତାନ୍ତର ହୋଇପାରିବ ନାହିଁ। ତେବେ ୧୯୯୯ ବାତ୍ୟାଠାରୁ ବିକ୍ରି ହେବାକୁ ଥିବା ସ୍ଥାନରୁ ଠାକୁରଙ୍କୁ ନେଇ ଜଗମୋହନରେ ପୂଜା କରାଯାଉଛି। ତେଣୁ ଏହା ବିଜେସ୍ଥଳୀ ନୁହେଁ ବୋଲି ଶ୍ରୀମନ୍ଦିର ପ୍ରଶାସନର ଯୁକ୍ତି ରହିଛି। କିନ୍ତୁ ମଠ ପରିସରରେ ଥିବା ସମସ୍ତ ସ୍ଥାନ ବିଜେସ୍ଥଳୀ ବୋଲି ଯୁକ୍ତି ବାଢ଼ିଛନ୍ତି ମହନ୍ତ। ତେବେ ମଠର ଏହି ୩୭ ଡିସିମଲ ସ୍ଥାନକୁ ୧୯୫୪ ମସିହାରେ ତତ୍କାଳୀନ ମଠ ମହନ୍ତ ବୃନ୍ଦାବନ ଦାସ ଗୋସ୍ୱାମୀଙ୍କ ମାର୍ଫତରେ ହସ୍ତାନ୍ତର କରାଯାଇଥିବା ବେଳେ ୧୯୩୭ ମସିହାର ଜାଲ ଦସ୍ତଖତ କରାଯାଇ ଏହାକୁ ଏବେ ଦଖଲ କରିବାକୁ ଷଡ଼ଯନ୍ତ୍ର ଚାଲିଛି ବୋଲି ମଠ ମହନ୍ତ କହିଛନ୍ତି। ତେବେ ଖୁବ୍‌ଶୀଘ୍ର ଆଇନର ଆଶ୍ରୟ ନେବା ସହ ଯଦି ଜବରଦସ୍ତ ମଠକୁ ଅନ୍ୟକୁ ହସ୍ତାନ୍ତର କରାଯାଏ, ତେବେ ଶ୍ରୀମନ୍ଦିର ସମ୍ମୁଖରେ ଆତ୍ମହତ୍ୟା କରିବେ ବୋଲି ମଠ ମହନ୍ତ ଅଧିକାରୀ ଦାସ କହିଛନ୍ତି।

ଏ ନେଇ ପରିଚାଳନା ସଦସ୍ୟ ତଥା ରାଧାବଲ୍ଲଭ ମଠର ମହନ୍ତ କହିଛନ୍ତି, ଗତ ୪ ତାରିଖରେ ଅନୁଷ୍ଠିତ ହୋଇଥିବା ପରିଚାଳନା କମିଟି ବୈଠକରେ ବଡ଼ ଓଡ଼ିଆ ମଠର କିଛି ସ୍ଥାନକୁ ବିମାନବଡ୍ଡୁ ନିଯୋଗ ନେବା ପାଇଁ ଆବେଦନ କରିଥିଲା ତେବେ ୨୦୨୨ରେ ଅନୁଷ୍ଠିତ ପରିଚାଳନା କମିଟି ବୈଠକରେ ଏନେଇ ଆଲୋଚନା ବେଳେ ବିରୋଧ କରାଯାଇଥିଲା। ୨୦୦୨ରେ ପରିଚାଳନା କମିଟି ନିଷ୍ପତ୍ତି କରିଥିଲା କି ମଠର ବିଜେ ସ୍ଥଳୀକୁ କେହି ବିକ୍ରି କରିପାରିବେ ନାହିଁ। ଯାହାକୁ ଉପସ୍ଥାପନା କରିବା ପରେ କମିଟି ଅଧକ୍ଷ ମଧ୍ୟ ଜମି ବିକ୍ରି ହୋଇପାରିବ ନାହିଁ ବୋଲି କହିଥିଲେ। ତେବେ ଏନେଇ ତଦନ୍ତ କରି ରିପୋର୍ଟ ଦିଆଯାଇଛି କି ଯେଉଁ ସ୍ଥାନ ବିକ୍ରି କରାଯିବ ସେଇଟା ପୂର୍ବରୁ ବିଜେ ସ୍ଥଳୀ ଥିଲା, ମାତ୍ର ଭାଙ୍ଗିଯିବା ଫଳରେ ଠାକୁରଙ୍କୁ ସେଠାରୁ ସ୍ଥାନାନ୍ତର କରିଦିଆଯାଇଛି। ହେଲେ ବି ତାହା ଭାଙ୍ଗିଯାଇଥିଲେ ମଧ୍ୟ ବିଜେସ୍ଥଳୀ ବୋଲି ବିବେଚନା କରାଯିବ। ମଠ ପକ୍ଷରୁ ମଧ୍ୟ ଏକ ଅଭିଯୋଗପତ୍ର ବୈଠକରେ ଉପସ୍ଥାପନା କରାଯାଇଥିଲା। ତେଣୁ ଏ ନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ତର୍ଜମା କରିବେ। ତର୍ଜମା ପରେ ମୁଖ୍ୟ ପ୍ରଶାସନ ଯାହା ନିଷ୍ପତ୍ତି ନେବେ ବୋଲି ପରିଚାଳନା ସଦସ୍ୟ କହିଛନ୍ତି। ଏ ନେଇ ଶ୍ରୀମନ୍ଦିର ଉପ ପ୍ରଶାସକ ତଥା ଜିଲାପାଳ ସମର୍ଥ ବର୍ମାଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ ସମ୍ଭବ ହୋଇପାରି ନ ଥିଲା।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୧।୮।୨୦୨୩

| ୫,୧୧,୮୬୩ ଟଙ୍କା | |
|---|---|
| ସୁନା | ମିଳିନାହିଁ |
| ରୁପା | ୧୫୩.୫୦୦ ଗ୍ରାମ୍ |

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ଆପୋଲୋ ହସ୍ପିଟାଲ ପକ୍ଷରୁ ବିଶ୍ୱ ଅଙ୍ଗଦାନ ଦିବସ ଅବସରରେ ୱାକାଥନ, ହସ୍ପିଟାଲ ପରିସର, ସକାଳ ୭ଟା। ସେସନ କାର୍ଯ୍ୟକ୍ରମ, ହସ୍ପିଟାଲର ୩ୟ ମହଲା କନଫରେନ୍ସ ହଲ, ପୂର୍ବାହ୍ନ ୧୧ଟାରୁ ଆରମ୍ଭ।
- ପ୍ରାକ୍ଟିଂ ଭ୍ୟାଲୁର୍ସ ଆସୋସିଏଶନ(ପିଭିଏଆଇ)ର ରୌପ୍ୟ ଜୟନ୍ତୀ ଉତ୍ସବ ଓ ଭୁବନେଶ୍ୱର ସେଣ୍ଟର ଉଦ୍‌ଘାଟନ, ହୋଟେଲ, ରେସିଡେନ୍ସି, ସକାଳ ୯ଟା।
- ସରସ୍ୱତୀ ଶିଶୁ ବିଦ୍ୟାଳୟ ପକ୍ଷରୁ ବିଦ୍ୟାଳୟସ୍ତରୀୟ ବିଜ୍ଞାନ, ଭୂଗୋଳ ଓ ଚିତ୍ରକଳା ଶିବିର, ବିଦ୍ୟାଳୟ ପରିସର, ଫକୀରମୋହନ ନଗର, ବରମୁଣ୍ଡା, ସକାଳ ୯ଟା ୩୦।
- ୟୁଥ୍ ଫର ଭଲ୍ୟୁଣ୍ଟରି ୱାର୍କ ଓ ସଂଗ୍ରାମୀ ଯୁବ ଛାତ୍ର ସଂଗଠନର ମିଳିତ ଆନୁକୂଲ୍ୟରେ ଅନ୍ତର୍ଜାତୀୟ ଯୁବ ଦିବସ ଅବସରରେ ଆଲୋଚନା, ଓଡ଼ିଶା ଭେଟେରିନାରି କାଉନସିଲର କନଫରେନ୍ସ ହଲ, ଏ-୧୮, ମହର୍ଷି କଲେଜ ରୋଡ୍, ଶହୀଦ ନଗର, ପୂର୍ବାହ୍ନ ୧୦ଟା।
- ଅର୍ଗସ ଏଜୁକେଶନ ନେକ୍ସଟ ସିଜନ-୨, କନଭେନଶନ ହଲ, ମେ ଫେୟାର, ପୂର୍ବାହ୍ନ ୧୦ଟା ୧୫।
- ଓଏଏସ୍‌ଏମ୍‌ଇ ପକ୍ଷରୁ ୩୭ତମ ବାର୍ଷିକ ଜାତୀୟସ୍ତରୀୟ ସମ୍ମିଳନୀ, ସୂଚନା ଭବନ ଅଡିଟୋରିୟମ, ପୂର୍ବାହ୍ନ ୧୦ଟା ୪୫।
- ଅଭିନେତା ପ୍ରେମ ପରିଜାଙ୍କ ସହ ବାର୍ତ୍ତାଳାପ ଶେଶନ, ବି-୧/୨/୩, ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ, ରସୁଲଗଡ଼, ଅପରାହ୍ନ ୪ଟା।
- ଓଡ଼ିଶା କଲଚରାଲ ଫାଉଣ୍ଡେଶନ ଟ୍ରଷ୍ଟ ପକ୍ଷରୁ ୪ର୍ଥ ଓଡ଼ିଶା ସାଂସ୍କୃତିକ ଉତ୍ସବ, ଭାରତୀୟ ବିଦ୍ୟାଭବନ, ସନ୍ଧ୍ୟା ୬ଟା ୧୫।
- ଓଡ଼ିଶୀ ଡ୍ୟାନ୍ସ କାଉନସିଲ ପକ୍ଷରୁ 'ଅଣ୍ଡର ସିକ୍ସଟିନ-୨୦୨୩' ନୃତ୍ୟ ଉତ୍ସବ, ଭଞ୍ଜକଳା ମଣ୍ଡପ, ସନ୍ଧ୍ୟା ୬ଟା ୩୦।
- ବୟନିକା, ହସ୍ତଶିଳ୍ପ ଓ ହସ୍ତତନ୍ତ ବିଭାଗର ମିଳିତ ଆନୁକୂଲ୍ୟରେ ଫ୍ୟାଶନ ଶୋ, ଏକାମ୍ର ହାଟ ପରିସର, ସନ୍ଧ୍ୟା ୭ଟା।

କଟକ

- ୨୮ତମ ୱାଇଜିଟିଟିଏ ଟେବୁଲ ଟେନିସ ଚାମ୍ପିୟନଶିପର ଉଦ୍‌ଘାଟନ ସମାରୋହ, ଇନ୍‌ଡୋର ଷ୍ଟାଡିୟମ, ପୂର୍ବାହ୍ନ ୧୦ଟା ୩୦।
- ଶ୍ରୀ ଜୟଦେବ କଲେଜ ଅଫ୍ ଏଜୁକେଶନ ଆଣ୍ଡ ଟେକ୍ନୋଲୋଜି ପକ୍ଷରୁ କର୍ମଶାଳା, କଲେଜ ପରିସର, ନହରକଣ୍ଟା, ପୂର୍ବାହ୍ନ ୧୦ଟା ୩୦।
- ରାଷ୍ଟ୍ରବାଦୀ ଶିକ୍ଷକ ପରିଷଦ ପକ୍ଷରୁ ସମାନ ନାଗରିକ ସଂହିତା ଶୀର୍ଷକ ଆଲୋଚନାଚକ୍ର, ଦି ୟୁନିଭର୍ସ ସମ୍ମିଳନୀ କକ୍ଷ, ସନ୍ଧ୍ୟା ୬ଟା।

# ନାବାଳିକାଙ୍କୁ ବଳାତ୍କାର ପରେ ତଣ୍ଟିଚିପି ହତ୍ୟା

ଭୁବନେଶ୍ୱର,୧୧।୮(ସତ୍ୟଜିତ୍ ରାଉତ)

- ନନ୍ଦନବିହାରରୁ ମିଳିଲା ଗଳିତ ମୃତଦେହ
- ଶରୀରରେ ନ ଥିଲା ଅନ୍ତଃବସ୍ତ୍ର, ପରିଚୟ ଅସ୍ପଷ୍ଟ

ଇନ୍‌ଫୋସିଟି ଥାନା ଅନ୍ତର୍ଗତ ନନ୍ଦନବିହାର ହାଉସିଂବୋର୍ଡ କଲୋନୀର ଏକ ଘର ପାର୍ଶ୍ୱରେ ଶୁକ୍ରବାର ଜଣେ ନାବାଳିକାଙ୍କ ଗଳିତ ମୃତଦେହ ଜବତ କରିଛି ପୋଲିସ। ମୃତା ନାବାଳିକାଙ୍କ ପରିଚୟ ଜଣାପଡ଼ି ନ ଥିଲେ ମଧ୍ୟ ପାରିପାର୍ଶ୍ୱିକ ସ୍ଥିତିରୁ ତାଙ୍କୁ ବଳାତ୍କାର ପରେ ତଣ୍ଟିଚିପି ହତ୍ୟା କରାଯାଇଥିବା ଜଣାପଡୁଛି। ତାଙ୍କ ବୟସ ୧୨ରୁ ୧୪ ବର୍ଷ ମଧ୍ୟରେ ହେବ ବୋଲି ଅନୁମାନ କରାଯାଉଛି। ନାବାଳିକା ଜଣକ କୁର୍ତ୍ତି ପିନ୍ଧିଥିବାବେଳେ ତାଙ୍କ ଶରରୀରେ ଅନ୍ତ ବସ୍ତ୍ର ନ ଥିଲା। ମୃତଦେହ ନିକଟରେ ଏକ ଡେନ୍‌ଡ୍ରାଇଟ୍ ପ୍ୟାକେଟ ମିଳିଥିବାରୁ ତାଙ୍କୁ ନିଶା ଖୁଆଇ ଏପରି ଅମାନବୀୟ କାର୍ଯ୍ୟ କରାଯାଇଥିବା ସନ୍ଦେହ କରାଯାଉଛି। ମୃତଦେହଟି ପଚିଯିବା ସହ ସେଥିରୁ ଦୁର୍ଗନ୍ଧ ଓ ପୋକ ବାହାରୁଥିବାରୁ ୪ଦିନ ତଳୁ ଘଟଣା ଘଟିଥିବା ପୋଲିସ ଅନୁମାନ କରୁଛି। କ୍ଷତ ବା ଆଘାତ ଲାଗିଥିବା ତଣ୍ଟି ଓ ଶରୀରର ଅନ୍ୟ କେତେକ ସମ୍ବେଦନଶୀଳ ଅଙ୍ଗ ଅଧିକ ଫୁଲିଯିବା ସହ ପଚିଯାଇଥିବା ଦେଖିବାକୁ ମିଳିଛି। ସାଇଣ୍ଟିଫିକ୍ ଟିମ୍ ସହାୟତାରେ ପୋଲିସ ମୃତଦେହକୁ ଜବତ କରି କ୍ୟାପିଟାଲ ହସ୍ପିଟାଲ ପଠାଇଛି। ଏନେଇ ଏକ ଅପମୃତ୍ୟୁ ମାମଲା (ନଂ.୬୮/୨୦୨୩) ରୁଜୁ କରାଯାଇ ଅଧିକ ତଦନ୍ତ ଚାଲିଛି। ନାବାଳିକାଙ୍କ ପରିଚୟ ପାଇବା ପାଇଁ ମୃତଦେହକୁ ଶବ ସଂରକ୍ଷଣ ଗୃହରେ ରଖାଯାଇଛି। ଅନ୍ୟପକ୍ଷରେ ନାବାଳିକା ଜଣକ ବଞ୍ଜାରା ସମ୍ପ୍ରଦାୟର ହୋଇଥାଇପାରନ୍ତି ବୋଲି ସ୍ଥାନୀୟ ଲୋକେ କହୁଛନ୍ତି। ଥାନାଧିକାରୀ ପ୍ରମୋଦ କୁମାର ପଟ୍ଟନାୟକ କହିଛନ୍ତି, ପ୍ରାରମ୍ଭିକ ପର୍ଯ୍ୟାୟରେ ନାବାଳିକାଙ୍କର କିଭଳି ମୃତ୍ୟୁ ହୋଇଛି ତାହା କହିହେବ ନାହିଁ। ବ୍ୟବଚ୍ଛେଦ ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ। ନାବାଳିକାଙ୍କ ପରିଚୟ ଜାଣିବାକୁ ଆଖପାଖ ଅଞ୍ଚଳରେ ପଚରାଉଚରା କରାଯାଉଛି। ପରିଚୟ ଜଣା ନ ପଡିଲେ ବା କୌଣସି ପରିବାର ଲୋକ ନ ଆସିଲେ ୪ ଦିନ ପରେ ବ୍ୟବଚ୍ଛେଦ କରାଯାଇ ମୃତଦେହର ସତ୍କାର କରାଯିବ ବୋଲି ସେ କହିଛନ୍ତି।

ସୂଚନା ଅନୁଯାୟୀ, ହାଉସିଂବୋର୍ଡ କଲୋନିସ୍ଥିତ ପ୍ଲଟ୍ ନଂ. ଏଲ୍-୧୨୧ରୁ ମୃତଦେହ ମିଳିଥିବା ଉକ୍ତ ସ୍ଥାନଟି ପରିତ୍ୟକ୍ତ ଅବସ୍ଥାରେ ରୁହେ। ଉକ୍ତ ଅଞ୍ଚଳ ଅନ୍ଧାରୁଆ ସ୍ଥାନ ହୋଇଥିବାରୁ ସେଠାକୁ କେହି ଯାଆନ୍ତି ନାହିଁ। ଶୁକ୍ରବାର ଦିନ ପ୍ରାୟ ୨ଟାବେଳେ ଅତ୍ୟଧିକ ଦୁର୍ଗନ୍ଧ ହେବାରୁ ସ୍ଥାନୀୟ ଲୋକେ ସେଠାକୁ ଯାଇ ନାବାଳିକାଙ୍କ ମୃତଦେହ ଦେଖିବାକୁ ପାଇଥିଲେ। ସେମାନେ ନାବାଳିକାଙ୍କୁ ଚିହ୍ନିପାରି ନ ଥିଲେ। ଖବର ଦେବାରୁ ପୋଲିସ ସାଇଣ୍ଟିଫିକ୍ ଟିମ୍ ସହ ସେଠାରେ ପହଞ୍ଚିଥିଲା। ସାଇଣ୍ଟିଫିକ୍ ଟିମ୍ ସେଠାରେ ବିଭିନ୍ନ ନମୁନା ସଂଗ୍ରହ କରିବା ପରେ ମୃତଦେହ ଜବତ କରାଯାଇଥିଲା। ଅନ୍ୟପକ୍ଷରେ ଥାନାରେ କୌଣସି ନିଖୋଜ ରିପୋର୍ଟ ହୋଇ ନ ଥିବାରୁ ନାବାଳିକାଙ୍କ ପରିଚୟ ପାଇବା ପୋଲିସ ପାଇଁ ଚ୍ୟାଲେଞ୍ଜ ହୋଇଛି। ପରିଚୟ ପାଇବାକୁ ପୋଲିସ ସ୍ଥାନୀୟ ଥାନାକୁ ଖବର ଦେବା ସହ ପାଖ ବସ୍ତିକୁ ଯାଇ ପଚରାଉଚରା କରୁଛି।



ସିଏସ୍‌ଏମ୍ ଟେକ୍ନୋଲୋଜି ଦ୍ୱାରା ଆୟୋଜିତ 'ସିଏସ୍‌ଏମ୍ ସିନାପ୍ସ ୨.୦' ବିଜେତା ସାଇ ଇଣ୍ଟରନ୍ୟାଶନାଲ ସ୍କୁଲକୁ ପୁରସ୍କୃତ କରାଯାଉଛି।

# ସାଇ ଇଣ୍ଟରନ୍ୟାଶନାଲ ବିଜେତା, ମଦର୍ସ ପବ୍ଲିକ୍ ସ୍କୁଲ ପ୍ରଥମ ରନର୍ସ ଅପ୍

ଭୁବନେଶ୍ୱର,୧୧।୮(ଅନୁରାଧା ମହାରଣା)

**ସିଏସ୍‌ଏମ୍ ସିନାପ୍ସ ୨.୦**

ମଲ୍ଟି ନ୍ୟାଶନାଲ ଆଇଟି କମ୍ପାନୀ ସିଏସ୍‌ଏମ୍ ଟେକ୍ନୋଲୋଜି ଦ୍ୱାରା ଆୟୋଜିତ 'ସିଏସ୍‌ଏମ୍ ସିନାପ୍ସ ୨.୦' ଉଦ୍‌ଯାପିତ ହୋଇଯାଇଛି। ସିଏସ୍‌ଏମ୍ ସିନାପ୍ସ ୨.୦କୁ କୁଇଜ୍ ମାଷ୍ଟର ତଥା କୌନ୍ ବନେଗା କରୋଡପତି ଓ ମାଷ୍ଟରମାଇଣ୍ଡର ରିସର୍ଚ୍ଚ ହେଡ୍ ରହିଥିବା ଆଦିତ୍ୟନାଥ ମୁବାୟୀ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ। ଏଥିରେ ଭୁବନେଶ୍ୱର, କଟକ, ଜଟଣୀ ଆଦି ଅଞ୍ଚଳରେ ଥିବା ୨୯ଟି ବିଦ୍ୟାଳୟର ୨୦୮ଜଣ ଛାତ୍ରୀଛାତ୍ର ୧୦୪ଟି ଟିମ୍‌ରେ ଅଂଶଗ୍ରହଣ କରିଥିଲେ। ଏଥିରେ ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ ବିଜେତା ହୋଇଥିବାବେଳେ ମଦର୍ସ ପବ୍ଲିକ୍ ସ୍କୁଲ ପ୍ରଥମ ରନର୍ସ ଅପ୍ ହୋଇଛି। ଓଲିଉଡ୍ ଅଭିନେତା ସବ୍ୟସାଚୀ ମିଶ୍ର ଉପସ୍ଥିତ ରହି ଅଂଶଗ୍ରହଣକାରୀଙ୍କୁ ଉତ୍ସାହିତ କରିବା ସହ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ସିଏସ୍‌ଏମ୍ ଟେକ୍‌ର ମୁଖ୍ୟ ବିତ୍ତ ଅଧିକାରୀ ମନୋଜ ପାତ୍ର, ମୁଖ୍ୟ ଟେକ୍ନୋଲୋଜି ଅଫିସର ପ୍ରଦ୍ୟୁତ ମୋହନ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ସିଏସ୍‌ଏମ୍ ଟେକ୍ନୋଲୋଜିର ପ୍ରତିଷ୍ଠାତା ପ୍ରିୟଦର୍ଶୀ ନାନୁ ପାଣି କହିଲେ, ଏହା ପିଲାଙ୍କ ମଧ୍ୟରେ ଥିବା ଉତ୍ସୁକତା, ସାଧାରଣ ଜ୍ଞାନ ଓ ଜିଜ୍ଞାସାକୁ ବଢ଼ାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଶୁକ୍ରବାର ଭୁବନେଶ୍ୱର ଓ କଟକର ଡିଏଭି ପବ୍ଲିକ ସ୍କୁଲ, ଦିଲ୍ଲୀ ପବ୍ଲିକ ସ୍କୁଲ, କଳିଙ୍ଗ, କିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲ, ଲୟୋଲା ଇଣ୍ଟରନ୍ୟାଶନାଲ ସ୍କୁଲ, ମଦର୍ସ ପବ୍ଲିକ ସ୍କୁଲ, ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ, ଓଡିଏମ ପବ୍ଲିକ ସ୍କୁଲ, ଏସ୍‌ସିବି ମେଡିକାଲ ପବ୍ଲିକ ସ୍କୁଲ ଏବଂ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ୬ଟି ଟିମ୍ ଫାଇନାଲ ରାଉଣ୍ଡକୁ ଉନ୍ନୀତ ହୋଇଥିଲା।

## ନରସିଂହପୁର ସିଏଚ୍‌ସିରେ ଲାଗିବ ଆଉ ୨ ଡାଏଲିସିସ୍ ମେଶିନ

ଭୁବନେଶ୍ୱର, ୧୧।୮(ଅସମାପିକା ସାହୁ)

କଟକ ଜିଲା ନରସିଂହପୁର ସିଏଚ୍‌ସିରେ ଆଉ ୨ଟି ଡାଏଲିସିସ୍ ମେଶିନ ଲଗାଇବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଏ ନେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଜାତୀୟ ସ୍ୱାସ୍ଥ୍ୟ ମିଶନ ଓଡ଼ିଶା ନିର୍ଦ୍ଦେଶକଙ୍କୁ ଚିଠି ଲେଖି ଅବଗତ କରାଯାଇଛି। ଏଠାରେ କିଡ୍‌ନୀ ରୋଗୀଙ୍କ ସଂଖ୍ୟା ଅଧିକ ରହୁଥିବାରୁ ଡାଏଲିସିସ୍ ସେବାର ସୁପରିଚାଳନା ପାଇଁ ଅତିରିକ୍ତ ଦୁଇଟି ମେଶିନ ଲଗାଇବାକୁ ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହି ବାବଦରେ ସମସ୍ତ ଖର୍ଚ୍ଚ ଓଡ଼ିଶା ଷ୍ଟେଟ୍ ମେଡିକାଲ କର୍ପୋରେଶନ ଲିମିଟେଡ୍ (ଓଏସ୍‌ଏମ୍‌ସିଏଲ୍)ରୁ ବହନ କରାଯିବ।

## ସ୍ତନ କର୍କଟ ବଢ଼ାଉଥିବା ନୂଆ ମଲିକୁଲ୍ ଚିହ୍ନଟ କଲା ଆଇଏଲ୍‌ଏସ୍

ଭୁବନେଶ୍ୱର, ୧୧।୮(ଅସମାପିକା ସାହୁ)

ସ୍ତନ କର୍କଟ ବଢ଼ାଉଥିବା ନୂଆ ମଲିକୁଲ 'ଜିପିଆର୍ ୧୪୧'କୁ ଜୀବ ବିଜ୍ଞାନ ପ୍ରତିଷ୍ଠାନ(ଆଇଏଲ୍‌ଏସ୍) ଭୁବନେଶ୍ୱର ଚିହ୍ନଟ କରିଛି। ଏହାକୁ ନ୍ୟୁଟ୍ରାଲାଇଜ୍ କରି ଅର୍ଥାତ୍ ନିୟନ୍ତ୍ରଣ କରି ସ୍ତନ କର୍କଟ ରୋଗ ଭଲ କରାଯାଇପାରିବ। ଆଇଏଲ୍‌ଏସ୍‌ର ବରିଷ୍ଠ ବୈଜ୍ଞାନିକ ଡା. ସନ୍ଦୀପ କେ. ମିଶ୍ରଙ୍କ ଗବେଷଣାରୁ ଏହା ଜଣାପଡିଛି। ଅନ୍ୟପଟେ ଡିଜିନେପ୍-ଏ ଇନ୍‌ହିବିଟ୍‌ର ବ୍ୟବହାର କରି ସ୍ତନ କର୍କଟ ରୋଗ ଲାଗି ଔଷଧ ପ୍ରସ୍ତୁତି ଦିଗରେ ଆଇଏଲ୍‌ଏସ୍ ପ୍ରି-କ୍ଲିନିକାଲ ଟ୍ରାଏଲ ଆରମ୍ଭ କରିଛି। ଯଦି ଏହା ସଫଳ ହୁଏ ତା'ହେଲେ ସ୍ତନ କର୍କଟ ଚିକିତ୍ସା ଦିଗରେ ଏକ ବଡ଼ ବିପ୍ଳବ ଆସିବା ସହ ଔଷଧ ବାହାରିବା ନେଇ ଆଶା ଉଦ୍‌ଜୀବିତ ହୋଇଛି।

# ଇଂଲିଶ ମିଡିୟମ ସ୍କୁଲ ପିଲାଙ୍କୁ ମାଗଣା ପାଠ୍ୟପୁସ୍ତକ ଦିଆଯାଉ

ଭୁବନେଶ୍ୱର, ୧୧।୮ (ଅସମାପିକା ସାହୁ)

ଘରୋଇ ତଥା ଅଣ ଅନୁଦାନପ୍ରାପ୍ତ ଓଡ଼ିଆ ମାଧ୍ୟମ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ସରକାରୀ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ପରି ମାଗଣା ପାଠ୍ୟପୁସ୍ତକ ଯୋଗାଇଦେବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଏହାକୁ ଓଡ଼ିଶା ଅଭିଭାବକ ମହାସଂଘ ସ୍ୱାଗତ କରିବା ସହିତ ରାଜ୍ୟରେ ଥିବା ହଜାରରୁ ଊର୍ଦ୍ଧ୍ୱ ଇଂଲିଶ ମିଡିୟମ ସ୍କୁଲରେ ପଢୁଥିବା ପ୍ରାୟ ୧୮ଲକ୍ଷ ପିଲାଙ୍କୁ ଏନ୍‌ସିଇଆର୍‌ଟି ବହି ମାଗଣାରେ ଦେବାକୁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି କରିଛି। ମହାସଂଘ ଅଧ୍ୟକ୍ଷ ବାସୁଦେବ ଭଟ୍ଟ କହିଛନ୍ତି, '୫-ଟି'ର ଏହି ଉପକ୍ରମ ଦ୍ୱାରା ସରସ୍ୱତୀ ଶିଶୁମନ୍ଦିର, ବିବେକାନନ୍ଦ, ଅରବିନ୍ଦ ପରି ସମସ୍ତ ଓଡ଼ିଆ ମାଧ୍ୟମ ଘରୋଇ ସ୍କୁଲ ଉପକୃତ ହେବେ। ପ୍ରାୟ ୫ ଲକ୍ଷରୁ ଅଧିକ ଅଭିଭାବକ ଓ ଛାତ୍ରୀଛାତ୍ର ଏହି ଯୋଜନାର ଲାଭ ନେଇପାରିବେ। ମାତ୍ର ଓଡ଼ିଶାରେ ଆହୁରି ହଜାରେ ସ୍କୁଲ ଅଛି, ଯାହା ସିବିଏସ୍‌ଇ ଓ ସିଆଇଏସ୍‌ସିଇ ବୋର୍ଡ ଦ୍ୱାରା ପରିଚାଳିତ ହେଉଛି। ସେଠି ପ୍ରାୟ ୧୮ଲକ୍ଷ ପିଲା ପାଠ ପଢୁଛନ୍ତି। ସେମାନେ ଓଡ଼ିଶାର ପିଲା, ତାଙ୍କର ମାଗଣା ବହି ପାଇବାର ଅଧିକାର ଅଛି। ସେଥିପାଇଁ ୧୮ ଲକ୍ଷ ପିଲାଙ୍କୁ ଏନ୍‌ସିଇଆର୍‌ଟି ବହି ମାଗଣା ଯୋଗାଇ ଦିଆଗଲେ ସବୁପିଲା ସୁବିଧାରେ ପଢ଼ିପାରିବେ ବୋଲି ବାସୁଦେବ କହିଛନ୍ତି। ଆଗାମୀ ଶିକ୍ଷାବର୍ଷ ୨୦୨୪-୨୫ରୁ ଏହି ଯୋଜନା କାର୍ଯ୍ୟକାରୀ କରାଯାଉ। ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କୁ ମାଗଣା ପାଠ୍ୟପୁସ୍ତକ ରାଜ୍ୟ ସରକାର ଯୋଗାଇ ଦେଲେ ଅଭିଭାବକମାନେ ବହି ଶୋଷଣରୁ ମୁକ୍ତ ହେବେ। ପିଲାମାନେ ବହି ବୋଝ ଯୋଗୁ ବିଭିନ୍ନ ସ୍ୱାସ୍ଥ୍ୟଗତ ସମସ୍ୟାରୁ ମୁକୁଳିବେ। ରାଜ୍ୟ ସରକାର ମାତ୍ର ୧୨୦ କୋଟି ଟଙ୍କା ବାର୍ଷିକ ଖର୍ଚ୍ଚ କରିବେ, କିନ୍ତୁ ଅତ୍ୟନ୍ତ ଗରିବ ଶ୍ରେଣୀର ପିଲାମାନେ ଏହାର ସୁବିଧା ନେଇପାରିବେ ବୋଲି ବାସୁଦେବ ଭଟ୍ଟ ଏକ ପ୍ରେସ୍ ବିଜ୍ଞପ୍ତିରେ ପ୍ରକାଶ କରିଛନ୍ତି।

# ରାଜସ୍ୱ ଅତିରିକ୍ତ ଅସୁଲି ପିଅନ ସଂଘର ନିଯୁକ୍ତି ଦାବି

ଭୁବନେଶ୍ୱର,୧୧।୮(ଅନୁରାଧା ମହାରଣା)

ରାଜ୍ୟର ସମସ୍ତ ଜିଲାର ରାଜସ୍ୱ ଅତିରିକ୍ତ ଅସୁଲି ପିଅନମାନେ ତହସିଲ ଓ ଆର୍‌ଆଇ ଅଫିସରେ ୧୯୯୦ରୁ ନିଯୁକ୍ତି ପାଇ କାର୍ଯ୍ୟ କରୁଥିବାବେଳେ ୨୦୦୩ରେ ସେମାନଙ୍କୁ ଛଟେଇ କରାଯାଇଛି। ଏହାପରଠାରୁ ଦୀର୍ଘବର୍ଷ ଧରି ବିନା ପାରିଶ୍ରମିକରେ ଛଟେଇ କର୍ମଚାରୀମାନେ ଆର୍‌ଆଇ ଓ ତହସିଲ କାର୍ଯ୍ୟାଳୟରେ କାମ କରିଆସୁଛନ୍ତି। ଅନ୍ୟ ଚାକିରି ପାଇଁ ଆବେଦନ ବୟସ ସୀମା ଅତିକ୍ରାନ୍ତ ହୋଇଥିବାରୁ ଏମାନେ ଏକ ପ୍ରକାର ବେରୋଜଗାର ହୋଇପଡ଼ିଛନ୍ତି। ତେଣୁ ଏହି ଛଟେଇ କର୍ମଚାରୀଙ୍କ ଦ୍ୱାରା ଗଠିତ ରାଜସ୍ୱ ଅତିରିକ୍ତ ଅସୁଲି ପିଅନ ସଂଘ ସ୍ଥାୟୀ ନିଯୁକ୍ତି ଦାବି କରି ଶୁକ୍ରବାର ସ୍ଥାନୀୟ ଲୋୟର ପିଏମଜିରେ ବିକ୍ଷୋଭ ପ୍ରଦର୍ଶନ କରିଥିଲା। ଏହି କର୍ମଚାରୀ ଓ ସେମାନଙ୍କ ପରିବାର ପ୍ରତିପୋଷଣ ପାଇଁ ସଂଘ ସଭାପତି ପ୍ରମୋଦ କୁମାର ତାଣ୍ଡିଆ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫-ଟି ସଚିବ ଭି. କେ. ପାଣ୍ଡିଆନଙ୍କ ଉଦ୍ଦେଶ୍ୟରେ ଦାବି ଉପସ୍ଥାପନ କରିଛନ୍ତି।




## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ରାଜ୍


@ ଶୁଭାଶିଷ


@ ସୁଜିତ୍


@ ଜଗୁ


@ ନୀତିଶ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ଆଜି ଅଭିଭାବକ-ଶିକ୍ଷକ ବୈଠକ

ଭୁବନେଶ୍ୱର, ୧୧।୮ (ଅସମାପିକା ସାହୁ)

୨୦୨୩-୨୪ ଶିକ୍ଷାବର୍ଷ ପାଇଁ ରାଜ୍ୟର ସମସ୍ତ ସରକାରୀ ଏବଂ ବେସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟଗୁଡିକରେ ଅଭିଭାବକ-ଶିକ୍ଷକ ତଥା ବିଦ୍ୟାଳୟ ପରିଚାଳନା ଓ ଉନ୍ନୟନ କମିଟିର ବୈଠକ ଶନିବାର ଅନୁଷ୍ଠିତ ହେବ। ଶିକ୍ଷାରେ ଗୁଣାତ୍ମକ ଉନ୍ନତି ଆଣିବା ପାଇଁ ବିଦ୍ୟାଳୟଗୁଡ଼ିକରେ ସରକାରଙ୍କ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ଯୋଜନା ଓ କାର୍ଯ୍ୟକ୍ରମ ସମ୍ପର୍କରେ ଅଭିଭାବକଙ୍କୁ ଅବଗତ କରାଯିବ। ଏହି ବୈଠକରେ ଉଭୟ ପ୍ରାଥମିକ ଓ ମାଧ୍ୟମିକ ବିଦ୍ୟାଳୟ ପାଇଁ ପ୍ରସ୍ତୁତ ଏକାଡେମିକ୍ କ୍ୟାଲେଣ୍ଡର ଉପରେ ଅଭିଭାବକ ଏବଂ ବିଦ୍ୟାଳୟ ପରିଚାଳନା/ବିଦ୍ୟାଳୟ ପରିଚାଳନା ଓ ଉନ୍ନୟନ କମିଟି ସଦସ୍ୟଙ୍କ ମଧ୍ୟରେ ଆଲୋଚନା ହେବ। ପ୍ରଥମରୁ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ଅଭିଭାବକ ବୈଠକରେ ଅଂଶଗ୍ରହଣ କରିବେ। ସକାଳ ୮ଟାରୁ ୧୦ଟା ଦୁଇଘଣ୍ଟା ଧରି ଏହି ବୈଠକ ହେବ।

**ଫିରିଙ୍ଗିଆ ଥାନାଧିକାରୀଙ୍କୁ ଗିରଫ ନ କଲେ ଆନ୍ଦୋଳନ: ଭାଜପା**

ଭୁବନେଶ୍ୱର,(ସୁନିତ୍ ମିଶ୍ର): କନ୍ଧମାଳ ଜିଲା ପୂର୍ବରୁ ଅଦା, ହଳଦୀ, କଦଳୀ ଚାଷ ପାଇଁ ସୁଖ୍ୟାତି ଅର୍ଜନ କରିଥିଲା। ହେଲେ ଏବେ ଏହା ଗଞ୍ଜେଇ ଚାଷ ପାଇଁ ଚର୍ଚ୍ଚାରେ । ପୋଲିସ ପ୍ରତି ସାଧାରଣ ଲୋକଙ୍କ ଅବିଶ୍ୱାସ ଓ ଘୃଣା ଭାବ ଯୋଗୁ ବହୁଚର୍ଚ୍ଚିତ ଫିରିଙ୍ଗିଆ ଥାନା ପୋଡ଼ି ଭଳି ସମ୍ବେଦନଶୀଳ ଘଟଣା ଘଟିସାଇଛି । ଉକ୍ତ ଘଟଣାର ମୁଖ୍ୟ ନାୟକ ତଥା ଫିରିଙ୍ଗିଆ ଥାନାଧିକାରୀ ତପନ ନାହାକଙ୍କୁ ଗିରଫ ନ କଲେ ବ୍ୟାପକ ଆନ୍ଦୋଳନ ହେବ ବୋଲି ରାଜ୍ୟ ଭାଜପା କାର୍ଯ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଉପସଭାପତି ବିରଞ୍ଚି ନାରାୟଣ ତ୍ରିପାଠୀ କହିଛନ୍ତି।

# ବିଜେଡି, ଭାଜପା ବିରୋଧରେ ରାଜ୍ୟବ୍ୟାପୀ ଆନ୍ଦୋଳନ



ଭୁବନେଶ୍ୱରରେ ଅନୁଷ୍ଠିତ ୧୭ ମିଳିତ ବିରୋଧୀ ଦଳ ବୈଠକରେ ଉପସ୍ଥିତ ନେତୃବୃନ୍ଦ।

## ୧୭ ମିଳିତ ବିରୋଧୀ ଦଳ ବୈଠକ

ଭୁବନେଶ୍ୱର, ୧୧।୮ (ସୁନିତ୍ ମିଶ୍ର)

୧୭ ମିଳିତ ବିରେଧୀ ଦଳର ଏକ ରାଜନୈତିକ ସମ୍ମିଳନୀ ଭୁବନେଶ୍ୱରଠାରେ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସାମ୍ପ୍ରତିକ ରାଜନୈତିକ, ସାମାଜିକ ତଥା ଅର୍ଥନୈତିକ ପରିସ୍ଥିତି ସମ୍ପର୍କରେ ଦୀର୍ଘ ଆଲୋଚନା ହୋଇଥିଲା। ବିଜେଡି ଏବଂ ଭାଜପା ବିରୋଧରେ ମିଳିତ ବିରୋଧୀ ଦଳ ରାଜ୍ୟରେ ଆନ୍ଦୋଳନକୁ ଜୋର୍‌ଦାର କରିବ ବୋଲି ସୂଚନା ଦିଆଯାଇଛି।

ଏହି ଅବସରରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଶରତ କହିଛନ୍ତି , ଗତ ଗୁରୁବାର ଲୋକ ସଭାରେ ପ୍ରଧାନମନ୍ତ୍ରୀ ତାଙ୍କ ବିରୋଧରେ ଆଗତ ହୋଇଥିବା ଅନାସ୍ଥା ପ୍ରସ୍ତାବ ଉପରେ ନିଜ ସଂସଦୀୟ ଜୀବନର ଦୀର୍ଘତମ ଭାଷଣ ଦେଇ ଅନେକ ଅବାନ୍ତର ଓ ଅପ୍ରାସଙ୍ଗିକ ବିଷୟ ଉଲ୍ଲେଖ କଲେ। କିନ୍ତୁ ମଣିପୁରବାସୀଙ୍କ ଆଖିରୁ ଲୁହ ପୋଛିବା ପାଇଁ ସେ କେବେ ମଣିପୁର ଗସ୍ତ କରିବେ ତାହା ପ୍ରକାଶ କଲେ ନାହିଁ। ସେ ଏହା ନ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଅନୁରୂପ ଭାବେ ଗଣତନ୍ତ୍ରର କଣ୍ଠରୋଧ କରିବା ଉଦ୍ଦେଶ୍ୟରେ ମୁଖ୍ୟ ନିର୍ବାଚନ କମିଶନ ଓ ନିର୍ବାଚନ କମିଶନଙ୍କ ନିଯୁକ୍ତି ନିମନ୍ତେ ଗଠିତ କମିଟିରୁ ପ୍ରଧାନ ବିଚାରପତିଙ୍କୁ ବାଦ୍ ଦେବା ଓ ପ୍ରଧାନମନ୍ତ୍ରୀଙ୍କ ମନୋନୀତ ଜଣେ ମନ୍ତ୍ରୀଙ୍କୁ ସ୍ଥାନିତ କରିବା ସମ୍ପର୍କିତ ବିଲ୍ ରାଜ୍ୟ ସଭାରେ ଆଗତ କରିବା ଘଟଣାକୁ ଏହି ମିଳିତ ବିରୋଧୀ ମଞ୍ଚ ଦୃଢ଼ ବିରୋଧ କରୁଛି। ଉଭୟ କ୍ଷେତ୍ରରେ କେନ୍ଦ୍ରର ମୋଦି ସରକାରଙ୍କ ଆଭିମୁଖ୍ୟକୁ ମଧ ନିନ୍ଦା କରାଯାଇଛି। ସମ୍ମିଳନୀରେ ଦେଶ ତଥା ରାଜ୍ୟର ପ୍ରମୁଖ ପ୍ରସଙ୍ଗ ଯେପରିକି ଚାଷୀ, ବେକାରି, ଦରଦାମ୍ ବୃଦ୍ଧି, ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା, ମହିଳା ନିର୍ଯାତନା, ସାମାଜିକ ନ୍ୟାୟ, ଚିଟ୍‌ଫଣ୍ଡ, ଖଣି, ପାଣି ତଥା ବେଦାନ୍ତ ବିଶ୍ୱବିଦ୍ୟାଳୟ ଦୁର୍ନୀତି ଓ ଟାଟା ପାୱାରର ଖାଉଟି ଶୋଷଣ ନୀତି ସଂକ୍ରାନ୍ତରେ ଆଲୋଚନା ହୋଇଛି। ଏହି ପ୍ରସଙ୍ଗରେ ୧୭ ବିରୋଧୀ ଦଳ ମିଳିତ ଭାବେ ରାଜ୍ୟର ସମସ୍ତ ପ୍ରାନ୍ତ ତଥା ଜିଲାରେ ଦୁର୍ବାର ଆନ୍ଦୋଳନ କରିବାକୁ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ରାଜ୍ୟରେ ବିଜେଡି ଓଡ଼ିଶାବାସୀଙ୍କ ପ୍ରତି ବିଶ୍ୱାସଘାତକତା କରି ଭାଜପାର ବଶମ୍ବଦ ସାଜିବା ଓ ରାଜ୍ୟ ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ନିଜର ସଂକୀର୍ଣ୍ଣ ରାଜନୈତିକ ସ୍ୱାର୍ଥକୁ ଚରିତାର୍ଥ କରିବା ପାଇଁ ମୋଦି ସରକାରଙ୍କର ସମସ୍ତ ଜନବିରୋଧୀ ନୀତି ନିଷ୍ପତ୍ତିକୁ ନିଃସର୍ତ୍ତ ସମର୍ଥନ କରିଚାଲୁଛି। ମିଳିତ ବିରୋଧୀ ମଞ୍ଚ ଏହାର କଠୋର ସମାଲୋଚନା କରୁଛି। ଜନସ୍ୱାର୍ଥର ଜାଗ୍ରତ ପ୍ରହରୀ ଭାବେ ନିରବଚ୍ଛିନ୍ନ ସଂଗ୍ରାମ ରାଜ୍ୟବ୍ୟାପୀ ଚଳାଇବାକୁ ସଂକଳ୍ପ ନିଆଯାଇଛି। ସଚେତନ ରାଜ୍ୟବାସୀ ଉଭୟ ବିଜେଡି ଓ ଭାଜପାର ଅସଲ ଚେହେରା ଚିହ୍ନିବେ ଏବଂ ମିଳିତ ବିରୋଧୀ ମେଣ୍ଟର ପ୍ରତ୍ୟେକ ଆନ୍ଦୋଳନରେ ସାମିଲହେବାକୁ ନିବେଦନ କରାଯାଇଛି। ଏହି ସମ୍ମିଳନୀରେ ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ ଭିତ୍ତିପତ୍ର ଉପସ୍ଥାପନ କରିଛନ୍ତି। ସିପିଏମ, ସିପିଆଇ, ଏଏପି, ସମାଜବାଦୀ ପାର୍ଟି, ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚା, ଶିବାଜୀ ମୌଳିକ, ସମୃଦ୍ଧ ଓଡ଼ିଶା, ତୃଣମୂଳ କଂଗ୍ରେସ, ସିପିଆଇ (ଏମ୍‌ଏଲ୍) ଲିବରେଶନ, ଅଲଇଣ୍ଡିଆ ଫରୱାର୍ଡ ବ୍ଲକ, ରାଷ୍ଟ୍ରବାଦୀ କଂଗ୍ରେସ ପାର୍ଟି, ଆର୍‌ଜେଡି, ସମତାକ୍ରାନ୍ତି, ଆର୍‌ପିଆଇ ପ୍ରମୁଖ ଦଳର ସଦସ୍ୟମାନେ ଯୋଗଦେଇ ନିଜର ଅଭିଭାଷଣ ଦେଇଛନ୍ତି। ଜେଡିୟୁ ଓ ସିପିଆଇ ଏମ୍‌ଏଲ୍ ରେଡ୍‌ଷ୍ଟାର ପକ୍ଷରୁ ଏହି ସମ୍ମିଳନୀକୁ ଲିଖିତ ଭାବେ ସମର୍ଥନ ଦିଆଯାଇଛି।

# ମଣିପୁର ଜଳୁଥିବାବେଳେ ପ୍ରଧାନମନ୍ତ୍ରୀ ମଜାକ ଉଡ଼ାଉଛନ୍ତି: ରାହୁଲ

ନୂଆଦିଲ୍ଲୀ,୧୧।୮

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଣିପୁରରେ ଜଳୁଥିବା ହିଂସାର ନିଆଁକୁ ଲିଭାଇବାକୁ ଚାହୁଁନାହାନ୍ତି, ଯାହା ହେଉଛି ବାସ୍ତବ ସତ୍ୟ ବୋଲି କଂଗ୍ରେସ ନେତା ରାହୁଲ ଗାନ୍ଧୀ ଶୁକ୍ରବାର ଗଣମାଧ୍ୟମକୁ କହିଛନ୍ତି। ପ୍ରଧାନମନ୍ତ୍ରୀ ଗୁରୁବାର ପାର୍ଲାମେଣ୍ଟରେ କହୁଥିବାବେଳେ ମଜାକ ଉଡ଼ାଉଥିଲେ। ଏନ୍‌ଡିଏ ସଦସ୍ୟମାନେ ସ୍ଲୋଗାନ ଦେଉଥିବାବେଳେ ମୋଦି ହସୁଥିଲେ। ଏହା ଜଣେ ପ୍ରଧାନମନ୍ତ୍ରୀଙ୍କୁ ଶୋଭା ଦେଉନାହିଁ। ପ୍ରଧାନମନ୍ତ୍ରୀ ଅନ୍ତତଃ ମଣିପୁର ଯାଇ ସମ୍ପ୍ରଦାୟଗୁଡ଼ିକ ସହ ଆଲୋଚନା କରିପାରିଥାନ୍ତେ। ଗୃହରେ ମଣିପୁର ପ୍ରସଙ୍ଗରେ ନ କହି ମୋ ବିଷୟରେ ଓ କଂଗ୍ରେସ ଉପରେ କହିଥିଲେ ବୋଲି ରାହୁଲ କହିଛନ୍ତି।

କଂଗ୍ରେସ ନେତା ଆହୁରି କହିଛନ୍ତି, ସେ ୧୯ ବର୍ଷ ହେଲା ରାଜନୀତିରେ ଅଛନ୍ତି ଓ ସବୁ ରାଜ୍ୟକୁ ଯାଇଛନ୍ତି। ହେଲେ ମଣିପୁରରେ ସେ ଯାହା ଦେଖିଲେ, ତାହା ଅନ୍ୟ କୌଣସି ରାଜ୍ୟରେ ଦେଖିନାହାନ୍ତି। ଯେତେବେଳେ ସେ ମେଇତି ଅଞ୍ଚଳକୁ ଯାଇଥିଲେ, ତାଙ୍କୁ ସୁରକ୍ଷା ପାଇଁ ସାଙ୍ଗରେ କୌଣସି କୁକିଙ୍କୁ ନ ନେବା ପାଇଁ କୁହାଯାଇଥିଲା। ମେଇତି ଅଞ୍ଚଳକୁ କୌଣସି କୁକି ଗଲେ ତାଙ୍କୁ ସେଠାରେ ମାରିଦିଆଯିବ। କୁକି ଅଞ୍ଚଳରେ ମଧ୍ୟ ଅନୁରୂପ ସ୍ଥିତି। ମଣିପୁର କୁକି ଓ ମେଇତିକୁ ନେଇ ଦୁଇଭାଗ ହୋଇଯାଇଛି, ଯାହା ସେ ପାର୍ଲାମେଣ୍ଟକୁ ଜଣାଇଥିଲେ ବୋଲି ରାହୁଲ କହିଛନ୍ତି। ମଣିପୁରରେ ଭାରତ ମାତାଙ୍କୁ ହତ୍ୟା କରାଯାଉଥିବାବେଳେ ଲୋକ ସଭାରେ ପ୍ରଧାନମନ୍ତ୍ରୀ ହସୁଛନ୍ତି। ସେ ଚାହିଁଲେ ମଣିପୁର ସ୍ଥିତିକୁ ନିୟନ୍ତ୍ରଣ କରିପାରିବେ। କିନ୍ତୁ ସେ ତାହା ଚାହୁଁନାହାନ୍ତି। ଜଣେ ବ୍ୟକ୍ତି ପ୍ରଧାନମନ୍ତ୍ରୀ ହେବା ପରେ ସେ ସାଧାରଣ ରାଜନେତାଙ୍କ ଭଳି କହିବା ଉଚିତ ନୁହେଁ। ତାଙ୍କର ଦୁଇଘଣ୍ଟାର ଭାଷଣ ଶୁଣିବା କଂଗ୍ରେସ ଓ ବିରୋଧୀମାନଙ୍କ ପାଇଁ ଦୁର୍ବିସହ ଥିଲା। ଏହା ପ୍ରଧାନମନ୍ତ୍ରୀ ପଦବୀ ପାଇଁ ଯଥାର୍ଥ ନୁହେଁ। ପ୍ରଧାନମନ୍ତ୍ରୀଙ୍କ ହାତରେ କ୍ଷମତା ଥିଲେ ମଧ୍ୟ ସେ ତାହାର ଉପଯୋଗ କରୁନାହାନ୍ତି, ଯେଉଁଥିପାଇଁ ସେ ମଣିପୁର ଯିବାକୁ ଚାହୁଁ ନାହାନ୍ତି ବୋଲି ରାହୁଲ କହିଛନ୍ତି।

# 'ନୂଆ ଉନ୍ନତ ଅଭିଳାଷ ଓଡ଼ିଶା' ଯୋଜନାକୁ ବିରୋଧୀଙ୍କ ଟାର୍ଗେଟ

ଭୁବନେଶ୍ୱର, ୧୧।୮ (ସୁନିତ୍ ମିଶ୍ର)

- ୨୦୨୪ ନିର୍ବାଚନକୁ ଦେଖି ଯୁବପିଢ଼ିକୁ ପ୍ରଲୋଭନ ଦେଖାଉଛନ୍ତି: ଭାଜପା
- ବିରୋଧୀଙ୍କ କାମ ବିରୋଧ କରିବା, ହେଲେ ଫରକ ପଡିବନି: ବିଜେଡି

୨୦୨୪ ସାଧାରଣ ନିର୍ବାଚନ ଲାଗି ସମୟ ପାଖେଇ ଆସୁଥିବା ବେଳେ ଯୁବ ଭୋଟରଙ୍କ ଉପରେ ବିଜେଡି ଫୋକସ୍ କରୁଥିବା ବିରୋଧୀ ଅଭିଯୋଗ କରିଛନ୍ତି। ଶୁକ୍ରବାର ରାଜ୍ୟ ସରକାର କ୍ୟାବିନେଟ୍‌ରେ ନୂଆ ଉନ୍ନତ ଅଭିଳାଷା ଓଡିଶା ସମ୍ପର୍କିତ ନୂଆ ଯୋଜନାକୁ ଅନୁମୋଦନ ମିଳିଛି। ଏଥିରେ ପ୍ରତ୍ୟେକ ବର୍ଷ ଲକ୍ଷେ ଯୁବତୀ, ଯୁବକଙ୍କୁ ଦକ୍ଷ କରିବା ଲାଗି କାମ ହେବ। ଏଥିଲାଗି ୩ ବର୍ଷରେ ୩୮୫ କୋଟି ଟଙ୍କା ଖର୍ଚ୍ଚ କରିବା ଲାଗି ଯୋଜନା ରହିଛି। ଏହାକୁ ନେଇ ଏବେ ରାଜନୀତି ଜୋର୍ ଧରିବାରେ ଲାଗିଛି। ଭାଜପା ବିଧାୟକ ମୁକେଶ ମହାଲିଙ୍ଗ କହିଛନ୍ତି, କେତେ ନିଯୁକ୍ତି ଦେଇଛନ୍ତି ତା'ର ଶ୍ୱେତପତ୍ର ଜାରି କରନ୍ତୁ। ସରକାର ଯେଉଁ ନୂଆ ଓଡ଼ିଶା କଥା କହୁଛନ୍ତି ଏହା ଧୂଆଁ ବାଣ। ଆଗାମୀ ନିର୍ବାଚନ ପାଇଁ ଯୁବ ଭୋଟରଙ୍କୁ ପ୍ରଲୋଭିତ ଲାଗି ଏହା ଏକ ନୂଆ ଚାଲ୍। ଏମାନେ ଆଗରୁ କ'ଣ କରୁଥିଲେ ବୋଲି ମହାଲିଙ୍ଗ ପ୍ରଶ୍ନ କରିଛନ୍ତି। ବିଜେଡି ବିଧାୟକ ଧ୍ରୁବ ସାହୁ କହିଛନ୍ତି, ବହୁ ଯୁବତୀ,ଯୁବକମାନେ ଟ୍ରେନିଂ ପାଇ ବର୍ତ୍ତମାନ ସିଙ୍ଗାପୁର ଠାରୁ ଆରମ୍ଭ କରି ଦେଶ ଭିତରେ ଏବଂ ବାହାରେ ଆତ୍ମନିଯୁକ୍ତି ପାଇଛନ୍ତି। ତେଣୁ ଏ ଦିଗରେ ସରକାର ଆଉ ପାଦ ଆଗକୁ ଯାଇଛନ୍ତି। ବିରୋଧୀ କେବଳ ବିରୋଧ କରିବା ଜାଣିଛନ୍ତି। ଏହାଦ୍ୱାରା କିଛି ଫରକ ପଡିବ ନାହିଁ ବୋଲି ସେ କହିଛନ୍ତି।

**କ୍ୟାବିନେଟ ନିଷ୍ପତ୍ତି**

# ଓଡ଼ିଶା ମିଲେଟ୍ ମିଶନ ପାଇଁ ୧୨,୬୮୭ କୋଟି ମଞ୍ଜୁରୀ

ଭୁବନେଶ୍ୱର,୧୧।୮ (ଅନିଲ ଦାସ)

- ଓଡ଼ିଶା ଅଧସ୍ତନ ମତ୍ସ୍ୟ ସେବା (ନିଯୁକ୍ତି ସର୍ତ୍ତାବଳୀ) ନିୟମ-୨୦୧୩ ସଂଶୋଧନ ପ୍ରସ୍ତାବକୁ ଅନୁମୋଦନ
- ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ ଅଧ୍ୟକ୍ଷ, ସଦସ୍ୟଙ୍କ ବୟସ ସୀମା ୬୫କୁ ବଢ଼ିଲା

ପୁଷ୍ଟି ଶସ୍ୟର ପ୍ରସାର ଏବଂ ଆଦିବାସୀ ଅଞ୍ଚଳରେ ଚାଷ ଜମି ଓ ଖାଦ୍ୟ ପ୍ରଣାଳୀରେ ପୁଷ୍ଟି ଶସ୍ୟର ପୁନଃପ୍ରଚଳନ ନିମନ୍ତେ ରାଜ୍ୟରେ ଓଡ଼ିଶା ମିଲେଟ୍ ମିଶନ ନାମରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ୨୦୧୭-୧୮ ଆର୍ଥିକ ବର୍ଷଠାରୁ କାର୍ଯ୍ୟକାରୀ ହେଉଛି। ରାଜ୍ୟ ସରକାର ୨୦୨୩-୨୪ ଆର୍ଥିକବର୍ଷରୁ ଏହି କାର୍ଯ୍ୟକ୍ରମକୁ ୩୦ ଜିଲାର ୧୭୭ ବ୍ଲକକୁ ସମ୍ପ୍ରସାରିତ କରିଛନ୍ତି। ଏହି କାର୍ଯ୍ୟକ୍ରମର ସୁପରିଚାଳନା ପାଇଁ ଶୁକ୍ରବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ ୨୦୨୩-୨୪ରୁ ୨୦୨୬-୨୭ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ୧୨,୬୮୭ କୋଟି ଟଙ୍କା ବଜେଟକୁ ଅନୁମୋଦନ କରିଛି। ଏହି ଯୋଜନା କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ତଦାରଖରେ, ସ୍ୱେଚ୍ଛାସେବୀ ଅନୁଷ୍ଠାନ(ଏନ୍‌ଜିଓ ) ତଥା ଗବେଷଣା ପ୍ରତିଷ୍ଠାନଗୁଡ଼ିକର ସହଯୋଗରେ କୃଷକ ଉତ୍ପାଦକ ସଂଘ (ଏଫ୍‌ପିଓ) ମାଧ୍ୟମରେ କାର୍ଯ୍ୟକାରୀ ହେଉଛି। ଏହି କାର୍ଯ୍ୟକ୍ରମ ରାଜ୍ୟ ଯୋଜନା ତଥା ଜିଲା ଖଣିଜ ପ୍ରତିଷ୍ଠାନ (ଡିଏମ୍‌ଏଫ୍) ଅର୍ଥରେ କରାଯାଉଛି।

ସେହିପରି ପ୍ରସ୍ତାବିତ ଓଡ଼ିଶା ଅଧସ୍ତନ ମତ୍ସ୍ୟ ସେବା (ନିଯୁକ୍ତି ସର୍ତ୍ତାବଳୀ) ନିୟମ-୨୦୧୩ ସଂଶୋଧନ ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ କରିଛି। ଏହି ସଂଶୋଧନ ଅନୁଯାୟୀ ୫୦% ପଦବୀ ମତ୍ସ୍ୟ ବିଜ୍ଞାନରେ ଡିପ୍ଲୋମାଧାରୀଙ୍କ ପାଇଁ, ୨୫% +୨ ଧନ୍ଦାମୂଳକ ଶିକ୍ଷା (ମତ୍ସ୍ୟ) ପାଇଁ ଏବଂ ୨୫ ପ୍ରତିଶତ +୨ ବିଜ୍ଞାନ ପାଇଁ ସଂରକ୍ଷିତ କରାଯିବ। ଏଥିସହିତ ମୌଖିକ ପରୀକ୍ଷାକୁ ଉଚ୍ଛେଦ କରାଯାଇ ଲିଖିତ ପରୀକ୍ଷା ବ୍ୟବସ୍ଥା କରାଯିବ। ଏହାଦ୍ୱାରା କନିଷ୍ଠ ମତ୍ସ୍ୟ ବୈଷୟିକ ସହକାରୀ ପଦବୀ ନିମନ୍ତେ ଉଚ୍ଚ ଯୋଗ୍ୟତା ସମ୍ପନ୍ନ ପ୍ରାର୍ଥୀମାନଙ୍କୁ ସିଧାସଳଖ ନିଯୁକ୍ତି କରାଯାଇପାରିବ।

ଶକ୍ତି ବିଭାଗକୁ ଶକ୍ତି ପରିବର୍ତ୍ତନ ଏବଂ ସବୁଜ ହାଇଡ୍ରୋଜେନ୍ ଆଦି ୨ଟି ନୂତନ ବିଷୟ ବଣ୍ଟନ ପାଇଁ ଓଡ଼ିଶା ସରକାରୀ କାର୍ଯ୍ୟ ନିୟମାବଳୀର ସଂଶୋଧନ ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ କରିଛି। ଏହା ଅକ୍ଷୟ ଶକ୍ତି ଏବଂ ସବୁଜ ହାଇଡ୍ରୋଜେନ୍ ବ୍ୟବହାର ପାଇଁ ବିଭିନ୍ନ ବିଭାଗର ପ୍ରୟାସକୁ ସମନ୍ୱୟ କରିବାରେ ଶକ୍ତି ବିଭାଗକୁ ସକ୍ଷମ କରିବ।

ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ ଦ୍ୱାରା ପରିଚାଳିତ ବିଭିନ୍ନ ନିଯୁକ୍ତି ପ୍ରକ୍ରିୟା ସମ୍ପର୍କିତ ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜଗୁଡ଼ିକର ଉପଯୁକ୍ତ ସଂରକ୍ଷଣ ଓ ଅଦରକାରୀ ଦସ୍ତାବିଜଗୁଡ଼ିକ ନଷ୍ଟ କରିବା ନିମନ୍ତେ ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ (ଦସ୍ତାବିଜ ସଂରକ୍ଷଣ ଓ ନଷ୍ଟୀକରଣ) ନିୟମାବଳୀ-୨୦୨୩ ପ୍ରଣୟନ କରାଯାଇଛି। ଏହି ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ କରିଛି। ଫଳରେ ଆୟୋଗ ଦ୍ୱାରା ପରିଚାଳିତ ବିଭିନ୍ନ ନିଯୁକ୍ତି ପରୀକ୍ଷା ସମ୍ବନ୍ଧିତ କାଗଜପତ୍ର ଏବଂ ଦସ୍ତାବିଜଗୁଡ଼ିକର ରକ୍ଷଣ ନିମନ୍ତେ ଅଧିକ ସ୍ଥାନ ଉପଲବ୍ଧ ହୋଇପାରିବ।

ଅନ୍ୟପକ୍ଷରେ ରାଜ୍ୟ କ୍ୟାବିନେଟ ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ (ଅଧ୍ୟକ୍ଷ ଏବଂ ସଦସ୍ୟମାନଙ୍କ ନିଯୁକ୍ତି ପ୍ରକ୍ରିୟା ଓ ସେବା ସର୍ତ୍ତାବଳୀ) ନିୟମାବଳୀ-୨୦୧୨ର ସଂଶୋଧନ ପ୍ରସ୍ତାବକୁ ଅନୁମୋଦନ କରିଛି। ଏହି ନିୟମାବଳୀର ପ୍ରସ୍ତାବିତ ସଂଶୋଧନ ଅନୁଯାୟୀ ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗରେ ନିଯୁକ୍ତି ପାଉଥିବା ଅଧ୍ୟକ୍ଷ ଏବଂ ସଦସ୍ୟମାନଙ୍କର ବୟସ ସୀମା ୬୨ରୁ ୬୫ ବର୍ଷ ପର୍ଯ୍ୟନ୍ତ ବୃଦ୍ଧି ହେବ। ଏଥିସହିତ ବେତନ ବୃଦ୍ଧି, ଅତିରିକ୍ତ ପେନ୍‌ସନ୍ ନିବୃତ୍ତ କରିବା, ପୂର୍ବବର୍ତ୍ତୀ ସେବା ଏବଂ ଆୟୋଗରେ ସେବା ବିଚାରକୁ ନେଇ ସର୍ବାଧିକ ଗ୍ରାଚ୍ୟୁଇଟି ସୀମା ୨୦ ଲକ୍ଷ ଟଙ୍କା, ପୂର୍ବବର୍ତ୍ତୀ ସେବାର ଅବସର ବୟସ ପର୍ଯ୍ୟନ୍ତ ଜିପିଏଫ୍ କିମ୍ବା ସିପିଏଫ୍‌ର ସବ୍‌ସ୍କ୍ରିପଶନ୍ ଏବଂ ସର୍ବଭାରତୀୟ ସେବା ଅଧିକାରୀଙ୍କ ପରି ଏଲ୍‌ଟିସିର ବ୍ୟବସ୍ଥା କରାଯାଇଛି।

ଓଡ଼ିଶା ଲୋକସେବା ଆୟୋଗ (ସେବା ସର୍ତ୍ତାବଳୀ) ନିୟମ- ୧୯୫୨ ସଂଶୋଧନ ପ୍ରସ୍ତାବକୁ ମଧ କ୍ୟାବିନେଟ ମଞ୍ଜୁରୀ ମିଳିଛି। ଏହି ପ୍ରସ୍ତାବିତ ସଂଶୋଧନ ଅନୁଯାୟୀ ଓଡ଼ିଶା ଲୋକସେବା ଆୟୋଗରେ ନିଯୁକ୍ତି ପାଉଥିବା ଅଧ୍ୟକ୍ଷ ଏବଂ ସଦସ୍ୟମାନଙ୍କର ବେତନ ବୃଦ୍ଧି, ଅତିରିକ୍ତ ପେନ୍‌ସନ ନିବୃତ୍ତ କରିବା, ପୂର୍ବବର୍ତ୍ତୀ ସେବା ଏବଂ ଆୟୋଗର ସେବାକୁ ବିଚାରକୁ ନେଇ ସର୍ବାଧିକ ଗ୍ରାଚ୍ୟୁଇଟି ସୀମା ୨୦ ଲକ୍ଷ ଟଙ୍କା, ପୂର୍ବବର୍ତ୍ତୀ ସେବାର ଅବସର ବୟସ ପର୍ଯ୍ୟନ୍ତ ଜିପିଏଫ୍ କିମ୍ବା ସିପିଏଫ୍ ସବ୍‌ସ୍କ୍ରିପଶନ୍ ଓ ନୂତନ ପେନସନ୍ ପଦ୍ଧତିରେ ଅନୁଦାନର ବ୍ୟବସ୍ଥା କରାଯାଇଛି।

# ପୁରୀ ଜିଲା ୭ ବ୍ଲକର ୪.୬ ଲକ୍ଷ ଲୋକଙ୍କୁ ପାନୀୟ ଜଳ

ଭୁବନେଶ୍ୱର, ୧୧।୮ (ଅନିଲ ଦାସ)

ରାଜ୍ୟର ଗ୍ରାମାଞ୍ଚଳରେ ବସବାସ କରୁଥିବା ଜନସାଧାରଣଙ୍କୁ ବିଶୁଦ୍ଧ ପାନୀୟଜଳ ଯୋଗାଇଦେବାକୁ ରାଜ୍ୟ ସରକାର ପ୍ରାଥମିକତା ଦେଉଛନ୍ତି। ଜଳ ଜୀବନ ମିଶନ (ଜେଜେଏମ୍) ଯୋଜନାରେ ପୁରୀ ଜିଲାରେ ୪ଟି ଗ୍ରାମ୍ୟ ଜଳ ଯୋଗାଣ ପ୍ରକଳ୍ପ ଜରିଆରେ ପାନୀୟ ଜଳ ଯୋଗାଇ ଦିଆଯିବ। ଜିଲାର ୭ ବ୍ଲକ ଅନ୍ତର୍ଗତ ୪୯୮ ଗ୍ରାମରେ ବସବାସ କରୁଥିବା ପ୍ରାୟ ୪,୬୦,୬୧୨ ଜନସାଧାରଣଙ୍କୁ ନିରାପଦ ପାନୀୟ ଜଳ ଯୋଗାଇ ଦିଆଯିବ। ସେଥିମଧ୍ୟରୁ ପୁରୀ ସଦର ବ୍ଲକ ଅଧୀନ ୨୯ ପଞ୍ଚାୟତର ୧୩୯ ଗ୍ରାମର ପ୍ରାୟ ୧,୩୮,୫୪୨, ଗୋପ ବ୍ଲକର ୨୧ ପଞ୍ଚାୟତ ଅନ୍ତର୍ଗତ ୧୩୫ ଗ୍ରାମର ପ୍ରାୟ ୧,୦୧,୭୭୦, କାକଟପୁର ବ୍ଲକ ଅଧୀନ ୧୦ ପଞ୍ଚାୟତ ଅନ୍ତର୍ଗତ ୬୪ ଗ୍ରାମର ପ୍ରାୟ ୫୩,୯୮୧, ଡେଲାଙ୍ଗ ବ୍ଲକର ୧୬ ପଞ୍ଚାୟତ ଅନ୍ତର୍ଗତ ୭୮ ଗ୍ରାମର ପ୍ରାୟ ୮୬,୫୦୨, ଅସ୍ତରଙ୍ଗ ବ୍ଲକର ୧୧ ପଞ୍ଚାୟତ ଅନ୍ତର୍ଗତ ୬୮ ଗ୍ରାମର ପ୍ରାୟ ୫୯,୭୭୨, ସତ୍ୟବାଦୀ ବ୍ଲକର ୩ ପଞ୍ଚାୟତ ଅନ୍ତର୍ଗତ ୮ ଗ୍ରାମର ପ୍ରାୟ ୧୪,୬୪୦ ଓ ନିମାପଡ଼ା ବ୍ଲକ ଅଧୀନ ୨ ଗ୍ରାମପଞ୍ଚାୟତ ଅନ୍ତର୍ଗତ ୬ ଗ୍ରାମର ପ୍ରାୟ ୫,୪୦୫ ଜଣ ଲୋକ ଏହି ପାନୀୟ ଜଳ ପ୍ରକଳ୍ପଗୁଡ଼ିକ ଦ୍ୱାରା ଉପକୃତ ହୋଇପାରିବେ। ପାନୀୟ ଜଳ ପ୍ରକଳ୍ପ ପାଇଁ ଆହ୍ୱାନ କରାଯାଇଥିବା ୬୩୯ କୋଟି ୧୬ ଲକ୍ଷ ୨୮ ହଜାର ୮୧୨ ଟଙ୍କାର ଟେଣ୍ଡରକୁ କ୍ୟାବିନେଟ ଅନୁମୋଦନ କରିଛି। ଉକ୍ତ ପ୍ରକଳ୍ପ କାର୍ଯ୍ୟ ୨ ବର୍ଷ ମଧ୍ୟରେ କାର୍ଯ୍ୟକାରୀ କରିବା ପାଇଁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି।

## ଓଡ଼ିଶା ଟେଲିକମ୍ ଇନ୍‌ଫ୍ରାଷ୍ଟ୍ରକ୍ଚର ପଲିସି-୨୦୧୭ ସଂଶୋଧନ ପ୍ରସ୍ତାବକୁ ମୋହର

ଓଡ଼ିଶା ମୋବାଇଲ ଟାୱାର, ଟେଲିଗ୍ରାଫ୍ ଲାଇନ୍ ଓଏଫ୍‌ସି ଏବଂ ରିଲେଟେଡ୍ ଟେଲିକମ୍ ଇନ୍‌ଫ୍ରାଷ୍ଟ୍ରକ୍ଚର ପଲିସି-୨୦୧୭ ସଂଶୋଧନ ପ୍ରସ୍ତାବକୁ ଶୁକ୍ରବାର ରାଜ୍ୟ କ୍ୟାବିନେଟ ଅନୁମୋଦନ କରିଛି। ଦୂରସଞ୍ଚାର ନେଟ୍‌ୱର୍କର ଉନ୍ନତୀକରଣ ତଥା ଅତ୍ୟାଧୁନିକ ଦୂରସଞ୍ଚାର ଭିତ୍ତିଭୂମିର ଦୃଢ଼ ପ୍ରତିଷ୍ଠା କରି ରାଜ୍ୟର ଦୂରଦୂରାନ୍ତ, ପାହାଡ଼ିଆ ଓ ମାଓବାଦୀ ପ୍ରଭାବିତ ଅଞ୍ଚଳରେ ଅବିରତ ଇଣ୍ଟରନେଟ୍ ସେବାର ସୁବିଧା ଯୋଗାଇଦେବା ପାଇଁ ରାଜ୍ୟ ସରକାର ଉକ୍ତ ପଲିସି ପ୍ରଣୟନ କରିଥିଲେ। ପଲିସିର କିଛି ଅଂଶକୁ ସଂଶୋଧନ କରି ଏହାକୁ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଣିତ ଇଣ୍ଡିଆନ ଟେଲିଗ୍ରାଫ୍ ରାଇଟ୍ ଅଫ୍ ୱେ ନିୟମ-୨୦୨୨ ସହ ସମତାଳ ରକ୍ଷା କରିବା ଓ ଦୂରସଞ୍ଚାର ଭିତ୍ତିଭୂମିକୁ ସୁଦୃଢ଼ ସହ ପରିଚାଳନାଗତ ସମସ୍ୟାର ସମାଧାନ କରି ରାଜ୍ୟରେ ୫ଜି ଇଣ୍ଟରନେଟ୍ ସେବାର ଅବିରତ ପ୍ରସାର କରିବା ହେଉଛି ଏହାର ମୂଳ ଲକ୍ଷ୍ୟ।

# ନୟାଗଡ଼ ଭୂତଳ ଜଳ ପ୍ରକଳ୍ପ ଟେଣ୍ଡରକୁ କ୍ୟାବିନେଟ ଅନୁମୋଦନ

- ୧୮ ମାସରେ ଶେଷ ହେବ ପ୍ରକଳ୍ପ କାମ
- ଖଣ୍ଡପଡ଼ା, ଭାପୁର ବ୍ଲକରେ ହେବ ଜଳସେଚନ

ନୟାଗଡ଼ ଜିଲାସ୍ଥିତ କୁସୁମି ଜଳସେଚନ ପ୍ରକଳ୍ପର ଜଳସେଚନ କ୍ଷମତା ବୃଦ୍ଧି, ଜଳର ସୁଷମ ବଣ୍ଟନ ଓ ଜଳ ଅପଚୟ ଏଡ଼ାଇବା ଏବଂ ଅପେକ୍ଷାକୃତ କମ୍ ଭୂମି ଅଧିଗ୍ରହଣ ଦ୍ୱାରା ସମସ୍ତ କାର୍ଯ୍ୟ ସମ୍ପନ୍ନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ କେନାଲ ଜଳସେଚନ ବଦଳରେ ଭୂତଳ ପାଇପ ଦ୍ୱାରା ଜଳସେଚନ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଏହି ପ୍ରକଳ୍ପ ମାଧ୍ୟମରେ କୁସୁମି ଓ ଦୁଆନ୍ତ ନଦୀର ସଙ୍ଗମ ସ୍ଥଳରୁ ଜଳ ଉତ୍ତୋଳନ କରି ଭୂତଳ ପାଇପ ଦ୍ୱାରା କୁସୁମି ନଦୀର ଦକ୍ଷିଣ ପାର୍ଶ୍ୱସ୍ଥ ଚାଷ ଜମିକୁ ଜଳସେଚନ ଯୋଗାଇ ଦିଆଯିବ। ଏଥିସହିତ ପ୍ରକଳ୍ପଗୁଡ଼ିକର ବିଦ୍ୟୁତ୍ ସଂଯୋଗୀକରଣ ଏବଂ ୫ ବର୍ଷ ପର୍ଯ୍ୟନ୍ତ ରକ୍ଷଣାବେକ୍ଷଣ ପାଇଁ ପ୍ରସ୍ତାବ ରହିଛି। ଏହି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ପାଇଁ ୧୧୯,୦୩,୩୧,୭୫୪ ଟଙ୍କା ଓ ୫ ବର୍ଷ ପର୍ଯ୍ୟନ୍ତ ରକ୍ଷଣାବେକ୍ଷଣ ଲାଗି ୬,୫୪,୬୮,୨୪୭ ଟଙ୍କାର ଟେଣ୍ଡରକୁ ରାଜ୍ୟ କ୍ୟାବିନେଟ ଅନୁମୋଦନ ପ୍ରଦାନ କରିଛି। ପ୍ରକଳ୍ପକୁ ୧୮ ମାସ ମଧ୍ୟରେ ସମ୍ପୂର୍ଣ୍ଣ କରିବାକୁ ଲକ୍ଷ୍ୟ ରଖାଯାଇଛି। ଉକ୍ତ ପ୍ରକଳ୍ପ ନୟାଗଡ଼ ଜିଲାର ନୟାଗଡ଼, ଖଣ୍ଡପଡ଼ା ଓ ଭାପୁର ବ୍ଲକ ଅଧୀନ ୪୯ ଗ୍ରାମର ୩୭୪୫ ହେକ୍ଟର ଚାଷଜମିକୁ ୧ ହେକ୍ଟର ଚକ ମାଧ୍ୟମରେ ଜଳସେଚନ ଓ ୩୭୫ ହେକ୍ଟର ଚାଷଜମିକୁ ସୂକ୍ଷ୍ମ ଜଳସେଚନ ସୁବିଧା ଯୋଗାଇ ଦିଆଯିବ। ଏଥିସହିତ ସ୍ଥାନୀୟ ଲୋକମାନଙ୍କର ସାମାଜିକ ଓ ଆର୍ଥିକ ଉନ୍ନତି ଦିଗରେ ସାହାଯ୍ୟ କରିବ।

୬ଟି ଦ୍ରବ୍ୟ ଯଥା ପେଟ୍ରୋଲ, ଡିଜେଲ, ବିମାନ ଇନ୍ଧନ, ପ୍ରାକୃତିକ ଗ୍ୟାସ୍, ଅଶୋଧିତ ତୈଳ ଏବଂ ମଦ ବ୍ୟତୀତ ଓଡ଼ିଶା ବିକ୍ରିକର ଅଧିନିୟମ, ଓଡ଼ିଶା ଅତିରିକ୍ତ ବିକ୍ରିକର ଅଧିନିୟମ, କେନ୍ଦ୍ରୀୟ ବିକ୍ରିକର ଅଧିନିୟମ, ଓଡ଼ିଶା ମୂଲ୍ୟଯୁକ୍ତ ଟିକସ ଅଧିନିୟମ ଏବଂ ଓଡ଼ିଶା ପ୍ରମୋଦ କର ଅଧିନିୟମ ଅଧୀନରେ ୫ ହଜାର ୧ ଟଙ୍କାରୁ ୨୫ ହଜାର ଟଙ୍କା ପର୍ଯ୍ୟନ୍ତ ବକେୟା ଟିକସ ମାମଲାଗୁଡ଼ିକୁ ହିସାବରୁ ବାଦ୍ ଦେବା ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ କରିଛି। ରାଜ୍ୟରେ ୮୧୫୬.୭୨ କୋଟି ଟଙ୍କାର ବକେୟା ଟିକସ ସହ ୫୯,୨୪୩ ବକେୟା ଟିକସ ମାମଲା ରହିଛି।

# ପିପିପିକୁ ପ୍ରୋତ୍ସାହନ ପାଇଁ ନୂଆ ନୀତି

**ପିପିପି ନିର୍ଦ୍ଦେଶାଳୟକୁ ମିଳିଲା ୧୦ କୋଟି ମୂଲ୍ୟର ପ୍ରକଳ୍ପ ଅନୁମୋଦନ କ୍ଷମତା**

ସରକାରୀ-ଘରୋଇ ସହଭାଗିତା(ପିପିପି)କୁ ପ୍ରୋତ୍ସାହନ ଦେଇ ସୁଦୃଢ଼ କରିବା ପାଇଁ ରାଜ୍ୟ ସରକାର ନୂଆ ପଦକ୍ଷେପ ନେଇଛନ୍ତି। ଏନେଇ ଓଡ଼ିଶା ସରକାରୀ-ଘରୋଇ ସହଭାଗିତା ନୀତି-୨୦୨୩ (ପିପିପି ନୀତି ୨୦୨୩) ପ୍ରଣୟନ କରିଛନ୍ତି। ଏହା ବର୍ତ୍ତମାନ ସହଭାଗିତା କ୍ଷେତ୍ରରେ ହେଉଥିବା ପରିବର୍ତ୍ତନ ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରିବ। ଏହି ନୀତି ବେସରକାରୀ ସଂସ୍ଥାର ସହଭାଗିତାର ଅନିଶ୍ଚିତତା ଓ ସୁଫଳ ମଧ୍ୟରେ ସମନ୍ୱୟ ରକ୍ଷା କରିବାରେ ସହାୟକ ହେବ। ରାଜ୍ୟରେ ବ୍ୟୟ ହେଉଥିବା ପୁଞ୍ଜିର ଠିକ୍ ମୂଲ୍ୟାତ୍ମକ ଗୁଣ ନିର୍ଦ୍ଧାରଣ ଦ୍ୱାରା ଏକ ଦୀର୍ଘସୂତ୍ରୀ, ସୁଲଭ ଓ ଉତ୍ତମ ସେବା ପ୍ରଦାନ ସମ୍ଭବ, ଯାହାକି ଏହି ନୀତିର ମୁଖ୍ୟ ଉଦ୍ଦେଶ୍ୟ।

ଏହି ନୀତି ପିପିପି ପାଇଁ ଉଦ୍ଦିଷ୍ଟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଅନୁଦାନକୁ ଉପଯୋଗ କରି ଘରୋଇ ସଂସ୍ଥାଗୁଡ଼ିକର କାର୍ଯ୍ୟଦକ୍ଷତା ବୃଦ୍ଧିରେ ସହାୟକ ହେବ। ଏହା କମ୍ ଖର୍ଚ୍ଚରେ ଓ ସୁବିଧାରେ ସେବା ପ୍ରଦାନ କ୍ଷେତ୍ରରେ ସୁଯୋଗ ସୃଷ୍ଟି କରିବ। ସାମାଜିକ କ୍ଷେତ୍ରଗୁଡ଼ିକରେ ପୁଞ୍ଜି ନିବେଶର ସୁବିଧା ମଧ ଉପଲବ୍ଧ ହେବ। ଏହାଛଡ଼ା ଏହି ନୀତି ରାଜ୍ୟରେ ଏକ ଦୃଢ଼ ସରକାରୀ କାର୍ଯ୍ୟଶୈଳୀ ପ୍ରଣୟନର ଖସଡ଼ା ପ୍ରସ୍ତୁତ କରିବ। ଘରୋଇ ପୁଞ୍ଜି ନିବେଶ ପାଇଁ ଏକ ସୁଯୋଗ ସୃଷ୍ଟି କରିବ। ଏହି ନୀତିରେ ୫୦୦ କୋଟିରୁ ଉର୍ଦ୍ଧ୍ୱ ମୂଲ୍ୟର ପ୍ରକଳ୍ପଗୁଡ଼ିକୁ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଗଠିତ ହାଇଲେଭଲ କ୍ଲିୟରାନ୍ସ ଅଥରିଟି (ଏଚ୍‌ଏଲସିଏ) ଅନୁମୋଦନର ବ୍ୟବସ୍ଥା ରହିଛି। ସେହିପରି ୧୦ରୁ ୫୦୦ କୋଟି ମୂଲ୍ୟର ପ୍ରକଳ୍ପଗୁଡ଼ିକ ଏମ୍‌ପାୱାର କମିଟି ଅନ୍ ଇନ୍‌ଫ୍ରାଷ୍ଟ୍ରକ୍ଚର(ଇସିଆଇ) ଦ୍ୱାରା ଅନୁମୋଦନ ହେବ। ଏହି ନୂତନ ନୀତି ଅନୁସାରେ ପିପିପି ନିର୍ଦ୍ଦେଶାଳୟକୁ ୧୦ କୋଟି ଟଙ୍କା ମୂଲ୍ୟ ପର୍ଯ୍ୟନ୍ତ ପ୍ରକଳ୍ପ ଅନୁମୋଦନର କ୍ଷମତା ପ୍ରଦାନ କରାଯାଇଛି। ଜିଲାପାଳମାନଙ୍କ ଅଧୀନରେ ଏକ ଜିଲାସ୍ତରୀୟ ପିପିପି କମିଟି ଗଠିତ କରାଯିବ। ଏହି କମିଟି ଜିଲାର ପିପିପି ପ୍ରକଳ୍ପଗୁଡ଼ିକର ବାସ୍ତବ ରୂପାୟନ ପାଇଁ ରାଜ୍ୟ ସହ ସମନ୍ୱୟ ରକ୍ଷାକରିବ। ପିପିପି ନୀତି-୨୦୨୩ରେ ୨୧ଟି କ୍ଷେତ୍ରରେ ବେସରକାରୀ ସହାୟତାର ବ୍ୟବସ୍ଥା କରାଯାଇଛି। ଏଥିରେ ବର୍ଜ୍ୟବସ୍ତୁ ପରିଚାଳନା, ଦକ୍ଷ ଶକ୍ତି ପରିଚାଳନା, ଅଣପାରମ୍ପରିକ ଶକ୍ତି ଉତ୍ସ, ନବୀକରଣଯୋଗ୍ୟ ଶକ୍ତି ଉତ୍ସ ଉପରେ ଗୁରୁତ୍ୱାରୋପ କରାଯାଇଛି। ଏଥିରେ ବିଭିନ୍ନ ସହାୟତା ଯଥା ଭାୟାବିଲିଟି ଗ୍ୟାପ ଫଣ୍ଡିଂ (ଭିଜିଏଫ୍), ଇନ୍‌ଫ୍ରାଷ୍ଟ୍ରକ୍ଚର ଡେଭଲପମେଣ୍ଟ ଫଣ୍ଡ (ଓଆଇଡିଏଫ୍)ର ବ୍ୟବସ୍ଥା ରହିବ, ଯାହା ରାଜ୍ୟରେ ଏକ ପିପିପି ପାଇଁ ଏକ ଅନୁକୂଳ ବାତାବରଣ ସୃଷ୍ଟି କରିବ।

**GOVERNMENT OF ODISHA** No.B-678
**OFFICE OF THE CHIEF CONSTRUCTION ENGINEER, NORTHERN (R&B) CIRCLE, SAMBALPUR**
Mail ID:- sepwdsbp@rediffmail.com
**e-Procurement**
**BID IDENTIFICATION No. CCENC (R AND B)/10/2023-24**
**No.4116 Dtd. 11.08.2023**

1. The **Chief Construction Engineer, Northern (R&B) Circle, Sambalpur** on behalf of Governor of Odisha invites **Percentage Rate** bids in double cover system **in ONLINE MODE** for the construction of **Building works** as detailed in the DTCN from the eligible class of contractors.
2. No. of works: **07 (Seven)**
3. Tender Cost: **Rs.10,000/-**
4. Class of contractor: **"B" Class and "A" Class**
5. Date & Time of available in website & receipt of Bids From **14.08.2023** to **17.00 Hours of 28.08.2023**.
6. Date of opening of Technical Bid: **29.08.2023 at 11.00 Hours.**
7. The Bidders have to participate in ONLINE bidding only. Further details can be seen from the website www.tendersodisha.gov.in
8. Any corrigendum / Addendum will be displayed in the website **www.tendersodisha.gov.in**

OIPR-34035/11/0011/2324 **Sd./- Chief Construction Engineer, Northern (R&B) Circle, Sambalpur**

**OFFICE OF THE MUNICIPAL COUNCIL: BRAJRAJNAGAR**
**No.4355/ Dt.10.08.2023**
**QUOTATION CALL NOTICE**

**No.C-1036:**Sealed Quotations are invited in the prescribed proforma from the persons / farms deals with manufacturing & installation of hoardings for supply and installation of hoardings within different locations of Brajrajnagar Municipality area. The detail description of the hoardings to be installed is provided in the quotation paper. Bidders are requested to go through the quotation paper prior to submission of their bidding. Further the bidder should have to submit the GST, PAN and experience if any in support of their technical bid document. Bidders also have to submit the financial bidding document as per the given proforma. Interested bidders can download the quotation from the district web portal www.jharsuguda.nic.in from 11.08.2023 to 18.08.2023 up to 1.00 PM and submit their quotation supporting with a D.D amounting to Rs. 6000/- drawn in favour of the Executive Officer, Brajrajnagar Municipality, payable at Brajrajnagar towards the paper cost (non-refundable) along with other documents to the office of the undersigned. The envelope should be **superscripted** with the letters **"Quotation for Hoardings"** and can only be submitted through by person in the tender drop box of the office of the undersigned within 3.00PM of 18.08.2023. The quotation will be open by the Undersigned on dt. 18.08.2023 at 4.00 PM in presence of the quotationer or their authorized representatives. The authority reserves all rights to reject /accept whole or part of the quotation without assigning any reason thereof.

**Sd./- Executive Officer**
**Brajrajnagar Municipality**
**OIPR-13099/11/0013/2324**

**GOVERNMENT OF ODISHA** No. O-643
**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, CUTTACK**
email: serw_ctc@yahoo.com
**No.:- Tender Online RWC - 17/23** **Letter No.-2698** **Date:- 09.08.2023**
**e-Procurement NOTICE**

1. **Name of the work** : **Construction of Road works.**
2. Class of contractor
   a) Estimated cost more than Rs.6.00 Crore & upto Rs.50.00 Crore : Special Class (of Odisha PWD) & relevant class of other licensing authorities.
   b) Estimated cost more than Rs.1.00 Crore & upto Rs.20.00 Crore : A Class (of Odisha PWD) & relevant class of other licensing authorities
   c) Estimated cost more than Rs.20.00 Lakh & upto Rs.3.00 Crore : B Class (of Odisha PWD) & relevant class of other licensing authorities.
3. **Time for Completion** : As specified in the **Column-6 of the Annuexure.**
4. **Detail Projects** : **As per Annexure attached**
5. **Other Details** :

| Procurement Officer | Bid Identification No. | Availability of Tender online for bidding | | Last date & time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engieer, Rural Works Circle, Cuttack | Tender Online RWC - 17/23 | 14.08.2023 at 11.30 A.M. | 28.08.2023 upto 05.00 P.M. | 25.08.2023 up to 02.00 P.M. | 28.08.2023 at 05.30 P.M. | Will be intimated later |

Further details can be seen from the website **www.tendersodisha.gov.in**
OIPR-25097/11/0018/2324 **Sd./- Chief Construction Engineer, Rural Works Circle, Cuttack**

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................



ସୁବେଶ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# କେବିସି ଏପିସୋଡ୍ ଶୁଟିଂ ପାଇଁ ୩.୫ କୋଟି ନିଅନ୍ତି ଅମିତାଭ



ମୁମ୍ବାଇ: ଟେଲିଭିଜନ ରିଅଲିଟି ସୋ 'କୌନ ବନେଗା କରୋଡପତି' (କେବିସି) ବର୍ଷ ବର୍ଷ ଧରି ଦର୍ଶକଙ୍କ ହୃଦୟରେ ରାଜ କରି ଚାଲିଛି। କେବିସି ହେଉଛି ଦେଶର ଦୀର୍ଘତମ ରିଆଲିଟି ଶୋ' ମଧ୍ୟରୁ ଅନ୍ୟତମ। ଏହା ୨୦୦୦ରେ ଆରମ୍ଭ ହୋଇଥିଲା ଏବଂ ପ୍ରଥମ ସିଜନରେ ଦର୍ଶକେ ଏହାକୁ ଖୁବ୍ ପସନ୍ଦ କରିଥିଲେ। ଶୋ'ର ପ୍ରଥମ ସିଜନରେ ପୁରସ୍କାର ରାଶି ୧ କୋଟି ଟଙ୍କା ଥିଲା। ୨୦୦୫ରେ ଏହା ଦ୍ୱିଗୁଣିତ ହୋଇ ସିଜନ ୨ରେ ୨କୋଟି ଟଙ୍କା ହୋଇଗଲା। ତେବେ, ୨୦୧୦ରେ ସିଜନ ୪ ପାଇଁ ପୁରସ୍କାର ରାଶି ପୁଣି ୧ କୋଟି ଟଙ୍କାକୁ ହ୍ରାସ କରାଯାଇଥିଲା। ୨୦୧୩ରେ, ସପ୍ତମ ସିଜନରୁ ପୁରସ୍କାର ରାଶି ୭କୋଟି ଟଙ୍କାକୁ ବୃଦ୍ଧି କରାଯାଇଥିଲା। ଯେତେବେଳେ ଏହି ଶୋ' ଆରମ୍ଭ ହେଲା, ଅମିତାଭ ବଚ୍ଚନ ଏହାକୁ ହୋଷ୍ଟ କରିବାକୁ ଏପିସୋଡ ପାଇଁ ୨୫ଲକ୍ଷ ଟଙ୍କା ନେଇଥିଲେ। ପ୍ରଥମ ସିଜନ ହିଟ୍ ହେବା ପରେ ଅମିତାଭ ତାଙ୍କ ଫି ୧କୋଟିକୁ ବୃଦ୍ଧି କରିଥିଲେ। ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ୬-୭ ସିଜନରେ ସେ ୧.୫ରୁ ୨କୋଟି ଟଙ୍କା ନେଉଥିଲେ। ଅଷ୍ଟମ ସିଜନରେ ତାଙ୍କର ଫି ୨ କୋଟି ଥିଲା। ଏହି ଶୋ'ର ଅଷ୍ଟମ ସିଜନରେ ରାନୀ ମୁଖାର୍ଜୀ, ପରିଣୀତି ଚୋପ୍ରା, ପ୍ରିୟଙ୍କା ଚୋପ୍ରା, ଶାହାରୁଖ ଖାନ୍ ଏବଂ ଦୀପିକା ପାଦୁକୋନଙ୍କ ଭଳି ଷ୍ଟାରମାନେ ନଜର ଆସିଥିଲେ। ନବମ ସିଜନରେ ଅମିତାଭ ବଚ୍ଚନ ୨.୬ କୋଟି ନେଇଥିଲେ। ସେହି ସିଜନରେ କ୍ରିକେଟର ଯୁବରାଜ ସିଂ ଏବଂ ଅଭିନେତା ବିଦ୍ୟା ବୋଲେଣ୍ଡର ହଟ୍ ସିଟରେ ଅତିଥି ଭାବରେ ନଜର ଆସିଥିଲେ।

# ଯୁବଶକ୍ତି ଦେଶ ପ୍ରଗତିର ଉତ୍ସ

## ଅନ୍ତର୍ଜାତୀୟ ଯୁବ ଦିବସ

**ଦେଶ** ପ୍ରଗତିର ଉତ୍ସ ହିଁ ଯୁବଶକ୍ତି। ସେମାନଙ୍କ ଦ୍ୱାରା ହେଉଥିବା ବହୁବିଧ କାର୍ଯ୍ୟ ଉପରେ ଦେଶର ଅର୍ଥନୀତି ନିର୍ଭର କରିଥାଏ। ଯୁବବର୍ଗଙ୍କର ଆଗକୁ ବଢ଼ିବା ପଥରେ ରହିଥିବା ସମସ୍ୟା ଏବଂ ସେସବୁର ସଫଳ ସମାଧାନ ଦିଗରେ ସଚେତନତା ସୃଷ୍ଟି ଲାଗି ପ୍ରତିବର୍ଷ ଅଗଷ୍ଟ ୧୨ରେ ଅନ୍ତର୍ଜାତୀୟ ଯୁବ ଦିବସ ପାଳନ କରାଯାଇଥାଏ। ୨୦୦୦ ମସିହାରେ ଜାତିସଂଘ ପକ୍ଷରୁ ଯୁବ ଶିକ୍ଷା, ଗୋଷ୍ଠୀ ଉନ୍ନୟନ, ପରିବେଶୀୟ ଗ୍ରୁପ୍ ଗଠନ, ବିଭିନ୍ନ ସାମାଜିକ ପ୍ରକଳ୍ପରେ ସ୍ୱେଚ୍ଛାସେବୀ ଭାବରେ ଯୁବବର୍ଗଙ୍କ ଯୋଗଦାନକୁ ଦୃଷ୍ଟିରେ ରଖି ଅନ୍ତର୍ଜାତୀୟ ଯୁବ ଦିବସ ପାଳନ ଆରମ୍ଭ ହୋଇଥିଲା।

କରୋନା ମହାମାରୀ ପରେ ଏବେ ପୃଥିବୀର ଅର୍ଥ ବ୍ୟବସ୍ଥା ସୁଧୁରିବା ଆରମ୍ଭ କରିଛି। ଏପରିସ୍ଥଳେ ଯୁବବର୍ଗଙ୍କ କାନ୍ଧରେ ବଡ଼ ଦାୟିତ୍ୱ ପଡ଼ିଛି। ତେବେ ସେମାନଙ୍କ ଦକ୍ଷତା ବିକାଶ କ୍ଷେତ୍ରରେ ରହିଥିବା ବାଧା ସମ୍ପର୍କରେ ଜାତିସଂଘ ପକ୍ଷରୁ ଜାରି ହୋଇଥିବା ରିପୋର୍ଟରେ ଉଲ୍ଲେଖ କରାଯାଇଛି ୬ରୁ ୧୩ ବର୍ଷ ବୟସର ୫୦ ପ୍ରତିଶତ ପିଲାଙ୍କ ମଧ୍ୟରେ ସେମାନଙ୍କ କଥିତ ଭାଷା କିମ୍ବା ଅନ୍ୟ କୌଣସି ଭାଷା ପଢ଼ିବା ସମସ୍ୟା ବଢ଼ିବାରେ ଲାଗିଛି। ପୃଥିବୀର ବହୁ ପିଲାଙ୍କ ମଧ୍ୟରେ ଗଣିତ ଜ୍ଞାନର ଅଭାବ ଏବଂ ପିଲାଦିନର ଦାରିଦ୍ର୍ୟ ଯୋଗୁ ଦକ୍ଷତା ବିକାଶରେ ବାଧା ସୃଷ୍ଟି ହେଉଛି ବୋଲି ରିପୋର୍ଟରେ ଦର୍ଶାଯାଇଛି। ବିଭିନ୍ନ ଆହ୍ୱାନର ସମ୍ମୁଖୀନ ହେଉଥିବା ଯୁବବର୍ଗ କେତେକ ସମୟରେ ଏସବୁକୁ ସ୍ୱୀକାର ନ କରି ପଳାୟନପନ୍ଥୀ ହୋଇଥାନ୍ତି। ମାତ୍ର ଅନ୍ତର୍ଜାତୀୟ ଯୁବ ଦିବସ ଯୁବବର୍ଗଙ୍କୁ ସମ୍ମୁଖୀନ ହେଉଥିବା ଚାଲେଞ୍ଜଗୁଡ଼ିକୁ ଗ୍ରହଣ କରି ଏହାର ସଫଳ ସମାଧାନର ପଥ ବାହାର କରିବା ଉପରେ ଗୁରୁତ୍ୱାରୋପ କରିଥାଏ।

# ୭ ମାସରେ ମଲେଣି ୪୪ ହାତୀ

**ହାତୀମାନଙ୍କୁ ସୁରକ୍ଷା ଦେବା ଓ ସଂରକ୍ଷଣ ଉଦ୍ଦେଶ୍ୟରେ ପ୍ରତିବର୍ଷ ଅଗଷ୍ଟ ୧୨ ତାରିଖକୁ 'ବିଶ୍ୱ ହସ୍ତୀ ଦିବସ' ଭାବେ ପାଳନ କରାଯାଇଥାଏ। କିନ୍ତୁ ବାସ୍ତବରେ ଏମାନଙ୍କ ସୁରକ୍ଷାରେ ଅବହେଳା ଓ ମଣିଷ-ହାତୀ ଲଢ଼େଇ ଯୋଗୁ ବିପଦରେ ଏବେ ଏହି ଐତିହ୍ୟ ପ୍ରାଣୀ।**



## ଆଜି ବିଶ୍ୱ ହସ୍ତୀ ଦିବସ

ଭୁବନେଶ୍ୱର, ୧୧।୮ (ଅସମାପିକା ସାହୁ)

ହାତୀକୁ ଐତିହ୍ୟ ପ୍ରାଣୀ ବୋଲି ଘୋଷଣା କରାଯାଇଛି। କିନ୍ତୁ ହାତୀ ଓ ମଣିଷ ଲଢ଼େଇ ଏବେ ବି କମିବାର ନାଁ ନେଉନାହିଁ। ଏହି ଲଢ଼େଇରେ କେତେବେଳେ ହାତୀର ମୃତ୍ୟୁ ହେଉଛି ତ ଆଉ କେଉଁଠି ମଣିଷର ଜୀବନ ଯାଉଛି। ରାଜ୍ୟ ସରକାରଙ୍କ ତଥ୍ୟାନୁସାରେ, ଗତ ୧୦ ବର୍ଷ ଅର୍ଥାତ୍ ୨୦୧୨ରୁ ୨୦୨୨ ମଧ୍ୟରେ ଓଡ଼ିଶାରେ ମୋଟ ୭୮୪ ହାତୀ ଓ ୯୨୫ ମଣିଷଙ୍କ ମୃତ୍ୟୁ ଘଟିଛି। ସେହିଭଳି ଚଳିତ ବର୍ଷ ଜାନୁୟାରୀରୁ ଅଗଷ୍ଟ ୧୦ ମଧ୍ୟରେ ୪୪ଟି ହାତୀଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି।

ଓଡ଼ିଶାରେ ହାତୀସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ୨୦୧୨ ହାତୀ ଗଣନାରେ, ରାଜ୍ୟରେ ହାତୀସଂଖ୍ୟା ୧୯୩୦ ଥିବାବେଳେ ୨୦୧୫ରେ ୧୯୫୪ ଓ ୨୦୧୭ରେ ଏହା ବୃଦ୍ଧି ପାଇ ୧୯୭୬ରେ ପହଞ୍ଚିଥିଲା। ତେବେ ରାଜ୍ୟରେ ହାତୀସଂଖ୍ୟା ବୃଦ୍ଧି ପାଉଥିଲେ ମଧ୍ୟ ଏମାନଙ୍କୁ ସୁରକ୍ଷା ଦେବାରେ ବନ ବିଭାଗ ବିଫଳ ହେଉଛି। ହାତୀର ସୁରକ୍ଷା ଓ ସଂରକ୍ଷଣ ପାଇଁ ବିଭିନ୍ନ ଯୋଜନା ରହିଛି। କିନ୍ତୁ ଏଥିରେ ସରକାର ଫେଲ୍ ମାରୁଛନ୍ତି। ତେଣୁ ପ୍ରତିବର୍ଷ ବିଭିନ୍ନ କାରଣରୁ ହାତୀଙ୍କ ମୃତ୍ୟୁ ଘଟୁଛି। ରାଜ୍ୟରେ ହାତୀ ଶିକାର ବୃଦ୍ଧି ପାଉଥିବାବେଳେ ଆଉ କେଉଁଠି ବିଦ୍ୟୁତ୍ ତାର ଓ ଟ୍ରେନ୍ ଧକ୍କା ଜୀବନ ନେଉଛି।

ବିଧାନସଭାରେ ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ପ୍ରଦୀପ କୁମାର ଅମାତଙ୍କ ତଥ୍ୟ ଅନୁଯାୟୀ, ୨୦୧୨-୧୩ରେ ୮୨ ହାତୀଙ୍କ ମୃତ୍ୟୁ ଘଟିଥିବାବେଳେ ୨୦୧୩-୧୪ରେ ୭୦, ୨୦୧୪-୧୫ରେ ୫୪, ୨୦୧୫-୧୬ରେ ୮୬, ୨୦୧୬-୧୭ରେ ୭୬, ୨୦୧୭-୧୮ରେ ୭୮, ୨୦୧୮-୧୯ରେ ୯୩, ୨୦୧୯-୨୦ରେ ୮୨, ୨୦୨୦-୨୧ରେ ୭୭ ଏବଂ ୨୦୨୧-୨୨ରେ ୮୬ ହାତୀଙ୍କର ମୃତ୍ୟୁ ହୋଇଛି। ସେପଟେ ଚଳିତବର୍ଷ ଏପର୍ଯ୍ୟନ୍ତ ୪୪ଟି ହାତୀଙ୍କ ଜୀବନ ଗଲାଣି। ୱାଇଲ୍ଡଲାଇଫ୍ ସୋସାଇଟି ଅଫ୍ ଓଡ଼ିଶା(ଡବ୍ଲ୍ୟୁଏସ୍ଓ)ର ତଥ୍ୟାନୁସାରେ, ଗତ ଜାନୁୟାରୀରୁ ଅଗଷ୍ଟ ୧୦ ମଧ୍ୟରେ ୪୪ଟି ହାତୀଙ୍କର ମୃତ୍ୟୁ ହୋଇଛି। ଜାନୁୟାରୀରେ ୮ ହାତୀଙ୍କ ମୃତ୍ୟୁ ଘଟିଥିବାବେଳେ ଫେବୃୟାରୀରେ ୫, ମାର୍ଚ୍ଚରେ ୭, ଏପ୍ରିଲରେ ୪, ମେ'ରେ ୧୦, ଜୁନ୍‌ରେ ୬, ଜୁଲାଇରେ ୩ ଏବଂ ଅଗଷ୍ଟରେ ଗୋଟିଏ ହାତୀର ମୃତ୍ୟୁ ଘଟିଛି। ଏହି ୪୪ ହାତୀଙ୍କ ମଧ୍ୟରୁ ୧୮ଟିର ପ୍ରାକୃତିକ ମୃତ୍ୟୁ ଘଟିଥିବାବେଳେ ବିଦ୍ୟୁତ୍ ଆଘାତରେ ୧୧, ଶିକାରରେ ୫ ଏବଂ ଟ୍ରେନ୍ ଦୁର୍ଘଟଣାରେ ୪ଟି ହାତୀଙ୍କର ଜୀବନ ଯାଇଛି। ତେବେ ଆଉ ୬ଟି ହାତୀଙ୍କ ମୃତ୍ୟୁର କାରଣ ଜଣାପଡ଼ିନାହିଁ।

## କରିଡର ବିଜ୍ଞପ୍ତି ପ୍ରକାଶନରେ ବିଳମ୍ବ

ହାତୀମାନଙ୍କ ସୁରକ୍ଷା ପାଇଁ ସରକାର ଅନେକ ପଦକ୍ଷେପ ନେଉଛନ୍ତି। ହାଇକୋର୍ଟ ଏବଂ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ ପକ୍ଷରୁ ହାତୀମାନଙ୍କ ସୁରକ୍ଷା ପାଇଁ ବିଭିନ୍ନ ପଦକ୍ଷେପ ନେବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। କିନ୍ତୁ ତାହା ଠିକ୍ ଭାବେ କାର୍ଯ୍ୟକାରୀ ହୋଇପାରୁନାହିଁ। ରାଜ୍ୟରେ ୧୪ଟି ହାତୀ କରିଡର ଅଛି। ସେଥିମଧ୍ୟରୁ ଅଧିକାଂଶ କରିଡର ହାତୀମାନଙ୍କ ଚଳପ୍ରଚଳ ପାଇଁ ଅସୁରକ୍ଷିତ ହୋଇପଡିଛି। ଗତ ୨୦୨୧ ଅଗଷ୍ଟ ୧୭ ତାରିଖରେ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ ପୂର୍ବାଞ୍ଚଳ ଜୋନ ପକ୍ଷରୁ ହାତୀ କରିଡର ବିଜ୍ଞପ୍ତି ପ୍ରକାଶ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ରାଜ୍ୟ ସରକାର ଉକ୍ତ ନିର୍ଦ୍ଦେଶନାମା କାର୍ଯ୍ୟକାରୀ କରିବାରେ ବିଳମ୍ବ କରିଥିଲେ। ଫଳରେ ଗତ ମାର୍ଚ୍ଚ ୧୪ରେ ନିର୍ଦ୍ଦେଶନାମାକୁ କାର୍ଯ୍ୟକାରୀ କରିବାରେ ବିଳମ୍ବ କଲେ ଦୋଷୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଗ୍ରୀନ୍ ଟ୍ରିବ୍ୟୁନାଲ ପକ୍ଷରୁ ନିର୍ଦ୍ଦେଶନାମା ଆସିଥିଲା। ଏନ୍‌ଜିଟି ଆକ୍ଟ ୨୦୧୦ ଧାରା ୨୬ ଅନୁସାରେ ୩ ବର୍ଷ ଜେଲ ଦଣ୍ଡାଦେଶ ନଚେତ୍ ୧୦ କୋଟି ଟଙ୍କା ଜରିମାନା ହେବ ବୋଲି କୁହାଯାଇଥିଲା। ଏଥିସହ କାର୍ଯ୍ୟରେ ଅବହେଳା ପାଇଁ କାହିଁକି କାର୍ଯ୍ୟାନୁଷ୍ଠାନ ନିଆଯିବନି ବୋଲି ଟ୍ରିବ୍ୟୁନାଲ କୈଫିୟତ ମାଗିଥିଲେ, ଯାହାକୁ ନେଇ ରାଜ୍ୟ ସରକାର ଉକ୍ତ ନିର୍ଦ୍ଦେଶନାମା ବିରୋଧରେ ହାଇକୋର୍ଟର ଆଶ୍ରୟ ନେଇଥିଲେ। ବର୍ତ୍ତମାନ ଉକ୍ତ ନିର୍ଦ୍ଦେଶନାମା ଉପରେ ହାଇକୋର୍ଟ ସ୍ଥଗିତାଦେଶ ଜାରି କରିଛନ୍ତି।

# ୫ ବର୍ଷରେ ୪୫୧ ହାତୀଙ୍କ ମୃତ୍ୟୁ

ଭଞ୍ଜନଗର, ୧୧।୮ (ବାବୁଲା ପ୍ରଧାନ)

ଶନିବାର ବିଶ୍ୱ ହସ୍ତୀ ଦିବସ। ତେଣୁ ହାତୀମାନଙ୍କ ସୁରକ୍ଷା ପାଇଁ ସରକାରଙ୍କ ପକ୍ଷରୁ ରାଜ୍ୟର ବିଭିନ୍ନ ସ୍ଥାନରେ ଅନେକ କାର୍ଯ୍ୟକ୍ରମ ଆୟୋଜିତ ହେବ। ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡ ପକ୍ଷରୁ ଶନିବାର ପୂର୍ବାହ୍ଣରେ ଲାଲସିଂ ନର୍ସରୀ ପରିସରରେ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜନ ହୋଇଛି। ଦକ୍ଷିଣ ଘୁମୁସର ବନଖଣ୍ଡ ପକ୍ଷରୁ ମଧ୍ୟ ବିଭିନ୍ନ ରେଞ୍ଜରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ହାତୀ ସୁରକ୍ଷା ପାଇଁ ସଚେତନତା କରାଯାଉଛି ସତ କିନ୍ତୁ ହାତୀ ମୃତ୍ୟୁ ରୋକିବାରେ ବିଭାଗ ଫେଲ୍ ମାରୁଛି। ୨୦୧୮ ଏପ୍ରିଲ ପହିଲାରୁ ୨୦୨୩ ଅଗଷ୍ଟ ୧୦ ତାରିଖ ସୁଦ୍ଧା ରାଜ୍ୟରେ ୪୫୧ ହାତୀଙ୍କ ମୃତ୍ୟୁ ହୋଇଛି। ସେଥିମଧ୍ୟରେ ଗଞ୍ଜାମ ଜିଲାରେ ୨୧ ହାତୀଙ୍କ ମୃତ୍ୟୁ ହୋଇଛି। ବିଗତ ଏକ ବର୍ଷ ମଧ୍ୟରେ କେବଳ ଉତ୍ତର ଘୁମୁସର ବନଖଣ୍ଡରେ ୮ ହାତୀଙ୍କ ମୃତ୍ୟୁ ହୋଇଛି।

ରାଜ୍ୟରେ ବିଗତ ୫ ବର୍ଷ ମଧ୍ୟରେ ୫୦ ହାତୀ ବିଷକ୍ରିୟା ଏବଂ ଶିକାର ଯୋଗୁ ପ୍ରାଣ ହରାଇଥିବା ଏକ ତଥ୍ୟରୁ ଜଣାପଡିଛି। ବିଦ୍ୟୁତ୍ ଆଘାତରେ ୮୪, ଟ୍ରେନ୍ ଧକ୍କାରେ ୨୨, ରାସ୍ତା ଦୁର୍ଘଟଣାରେ ୪, ସ୍ୱାଭାବିକ ଭାବେ ୧୭୪ ହାତୀଙ୍କ ମୃତ୍ୟୁ ହୋଇଛି। ୧୦୫ ହାତୀ ମୃତ୍ୟୁର କାରଣ ଜଣାପଡିନାହିଁ। ସେଥିମଧ୍ୟରେ ଅଧିକାଂଶ ଶିକାର ଯୋଗୁ ମୃତ୍ୟୁ ହୋଇଥିବା ଆଶଙ୍କା କରାଯାଉଛି। ୧୨ଟି ହାତୀ ମରିବା ପରେ କାର୍ଯ୍ୟାନୁଷ୍ଠାନ ଭୟରେ ବିଭାଗୀୟ କର୍ମଚାରୀମାନେ ପ୍ରମାଣ ନଷ୍ଟ ପାଇଁ ଉଦ୍ୟମ କରିଛନ୍ତି। ଅପରପକ୍ଷେ ୨୦୧୭ରେ ଶେଷଥର ପାଇଁ ରାଜ୍ୟରେ ହାତୀ ଗଣନା ହୋଇଥିଲା। ୨ ବର୍ଷ ପରେ ପୁଣି ହାତୀ ଗଣନା ହେବା କଥା। କିନ୍ତୁ କରୋନା ଯୋଗୁ ଗଣନା ସେ ସମୟରେ ହୋଇପାରି ନ ଥିଲା। ଇତିମଧ୍ୟରେ ୬ ବର୍ଷରୁ ଊର୍ଦ୍ଧ୍ୱ ବିତିଗଲାଣି, କିନ୍ତୁ ହାତୀ ଗଣନା ହୋଇପାରିନାହିଁ। ୨୦୨୪ ମେ' ମାସରେ ହାତୀ ଗଣନା ପାଇଁ ସରକାରଙ୍କ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଏଥିପାଇଁ ବିଭାଗୀୟ ସମନ୍ୱୟ ଏବଂ ସଚେତନତା ଲୋଡ଼ା ବୋଲି ପରିବେଶବିତ୍ ରଞ୍ଜିତ ପଟ୍ଟନାୟକ କହିଛନ୍ତି।


# Classified Everyday
0674-2580101, 2549949





SALE

New cancer hospital ନାଇଜର, ଜଟଣୀରେ ବର୍ଗଫୁଟ ୩୫୦/- ଜାଗା ବିକ୍ରି ହେଉଛି। 9938086025. D-75142

**Flat for sale 3BHK Deluxe with parking, price 1.5 cr, Near Kalinga Hospital, Bhubaneswar, New Jivan Bima Nagar. Contact: 9337469627, 6371761144.** D-74560

BDA TP SC Plot 7500Sqft Shyamsundarpur, General Plot 3000Sqft at Chakeisihani, Patia, Satyavihar, Rokata. 7008711445, 6372801963. D-1039

ଭୁବନେଶ୍ୱର ପଟିଆ, **KIIT** ଜଗନ୍ନାଥମନ୍ଦିର ନିକଟ **ODM Global School** ପାଖରେ **Boundary, Road, Electricity** ସୁବିଧାଥାଇ ସଙ୍ଗେସଙ୍ଗେ ଘର କଲାଭଳି **plot** ମିଳୁଛି-**8249976746.** D-74897

ଭୁବନେଶ୍ୱର ହଂସପାଳ ଛକରୁ 8K.M. ଦୂରତାରେ ଭିଙ୍ଗାରପୁର ପାଖରେ ଘରବାରି ବାଉଣ୍ଡାରୀ ପ୍ଲଟ୍ ମିଳୁଛି। 8093465134, 9668194157. D-75201

**3 BHK ready to move flat sale at KIIT Square, Patia, Bhubaneswar (SBA-1800 sqft.), Price- 90 Lakhs. 7978701424.** D-75203

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

3BHK Apartment Rasulgarh-89,00,000/-, 3BHK Duplex near Tankapani- 79,00,000/-, 4BHK Duplex Balianta-89,00,000/-, 3BHK Duplex near Nandankanan-89,00,000/-, Gangapada 11Acre, Pitapalli 2Acre. Residential Land Patia-2890, Tankapani-2650, Patrapada-2200, Tamando-1500, Hanspal-2500, Mancheswar-1650, Pitapalli-1650, Balianta-1200, Baranga-1200, Sundarpada-900, Jaanla-900, DPSback-900. 8984071303, 8249630501. D-1028

**Residential cum commercial plot 6KM. from Phulnakhara, from Bhubaneswar 11KM. 3500sqft. 7809525452.** D-75022

SC plot for sale at Nakhara near Trinath Bazar, 30ft. road, boundarywall sqft.-900/-,. Contact: 8328903038, 9090142564. D-75202

ଭୁବନେଶ୍ୱର-ଖୋର୍ଦ୍ଧା ପିତାପଲ୍ଲିଛକ ପାଖରେ ସଙ୍ଗେ ସଙ୍ଗେ ଘର କଲାଭଳି ପ୍ଲଟ୍ **30' ରୋଡ୍,** ଇଲେକ୍ଟ୍ରିସିଟି ଥାଇ ମିଳୁଛି। **7504861292.** D-74899

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।





**Construct your Dream home @460/-, 850/-, 1325/- with Branded material along with 3years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd., 9439856856.** D-1038

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।





**Land with built up shed & Office space suitable for Large Firms, Business House available for rent 60,000sqft. Location on NH. Call: 9861394945, Mail to: pprasant897@gmail.com.** D-1036

**Land with building available for rent. Best suitable for Kalyan Mandap with some alteration. (a) 40-50 rooms can be created, (b) Banquet Hall, (c) Restaurant, (d) 10,000sqft. of 20ft. height shed, (e) Green area 40000sqft. Location on NH. Call: 7657012183, Mail to: pprasant897@gmail.com.** D-1035





Newly healthcare benefited SPA experience therapist in Bhubaneswar. Please visit this SPA. 7846814019. D-75140

Newly open SPA positively health benefits with expert therapist. 7849011931. D-75141

Full body massage in homely atmosphere in all therapy. Mob: 8114881641. D-73439

All types of professional body massage by professional therapy, contact 7077933109/ 9556924059/ 8658803018. D-1000

Spa Kerala body Massage only best Therapist @699/- Bhubaneswar. 9337672475. D-1033

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-75023

## AFFIDAVIT

I, Kaavya Sharma, D/o. Shilp Sharma resident of Hena Apartment, Kanheipur and P.O/ P.S: Jajpur Road, Dist: Jajpur (Odisha) 755019 declare by this affidavit No. 3373, dated 03.09.2022 that now onwards I shall be known as SHRIYAM ADYA SHARMA for all future purposes. D-1034

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

# ୬.୫୩ ଲକ୍ଷ କୋଟିର ପ୍ରତ୍ୟକ୍ଷ ଟିକସ ସଂଗ୍ରହ

## ଗତ ବର୍ଷ ତୁଳନାରେ ପ୍ରାୟ ୧୬% ଅଧିକ ଆଦାୟ

ନୂଆଦିଲ୍ଲୀ,୧୧।୮ (ଅଭୟ ଦାଶ)



କ୍ରମାଗତ ଭାବେ ଦେଶର ଟିକସ ସଂଗ୍ରହ ବୃଦ୍ଧି ପାଉଛି। ବିଶେଷ କରି ଚଳିତ ଆର୍ଥିକ ବର୍ଷରେ ଟିକସରୁ ସରକାରଙ୍କ ଆୟ କ୍ରମାଗତ ଭାବେ ବୃଦ୍ଧି ପାଇଛି। ଶୁକ୍ରବାର ସେଣ୍ଟ୍ରାଲ ବୋର୍ଡ ଅଫ୍ ଡାଇରେକ୍ଟ ଟ୍ୟାକ୍ସେସ୍ (ସିବିଡିଟି) ପକ୍ଷରୁ ଜାରି ହୋଇଥିବା ତଥ୍ୟ ଅନୁସାରେ ଚଳିତ ଆର୍ଥିକ ବର୍ଷର ଅଗଷ୍ଟ ୧୦ ପର୍ଯ୍ୟନ୍ତ ସରକାର ପ୍ରତ୍ୟକ୍ଷ ଟିକସରୁ ମୋଟ ୬.୫୩ ଲକ୍ଷ କୋଟି ଟଙ୍କା ସଂଗ୍ରହ କରିଛନ୍ତି। ଏପରିକି ଗତ ଆର୍ଥିକ ବର୍ଷର ସମାନ ଅବଧିରେ ଆଦାୟ ହୋଇଥିବା ପ୍ରତ୍ୟକ୍ଷ ଟିକସ ରାଶିର ମୂଲ୍ୟ ଠାରୁ ପ୍ରାୟ ୧୬ (୧୫.୭)% ଅଧିକ ବୋଲି କୁହାଯାଇଛି। କେବଳ ଡାଇରେକ୍ଟ ଟ୍ୟାକ୍ସ କ୍ଷେତ୍ରରେ ଚଳିତ ଆର୍ଥିକ ବର୍ଷରେ ସରକାର ଗତ ବର୍ଷ ତୁଳନାରେ ପ୍ରାୟ ୧୬ (୧୫.୭) % ଅଧିକ ଟିକସ ଆଦାୟ କରିଛନ୍ତି। ଉଲ୍ଲେଖଯୋଗ୍ୟ, ୨୦୨୩ ଅଗଷ୍ଟ ୧୦ ବର୍ଷର ଅଗଷ୍ଟ ୧୦ ପର୍ଯ୍ୟନ୍ତ ପ୍ରତ୍ୟକ୍ଷ ଟିକସରୁ ନେଟ୍ ବେସିସ୍‌ରେ ଆଦାୟ ହୋଇଥିବା କର ପୂର୍ବ ବର୍ଷ ତୁଳନାରେ ୧୭ (୧୭.୩୩)%ରୁ ଅଧିକ ରହିଛି। ଏହି ସଂଖ୍ୟା ପୂରା ଆର୍ଥିକ ବର୍ଷ ପାଇଁ ବଜେଟ ଆକଳନର ୩୨.୦୩% ସହ ସମାନ ବୋଲି କୁହାଯାଉଛି, ଅର୍ଥାତ୍ ୨୦୨୩-୨୪ର ସମ୍ପୂର୍ଣ୍ଣ ଆର୍ଥିକ ବର୍ଷରେ ଯେତିକି ଆୟ ହେବ ମଧ୍ୟରେ ଉକ୍ତ ପରିମାଣରର ଟିକସ ଆଦାୟ ହୋଇଛି। ଅପରପକ୍ଷରେ କରଦାତାଙ୍କ ଫେରସ୍ତ (ରିଫଣ୍ଡ)କୁ ଯଦି ବାଦ୍ ଦିଆଯାଏ ତେବେ ୨୦୨୩ ଅଗଷ୍ଟ ୧୦ ସୁଦ୍ଧା ମୋଟ ୫.୮୪ ଲକ୍ଷ କୋଟି ଟଙ୍କାର ଟିକସ ସରକାର ଆଦାୟ କରିଛନ୍ତି। ସିବିଡିଟିର ସୂଚନା ଅନୁଯାୟୀ, ଚଳିତ ଆର୍ଥିକ ବୋଲି ସରକାର ଅନୁମାନ କରିଥିଲେ ତା'ର ୩୨% ରୁ ଅଧିକ ୨୦୨୩ ଅଗଷ୍ଟ ୧୦ ମଧ୍ୟରେ ଆଦାୟ ହୋଇସାରିଛି। ସେହିପରି ପୂର୍ବ ଆର୍ଥିକ ବର୍ଷର ସମାନ ଅବଧି ମଧ୍ୟରେ ଫେରସ୍ତ ହୋଇଥିବା ରିଫଣ୍ଡ ଠାରୁ ଚଳିତ ବର୍ଷର ସମାନ ସମୟରେ ଅଧିକ ରିଫଣ୍ଡ ଜାରି ହୋଇଛି।

ସେହିପରି ସରକାରଙ୍କ ସୂଚନା ଅନୁସାରେ ଚଳିତ ଆର୍ଥିକ ବର୍ଷରେ ଟିକସଦାତାଙ୍କୁ ପୂର୍ବ ବର୍ଷ ଅପେକ୍ଷା ଅଧିକ ଫେରସ୍ତ ଦିଆଯାଇଛି। ଏପରିକି ୨୦୨୩ ଏପ୍ରିଲରୁ ଅଗଷ୍ଟ ୧୦ ମଧ୍ୟରେ ସରକାର ଟିକସଦାତାଙ୍କୁ ମୋଟ ୦.୬୯ ଲକ୍ଷ କୋଟି ଟଙ୍କା ଫେରସ୍ତ କରିଛନ୍ତି। ଗତ ଆର୍ଥିକ ବର୍ଷର ସମାନ ଅବଧିରେ ଦିଆଯାଇଥିବା ଫେରସ୍ତଠାରୁ ଏହା ୩.୭୩% ଅଧିକ ବୋଲି କୁହାଯାଉଛି।

# ଖସିଲା ଶେୟାର ବଜାର କାରବାର

ନୂଆଦିଲ୍ଲୀ,୧୧।୮

କ୍ରମାଗତ ୨ଦିନ ଲାଗି ଭାରତୀୟ ଶେୟାର ବଜାରର କାରବାରରେ ହ୍ରାସ ଘଟିଛି। ଏପରିକି ଚଳିତ ସପ୍ତାହର ଶେଷ କାର୍ଯ୍ୟଦିବସ (ଷ୍ଟକ୍‌ବଜାର)ର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ଶୁକ୍ରବାର ଷ୍ଟକ୍ ମାର୍କେଟର କାରବାର ଶେଷ ସୁଦ୍ଧା ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୩୬୬ (୩୬୫.୫୩) ପଏଣ୍ଟ କମି ୬୫,୩୨୩ (୬୫,୩୨୨.୬୫) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୧୧୫ (୧୧୪.୮୦) ପଏଣ୍ଟ ହ୍ରାସ ଘଟି ୧୯,୪୨୮ (୧୯,୪୨୮.୩୦) ଅଙ୍କରେ କାରବାର ବନ୍ଦ ହୋଇଥିଲା।

# ଟିଆଇୟୁର ସମାବର୍ତ୍ତନ ଉତ୍ସବ-୨୦୨୩



ଭୁବନେଶ୍ୱର,୧୧।୮

ଟେକ୍ନୋ ଇଣ୍ଡିଆ ୟୁନିଭର୍ସିଟି (ଟିଆଇୟୁ)ର ବାର୍ଷିକ ସମାବର୍ତ୍ତନ ଉତ୍ସବ-୨୦୨୩ ନିକଟରେ ପଶ୍ଚିମବଙ୍ଗର ବିଶ୍ୱ ବାଙ୍ଗାଲା କନ୍‌ଭେନସନ ସେଣ୍ଟରଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହରେ ବିଶିଷ୍ଟ ଶିଳ୍ପପତି ତଥା ଇନ୍‌ଫୋସିସ୍‌ର ମୁଖ୍ୟ ଏନ୍.ଆର୍. ନାରାୟଣ ମୂର୍ତ୍ତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ ଟିଆଇୟୁର କୁଳପତି ପ୍ରଫେସର ଡ. ଗୌତମ ରାୟଚୌଧୁରୀଙ୍କ ଅଧ୍ୟକ୍ଷତାରେ ସମାରୋହର ସଭାକାର୍ଯ୍ୟ ପରିଚାଳିତ ହୋଇଥିଲା। ଉଲ୍ଲେଖଯୋଗ୍ୟ, ୨୦୨୩ ସମାବର୍ତ୍ତନ ଉତ୍ସବରେ ଟିଆଇୟୁର ୪୫୦୦ କୃତୀ ଛାତ୍ରୀଛାତ୍ରଙ୍କୁ ୟୁଜି, ପିଜି ଏବଂ ପିଏଚ୍.ଡି. ଡ୍ରିଗୀ ପ୍ରଦାନ କରାଯାଇଥିଲାବେଳେ ସୌରଭ ଗାଙ୍ଗୁଲି, ରତନ ଏନ୍ ଟାଟା, କବିତା କୃଷ୍ଣମୂର୍ତ୍ତି ସୁବ୍ରମଣ୍ୟମ,ସୁସ୍ମିତା ସେନ୍, ଶିଶିରେନ୍ଦୁ ମୁଖୋପାଧ୍ୟାୟ, ଡା. ଅପୂର୍ବ ଘୋଷ ଏବଂ ଡା.ଟେସୀ ଥୋମାସଙ୍କୁ ଡକ୍ଟର ଅଫ୍ ଲେଟର ଡିଗ୍ରୀରେ ସମ୍ମାନିତ କରାଯାଇଛି। ଏ ସମ୍ପର୍କରେ ଟିଆଇୟୁର କୁଳପତି ପ୍ରଫେସର ଡ. ଗୌତମ ରାୟଚୌଧୁରୀ କହିଛନ୍ତି, କୋଭିଡ୍ କାରଣରୁ ଗତ ୩ ବର୍ଷ ହେବ ସମାବର୍ତ୍ତନ ଉତ୍ସବ ବନ୍ଦ ରହିଥିଲା। ହେଲେ ୨୦୨୩ରେ ମହା ଆଡମ୍ବର ସହକାରେ ସମାବର୍ତ୍ତନ ଉତ୍ସବ ପାଳନକରି ଆମେ ବେଶ୍ ଆନନ୍ଦିତ ଅଛୁ।

# ଇଣ୍ଡିଆସ୍ ବିଗେଷ୍ଟ ଇଲେକ୍ଟ୍ରୋନିକ୍ସ ସେଲ୍




ଭୁବନେଶ୍ୱର,୧୧।୮

ରିଲାଏନ୍ସ ଡିଜିଟାଲର ବହୁ ପ୍ରତୀକ୍ଷିତ ଡିଜିଟାଲ ଇଣ୍ଡିଆ ସେଲ୍‌ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି କମ୍ପାନୀର ଲୋକପ୍ରିୟ ଅଭିଯାନ 'ଇଣ୍ଡିଆସ ବିଗେଷ୍ଟ ଇଲେକ୍ଟ୍ରୋନିକ୍ସ ସେଲ୍' ଜରିଆରେ ଉପଭୋକ୍ତାମାନଙ୍କୁ ଟେକ୍ନୋଲୋଜି ସହ ସଶକ୍ତ କରିବା ପାଇଁ ରିଲାଏନ୍ସ ଡିଜିଟାଲ ସବୁ ପ୍ରକାର ସୁବିଧା ଯୋଗାଇ ଦେଉଛି। ଏହି ସୁବିଧା ଓ ସେଲ୍ ୨୦୨୩ ଅଗଷ୍ଟ ୧୫ ପର୍ଯ୍ୟନ୍ତ ସମସ୍ତ ଡିଜିଟାଲ ଷ୍ଟୋରରେ ଉପଲବ୍ଧ। ଏପରିକି ଏହି ଅଭିଯାନରେ ଉପଭୋକ୍ତା ବିଭିନ୍ନ ପ୍ରକାର ଅତ୍ୟାଧୁନିକ ଇଲେକ୍ଟ୍ରୋନିକ୍ସ ସାମଗ୍ରୀଗୁଡ଼ିକ ଉପରେ ଆକର୍ଷଣୀୟ ସୁବିଧା ଓ ସୁନିଶ୍ଚିତ ରିହାତି ପାଇପାରିବେ। ସେହିଭଳି ଡିଜିଟାଲ ଇଣ୍ଡିଆ ସେଲ୍ ଜରିଆରେ ଗ୍ରାହକମାନଙ୍କୁ ଆକର୍ଷଣୀୟ ଅଫର ସହ ଏସ୍‌ବିଆଇ କ୍ରେଡିଟ୍ କାର୍ଡର କାରବାର ଉପରେ ୫୦୦୦ ଟଙ୍କା ପର୍ଯ୍ୟନ୍ତ ତତକ୍ଷଣାତ୍ ୧୦%ର ଏକ ରିହାତି ପ୍ରଦାନ କରାଯାଉଛି। କେବଳ ସେତିକି ନୁହେଁ, ଗ୍ରାହକମାନେ ସମସ୍ତ ଡେବିଟ୍ ଓ କ୍ରେଡିଟ୍ କାର୍ଡର କ୍ରୟ ଉପରେ ୩୦୦୦ ଟଙ୍କାର ଅତିରିକ୍ତ ୫% ତତ୍କାଳ ରିହାତିର ଲାଭ ମଧ୍ୟ ଉଠାଇପାରିବେ ଏବଂ ପରବର୍ତ୍ତୀ କ୍ରୟରେ ୧୦%ର ସୁନିଶ୍ଚିତ ରିହାତି ମଧ୍ୟ ପାଇବା ପାଇଁ ରିଡିମ୍ ହୋଇପାରୁଥିବା ଏକ ଭାଉଚର୍ ପାଇବେ, ଯାହା ସଞ୍ଚୟର ଏକ ଡବଲ ବୋନାଞ୍ଜା ହେବ ଏବଂ ଯେଉଁମାନେ ୟୁପିଆଇ ଟ୍ରାଞ୍ଜାକ୍ସନ୍ କରିବାକୁ ଚାହିଁବେ, ସେମାନେ ୧୦%ର ଏକ ତୁରନ୍ତ ରିହାତି ପାଇପାରିବେ। ଏହି ମନଲୋଭା ଅଫରଗୁଡ଼ିକ ସହ ଆହୁରି ବହୁ କିଛି ପାଇବା ପାଇଁ ଗ୍ରାହକମାନେ ନିକଟତମ ରିଲାଏନ୍ସ ଡିଜିଟାଲ ଷ୍ଟୋର, ମାଇଁ ଜିଓ ଷ୍ଟୋର କିମ୍ବା କମ୍ପାନୀର ୱେବ୍‌ସାଇଟରେ ମଧ୍ୟ ଲଗ୍-ଇନ୍ କରି ଏକ ନିରବଚ୍ଛିନ୍ନ ଶପିଙ୍ଗ୍‌ର ଅନୁଭବ ପାଇପାରିବେ।

# କସ୍ମୋ ବଜାରର ମେଗା ଷ୍ଟୋର ଉଦ୍‌ଘାଟିତ

ଭୁବନେଶ୍ୱର,୧୧।୮



ଦେଶର ପ୍ରମୁଖ ଘରୋଇ ସଂସ୍ଥା କସ୍ମୋ କନେକ୍ଟର ଆଉ ଏକ ଷ୍ଟୋର ଓଡ଼ିଶା ବଜାରରେ ଶୁଭାରମ୍ଭ ହୋଇଯାଇଛି। ବିଶେଷକରି କସ୍ମୋ ବଜାରର ମେଗା ଷ୍ଟୋର ଶୁକ୍ରବାର କଟକର ବାଦାମବାଡ଼ିଠାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ବରିଷ୍ଠ ଆଇନଜୀବୀ ପ୍ରଦୀପ ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କମ୍ପାନୀର ଏରିଆ ମ୍ୟାନେଜର ବିଜୟ ପଣ୍ଡା ଓ ଅନ୍ୟମାନେ ଯୋଗଦେଇଥିଲେ। ସେହିଭଳି କଟକ ପରି ଏକ ବ୍ୟବସାୟିକ ପେଣ୍ଠସ୍ଥଳୀ ବାଦାମବାଡ଼ିଠାରେ ଏକ ୨ ମହଲା ବିଶିଷ୍ଟ କୋଠାରେ ଏହି ଶୋ'ରୁମ୍‌ର ଶୁଭାରମ୍ଭ କରାଯାଇଛି। ଶୋ'ରୁମ୍‌ର ଉଦ୍‌ଘାଟନୀ ଅଫରରେ ଗ୍ରାହକମାନଙ୍କ ପାଇଁ ଆକର୍ଷଣୀୟ ଅଫର ସହ ପ୍ରତିଦିନ ଲକି ଡ୍ର'ର ବ୍ୟବସ୍ଥା ମଧ୍ୟ କରାଯାଇଛି। ଏପରିକି ପ୍ରତିଦିନର ଭାଗ୍ୟଶାଳୀ ବିଜେତା ସାଇକେଲ, ଗ୍ରାଇଣ୍ଡର ଏବଂ ଟାୱାର ଫ୍ୟାନ୍ ଆଦି ଜିତିବାର ସୁଯୋଗ ପାଇପାରିବେ। ଏଠାରେ ମେନ୍ସ ୱେୟର, ଲେଡିସ ୱେୟର, କିଡ୍‌ସ ୱେୟର, ଆସୋସିରିଜ, ଶାଢ଼ି ଏବଂ ହୋମ୍ ଫର୍ନିସିଂ ଭଳି ଗୁଣାତ୍ମକ ମାନର ସାମଗ୍ରୀ ସୁଲଭ ମୂଲ୍ୟରେ ଗ୍ରାହକମାନେ ପାଇପାରିବେ। ଉଦ୍‌ଘାଟନୀ ଅଫର ଅଗଷ୍ଟ ୩୧ ପର୍ଯ୍ୟନ୍ତ ଉପଲବ୍ଧ ରହିଛି। ଉଲ୍ଲେଖଯୋଗ୍ୟ, ସମଗ୍ର ଦେଶରେ କମ୍ପାନୀର ୩୫ଟି ଷ୍ଟୋର ରହିଥିବାବେଳେ ଓଡ଼ିଶା ବଜାରରେ ବାଲେଶ୍ୱର, ଭଦ୍ରକ, ଯାଜପୁର ଏବଂ କଟକ ଜିଲାର ପ୍ରମୁଖ ବଜାରଗୁଡିକରେ ଷ୍ଟୋର ରହିଛି।

# ଏଲ୍‌ଆଇସିର ପ୍ରଥମ ତ୍ରୈମାସିକ ଫଳାଫଳ

ଭୁବନେଶ୍ୱର,୧୧।୮


ସିଦ୍ଧାର୍ଥ ମହାନ୍ତି

ଭାରତୀୟ ଜୀବନ ବୀମା ନିଗମ (ଏଲ୍‌ଆଇସି)ର ବୋର୍ଡ ଅଫ୍ ଡାଇରେକ୍ଟର୍ସ ବୈଠକ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଏଲ୍‌ଆଇସିର ୨୦୨୩ ଜୁନ୍ ଶେଷ ସୁଦ୍ଧା ହୋଇଥିବା ୨୦୨୩-୨୪ ଆର୍ଥିକ ବର୍ଷର କାରବାର ସମ୍ପର୍କିତ ପ୍ରଥମ ତ୍ରୈମାସିକ ଫଳାଫଳ ସମ୍ପର୍କରେ ବିସ୍ତୃତ ସୂଚନା ଦିଆଯାଇଛି। ଉଲ୍ଲେଖଯୋଗ୍ୟ, ୨୦୨୩-୨୪ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକ (ଏପ୍ରିଲରୁ ଜୁନ୍) କାରବାରରେ ଏଲ୍‌ଆଇସି ପୂର୍ବ ଆର୍ଥିକ ବର୍ଷର ସମାନ ଅବଧିର ଫଳାଫଳ ତୁଳନାରେ ଅପେକ୍ଷାକୃତ ଭଲ କରିଛି। ଏପରିକି ପ୍ରଥମ ତ୍ରୈମାସିକରେ ଏଲ୍‌ଆଇସି ଲାଭ ପରବର୍ତ୍ତୀ ଟିକସ (ପିଏଟି) ରେ ମୋଟ ୯୫୪୪ (୯୫୪୩.୭୧) କୋଟି ଟଙ୍କାର ଲାଭ ହାସଲ କରିଥିବାବେଳେ ମୋଟ ପ୍ରିମିୟମ ଆୟ ୯୮,୩୬୩ କୋଟି ଟଙ୍କା ହୋଇଛି। ଅପରପକ୍ଷରେ ୨୦୨୨-୨୩ ଆର୍ଥିକ ବର୍ଷର ସମାନ ଅବଧିରେ ଏଲ୍‌ଆଇସି ଲାଭ ପରବର୍ତ୍ତୀ ଟିକସ (ପିଏଟି) ରେ ମୋଟ ୭୪୯୧.୫୩ କୋଟି ଟଙ୍କା ଥିଲାବେଳେ ମୋଟ ପ୍ରିମିୟମ ଆୟ ୯୮,୩୫୨ କୋଟି ଟଙ୍କା ଥିଲା। ଏ ସମ୍ପର୍କରେ ଏଲ୍‌ଆଇସି ଅଧ୍ୟକ୍ଷ ସିଦ୍ଧାର୍ଥ ମହାନ୍ତି କହିଛନ୍ତି, ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକରେ ଆମେ ଆଶାତୀତ ସଫଳତା ସହ ଲାଭ ହାସଲ କରିଥିବାବେଳେ ଆଗାମୀ ତ୍ରୈମାସିକଗୁଡିକରେ ଆହୁରି ଅଧିକ ଲାଭ ହାସଲ ପାଇଁ ପ୍ରୟାସ ରହିବ।

# ଭୁବନେଶ୍ୱରରେ ଯାତ୍ରାର ଫ୍ରାଞ୍ଚାଇଜ୍ ଷ୍ଟୋର

ଭୁବନେଶ୍ୱର,୧୧।୮

ଦେଶର ଅଗ୍ରଣୀ ଅନ୍‌ଲାଇନ ଟ୍ରାଭେଲ୍ କମ୍ପାନୀ ଯାତ୍ରା (ୟାତ୍ରା) ର ପ୍ରଥମ ଅଫ୍‌ଲାଇନ୍ ଫ୍ରାଞ୍ଚାଇଜ୍ ଷ୍ଟୋର ଓଡ଼ିଶା ବଜାରରେ ଉଦ୍‌ଘାଟିତ ହୋଇଯାଇଛି। ବିଶେଷକରି ଭୁବନେଶ୍ୱରର ଜୟଦେବଠାରେ ଯାତ୍ରାର ପ୍ରଥମ ଫ୍ରାଞ୍ଚାଇଜ୍ ଷ୍ଟୋର ଆନୁଷ୍ଠାନିକ ଭାବେ ଶୁଭାରମ୍ଭ ହୋଇଯାଇଛି। ଏପରିକି ଫ୍ରାଞ୍ଚାଇଜ୍ ନେଟ୍‌ୱାର୍କର ସମ୍ପ୍ରସାରଣ ମାଧ୍ୟମରେ ଅଫ୍‌ଲାଇନ୍ ସେଟିଂରେ ସୁବିଧା ତଥା ବାଧାମୁକ୍ତ ଭ୍ରମଣ ସମାଧାନ ବିତରଣ କରିବାକୁ ଯାତ୍ରାର ବିସ୍ତାର ପ୍ରତିବଦ୍ଧତାକୁ ସୂଚିତ କରୁଛି। ଭୌତିକ ଇଣ୍ଟରଫେସ୍ ଗ୍ରାହକମାନଙ୍କୁ ସେମାନଙ୍କର ସମସ୍ତ ପ୍ରକାର ଭ୍ରମଣ ସୁବିଧା ପାଇଁ ବ୍ୟକ୍ତିଗତ ଧ୍ୟାନ ଚାଳିତ ସେବାଗୁଡିକ ଅନୁଭବ କରାଇଥାଏ। କମ୍ପାନୀର ନୂତନ ଫ୍ରାଞ୍ଚାଇଜ୍ ଷ୍ଟୋରକୁ ୧୦୦% ଡିଜିଟାଇଜେଶନ କରାଯିବା ସହ ଗ୍ରାହକଙ୍କୁ ଯାତ୍ରାର ଉତ୍ପାଦ ତଥା ସେବାଗୁଡିକ ଉପଲବ୍ଧ କରାଯାଇ ତୁରନ୍ତ ବୁକ୍ କରିବାକୁ ଅନୁମତି ଦିଆଯିବ ଯେଉଁଥିରେ ଉଭୟ ଅନ୍ତର୍ଜାତୀୟ ତଥା ଘରୋଇ ଗନ୍ତବ୍ୟସ୍ଥଳ, ଫ୍ଲାଇଟ୍ ବୁକିଂ, ହୋଟେଲ ବୁକିଂ, ଭିସା ସହାୟତା ସେବା, ଭ୍ରମଣ ବୀମା ଏବଂ ଛୁଟି ପ୍ୟାକେଜ୍ ଇତ୍ୟାଦି ଅନ୍ତର୍ଭୁକ୍ତ ରହିବ।

ଏ ସମ୍ପର୍କରେ ଯାତ୍ରାର ସିଓଓ (କର୍ପୋରେଟ୍ ଟ୍ରାଭେଲ୍ ଆଣ୍ଡ ହେଡ୍ ଇଣ୍ଡଷ୍ଟ୍ରି ରିଲେଶନ୍ସ) ସବିନା ଚୋପ୍ରା କହିଛନ୍ତି, ପୂର୍ବାଞ୍ଚଳ ବଜାର ଭୁବନେଶ୍ୱରଠାରେ ପ୍ରଥମ ଷ୍ଟୋର୍ ଖୋଲି ଆମେ ବେଶ୍ ଆନନ୍ଦିତ। ଏପରିକି ଭୁବନେଶ୍ୱରରେ ଯାତ୍ରା.କମ୍‌ର କାର୍ଯ୍ୟାଳୟ ଖୋଲିବା ଆମ ପାଇଁ ଏକ ବିଶେଷ ମୁହୂର୍ତ୍ତକୁ ସୂଚିତ କରୁଛି। ବିଶେଷକରି ଅଫ୍‌ଲାଇନ୍ ଷ୍ଟୋର ଯାତ୍ରୀଙ୍କୁ ସଂଯୋଗ କରିବାକୁ ଏହା ବେଶ୍ ସାହାଯ୍ୟ କରିବ। ଏହାଦ୍ୱାରା ବ୍ରାଣ୍ଡ୍ ଉପରେ ବିଶ୍ୱାସ ଦୃଢ ହେବ। ସେହିଭଳି ଇଣ୍ଟରାକ୍ଟିଭ୍ ଷ୍ଟୋର ଅଭିଜ୍ଞତା ଏବଂ ବ୍ୟକ୍ତିଗତ ସହାୟତା ଓ ବିଶେଷଜ୍ଞ ମାର୍ଗଦର୍ଶନ ସହ ଆମେ ଆମର ଭ୍ରମଣକାରୀଙ୍କ ପରିବର୍ତ୍ତିତ ଆବଶ୍ୟକତାକୁ ପ୍ରଥମେ ପୂରଣ କରିବା ଏବଂ ସେମାନଙ୍କର ଯାତ୍ରାକୁ ସଫଳ କରିବାକୁ ଲକ୍ଷ୍ୟ ରଖିଛୁ।

# ଏଏମ୍‌ଏନ୍‌ଏସ୍ ଇଣ୍ଡିଆ ପକ୍ଷରୁ ରିଲିଫ ସାମଗ୍ରୀ ପ୍ରଦାନ

ଭୁବନେଶ୍ୱର,୧୧।୮




ଆର୍ସେଲର ମିତ୍ତଲ ନିପ୍ପନ୍ ଷ୍ଟିଲ୍ (ଏଏମ୍‌ଏନ୍‌ଏସ୍) ଇଣ୍ଡିଆ ବନ୍ୟା ପ୍ରପୀଡ଼ିତ ଗ୍ରାମାଞ୍ଚଳରେ ରିଲିଫ ବିତରଣ ପାଇଁ ଆବଶ୍ୟକ ରିଲିଫ ସାମଗ୍ରୀ ଜଗତ୍‌ସିଂହପୁର ଜିଲା କୁଜଙ୍ଗ ବ୍ଲକ୍ ପ୍ରଶାସନକୁ ପ୍ରଦାନ କରାଯାଇଛି। ଏପରିକି କୁଜଙ୍ଗ ବ୍ଲକରେ ବନ୍ୟା ଯୋଗୁ ଜନଜୀବନ,ପଶୁ ସମ୍ପଦ ଓ ସମ୍ପତ୍ତି ବ୍ୟାପକ କ୍ଷୟକ୍ଷତି ହୋଇଛି। କମ୍ପାନୀର ସିଏସ୍‌ଆର୍ ପଦକ୍ଷେପ ଅଧୀନରେ ଏଏମ୍‌ଏନ୍‌ଏସ୍ ଇଣ୍ଡିଆ କୁଜଙ୍ଗ ବିଡିଓ ସୌମ୍ୟଶ୍ରୀ ପାଣିଗ୍ରାହୀଙ୍କୁ ଉକ୍ତ ରିଲିଫ ସାମଗ୍ରୀ ପ୍ରଦାନ କରାଯାଇଛି। ଏହି ଅବସରରେ ଏବିଡିଓ ଜ୍ଞାନାନନ୍ଦ ନାୟକ, କୁଜଙ୍ଗ ବ୍ଲକ୍ ଡେଭେଲପମେଣ୍ଟ ଆକାଉଣ୍ଟସ୍ ଅଫିସର ବସନ୍ତ କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ ରିଲିଫ ସାମଗ୍ରୀ ମଧ୍ୟରେ ବିସ୍କୁଟ ପ୍ୟାକେଟ, ଶିଶୁଖାଦ୍ୟ ଏବଂ ସାନିଟାରି ନାପ୍‌କିନ୍ ଆଦି ରହିଛି। ଏହା ସହ ପଶୁଖାଦ୍ୟର ଆବଶ୍ୟକତା ପୂରଣ କରିବା ନିମନ୍ତେ ପଶୁଖାଦ୍ୟ ମଧ୍ୟ ପ୍ରଦାନ କରାଯାଇଛି। ଅପରପକ୍ଷରେ ଏଏମ୍‌ଏନ୍‌ଏସ୍ ଇଣ୍ଡିଆର ଏହି ମହତ୍ କାର୍ଯ୍ୟକୁ ପ୍ରଶଂସାକରି ସୌମ୍ୟଶ୍ରୀ କହିଥିଲେ, ଏହି ସାମଗ୍ରୀ ସରକାରଙ୍କ ଠିକ୍ ସମୟରେ ଲୋକଙ୍କୁ ରିଲିଫ୍ ସାମଗ୍ରୀ ପ୍ରଦାନ କରିବାର ପଦକ୍ଷେପରେ ସହାୟକ ହେବ। ସେହିଭଳି ଏଏମ୍‌ଏନ୍‌ଏସ୍ ଇଣ୍ଡିଆର ସିଏସ୍‌ଆର୍ ମୁଖ୍ୟ ଡ. ବିକାଶ ଯାଦବେନ୍ଦୁ କହିଥିଲେ, କ୍ଷତିଗ୍ରସ୍ତ ପରିବାରଙ୍କ ସହ ଆମେ ସବୁ ସମୟରେ ରହିଛୁ ଏବଂ ସେମାନଙ୍କର ଥଇଥାନ ଓ ରିଲିଫ ସାମଗ୍ରୀ ପ୍ରଦାନ କ୍ଷେତ୍ରରେ ଜିଲା ପ୍ରଶାସନକୁ ସମସ୍ତ ପ୍ରକାର ସାହାଯ୍ୟ ପ୍ରଦାନ କରିବୁ।

# ବେଦାନ୍ତର ସ୍ୱତନ୍ତ୍ର ଅଭିଯାନ

ଭୁବନେଶ୍ୱର,୧୧।୮

ବେଦାନ୍ତ ଆଲୁମିନିୟମ ପକ୍ଷରୁ ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀର ଓଡ଼ିଶା ଓ ଛତିଶଗଡ଼ ୟୁନିଟ କାର୍ଯ୍ୟ ପରିସରରେ ଏକ ସ୍ୱତନ୍ତ୍ର ଅଭିଯାନର ଶୁଭାରମ୍ଭ କରାଯାଇଥିଲା। ବିଶେଷ କରି କମ୍ପାନୀର କାର୍ଯ୍ୟ ପରିସର ନିକଟସ୍ଥ ଗ୍ରାମୀଣ କ୍ଷେତ୍ରରେ ସ୍ତନ୍ୟ ପାନର ମହତ୍ୱ ସହିତ ପ୍ରୋତ୍ସାହନ ପାଇଁ ବ୍ୟାପକ ପ୍ରୟାସ ଆରମ୍ଭ ହୋଇଛି। ଏପରିକି ସପ୍ତାହବ୍ୟାପୀ ଆୟୋଜିତ ଉକ୍ତ ଅଭିଯାନରେ ଉଭୟ ମା ଓ ଶିଶୁଙ୍କ ପାଇଁ ସ୍ତନ୍ୟ ପାନର ଉପକାରିତା ସହ ନୂଆ ମା ମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି ପାଇଁ ବ୍ୟାପକ ପ୍ରୟାସ କରାଯାଉଛି।କମ୍ପାନୀର ଏଭଳି ଏକ ପଦକ୍ଷେପ ଉକ୍ତ ଅଞ୍ଚଳରେ ଶିଶୁ ମୃତ୍ୟୁ ହାରକୁ ରୋକିବାରେ ବେଶ ସହାୟକ ହେବ। ସେହିଭଳି କମ୍ପାନୀର ପ୍ରୟାସ ନନ୍ଦଘର ଉପରେ କେନ୍ଦ୍ରିତ ହୋଇଥିଲା, ଯାହାକି ବେଦାନ୍ତ ଦ୍ୱାରା ସମର୍ଥିତ ଆଧୁନିକ ଅଙ୍ଗନବାଡି ଓ ଏହା ମହିଳା ଶିଶୁ ବିକାଶର ମାଗଣା ହବ ଭାବେ ୫୩୧ଟି ନନ୍ଦଘରକୁ ନେଇ କାର୍ଯ୍ୟ କରୁଛି। ବେଦାନ୍ତ ଉକ୍ତ କାର୍ଯ୍ୟକ୍ରମରେ ୫୫୦୦ରୁ ଅଧିକ ସ୍ତନ୍ୟପାନ କରାଉଥିବା ମହିଳାଙ୍କ ନିକଟରେ ପହଁଚିଛି। ମା ମାନଙ୍କୁ ଉପଯୁକ୍ତ ସ୍ୱାସ୍ଥ୍ୟ ସଚେତନତା ଉପରେ ପରାମର୍ଶ ସହ ଭିଡିଓ ପ୍ରଦର୍ଶନ ଜରିଆରେ ଦିଗଦର୍ଶନ ଦିଆଯାଇଥିଲା। ସେହିପରି ସ୍ତନ୍ୟପାନ କରାଇବା ଉପରେ ୩୫ରୁ ଅଧିକ ରାଲି ଓ ଗୋଷ୍ଠୀ ସଚେତନତା ବୈଠକ ଝାରସୁଗୁଡ଼ାର ପ୍ରମୁଖ ସ୍ଥାନ ମାନଙ୍କରେ ଆୟୋଜିତ ହୋଇଥିଲା।

# ଆଜିଠାରୁ ଫୁଲ୍ ପଇସା ବସୁଲ୍ ସେଲ୍

ଭୁବନେଶ୍ୱର,୧୧।୮




ସ୍ମାର୍ଟ ବଜାରର ବହୁ ପ୍ରତୀକ୍ଷିତ ତଥା ଲୋକପ୍ରିୟ ଅଫର 'ଫୁଲ୍ ପଇସା ବସୁଲ୍ ସେଲ୍'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ୨୦୨୩ ଅଗଷ୍ଟ ୧୨ରୁ ୧୬ ପର୍ଯ୍ୟନ୍ତ ଏହି ସେଲ୍ ସର୍ବଭାରତୀୟ ସ୍ତରରେ ଉପଲବ୍ଧ ରହିବ। ବିଶେଷକରି ଏହି ୫ ଦିନିଆ ଫୁଲ୍ ପଇସା ବସୁଲ୍ ସେଲ୍ ଜରିଆରେ ଗ୍ରାହକ ସେମାନଙ୍କର ଆବଶ୍ୟକତା ଓ ଚାହିଦା ମୁତାବକ ସାମଗ୍ରୀ ଦେଶର ରିଲାଏନ୍ସ ସ୍ମାର୍ଟ ବଜାର ଏବଂ ସ୍ମାର୍ଟ ସୁପର ଷ୍ଟୋରରେ ପାଇପାରିବେ। ଏପରିକି ଏହି ସୀମିତ ଅବଧି ମଧ୍ୟରେ ଗ୍ରାହକ ହୋମ୍ ଆଣ୍ଡ ପର୍ସନାଲ କେୟାର ସାମଗ୍ରୀ ସହ ଷ୍ଟାପେଲସ, ପ୍ୟାକେଜ୍‌ଡ ଫୁଡ୍‌ସ, ହୋମ୍‌ୱେୟର, ଲଗେଜ ଏବଂ ଆପାରେଲର ବ୍ୟାପକ ସମ୍ଭାରକୁ ଆକର୍ଷଣୀୟ ମୂଲ୍ୟ ଓ ଅଫରରେ କ୍ରୟ କରିପାରିବେ। ଉଲ୍ଲେଖଯୋଗ୍ୟ, ସ୍ମାର୍ଟ ବଜାର ଓ ସ୍ମାର୍ଟ ସୁପର ଷ୍ଟୋରର ୮୫୦ରୁ ଅଧିକ ଷ୍ଟୋରରୁ ଉପରୋକ୍ତ ଅତ୍ୟାବଶ୍ୟକ ସାମଗ୍ରୀ ଉପଭୋକ୍ତାମାନେ ପାଇପାରିବେ। ଅପରପକ୍ଷରେ ବଲିଉଡ୍ ଅଭିନେତ୍ରୀ ମାଧୁରୀ ଦୀକ୍ଷିତ ସ୍ମାର୍ଟ ବଜାରର ବ୍ରାଣ୍ଡ୍ ଆମ୍ବାସାଡର ଭାବେ ଫୁଲ୍ ପଇସା ଅସୁଲ୍ ସେଲ୍ ଅଭିଯାନ ସମ୍ପର୍କରେ ବ୍ୟାପକ ସଚେତନତା ଓ କାରବାରର ସୁଲଭତା ଉପରେ ସୁନ୍ଦର ବାର୍ତ୍ତା ଗ୍ରାହକମାନଙ୍କୁ ପ୍ରଦାନ କରୁଛନ୍ତି। ଏ ସମ୍ପର୍କରେ ରିଲାଏନ୍ସ ରିଟେଲ ( ଭାଲ୍ୟୁ ଫର୍ମାଟ୍)ର ସିଇଓ ଦାମୋଦର ମଲ୍ଲ କହିଛନ୍ତି, ବ୍ରାଣ୍ଡର ଲୋକପ୍ରିୟ ଅଭିଯାନ ଫୁଲ୍ ପଇସା ଅସୁଲ୍ ସେଲ୍‌କୁ ଉନ୍ମୋଚନ କରି ଆମେ ବେଶ୍ ଉତ୍ସାହିତ ଅଛୁ। ଏପରିକି ଉକ୍ତ ଅଭିଯାନ ଓ ସେଲ୍ ଜରିଆରେ ଗ୍ରାହକ ବ୍ୟାପକ ରେଞ୍ଜର ହୋମ୍‌ୱେୟାର ଏବଂ ଆପାରେଲ ସହିତ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀ ମଧ୍ୟ ଆକର୍ଷଣୀୟ ଅଫର ଜରିଆରେ ପାଇପାରିବେ।

# ବିଓଏମ୍‌ର ଆର୍ଥିକ ଅନ୍ତର୍ଭୁକ୍ତୀକରଣ କାର୍ଯ୍ୟକ୍ରମ

ଭୁବନେଶ୍ୱର,୧୧।୮



ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର (ବିଓଏମ୍)ର ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଏବଂ ସଂଯୋଗୀକରଣ କାର୍ଯ୍ୟକ୍ରମ ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବ୍ୟାଙ୍କର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଏ.ବି.ବିଜୟ କୁମାର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିବାବେଳେ ବ୍ୟାଙ୍କର ଭୁବନେଶ୍ୱର ଅଞ୍ଚଳର ଅଞ୍ଚଳ ପ୍ରବନ୍ଧକ ଆଲୋକ କୁମାର ମିଶ୍ର ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଏହି ଅବସରରେ ସ୍ୱୟଂ ସହାୟକ ଗୋଷ୍ଠୀ, ମୁଦ୍ରା, ପିଏମ୍ ସ୍ୱନିଧି ଓ ଷ୍ଟାଣ୍ଡ୍ ଅପ୍ ଇଣ୍ଡିଆର ୭୦ ହିତାଧିକାରୀମାନଙ୍କୁ ଋଣ ମଞ୍ଜୁରୀ ପତ୍ର ପ୍ରଦାନ କରାଯାଇଥିଲା। ସେହିଭଳି ବିଜୟ କୁମାର ବିଭିନ୍ନ ସରକାରୀ ଯୋଜନା ଯଥା ମୁଦ୍ରା, ଷ୍ଟାଣ୍ଡ୍ ଅପ୍ ଇଣ୍ଡିଆ, ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନା, ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା ଆଦି ବିଷୟରେ ଗ୍ରାହକମାନଙ୍କୁ ବିସ୍ତୃତ ଭାବେ ଅବଗତ କରାଇବା ସହ ସେମାନଙ୍କ ପ୍ରଶ୍ନର ଉତ୍ତର ମଧ୍ୟ ଦେଇ ସନ୍ଦେହ ଦୂରୀଭୂତ କରିଥିଲେ। ସେ ବିଶେଷ ଭାବେ ପିଏମ୍ ସ୍ୱନିଧି ଯୋଜନା ଅନ୍ତର୍ଗତ ଡିଜିଟାଲ କାରବାରର ସୁବିଧା ଉପରେ ବର୍ଣ୍ଣନା କରିଥିଲେ। ଏହା ମାଧ୍ୟମରେ ବିକ୍ରେତାମାନେ ବର୍ଷକୁ ୧୨୦୦ ଟଙ୍କାର ପ୍ରୋତ୍ସାହନ ରାଶି ପାଇପାରିବେ। ଆସନ୍ତା ୩ ମାସ ମଧ୍ୟରେ ସେ ମିଶନ ଶକ୍ତି ଉପରେ ବିଶେଷ ଧ୍ୟାନଦେବାକୁ ଯୋଜନା କରିଛନ୍ତି, ଯାହା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ପ୍ରୋତ୍ସାହିତ କରିବାରେ ଓଡ଼ିଶା ସରକାରଙ୍କ ଏକ ବିଶେଷ ପଦକ୍ଷେପ ହେବ। ଆର୍ଥିକ ଅନ୍ତର୍ଭୁକ୍ତୀକରଣ ପଦକ୍ଷେପ ବିଭିନ୍ନ ସ୍ତରରେ ଅର୍ଥନୈତିକ ଅଭିବୃଦ୍ଧି ପାଇଁ ପ୍ରତିବଦ୍ଧତାକୁ ଦର୍ଶାଇଥାଏ ବୋଲି ବିଜୟ କୁମାର ମତପ୍ରକାଶ କରିଛନ୍ତି। ପରିଶେଷରେ ବିଜୟ କୁମାର ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନାର ହିତାଧିକାରୀମାନଙ୍କୁ ୪ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରିଥିଲେ। ଅପରପକ୍ଷରେ ରାଜ୍ୟର ବିଭିନ୍ନ ଶାଖା ନେଟ୍‌ୱର୍କ ମାଧ୍ୟମରେ ବ୍ୟାଙ୍କିଙ୍ଗ୍ ସେବାକୁ ବୃଦ୍ଧି କରିବା ପାଇଁ ସେ ରାଜ୍ୟର ବିଭିନ୍ନ ପ୍ରମୁଖ ବିଭାଗ ଓ ହିତାଧିକାରୀମାନଙ୍କ ସହ ବିସ୍ତୃତ ଆଲୋଚନା କରିଛନ୍ତି।

ନିକଟରେ ପ୍ରକାଶିତ ବ୍ୟାଙ୍କର ପ୍ରଥମ ତ୍ରୈମାସିକ ଆର୍ଥିକ ଫଳାଫଳ ଅନୁସାରେ ବିଓଏମ୍ ୪.୨୦ ଟ୍ରିଲିୟନ୍‌ର ମାଇଲ୍‌ଷ୍ଟୋନ୍ ଅତିକ୍ରମ କରିଛି ବୋଲି ବିଜୟ କୁମାର ମତପ୍ରକାଶ କରିଛନ୍ତି। ବର୍ତ୍ତମାନ ରାଜ୍ୟରେ ବ୍ୟାଙ୍କର ୪୮ ଶାଖା ରହିଥିବା ବେଳେ ବିଓଏମ୍‌ର ସମୁଦାୟ ବ୍ୟବସାୟ ୨୦୦୦କୋଟି ଟଙ୍କା ଅତିକ୍ରମ କରିଛି, ଯାହା ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ ଏକ ଉଲ୍ଲେଖନୀୟ ଅବଦାନ।

# ଭାରତ-ମାଲେସିଆ ଫାଇନାଲ



ମାଲେସିଆ ଓ ଦକ୍ଷିଣ କୋରିଆ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।




କ୍ୟାରିୟରର ୩୦୦ତମ ଅନ୍ତର୍ଜାତୀୟ ମ୍ୟାଚ ଖେଳିଥିବା ପି.ଆର. ଶ୍ରୀଜେଶଙ୍କୁ ଏଫ୍ଆଇଏଚ୍ ସଭାପତି ଟାୟବ ଇକ୍ରାମ ଏକ ସ୍ମାରକୀ ଦେଇ ସମ୍ମାନିତ କରୁଛନ୍ତି। ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ ଓ ସମ୍ପାଦକ ଭୋଳାନାଥ ସିଂ ଉପସ୍ଥିତ ଅଛନ୍ତି।

**ଏସିଆନ ଚାମ୍ପିୟନ୍ସ ଟ୍ରଫି ହକି**

ଚେନ୍ନାଇ, ୧୧।୮

ଚଳିତ ଏସିଆନ ଚାମ୍ପିୟନ୍ସ ଟ୍ରଫି ହକି ଟୁର୍ନାମେଣ୍ଟର ଫାଇନାଲ ଭାରତ ଓ ମାଲେସିଆ ମଧ୍ୟରେ ଅନୁଷ୍ଠିତ ହେବ। ଶୁକ୍ରବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ପୂର୍ବତନ ଚାମ୍ପିୟନ ଦକ୍ଷିଣ କୋରିଆକୁ ୬-୨ ଗୋଲରେ ହରାଇ ମାଲେସିଆ ପ୍ରଥମଥରପାଇଁ ଫାଇନାଲରେ ପ୍ରବେଶ କରିଥିବାବେଳେ ଦ୍ୱିତୀୟ ସେମିଫାଇନାଲରେ ଭାରତ ୫-୦ ଗୋଲରେ ଜାପାନକୁ ପରାସ୍ତ କରିଛି। ଭାରତ-ମାଲେସିଆ ଟାଇଟଲ ମୁକାବିଲା ଶନିବାର ଅନୁଷ୍ଠିତ ହେବ। ଜାପାନ ଓ କୋରିଆ ବ୍ରୋଞ୍ଜ ପଦକପାଇଁ ଖେଳିବେ।

ଜାପାନ ବିପକ୍ଷରେ ଭାରତ ଆରମ୍ଭରୁ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲା। ପ୍ରଥମ କ୍ୱାର୍ଟରରେ ଯଦିଓ ଗୋଲ ହୋଇ ନ ଥିଲା ତେବେ ଦ୍ୱିତୀୟ କ୍ୱାର୍ଟରରେ ୩ଟି ଗୋଲ ଦେଇ ଭାରତ ପ୍ରଥମାର୍ଦ୍ଧ ଶେଷ ବେଳକୁ ୩-୦ରେ ଅଗ୍ରଣୀ ଲାଭ କରି ସାରିଥିଲା। ଦଳ ପକ୍ଷରୁ ୧୯ତମ ମିନିଟରେ ଆକାଶଦୀପ ସିଂ, ୨୩ତମ ମିନିଟରେ ଅଧିନାୟକ ହରମନପ୍ରୀତ ସିଂ ଏବଂ ୩୦ତମ ମିନିଟରେ ମନଦୀପ ସିଂ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ତୃତୀୟ କ୍ୱାର୍ଟରରେ ଅର୍ଥାତ୍ ୩୯ତମ ମିନିଟରେ ସୁମିତ ଓ ୫୧ତମ ମିନିଟରେ ସେଲଭାମ୍ କାର୍ଥୀ ଆଉ ୨ଟି ଗୋଲ ସ୍କୋର କରିଥିଲେ। ଏହି ମ୍ୟାଚରେ ଭାରତୀୟ ଗୋଲକିପର ପି.ଆର. ଶ୍ରୀଜେଶ କ୍ୟାରିୟରର ୩୦୦ତମ ଅନ୍ତର୍ଜାତୀୟ ମ୍ୟାଚ ଖେଳିଥିଲେ। ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ ଓ ସମ୍ପାଦକ ଭୋଳାନାଥ ସିଂ ଙ୍କ ଉପସ୍ଥିତିରେ ଏଫ୍ଆଇଏଚ୍ ସଭାପତି ଟାୟବ ଇକ୍ରାମ ତାଙ୍କୁ ଏକ ସ୍ମାରକୀ ଦେଇ ସମ୍ମାନିତ କରିଥିଲେ।

ଆରମ୍ଭରୁ ଆକ୍ରମଣାତ୍ମକ ଖେଳିଥିବା କୋରିଆ ପକ୍ଷରୁ ଜି ଉ ଚେନ୍ ୨ୟ ମିନିଟରେ ଗୋଲ ସ୍କୋର କରି ଦଳକୁ ଅଗ୍ରଣୀ କରିଥିଲେ। ମାତ୍ର ପ୍ରତିଆକ୍ରମଣ କରି ମାଲେସିଆ ସଫଳ ହୋଇଥିଲା। ୩ୟ ମିନିଟରେ ଅଜରାଇ ଅବୁ କମଲ ଗୋଲଟି ପରିଶୋଧ କରି ଦେଇଥିବାବେଳେ ୯ମ ମିନିଟରେ ଜଜଲାନ ନଜମି ଆଉ ଏକ ଗୋଲ ଦେଇ ମାଲେସିଆକୁ ଆଗୁଆ କରିଥିଲେ। ତେବେ ୧୪ତମ ମିନିଟରେ କୋରିଆ ଅଧିନାୟକ ଜଙ୍ଗ୍ ଜୋଙ୍ଗହ୍ୟୁନ୍ ପେନାଲ୍ଟି କର୍ନରରୁ ଗୋଲଟି ପରିଶୋଧ କରିଦେବାରୁ ପ୍ରଥମ କ୍ୱାର୍ଟର ଶେଷ ବେଳକୁ ସ୍ଥିତି ୨-୨ରେ ପହଞ୍ଚି ଯାଇଥିଲା। ଦ୍ୱିତୀୟ କ୍ୱାର୍ଟରରେ ମାଲେସିଆ ଆଧିପତ୍ୟ ବିସ୍ତାର କରି ଖେଳିଥିଲା। ୧୯ ଓ ୨୧ତମ ମିନିଟରେ ଦଳକୁ ମିଳିଥିବା ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରି ଯଥାକ୍ରମେ ସାରି ଫୈଜଲ ଓ ଜଜଲାନ ନଜମି ପ୍ରଥମାର୍ଦ୍ଧ ଶେଷସୁଦ୍ଧା ଦଳକୁ ୪-୨ରେ ଅଗ୍ରଣୀ କରିଥିଲେ। ତୃତୀୟ କ୍ୱାର୍ଟରରେ ଜୋରଦାର ଲଢ଼େଇ ହୋଇଥିଲେ ହେଁ ଗୋଲ ହୋଇପାରି ନ ଥିଲା। ୪ର୍ଥ ତଥା ଅନ୍ତିମ କ୍ୱାର୍ଟରରେ ମାଲେସିଆର ସିଲଭରିଅସ ଶେଲୋ ଯଥାକ୍ରମେ ୪୭ ଓ ୪୮ତମ ମିନିଟରେ ୨ଟି ଫିଲ୍ଡ ଗୋଲ ଦେଇ ଦଳକୁ ବଡ଼ ବ୍ୟବଧାନରେ ବିଜୟୀ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ମାଲେସିଆ ପୂର୍ବରୁ ୫ ଥର ୨୦୧୧, ୨୦୧୨, ୨୦୧୩, ୨୦୧୬ ଓ ୨୦୧୮ରେ ସର୍ବାଧିକ ତୃତୀୟ ସ୍ଥାନ ଅଧିକାର କରିଥିଲା। ଅର୍ଥାତ୍ ଦଳ ୫ ଥର ସେମିଫାଇନାଲ ଖେଳିଥିଲେ ହେଁ ପରାଜିତ ହୋଇଥିଲା। ଏଥର ଦଳ ପ୍ରଥମଥରପାଇଁ ସେମି ଫାଇନାଲରେ ବିଜୟ ସ୍ୱାଦ ଚାଖିଛି।

**ଚାଇନାକୁ ହରାଇ ପାକିସ୍ତାନ ପଞ୍ଚମ**

୩ ଥର ଚାମ୍ପିୟନ ପାକିସ୍ତାନ ଏଥର ୫ମ ସ୍ଥାନରେ ସନ୍ତୁଷ୍ଟ ହୋଇଛି। ଶୁକ୍ରବାର ଅନୁଷ୍ଠିତ ଏକ ପ୍ଲେସିଂ ମ୍ୟାଚରେ ପାକିସ୍ତାନ ୬-୧ ଗୋଲରେ ଚାଇନାକୁ ହରାଇ ଦେଇଛି। ପୂରା ମ୍ୟାଚରେ ଆଧିପତ୍ୟ ବିସ୍ତାର କରି ଖେଳିଥିବା ପାକିସ୍ତାନ ପକ୍ଷରୁ ଅମଦ ମହମ୍ମଦ ୧୦ ଓ ୫୨ତମ ମିନିଟରେ ୨ଟି, ମହମ୍ମଦ ଖାଁ ୧୧ ଓ ୧୨ ମିନିଟରେ ୨ଟି ଏବଂ ଅବଦୁଲ ସହିଦ ୧୫ ଓ ଅବଦୁଲ ରାଣା ୫୫ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଚାଇନା ପକ୍ଷରୁ ବେହାଇ ଚେନ୍ ୩୫ତମ ମିନିଟରେ ଗୋଟିଏ ଗୋଲ ପରିଶୋଧ କରିଥିଲେ। ଏହା ପୂର୍ବରୁ ପାକିସ୍ତାନ କେବେହେଲେ ୫ମ ସ୍ଥାନ ଅଧିକାର କରି ନ ଥିଲା। ୨୦୧୨, ୨୦୧୩, ୨୦୧୮ରେ ଚାମ୍ପିୟନ ହୋଇଥିବାବେଳେ ୨୦୧୧ ଓ ୨୦୧୮ରେ ରୌପ୍ୟ ପଦକ ଜିତିଥିଲା। ୨୦୨୧ରେ ଦଳ ୪ର୍ଥ ସ୍ଥାନ ପାଇଥିଲା।

# ପଞ୍ଜାବ ଓ ହରିୟାଣା ହାଇକୋର୍ଟଙ୍କ ରହିତାଦେଶ

**ଭାରତୀୟ କୁସ୍ତି ମହାସଂଘ ନିର୍ବାଚନ**

ଚଣ୍ଡିଗଡ଼, ୧୧।୮ (ପି.ଟି.)

ଶନିବାର ହେବାକୁଥିବା ବହୁପ୍ରତୀକ୍ଷିତ ଭାରତୀୟ କୁସ୍ତି ମହାସଂଘ (ଡବ୍ଲ୍ୟୁଏଫ୍ଆଇ) ନିର୍ବାଚନ ଉପରେ ରହିତାଦେଶ ଜାରି କହିଛନ୍ତି ପଞ୍ଜାବ ଓ ହରିୟାଣା ହାଇକୋର୍ଟ। ଡବ୍ଲ୍ୟୁଏଫ୍ଆଇ ନିର୍ବାଚନରେ ହରିୟାଣା ଆମେଚର ରେସ୍‌ଲିଂ ଆସୋସିଏଶନ (ଏଚ୍ଏଡବ୍ଲ୍ୟୁଏ)କୁ ଭୋଟ ଦାନ ଅଧିକାର ମିଳିଥିବା ବେଳେ ସେମାନଙ୍କୁ କେଉଁ କାରଣରୁ ଏଥିରୁ ବଞ୍ଚିତ କରାଯାଇଛି ଦର୍ଶାଇ ହରିୟାଣା ରେସ୍‌ଲିଂ ଆସୋସିଏଶନ (ଏଚ୍ଡବ୍ଲ୍ୟୁଏ) ପକ୍ଷରୁ ହାଇକୋର୍ଟରେ ଚ୍ୟାଲେଞ୍ଜ କରାଯାଇଥିଲା। ପାର୍ଲାମେଣ୍ଟ ସଦସ୍ୟ ଦୀପିନ୍ଦର ହୁଡା ଏଚ୍ଡବ୍ଲ୍ୟୁଏର ମୁଖ୍ୟ ଅଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ମକଦ୍ଦମା ଲଢୁଥିବା ଆଡ୍‌ଭୋକେଟ ରବିନ୍ଦର ମଲିକ କହିଛନ୍ତି, ଏଚ୍ଡବ୍ଲ୍ୟୁଏ ହେଉଛି ରାଜ୍ୟରେ ଏକ ପଞ୍ଜୀକୃତ ସୋସାଇଟି। ଡବ୍ଲ୍ୟୁଏଫ୍ଆଇ ଦ୍ୱାରା ମଧ୍ୟ ଏହା ସ୍ୱୀକୃତି ଲାଭ କରିଛି। ଡବ୍ଲ୍ୟୁଏଫ୍ଆଇର ସମ୍ବିଧାନ ଅନୁସାରେ କୌଣସି ପଞ୍ଜୀକୃତ ଓ ସ୍ୱୀକୃତିପ୍ରାପ୍ତ ପରିଷଦ ଡବ୍ଲ୍ୟୁଏଫ୍ଆଇ ନିର୍ବାଚନରେ ଭୋଟ ଦେବା ଲାଗି ଏହାର ଦୁଇଜଣ ପ୍ରତିନିଧିଙ୍କୁ ପଠାଇ ପାରିବ। ଏଚ୍ଡବ୍ଲ୍ୟୁଏର ଆଡ୍‌ଭୋକେଟ କହିଛନ୍ତି, ରାଜ୍ୟର ଅନ୍ୟ ଏକ ପରିଷଦ ହରିୟାଣା ଆମେଚର ରେସ୍‌ଲିଂ ଆସୋସିଏଶନ ଦାବି କରିଛି ଯେ, ଏହା ହରିୟାଣା ଅଲିମ୍ପିକ ଆସୋସିଏଶନ ସମେତ ଡବ୍ଲ୍ୟୁଏଫ୍ଆଇଠାରୁ ସ୍ୱୀକୃତି ହାସଲ କରିଛି। ଏହି ଆସୋସିଏଶନ ପୁଣି କହିଛି ଯେ ଏଚ୍ଡବ୍ଲ୍ୟୁଏ ନିର୍ବାଚନ ପ୍ରକ୍ରିୟାରେ ଭାଗ ନେଇପାରିବ ନାହିଁ। କାରଣ ଏହା ଡବ୍ଲ୍ୟୁଏଫ୍ଆଇଠାରୁ ସ୍ୱୀକୃତି ଲାଭ କରିନାହିଁ। ଅନ୍ୟପକ୍ଷରେ ରିଟର୍ନିଂ ଅଫିସର ହରିୟାଣା ଆମେଚର ରେସ୍‌ଲିଂ ଆସୋସିଏଶନ ସପକ୍ଷରେ ଯୁକ୍ତି କରିଛନ୍ତି। ଏହି ଆସୋସିଏଶନ ଉଭୟ ଡବ୍ଲ୍ୟୁଏଫ୍ଆଇ ଓ ହରିୟାଣା ଅଲିମ୍ପିକ ଆସୋସିଏଶନ ଦ୍ୱାରା ସ୍ୱୀକୃତି ଲାଭ କରିବା ପାଇଁ ଆବଶ୍ୟକ ପଡୁଥିବା ସମସ୍ତ ସର୍ତ୍ତ ପୂରଣ କରୁଛି। ରିଟର୍ନିଂ ଅଫିସରଙ୍କ ଏହି ନିର୍ଦ୍ଦେଶକୁ ଆମେ କୋର୍ଟରେ ଚ୍ୟାଲେଞ୍ଜ କରିଛୁ ବୋଲି କୋର୍ଟରେ ଏଚ୍ଡବ୍ଲ୍ୟୁଏ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଆଡ୍‌ଭୋକେଟ ମଲିକ କହିଛନ୍ତି। ସେ କହିଛନ୍ତି, ହରିୟାଣା ଆମେଚର ରେସ୍‌ଲିଂ ଆସୋସିଏଶନ ହୁଏତ ଡବ୍ଲ୍ୟୁଏଫ୍ଆଇଠାରୁ ସ୍ୱୀକୃତି ଲାଭ କରିଥାଇପାରେ, କିନ୍ତୁ ନିର୍ବାଚନ ପ୍ରକ୍ରିୟା ପାଇଁ ଅଯୋଗ୍ୟ। କାରଣ ଏହା ହରିୟାଣା ଅଲିମ୍ପିକ ଆସୋସିଏଶନ ଦ୍ୱାରା ସ୍ୱୀକୃତି ପାଇ ନାହିଁ। ଏପରିସ୍ଥଳେ ହରିୟାଣା ଆମେଚର ରେସ୍‌ଲିଂ ଆସୋସିଏଶନକୁ ଯଦି ନିର୍ବାଚନ ପ୍ରକ୍ରିୟାରେ ଭାଗ ନେବା ଲାଗି ଅନୁମତି ଦିଆଯାଏ ତେବେ ତାହା ବେଆଇନ ବୋଲି ବିବେଚନା କରାଯିବ। ହାଇକୋର୍ଟ ବିଚାରପତି ବିନୋଦ ଏସ୍. ଭରଦ୍ୱାଜ ଡବ୍ଲ୍ୟୁଏଫ୍ଆଇ ନିର୍ବାଚନ ଉପରେ ରହିତାଦେଶ ଦେଇଛନ୍ତି। ଏହି ମାମଲାର ପରବର୍ତ୍ତୀ ଶୁଣାଣି ଅଗଷ୍ଟ ୨୮ରେ ହେବ। ତେଣୁ ଏହା ପୂର୍ବର ନିର୍ବାଚନ ସମ୍ଭବ ନୁହେଁ ବୋଲି ମନେହେଉଛି।

# ରାଜସ୍ଥାନ ୟୁନାଇଟେଡ୍‌କୁ ହରାଇଲା ଓଡ଼ିଶା ଏଫ୍‌ସି




ଖୁସି ମୁହୂର୍ତ୍ତରେ ଚନ୍ଦ୍ର ମୋହନ ମୁର୍ମୁ ଓ ଆଫୋବା ସିଂ।

**ଡୁରାଣ୍ଡ କପ୍**

କୋକ୍ରାଝର, ୧୧।୮ (ପି.ଟି.)

ଡୁରାଣ୍ଡ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟରେ ଓଡ଼ିଶା ଏଫ୍‌ସି ଆଇ-ଲିଗ୍ ଫ୍ରାଞ୍ଚାଇଜ୍ ରାଜସ୍ଥାନ ୟୁନାଇଟେଡ୍ ଏଫ୍‌ସିକୁ ୨-୧ ଗୋଲ୍‌ରେ ପରାସ୍ତ କରିଛି। ଦଳର ଏହା ହେଉଛି ପ୍ରଥମ ବିଜୟ। କ୍ୱାର୍ଟରଫାଇନାଲ ଦୌଡ଼ରେ ଥିବା ଓଡ଼ିଶା, ରାଜସ୍ଥାନ ୟୁନାଇଟେଡ୍ ଓ ଇଣ୍ଡିଆନ ଆର୍ମି ପ୍ରତ୍ୟେକ ୩ ପଏଣ୍ଟ ଲେଖାଏଁ ଅର୍ଜନ କରିଥିବାରୁ ଗ୍ରୁପ୍ 'ଏଫ'ରେ ଶୀର୍ଷ ସ୍ଥାନ ପାଇଁ ଏହି ୩ ଦଳ ମଧ୍ୟରେ ଲଢେଇ ହେବ। ଶୁକ୍ରବାର ମ୍ୟାଚରେ ପ୍ରଥମାର୍ଦ୍ଧ ଖେଳ ଗୋଲଶୂନ୍ୟ ରହିଥିଲା। ୪୮ତମ ମିନିଟ୍‌ରେ ଚନ୍ଦ୍ର ମୋହନ ମୁର୍ମୁଙ୍କ ଗୋଲ୍ ସହାୟତାରେ ସୁପର କପ୍ ବିଜେତା ଦଳ ଅଗ୍ରଣୀ ଲାଭ କରିଥିଲା। ମାତ୍ର ଏହି ଖୁସୀ ବେଶି ସମୟ ରହି ନ ଥିଲା। ୩ ମିନିଟ୍ ପରେ ରାଚାର୍ଡସନ ଡେନ୍‌ଜିଲଙ୍କ ଗୋଲ୍ ସହାୟତାରେ ରାଜସ୍ଥାନ ୟୁନାଇଟେଡ୍ ମ୍ୟାଚକୁ ବରାବର ସ୍ଥିତିକୁ ନେଇ ଆସିଥିଲା। ଦ୍ୱିତୀୟାର୍ଦ୍ଧର ବଦଳ ଖେଳାଳି ମାଥ୍ୟୁ ଓଫୋରି ଡ୍ରୁଙ୍ଗା ବକ୍ସ ଭିତରେ ରାହୁଲ ମୁଖୀଙ୍କୁ ଫାଉଲ ମାରିବାରୁ ଓଡ଼ିଶାକୁ ଏକ ପେନାଲ୍‌ଟି ମିଳିଥିଲା। ଆଫୋବା ସିଂ ଏହାକୁ ଗୋଲରେ ପରିଣତ କରି ଓଡ଼ିଶାକୁ ଅଗ୍ରଣୀ କରାଇଥିଲେ। ରାଜସ୍ଥାନ ଦଳ ଗୋଲ ଦେବାକୁ ବହୁ ଉଦ୍ୟମ କରି ବିଫଳ ହୋଇଥିଲା। ଫଳରେ ଓଡ଼ିଶା ୨-୧ ଗୋଲ୍‌ରେ ବିଜୟୀ ହୋଇଥିଲା।

# ଓସିଏର ପୂର୍ବତନ ଯୁଗ୍ମ ସମ୍ପାଦକ ସତ୍ୟବ୍ରତ ବେହେରାଙ୍କ ପରଲୋକ



କଟକ, ୧୧।୮

(ସୁପ୍ରିୟା ପ୍ରିୟଦର୍ଶିନୀ)

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ)ର ପୂର୍ବତନ ଯୁଗ୍ମସମ୍ପାଦକ ତଥା କଟକ ଜିଲା କ୍ରିକେଟ ସଂଘର ପୂର୍ବତନ ସମ୍ପାଦକ ସତ୍ୟବ୍ରତ ବେହେରା(୫୨)ଙ୍କ ଶୁକ୍ରବାର ପରଲୋକ ହୋଇଛି। ବିଶିଷ୍ଟ କ୍ରୀଡ଼ା ସଂଗଠକ ଆଶୀର୍ବାଦ ବେହେରାଙ୍କର ସେ ଜ୍ୟେଷ୍ଠ ପୁତ୍ର। ସେ ଦୀର୍ଘଦିନ ଧରି ଅସୁସ୍ଥ ଥିଲେ। କିଛିଦିନ ତଳେ ତାଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ହୋଇପଡିବାରୁ ତାଙ୍କୁ କଟକର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ପୁରୀର ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି। ସାନଭାଇ ତଥା ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ସଞ୍ଜୟ ବେହେରା ମୁଖାଗ୍ନି ଦେଇଥିଲେ। ସତ୍ୟବ୍ରତ ଓସିଏର ପୂର୍ବତନ ଯୁଗ୍ମ ସମ୍ପାଦକ ଏବଂ କଟକ ଜିଲା ଆଥଲେଟିକ୍ ଆସୋସିଏଶନର କ୍ରିକେଟ ସମ୍ପାଦକ ଥିଲେ। ମେୟର ସୁବାସ ସିଂଙ୍କ ସମେତ ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟ, ବେଗୁନିଆ ବିଧାୟକ ରାଜେନ୍ଦ୍ର ସାହୁଙ୍କ ସମେତ କଟକର ବିଭିନ୍ନ କ୍ରୀଡ଼ା କ୍ଲବର କର୍ମକର୍ତ୍ତା, କର୍ପୋରେଟର ଓ କ୍ରିକେଟର ପ୍ରମୁଖ ତାଙ୍କର ଶେଷ ଦର୍ଶନ କରିଥିଲେ। ଓସିଏ ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯାଇଛି।

# ପ୍ରଥମ ଦିନରେ ଓଡ଼ିଶାକୁ ୭ ପଦକ



ଅଫିସିଆଲଙ୍କ ସହ ପଦକ ବିଜୟୀ କରାଟେକା।

**ଇଣ୍ଡିପେଣ୍ଡେନ୍ସ କପ୍ କରାଟେ**

ଭୁବନେଶ୍ୱର, ୧୧।୮

(ତପନ ସ୍ୱାଇଁ)

ଦିଲ୍ଲୀର ତାଲକୋଟ୍ରାଠାରେ ଚାଲିଥିବା ଇଣ୍ଡିପେଣ୍ଡେନ୍ସ କପ୍ କରାଟେ ପ୍ରତିଯୋଗିତାର ପ୍ରଥମ ଦିବସରେ ଶୁକ୍ରବାର ଓଡ଼ିଶା ପ୍ରତିଯୋଗୀ ୭ ପଦକ ହାସଲ କରିଛନ୍ତି। ଏହା ମଧ୍ୟରେ ୩ ସ୍ୱର୍ଣ୍ଣ, ୧ ରୌପ୍ୟ ଓ ୩ ବ୍ରୋଞ୍ଜ ସାମିଲ। ସିନିୟର ବିଭାଗ ୫୫ କେଜି ଫାଇଟରେ ଡି. ଭଗବାନ ରେଡ୍ଡୀ, ୪୫ କେଜି ମହିଳା ଫାଇଟ୍‌ରେ ସିନ୍ଧୁ ତନୟା ଖୁଣ୍ଟିଆ ଓ ୫୦ କେଜି ମହିଳା ଫାଇଟ୍‌ରେ ଲୋମା ସ୍ୱାଇଁ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। କୃଷ୍ଣ ଚନ୍ଦ୍ର ନାୟକ ୬୦ କେଜି ଫାଇଟ୍‌ରେ ରୌପ୍ୟ ପଦକ ଲାଭ କରିଛନ୍ତି। ସେହିପରି ୬୭ କେଜି ଫାଇଟ୍‌ରେ ତ୍ରିନାଥ ରାଣା ଏବଂ ୪୫ କେଜି ଫାଇଟ୍ ଓ ମହିଳା କାଟାରେ ସୁସ୍ମିନୀ ପାଲଟାସିଂ ୨ଟି ବ୍ରୋଞ୍ଜ ପଦକ ପାଇଛନ୍ତି। ଶନିବାର ଜୁନିୟର ଓ ଯୁବବର୍ଗର ପ୍ରତିଯୋଗିତା ହେବ। ପ୍ରତିଯୋଗିତାରେ ଓଡ଼ିଶାର ରାଜୀବ ସିଂ(ଏସିଆନ ରେଫରି) ଅଫିସିଆଲ ଭାବେ ଯୋଗ ଦେଇଛନ୍ତି। କୃତୀ କରାଟେକାଙ୍କୁ ରାଜ୍ୟ ସଂଘ ପକ୍ଷରୁ ଅଭିନନ୍ଦନ ଜ୍ଞାପନ କରାଯାଇଛି।

# ଆଇଟିଏଫ୍ ଟାଏକୋଣ୍ଡୋ: ଓଡ଼ିଶାକୁ ୧୦ ପଦକ

ଭୁବନେଶ୍ୱର, ୧୧।୮

(ତପନ ସ୍ୱାଇଁ)



ଅତିଥିଙ୍କ ଗହଣରେ ପଦକ ବିଜୟୀ ପ୍ରତିଯୋଗୀ।

ଟାଏକୋଣ୍ଡୋ ଆସୋସିଏଶନ ଅଫ୍ ଇଣ୍ଡିଆ ଆନୁକୂଲ୍ୟରେ ୭ମ ଦକ୍ଷିଣ ଏସୀୟ ଆଇଟିଏଫ୍ ଏବଂ ୧୮ତମ ଦକ୍ଷିଣ-ପଶ୍ଚିମ କ୍ଷେତ୍ରୀୟ ଟାଏକୋଣ୍ଡୋ ପ୍ରତିଯୋଗିତା ହାଇଦ୍ରାବାଦରେ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ୬ ଦେଶର ୩୮୨ ଏବଂ ୧୧ ରାଜ୍ୟରୁ ୫୯୧ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏଥିରେ କଳିଙ୍ଗ ଯୋଦ୍ଧା ଟାଏକୋଣ୍ଡୋ ଏକାଡେମୀର ୧୫ ପ୍ରତିଯୋଗୀ ଭାଗ ନେଇ ଓଡ଼ିଶା ପାଇଁ ୨ ସ୍ୱର୍ଣ୍ଣ, ୩ ରୌପ୍ୟ ଓ ୫ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଏସିଆନ ପ୍ରତିଯୋଗିତାର ବ୍ୟକ୍ତିଗତ ସ୍ୱାଇରିଂ ପୁରୁଷ ଭେଟେରାନ ବିଭାଗରେ ପ୍ରଶାନ୍ତ କୁମାର ସାହୁ ସ୍ୱର୍ଣ୍ଣ, ତ୍ରିନାଥ ମଣ୍ଡଳ ରୌପ୍ୟ ଓ ବାଳକ ବିଭାଗରେ ସାଇ ପ୍ରେମ ଦୋରା ବ୍ରୋଞ୍ଜ ପଦକ ପାଇଥିଲେ। ବାଳିକା ବିଭାଗରେ ଜାଗୃତି ପ୍ରିୟଦର୍ଶିନୀ ନାୟକ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ବ୍ୟକ୍ତିଗତ ତୁଲ୍ଲ ପୁରୁଷ ବିଭାଗରେ ତ୍ରିନାଥ ମଣ୍ଡଳ ସ୍ୱର୍ଣ୍ଣ, ପ୍ରଶାନ୍ତ କୁମାର ସାହୁ ବ୍ରୋଞ୍ଜ ପଦକ ଅର୍ଜନ କରିଥିଲେ। ସେହିପରି ୧୮ତମ ଦକ୍ଷିଣ-ପଶ୍ଚିମ କ୍ଷେତ୍ରୀୟ ପ୍ରତିଯୋଗିତାର ବ୍ୟକ୍ତିଗତ ସ୍ୱାଇରିଂ ମହିଳା ବିଭାଗରେ ଅନିତା ଦୋରା ରୌପ୍ୟ, ବାଳକ ବିଭାଗରେ ଶଉଭମ୍ ନାଏକ ରୌପ୍ୟ ଏବଂ ଆଦିତ୍ୟ ନାରାୟଣ ସୁବୁଦ୍ଧି ଓ ପୁଣ୍ୟ ବ୍ରହ୍ମ ମୁଦୁଲି ଗୋଟିଏ ଲେଖାଏ ବ୍ରୋଞ୍ଜ ପଦକ ପାଇଥିଲେ। ମୁଖ୍ୟ କୋଚ୍ ଲକ୍ଷ୍ମୀ ପ୍ରସାଦ ନାୟକ ଓ କୋଚ୍ ପ୍ରଶାନ୍ତ କୁମାର ସାହୁ ଦଳ ସହ ହାଇଦ୍ରାବାଦ ଯାତ୍ରା କରିଥିଲେ। ଏହି ସଫଳତା ପାଇଁ କଳିଙ୍ଗ ଟାଏକୋଣ୍ଡୋ ଆସୋସିଏଶନ ସଭାପତି ବଦ୍ରିନାଥ ପଟ୍ଟନାୟକ, ତନ୍‌ଭି କନ୍‌ସଲ୍‌ଟାନ୍ସିର ମୁଖ୍ୟ ମୁକ୍ତେଶ୍ୱର ପାତ୍ର ଓ କଳିଙ୍ଗ ଯୋଦ୍ଧା ଫାଉଣ୍ଡେଶନ ଟ୍ରଷ୍ଟର ଟ୍ରଷ୍ଟି ପ୍ରିୟବ୍ରତ ପାଢ଼ୀ ଏବଂ ସୁଶାନ୍ତ କୁମାର ସାହୁ ପ୍ରତିଯୋଗୀମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ଭୁବନେଶ୍ୱର ହ୍ୟାଣ୍ଡବଲ ଦଳ ଘୋଷିତ

ଭୁବନେଶ୍ୱର, ୧୧।୮

(ତପନ ସ୍ୱାଇଁ)

କେନ୍ଦୁଝରରେ ୧୨ ଓ ୧୩ ତାରିଖ ଦୁଇ ଦିନ ଧରି ହେବାକୁଥିବା ୩୬ ତମ ରାଜ୍ୟ ସିନିୟର ପୁରୁଷ ହ୍ୟାଣ୍ଡବଲ ପ୍ରତିଯୋଗିତା ପାଇଁ ଭୁବନେଶ୍ୱର ଦଳ ଘୋଷିତ ହୋଇଛି। ଦଳର ସଦସ୍ୟମାନେ ହେଲେ ରାଜକିଶୋର ସାମଲ (ଅଧିନାୟକ), ଆର୍ଯ୍ୟନ ବ୍ରାହ୍ମୀନ, ଅନିଶ ଗୋପାଳ ସାହୁ, ସ୍ୱୟଂ ପ୍ରଧାନ, ଚିନ୍ମୟ ବେହେରା, ରବିନାରାୟଣ ସାମଲ, ସୋନୀ ଦାସ, ମହମ୍ମଦ ସାହାବାଜ ଖାଁ, ଜ୍ୟୋତି ରଞ୍ଜନ ସେଠୀ, ସୁପ୍ରଜିତ ବେହେରା, ସତ୍ୟବ୍ରତ ନାୟକ ଓ ପ୍ରକାଶ ପାତ୍ର। କୋଚ ଗୌରୀ ଶଙ୍କର ମିଶ୍ର ଓ ମ୍ୟାନେଜର ଶ୍ରୀନିବାସ ସାମଲ ଦଳ ସହ କେନ୍ଦୁଝର ଯାତ୍ରା କରିଛନ୍ତି।

# ଓଡ଼ିଶା ଦଳକୁ ୨ ସ୍ୱର୍ଣ୍ଣ ସହ ୯ ପଦକ

ଭୁବନେଶ୍ୱର, ୧୧।୮

(ତପନ ସ୍ୱାଇଁ)



ପଦକ ବିଜୟୀ ଉଷୁ ପ୍ରତିଯୋଗୀଙ୍କ ସହ ଅତିଥି ଓ କର୍ମକର୍ତ୍ତା।

**ଜାତୀୟ ଜୁନିୟର ଉଷୁ**

**ମଣିପୁର ଓଭରଅଲ୍ ଚାମ୍ପିୟନ**

ବିହାରର ପାଟଣାସ୍ଥିତ ପାଟଳିପୁତ୍ର ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଶୁକ୍ରବାର ଶେଷ ହୋଇଥିବା ଜାତୀୟ ଜୁନିୟର ଉଷୁ ଚାମ୍ପିୟନଶିପ୍‌ରେ ଓଡ଼ିଶାକୁ ମୋଟ ୯ଟି ପଦକ ମିଳିଛି। ଏହା ମଧ୍ୟରେ ୨ ସ୍ୱର୍ଣ୍ଣ, ୨ ରୌପ୍ୟ ଓ ୫ ବ୍ରୋଞ୍ଜ ସାମିଲ। ପ୍ରତିଯୋଗିତାରେ ମଣିପୁର ଓଭରଅଲ୍ ଚାମ୍ପିୟନ ହୋଇଛି। ସାଣ୍ଡାରେ ହରିୟାଣା, ରାଜସ୍ଥାନ ଓ ଜମ୍ମୁ-କଶ୍ମୀର ପ୍ରଥମ ୩ ସ୍ଥାନ ଅଧିକାର କରିଛନ୍ତି। ସେହିପରି ଟାଓଲୁରେ ମଣିପୁର ପ୍ରଥମ, ସାଇ ଦ୍ୱିତୀୟ ଏବଂ ବିହାର ତୃତୀୟ ସ୍ଥାନ ହାସଲ କରିଛି।

ଓଡ଼ିଶା ପ୍ରତିଯୋଗୀଙ୍କ ମଧ୍ୟରେ ୪୮ କେଜିରୁ କମ୍ ୟୁଥ୍ ବାଳକରେ ବବୁଲୁ ମୁଣ୍ଡା ଓ ଜୁନିୟର ବାଳିକାରେ ଶ୍ୱେତାରାଣୀ ମହନ୍ତ ସ୍ୱର୍ଣ୍ଣ ପଦକ ପାଇଛନ୍ତି। ସେହିପରି ୪୫ ବର୍ଷରୁ କମ୍ ଜୁନିୟର ବାଳିକାରେ ସୁମିତ୍ରା ମୁଣ୍ଡା, ୪୮ କେଜିରୁ କମ୍ ଜୁନିୟର ବାଳକରେ ପ୍ରେମ୍ ମୁଣ୍ଡା ରୌପ୍ୟ ପଦକ ହାସଲ କରିଛନ୍ତି। ୫୨ ବର୍ଷରୁ କମ୍ ଜୁନିୟର ବାଳକରେ ରାଜକୁମାର ମୁଣ୍ଡା, ୮୦ କେଜିରୁ କମ୍ ଜୁନିୟର ବାଳକରେ ପ୍ରତୀକ କୁମାର ମହାପାତ୍ର, ଜୁନିୟର ବାଳିକା ଟ୍ରାଡିଶନାଲ ୱିଙ୍ଗ୍ ଜୁନ୍ ଷ୍ଟାଇଲରେ ପାୟଲ ପଟ୍ଟନାୟକ, ଜୁନିୟର ବାଳକ ଟ୍ରାଡିଶନାଲ ଡବ୍‌ଲ ୱେପନରେ ଆଶିଷ ଧିରଦେଓ ସାମନ୍ତ ଓ ଜୁନିୟର ବାଳିକା ଟ୍ରାଡିଶନାଲ ସିଙ୍ଗଲ ୱେପନରେ ନୁପୁର ପଟ୍ଟନାୟକ ବ୍ରୋଞ୍ଜ ପଦକ ଅର୍ଜନ କରିଛନ୍ତି। ଓଡ଼ିଶାରୁ ପ୍ରତିନିଧିତ୍ୱ କରିଥିବା ଅଫିସିଆଲ୍ସଙ୍କ ମଧ୍ୟରେ ଭାରତର ପ୍ରଥମ ଅନ୍ତର୍ଜାତୀୟ ଜଜ୍ ଏସ୍.ଏସ୍. ହରିଚନ୍ଦନ ମୁଖ୍ୟ ଜୁରୀ, ଅନ୍ତର୍ଜାତୀୟ ଜଜ୍ ପ୍ରଦ୍ୟୁମ୍ନ ବେହେରା ମୁଖ୍ୟ ଜଜ୍, ଅନୁରାଧା ଦୋରା ସାଣ୍ଡା ଓ ପୃଥ୍ୱୀରାଜ ହରିଚନ୍ଦନ ଟାଓଲୁରେ ଜାତୀୟ ଜଜ୍ ଭୂମିକା ନିର୍ବାହ କରିଥିଲେ। ପଙ୍କଜ ମହନ୍ତ ଓ ସୂଜନ କୁମାର ରଥ ଦଳର କୋଚ୍ ଏବଂ ସୁସ୍ମିତ କୁମାର ପଣ୍ଡା ଓ ସନାତନ ଦେହୁରି ଟିମ୍ ମ୍ୟାନେଜର ଥିଲେ। ଉଷୁ ଆସୋସିଏଶନ ଅଫ୍ ଓଡ଼ିଶା ଚେୟାରମ୍ୟାନ ଏସ୍.ଏସ୍. ହରିଚନ୍ଦନ, ସଭାପତି ବିଷ୍ଣୁ ମହାନ୍ତି, ସମ୍ପାଦକ ଯୁବରାଜ ହରିଚନ୍ଦନ, ଉପସଭାପତି ବିକାଶ ପଟ୍ଟନାୟକ ପ୍ରମୁଖ ଓଡ଼ିଶା ଦଳକୁ ଅଭିନନ୍ଦନ ଜଣାଇଛନ୍ତି।

# ବିଦେଶୀଙ୍କ ଲେଖନୀରେ ଭାରତୀୟ ଭାଷା

## ଅବଲୋକନ
**ପଞ୍ଚାନନ ଅଗ୍ରୱାଲା**

ଭାରତ ବାହାର ଦେଶର ବିଦେଶୀ ମୁଲକର ଗୋଟିଏ ଗୋଷ୍ଠୀ ବହୁତ ଜ୍ଞାନପିପାସୁ ଥିଲେ। ସେମାନେ ଭଲଭାବେ ଜାଣିଥିଲେ ଯେ ଭାରତର ଅଧ୍ୟାତ୍ମ, ଭୂଗୋଳ, ଇତିହାସ, ସମାଜ, ଅର୍ଥନୀତି, ସାହିତ୍ୟ, ସଂସ୍କୃତି କଳା ଆଦି ଅତ୍ୟନ୍ତ ସମୃଦ୍ଧ ରହିଛି। ଏହାକୁ ବୁଝିବା ପାଇଁ ସେମାନେ ହିନ୍ଦୀ ବୁଝିବାର ପ୍ରୟାସ କଲେ। ସେହି ବିଦ୍ୱାନ୍ ଲୋକମାନଙ୍କର ଉଦ୍ଦେଶ୍ୟ ଥିଲା କି ନିଜ ନିଜ ଦେଶରୁ ଆସି ଭାରତୀୟ ଲୋକମାନଙ୍କ ସହ ସମ୍ପର୍କ ସ୍ଥାପନ କରି ଭାରତର ସାହିତ୍ୟ ସଂସ୍କୃତିକୁ ଉପଲବ୍ଧି କରିବା। ଇଂରାଜୀ ଅତିରିକ୍ତ ପର୍ତ୍ତୁଗାଲୀ ଲୋକେ, ଡଚ୍ ଆଉ ଫ୍ରାନ୍ସର ଲୋକେ ଅନ୍ୟ ଭାରତୀୟ ଭାଷା ବଙ୍ଗଳା, ଗୁଜୁରାଟୀ, ମରାଠୀ ଆଦି ମଧ୍ୟ ଶିଖିଥିଲେ। ଇଂରେଜମାନେ ଆରମ୍ଭରୁ ହିନ୍ଦୀ ଆରବୀ ପାର୍ସୀ ଭାଷା ସହିତ ହିନ୍ଦୀ ଶିଖିଥିଲେ। ସେମାନେ ହିନ୍ଦୁସ୍ଥାନୀ ଥିଲେ, ଯାହାର ସମର୍ଥକ ମହାତ୍ମା ଗାନ୍ଧୀ ଥିଲେ। ୧୭ଶହ ଖ୍ରୀଷ୍ଟାବ୍ଦ ପୂର୍ବାର୍ଦ୍ଧରେ ହିନ୍ଦୀ ଭାଷା ବ୍ୟାକରଣର ବିଚାରରୁ ମହତ୍ତ୍ୱପୂର୍ଣ୍ଣ ଥିଲା। ଏକରୁ ଅନେକ ବିଦ୍ୱାନ୍ ଥିଲେ, ଯେଉଁମାନେ ଭାରତ ସୀମା ବାହାର କ୍ଷେତ୍ରରେ ହିନ୍ଦୀ ଭାଷାର ପ୍ରଚାର ପ୍ରସାର କରିଥିଲେ।

ହଲାଣ୍ଡ ନିବାସୀ ଜନ୍ ଜେଶୁଆ କେଟ୍‌ଲେରଙ୍କ ଯୋଗଦାନକୁ ବିସ୍ମରି ହେବ ନାହିଁ। ସେ ଭାରତକୁ ଆସିବା ପରେ ହିନ୍ଦୀରେ ବିଧିବଦ୍ଧ ଭାବେ ଜ୍ଞାନ ଅର୍ଜନ କରିଥିଲେ। ସେ ଡଚ୍ ଭାଷାରେ ହିନ୍ଦୁସ୍ଥାନୀ ଭାଷାର ବ୍ୟାକରଣ ଲେଖିଥିଲେ। ୧୭୪୩ ମସିହାରେ ଡେଭିଡ୍ ମିଲ ତାକୁ ଲାଟିନ୍ ଭାଷାରେ ଅନୁବାଦ କରିଥିଲେ। ୧୮୦୫ ମସିହାରେ ଫାର୍ସୀ-ହିନ୍ଦୁସ୍ଥାନୀ ଇଂରାଜୀ ଶବ୍ଦକୋଷ ଅସ୍ତିତ୍ୱକୁ ଆସିଥିଲା। ଏହାକୁ ଫ୍ରାନ୍ସର ଗ୍ଲେଡ୍‌ୱିନ ଲେଖିଥିଲେ। ଏହାପରେ ବିଦେଶୀ ଲେଖକମାନେ ହିନ୍ଦୀ ଶବ୍ଦକୋଷ ଲେଖିବାର ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। 'ରେଭରେଣ୍ଡ ୱିଲିୟମ୍ ୟେଟ୍‌ସ ହିନ୍ଦୁସ୍ଥାନ-ଇଂରାଜୀ କୋଷ ଡଙ୍କନ ଫେବର୍ସଙ୍କ ଏ ଡିକ୍ସନାରି ଅଫ୍ ହିନ୍ଦୁସ୍ଥାନୀ ଏଣ୍ଡ୍ ଇଂଲିଶ୍, ୟୋସର୍ଫର୍ଟି ଥମ୍‌ସନ ଡିକ୍ସନାରି ଇନ୍ ହିନ୍ଦୀ ଏଣ୍ଡ୍ ଇଂଲିଶ୍' ବହୁଳ ଆଦୃତ ହୋଇଥିଲା।

୧୮୦୮ ମସିହାରେ କଲିକତାରୁ ପ୍ରକାଶିତ 'ହିନ୍ଦୁସ୍ଥାନୀ-ଇଂରାଜୀ' ଡିକ୍ସନାରି ପ୍ରକାଶ ପାଇଲା। ତାକୁ ୱିଲିୟମ ହଣ୍ଟର ଲିଖନ ଆଉ ସଂପାଦନା କରିଥିଲେ। ଡେନିସଭାଷୀ ଡ. ବେମିନ ସୁଲଜ ଭାରତ ଆସି ଅଧ୍ୟବସାୟ ବଳରେ ହିନ୍ଦୀ ବ୍ୟାକରଣକୁ ଲାଟିନ୍ ଭାଷାରେ ଲେଖିଥିଲେ। ସେହି ପୁସ୍ତକରେ ଦେବନାଗରୀ ଲିପିରେ 'ପରିଶିଷ୍ଟ'ରେ ବାଇବେଲର ମହତ୍ତ୍ୱପୂର୍ଣ୍ଣ କଥା ଉଲ୍ଲେଖ କରିଥିଲେ। ଇଟାଲୀର ହିନ୍ଦୀ ବିଦ୍ୱାନ୍ ଆଉ କ୍ୟାଥଲିକ ଚର୍ଚ୍ଚର ପାଦ୍ରୀ କୌସିୟାନୋ ବେଲିଗଟି ଭାରତ ଆସିବା ପରେ ଏଭଳି ବ୍ୟାକରଣାତ୍ମକ ପୁସ୍ତକ ଲେଖିଥିଲେ, ଯାହାକୁ ଦେବନାଗରୀ ଲିପି ଆଉ ହିନ୍ଦୀ ଭାଷାର ବର୍ଣ୍ଣମାଳାରେ ପ୍ରସ୍ତୁତ କରି ବ୍ୟାଖ୍ୟା କରିଥିଲେ। ତାହା ୧୭୭୧ରେ ପ୍ରକାଶ ପାଇଥିଲା। ଗ୍ରେଟ୍‌ବ୍ରିଟେନ୍‌ର ହିନ୍ଦୀ ବିଦ୍ୱାନ୍ ଜର୍ଜ ହେଡ୍‌ଲେ ହିନ୍ଦୀ ବ୍ୟାକରଣ ପରମ୍ପରାର ନୂଆ ଯୁଗର ସୂତ୍ରପାତ କରିଥିଲେ। ୧୭୭୩ରେ ଗ୍ରାମାଟିକାଲ ରିମାର୍କସ ଅନ ଦି ପ୍ରାକ୍ଟିକାଲ ଏଣ୍ଡ୍ ବଲଗର ଡାଇଲେକ୍ଟ ଅଫ୍ ଦ ହିନ୍ଦୁସ୍ଥାନ ଲାଙ୍ଗୁଏଜ୍‌କୁ ଲଣ୍ଡନରୁ ପ୍ରକାଶ କରାଇଥିଲେ। ଜନ୍ ବାର୍ଥିବିକ ଗିଲ କ୍ରାଇଷ୍ଟ ଏଡ୍‌ନବିରାର ନିବାସୀ ଥିଲେ। ତାଙ୍କ 'ଇଂଲିଶ୍-ହିନ୍ଦୁସ୍ଥାନ ଡିକ୍ସନାରି' ଆଉ ହିନ୍ଦୁସ୍ଥାନୀ ଗ୍ରାମାର ଅତ୍ୟନ୍ତ ଚର୍ଚ୍ଚିତ ଥିଲା। ଭାରତରେ ସର୍ବାଧିକ ବ୍ୟବହାର କରାଯାଉଥିବା ହିନ୍ଦୀକୁ ସେ ଖଡ଼ି ବୋଲି ନାମ ଦେଇଥିଲେ।

ହେରାସିସ ସ୍ତୋପନବିଚ ଲେବିଦୋବ ହିନ୍ଦୀ ଭାଷାର ସ୍ୱାଧ୍ୟାୟରୁ


ଗ୍ରାସିନ୍ ଡି ଟାସି


ଜର୍ଜ ଏ ଗ୍ରିର୍‌ସନ୍

ହିନ୍ଦୁସ୍ଥାନୀ-ଇଂରାଜୀ କୋଷ ଲେଖିଥିଲେ, ଯାହାର ନାମ 'ଗ୍ରାମାର ଅଫ୍ ଦ ପିୟୋର ଏଣ୍ଡ ମିକ୍ସଡ ଇଷ୍ଟ ଇଣ୍ଡିଆନ୍ ଡାଇଲେକ୍ଟସ। ଟାମସ ଏରୋବେକ 'ଇଂଲିଶ୍ ଏଣ୍ଡ ହିନ୍ଦୁସ୍ଥାନୀ ନୋବେଲ ଡିକ୍ସନାରି ଅଫ୍ ଟେକ୍‌ନିକାଲ ଟର୍ମସ ଏଣ୍ଡ୍ ସି ଫେଜି, ୧୮୧୧ ମସିହାରେ କଲିକତାରୁ ପ୍ରକାଶ କରିଥିଲେ। ପାଦ୍ରୀ ମ୍ୟାଥ୍ୟୁ ଥମ୍‌ସନ ଏଡମ' ଏ ଗ୍ରାମାର ଅଫ୍ ହିନ୍ଦୀ ଲାଙ୍ଗୁଏଜ ନାମକ ପୁସ୍ତକକୁ ୧୮୨୭ରେ କଲିକତାରୁ ପ୍ରକାଶ କରିଥିଲେ। ସେହି ପୁସ୍ତକରେ ଦେବନାଗରୀ ଲିପିରେ ଆଧୁନିକ ପଦ୍ଧତିର ବର୍ଣ୍ଣ କ୍ରମାନୁସାରେ ସଂଯୋଜନା କରାଯାଇଥିଲା। ଫ୍ରାନ୍ସର ହିନ୍ଦୀ ବିଦ୍ୱାନ୍ ଗାସା ଡି ତାସି ଆଧୁନିକ ବିଚାରରୁ ହିନ୍ଦୀ ସାହିତ୍ୟର ଇତିହାସ ଲେଖିବା ଦୃଷ୍ଟିକୁ ବିକଶିତ କରିଥିଲେ। ସେ ଫ୍ରେଞ୍ଚ ଭାଷାରେ ଇସ୍ତବାର ଦ ଲିଟ୍ରେଉତ୍ତର ଏନ୍ଦୁସ୍ଥାନୀ (ହିନ୍ଦୁ ଆଉ ହିନ୍ଦୁସ୍ଥାନୀ) ସାହିତ୍ୟର ଇତିହାସ ଲେଖିଥିଲେ। ୧୮୩୯ ମସିହାରେ ଏହା ପ୍ୟାରିସରୁ ପ୍ରକାଶ ପାଇଥିଲା। ଏଲେକ୍ସେଇ ପେଟ୍ରୋବିଚ ବରାନ୍ନିକୋଉ ରୁଷୀୟ ବିଦ୍ୱାନ୍ ଥିଲେ। ସେ ରୁଷୀୟ ଭାଷାରେ ତୁଳସୀଦାସକୃତ 'ଶ୍ରୀରାମଚରିତ ମାନସ'ର ଅନୁବାଦ କରି ବ୍ରଜବୋଲି ଭାଷା ପ୍ରତି ନିଷ୍ଠା ବ୍ୟକ୍ତ କରିଥିଲେ। ସେ ଆଜି ନାହାନ୍ତି ସତ, ତାଙ୍କ ସମାଧିସ୍ଥଳରେ ଶ୍ରୀରାମଚରିତମାନସର ପଦ୍ୟାବଳୀ ଆଜି ମଧ୍ୟ ଅଙ୍କିତ ରହିଛି।

ହଙ୍ଗେରୀର ଆଇମରେ ବୈଂଘ ଯେତେବେଳେ ବୁଡ଼ାପେଷ୍ଟ ୟୁନିଭର୍ସିଟିରୁ 'ଇଣ୍ଡୋଲଜୀ' ବିଷୟରେ ଅଧ୍ୟୟନ କରୁଥିଲେ, ସେହି ସମୟରେ ଭାରତୀୟ କବି ଆନନ୍ଦଘନଙ୍କ କବିତାଗୁଡ଼ିକର ଶବ୍ଦଶକ୍ତିରେ ଏତେଦୂର ପ୍ରଭାବିତ ହୋଇଯାଇଥିଲେ ସେ ହିନ୍ଦୀଭାଷା ଓ ସାହିତ୍ୟର ବିଧିବଦ୍ଧ ଶିକ୍ଷାଗ୍ରହଣ କରିବାକୁ ବାଧ୍ୟ ହୋଇଥିଲେ। ସେ ଶାନ୍ତିନିକେତନରୁ ହିନ୍ଦୀ ବିଷୟରେ ପିଏଚ୍.ଡି. ଉପାଧି ଅର୍ଜନ କରିଥିଲେ। ସେ ଦେବନାଗରୀ ଲିପିରେ ହିନ୍ଦୀ ଭାଷାରେ 'ସନ୍ଦେହ କୋ ମାରଗ' ନାମକ କାବ୍ୟକୃତି ପ୍ରଣୟନ କରିଥିଲେ। ପରେ ସେ ଅକ୍ସଫୋର୍ଡ ୟୁନିଭର୍ସିଟିରେ ହିନ୍ଦୀ ସାହିତ୍ୟର ପ୍ରାଧ୍ୟାପକ ଭାବେ ନିଯୁକ୍ତି ପାଇଥିଲେ।

ଜର୍ଜ ଆବ୍ରାହମ୍ ଗ୍ରିୟର୍ସନ ଡବ୍‌ଲିନ ଆୟର୍ଲାଣ୍ଡ ନିବାସୀଥିଲେ। କିନ୍ତୁ ଯେତେବେଳେ ସେ ଭାରତୀୟ ଲୋକସେନାର ଅଧିକାରୀ ରୂପେ ଭାରତ ଆସିଲେ, ସେତେବେଳେ ସେ 'ଭାଷା ବିଜ୍ଞାନର ସର୍ବେକ୍ଷଣ' ଲେଖି ଆପଣା ଭିତରେ ଥିବା ଭାରତୀୟତା ଜାଗ୍ରତ କରିଥିଲେ। ସେ ତୁଳସୀଦାସ ଆଉ ବିଦ୍ୟାପତିଙ୍କ ସାହିତ୍ୟର ମହତ୍ତ୍ୱକୁ ପ୍ରତିପାଦିତ କରିଥିଲେ। ହିନ୍ଦୀ କ୍ଷେତ୍ରର ବୋଲିଗୁଡ଼ିକ ଆଉ ଲୋକ ସାହିତ୍ୟର ସନ୍ଧାନ ଦିଗରେ ତାଙ୍କ ଭୂମିକା ଯଥେଷ୍ଟ ଥିଲା। ଜାପାନ ଦେଶରେ ହିନ୍ଦୀର ପ୍ରଚାର ପ୍ରସାର ପ୍ରଥମ ସ୍ଥାନ ଅଧିକାର କରିଥିଲା। ଭାରତ ବାହାରେ ଯଦି ସର୍ବପ୍ରଥମେ ହିନ୍ଦୀର ଅଧ୍ୟୟନ ଅଧ୍ୟାପନା ଆରମ୍ଭ ହୋଇଥିଲା, ତାହା ହେଉଛି ଟୋକିଓ ୟୁନିଭର୍ସିଟି। ଏହି ସନ୍ଦର୍ଭରେ ଅକିୟୋ ହାଗାଙ୍କ ଅବଦାନକୁ ଭୁଲି ହେବ ନାହିଁ। ସେ ମହାତ୍ମା ଗାନ୍ଧୀ ଅନ୍ତଃରାଷ୍ଟ୍ରୀୟ ହିନ୍ଦୀ ବିଶ୍ୱବିଦ୍ୟାଳୟ, ୱାର୍ଦ୍ଧାରେ ହିନ୍ଦୀର ପ୍ରଧାପନ ମଧ୍ୟ କରିଥିଲେ। ଇଟାଲୀର ହିନ୍ଦୀ ଅନୁରାଗୀ ଡ. ଏଲ୍.ପି. ଟେସିଟାରୀ ତୁଳସୀ ଦାସ ଆଉ ଶ୍ରୀରାମଚରିତମାନସର କଥାବସ୍ତୁର ତୁଳନା ବାଲ୍ମୀକି ରାମାୟଣର କଥାବସ୍ତୁ ସହିତ କରି ଗବେଷଣା ପୁସ୍ତକ ଲେଖିଥିଲେ।

ବିଦେଶରେ ଥିବା ବହୁ ବିଦ୍ୱାନ୍ ଭାରତୀୟ ସାହିତ୍ୟ ଓ ପ୍ରତିଭା ପ୍ରତି ଗଭୀର ଅନୁରାଗ ବ୍ୟକ୍ତ କରି ସାହିତ୍ୟକୁ ଗୌରବାନ୍ୱିତ ଆଉ ସମୃଦ୍ଧ କରିଛନ୍ତି। ଏ ଦିଗରେ ଅଧିକ ଅନୁଧ୍ୟାନ ଓ ଗବେଷଣାର ପ୍ରୟୋଜନୀୟତା ରହିଛି।

ମୋ: ୯୭୭୭୭୪୪୦୭୧

## କବିତା

### ସହରରେ ବନ୍ୟା
**ଡ. ବିଦ୍ୟୁତ୍‌ପ୍ରଭା ଗନ୍ତାୟତ**

ବଡ଼ ବଡ଼ ସହରରେ
ମୌସୁମୀ ଉଭାନ୍ ହୁଏ
ଅବପାତ, ଲଘୁଚାପ
ବର୍ଷା ଆଣେ ବନ୍ୟା।

ମାନେ ନାହିଁ
ହାଇଟେକ୍ ଜୀବନଶୈଳୀ
ଆଧୁନିକ ସାଧନ ଓ କୋଠାବାଡ଼ି
ପ୍ରକୃତିର ବାଟ ଓଗାଳି
ସ୍ରୋତର ଛାତି ଉପରେ ଠିଆ
ମଲ୍, ମଲ୍‌ଟିପ୍ଲେକ୍ସ ଓ ଇଷ୍ଟେଟ୍
ଭେଳା ଭେଳା ଗାଡ଼ି।

ସହରରେ ବର୍ଷା ଆଣେ ବନ୍ୟା
ଆତ୍ମଘୋଷିତ, ଦର୍ପିତ
ଦିଗ୍‌ବିଜୟୀ ମଣିଷଙ୍କ
ରଙ୍ଗମଖା ମୁହଁମାନଙ୍କୁ
ବୁଡ଼ାଏ, ବିବର୍ଣ୍ଣ କରେ।

ବର୍ଷା ଆଣେ ବନ୍ୟା
କ୍ଷମତାର ଅଧିକାରୀ,
ଆସ୍ପର୍ଦ୍ଧାର ଅନୁଚରମାନଙ୍କ
ବୟାନ ବିବୃତିକୁ
ଜଳଲୀନ କରେ।

ସହରରେ ବର୍ଷା
ଗେଟ୍ ଟପି ପାଣି ଘରେ ପଶେ
ଗ୍ୟାରେଜ୍, ଡ୍ରଇଂ, ଡାଇନିଂ,
କିଚେନ୍ ଓ ବେଡ୍‌ରୁମ୍
ବେଧଡ଼କ ବୁଡ଼ାଏ।

ବର୍ଷା ଆଣେ ବନ୍ୟା
ଜଳବନ୍ଦୀ ନିଷ୍ପର୍ଷ ବିହୀନ
ସହରୀ ମଣିଷଙ୍କ
ଆବଦ୍ଧତାକୁ ହେଣ୍ଟାଳେ।

ପ୍ରକୃତିର ପ୍ରତିଶୋଧ
ବର୍ଷାର ତାଣ୍ଡବ
କୃତ୍ରିମ ବନ୍ୟାରେ ଉବୁଟୁବୁ
ସହର ଓ ସହରୀଙ୍କ ପରାଭବ
ବର୍ଷା ଆଣେ ବନ୍ୟା।

ମୋ: ୭୯୭୮୬୨୮୨୨୦

### ମୋକ୍ଷଦାୟିନୀ
**ଡା. ମନୋରଞ୍ଜନ ଦାଶ**

ନିଟୋଳ ସଂସ୍କାର ଭିତରୁ
ଜନ୍ମନେଇଛି ମୋ
ନାରୀତ୍ୱର ସତ୍ତା।
ମିଥ୍ୟା ପ୍ରଗଳ୍‌ଭତା, ସ୍ୱେଚ୍ଛାଚାରିତା
ମୋର ପରିଚୟ ନୁହେଁ।
ସଣ୍ଢଣାର ଠାଣିରେ ମୁଁ ମଥାରେ
ସିନ୍ଦୂର ଲଗାଏ।

ପତିବ୍ରତାର ପାଥେୟରେ
ବେଶ୍ ଜୀବନ ଜିଉଚି।
ବାରବୁଲି ହେବାର ଅପଯଶକୁ ମୁଁ
ପାଦରେ ଦଳିଚି।
ମୋ ପରିବାରର ସୁଖ-ଦୁଃଖ
ମୋର ସାଥୀ।
ମିଥ୍ୟାଚାରୀମାନଙ୍କ ପ୍ରଶଂସାରେ
ମୁଁ ନୁହେଁ ବିହ୍ୱଳିତ।
ଅଭିଶାପ କି ଅପାଂକ୍ତେୟତାରେ
ବିଶ୍ୱାସ ମୁଁ ରଖେନା।

ଅସହାୟତା ମୋ ଅନୁଭବରେ
ଆସେନା।
ମୁଁ ସୁକ୍ରେୟ ନୁହେଁ,
କାହା ଅଙ୍ଗୁଳି ନିର୍ଦ୍ଦେଶରେ...
ମୁଁ ମୁକ୍ତ ସନ୍ନ୍ୟାସିନୀ ନୁହେଁ!
ସ୍ୱୟଂ ସଂପୂର୍ଣ୍ଣା ବି ନୁହେଁ।
ଏକ ମାତ୍ର ଲଜ୍ଜା
ମୋର ଆଭୂଷଣ।
ପୁରୁଷମାନେ ମୋ ସମକକ୍ଷ ନୁହନ୍ତି
ମୁଁ ବି ପୁରୁଷମାନଙ୍କ ସମକକ୍ଷା ନୁହେଁ।
ମୁଁ କେବଳ ନାରୀତ୍ୱର
ନିଟୋଳ ସତ୍ତାରେ
ମୋକ୍ଷଦାୟିନୀ।

ମୋ: ୯୪୩୭୩୧୭୭୨୨

### ଗୀତି-କବିତା
### କାହିଁକି କେଜାଣି ଆଜି ଏ ସଞ୍ଜ
**ହରିଶ୍ଚନ୍ଦ୍ର ବେହେରା**

କାହିଁକି କେଜାଣି ଆଜି ଏ ସଞ୍ଜ
ଲାଗେ ମୋତେ ନୂଆ ନୂଆ
କେଉଁ ପରଦେଶୀ ଆସିବ ଲୋ ସହୀ
ଦେହରେ କାଉଁରି ଛୁଆଁ।୦।

ପବନରେ ଆଜି ମିଠା ମହକ ଲୋ
ରଜନୀଗନ୍ଧା ଓ ଯୂଇ
ମଳୟ ବୋହୁଛି କୋଇଲିର କୁହୁ
ଯାଏ ମନ ପ୍ରାଣ ଛୁଇଁ
ବଉଳା ଦୁଃଖକୁ ରାଗ ପୂରବୀରେ
ଗାଉଛନ୍ତି ଶାରୀ ଶୁଆ।୧।

ତୋତା ବିଲ ବଣ ସବୁଠି ଯେମିତି
ନୀଳ ନୀଳ ନୀରବତା
ଜନ୍ମ ଜନ୍ମାନ୍ତର ତାଙ୍କୁ ହିଁ ଲୋଡ଼ୁଛି
ମୋ ପ୍ରାଣ ଅପରାଜିତା
ଅନ୍ଧ ଆବେଗରେ ମନ ବିକିଦେଲି
ସେ ତ ବଡ଼ ଦଗାଦିଆ।୨।

ତଥାପି କାହିଁକି ଏ ପ୍ରାଣ ମୋହର
ଲୋଡ଼ୁଛି ତାହାଙ୍କୁ ସହୀ
ଶୂନ୍ୟ ହୃଦୟରୁ ପ୍ରୀତି ସାହାନାଇ
ଶୁଭୁଅଛି ରହି ରହି
ତ୍ରିଭଙ୍ଗ ଭଙ୍ଗୀରେ ବଇଁଶୀ ବଜେଇ
ଡାକୁଛି ମୋହରି ନାଆଁ।୩।

ମୋ: ୯୪୩୭୮୧୩୭୦୮

## ପୁସ୍ତକ ପରିଚୟ

### ଚିତ୍ରପଙ୍ଖ




**ଲେଖକ:** ଶ୍ରୁତି ଶୈଳଜା
**ପ୍ରକାଶକ:** ପକ୍ଷୀଘର ପ୍ରକାଶନୀ, ମଧୁସୂଦନ ନଗର, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୩, **ମୂଲ୍ୟ:** ଟ.୧୫୦/-

ଶ୍ରୁତି ଶୈଳଜାଙ୍କ ପ୍ରଥମ ଗଳ୍ପ ସଂକଳନ 'ଚିତ୍ରପଙ୍ଖ'। ଏଥିରେ ମୋଟ ୧୭ଟି ଗଳ୍ପ ସ୍ଥାନିତ। 'ଚିତ୍ରପଙ୍ଖ' ବହିର ଶେଷଗଳ୍ପ ଓ ବହିର ଶିରୋନାମ ବି। ସାଧିକା ଓ ସୋହମ୍ ବିଭାଘର ପରେ ଓଡ଼ିଆ ରୀତିନୀତି ଅନୁସାରେ ଶ୍ରୀଜଗନ୍ନାଥ ଦର୍ଶନରେ ସପରିବାର ପୁରୀ ଯାଇଛନ୍ତି। ସମଗ୍ର ଗପଟିରେ ପୁରୀର ବର୍ଣ୍ଣନା ପୁରୀ ଉପରେ ଗୋଟେ ସ୍କୁଲପିଲା ରଚନା ଲେଖିବା ପରି ଲାଗେ। ସମୁଦ୍ର, ବେଳାଭୂମି, ଲକ୍ଷ୍ମୀଙ୍କ ମନ୍ଦିର ଓ ଶ୍ରୀମନ୍ଦିର ଭିତରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦିବ୍ୟ ଆକର୍ଷଣ ସହିତ ସ୍ନାନବେଦୀର ବର୍ଣ୍ଣନା ଅତି ସରଳ ଓ ପ୍ରାଣଘେନା ଭାଷାରେ କରିଛନ୍ତି ଲେଖିକା। ଶ୍ରୀମନ୍ଦିର ସହ ଜଡ଼ିତ ନାନା ବିଶ୍ୱାସକୁ ନେଇ ସାଧିକାଙ୍କ ମନରେ କେତେ ପ୍ରଶ୍ନ ଉଠେ, ହେଲେ ବିନା ଉତ୍ତରରେ ସେସବୁ ସ୍ୱତଃ ସମାହିତ ହୋଇଥାଏ ଯେଉଁ ମନରୁ ଉଠିଥିଲା, ସେଇ ମନରେ। ଶୈଳଜାଙ୍କ ଗଳ୍ପ, କେବଳ ଗଳ୍ପ। ଏଥିରେ କିଛି ବଡ଼ ଗୋଟେ ତତ୍ତ୍ୱ ବା ଦର୍ଶନ ବଖାଣିବାର ଅଭିଳାଷ ତାଙ୍କର ନ ଥାଏ- ଖାସ୍ ଏଇଥିପାଇଁ ତାଙ୍କ ଗଳ୍ପଗୁଡ଼ିକ ସ୍ୱାଭାବିକ୍ ଲାଗେ, ତାଜା ଲାଗେ। 'ଆଲୋକିତ ଅନ୍ଧାର', 'ଦିଦି', 'ଭିଜାମାଟି', 'ମହୁଲ', 'ନିଃଶବ୍ଦ ପ୍ରାର୍ଥନା', 'ଛକିଶୂନ ଖେଳ', 'ଛାଇ', 'ଦଗ୍ଧ ପଳାଶ', 'ଅର୍ଦ୍ଧ ନାରୀଶ୍ୱର', 'ଚମ୍ପାଫୁଲର ବାସ୍ନା' ଓ 'ଦିବ୍ୟା ବୁଟିକ୍' ଭଳି ଗଳ୍ପଗୁଡ଼ିକ ଲେଖିକାଙ୍କ ସମ୍ଭାବନାପୂର୍ଣ୍ଣ ପ୍ରତିଶ୍ରୁତି ଓଡ଼ିଆ କଥାଜଗତ ପାଇଁ, ଏଥିରେ ସନ୍ଦେହ ନାହିଁ।

### ଏ ଯୁଦ୍ଧ ବି ସରିଯିବ ଦିନେ




**କବି:** ଜୟନ୍ତୀ ବିଶ୍ୱାଳ ବେହୁରିଆ
**ପ୍ରକାଶକ:** ପଶ୍ଚିମା ପବ୍ଲିକେଶନ୍‌ସ, ନୟାପଲ୍ଲୀ, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୩,
**ମୂଲ୍ୟ:** ଟ.୧୩୯/-

ଆଲୋଚ୍ୟ କବିତାଗ୍ରନ୍ଥରେ ମୋଟ ୪୬ଟି କବିତା ଗ୍ରଥିତ, ଯାହାର ପ୍ରସଙ୍ଗ ସମକାଳୀନ ସମୟ, ସମାଜ ଓ ମଣିଷର ଜୀବନଯାପନ। ବହିର ପ୍ରଥମ କବିତାକୁ କବି ବହିର ଶିରୋନାମ କରିଛନ୍ତି। 'ପ୍ରଚ୍ଛଦଲେଖ'ରେ କୁହାଯାଇଛି ଜୟନ୍ତୀ ହେଉଛନ୍ତି ଦୁଇ ଦଶନ୍ଧି ଧରି କବିତା ଲେଖିଆସୁଥିବା ଲେଖିକା ଓ ଆଲୋଚ୍ୟ ବହିଟି ତାଙ୍କର ଦ୍ୱିତୀୟ କବିତା ସଂକଳନ। ହେଲେ ବି ବହିର ପ୍ରାୟ କବିତା ଖୁବ୍ ପାକଳ ଲାଗେ। କବିତାରେ କିଛି ନୂଆ ଲେଖାଯାଏନି, ପୁରୁଣା ଅନୁଭୂତିକୁ କେବଳ ଦିଆଯାଏ ନୂଆ ପ୍ରକାଶ-କୌଶଳ। ଏହି ଦୃଷ୍ଟିରୁ ଦେଖିଲେ ବହିଟିର ଅନେକ କବିତା ପଢ଼ିସାରିଲା ପରେ ଓ ପଢୁଥିବା ବେଳେ ପାଠକଙ୍କୁ ଚମକିପଡ଼ିଲା ପରି ଲାଗେ। ସରଳ, ନିରାଡ଼ମ୍ବର, ଅହମିକାଶୂନ୍ୟ ଏକ ଅଙ୍ଗୀକାରବଦ୍ଧତାକୁ ବହିର କବିତାଗୁଡ଼ିକ ମଧ୍ୟରୁ ଆବିଷ୍କାର କରାଯାଇପାରେ। ଶୀର୍ଷକ କବିତାରୁ ଉଦାହରଣଟିଏ ନେବା- "ଏ ଯୁଦ୍ଧ ଦିନେ ସରିଯିବ,/ ହେଲେ ସେ ସମୟ କେମିତି ଥିଲା/ ତା'ର ବିଭୀଷିକାରେ ଘାରି ହେଇ/ ଲୁହ ଝରାଇବାକୁ ମୁଁ ଆଉ ନ ଥିବି/ x x ତୁମେ ପୁଣି ଦେଶ ଗଢ଼ିବ/ ସ୍ୱପ୍ନ ବୁଣିବ, ହେଲେ ମୁଁ ନ ଥିବି ସେ ଦେଶରେ।" ('ଏ ଯୁଦ୍ଧ ବି ସରିଯିବ ଦିନେ', ପୃ: ୦୯)। 'ମାଆ'ର ଚିତ୍ରଟିଏ ଦିଅନ୍ତି ନିଜ କବିତାରେ କବୟିତ୍ରୀ ଓ କହନ୍ତି: "ଗୋଟେ ଗୀତ ଗାଉଥିବା/ ଝରଣା ଓ ଗୋଟେ ଗଡ଼ ଜିତିବାର ଉଦ୍ଦାମତା ମାଆ।" (ଗୋଟେ ଗଡ଼ ଜିତିବାର ଉଦ୍ଦାମତା ମାଆ, ପୃ: ୫୯)। ମନେହୁଏ, ବହିଟିର କବିତାଗୁଡ଼ିକ ସତ-ଜୀବନର କବିତା ଓ ଏହି ସତତା ପାଇଁ ବହିଟି ପାଠକୀୟ ଆଦୃତି ଲାଭକରିବ।

## ଲଘୁଗଳ୍ପ

### ନୀଳ ଆକାଶ ଓ ନୀଳ ଫ୍ରକ୍
**ଅମୃତା ମିଶ୍ର**

ସବୁଦିନ ରାତି ଚାରିଟାରୁ ଉଠେ ସୁନିବୋଉ। ସେଦିନ କିନ୍ତୁ ରାତି ଦୁଇଟାରୁ ଉଠି ଦି' କିଲୋ ଅଧିକ ବୁଟ ସିଝାଇ ଥିଲା ଓ କାକୁଡ଼ି, ଲେମ୍ବୁ, କଞ୍ଚାଲଙ୍କା ଧୋଇଧାଇ ଥୋଇଥିଲା। ସୁନିବାପା ନଡ଼ିଆ ଭାଙ୍ଗି କାଟି ଝାଲବୁଟ ଡାଲାଟିକୁ ସଜାଡ଼ିବା ବେଳେ ସୁନିବୋଉ କହିଲା, "ବୁଝିଲ, ସୁନିଟା ଆମର ଜିଦି କରୁଛି ଏଥର ରଜରେ ନୂଆ ନୀଳ ଫ୍ରକ୍‌ଟିଏ ପିନ୍ଧିବ ବୋଲି। ଆଉ ଦିନ ଦି'ଟାରେ ରଜ। ଆଜି ଯେମିତି ହେଲେ ତା'ପାଇଁ ଫ୍ରକ୍‌ଟିଏ କିଣି ଆଣିବ। ମୁଁ ଦି' କିଲୋ ବୁଟ ଅଧିକ ସିଝାଇଛି।"

ସୁନିବାପା ଝାଲବୁଟ ଡାଲାଟିକୁ ଧରି ଘରୁ ଷ୍ଟେଶନ ଯିବାକୁ ବାହାରିବା ବେଳେ ଭାବୁଥିଲା ଟିକିଏ ଅଧିକ ପରିଶ୍ରମ କରିବାକୁ ପଡିଲେ ପଡ଼ିବ, ହେଲେ ଆଜି ଝିଅ ପାଇଁ ଫ୍ରକ୍ ନିଶ୍ଚୟ ଆଣିବ। କିଏ ଜାଣିଥିଲା ସେଦିନ ସନ୍ଧ୍ୟାବେଳର ରେଳଗାଡ଼ିରେ କାଳଯମ ଆସି ଗୋଟିଏ ମୁହୂର୍ତ୍ତରେ କେତେନା କେତେ ଲୋକଙ୍କୁ ଘୋଷାରି ନେବ ଆରପୁରକୁ। ଏତେ ଲୋକଙ୍କୁ ନେଲାବେଳେ ସୁନିବାପାକୁ ନେଇଯାଇଥିବ ସେ କାଳଯମ। ନହେଲେ ରେଳ ଦୁର୍ଘଟଣାର ପନ୍ଦର ଦିନ ହେଲାଣି, ତା'ର ଖୋଜଖବର ମିଳୁନାହିଁ କାହିଁକି? ଗାଁ ଲୋକ, ସାଇ ପଡ଼ିଶା ସମସ୍ତଙ୍କଠାରୁ ଏଇ କଥା ଶୁଣି ପଥର ପାଲଟି ଯାଇଥିଲେ ସୁନିବୋଉ ଆଉ ସୁନି।

ସେଦିନ ଗାଁ ର ଜଣେଲୋକ କହିଲା- ଖବରକାଗଜରେ ବାହାରିଛି, ସେ ରେଳ ଦୁର୍ଘଟଣାରେ ମରିଥିବା କିଛି ଅଜଣା ଲୋକଙ୍କ ଶବ ଭୁବନେଶ୍ୱରର ଗୋଟିଏ ଡାକ୍ତରଖାନାରେ ରଖା ଯାଇଛି। ସୁନିବୋଉ ଗାଆଁର ପୁତୁରା ସହ ଭୁବନେଶ୍ୱରରେ ପହଞ୍ଚିଲା ବେଳକୁ ସବୁ ଅଚିହ୍ନା ଶବ ଦାହ ସରିଥିଲା। ନିଜ ଭାଗ୍ୟକୁ ଦୋଷ ଦେଇ ମଥା ପିଟି କାନ୍ଦୁଥିବା ବେଳେ ଡାକ୍ତରଖାନାର ଜଣେ କର୍ମଚାରୀ ପ୍ୟାକେଟଟିଏ ତାକୁ ଦେଖାଇ ପଚାରିଲେ, ଏଇଟା ଗୋଟିଏ ଶବ କାନ୍ଧରେ ଝୁଲୁଥିବା ବ୍ୟାଗ ଭିତରେ ଥିଲା। ଏଠିକି ଆସୁଥିବା ଲୋକଙ୍କୁ ମୁଁ ଏଇଟା ଦେଖାଉଛି, କେହି ନେଉ ନାହାନ୍ତି। ତମେ ଦେଖିଲ, ଏଇଟା ତମର ନୁହେଁ ତ? ପ୍ୟାକେଟ୍‌ଟି ଖୋଲି ଚମକି ଉଠିଲା ସୁନିବୋଉ। ତା' ହାତରୁ ଖସିପଡ଼ିଲା ସେ ପ୍ୟାକେଟଟା। ଏତିକିବେଳେ ତାକୁ ଶୁଭିଲା- କିଏ ଜଣେ କହୁଥିଲା- ମୁଁ ତୋ' ପାଖେ ପାଖେ ଅଛି। ତୁ କାନ୍ଦୁଛୁ କାହିଁକି? ଜମା କାନ୍ଦେନା। ତତେ ମୋ' ରାଣ। ଆମ ସୁନି ପାଇଁ ମୁଁ ସେ ଫ୍ରକ୍‌ଟା ଆଣିଛି ପରା, ତୁ ତଳେ ପକାଇଦେଲୁ କାହିଁକି? ନେ। ସୁନିବୋଉ ଏବେ ମୁହଁ ଉଠେଇ ଉପରକୁ ଚାହିଁଲା। ଦେଖିଲା, ସୁନିବାପା ନୀଳ ଆକାଶରେ ଥାଇ ତା' ହାତକୁ ବଢ଼ାଇ ଦେଉଥିଲା ଅତି ସୁନ୍ଦର ନୀଳ ଫ୍ରକ୍ ଟିଏ।

ମୋ : ୯୪୩୭୨୬୦୨୭୧



## କାଳକାଳକୁ

"ଏକ ଆତ୍ମଜୀବନୀରେ ମିଛ ଥାଇପାରେ, କିନ୍ତୁ ଗୋଟେ ଉପନ୍ୟାସ କେବେ ବି ମିଛ କହେନା, ଏହା ଲେଖକକୁ ପୂର୍ଣ୍ଣଭାବେ ଉନ୍ମୋଚିତ କରେ।"
– ଭି.ଏସ୍. ନାଇପଲ୍



**ସାର୍ ବିଦ୍ୟାଧର ସୁରଜପ୍ରସାଦ ନାଇପଲ୍‌ଙ୍କର** ଜନ୍ମ ୧୭ ଅଗଷ୍ଟ ୧୯୩୨ରେ, ତ୍ରିନିଦାଦ୍‌ରେ ଓ ପରଲୋକ ୧୧ ଅଗଷ୍ଟ ୨୦୧୮ରେ। ଅର୍ଦ୍ଧଶତାବ୍ଦୀରୁ ଉର୍ଦ୍ଧ୍ୱକାଳର ଲେଖକ ଜୀବନରେ ସେ ୩୦ରୁ ଉର୍ଦ୍ଧ୍ୱ ପୁସ୍ତକର ସ୍ରଷ୍ଟା। ତାଙ୍କର ଗଦ୍ୟଶୈଳୀ ନାନା ବୈଚିତ୍ର୍ୟରେ ପରିପୂର୍ଣ୍ଣ, ଚିର ସଦ୍ୟ ତା'ର ସ୍ୱାଦ। ଲେଖକ ଭାବେ ତାଙ୍କର ଦୃଷ୍ଟିକୋଣ ସ୍ପଷ୍ଟ ହୋଇଥିଲେ ବି କେବେକେବେ ବିବଦମାନ ପ୍ରତୀତ ହୋଇଥାଏ। ତାଙ୍କର ପ୍ରସିଦ୍ଧ ରଚନା ମଧ୍ୟରେ 'ଏ ହାଉସ୍ ଫର୍ ମିଷ୍ଟର୍ ବିଶ୍ୱାସ', 'ଇନ୍ ଏ ଫ୍ରି ଷ୍ଟେଟ୍', 'ଏ ବେଣ୍ଡ୍ ଇନ୍ ଦ ରିଭର୍' ଓ 'ଦ ଏନିଗ୍‌ମା ଅଫ୍ ଆରାଇଭାଲ୍' ପ୍ରମୁଖତା ଦାବି କରନ୍ତି। ସାହିତ୍ୟକୁ ନିଜର ଅମୂଲ୍ୟ ଅବଦାନ ପାଇଁ ତାଙ୍କୁ ମିଳିଛି 'ବୁକର୍ ପୁରସ୍କାର' ୧୯୭୧ରେ, 'ଇନ୍ ଏ ଫ୍ରି ଷ୍ଟେଟ୍' ପୁସ୍ତକ ପାଇଁ ଓ ୧୯୮୩ରେ ମିଳିଛି 'ଜେରୁଜେଲମ୍ ପୁରସ୍କାର', ୧୯୯୦ରେ 'ନାଇଟ୍ ହୁଡ୍' ଓ ୨୦୦୧ରେ 'ନୋବେଲ ପୁରସ୍କାର'। "ଅସହମତିକୁ ଉସ୍‌କାଇବା ଲେଖକଙ୍କର କାମ ହେବା ଉଚିତ୍"– କହନ୍ତି ନାଇପଲ୍।

## ଅନୁବାଦ ଗଳ୍ପ

### ପଞ୍ଜୁରି
**ମୂଳ ହିନ୍ଦୀ: ରଙ୍ଗନାଥ ଦ୍ୱିବେଦୀ**
**ଅନୁବାଦ-ମନୋଜ କୁମାର ବେହେରା**

ଆକାଶ ଅଫିସ୍ ଚାଲିଗଲା ପରେ ସବୁଦିନ ଭଳି କଂକ୍ରିଟ୍‌ର ସେହି ପଞ୍ଜୁରିରେ ବନ୍ଦୀ ହୋଇ ବିଲ୍‌କୁଲ୍ ଏକୁଟିଆ ଆଉ ଦୁଃଖୀ ହୋଇ ରହିଯାଏ ଅଞ୍ଜଳି। ବିଲ୍‌କୁଲ୍ ସେହିପରି ଯେମିତି ନିଜେ ସେହି ପଞ୍ଜୁରିରେ ପାଳିଥିବା କୁନି ଚଢ଼େଇ ପରି ଯିଏ ଏପଟ ସେପଟ ହୋଇ ନିଜ ଡେଣାକୁ ଫଡ୍‌ଫଡ୍ କରେ କିଛି ସମୟ ପାଇଁ ଆଉ ତା'ପରେ ଉଦାସ ହୋଇ ବସିପଡ଼େ ବନ୍ଦୀଟିଏ ପରି।

ନା' ତ ଏହି ବନ୍ଦୀ ଜୀବନରୁ ଅଞ୍ଜଳି ମୁକ୍ତ ହୋଇ ପାରୁଥିଲା ଆଉ ମୁକ୍ତ ହୋଇ ପାରୁଥିଲା ସେହି କୁନି ଚଢ଼େଇଟି। ହୁଏତ ସେ ମୁକ୍ତ ହୋଇ ପାରିବନି ଏଇ ବନ୍ଦୀ ଜୀବନରୁ। ବନ୍ଦୀର ଜୀବନ କେମିତି ହୋଇଥାଏ ତାହା କେବଳ ସେହି କୁନି ଚଢ଼େଇ ହିଁ ଜାଣିଛି। କାହିଁକିନା ତା' ସାମ୍ନାରେ ତା' ପସନ୍ଦର କଟା ଫଳ, ପାଣି ସବୁ ଅଛି ତଥାପି ସେଇ ଚଢ଼େଇ ଆନମନା ହୋଇ ଉଦାସ ମନରେ ଖାଏ ସିନା ହେଲେ ତା'ର ସେହି ଖାଇବାରେ ସ୍ୱାଧୀନତାର ସୁଖ ନଥାଏ।

ଅଞ୍ଜଳି ପାଖରେ ମଧ୍ୟ ଏହି କୁନି ଚଢ଼େଇ ପରି ସବୁ କିଛି ଅଛି, ପିନ୍ଧିବା ପାଇଁ ଦାମୀ ଲୁଗାପଟା, ନାନା ପ୍ରକାରର ଗହଣା, ମେକ୍‌ଅପ୍‌ର ସାମଗ୍ରୀ ସହିତ ଖାଇବା ପାଇଁ ନାନା ପ୍ରକାରର ସ୍ୱାଦିଷ୍ଟ ବ୍ୟଞ୍ଜନ। ହେଲେ ତା' ଭିତରେ ଗୋଟିଏ ପଞ୍ଜୁରି ଅଛି ଯେଉଁଥିରେ ସେ ବନ୍ଦୀ ହୋଇ ଅଛି, ଗୋଟିଏ ଅସହ୍ୟ ଯନ୍ତ୍ରଣା ଆଉ ପୀଡ଼ା ସହିତ।

ହେଲେ ଠିକ୍ ସେତିକିବେଳେ ଏ କ'ଣ ହେଲା? ଅଚାନକ ଅଞ୍ଜଳି ଉଠିଲା ଆଉ ନିଜର ଥର ଥର ହାତରେ ସେ ସେହି କୁନି ଚଢ଼େଇର ପଞ୍ଜୁରିର ଛୋଟିଆ ଦ୍ୱାରକୁ ଖୋଲି ଦେଲା। ଚଢ଼େଇଟି ସେହି ଦ୍ୱାର ପଟେ ବାହାରି ଆସିଲା ବାହାରକୁ ଆଉ ଥରଟେ ନିଜର ଲୁହ ଛଳଛଳ ଆଖିରେ ଦେଖିଲା ସେ ସାମ୍ନାରେ ଥିବା ଆକାଶ ଆଡ଼େ। ତା'ପରେ ନିଜର ଏହି ମୁକ୍ତି ପାଇଁ ସେ ଅଞ୍ଜଳିକୁ ଧନ୍ୟବାଦ କହି ନିଜର କୁନି ଡେଣାକୁ ଫଡ୍‌ଫଡ୍ କରି ଉଡ଼ିଗଲା ଖୋଲା ଆକାଶରେ।

ଆଉ ଏପଟେ ଅଞ୍ଜଳି ସେପର୍ଯ୍ୟନ୍ତ ଚାହିଁଥିଲା ସେହି କୁନି ଚଢ଼େଇକୁ ସ୍ଥାଣୁ ହୋଇ ଯେପର୍ଯ୍ୟନ୍ତ ସେ ତା' ଆଖି ଆଗରୁ ଅଦୃଶ୍ୟ ନ ହେଇଛି। ଯେତେବେଳେ କୁନି ଚଢ଼େଇଟି ଆଉ ଦୃଶ୍ୟମାନ ହେଲା ନାହିଁ ସେତେବେଳେ ସେ ଦୀର୍ଘଶ୍ୱାସ ନେଇ ଭାବିଲା କି କ'ଣ ତା'ର ଆକାଶ ଦିନେ ତାକୁ ଏହିପରି କଂକ୍ରିଟ୍‌ର ଫ୍ଲାଟ୍‌ର ପଞ୍ଜୁରିରେ ବନ୍ଦୀ ନିଜ ଅଞ୍ଜଳିକୁ ମୁକ୍ତ କରି ଖୋଲା ଆକାଶରେ ତା' ସହିତ ଉଡ଼ିପାରିବ ହୁଏତ ନା!

ମୋ: ୭୯୭୮୩୦୬୧୧





ବିଡବ୍ଲ୍ୟୁଏଫ୍ ତାଜିକସ୍ତାନ ଅନ୍ତର୍ଜାତୀୟ ବ୍ୟାଡ୍‌ମିଣ୍ଟନ ସିରିଜର ମହିଳା ଡବଲ୍ସରେ ସ୍ୱର୍ଣ୍ଣ ପଦକ ଅର୍ଜନ କରିଥିବା ଓଡ଼ିଶାର ଶ୍ୱେତପର୍ଣ୍ଣା ଓ ରତପର୍ଣ୍ଣା ପଣ୍ଡା।

# ସିରିଜ ବରାବର ଲକ୍ଷ୍ୟରେ ଭାରତ

**ଲୌଡରହିଲ (ଆମେରିକା), ୧୧।୮ (ପି.ଟି.)**

ଭାରତ ଓ ୱେଷ୍ଟଇଣ୍ଡିଜ ମଧ୍ୟରେ ଚଳିତ ସିରିଜର ୪ର୍ଥ ଟି୨୦ ଅନ୍ତର୍ଜାତୀୟ ମ୍ୟାଚ ଏଠାରେ ଅନୁଷ୍ଠିତ ହେବ। ଭାରତ ତୃତୀୟ ମ୍ୟାଚ ଜିତିବାରୁ ୱେଷ୍ଟଇଣ୍ଡିଜ ସମ୍ପ୍ରତି ୨-୧ରେ ସିରିଜ ଅଗ୍ରଣୀ ରହିଛି। ତେଣୁ ଆଗାମୀ ମ୍ୟାଚ ଜିତି ଭାରତ ସିରିଜକୁ ବରାବର ସ୍ଥିତିକୁ ଆଣିବା ଲକ୍ଷ୍ୟରେ ରହିଛି। ପୂର୍ବ ମ୍ୟାଚରେ ସୂର୍ଯ୍ୟକୁମାର ଯାଦବ ମ୍ୟାଚ ବିଜୟୀ ଇନିଂସ ଖେଳିଥିଲେ। ତିଳକ ବର୍ମା ମଧ୍ୟ ଉପଯୋଗୀ ସାବ୍ୟସ୍ତ ହୋଇଛନ୍ତି। ମାତ୍ର ଭାରତର ଓପନିଂ କମ୍ବିନେଶନ କ୍ରମାଗତ ବିଫଳ ହୋଇଛି। ଏହା ଟିମ୍ ଇଣ୍ଡିଆ ପାଇଁ ଚିନ୍ତାର କାରଣ ପାଲଟିଛି।

ତୃତୀୟ ଟି୨୦ରେ ଇଶାନ କିଶନଙ୍କୁ ବିଶ୍ରାମ ଦିଆଯାଇ ଯଶସ୍ୱୀ ଜୟସ୍ୱାଲଙ୍କୁ ଡେବ୍ୟୁ ସୁଯୋଗ ମିଳିଥିଲା। ମାତ୍ର ଜୟସ୍ୱାଲ ୬ ରନକରି ପ୍ରଥମ ଓଭରରେ ହିଁ ଦ୍ରୁତ ବୋଲର ଓବେଡ ମ୍ୟାକକୟଙ୍କ ବଲ୍‌ରେ ଆଉଟ ହୋଇଥିଲେ। ପ୍ରଥମ ୨ଟି ମ୍ୟାଚରେ କିଶନ ଓ ଶୁବମନ ଗିଲ୍ ପ୍ରଥମ ଉଇକେଟରେ ଯଥାକ୍ରମେ ୫ ଓ ୧୬ ରନ କରିପାରିଥିଲେ। ଫଳରେ ମିଡିଲ ଅର୍ଡରଙ୍କ ଉପରେ ଚାପ ପଡ଼ିଥିଲା। ଆଗାମୀ ମ୍ୟାଚ ଜିତିବା ନିହାତି ଆବଶ୍ୟକ ଥିବାବେଳେ କିଶନ ଚୂଡ଼ାନ୍ତ ଦଳକୁ ଫେରୁଛନ୍ତି କି ନାହିଁ ତାହା ଦେଖିବାର ଅଛି। କେବଳ ଟପ୍ ଅର୍ଡର ନୁହେଁ ଲୋୟର ଅର୍ଡରରେ ମଧ୍ୟ ଭାରତ ପ୍ରଭାବୀ ବ୍ୟାଟିଂ କରି ପାରିନାହିଁ। ଫଳରେ ଟପ୍ ଅର୍ଡରଙ୍କ ଉପରେ ଦଳ ନିର୍ଭର କରୁଛି। ସନ୍ତୁଳନ ବଜାୟ ରଖିବା ପାଇଁ ଅକ୍ଷର ପଟେଲ ୭ ନମ୍ବର ସ୍ଥାନରେ ଅପରିବର୍ତ୍ତିତ ରହିପାରନ୍ତି। କ୍ୟାରିୟର ଆରମ୍ଭରେ ତିଳକ ଯେପରି ଦାୟିତ୍ୱ ତୁଲାଉଛନ୍ତି ତାହା ଉଲ୍ଲେଖନୀୟ। ସେ ୩ ମ୍ୟାଚରେ ଯଥାକ୍ରମେ ୨୨ ବଲ୍‌ରୁ ୩୯, ୪୧ ବଲ୍‌ରୁ ୫୧ ଓ ୩୭ ବଲ୍‌ରୁ ୪୯ ରନକରି ନିଜ ଉଜ୍ଜ୍ୱଳ ଭବିଷ୍ୟତର ପ୍ରମାଣ ଦେଇଛନ୍ତି। ସେ ୬୯.୫୦ ଆଭରେଜରେ ୧୩୯ ରନକରି ଭାରତର ଅଗ୍ରଣୀ ସ୍କୋରର ଅଛନ୍ତି।

ଆହତ ସମସ୍ୟା ଯୋଗୁ ଦ୍ୱିତୀୟ ମ୍ୟାଚ ଖେଳିପାରି ନ ଥିବା କୁଳଦୀପ ଯାଦବ ତୃତୀୟ ଟି୨୦ରେ ପ୍ରଭାବୀ ରହିଛନ୍ତି। ସେ ୨୮ ରନ ବିନିମୟରେ ୩ଟି ଉଇକେଟ ନେଇଛନ୍ତି। ଫଳରେ ତାଙ୍କ ଉପରେ ଆସ୍ଥା ବଢ଼ିଛି। ସିରିଜରେ ୱେଷ୍ଟଇଣ୍ଡିଜର ନିକୋଲସ ପୁରନ ଭଲ ଫର୍ମରେ ଅଛନ୍ତି। ତୃତୀୟ ଟି୨୦ରେ ସେ ବିପଜ୍ଜନକ ସାବ୍ୟସ୍ତ ହେବା ପୂର୍ବରୁ କୁଳଦୀପ ତାଙ୍କୁ ଆଉଟ କରି ଦେଇଥିଲେ। ଦେଖିବାକୁ ଗଲେ ଗତ ମ୍ୟାଚରେ ଭାରତର ୩ ଜଣ ଯାକ ସ୍ପିନର କୁଳଦୀପ, ଅକ୍ଷର ଓ ଯୁଜବେନ୍ଦ୍ର ଚହଲ ପ୍ରଭାବୀ ରହିଥିଲେ। ଆଗାମୀ ମ୍ୟାଚରେ ମଧ୍ୟ ସେପରି ପ୍ରଦର୍ଶନ ଆଶା କରାଯାଉଛି।

ସେଣ୍ଟ୍ରାଲ ବ୍ରୋୱାର୍ଡ ଷ୍ଟାଡିୟମ ପିଚ୍ ସାଧାରଣତଃ ପ୍ରଥମେ ବ୍ୟାଟରଙ୍କୁ ସୁହାଇଥାଏ। ମ୍ୟାଚ ଆଗେଇବା ସହ ଧିମା ହୋଇ ଯାଇଥାଏ। ତେଣୁ ଏଠାରେ ଅନୁଷ୍ଠିତ ୧୩ ମ୍ୟାଚରୁ ପ୍ରଥମେ ବ୍ୟାଟିଂ କରିଥିବା ଦଳ ୧୧ଟିରେ ବିଜୟୀ ହୋଇଛି। ୱେଷ୍ଟଇଣ୍ଡିଜ ସୁଯୋଗ ଅପେକ୍ଷାରେ ଅଛି। ୨୦୧୬ ପରେ ପ୍ରଥମଥର ପାଇଁ ଭାରତ ବିପକ୍ଷରେ ସିରିଜ ବିଜୟକୁ ହାତଛଡ଼ା କରିବାକୁ ଚାହୁଁନାହିଁ। ତେଣୁ ଆଗାମୀ ମ୍ୟାଚ ସଂଘର୍ଷପୂର୍ଣ୍ଣ ହେବା ସମ୍ଭାବନା ରହିଛି।

**ଭାରତ-ୱେଷ୍ଟଇଣ୍ଡିଜ ୪ର୍ଥ ଟି୨୦ ଆଜି**

ସ୍ଥାନ:ଲୌଡରହିଲ (ଆମେରିକା)
ସମୟ: ରାତି ୮.୦୦, ପ୍ରସାରଣ: ଡିଡି ସ୍ପୋର୍ଟ୍ସ




# ସୁଇଡେନ, ସ୍ପେନ୍ ସେମିଫାଇନାଲରେ

**ଅକ୍‌ଲାଣ୍ଡ/ୱେଲିଂଟନ(ନ୍ୟୁଜିଲାଣ୍ଡ), ୧୧।୮ (ଏପି)**

ସୁଇଡେନ ଓ ସ୍ପେନ୍ ଚଳିତ ଫିଫା ମହିଳା ଫୁଟ୍‌ବଲ ବିଶ୍ୱ କପ୍‌ରେ ସେମିଫାଇନାଲକୁ ଉନ୍ନୀତ ହୋଇଛନ୍ତି। ଅକ୍‌ଲାଣ୍ଡଠାରେ ଶୁକ୍ରବାର ଅନୁଷ୍ଠିତ ଏକ କ୍ୱାର୍ଟରଫାଇନାଲ ମ୍ୟାଚରେ ସୁଇଡେନ ୨-୧ ଗୋଲ୍‌ରେ ଜାପାନକୁ ପରାସ୍ତ କରିଛି। ସୁଇଡେନ ପକ୍ଷରୁ ଅମାଣ୍ଡା ଇଲେଷ୍ଟେଡ୍ ପ୍ରଥମାର୍ଦ୍ଧ ଖେଳର ୩୨ତମ ମିନିଟ୍‌ରେ ଗୋଲ୍ ସ୍କୋର କରିଥିଲେ। ଦଳ ପକ୍ଷରୁ ଦ୍ୱିତୀୟ ଗୋଲ୍ ଫିଲିପା ଆଲେଞ୍ଜିଲଡାଲ୍ ୫୧ତମ ମିନିଟ୍‌ରେ ଏକ ପେନାଲ୍ଟିକୁ ଗୋଲ୍‌ରେ ରୂପାନ୍ତରିତ କରିଥିଲେ। ଖେଳର ଶେଷ ମୁହୂର୍ତ୍ତରେ ଜାପାନର ହୋନୋକା ହାୟାସି (୮୭ତମ ମିନିଟ) ଗୋଟିଏ ଗୋଲ ପରିଶୋଧ କରିଦେଇଥିଲେ। ସେହିପରି ୱେଲିଂଟନଠାରେ ଅତିରିକ୍ତ ସମୟ ଖେଳରେ ସଲ୍‌ମା ପାରାଲୁଏଲୋଙ୍କ ଗୋଲ୍ ବଳରେ ସ୍ପେନ୍ ୨-୧ ଗୋଲ୍‌ରେ ନେଦରଲାଣ୍ଡ୍ସକୁ ପରାସ୍ତ କରିଛି।







4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ